

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-249 ◆SUNDAY ◆08 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୪୯ ◆ରବିବାର ◆୦୮ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)

ରଙ୍ଗ କାରଖାନାରେ ଅଗ୍ନିକାଣ୍ଡ; ୫ ମହିଳା ଶ୍ରମିକ ଦଗ୍ଧ

■ ଜୀନ୍ଦ, ୭।୩ (ଏଜେନ୍ସି): ହରିୟାଣାର ଜୀନ୍ଦରେ ଶନିବାର ଦିନ ଏକ ବଡ଼ ଅଗ୍ନିକାଣ୍ଡ ଘଟିଛି। ହୋଲି ପାଇଁ ରଙ୍ଗ ତିଆରି ହେଉଥିବା ଏକ କାରଖାନାରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ଯୋଗୁଁ ୫ ଜଣ ମହିଳା ଶ୍ରମିକ ମୃତ୍ୟୁବରଣ କରିଥିବା ବେ।ଳେ ୧୭ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶ ମହିଳା ଅଛନ୍ତି। ଏହି ଦୁର୍ଘଟଣା ସଫିଦୋର ଭାଟ୍ କଲୋନୀରେ



ଘଟିଛି। କାରଖାନର ମୁଖ୍ୟ ଫାଟକରେ ତାଲା ପଡ଼ିଥିଲା। ଫଳରେ ନିଆଁ ଲାଗିବା ପରେ ଶ୍ରମିକମାନେ ବାହରକୁ ଆସି ନପାରି ସେଠାରେ

୧୭ ଆହତ ହସ୍ପିଟାଲ୍‌ରେ ଭର୍ତ୍ତି

ଫସି ରହିଥିଲେ। ଜୀବନ ବଞ୍ଚାଇବା ପାଇଁ ଶ୍ରମିକମାନେ ଛାତ ଉପରୁ ଡେଇଁ ପଡ଼ିଥିଲେ। ସୂଚନା ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ଟି-୨୦ ବିଶ୍ୱକପ୍: ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ୍ ଆଜି

■ ଅହମଦାବାଦ୍, ୭।୩ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ପ୍ରଥମ ଟାଇଟଲ ଜିତିବା ଅପେକ୍ଷାରେ ଥିବା ନ୍ୟୁଜିଲାଣ୍ଡ ମଧ୍ୟରେ ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଟି-୨୦ ବିଶ୍ୱକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ଖେଳାଯିବ। ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡକୁ ୭ ରନ୍‌ରେ ହରାଇ ଭାରତ ଏହି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ




କରିଛି। ଉଭୟ ଦଳ ନିକଟରେ ଏକା ଏକା ମ୍ୟାଚ୍ ଜିତାଇବାର ଖେଳାଳି ଥିଲାବେଳେ ଫାଇନାଲ ମୁକାବିଲାଟି ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି। ଭାରତର ବିସ୍ଫୋରକ ବ୍ୟାଟିଂ ବନାମ ନ୍ୟୁଜିଲାଣ୍ଡର ସନ୍ତୁଳିତ ବୋଲିଂ ମଧ୍ୟରେ ଏହି ମୁକାବିଲା ହେବ ବୋଲି କୁହାଯାଉଥିଲେ ମଧ୍ୟ ଯେଉଁ ଦଳ ମ୍ୟାଚ୍‌ରେ ଚାପକୁ ଉଚିତ ମୁକାବିଲା କରିପାରିବ ସେହି ଦଳ ଟାଇଟଲ ଜିତିବାର ସମ୍ଭାବନା ଅଧିକ। ଅହମଦାବାଦ୍‌ରେ ▶ପୃଷ୍ଠା-୭

ଲମ୍ବୁଛି ଯୁଦ୍ଧ; ବିଶ୍ୱ ନେତୃତ୍ୱ ନିରବ

ତୈଳ ସଙ୍କଟ ଯୋଗୁଁ ଯୋଗାଣ ଶୃଙ୍ଖଳ ଗୁରୁତର ପ୍ରଭାବିତ ହେବା ଆଶଙ୍କା

■ ନୂଆଦିଲ୍ଲୀ, ୭।୩ (ସମିସ): ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଆଜିକୁ ୮ ଦିନ ହେଲା ଆକ୍ରମଣ-ପ୍ରତିଆକ୍ରମଣ ଜାରି ରହିଛି। ଉଭୟ ପକ୍ଷ ନିଜ ନିଜ ଜିଦ୍‌ରେ ଅଟଳ ରହି ଯୁଦ୍ଧ ସ୍ଥିତିକୁ ଗମ୍ଭୀର କରିଦେଇଛନ୍ତି। ଆମେରିକା ନିଜକୁ ସର୍ବଶକ୍ତିଶାଳୀ ସାବ୍ୟସ୍ତ କରିବାକୁ ଯାଇ ଇରାନର ସର୍ବୋଚ୍ଚ ନେତା ନିର୍ଦ୍ଧାରଣରେ ମୁଣ୍ଡ ପୂରାଇଛି। ଖାମେନେଇଙ୍କ ପୁଅଙ୍କୁ ସର୍ବୋଚ୍ଚ ନେତା କରାଯାଇଥିବାରୁ ଆମେରିକା କ୍ଷୋଭ ପ୍ରକାଶ କରିବା ସହିତ କହୁଛି ଯେ ଇରାନର ସର୍ବୋଚ୍ଚ ନେତା କିଏ ହେବ, ତାହା ଆମେରିକା ନିର୍ଦ୍ଧାରଣ କରିବ। କେବଳ ଏତିକି ନୁହେଁ, ଆତ୍ମସମର୍ପଣ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ



ଟ୍ରମ୍ପ ଇରାନ୍‌କୁ ଚେତାବନୀ ଦେଇଛନ୍ତି। ଏଯାଏଁ ହୋଇଥିବା ଆକ୍ରମଣରେ ଇରାନ୍ ବହୁତ କିଛି ହରାଇ ସାରିଲାଣି, ଏବେ ଶାନ୍ତି ପାଇଁ ବାଟ ଖୋଜୁଛି; ତଥାପି ଆଜି ରାତିରେ ଇରାନ୍ ଉପରେ ସବୁଠୁ ଭୟଙ୍କର ଆକ୍ରମଣ ହେବ ବୋଲି ଟ୍ରମ୍ପ ସାମାଜିକ ଗଣମାଧ୍ୟରେ ପୋଷ୍ଟ କରି ଧମକ ଦେଇଛଛନ୍ତି। ତେବେ ରାଷ୍ଟ୍ରର ସର୍ବୋଚ୍ଚ ନେତା ଖାମେନେଇଙ୍କୁ ହରାଇବା ପରେ ଇରାନ୍‌ର କଠୋରପନ୍ଥୀ ନୀତି ନିର୍ଦ୍ଧାରକ ଗୋଷ୍ଠୀ ଆହୁରି ପ୍ରତିଶୋଧପରାୟଣ ହୋଇଉଠିଛନ୍ତି। ଏହି ନେତୃମଣ୍ଡଳୀ ଆମେରିକାର ଧମକକୁ ନ ଡରି ଆତ୍ମସମର୍ପଣର ପ୍ରଶ୍ନ ଉଠୁନାହିଁ; ଶେଷଗୁଳି ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଟ୍ରମ୍ପଙ୍କୁ ସିଧାସଳଖ ଶୁଣାଇଦେଇଛନ୍ତି। ଏହି ସ୍ଥିତିରେ ମଧ୍ୟପ୍ରାଚ୍ୟର ଏହି ଯୁଦ୍ଧର ପରିସମାପ୍ତି କେବେ ହେବ, ତାହା ଆକଳନ କରିବା ବିଶେଷଜ୍ଞଙ୍କ ପାଇଁ ଦୁରୂହବ୍ୟାପାର ▶ପୃଷ୍ଠା-୭

ବଢ଼ିବନି ପେଟ୍ରୋଲ-ଡିଜେଲ ମୂଲ୍ୟ: କେନ୍ଦ୍ର

■ ନୂଆଦିଲ୍ଲୀ, ୭।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ଭାରତରେ ତୈଳ ମୂଲ୍ୟ ବଢ଼ିବା ନେଇ ନାନା ଆଶଙ୍କା ପ୍ରକାଶ ପାଉଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇ ଚାଲିଥିବାବେଳେ ଦେଶରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଆକାଶଛୁଆଁ ହୋଇପାରେ ବୋଲି ଅନେକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଉଛି। ସମସ୍ତେ ଏହାକୁ ନେଇ ଆଶଙ୍କିତ ଥିବାବେଳେ ସରକାର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ପଶ୍ଚିମ ଏସିଆରେ ଏଭଳି ସ୍ଥିତି ଲାଗି ରହିଥିଲେ ବି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି କରାଯିବ ନାହିଁ ବୋଲି ସରକାରୀ ସୂତ୍ରରୁ ସୂଚନା ମିଳିଛି। ଏହି ▶ପୃଷ୍ଠା-୭

ରୋଚକ ସ୍ଥିତିରେ ରାଜ୍ୟସଭା ନିର୍ବାଚନ

ପ୍ରାର୍ଥୀଙ୍କ ଦିଲ୍ଲୀ ଦୌଡ଼

■ ଭୁବନେଶ୍ୱର, ୭।୩ (ସମିସ): ରାଜ୍ୟରେ ୪ ଆସନ ପାଇଁ ମଇଦାନରେ ମୋଟ ୫ ଜଣ ପ୍ରାର୍ଥୀ ରହିବା ପରେ ରାଜ୍ୟସଭା ନିର୍ବାଚନ ନେଇ ରାଜ୍ୟ ରାଜନୀତି ଉଷ୍ମ ହେବାରେ ଲାଗିଛି। ବିଶେଷକରି ଶୁକ୍ରବାର କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପିର ତୁଙ୍ଗ ନେତା ଅମିତ୍ ଶାହ ଓଡ଼ିଶା ଗସ୍ତରେ ଆସି ଦଳୀୟ

ବିଜେପି ଶୀର୍ଷ ନେତାଙ୍କ ସହ ମନମୋହନ, ସୁଜିତ୍‌ଙ୍କ ଆଲୋଚନା

କଂଗ୍ରେସ ଅଧ୍ୟକ୍ଷ ଖଡ଼୍‌ଗେଙ୍କୁ ଭେଟିଲେ 'ମିଳିତ ପ୍ରାର୍ଥୀ' ଦଣ୍ଡେଶ୍ୱର

ନେତାଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଏହାପରେ ବିଭିନ୍ନ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଏସବୁ ମଧ୍ୟରେ ଅମିତ ଶାହଙ୍କ ବୈଠକ ପରେ ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ପ୍ରାର୍ଥୀ ମନମୋହନ ସାମଲ ଏବଂ ଅନ୍ୟତମ ପ୍ରାର୍ଥୀ ସୁଜିତ୍ କୁମାର ଗତକାଲି ରାତିରେ ଦିଲ୍ଲୀ ଗସ୍ତ କରିଛନ୍ତି। ତାଙ୍କ ସହ ରାଜ୍ୟ ବିଜେପି ପ୍ରଭାରୀ ଓ ସହପ୍ରଭାରୀ ମଧ୍ୟ ଦିଲ୍ଲୀ ଗସ୍ତ କରିଥିବା ଜଣାପଡ଼ିଛି। ଆଜି ଦଳର ଶୀର୍ଷ ନେତାଙ୍କ ସହ ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଅପରପକ୍ଷେ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଡାକ୍ତର ଦଣ୍ଡେଶ୍ୱର ହୋତା ଆଜି ନୂଆଦିଲ୍ଲୀରେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ପିସିସି ସଭାପତି ଭକ୍ତଚରଣ ଦାସ ଓ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଉପସ୍ଥିତ ଥିଲେ। ଆସନ୍ତା ୯ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ସେହିପରି ୧୬ ତାରିଖରେ ୪ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

ପଶ୍ଚିମା ଝଡ଼ ସକ୍ରିୟ

୨୬ ଜିଲ୍ଲାକୁ ୨ ଦିନ ବର୍ଷା-ବତାସ ଭୟ

■ ଭୁବନେଶ୍ୱର, ୭।୩ (ସମିସ): ଆସନ୍ତା ୯ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଅଞ୍ଚଳର ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

କେନ୍ଦ୍ର ପକ୍ଷରୁ ପ୍ରଦତ୍ତ ସୂଚନା ଅନୁଯାୟୀ ରବିବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲ୍ଲାରେ ବର୍ଷା ସହ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ,. ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି ଓ ବୌଦ୍ଧରେ ସ୍ଥାନେ ସ୍ଥାନେ ବର୍ଷା ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ। ଏଥିପାଇଁ ସଂପୃକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

ଦିନକରେ ୫ଜଣଙ୍କ ସଲିଳ ସମାଧି

କୋଲାବରେ ବୁଡ଼ି ୩ ଛାତ୍ର ମୃତ

■ କୋରାପୁଟ, ୭।୩ (ସମିସ): କୋଲାବ ଜଳଭଣ୍ଡାରରେ ଆଜି ଏକ ବଡ଼ ଅଘଟଣ ଘଟିଛି। ଗାଧୋଇବା ବେଳେ ଜଳଭଣ୍ଡାରରେ ବୁଡ଼ି ୩ ଛାତ୍ର ପ୍ରାଣ ହରାଇଛନ୍ତି। ସେମାନେ ହେଲେ, ଲକ୍ଷ୍ମୀପୁର ବ୍ଲକ୍ ଓଡ଼ିଆପେଣ୍ଠ ପଞ୍ଚାୟତ ବିରିଗୁଡ଼ା ଗ୍ରାମର ସ୍ୱସ୍ତିକ ହାଲୱା, ଲମତାପୁଟର ଓମ୍‌ପ୍ରକାଶ ବେହେରା, କୋରାପୁଟ ପୂଜାରୀପୁଟର ଲିଙ୍ଗରାଜ ଖିଲ। ଏମାନେ ସମସ୍ତେ କୋରାପୁଟ ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟରେ ଦଶମ ଶ୍ରେଣୀର ଛାତ୍ର। ଏହି ଦୁଃଖଦ ଘଟଣା ସମଗ୍ର କୋରାପୁଟ ଜିଲ୍ଲାରେ ଶୋକର ଛାୟା ଖେଳାଇ ଦେଇଛି।

ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ଅଭିଭାବକ

ହସ୍ପିଟାଲ ପରିସରରେ ଉତ୍ତେଜନା

ସୂଚନାନୁଯାୟୀ, କୋରାପୁଟ ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କୋରାପୁଟ ବ୍ଲକ୍ ମାଛରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମାଟ୍ରିକ୍ ପରୀକ୍ଷା ଦେଉଥିଲେ। ଆଜି ପରୀକ୍ଷାର ଶେଷ ଦିନ ଥିଲା। ପରୀକ୍ଷା ସରିବା ପରେ ସମସ୍ତେ ସ୍କୁଲକୁ ଫେରି ଆସିଲେ। ଆଜି ଶେଷଦିନ ଥିବାରୁ ଠିକ୍ ସମୟରେ ଆସି ନିଜ ପିଲାଙ୍କୁ ଘରକୁ ନେଇଯିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକମାନଙ୍କୁ ଅବଗତ କରିଥିଲେ। ପ୍ରାୟ ସବୁ ପିଲାଙ୍କ ଅଭିଭାବକ ଆସି ନିଜ ପିଲାଙ୍କୁ ନେଇଥିବା ବେଳେ ସ୍ୱସ୍ତିକ, ଓମ୍ ଓ ଲିଙ୍ଗରାଜଙ୍କ ଅଭିଭାବକ ସ୍କୁଲ ଆସିବାରେ ବିଳମ୍ବ ହୋଇଥିଲା। ଏହା ଭିତରେ ଏହି ୩ ସାଙ୍ଗ ସ୍କୁଲ ନିକଟରେ ଥିବା ଉପର କୋଲାବ ଜଳଭଣ୍ଡାରକୁ ଗାଧୋଇବା ପାଇଁ ଚାଲିଯାଇଥିଲେ। କିନ୍ତୁ, ତିନି ଜଣଯାକ ପହଁରା ଶିଖି ନ ଥିବାରୁ ପାଣିରେ ପଶିବା ▶ପୃଷ୍ଠା-୭

ପୋଖରୀରେ ବୁଡ଼ି ଦୁଇ ସାଙ୍ଗଙ୍କ ମୃତ୍ୟୁ

■ କପ୍ତିପଦା, ୭।୩ (ସମିସ): ପୋଖରୀରେ ବୁଡ଼ି ଦୁଇ ସାଙ୍ଗଙ୍କ ସଲିଳ ସମାଧି। କପ୍ତିପଦା ଥାନା ବଡ଼ଖଲାଡି ନଛିପୁର ଗ୍ରାମରେ ଘଟିଛି ଏଭଳି ହୃଦୟ ବିଦାରକ ଘଟଣା। ମୃତକଦ୍ୱୟ ହେଲେ, ଦାଣ୍ଡଘାଟ ଦେହୁରୀ ସାହି ବିଦ୍ୟାଳୟରେ ପଢୁଥିବା ଶୁଭସନ୍ଧ୍ୟା ନାୟକ (୭) ଏବଂ ରାଜଲକ୍ଷ୍ମୀ ଶଙ୍ଖୁଆଳ (୮)। ଦୁହେଁ ଆଜି ସ୍କୁଲରୁ ଫେରି ଗାଧୋଇବା ପାଇଁ ଘର ନିକଟ ପୋଖରୀକୁ ଯାଇଥିଲେ। ପରିବାରଲୋକେ ନଳକୂପରେ ଗାଧୋଇବାକୁ କହିଥିଲେ ସୁଦ୍ଧା ଦୁଇ ସାଙ୍ଗ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କିଛି ସମୟ ପରେ ଅଚାନକ ପରିବାର ଲୋକେ ଦୁଇ ନାବାଳିକା ଝିଅ ପାଣିରେ ବୁଡ଼ି ଯାଇଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ପରିବାର ସଦସ୍ୟ ପୋଖରୀରେ ପଶି ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କପ୍ତିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ନାବାଳିକା ସାଙ୍ଗ ଏକ ସାଙ୍ଗେ ପୋଖରୀରେ ବୁଡି ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ବାଇକ୍ ଉପରେ ଚଢ଼ିଗଲା ହାଇୱା; ୩ ସାଙ୍ଗ ମୃତ

କାଳ ହେଲା ରାତିରେ ମେଳଣ ଦେଖି ଯିବା



■ ଭୁବନେଶ୍ୱର/ପାହାଳ, ୭।୩ (ସମିସ): କାଳ ହେଲା ରାତିରେ ମେଳଣ ଦେଖି ଯିବା। ବାଇକ୍ ଉପରେ ହାଇୱା ମାଡ଼ିଯିବାରୁ ୩ ସାଙ୍ଗଙ୍କ ଜୀବନ ଚାଲିଗଲା। ଫୁଲନଖରା-ନିଆଳି ରାସ୍ତାର ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଅନନ୍ତପୁର ଗ୍ରାମ ନିକଟରେ ଗତ ରାତିରେ ଏପରି ଏକ ଛାତିଥରା ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଅଞ୍ଚଳର ରସିତ୍ ରାଉତରାୟ, ଦେବଗଡ଼ ଜିଲ୍ଲାର ବିକାଶ ମହାପାତ୍ର ଏବଂ କସରଦା ଅଞ୍ଚଳର ସତ୍ୟଜିତ ଓଝା। ପୁଲିସ ସୂଚନାନୁଯାୟୀ, ତିନିସାଙ୍ଗ ନିଆଳିରେ ରହି ଏକ ଗ୍ୟାରେଜ୍‌ରେ କାମ କରୁଥିଲେ। ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୨ଟାରେ ସେମାନେ ଏକ ବାଇକ୍‌ରେ ଦୋପଟି ମେଳଣ ଦେଖିବାକୁ ଯାଉଥିଲେ। ଫୁଲନଖରା-ନିଆଳି ରାସ୍ତାର ଅନନ୍ତପୁର ଗ୍ରାମ ନିକଟରେ ଦ୍ରୁତଗତିରେ ଆସୁଥିବା ଏକ ହାଇୱା ପଛପଟୁ ସେମାନଙ୍କୁ ଧକ୍କା ଦେବା ସହ ସମସ୍ତଙ୍କ ଉପରେ ମାଡ଼ି ଯାଇଥିଲା। ଦୁର୍ଘଟଣା ଘଟାଇବା ପରେ ▶ପୃଷ୍ଠା-୭

SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE ENGINEERING
- Civil Engineering
- Electrical Engineering
- Mechanical Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

ଧାନକିଣା ପ୍ରହସନ

ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବି ବେଖାତିର

■ ଭୁବନେଶ୍ୱର, ୭।୩ (ସମିସ): ଚଳିତ ଖରିଫରେ ଧାନ ବିକ୍ରିକୁ ନେଇ ରାଜ୍ୟବ୍ୟାପୀ ଚାଷୀ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବିରୋଧୀ ବିଜେଡି ଏନେଇ ସଡ଼କରୁ ବିଧାନସଭା ଯାଏଁ କଡ଼ା ପ୍ରତିବାଦ ମଧ୍ୟ କରିଛି। ଅନ୍ୟ ରାଜନୈତିକ ଦଳ, ଚାଷୀ ସଂଗଠନ ମଧ୍ୟ ଏନେଇ ସରକାରଙ୍କୁ କାଠଗଡ଼ାକୁ ଟାଣିଥିଲେ ହେଁ ଧାନକିଣା ସୁରୁଖୁରୁରେ ହେବା ନେଇ ଚାଷୀଙ୍କୁ ସେପରି ଆଖିଦୃଶିଆ ଆଶ୍ୱାସନା ଦେଇପାରି ନାହାନ୍ତି ସରକାର। ଧାନକିଣାକୁ ନେଇ ସରକାରଙ୍କୁ ବିଭିନ୍ନ ମହଲରେ ସମାଲୋଚନାର ଶରବ୍ୟ ହେବାକୁ ପଡୁଥିବା ବେଳେ ଜଗତସିଂହପୁର ବିରିଡ଼ି ଥାନା ଅଞ୍ଚଳ ଏକ ଘଟଣା ସରକାରଙ୍କ ମନୋଭାବ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁଇ ଜଣ ଚାଷୀ ଚଳିତ

ବିଭାଗ ବେଫିକର୍; ହାତ ଟେକିଦେଲେ ଜିଲ୍ଲାପାଳ

ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ୍ ପଡ଼ିବା ପରେ ଦୁଇ ଚାଷୀ ନେଇଥିଲେ ହାଇକୋର୍ଟଙ୍କ ଆଶ୍ରୟ

ଧାନ ବିକ୍ରି ପାଇଁ ଅନୁମତି ଦେବାକୁ ହାଇକୋର୍ଟ ଦେଇଥିଲେ ନିର୍ଦ୍ଦେଶ



ଖରିଫରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ସକାଶେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ କରିଥିଲେ; ମାତ୍ର ସରକାରୀ ସ୍ତରରେ ଅବହେଳା କାରଣରୁ ସେମାନଙ୍କର ପଞ୍ଜୀକରଣ ହୋଇପାରିନଥିଲା। ଫଳରେ ସେମାନେ ଧାନ ବିକ୍ରି ପ୍ରକ୍ରିୟାରୁ ବାଦ୍ ପଡ଼ିବା କାରଣରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଚାଷୀଙ୍କର ଧାନ କିଣିବା ପାଇଁ ହାଇକୋର୍ଟ ଗତ ଫେବୃଆରୀ ୩ ତାରିଖରୁ ନିର୍ଦ୍ଦେଶ ଦେଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି ଯେ ଜଗତସିଂହପୁର ଜିଲ୍ଲାପାଳ ଏନେଇ ଗତ ୧୭ ତାରିଖରେ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ବିଭାଗ ଏନେଇ କାର୍ଯ୍ୟାନୁଷ୍ଠାନ ନନେବା ଚରମ ଦାୟିତ୍ୱହୀନତାକୁ ଦର୍ଶାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ ଜଗତସିଂହପୁର ଜିଲ୍ଲା ବିରିଡି ଥାନା ଅନ୍ତର୍ଗତ ଅଣଖିଆ ଗ୍ରାମର ପଦ୍ମଜା ମଞ୍ଜରୀ ସ୍ୱାଇଁ ଓ ବିଷ୍ଣୁ ଚରଣ ସ୍ୱାଇଁ ଚଳିତ ଖରିଫ୍ ଋତୁରୁ ଧାନ ବିକ୍ରି ପାଇଁ ଗତ ଅଗଷ୍ଟ ୨୧ ତାରିଖରେ ଆବେଦନ କରିଥିଲେ। ମାତ୍ର ବିଭାଗ ପକ୍ଷରୁ ପିପିଏସ ପୋର୍ଟାଲରେ ସେମାନଙ୍କର ନାମ ପଞ୍ଜୀକରଣ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଫଳରେ ସେମାନେ ଖରିଫ ଧାନ ବିକ୍ରି ପ୍ରକ୍ରିୟାରୁ ବାଦ୍ ପଡ଼ିଥିଲେ। ଏନେଇ ଉଭୟ ଚାଷୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଏକ ରିଟ୍ ପିଟିସନ ମଧ୍ୟ ଦାୟର କରିଥିଲେ। ଚଳିତ ଖରିଫରେ ▶ପୃଷ୍ଠା-୭

କୁରାଡ଼ି ନାଳ ଉପରେ ବନ୍ଧ ନିର୍ମାଣକୁ ବିରୋଧ

ରାଉରକେଲା/ଲହୁଣିପଡ଼ା, ୭।୩(ସମିସ)



ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ ଉପଖଣ୍ଡ ଲହୁଣିପଡ଼ା ଏବଂ କୋଇଡ଼ା ବ୍ଲକର ମେରୁଦଣ୍ଡ କୁହାଯାଉଥିବା କୁରାଡ଼ୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ଅଣଦେଖା କରି ଦମାଲୁ ସ୍ଥିତ ଦୁଆରଗୁଡ଼ା ଠାରେ କୁରାଡୀ ନାଳ ଉପରେ ବନ୍ଧନିର୍ମାଣ ଯୋଜନା ଦ୍ୱାରା ଏକ ଘରୋଇ କମ୍ପାନୀକୁ କୁରାଡି ନାଳର ପାଣି ଯୋଗାଇ ଦେବା ମସୁଧା ପ୍ରତିବାଦରେ ସମ୍ପୃକ୍ତ ଅଞ୍ଚଳର ଗ୍ରାମବାସୀ ଉପଜିଲ୍ଲାପାଳଙ୍କୁ

ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଓଡ଼ିଶା ପ୍ରଦେଶ ଗଠନ ପରେ ୧୯୫୪ ମସିହାରେ ତତ୍କାଳୀନ ରାଜ୍ୟ ସରକାର ପ୍ରଥମ କରି କୁରାଡ଼ି ନାଳ ବିମଳାଗଡ଼ଠାରେ ବନ୍ଧ ନିର୍ମାଣ ପାଇଁ ଯୋଜନା କରିଥିଲେ। ଯାହାକି ୧୯୫୯ ମସିହାରେ ବନ୍ଧ ନିର୍ମାଣ କାର୍ଯ୍ୟଶେଷ କରାଯାଇଥାନ୍ତା। ଏହି ପ୍ରକଳ୍ପରେ ୬୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ବନ୍ଧ ନିର୍ମାଣ ସମ୍ପୂର୍ଣ୍ଣ କରାଯାଇ ଲହୁଣିପଡ଼ା ବ୍ଲକର ୩ଟି ଏବଂ କୋଇଡା ବ୍ଲକର ୨ଟି ପଞ୍ଚାୟତ ପ୍ରାୟ ୨୦ଟି ଗ୍ରାମର ଗ୍ରାମବାସୀଙ୍କ ୩୩୦୩ ହେକ୍ଟର ଚାଷ ଜମିକୁ ଖରିଫ ଏବଂ ରବି ଋତୁରେ ପାଣି ପହଞ୍ଚାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏପରିକି ୧୯୬୬ ମସିହାରେ ସୃଷ୍ଟି ହୋଇଥିବା ଗ୍ରୀନ୍ ରିଭୋଲୁସନରେ ଅଞ୍ଚଳର ଚାଷୀମାନେ ସରକାରଙ୍କୁ ସହୋଯୋଗର ହାତ ବଢ଼ାଇ ସରକାରଙ୍କୁ ସାହାଯ୍ୟ କରିଥିଲେ। ଯାହାଫଳରେ କୁରାଡି କେନାଲ ପ୍ରକଳ୍ପକୁ ବଣାଇର ମେରୁଦଣ୍ଡ ବୋଲି ମଧ୍ୟ କୁହାଯାଏ। କୁରାଡି ନାଳ ଶଶ୍ୟକଳା ପଞ୍ଚାୟତରୁ ବାହାରି ପ୍ରବାହିତ ହୋଇ ତଳକୁ ଆସିଥିବା ବେଳେ କୋଇଡା ବ୍ଲକ ସ୍ୱୟଂମ୍ବା ପଞ୍ଚାୟତ ପଟରୁ ଆସିଥିବା ସମିଜ ନାଳ ସହ ବିମଳାଗଡ଼ ତଳ ମୁଣ୍ଡରେ ମିଶି ତଳକୁ ପ୍ରବାହିତ ହୋଇ ଗୁରୁଣ୍ଡିଆ ବ୍ଲକ ବରଘାଟ ନିକଟରେ ବ୍ରାହ୍ମଣୀ ନଦୀରେ ମିଶିଛି। ହେଲେ କୁରାଡି ନାଳ ପାଣିକୁ କାଳକ୍ରମେ କମ୍ପାନୀ ମୋଟର ଲଗାଇ ପାଣିକୁ ଟାଣି ନେବା ଦ୍ୱାରା କୁରାଡି ନାଳର ସ୍ରୋତ ଅଧା କମି ଯାଇଥିବାବେଳେ ଏବେ ଓଏମସି ଅନୁବନ୍ଧିତ ଏକ ଘରୋଇ କମ୍ପାନୀ ଦମାଲୁ ସ୍ଥିତ ଦୁଆରଗୁଡି ଠାରେ ଚେକଡ୍ୟାମ ନିର୍ମାଣ କାର୍ଯ୍ୟ ଚାଲୁ ରଖି ନାଳ ପାଣିକୁ ନିଜସ୍ୱ ବ୍ୟବହାର କାର୍ଯ୍ୟ ନିୟୋଜନ ପାଇଁ ମସୁଧା କରିଛି। ଯଦି ନାଳ ପାଣିକୁ ଉପର ମୁଣ୍ଡରେ ଏପରି ବେଆଇନ ଭାବେ ଚେକଡ୍ୟାମ ନିର୍ମାଣ କରି ଘରୋଇ କମ୍ପାନୀ ମାନେ ପାଣି ଟାଣି ନେବେ ତାହେଲେ ତଳ ମୁଣ୍ଡରେ ରହିଥିବା କୁରାଡି ସର୍ବୋଚ୍ଚ କେନାଲ ପାଣି ପ୍ରକଳ୍ପ ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ଏହା ଆଶଙ୍କା କରି ୧୨ଟି ପାଣି ପଞ୍ଚାୟତର ଚାଷୀମାନେ ବଣାଇଁ ଉପଜିଲ୍ଲାପାଳଙ୍କୁ ଭେଟି ଘରୋଇ କମ୍ପାନୀ ଦ୍ୱାରା ନିର୍ମାଣ କରାଯାଉଥିବା ବେଆଇନ ଚେକ ଡ୍ୟାମ କାର୍ଯ୍ୟ ୩ ଦିନ ଭିତରେ ବନ୍ଦ କରାଯିବାକୁ ଦାବି କରିଥିଲେ।ନଚେତ ଆଗାମୀ ଦିନରେ ଚାଷୀ ରାଜ ରାସ୍ତା ଅବରୋଧ କରିବେ ବୋଲି ଏକ ଦାବୀପତ୍ର ମାଧ୍ୟମରେ ଚେତାବନୀ ଦେଇଥିବା ଜଣାପଡ଼ିଛି।

ବିଶ୍ରା ବ୍ଲକ୍‌ରେ ଭିନ୍ନକ୍ଷମ ସଚେତନତା କାର୍ଯ୍ୟକ୍ରମ



ରାଉରକେଲା, ୭।୩(ସମିସ): ଟିପିଡବ୍ଲ୍ୟୁଡି ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ବିଶ୍ରା ବ୍ଲକ ଅଫିସ ଠାରେ ଶ୍ରଦ୍ଧା ପକ୍ଷରୁ ଭିନ୍ନକ୍ଷମଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମିତାଲି ରଣାଙ୍କ ଅଧ୍ୟକ୍ଷତାରେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଡେପୁଟି ସେକ୍ରେଟାରୀ ସନ୍ୟାସୀ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରଦ୍ଧା ପକ୍ଷରୁ ବ୍ଲକସ୍ତରରେ ଚାଲୁଥିବା ଏହି ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଜଗନ୍ନାଥ ହନୁମାନ ଏଥିରେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପାନପୋଷ ଉପଖଣ୍ଡର ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ ସରକାରୀ ଯୋଜନା ଅନ୍ତର୍ଗତ ସବୁ ସୁବିଧା ସୁଯୋଗ ବାବଦରେ ଆଲୋକପାତ କରିଥିଲେ। ଆୟୁଷ, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମେଡିକାଲ ଅଫିସର ଡାକ୍ତର ରଶ୍ମୀତା ସାମଲ ସମସ୍ୟା ଥିବା ନବଜାତ ଶିଶୁଙ୍କର ବିଭିନ୍ନ ସମସ୍ୟା ଏବଂ ତାର କାରଣ ଓ ନିରାକରଣ ତଥା କରେକଟିଭ୍ ସର୍ଜରୀ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଶ୍ରଦ୍ଧାର ସମ୍ପାଦକ ତଥା ସିବିଆଇରର ନିର୍ଦ୍ଦେଶକ କାର୍ତ୍ତିକଚନ୍ଦ୍ର ପାଣ୍ଡବ ଟିପିଡବ୍ଲ୍ୟୁଡିଏଲ ଓ ଶ୍ରଦ୍ଧା ଦ୍ୱାରା ପରିଚାଳିତ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରୋଜେକ୍ଟ ଅଫିସର ମିନୁଲତା ମହାରଣା ସିଂ ବି.ଆର୍‌ର ଡାଟା ଓ କାର୍ଯ୍ୟକ୍ରମ ଉପରେ ପିପିଟି ମାଧ୍ୟମରେ ପରିଦର୍ଶିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମିତି ଅଧ୍ୟକ୍ଷା ଫୁଲମଣୀ କେରକେଟା, ଆଇସିଡିଏସର ସିଡିପିଓ ଏମ୍‌ରେନ୍ ସିୟା କୁଲୁ, ବିଏସ ଓ ଶୁଭଲକ୍ଷ୍ମୀ ଦାଶଙ୍କ ବ୍ୟତୀତ ଝିରପାଣି, ବନ୍ଧମୁଣ୍ଡା, ବିଶ୍ରା, ଭାଲୁଲତା, ତୁଳସୀକାନୀ, କାପଟମୁଣ୍ଡା, ଉଡ଼ୁସୁ, ବଡ଼ ବାମ୍ବୁଆର ସରପଞ୍ଚ, ମିଶନ ଶକ୍ତି, ଅଙ୍ଗନବାଡି, ସିଆରପି, ବ୍ଲକ ଶିକ୍ଷାଧିକାରୀ ଏବଂ ଡିଇଓଙ୍କ ସମେତ ୮୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ।

ମଦ ବିକ୍ରି ବନ୍ଦ କରିବାକୁ ମହିଳା ଥାନାର ଦ୍ୱାରସ୍ଥ

ବଣାଇଁ, ୭।୩(ସମିସ): ବଣାଇଁ ଥାନା ଅଧୀନ ନରେନ୍ଦ୍ର ପଞ୍ଚାୟତର ବିଶିପାଲି ଗ୍ରାମରେ ଅବାଧ ମଦ ବିକ୍ରି ବନ୍ଦ କରିବାକୁ ଅଣ୍ଟା ଭିଡ଼ିଲେ ମହିଳା। ଗ୍ରାମର କେତେକ ବ୍ୟକ୍ତି ବେଆଇନ ମଦ ବିକ୍ରି କରୁଥିବା ବେଳେ ମଦପିଇ ସ୍ଥାନୀୟ ଯୁବକମାନେ ମାତାଲ୍ ହୋଇ ଅନେକ ପରିବାରରେ ପ୍ରତ୍ୟେକ ଦିନ ଝଗଡ଼ା ସୃଷ୍ଟି ହେଉଛି। ତାହା ସହ ମଦ ଯୋଗୁଁ ଦିନକୁ ଦିନ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ମହିଳା। ଗତକାଲି ସନ୍ଧ୍ୟାରେ ମଧ୍ୟ ଏହି ଗ୍ରାମର ଏକ ବସ୍ ଚାଳକ ମଦ୍ୟପାନ କରି ବସ୍ ନେଇ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ଦିନକୁ ଦିନ ଏସବୁ ଘଟଣା ବୃଦ୍ଧି ପାଉଥିବାରୁ ଗ୍ରାମରେ ଉଦବେଗ ପ୍ରକାଶ କରି ଆଜି ଅପରାହ୍ନରେ ଏକ ଗ୍ରାମସଭା ବୈଠକ କରି ମଦ ବିକ୍ରିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ୍ କରିବାକୁ ନିଷ୍ପତ୍ତି ନେବାସହ ବଣାଇ ଆସି ମଦବିକ୍ରି ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଅନ୍ତର୍ଜାତୀୟ ମହିଳା ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ



ରାଉରକେଲା, ୭।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଆଜି ସ୍ଥାନୀୟ ଭବାନୀଭବନ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଏକ ମାସ୍ ଫିଟନେସ୍ ଏବଂ ଯୋଗ କାର୍ଯ୍ୟକ୍ରମ ତଥା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଶେଷଜ୍ଞ ଡ. ସସ୍ମିତା ପଣ୍ଡା ମହିଳାମାନଙ୍କର ପୋଷଣ ଓ ସ୍ୱାସ୍ଥ୍ୟ ସେବା ବିଷୟରେ ମୂଲ୍ୟବାନ ତଥ୍ୟ ଓ ପରାମର୍ଶ ଦେଇଥିଲେ। ଅନୁରାଧା ନାଏକ ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ଯୋଗଆସନ ଉପରେ ପ୍ରଶିକ୍ଷଣ ଦେଇଥିଲେ ଏବଂ ଯୋଗ ଅଭ୍ୟାସ କରେଇ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଂସ୍ଥାର ମହିଳା ଓ ମହିଳା କ୍ରୀଡାବିତ୍, ସୁନ୍ଦରଗଡ଼ ମହିଳା ମହାବିଦ୍ୟାଳୟ ଏବଂ ସୁନ୍ଦରଗଡ଼ ମହାବିଦ୍ୟାଳୟର ଛାତ୍ରୀ, ରାଜ୍ୟ କ୍ରୀଡ଼ା ହୋଷ୍ଟେଲ ଓ ସାଇ ହୋଷ୍ଟେଲରୁ ବହୁ ସଂଖ୍ୟାରେ ପ୍ରଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାସ୍ ଫିଟନେସ ଓ ଯୋଗ କାର୍ଯ୍ୟକଳାପ ସହିତ ସଚେତନତା ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ କି ମହିଳାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଜାତୀୟ ସୁରକ୍ଷା ସପ୍ତାହ ଉପଲକ୍ଷେ ଆର୍‌ଏସ୍‌ପିରେ ସୁରକ୍ଷା କୁଇଜ୍

ରାଉରକେଲା, ୭।୩(ସମିସ): ଜାତୀୟ ସୁରକ୍ଷା ସପ୍ତାହ-୨୦୨୬ ପାଳନର ଏକ ଉତ୍ସାହୀ ପଦକ୍ଷେପ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନାର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଆରଏସ୍‌ପିର ଗୋପବନ୍ଧୁ ଅଡିଟୋରିୟମ୍‌ଠାରେ ଏକ ଆକର୍ଷଣୀୟ ଅନଲାଇନ୍ ସୁରକ୍ଷା କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସମେତ ୧୮୭ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଚ୍‌ଆରଏଲ୍ ଆଣ୍ଡଡି ବିଭାଗର ସିଜିଏମ୍ ପି.କେ. ସାହୁ ଏବଂ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସେମାନେ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ସୁରକ୍ଷା ଯେ କେବଳ ଏକ ଅନୁପାଳନ ତାହା ନୁହେଁ ବରଂ ଆର୍‌ଏସ୍‌ପିର ନୀତିରେ ନିହିତ ଏକ ମୂଳଲକ୍ଷ୍ୟ ବୋଲି ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ କ୍ୟୁଆର-ଭିତ୍ତିକ ଅନଲାଇନ୍ କୁଇଜ୍ ଥିଲା, ଯେଉଁଥିରେ ଅଂଶଗ୍ରହଣକାରୀଙ୍କୁ ଏକ ଗୁଗୁଲ ଫର୍ମ ମାଧ୍ୟମରେ ୩୦ ମିନିଟ୍ ମଧ୍ୟରେ ୪୦ଟି ପ୍ରଶ୍ନର ଉତ୍ତର ଦେବାକୁ



ପଡ଼ିଥିଲା। କୁଇଜ୍‌ଟି ଚିନ୍ତାଶୀଳ ଭାବରେ ବ୍ୟବସ୍ଥିତ କରାଯାଇଥିଲା ଯାହା ଦ୍ୱାରା ଅଭିନବ ଡିଜିଟାଲ୍ ସ୍କ୍ରିନିଂ ପ୍ରକ୍ରିୟା ନିରପେକ୍ଷ ମୂଲ୍ୟାଙ୍କନକୁ ସୁନିଶ୍ଚିତ କରିବା ସହ ଅନ୍ତିମ ପର୍ଯ୍ୟାୟ ପାଇଁ ୧୦ ଜଣ ଅଧିକାରୀ ଏବଂ ୧୦ କର୍ମଚାରୀଙ୍କୁ ଏକ ସଂକ୍ଷିପ୍ତ ତାଲିକା ପ୍ରଦାନ କରିପାରିଥିଲା। ସଂକ୍ଷିପ୍ତ ତାଲିକାରେ ଅଂଶଗ୍ରହଣକାରୀଙ୍କୁ ପରବର୍ତ୍ତୀ ସମୟରେ ଦୁଇ ଜଣିଆ ଦଳରେ ସଂଯୁକ୍ତ କରା ଯାଇଥିଲା, ପ୍ରତ୍ୟେକ ବର୍ଗରେ ପାଞ୍ଚଟି ଦଳ ଗଠନ କରାଯାଇଥିଲା। ଫାଇନାଲ ରାଉଣ୍ଡ ଏକ ଆକର୍ଷଣୀୟ ମୌଖିକ ପ୍ରତିଯୋଗିତା ଭାବରେ ପ୍ରକାଶିତ ହୋଇଥିଲା ଯାହା ଉତ୍ତମ ଭାବେ ଡିଜାଇନ୍ କରାଯାଇଥିବା ପାୱାର ପଏଣ୍ଟ ଉପସ୍ଥାପନ ଦ୍ୱାରା ସଜ୍ଜିତ ହୋଇଥିଲା। ସୁରକ୍ଷା ଅଭ୍ୟାସ, ବିପଦ ଚିହ୍ନଟ, ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ଇସ୍ପାତ କାରଖାନା-ନିର୍ଦ୍ଦିଷ୍ଟ ସୁରକ୍ଷା ପ୍ରୋଟୋକଲରୁ ପ୍ରଶ୍ନ କରାଯାଇଥିଲା। ଜାତୀୟ ସୁରକ୍ଷା ସପ୍ତାହ ପାଳନର ଅଂଶ ସ୍ୱରୂପ ଆଗାମୀ ସୁରକ୍ଷା ଦିବସ ସମାରୋହରେ ପ୍ରତ୍ୟେକ ବର୍ଗର ବିଜେତା ଏବଂ ରନର୍ସ-ଅପ୍ ଦଳଗୁଡ଼ିକୁ ସମ୍ମାନିତ କରାଯିବ। ସୁରକ୍ଷା ବିଭାଗର ଜି ଏମ ଅବକାଶ ବେହେରାଙ୍କ ମାର୍ଗଦର୍ଶରେ ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ବିଭାଗର ଏଜିଏମ୍ ବି. କେ ପାଢ଼ୀ ସଂଯୋଜନା କରିଥିଲେ।

ମିଳୁନି ଯୁବତୀଙ୍କ ପରିଚୟ

ରାଉରକେଲା, ୭।୩(ସମିସ): ବ୍ରାହ୍ମଣୀ ତରଙ୍ଗ ଥାନା ଅଧୀନ ବେଦବ୍ୟାସ ସ- ମିଲ୍ ନିକଟ ବଣରୁ ଜଣେ ଅଜଣା ଯୁବତୀଙ୍କ ଶବ ଉଦ୍ଧାର ଘଟଣାକୁ ଗୋଟିଏ ଦିନ ବିତି ଯାଇଛି। ହେଲେ ତାଙ୍କର ପରିଚୟ ମିଳିପାରି ନାହିଁ। ଏହାଛଡା ଘଟଣା ପଛର ରହସ୍ୟ ମଧ୍ୟ ପୁଲିସକୁ ଜଣାପଡ଼ି ନାହିଁ। ତେବେ ଘଟଣାକୁ ନେଇ ଅନେକ ଚର୍ଚ୍ଚା ଜାରି ରହିଥିବା ବେଳେ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ୨୦ରୁ ୨୪ ବର୍ଷିୟା ଯୁବତୀଙ୍କ ଶବ ପଡ଼ିଥିବା ସ୍ଥାନୀୟଲୋକେ ଦେଖିବାକୁ ପାଇଥିଲେ। ଖବର ପ୍ରଚାରିତ ହେବା ପରେ ଲୋକଙ୍କ ଭିଡ଼ ଜମିଥିଲା। ହେଲେ କେହି ଯୁବତୀଙ୍କୁ ଚିହ୍ନଟ କରି ପାରି ନ ଥିଲେ। ଯୁବତୀଙ୍କ ପରିଚୟ ଜଣାପଡ଼ିଲା ପରେ ଘଟଣାର ସତ୍ୟତା ଲୋକଲୋଚନକୁ ଆସିବ ବୋଲି ଜଣାପଡ଼ିଛି।

ଜାତୀୟ ସିନିଅର କରାଟେ ଚାମ୍ପିଅନ୍‌ସିପ୍‌ରେ ରାଜୀବ ସିଂ ବିଚାରକ

ରାଉରକେଲା, ୭।୩(ସମିସ): କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ) ପକ୍ଷରୁ ଆୟୋଜିତ ୫ମ ଜାତୀୟ ସିନିଅର ଓ ୨୧ବର୍ଷରୁ କମ୍ ବୟସ ବର୍ଗର ଜାତୀୟ କରାଟେ



ଚାମ୍ପିୟନସିପ ଚଳିତ ମାସ ୧ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। କିଓର ସଭାପତି ହାଂଶୀ ଭାରତ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତାରେ ନୂଆଦିଲ୍ଲୀ ସ୍ଥିତ ତାଲକଟୋରା ଇନଡୋର ଷ୍ଟାଡିଅମଠାରେ ୪ ଦିନ ଧରି ଏହି ଚାମ୍ପିୟନସିପ ଆୟୋଜିତ ହୋଇଥିଲା। ରାଜ୍ୟର ଏକମାତ୍ର ବିଶ୍ୱ କରାଟେ ଫେଡେରେସନ (ଡବ୍ଲୁ.କେ.ଏଫ) ଜଜ୍ ତଥା କିଓ ରେଫରୀ କମିଶନ ସଦସ୍ୟ ରାଜୀବ କୁମାର ସିଂ ଏହି ଚାମ୍ପିୟନସିପରେ ଅଂଶଗ୍ରହଣ କରି କାଟା, ପାରା-କାଟା ଓ କୁମିତେ ପ୍ରତିଯୋଗିତାରେ ସଫଳତାର ସହ ଜଜ୍ ଓ ରେଫରୀ ଦାୟିତ୍ୱ ତୁଲାଇ ହାଂଶୀ ଭାରତ ଶର୍ମାଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ରାଜୀବ ଓଡ଼ିଶା ରାଜ୍ୟ କରାଟେ ସଂଘ (ଓସ୍କା)ର ସଭାପତି ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଆର୍‌ଏସ୍‌ପିରେ ଗୁରୁତ୍ୱପୂର୍ଣ୍ଣ ପଦରେ ମହିଳାଙ୍କ ଭୂମିକା



ରାଉରକେଲା, ୭।୩(ସମିସ): ଇସ୍ପାତ ଭଳି ଶିଳ୍ପରେ ଯାହାକୁ କେବେ ପୁରୁଷଙ୍କ କ୍ଷେତ୍ରରୂପେ ବିବେଚନା କରାଯାଉଥିଲା, ଆଜି ମହିଳାମାନେ ସେଥିରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ରାଉରକେଲା ଇସ୍ପାତ କାରଖାନାର ବିଶାଳ ବିସ୍ତୃତ କ୍ଷେତ୍ରରେ ମହିଳାମାନେ କେବଳ ଅଂଶଗ୍ରହଣ କରୁନାହାଁନ୍ତି, ଅଧିକନ୍ତୁ ନେତୃତ୍ୱ ଦେଉଛନ୍ତି, ଆକାର ଦେଉଛନ୍ତି ଏବଂ ପରିଚାଳନା ମଧ୍ୟ କରୁଛନ୍ତି। ପ୍ରାୟ ୬୫୦ ଜଣ ମହିଳା କାର୍ଯ୍ୟ ପରିଚାଳନା ଏବଂ ଇଞ୍ଜିନିୟରିଂ ଠାରୁ ପ୍ରଶାସନ ଏବଂ ସହାୟତା କାର୍ଯ୍ୟ ପର୍ଯ୍ୟନ୍ତ ବିଭିନ୍ନ ଭୂମିକାରେ ଅହରହ ଯୋଗଦାନ ଦେଉଛନ୍ତି। ବାର୍ଷିକ ବ୍ୟବସାୟ ଯୋଜନାଠାରୁ ଦୀର୍ଘକାଳୀନ ରଣନୀତି ପର୍ଯ୍ୟନ୍ତ, ଉତ୍ପାଦନ ପୂର୍ବାନୁମାନଠାରୁ କର୍ପୋରେଟ୍ ଅଫିସ୍ ଡ୍ୟାସବୋର୍ଡ ପାଇଁ ଏମଆଇଏସ ଇନପୁଟ୍ ପର୍ଯ୍ୟନ୍ତ, ସେମାନଙ୍କର କାର୍ଯ୍ୟ ଉଚିତ ନିଷ୍ପତ୍ତି ଗ୍ରହଣର ମେରୁଦଣ୍ଡ। ମୁଖ୍ୟ ମହାପ୍ରବନ୍ଧକ ସୁନିତା ସିଂହ ନେତୃତ୍ୱ ନେଉଛନ୍ତି, ଯାହାଙ୍କ ଦୃଷ୍ଟିକୋଣ ଏବଂ ମାର୍ଗଦର୍ଶନ ଦଳକୁ ଉତ୍କର୍ଷତା ହାସଲ କରିବାକୁ ପ୍ରେରଣା ଦିଏ। ନମିତା ସେନାପତି, ଏଜିଏମ୍, ମିତ୍ରବିନ୍ଦା ପୃଷ୍ଟି, ସିନିୟର ମ୍ୟାନେଜର ଏବଂ ଜେମାମଣି ଟପ୍ପୋ, ଆସିଷ୍ଟାଣ୍ଟ ମ୍ୟାନେଜରଙ୍କୁ ନେଇ ଗଠିତ ମୂଳ ଗୋଷ୍ଠୀ ଯୋଜନା, ବିଶ୍ଳେଷଣ ଏବଂ ତଦାରଖ ପରିଚାଳନା କରୁଛନ୍ତି। ସେମାନଙ୍କୁ କାଞ୍ଚନ ପ୍ରଭା ରାଉତ, ଅର୍ଚ୍ଚନା ସେଠି, ସଚିନ ସରିତା ଏକ୍କା, ମୀନାକ୍ଷୀ ଶେଖର ଦେଓ, କବିତା ନାୟକ ଏବଂ ଲକ୍ଷ୍ମୀ ବଡାଇକଙ୍କ ଏକ ବୃହତ ଦଳ ସମର୍ଥନ କରୁଛି, ଯେଉଁମାନେ ସୂକ୍ଷ୍ମ ତଥ୍ୟ ପରିଚାଳନା ଏବଂ ଭୂମିସ୍ତରୀୟ ଇନପୁଟ୍ ସୁନିଶ୍ଚିତ କରୁଛନ୍ତି। ଅର୍ଚ୍ଚନା କଞ୍ଚାମାଲ ହ୍ୟାଣ୍ଡଲିଂ ପ୍ଲାଣ୍ଟ, ବ୍ଲାଷ୍ଟ ଫର୍ଣ୍ଣେସେସ୍, ସିଣ୍ଟର ପ୍ଲାଣ୍ଟ ଏବଂ ଷ୍ଟିଲ୍ ମେଲ୍ଟିଂ ସପ ସମେତ ଲୁହା ଏବଂ ଇସ୍ପାତ ଜୋନ୍ ଉପରେ ଧ୍ୟାନ ଦିଅନ୍ତି। ଶ୍ରୀମତୀ ଅର୍ଚ୍ଚନା କୁହନ୍ତି, 'ମୁଁ ୨୦୨୧ ମସିହାରେ ପିପିସି ବିଭାଗରେ ଯୋଗ ଠାରୁ ମୋର ଭୂମିକା ବ୍ଲାଷ୍ଟ ଫର୍ଣ୍ଣେସ୍ ଏବଂ ସିଣ୍ଟର ପ୍ଲାଣ୍ଟର ତଥ୍ୟ ରଖିବା। ମୁଁ ଏପରି ଏକ ଦଳର ଅଂଶ ହୋଇ ଗର୍ବିତ ଅନୁଭବ କରୁଛି ଯାହା ପ୍ଲାଣ୍ଟର ଏପରି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନିଷ୍ପତ୍ତି ଗ୍ରହଣରେ ଯୋଗଦାନ ଦିଏ। କାଞ୍ଚନଙ୍କ ଉପରେ ମିଲ୍ସ ଜୋନର ପରିସଂଖ୍ୟାନ ରେକର୍ଡ ରଖିବାର ଦାୟିତ୍ୱ ଅଛି, ଯେଉଁଥିରେ ହଟ୍ ଷ୍ଟ୍ରିପ୍ ମିଲ୍, ପ୍ଲେଟ୍ ମିଲ୍, ନୂତନ ପ୍ଲେଟ୍ ମିଲ୍, ପାଇପ୍ ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ରୋଲିଂ ୟୁନିଟ୍ ଅନ୍ତର୍ଭୁକ୍ତ। ଉକ୍ତ ଦଳ କୋଇଲାରୁ ଉତ୍ତପ୍ତ ଧାତୁ ଅନୁପାତ ଭଳି ପ୍ରମୁଖ ଟେକ୍ନୋଲୋଜି-ଅର୍ଥନୈତିକ ପାରାମିଟରଗୁଡ଼ିକୁ ମଧ୍ୟ ନିରୀକ୍ଷଣ କରେ, ଯାହା ପ୍ଲାଣ୍ଟକୁ କାର୍ଯ୍ୟଦକ୍ଷତା ଅନୁକୂଳ କରିବାରେ ସାହାଯ୍ୟ କରେ। ଦଳର ଅନ୍ୟ ସଦସ୍ୟ ସରିତା, ମିନାକ୍ଷୀ ଏବଂ କବିତା ଆନୁଷ୍ଠାନିକ ବୈଷୟିକ ତାଲିମ ବିନା ସେମାନଙ୍କର ଯାତ୍ରା ଆରମ୍ଭ କରିଥିଲେ। ମୀନାକ୍ଷୀ, ଯିଏ ସ୍ନାତକ ପରେ ୨୦୧୨ରେ ବିଭାଗରେ ଯୋଗ ଦେଇଥିଲେ। ସେ କହିଥିଲେ 'ମୁଁ ଯୋଗ ଦେବା ସମୟରେ ଏହି କାମ ବିଷୟରେ କୌଣସି ଧାରଣା ନଥିଲା, କିନ୍ତୁ ମୁଁ ପର୍ଯ୍ୟାୟକ୍ରମେ ଶିଖିଲି'।

ପଶୁମାନଙ୍କ ସୁରକ୍ଷା ପାଇଁ ପ୍ରଶାସନ ସମ୍ବେଦନଶୀଳ ହେବାକୁ ଦାବି

ବଣାଇଁ, ୭।୩(ସମିସ): ବଣାଇଁ ମୁଖ୍ୟ ରାସ୍ତା ଉପରେ ଅଧିକାଂଶ ସମୟରେ ଗାଈ ବାଛୁରୀ ନିଜର ଆସ୍ଥାନ ଜମେଇ ରହୁଛନ୍ତି। ଯାହା ଫଳରେ ଅନେକ ସମୟରେ ଦୁର୍ଘଟଣାରେ କେତେ ବେଳେ ଗାଈ, ବାଛୁରୀ ତ ଆଉ କେତେବେଳେ ବାଇକ୍ ଆରୋହୀ ଆହତ ହେଉଛନ୍ତି। ହେଲେ ଏଥିପ୍ରତି କେହି ହେଲେ ଧ୍ୟାନ ଦେଉନାହାନ୍ତି। ପଶୁ ପାଳନ କରିଥିବା ମାଲିକ ମଧ୍ୟ କ୍ଷୀର ନେବାପରେ ରାସ୍ତା ଉପରେ ଗାଈ ବାଛୁରୀ ଛାଡ଼ି ଦେଉଛନ୍ତି। ପ୍ରଶାସନ ପକ୍ଷରୁ କୌଣସି କଡ଼ା ପଦକ୍ଷେପ ନିଆଯାଉ ନଥିବା ରୁ ଏମାନଙ୍କ ପ୍ରତି ସମସ୍ତେ ଅବହେଳା କରୁଥିବା ଦେଖିବାକୁ ମିଳୁଛି। ଆଜି ସନ୍ଧ୍ୟାରେ ଖୋଦ୍ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଉପରେ ଗାଇ ସହ ଏକ ଛୋଟ ବାଛୁରୀ ଛିଡ଼ା ହୋଇ ରହିଥିଲେ। ହେଲେ ଏକ ବେପରୁଆ ବାଇକ୍ ଚାଳକ ଦ୍ରୁତ ଗତିରେ ଆସି ଛୋଟ ବାଛୁରୀ କୁ ଧକ୍କା ଦେଇ ନିଜେ ବାଇକ୍ ସହ ରାସ୍ତା ଉପରେ ଛିଟିକି



ପଡ଼ିବାରୁ ଆହତ ମଧ୍ୟ ହୋଇଥିଲେ। ହେଲେ ବାଇକ୍ ଧକ୍କାରେ ବାଛୁରୀ ପେଟରେ ଗଭୀର କ୍ଷତ ହୋଇଥିଲେ ମଧ୍ୟ ସେଥିପ୍ରତି କେହି ହେଲେ ସମ୍ବେଦନଶୀଳ ହୋଇ ନଥିଲେ। ତେଣୁ ବଣାଇଁ ସହରର ମୁଖ୍ୟ ରାସ୍ତା ଉପରେ ବାରମ୍ବାର ଏସବୁ ଘଟଣା ହେଉଥିଲେ ମଧ୍ୟ ଗାଈ ମାଲିକ କିମ୍ବା ସ୍ଥାନୀୟ ପ୍ରଶାସନ ନୀରବତା ଅବଲମ୍ବନ କରୁଛନ୍ତି। ତେଣୁ ଆଗାମୀ ଦିନରେ ପଶୁ ମାନଙ୍କ ସୁରକ୍ଷା ପାଇଁ ପ୍ରଶାସନ ସମ୍ବେଦନଶୀଳ ହେବାକୁ ବୁଦ୍ଧିଜୀବିମାନେ ଆଶା ରଖିଛନ୍ତି।

ଆନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ରାଉରକେଲା ଓ ସମ୍ବଲପୁର ବିଜୟୀ

ରାଉରକେଲା, ୭।୩(ସମିସ)



ପୂର୍ବତନ କ୍ରିକେଟ ଆସୋସିଏସନ୍ ପକ୍ଷରୁ ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ ଠାରେ ଦୁଇ ଦିବସୀୟ ଆନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୪ଟି ଜିଲ୍ଲାର ମହିଳା କ୍ରିକେଟ ଦଳ ତଥା ରାଉରକେଲା, ବଲାଙ୍ଗିର, ବାଲେଶ୍ୱର ଓ ସମ୍ବଲପୁର ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ରାଉରକେଲା ଓ ବଲାଙ୍ଗିର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିବାବେଳେ ବଲାଙ୍ଗିର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ବଲାଙ୍ଗିର ପ୍ରଥମେ ବ୍ୟାଟିଂ କରି ୧୨୩ ରନ୍ କରିଥିବା ବେଳେ ରାଉରକେଲା ଉତ୍ତମ ଖେଳ ପ୍ରଦର୍ଶନ କରି ବିଜୟ ହାସଲ କରିଥିଲା। ରାଉରକେଲା ୩ ୱିକେଟରେ ବିଜୟ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ସମ୍ବଲପୁର ଓ ବାଲେଶ୍ୱର ମଧ୍ୟରେ ହୋଇଥିବା ବେଳେ ସମ୍ବଲପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୨ ୱିକେଟ ବିନିମୟରେ ୧୬୪ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ବାଲେଶ୍ୱର ମାତ୍ର ୧୬.୩ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୯୩ ରନ୍ ସଂଗ୍ରହ କରିଥିଲା। ସମ୍ବଲପୁର ଦଳ ୭୧ ରନର ବୃହତ ବିଜୟ ହାସଲ କରିଛି। ସୀତା ସିଙ୍କୁ ୩୦ ବଲରୁ ୩୧ ରନ୍ ସହ ମାତ୍ର ୨.୩ ଓଭର ବୋଲିଂ କରି ୫ଟି ମୂଲ୍ୟବାନ ୱିକେଟ୍ ନେଇ ଓ ମ୍ୟାନ୍ ଅଫ୍ ମ୍ୟାଚ୍ ବିବେଚିତ ହୋଇଥିଲେ। ସମ୍ବଲପୁର ଦଳର ରଶ୍ମୀ ଗୁଡ଼ିଆଙ୍କ ୬୩ ବଲରେ ଧୂଆଁଧାର ୯୧ ରନ୍ ସ୍କୋର କରି ବେଷ୍ଟ ବ୍ୟାଟ୍ସମ୍ୟାନ୍ ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଉରକେଲାର ପ୍ରତିଷ୍ଠିତ ମହିଳା ଶିଳ୍ପପତି ନିହାରିକା ବସ୍ତିଆ, କମଲ ଅଗ୍ରୱାଲ ଓ ତାଙ୍କ ପତ୍ନୀ, ବିଲଡର ବିଷ୍ଣୁପ୍ରିୟା ସ୍ୱାଇଁ, ରୋଟାରିଆନ୍ ପ୍ରଦୀପ ପଟ୍ଟନାୟକ ଓ ଭାରତୀୟ ଫୁଟବଲ୍ ଦଳର ପୂର୍ବତନ ଗୋଲ୍ କିପର ଭାରତୀ କୃଷ୍ଣ ମିଶ୍ର ପ୍ରମୁଖ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟ ଆୟୋଜକ ତଥା ଓଡ଼ିଶା ମହିଳା ଟିମର ଚୟନକର୍ତ୍ତା ସସ୍ମିତା ପଟ୍ଟନାୟକ ଓ ସୁଜାତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଝାରସୁଗୁଡ଼ାରେ ଏଚ୍‌ପିଭି ଟୀକାକରଣ ଅଭିଯାନ ଶୁଭାରମ୍ଭ

ଝାରସୁଗୁଡ଼ା, ୭।୩(ସମିସ)



ଜିଲ୍ଲାର ୪୪୪୨ରୁ ଊର୍ଦ୍ଧ୍ୱ କିଶୋରୀଙ୍କୁ ମିଳିବ ଜରାୟୁ କର୍କଟ ନିରୋଧୀ 'ସୁରକ୍ଷା କବଚ'

ଏଚ୍‌ପିଭି ଟୀକା ଜରାୟୁ ଗ୍ରୀବା କର୍କଟରୋଗ ବିରୋଧରେ 'ଅମୋଘ ଅସ୍ତ୍ର'- ସ୍ୱାସ୍ଥ୍ୟ ମନ୍ତ୍ରୀ

ମାତୃଶକ୍ତିର ସୁରକ୍ଷା ହିଁ ସମାଜର ପ୍ରକୃତ ପ୍ରଗତି- ବିଧାୟକ

ଦେଶବ୍ୟାପୀ ଚାଲିଥିବା ଏଚ୍‌ପିଭି ଟୀକାକରଣ ଅଭିଯାନର ଅଂଶସ୍ୱରୂପ ଶନିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲାସ୍ତରୀୟ ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି, ସାଂସଦଙ୍କ ପ୍ରତିନିଧି ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମହେଶ ମୋହନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମଙ୍ଗଳ ବଜାର ସ୍ଥିତ ସାଟେଲାଇଟ୍ ହସ୍ପିଟାଲ ପାଇଁ ମନ୍ତ୍ରୀ ଓ ବିଧାୟକ ଏକ ଇସିଜି ମେସିନ ମଧ ପ୍ରଦାନ କରିଥିଲେ। ଏହି ଅଭିଯାନ ଅଧୀନରେ ୧୪ରୁ ୧୫ ବର୍ଷ ବୟସର କିଶୋରୀମାନଙ୍କୁ ଏଚ୍‌ପିଭି ଟୀକା ପ୍ରଦାନ କରାଯାଉଛି। ଏହା ସେମାନଙ୍କୁ ଭବିଷ୍ୟତରେ ସର୍ଭିକାଲ କ୍ୟାନ୍ସର ବା ଜରାୟୁ ଗ୍ରୀବା କର୍କଟ ରୋଗରୁ ସୁରକ୍ଷା ଦେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ରାଜ୍ୟର ପ୍ରାୟ ୩.୩୬ ଲକ୍ଷ କିଶୋରୀଙ୍କୁ ଟୀକାକରଣରେ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି। ଝାରସୁଗୁଡ଼ା ଜିଲ୍ଲାରେ ପ୍ରାୟ ୪, ୪୪୨ରୁ ଊର୍ଦ୍ଧ୍ୱ କିଶୋରୀଙ୍କୁ ଅଭିଯାନରେ ସାମିଲ କରାଯିବ। ଏଥିପାଇଁ ଜିଲ୍ଲାରେ ୬୫୦ ଆଶାକର୍ମୀ, ୫୨ ଜଣ ଟୀକା ପ୍ରଦାନ କାରୀ ଓ ସମସ୍ତ ମେଡିକାଲ ଅଫିସରଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମହାଲିଙ୍ଗ କହିଥିଲେ ଯେ ଏହି ବ୍ୟାପକ ଟୀକାକରଣ ଅଭିଯାନ ଜରାୟୁ ଗ୍ରୀବା କର୍କଟରୋଗ ବିରୋଧରେ 'ଅମୋଘ ଅସ୍ତ୍ର' ସଦୃଶ କାର୍ଯ୍ୟ କରିବ। ଏହି ସୁରକ୍ଷା କବଚ ପ୍ରଦାନ କରିବା ସହ କ୍ୟାନ୍‌ସର ମୁକ୍ତ ଓଡ଼ିଶା ଗଠନରେ ସମସ୍ତେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ବିଧାୟକ ଶ୍ରୀ ତ୍ରିପାଠୀ ନିଜ ଅଭିଭାଷଣରେ କହିଥିଲେ ଯେ, ମାତୃଶକ୍ତିର ସୁରକ୍ଷା ହିଁ ସମାଜର ପ୍ରକୃତ ପ୍ରଗତିର ପରିଚୟ। ଏହି ଜନହିତକର ପଦକ୍ଷେପ ଜରିଆରେ ପ୍ରତିଟି ପରିବାର ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଜରାୟୁ ଗ୍ରୀବା କର୍କଟ ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମହେଶ ମୋହନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

'ବାଲ୍ୟ ବିବାହ ମୁକ୍ତ ଭାରତ' ଅଭିଯାନ କର୍ମଶାଳା ଓ ପଦଯାତ୍ରା

ଝାରସୁଗୁଡ଼ା, ୭।୩(ସମିସ): ଜିଲ୍ଲା ପ୍ରଶାସନର ସମାଜ ମଙ୍ଗଳ ବିଭାଗ ଏବଂ ଜିଲ୍ଲା ମହିଳା ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର 'ବାଲ୍ୟ ବିବାହ ମୁକ୍ତ ଭାରତ' ୧୦୦ ଦିନିଆ ଅଭିଯାନ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ଓ ପଦଯାତ୍ରା ସଫଳତାର ସହ ସମ୍ପାଦିତ ହୋଇଯାଇଛି। ସବ୍‌କଲେକ୍ଟରଙ୍କ କନଫରେନ୍ସ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ରୋକିବା ଏବଂ ଶିଶୁ ସୁରକ୍ଷା ଅଧିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା। କର୍ମଶାଳା ପୂର୍ବରୁ ସକାଳ ୯ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସଚେତନତା ପଦଯାତ୍ରା ବାହାରିଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗର୍ତିଆ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି କର୍ମୀ, ସଖୀ, ଶକ୍ତି ସଦନ ଏବଂ ସେହେଡ଼ା (ଏସ୍‌ଇଏଚ୍‌ଇଡିଏ) ସଂଗଠନର କର୍ମକର୍ତ୍ତାମାନେ ସାମିଲ ହୋଇ ବାଲ୍ୟ ବିବାହ ବିରୋଧରେ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ସବ୍‌କଲେକ୍ଟର ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସିଡବ୍ଲ୍ୟୁସି ଅଧ୍ୟକ୍ଷ ଆଶିଷ ପଣ୍ଡା ମୁଖ୍ୟ ସମ୍ବଳ ବ୍ୟକ୍ତି ଭାବେ ଯୋଗ ଦେଇଥିଲେ। ସେ ଚାଇଲ୍ଡଲାଇନର ଭୂମିକା, ଶିଶୁ ସୁରକ୍ଷା ପାଇଁ ଥିବା ଆଇନଗତ ପଦକ୍ଷେପ ଏବଂ ରେସ୍କ୍ୟୁ ପ୍ରକ୍ରିୟା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଷ୍ଟାର ପ୍ରଚାରକ ମୀନାକ୍ଷୀରାଜ ଏବଂ ଜେଣ୍ଡର ସ୍ପେସିଆଲିଷ୍ଟ ଜୁବ୍ଲିରାଣୀ ପଟେଲ ଗ୍ରାମାଞ୍ଚଳ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ୧୦୦ ଦିନ ଧରି ଚାଲିଥିବା ସଚେତନତା କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବାଲ୍ୟ ବିବାହ ରୋକିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସରପଞ୍ଚ, ଶିକ୍ଷକ ଏବଂ ଗ୍ରାମୀଣ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମଟି ଯାଜ୍ଞସେନୀ ମହାନନ୍ଦଙ୍କ ଦ୍ୱାରା ସଞ୍ଚାଳିତ ହୋଇଥିବା ବେଳେ ଜିଲ୍ଲା ସମନ୍ୱୟକ ଲିଲେଶ୍ୱର ସାହୁଙ୍କ ନିରୀକ୍ଷଣରେ ଏବଂ ଜିଲ୍ଲା ହବ୍‌ର କର୍ମଚାରୀଙ୍କ ସହଯୋଗରେ ସଫଳ ହୋଇଥିଲା।



ଗ୍ରୀଷ୍ମ ପ୍ରବାହ ସତର୍କତା ପାଇଁ ସମୀକ୍ଷା ବୈଠକ

ଦେବଗଡ଼, ୭।୩(ସମିସ): ଗ୍ରୀଷ୍ମ ପ୍ରବାହ ଜନିତ ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ସାହୁ ଗ୍ରୀଷ୍ମ ପ୍ରବାହ ମୁକାବିଲା ନିମନ୍ତେ ପ୍ରଶାସନିକ ସ୍ତରରେ ସମସ୍ତେ ସଜାଗ ରହିବା ସହିତ ଜିଲ୍ଲାରେ ଅଂଶୁଘାତ ମୃତ୍ୟୁ ହାର ଶୂନ୍ୟ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ପ୍ରଚାର ତଥା ଗଣମାଧ୍ୟମ ଜରିଆରେ ସଚେତନତା ସୃଷ୍ଟି କରାଯିବ। ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ଚିକିତ୍ସା ବିଭାଗ, ପଞ୍ଚାୟତରାଜ, ଶିକ୍ଷାନୁଷ୍ଠାନ, ଅନୁସୂଚିତ ଜାତି ଓ ଜନଜାତି, ଶ୍ରମ ବିଭାଗ, ପରିବହନ ବିଭାଗ, ଜଙ୍ଗଲ ବିଭାଗ, ବିଦ୍ୟୁତ ବିଭାଗ, ସମାଜ ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଚିକିତ୍ସା ଅଧିକାରୀ ସଜାଗ ରହିବାକୁ କୁହାଯାଇଛି। ଚିକିତ୍ସାଳୟରେ ଅଂଶୁଘାତ ଔଷଧ ଓ ଓଆରଏସ ମହଜୁଦ ରଖିବା, ଅଂଶୁଘାତ ରୋଗୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ଓ ବ୍ଲକରେ ବିଭିନ୍ନ ବିଭାଗରେ କଣ୍ଟ୍ରୋଲରୁମର ବ୍ୟବସ୍ଥା ସହ କଣ୍ଟ୍ରୋଲରୁମ ନମ୍ବର-୦୬୬୪୧୨୨୬୮୪୩ ଜାରି କରାଯାଇଛି। ଗ୍ରାମାଞ୍ଚଳରେ ପାନୀୟ ଜଳ ଓ ବିଦ୍ୟୁତର ନିରବିଚ୍ଛିନ୍ନ ସେବା, ଅଚଳ ନଳକୂପ ଗୁଡିକ ମରାମତି, ପ୍ରତ୍ୟେକ ୱାର୍ଡରେ ଜଳଛତ୍ର ଖୋଲାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷାନୁଷ୍ଠାନ ଓ ଯାତ୍ରୀବାହୀ ବସ ମାନଙ୍କରେ ଥଣ୍ଡା ପାନୀୟ ଜଳ ଓ ଛାୟାର ବ୍ୟବସ୍ଥା ପାଇଁ କୁହାଯାଇଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଏସିଏଫ୍ ସ୍ୱାଧୀନତା ସାହାଣୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୁକେଶ ଭୋଇ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ତାପସ ମହନ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର୍, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

୭ ସମବାୟ ସମିତିର ଭିତ୍ତିଭୂମି ଉଦ୍‌ଘାଟିତ

କେନ୍ଦ୍ରମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ପାକ୍ସ ଗୁଡିକର ଭର୍ଚ୍ଚୁଆଲ୍ ଲୋକାର୍ପଣ

ଝାରସୁଗୁଡ଼ା, ୭।୩(ସମିସ): କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ କରକମଳରେ ୧୪୧ଟି ଆଧୁନିକ ଧାନମଣ୍ଡିର ଲୋକାର୍ପଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୭୨.୧୭ କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ପ୍ରକଳ୍ପଗୁଡିକ ଚାଷୀଙ୍କୁ ଧାନ ବିକ୍ରୟ ଓ ସଂରକ୍ଷଣ କ୍ଷେତ୍ରରେ ବ୍ୟାପକ ସହାୟତା ପ୍ରଦାନ କରିବ। ଜିଲ୍ଲାର ୭ଟି ପ୍ରାଥମିକ କୃଷି ସମବାୟ ସମିତି ଏହି ଆଧୁନିକୀକରଣ ଯୋଜନାରେ ଅନ୍ତର୍ଭୁକ୍ତ ରହିଛି। ଏହି ଆଧୁନିକ ଧାନମଣ୍ଡିଗୁଡିକରେ ଉନ୍ନତ ଗୋଦାମ ଗୃହ, ପରିଚାଳନା ବ୍ୟବସ୍ଥା ଏବଂ ଚାଷୀଙ୍କ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ରହିଛି। ମାର୍ଚ୍ଚ ୬ରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଶାହ ଜିଲ୍ଲାର ୭ଟି ପ୍ରାଥମିକ କୃଷି ସମବାୟ ସମିତି (ପିଏସିଏସ୍) ଅଧୀନରେ ଥିବା ଧାନ ସଂଗ୍ରହ କେନ୍ଦ୍ରଗୁଡିକର ଆଭାସି ମାଧ୍ୟମରେ ଆବଶ୍ୟକୀୟ ଭିତ୍ତିଭୂମିର ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଅଧିକ ଶୃଙ୍ଖଳିତ ଏବଂ ସୁଗମ ହେବ। ଏହି ପାକ୍ସ ଗୁଡିକରେ ନୂତନ ଭିତ୍ତିଭୂମି ନିର୍ମାଣ ହେବା ଫଳରେ ଧାନ ମହଜୁଦ ରଖିବା ଏବଂ ଏହାର ପରିଚାଳନା କ୍ଷମତାରେ ବୃଦ୍ଧି ଘଟିବ। ଧାନ ବିକ୍ରୟ ସମୟରେ ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ଏହି କେନ୍ଦ୍ରଗୁଡିକରେ ଉନ୍ନତ ବୈଷୟିକ ସୁବିଧା ଏବଂ ଭଣ୍ଡାର ଗୃହର ବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ। ଜିଲ୍ଲା ପ୍ରଶାସନ ଏବଂ ସମବାୟ ବିଭାଗ ପକ୍ଷରୁ ଏହି ଭିତ୍ତିଭୂମିର ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ସର୍ବାଧିକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ସମବାୟ ବିଭାଗର କର୍ମଚାରୀ ଏବଂ ବହୁ ସଂଖ୍ୟକ ଚାଷୀ ଭର୍ଚ୍ଚୁଆଲ୍ ମାଧ୍ୟମରେ ସାମିଲ ହୋଇଥିଲେ।

ଅପରେସନ 'ନେତ୍ର'

୭୨ ଘଣ୍ଟାରେ ତାଲମୁଣ୍ଡା ଡକାୟତି ମାମଲାରେ ୯ ଗିରଫ

ଝାରସୁଗୁଡ଼ା, ୭।୩(ସମିସ): ଝାରସୁଗୁଡ଼ା ପୁଲିସ 'ଅପରେସନ ନେତ୍ର'ରେ ଲଇକେରା ଥାନା ଅଧୀନ ତାଲମୁଣ୍ଡା ଗାଁରେ ଘଟିଥିବା ଡକାୟତି ଘଟଣାର ପର୍ଦ୍ଦାଫାଶ କରି ପୁଲିସ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବହୁ ପରିମାଣର ସୁନା-ରୁପା ଅଳଙ୍କାର, ନଗଦ ଟଙ୍କା ଓ ଏକ ବୋଲେରୋ ଗାଡି ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଅଞ୍ଚଳର ଦୀପକ ଖଡିଆ (୨୫), ଅଶୋକ ଖଡିଆ (୨୦), ଆକାଶ ସାହୁ (୨୪), ଅଜୟ ମୁଣ୍ଡା (୧୯), ଧନଞ୍ଜୟ ଖଡିଆ (୪୭), ବାବୁଲ ବରାଭୟା (୨୨) ଓ ରେଙ୍ଗାଲି-ଲାଇକେରା ଅଞ୍ଚଳର ଭୋଳା ନାୟକ (୨୫), ବିଶାଳ ଓରାମ (୨୭) ଓ ବିଶ୍ୱଜିତ ପସାୟତ (୨୭)। ଗତ ୩ ତାରିଖ ବିଳମ୍ବିତ ରାତିରେ ତାଲମୁଣ୍ଡା ଅଞ୍ଚଳରେ ଡକାୟତି ହୋଇଥିଲା। ଝାରସୁଗୁଡ଼ା ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍ ଓ ସାଇବର ସେଲର ସହାୟତାରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ପୁଲିସ ମାତ୍ର ୭୨ ଘଣ୍ଟା ମଧ୍ୟରେ ଏହି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତଙ୍କ ନିକଟରୁ ଏକାଧିକ ସୁନା ଚେନ୍, ମଙ୍ଗଳସୂତ୍ର, ମୁଦି, ଚୁଡି ସହ ରୁପା ଅଳଙ୍କାର ଜବତ ହୋଇଛି। ଏହା ସହିତ ୧, ୪୩, ୮୦୩ ଟଙ୍କା ନଗଦ, ୮ଟି ମୋବାଇଲ୍ ଫୋନ୍, ୧୯୧୬ ମସିହାର ଏକ ପୁରାତନ ରୁପା ମୁଦ୍ରା, ଛୁରୀ, ବେସବଲ୍ ବ୍ୟାଟ୍ ଓ ଲୁଟ୍ କାର୍ଯ୍ୟରେ ବ୍ୟବହୃତ ବୋଲେରୋ (ଓଆର-୧୫-ଏସ-୩୫୪୩) ମଧ୍ୟ ପୁଲିସ ଜବତ କରିଛି। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ପ୍ରଶଂସା କରାଯାଇଛି। ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ 'ଅପରେସନ ନେତ୍ର' ମାଧ୍ୟମରେ ଅପରାଧୀଙ୍କ ଉପରେ କଡା ନଜର ରଖାଯାଉଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ମାମଲାରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ଅଧିକ ତଦନ୍ତ ଚାଲିଛି।

ଜାତୀୟରାଜପଥରୁ ହଟିଲା ଜବରଦଖଲ



ଝାରସୁଗୁଡ଼ା, ୭।୩(ସମିସ): ବ୍ରଜରାଜନଗର ପୌରପାଳିକାର ପକ୍ଷରୁ ଶନିବାର ବ୍ରଜରାଜନଗର ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଶେଷ କରି ପୁରୁଣା ଟୋଲ ଗେଟ୍ ନିକଟସ୍ଥ ଜାତୀୟ ରାଜପଥ କଡରେ ଥିବା ବେଆଇନ ନିର୍ମାଣ ଓ ଅବରୋଧ ଯୋଗୁଁ ସାଧାରଣ ପରିବହନରେ ବହୁ ବାଧା ସୃଷ୍ଟି ହେଉଥିଲା। ଆଜି ସମ୍ପୂର୍ଣ୍ଣ ରୂପେ ଏହି ସ୍ଥାନକୁ ଜବରଦଖଲ ମୁକ୍ତ କରାଯାଇଛି। ବ୍ରଜରାଜନଗର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଉଚ୍ଛେଦ ପ୍ରକ୍ରିୟା ପରିଚାଳିତ ହୋଇଥିଲା। ଦୀର୍ଘ ଦିନ ଧରି ଜାତୀୟ ରାଜପଥ କଡରେ କିଛି ଅନଧିକୃତ ଦଖଲକାରୀ ରାସ୍ତା ଅବରୋଧ କରି ରହିଥିଲେ। ଫଳରେ ଯାତାୟାତରେ ଅସୁବିଧା ହେବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ରହୁଥିଲା। ଆଜି ପ୍ରଶାସନିକ ଟିମ୍ ସେଠାରେ ପହଞ୍ଚି ବେଆଇନ ଭାବେ ଗଢ଼ି ଉଠିଥିବା ଅସ୍ଥାୟୀ ନିର୍ମାଣଗୁଡିକୁ ହଟାଇବା ସହରାସ୍ତାକୁ ସମ୍ପୂର୍ଣ୍ଣ ପରିଷ୍କାର କରିଛନ୍ତି।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପୁରୁଣା ଟୋଲ ଗେଟ୍ ନିକଟସ୍ଥ ରାସ୍ତା ଅବରୋଧ ମୁକ୍ତ

ଅନ୍ତର୍ଜାତୀୟ ମହିଳା ଦିବସ

'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' କାର୍ଯ୍ୟକ୍ରମ

ଦେବଗଡ଼, ୭।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦ୍ୱିତୀୟ ଦିନର ବିଷୟ ବସ୍ତୁ 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' ଦେବଗଡ଼ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ବରଣ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଲେଇବଣି ପ୍ରିୟଦର୍ଶିନୀ ମିର୍ଦ୍ଧା ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ କୁଡ ଏକାଡେମୀ ପକ୍ଷରୁ ଅନିଲ ବାର୍ଲା ଓ ତାଙ୍କ ସାଥି ମହିଳା ମାନଙ୍କୁ ଆତ୍ମରକ୍ଷା ପାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମହିଳା ମାନଙ୍କର ସ୍ୱାସ୍ଥ୍ୟରକ୍ଷା ଉପରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ବଂଶୀଧର ପାତ୍ର ଓ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମ୍ୟାନେଜର ମୁକେଶ ଭୋଇ ମହିଳା ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ମୁକେଶ ଭୋଇ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ଜିଲ୍ଲାର ସମସ୍ତ ମହିଳା, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ମହାବିଦ୍ୟାଳୟର ଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିବା ବେଳେ ସହକାରୀ ଜିଲ୍ଲାପାଳ ତଥା କ୍ରୀଡା ଅଧିକାରୀ ତାପସ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ପୌର କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଦୈନିକ ବଜାରରେ ଗଦା ହେଲାଣି କୁଢ଼କୁଢ଼ ଅଳିଆ

ଦେବଗଡ଼, ୭।୩(ସମିସ): ଦେବଗଡ଼ ପୌରାଞ୍ଚଳରେ ସଫେଇ କାର୍ଯ୍ୟ ଘରୋଇକରଣ ପରଠାରୁ ବିଭିନ୍ନ ସମୟରେ ଠିକା ସଂସ୍ଥା ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବିବାଦୀୟ ପରିସ୍ଥିତି ଦେଖାଯାଉଛି। ଫଳରେ ନିଜ ନାର୍ଯ୍ୟ ଦାବି ହାସଲ ପାଇଁ ପୌର ପରିଷଦରୁ ସଫେଇ କାର୍ଯ୍ୟ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ବିରୁଦ୍ଧରେ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସହରରେ ପରିମଳ ବ୍ୟବସ୍ଥା ଭୁଶୁଡି ପଡ଼ିଛି। ଏହି କ୍ରମରେ ଦେବଗଡ଼ ପୌର ପରିଷଦରୁ ସଫେଇ ପାଇଁ ଦାୟିତ୍ୱ ପାଇ ଥିବା ଠିକା ସଂସ୍ଥା କାର୍ଯ୍ୟରତ ୧୦୪ଜଣ ସଫେଇ କର୍ମଚାରୀଙ୍କ ଦରମା ସାଙ୍ଗକୁ ଇପିଏଫ ଅର୍ଥ ସଠିକ ସମୟରେ ଜମା କରୁନଥିବା ସଫେଇ କର୍ମଚାରୀ ମାନେ ଅଭିଯୋଗ କରିଥିଲେ। ତେଣୁ ଗତକାଲି ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଥିବାରୁ ଗତକାଲି ଓ ଆଜି ସହରରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ ରହିଛି। ସହରର ଜନଗହଳି ପୂର୍ଣ୍ଣ ଘରୋଇ ବସଷ୍ଟାଣ୍ଡ, ଗୋପବନ୍ଧୁ ଛକ, ଦୈନିକ ବଜାର ରାସ୍ତାରେ କୁଢ଼କୁଢ଼ ଅଳିଆ ଜମା ହୋଇ ପଡ଼ିଥିବା ବେଳେ ଜନ ସାଧାରଣରେ ଘୋର ଅସନ୍ତୋଷ ସୃଷ୍ଟି କରିଛି। ତେବେ ପୌର ସଫେଇ କର୍ମଚାରୀଙ୍କ ଆନ୍ଦୋଳନର ଦ୍ୱିତୀୟ ଦିବସରେ ଆଜି ନୂତନ ଭାବେ ପୌର ପରିଷଦରେ ଯୋଗ ଦେଇଥିବା ନିର୍ବାହୀ ଅଧିକାରୀ ରତିକାନ୍ତ ଶୁକ୍ଲା ଠିକା ସଂସ୍ଥା ମୁଖ୍ୟ ଓ ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଆସନ୍ତାକାଲି ଠାରୁ ସଫେଇ କର୍ମଚାରୀ ମାନେ କାର୍ଯ୍ୟରେ ଯୋଗ ଦେବେ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ଶୁକ୍ଲା ପ୍ରକାଶ କରିଛନ୍ତି।



ପୌର ନିର୍ବାହୀ ଅଧିକାରୀଙ୍କ ହସ୍ତକ୍ଷେପ
ଆଜି କାର୍ଯ୍ୟରେ ଯୋଗଦେବେ କର୍ମଚାରୀ

ଦେଶୀ ଓ ବିଦେଶୀ ମଦ ଜବତ, ଜଣେ ଗିରଫ

କୁଣ୍ଢେଇଗୋଲା, ୭।୩(ସମିସ): ରିଆମାଳ ବ୍ଲକ ତଥା କୁଣ୍ଢେଇଗୋଲା ଥାନା ତୁଙ୍ଗାମାଳ ଗାଁରେ ରାମଚନ୍ଦ୍ର ବେହେରା (୫୮)ଙ୍କୁ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଶନିବାର ପୁଲିସ ଗିରଫ କରିଛି। ରାମ ତାଙ୍କ ଗ୍ରୋସୋରୀ ଦୋକାନରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିବା ସୂତ୍ରରୁ ସୂଚନା ପାଇ ପୁଲିସ ଗତକାଲି ରାତିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଦୋକାନ ଭିତରୁ ପ୍ରାୟ ୫୦ ଲିଟର ମଦ ଜବତ ହୋଇଥିଲା। ପୁଲିସ ରାମଚନ୍ଦ୍ରଙ୍କୁ ଆଜି କୋର୍ଟଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଝାରସୁଗୁଡ଼ା, ୭।୩(ସମିସ): ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଦୀର୍ଘଦିନର ଜମି ସମସ୍ୟାର ଯଥାଶୀଘ୍ର ସମାଧାନ ହେବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ମହାବିଦ୍ୟାଳୟ ପ୍ରତି ଶୁଭେଚ୍ଛା ବାର୍ତ୍ତା ପଠନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ରେଣୁକା ପୂଜାରୀ ସ୍ୱାଗତ ଭାଷଣ ଦେଇଥିଲେ। କଲେଜର ପ୍ରଶାସନିକ ଅଧିକାରୀ ଡ.ସୁପ୍ରିତା ଦାଶ ବିବରଣୀ ପାଠ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ କଲ୍ୟାଣୀ ମିଶ୍ର ସଭା ପରିଚାଳନା କରିଥିଲେ। ସାଂସ୍କୃତିକ ପରିଚାଳନା ଅଧିକାରୀ ଡ.ଜୟଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ମାନଙ୍କ ଦ୍ୱାରା 'ରାଣ୍ଡିପୁଅ ଅନନ୍ତା' ନାଟକ ପରିବେଷଣ ହୋଇଥିଲା। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଓଡ଼ିଆ ଅଧ୍ୟାପକ ନୈରତରଥ ଧନ୍ୟବାଦ ଅର୍ପଣ କରିଥିଲେ।

ତ୍ରି ଦିବସୀୟ ରାଜ୍ୟ ଓ ଜିଲ୍ଲାସ୍ତରୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା

ଦ୍ୱିତୀୟ ଦିବସରେ ୮ ଦଳ ମଧ୍ୟରେ ଲିଗ୍ ମ୍ୟାଚ୍

ଦେବଗଡ଼, ୭।୩(ସମିସ)



ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦେବଗଡ଼ ସେବା ସଙ୍ଘ ଓ ଜିଲ୍ଲା କ୍ରୀଡ଼ା ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ତ୍ରି ଦିବସୀୟ ଦିବାରାତ୍ର କବାଡି ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ରାଜା ବାସୁଦେବ ହାଇସ୍କୁଲ ଖେଳ ପଡ଼ିଆରେ ଆରମ୍ଭ ହୋଇଯାଇଛି। ଆଜି ଦ୍ୱିତୀୟ ଦିବସରେ ରାଜ୍ୟସ୍ତରୀୟ ୮ଟି ଦଳ ମଧ୍ୟରେ ଲିଗ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ସେବା ସଙ୍ଘ ସଭାପତି ଧର୍ମେନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ତିଳେଇବଣି ବ୍ଲକ ଉପାଧ୍ୟକ୍ଷ ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ ଓ ରାଜ୍ୟ କବାଡି ସଙ୍ଘ ଉପାଧ୍ୟକ୍ଷ ପୃଥ୍ୱୀରାଜ ପଟ୍ଟନାୟକ ଯୋଗ ଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଆଜି ପ୍ରତିଯୋଗିତାର ଉଦ୍‌ଘାଟନୀ ଲିଗ ମ୍ୟାଚ୍ ଯାଜପୁର ଓ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ୨୦-୧୬ ପଏଣ୍ଟ ବ୍ୟବଧାନରେ କଟକ ଦଳ ବିଜୟୀ ହୋଇଥିଲା। ସେହିପରି ପରବର୍ତ୍ତୀ ମ୍ୟାଚ୍ ଗୁଡିକରେ ଗଞ୍ଜାମ ଅନୁଗୋଳକୁ ୪୫-୧୮, କଟକ ରାଉରକେଲାକୁ ୩୩-୨୩, ସମ୍ବଲପୁର ଅନୁଗୋଳକୁ ୨୬-୨୪, ଭୁବନେଶ୍ୱର ଯାଜପୁରକୁ ୨୮-୨୭, ଗଞ୍ଜାମ ଦେବଗଡ଼କୁ ୨୮-୧୮, ପଏଣ୍ଟରେ ପରାସ୍ତ କରିଥିଲେ। ପ୍ରତିଯୋଗିତାର ମ୍ୟାଚ୍ ଗୁଡିକୁ ପ୍ରୋ ଅଫିସିଆଲ କେ, ମାଧବ ରାଓ ଏବଂ ପୁପୁନ ମଲ୍ଲିକଙ୍କ ସହ ଏକେଏଫଆଇ ରେଫରୀ ସରୋଜ ସେଠୀ, ଦିଲ୍ଲୀପ ନାୟକ, ଅରବିନ୍ଦ ଖୁଣ୍ଟିଆ, ଅନନ୍ତ ଚରଣ ନାଥ, ମନୋଜ ଆଚାର୍ଯ୍ୟ, ରଞ୍ଜିତା ମିଶ୍ର ତଥା ଓଡ଼ିଶା ରେଫରୀ ବିଭୁ ଭୂଷଣ ପାଲ, ବିଶ୍ୱ ପ୍ରକାଶ ସାହୁ, ପ୍ରଶାନ୍ତ ସେଠ, ଜିତେନ୍ଦ୍ର ଦାସ ଓ ସଙ୍ଗୀତରାଜ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାର ଦ୍ୱିତୀୟାର୍ଦ୍ଧରେ ଅତିଥି ଭାବେ ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ, ଜିଲ୍ଲା କ୍ରୀଡା ସଂସଦ କବାଡି ସମ୍ପାଦକ ସୁଭାଷ ଚନ୍ଦ୍ର ଭୋଇ, ବରିଷ୍ଠ ସାମ୍ବାଦିକ ଅଶୋକ ନନ୍ଦ, ସିଦ୍ଧାର୍ଥ ଗୁରୁ, ସଞ୍ଜୀବ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ୍‌ର ସମ୍ପାଦକ ଅବିନାଶ ପ୍ରଧାନ, କୋଷାଧ୍ୟକ୍ଷ ସୁରେନ ନାୟକଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

ସକାଳ THE SAKALA

ଆବାସ ଯୋଜନାରୁ ବଞ୍ଚିତ ହିତାଧିକାରୀ

ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

ଥୁଆମୂଳରାମପୁର, ୭ ।୩(ସମିସ)



ସରକାରଙ୍କ ପକ୍ଷରୁ ଗରିବ ଓ ଅସହାୟ ପରିବାରଙ୍କୁ ପକ୍କା ଘର ଯୋଗାଇବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନା ପରି ବିଭିନ୍ନ ଯୋଜନା ଚାଲୁ ରହିଥିବା ସତ୍ତ୍ୱେ ମଧ୍ୟ ଅନେକ ଯୋଗ୍ୟ ଗରିବ ପରିବାର ଯୋଜନାରୁ ବଞ୍ଚିତ ରହିଛନ୍ତି।ଏମାନଙ୍କ ପାଇଁ ପକ୍କା ଘର ଆଜି ବି ସ୍ୱପ୍ନ ହୋଇ ରହିଛି। ଝାଟିମାଟିର କୁଡିଆ, ଚାଳଛପର ଘର କିମ୍ବା ଅସଜଡା ଭଙ୍ଗା ଦଦରା ଘର ହିଁ ଏମାନଙ୍କର ଏକମାତ୍ର ଭରସା। ଘର ସଜାଡିବା ପାଇଁ ଆର୍ଥିକ ସମ୍ବଳ ନଥିବାରୁ ସେମାନେ ବିପଦପୂର୍ଣ୍ଣ ପରିସ୍ଥିତିରେ ଜୀବନଯାପନ କରୁଛନ୍ତି। ବର୍ଷା ଋତୁ ଆସିଲେ ଘର ଧସିପଡ଼ିବାର ଭୟ ଓ ପାଣି ପଶିବାର ସମସ୍ୟା ଦେଖାଯାଏ। ଏହାସହ ଗ୍ରୀଷ୍ମର ତିବ୍ର ଖରା ଓ ଶୀତର କାକର ମଧ୍ୟ ଏମାନଙ୍କ ପାଇଁ ଅସହ୍ୟ ଯନ୍ତ୍ରଣା ହୋଇଥାଏ। କିନ୍ତୁ ଏହି ଦୁଃଖ କଷ୍ଟ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ନଜରକୁ ପହଞ୍ଚୁନାହିଁ ବୋଲି ଅଭିଯୋଗ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ଥୁଆମୂଳରାମପୁର ବ୍ଲକ ସଦର ମହକୁମା କାଳୀ ମନ୍ଦିର ଉପରପଡ଼ାରେ ଦେଖିବାକୁ ମିଳିଛି। ସେଠାରେ ବସବାସ କରୁଥିବା ବୃଦ୍ଧା ୱାର୍ଡ ମେମ୍ବର ଉଆଁସୀ ମାଝୀ ନିଜ ରୋଗଣା ସ୍ୱାମୀ ଗୋବର୍ଦ୍ଧନ ମାଝୀ(୭୫), ମଝିଆ ପୁଅ ବ୍ରଜ (୩୦), ବୋହୂ ମଞ୍ଜୁରୀ, ୫ ବର୍ଷର ନାତୁଣୀ, ୪ ମାସର ନାତି ଏବଂ ସାନ ପୁଅ ବୈଦ୍ୟନାଥ (୨୫) ସହ ଏକ ଭଙ୍ଗା ଦଦରା ମାଟି ଘରରେ ରହୁଛନ୍ତି। ଅନ୍ୟପଟେ ବଡ ପୁଅ ବଳରାମ (୩୫) ନିଜ ପରିବାର ବୋହୂ ଜୟନ୍ତୀ, ୬ ବର୍ଷର ନାତୁଣୀ ଓ ୪ ବର୍ଷର ନାତିସହ ଅନ୍ୟ ଏକ ଘରରେ ରହୁଛନ୍ତି। ସେ ରଣ କରି ମୁଣ୍ଡ ଗୁଞ୍ଜିବା ପାଇଁ ଏକ ଛୋଟ ଘର ତିଆରି କରିଥିଲେ ମଧ୍ୟ ଏବେ ସେହି ରଣର ଭାର ତାଙ୍କ ଦିନ ମଜୁରୀର ଆୟକୁ ବନ୍ଧକ କରିଦେଇଛି। ଘରକୁ ସଜାଡିବା ପାଇଁ ମଧ୍ୟ ସେ ଅସମର୍ଥ ବୋଲି କହିଛନ୍ତି। ବିଶେଷ କଥା ହେଉଛି, ଉଆଁସୀ ମାଝୀ ସଦର ଗ୍ରାମ ପଞ୍ଚାୟତର ଜଣେ ଅପ୍ରତିଦ୍ୱନ୍ଦୀ ଜନପ୍ରତିନିଧି ହୋଇଥିବା ସତ୍ତ୍ୱେ ମଧ୍ୟ ତାଙ୍କ ପରିବାର ଆବାସ ଯୋଜନାର ସୁବିଧା ପାଇପାରିନାହାନ୍ତି। ସେ ସରପଞ୍ଚ, ପିଇଓ ଓ ବିଡିଓଙ୍କୁ ଅନେକଥର ଅନୁରୋଧ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆବାସ ଘର ମଞ୍ଜୁର ହୋଇନଥିବା ଜଣାପଡ଼ିଛି। ଫଳରେ ପରିବାର ଭଙ୍ଗା ମାଟିଘର, ପଲିଥିନ ଢଙ୍କା କୁଡିଆରେ ବର୍ଷା ଓ ଶୀତକୁ ସହି ଦୁର୍ବିସହ ଜୀବନଯାପନ କରୁଛନ୍ତି।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଯୋଗ୍ୟ ହିତାଧିକାରୀ ଥିଲେ ମଧ୍ୟ ପ୍ରଶାସନିକ ଅସୁବିଧା, ତାଲିକା ତ୍ରୁଟି ଓ ସଚେତନତା ଅଭାବରୁ ଅନେକ ଗରିବ ପରିବାର ଯୋଜନାର ଲାଭ ପାଇପାରୁନାହାନ୍ତି। ସରକାର ଓ ସ୍ଥାନୀୟ ପ୍ରଶାସନ ଯଥାଶୀଘ୍ର ଯାଞ୍ଚ କରି ଯୋଗ୍ୟ ପରିବାରଙ୍କୁ ଆବାସ ଘର ମଞ୍ଜୁର କରିବାକୁ ସାଧାରଣ ଲୋକ ଦାବି କରିଛନ୍ତି।

ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସହାୟତା



ନୂଆପଡ଼ା, ୭ ।୩(ସମିସ): ଓଡ଼ିଶା ରାଜ୍ୟ ସୀମାନ୍ତବର୍ତ୍ତୀ ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ୧୭ ଜଣ ମାଓବାଦୀଙ୍କୁ ସରକାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।ସୂଚନାଯୋଗ୍ୟ ଯେ ଗରିଆବନ୍ଧ ପୁଲିସ ନିକଟରେ ଏଯାଏଁ ୨୯ ଜଣ ମାଓବାଦୀ ଅସ୍ତ୍ରଛାଡି ଆତ୍ମସମର୍ପଣ କରିଛନ୍ତି। ଶନିବାର ଏକ ସ୍ୱତନ୍ତ୍ର ଉତ୍ସବରେ ୧୭ଜଣ ମାଓବାଦୀଙ୍କୁ ୫୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ପୂର୍ବରୁ ୧୨ ଜଣଙ୍କୁ ସହାୟତା ଦିଆଯାଇଛି।ଗରିଆବନ୍ଧ ଜିଲ୍ଲାପାଳ ଭଗବାନ ସିଂହ ଓ ଏସ୍ପି ଦେବବ୍ରତ ସିରମୋର ଆୟୋଜିତ କାର୍ଯ୍ୟକ୍ରମରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସହାୟତା ରାଶି ପ୍ରଦାନ କରିଛନ୍ତି।

ଖଡ଼ିଆଳ ସହରର ନାମକରଣ ନେଇ ବୈଠକ



ଖଡ଼ିଆଳ, ୭ ।୩(ସମିସ): ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ସହରର ନାମକୁ ଇଂରେଜ ସରକାରଙ୍କ ଶାସନାଧୀନ ସମୟରେ ଖଡିଆଳ ସହର ନାମକୁ ଅପଭ୍ରଂଶ କରି ଇଂରାଜୀରେ ଖରିଆର କରିଦିଆଗଲା।ଏହାର ନାମ ଓଡ଼ିଆରେ ଖଡ଼ିଆଳ ଲେଖ ହେଉଥିଲେ ହେଁ ଇଂରାଜୀରେ ଖରିଆର ଲେଖା ହୋଇଆସୁଛି। ଏହାକୁ ପରିବର୍ତ୍ତନ କରିବାକୁ ଖଡ଼ିଆଳ ସହରବାସୀ ଦାବି କରୁଛନ୍ତି। ଏଥିପାଇଁ ଶୁକ୍ରବାର ଖଡ଼ିଆଳ ଠାରେ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ଦାବିପତ୍ର ପ୍ରଦାନ କରିଛନ୍ତି। ବୈଠକରେ ତହସିଲଦାର ନରସିଂହ ଗଦବା, ଖଡିଆଳ ବିଡ଼ିଓ ମିଳନ କୁମାର ଝାଙ୍କର, ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଡ.ଅଞ୍ଜଳି ପାଢ଼ୀ, ନୀଳ ଲୋହିତ ସିଂ ଦେଓ, ନିମାଇଁ ଚରଣ ତାଣ୍ଡି, ଜିତେନ୍ଦ୍ର ନାଥ ପଟ୍ଟନାୟକ, ଗୋବର୍ଦ୍ଧନ ସୁନା, ସିଦ୍ଧାର୍ଥ ଶଙ୍କର ଯୋଷୀ, ରଞ୍ଜିତ ସିଂ ମହାରଥା, ସତିଶ ପଟ୍ଟନାୟକ, କିଶୋର ବାଗ, ଲାଲୁ ଦଣ୍ଡସେନା, ବିଭୂତି ବିଶି, ବେହେରା ସମେତ ସରକାରୀ କର୍ମଚାରୀମାନେ ଯୋଗ ଦେଇଥିଲେ। ଆଗକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ସମୀକ୍ଷା ବୈଠକ

ନୂଆପଡ଼ା, ୭ ।୩(ସମିସ): ନୂଆପଡ଼ା ଜିଲ୍ଲାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ)ର ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚିନ୍ମୟ ସାଗର ଡିସିପିୟୁ ଦ୍ୱାରା ଶିଶୁମାନଙ୍କ ସୁରକ୍ଷା, ଉଦ୍ଧାର, ପୁନର୍ବାସ ଓ ଆଇନଗତ ସହାୟତା ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ସମୀକ୍ଷା ମୁତାବକ ବାହାର ରାଜ୍ୟରୁ ଫେରନ୍ତା ପ୍ରବାସୀ ଶ୍ରମିକ ପରିବାରକୁ ଚିହ୍ନଟ କରାଯାଇ ୧୧ ଜଣ ଏକକ ମାଆଙ୍କୁ ଜୀବିକା ସହାୟତା ବାବଦରେ ୪ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା କୁହାଯାଇଛି। ଜିଲ୍ଲାରେ ଅନାଥ ଶିଶୁ ସର୍ଭେ କରାଯାଇ ପାଞ୍ଚ ଜଣ କନ୍ୟାଶିଶୁଙ୍କୁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ଜିଲ୍ଲାରେ ୪୦୪ ଜଣ ଅନାଥ ଶିଶୁ ଓ ୬୮୩୫ ଜଣ ଏକକ ବାପା/ମାଆ ଅଛନ୍ତି। ସମସ୍ତଙ୍କୁ ଶିଶୁ ସୁରକ୍ଷା କମିଟି (ସିଵୁସି) ସମ୍ମୁଖରେ ଉପସ୍ଥାପନ କରି ତାଙ୍କର ସମସ୍ୟା ଶୁଣାଯିବ। ଏହାସହ



ଜିଲ୍ଲାରେ ଦୁଇଟି ଶିଶୁଙ୍କ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ସଫଳତାର ସହିତ ସମ୍ପନ୍ନ ହୋଇଥିବାରୁ ଜିଲ୍ଲାପାଳ ଖୁସି ବ୍ୟକ୍ତ କରିଥିଲେ। କାର୍ଯ୍ୟରତ ମହିଳାଙ୍କ ପାଇଁ ଶିଶୁ ଯତ୍ନ ଗୃହ (କ୍ରେଚ) ସ୍ଥାପନ, ଏକକ ଅଭିଭାବକ ଓ ବିଧବାମାନଙ୍କ ଡାଟାବେସ୍ ସୃଷ୍ଟି ଓ ସେମାନଙ୍କୁ ଜୀବନ ଜୀବିକା ସହାୟତା ପ୍ରଦାନ କରିବାକୁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଜିଲ୍ଲା କଲ୍ୟାଣ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଏସ. ଗୀତା, ଜିଲ୍ଲା ଶ୍ରମ ଅଧିକାରୀ ଜାସ୍ମିନ ସାହୁ, ଜିଲ୍ଲା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଫଣିନ୍ଦ୍ରମ ଦେଓ, ସଦସ୍ୟ ବବିତା ମିଶ୍ର, ସ୍ପେସିଆଲାଇଜ୍ଡ ଆଡପ୍ସନ ଏଜେନ୍ସିର ଅଧିକାରୀ, ଚାଇଲ୍ଡଲାଇନ ସଦସ୍ୟ, ପ୍ରୋଜେକ୍ଟ କୋଓର୍ଡିନେଟର ଓ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ଥିଲେ।

ନିର୍ବାଚନ ମଣ୍ଡଳୀ ଫେରାଇ ଆଣିବାକୁ ଉଦ୍ୟମ

କେସିଙ୍ଗା, ୭ ।୩(ସମିସ): ୧୯୬୭ ମସିହାରୁ ଅସ୍ତିତ୍ୱରେ ଥିବା କଳାହାଣ୍ଡି ଜିଲ୍ଲାର କେସିଙ୍ଗା ନିର୍ବାଚନ ମଣ୍ଡଳୀ କୁ ୨୦୦୮ ମସିହାରେ ସୀମା ନିର୍ଦ୍ଧାରଣ ନାମରେ କାଟି ନିର୍ବାଚନ ମଣ୍ଡଳୀରୁ କାଢି କେସିଙ୍ଗାରେ ଥିବା ୨୬ ପଞ୍ଚାୟତ ମଧ୍ୟରୁ କିଛି ପଞ୍ଚାୟତକୁ ନର୍ଲା ନିର୍ବାଚନ ମଣ୍ଡଳୀରେ ଏବଂ କିଛି ପଞ୍ଚାୟତକୁ ଭବାନୀପାଟଣା ସଦର ନିର୍ବାଚନ ମଣ୍ଡଳୀରେ ସାମିଲ କରାଯାଇଥିଲା। କେସିଙ୍ଗା ସହରକୁ ସଦର ନିର୍ବାଚନ ମଣ୍ଡଳୀରେ ସାମିଲ କରାଯାଇଥିଲା।ବର୍ତ୍ତମାନ ନିର୍ବାଚନ ମଣ୍ଡଳୀମାନକର ପୁନଃ ସୀମା ନିର୍ଦ୍ଧାରଣ ସହିତ ନିର୍ବାଚନ ମଣ୍ଡଳୀ ସଂଖ୍ୟା ବଢ଼ିବ ବୋଲି ସରକାର ପକ୍ଷରୁ ଘୋଷଣା କରାଯିବା ପରେ ଜିଲ୍ଲାର କୋକସରା, କେସିଙ୍ଗା ସମେତ ଆଉକିଛି ସ୍ଥାନରେ ନିର୍ବାଚନମଣ୍ଡଳୀ ପୁନଃ ସ୍ଥାପନ ପାଇଁ ଅଞ୍ଚଳବାସୀଙ୍କ ଉଦ୍ୟମ ଆରମ୍ଭ ହୋଇ ଗଲାଣି।କେସିଙ୍ଗା ରେ ମଧ୍ୟ ଏନେଇ ଜୋର୍‌ଦାର ଉଦ୍ୟମ ଆରମ୍ଭ ହୋଇଯାଇଛି।କେସିଙ୍ଗାରେ ପ୍ରଥମେ ମାଟି ଦ୍ୱିତୀୟରେ ପାର୍ଟିର ପ୍ରାଥମିକତା ନେଇ ସବୁ ଦଳର ନେତା ଓ କର୍ମୀମାନେ କେସିଙ୍ଗା ନିର୍ବାଚନ ମଣ୍ଡଳୀ କିପରି ନିଜର ପରିଚୟ ପାଇବ ସେଥିପାଇଁ ଅହରହ ନିଜର ପ୍ରୟାସ ଜାରି ରଖିଛନ୍ତି।କେବଳ ରାଜନୈତିକ ଦଳର ନେତା କିମ୍ବା କର୍ମୀ ଏଥିରେ ସଂଶ୍ଳିଷ୍ଟ ଅଛନ୍ତି ତାହା ନୁହେଁ ବରଂ କେସିଙ୍ଗାର ଅନେକ ସାମାଜିକ ସଂଗଠନ, ବୁଦ୍ଧିଜିବୀ, କେସିଙ୍ଗା ଓକିଲ ସଂଘ, ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ କେସିଙ୍ଗା ନିର୍ବାଚନ ମଣ୍ଡଳୀ କିପରି ଫେରିବ ନିଜର ଆଭିମୁଖ୍ୟ ସ୍ପଷ୍ଟ କରୁଛନ୍ତି। ଉକ୍ତ ବିଷୟ ଉପରେ ଅନେକ ଥର ବୈଠକ ଅନୁଷ୍ଠିତ ହୋଇଛି ଶିଘ୍ର ବୈଠକ ଅନୁଷ୍ଠିତ ହୋଇ କେସିଙ୍ଗା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ପରବର୍ତ୍ତୀ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଜଣାପଡ଼ିଛି।

ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟକୁ ରାସ୍ତା ନିର୍ମାଣ ଦାବି

କୋକସରା, ୭ ।୩(ସମିସ): କୋକସରା ବ୍ଲକ ସଦର ମହକୁମା ଠାରେ ଥିବା ରାଜରାଜୁଡା ଅମଳର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ତେବେ ନବୀନ ସରକାର ସମୟରେ ନୂତନ ପ୍ରାଣୀ ଚିକିତ୍ସାଳୟ କୋଠା ନିର୍ମାଣ ହୋଇ ଉଦ୍‌ଘାଟନ ମଧ୍ୟ ହୋଇସାରିଛି। ହେଲେ ପରିତାପର ବିଷୟ ଏହି ନୂତନ ପ୍ରାଣୀ ଚିକିତ୍ସାଳୟକୁ ଯିବା ପାଇଁ ରାସ୍ତା ନାହିଁ। ପୂର୍ବରୁ ଥିବା ପୁରୁଣା ଚିକିତ୍ସାଳୟକ ଜାତୀୟ ରାଜପଥ ୨୬ରୁ ପକା ରାସ୍ତା ଥିବାରୁ କୋଣସି ଅସୁବିଧାର ହେଉ ନଥିଲା।ଏବେ ନୂତନ ପ୍ରାଣୀ ଚିକିତ୍ସାଳୟକୁ ଯିବାକୁ ହେଲେ ରାସ୍ତାନ ଥିବାରୁ କଷ୍ଟେ ମଷ୍ଟେ ପ୍ରାଣୀ ଚିକିତ୍ସକ ଓ ପ୍ରାଣୀ ଚିକିତ୍ସା ପାଇଁ ଆସୁଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ପାଖରେ ଥିବା ଓମ୍‌ଫେଡ ଦୁଗ୍ଧ ଭଣ୍ଡାରଠାରୁ ଡ୍ରେନେଜ ସୁବିଧା ନ ଥିବାରୁ ନିର୍ଗତ ପାଣି ଅଫିସ ଓ ପ୍ରାଣୀ ଚିକିତ୍ସାଳୟ ମୁହଁଦେଇ ବହି ଯାଉଛି। ନୂତନ ପ୍ରାଣୀ ଚିକିତ୍ସାଳୟ କୁ ରାସ୍ତା ଓ ଡ୍ରେନ ନିର୍ମାଣ କରାଯିବ ପାଇଁ ଜନ ସାଧାରଣରେ ଦାବି ହୋଇଛି।



୨ ନାଗ ଉଦ୍ଧାର



ଖଡ଼ିଆଳ, ୭ ।୩(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ୱାର୍ଡ ନଂ ୧୦ର ଗୋପାଳ ପଟେଲଙ୍କ ଘର ନିକଟରୁ ଦୁଇଟି ନାଗ ସାପ ଉଦ୍ଧାର କରାଯାଇଛି। ଗୋଟିକର ଲମ୍ବ ୬ ଫୁଟ ହୋଇଥିବା ବେଳେ ଅନ୍ୟଟିର ଲମ୍ବ ୫ଫୁଟ ରହିଥିଲା। ଶ୍ରୀ ପଟେଲ ସାପ ଦୁଇଟିକୁ ଦେଖିବା ଘର ମାତ୍ରେ ଖଡ଼ିଆଳ ବ୍ଲକ ମାଣ୍ଡୋସିଲଗ୍ରାମର ହରି ସିଂ ପାନ ସାପ ଧରାଳୀଙ୍କୁ ଖବର ଦେଇଥିଲେ। ସେ ଆସି ଦୁଇଟି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ।ସୂଚନା ଥା ଉକି ହରି ସିଂ ଆଜକୁ ୩୦ ବର୍ଷ ହେଲା ବିଭିନ୍ନ ଗ୍ରାମକୁ ଯାଇ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦିଅନ୍ତି। ଶ୍ରୀ ହରି ସିଂ ପାନକୁ ଜଙ୍ଗଲ ବିଭାଗ ତରଫରୁ ଅନେକ ଥର ସମ୍ମାନିତ କରାଯାଇଛି।

● ପୋଖରୀରେ ବୁଡି ଛାତ୍ର ମୃତ୍ୟୁ ଘଟଣା

ସ୍କୁଲ କର୍ତ୍ତୃପକ୍ଷଙ୍କ ନାମରେ ଏନ୍‌ଏଚ୍‌ଆରସିରେ ମାମଲା

ଭବାନୀପାଟଣା, ୭ ।୩(ସମିସ): ଭବାନୀପାଟଣା ବ୍ଲକ ଉପକଣ୍ଠସ୍ଥିତ ମେଦିନୀପୁର ଶାସ୍ତ୍ରୀଜୀ ଶିକ୍ଷାନିକେତନର ନବମ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ସାହୁ (୧୪)ଙ୍କ ହୋଲି ତଥା ବୁଧବାର ଦିନ ପୋଖରୀରେ ବୁଡି ମୃତ୍ୟୁ ଘଟଣା ଜିଲ୍ଲାରେ ଚର୍ଚ୍ଚାର କାରଣ ପାଲଟିଛି। ମୃତକଙ୍କ ବାପା ମନ୍ମଥ ସାହୁ ସ୍କୁଲ କର୍ତ୍ତୃପକ୍ଷ ନାମରେ ସ୍ଥାନୀୟ ସଦର ଥାନାରେ ଏତଲା ଦେବା ପରେ ପୁଲିସ ଶାସ୍ତ୍ରୀଜୀ ଶିକ୍ଷା ନିକେତନର ହଷ୍ଟେଲ ୱାଡେନ, ସିକ୍ୟୁରିଟି ଗାର୍ଡ ଓ ସୁପରିଣ୍ଟେଣ୍ଟଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। କେବଳ ସେତିକି ନୁହେଁ ପରବର୍ତ୍ତୀ ସମୟରେ ତଦନ୍ତରେ ସହଯୋଗ ପାଇଁ ନୋଟିସ ଜାରୀ କରିଥିବା ଜଣାପଡ଼ିଛି। ଅନ୍ୟପଟେ ଶନିବାର ଏହି ଘଟଣାକୁ ନେଇ ମାନବଧିକାର କର୍ମୀ ଦିଲ୍ଲୀପ କୁମାର ଦାସ ଜାତୀୟ ମାନବଧିକାର କମିଶନ (ଏନ୍‌ଏଚ୍‌ଆରସି)ରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଅବହେଳା କରିଥିବା ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସମେତ ମୃତକଙ୍କ ପରିବାରକୁ କ୍ଷତି ପୂରଣ ଦେବାକୁ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହି ଘଟଣା ଶିକ୍ଷା ଅନୁଷ୍ଠାନର ଦାୟିତ୍ୱହୀନତାକୁ ସୂଚାଉଛି। ମାମଲାର ତଦନ୍ତକାରୀ ଅଫିସର କହିଛନ୍ତି ଯେ ହୋଲିଦିନ ପୋଖରୀକୁ ୩୦/୪୦ଜଣ ଛାତ୍ର ଗାଧୋଇବାକୁ ଯାଇଥିଲେ। ହୋଲି ଦିନ ହଷ୍ଟେଲରୁ ବାହାରି ନିର୍ଦ୍ଦିଷ୍ଟଭାବେ କେତେ ଛାତ୍ର ଗଲେ ସେ ହିସାବ ମଧ୍ୟ ସଠିକ୍ ତଥ୍ୟ ମିଳିନାହିଁବୋଲି ପୋଲିସ କହିଛି। ତଦନ୍ତ ଚାଲୁ ରହିଛି।ବିଭିନ୍ନ ଦିଗ ଉପରେ ପୋଲିସ ନଜର ରଖିଛି। ଆଗକୁ ଶିକ୍ଷା ଅନୁଷ୍ଠାନର ଅନ୍ୟମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାର ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ।

ବସ୍‌କୁ ଧକ୍କା ଦେଇ ବାଇକ୍ ଆରୋହୀ ମୃତ

କୋକସରା, ୭ ।୩(ସମିସ): କୋକସରା ଥାନା ଲଡୁଗାଁ-ଚିକିଲି ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ବସ୍‌କୁ ଧକ୍କା ଦେଇ ଜଣେ ବାଇକ୍ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜୟପାଟଣା ବ୍ଲକ ବାଞ୍ଜିବାହାଲ ଗ୍ରାମର ପୁରନ ଚଲାନ(୩୨) ବୋଲି ଜଣାପଡ଼ିଛି।ସୂଚନା ମୁତାବକ, ଫୁପଗାଁ, କରାଡଙ୍ଗରୀପଡ଼ାରୁ ବିବାହ ଭୋଜି ଖାଇ ପୁରୁନ ଓଶାଦ ମାଝୀ ବାଇକ୍ ଯୋଗେ ନିଜ ଗାଁ ଅଭିମୁଖେ ଯାଉଥିଲେ।ଏହି ସମୟରେ ଚିକିଲି ପେଟ୍ରୋଲ ପମ୍ପ ନିକଟରେ ବସ୍‌କୁ ସେମାନେ ଧକ୍କା ଦେଇଥିଲେ। ଫଳରେ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ ପୁଲିସକୁ ଖବର ଦେବାପରେ ଆମ୍ବୁଲାନ୍ସ ଯୋଗେ ଗୁରୁତର ପୁରୁନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶନିବାର କୋକସରା ମେଡ଼ିକାଲରେ ଶବ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି।କୋକସରା ପୁଲିସ ଥାନାରେ ମାମଲା ରୁଜୁ କରି ଦୁର୍ଘଟଣା ହୋଇଥିବା ବସ୍ ଓ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି।

ନୂତନ ଥାନାଧିକାରୀଙ୍କ ଯୋଗଦାନ



ଧର୍ମଗଡ଼/ଗୋଲାମୁଣ୍ଡା, ୭ ।୩(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନାରେ ଯଶୋବନ୍ତ ସେଲମା ନୂତନ ଥାନା ଅଧିକାରୀ ଭାବରେ ଯୋଗଦାନ କରିଛନ୍ତି। ପୂର୍ବରୁ ଗୋଲାମୁଣ୍ଡା ଥାନା ଅଧିକାରି ଜ୍ୟୋତିପ୍ରକାଶ ତାଣ୍ଡିଙ୍କୁ ଜିଲ୍ଲା ସାଇବର ଥାନାକୁ ବଦଳି ହେବା ପରେ, ଯଶୋବନ୍ତ ସେଲମାଙ୍କୁ ଦାୟିତ୍ୱ ଦିଆଯାଇଛି। ତାଙ୍କ ଯୋଗଦାନ ପରେ ଗୋଲାମୁଣ୍ଡା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ତଥା ଲୋକଙ୍କୁ ସୁରକ୍ଷା ଯୋଗାଇବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଆଶା କରାଯାଉଛି। ନୂତନ ଥାନା ଅଧିକାରୀ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ବିଭିନ୍ନ ସମସ୍ୟା ଚୋରି ଡକାୟତି, ଶ୍ରମିକ ଚାଲାଣ ଏବଂ ଅପରାଧିକ କାର୍ଯ୍ୟକଳାପ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

● ସ୍ୱଚ୍ଛ ଭାରତ ଅଭିଯାନ ସଚେତନତା

ସୋସେଙ୍ଗରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

କୋମନା/ସିନାପାଲି, ୭ ।୩(ସମିସ): ନୂଆପଡ଼ା ଜିଲ୍ଲାର ସୁନାବେଡା ଅଭୟାରଣ୍ୟ ଅଞ୍ଚଳ ସୋସେଙ୍ଗ ପଞ୍ଚାୟତର ସୋସେଙ୍ଗ ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ ସହିତ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ନୂଆପଡ଼ାଜିଲ୍ଲାର ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡ଼.ଦ୍ୱାରିକାନାଥ ଶତପଥି ସମ୍ମାନିତ ଅତିଥି ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ (ଡିପିଏମ୍) ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସତ୍ୟନାରାୟଣ ତ୍ରିପାଠୀ ଯୋଗଦାନ କରି ଅନେକ ଦିଗ ଉପରେ ଲୋକଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବରେ କୋମନା ବିଡ଼ିଓ ପବିତ୍ର କୁମାର ସାମଲ ଓ ସୋସେଙ୍ଗ ପଞ୍ଚାୟତ ସରପଞ୍ଚ ମମତା ଧରୁଆ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ପିପୁଲ୍ସ ଟୁ ପିପୁଲ୍ସ ହେଲ୍ଥ ଫାଉଣ୍ଡେସନ୍ (ପିପିଏଚଏଫ)ର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଆଲୋକ ଚନ୍ଦ୍ର ମହାନ୍ତି, ଡ. ସଂକଳ୍ପ ଦାସ (ଦାନ୍ତ ଚିକିତ୍ସକ) ଏବଂ ନୂଆପଡ଼ା ଏମ ଏମୟୁର ଏକ ଦଳ ମଧ୍ୟରେ ଡ. ସଞ୍ଜୁକ୍ତା ବେହେରା, (ଚିକିତ୍ସା ଅଧିକାରୀ) ପ୍ରେମଚାନ୍ଦ ବୈଠାରୁ, (ଫାର୍ମାସିଷ୍ଟ), ଭାରତୀ ପଣ୍ଡା (ଷ୍ଟାଫ୍‌ନର୍ସ) କୃଷ୍ଣ ଚନ୍ଦ୍ର ସବର, (ଲ୍ୟାବ୍ ଟେକ୍ନିସିଆନ୍) ଓ ତୁଳସୀ ବଛା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।ସ୍ୱଚ୍ଛ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ସହିତସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଯେଉଁଠାରେ ଗ୍ରାମବାସୀମାନେ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଚାପ ପରୀକ୍ଷା, ଡାକ୍ତରୀ ପରାମର୍ଶ ଏବଂ ନିର୍ଦ୍ଦିଷ୍ଟ ମାଗଣା ଔଷଧ ପାଇଥିଲେ। ସ୍ୱାସ୍ଥ୍ୟ କର୍ମଚାରୀମାନେ ପୁଷ୍ଟିସାର, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ଏବଂ ପ୍ରତିଷେଧକ ଯତ୍ନ ଉପରେ ପରାମର୍ଶ ମଧ୍ୟ ପ୍ରଦାନ କରିଥିଲେ। ପ୍ରାୟ ୨୦୦ ମହିଳା ଏବଂ କିଶୋରୀ ବାଳିକାଙ୍କୁ ସ୍ୱଚ୍ଛତା କିଟ୍ ପ୍ରଦାନ କରିଥିଲେ।



'ବସୁଧା' ଯୋଜନା ଫେଲ୍

ଫ୍ଲୋରାଇଡ୍‌ଯୁକ୍ତ ପାଣି ପିଉଛନ୍ତି ମହୁଲଭଟା ଗ୍ରାମବାସୀ

କୋମନା, ୭ ।୩(ସମିସ)

ସରକାର ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ 'ବସୁଧା' ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ମହୁଲଭଟା ଗାଁରେ ଯୋଜନା କେବଳ ପ୍ରହସନ ପାଲଟିଛି। ଗାଁରେ ପାଇପ୍ ଲାଇନ ବିଛାଯାଇଛି, ହେଲେ ଲୋକଙ୍କ ଶୋଷ ମେଣ୍ଟାଇବାରେ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପାଣି ପାଇଁ ଗାଁରେ ଏବେ ଦେଖାଦେଇଛି ତୀବ୍ର ଅସନ୍ତୋଷ। ପାନୀୟ ଜଳ ଯୋଗାଣ ବିଭାଗର ଅପାରଗତା ଯୋଗୁଁ ଗାଁକୁ ଠିକ୍ ଭାବେ ପାଣି ପହଞ୍ଚି ପାରୁନାହିଁ। ଫଳରେ ଗାଁର ପ୍ରାୟ ୧୦୦୦ରୁ ଅଧିକ ଲୋକ ଏବେ ନଳକୂଅ ପାଣି ଉପରେ ନିର୍ଭର କରୁଛନ୍ତି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଯେ ସେମାନେ ବାଧ୍ୟ ହୋଇ ଯେଉଁ ନଳକୂଅ ପାଣି ପିଉଛନ୍ତି, ତାହା ଫ୍ଲୋରାଇଡ୍ ଯୁକ୍ତ। ଏହି ବିଷାକ୍ତ ପାଣି ପିଇବା ଦ୍ୱାରା ଶରୀର ଉପରେ କୁପ୍ରଭାବ ପଡ଼ିବା ସହ ହାଡ଼ ଜନିତ ରୋଗ ହେବାର ଭୟ ସୃଷ୍ଟି ହୋଇଛି। ପାଇପ୍ ଅଛି କିନ୍ତୁ ପାଣି ନାହିଁ। ବାରମ୍ବାର ବିଭାଗକୁ ଜଣାଇଲେ ମଧ୍ୟ କେହି ଶୁଣୁନାହାନ୍ତି କି କୌଣସି ପଦକ୍ଷେପ ନେଉନାହିଁ। ଫ୍ଲୋରାଇଡ୍ ପାଣି ପିଇବା ଦ୍ୱାରା ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ବିପଦରେ।ପ୍ରଶାସନ ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ନେଇ ପାଣି ଯୋଗାଣ ସମସ୍ୟାର ସମାଧାନ ନହୁଏ ତେବେ ଆଗାମୀ ଦିନରେ ଏହା ଏକ ବଡ଼ ଆନ୍ଦୋଳନର ରୂପ ନେଇପାରେ।



ମଣ୍ଡଳକୁ ଗଡୁନି ସରକାରୀ ବସ୍



ବେଲପଡା,୭ ।୩(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକର ମଣ୍ଡଳ ଗାଁ ଦେଇ ସରକାରୀ ବସ୍ ଚଳାଚଳ କରିବାକୁ ଦାବି ହେଉଛି । ଗାଁରେ ୧୦ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି । ଆଖ ପାଖ ଅଞ୍ଚଳର ଅଧିକାଂଶ ଲୋକ ମଣ୍ଡଳ ଗାଁ ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାନ୍ତି; କିନ୍ତୁ ଏହି ଗାଁ ରାସ୍ତା ଦେଇ କୌଣସି ବସ୍ ଚଳାଚଳ କରୁନି । ଏଣୁ ଅନେକ ଲୋକ ହଇରାଣ ହେଉଛନ୍ତି । ଏମିତି କି ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ବସ୍ ସେବା ମଧ ନାହିଁ । ଲୋକେ ବ୍ଲକ, ହସ୍ପିଟାଲ ବା ବିଭିନ୍ନ ସ୍ଥାନକୁ ଯାତାୟାତ ପାଇଁ ହଇରାଣ ହେଉଛନ୍ତି । ଅତ୍ୟଧିକ ଟଙ୍କା ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏହି ରାସ୍ତା ସଇଁତଲାରୁ ବେଲପଡା ବ୍ଲକ୍‌କୁ ସଂଯୋଗ ହୋଇଛି । ମଣ୍ଡଳ ଗାଁରୁ ବିଭିନ୍ନ ଦିଗକୁ ରାସ୍ତା ରହିଛି । ଏକ ଜନଗହଳିପୂର୍ଣ୍ଣ ସହର । ତଥାପି ଗମନା ଗମନର ସୁବିଧା ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି । ଗାଁରେ ସରକାରୀ ଅର୍ଥରେ ଏକ ନୂତନ ବସଷ୍ଟାଣ୍ଡ ମଧ ରହିଛି; କିନ୍ତୁ ଗାଁ ଦେଇ ବସ୍ ଯାଉନି । ଏଣୁ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି । ତୁରନ୍ତ ବିଭାଗ ଦୃଷ୍ଟି ଦେଇ ଅଞ୍ଚଳକୁ ବସ୍ ଚଳାଚଳ କରିବାକୁ ଅଭିମନ୍ୟୁ ପୁରୋହିତ, କୁଞ୍ଜ ବିହାରୀ ଅଗସ୍ତି, ଧ୍ରୁବରାଜ ଖରସେଲ, ରାମେଶ୍ୱର ଖରସେଲ, ଅମିତାବ ଠାକୁର, ବିଶ୍ୱ ବାଗ, ଗୋପାଳ ନାଏକ, ସନ୍ୟାସୀ ଭଙ୍ଗାଗୁରିଆ, ନିମାଇ ମହାନନ୍ଦ, ମୁକୁନ୍ଦ ଖମାରି, ରୁନା ଅଗସ୍ତି, ପିଣ୍ଟୁ ଖମାରି, ଦିଲୀପ ପାଢ଼ୀ ପ୍ରମୁଖ ଦାବି କରିଛନ୍ତି । ନ ହେଲେ ଆନ୍ଦୋଳନ କରିବାକୁ ଏମାନେ ଚେତାବନୀ ଦେଇଛନ୍ତି ।

ଭାଙ୍ଗିଗଲାଣି ସ୍ମାର୍ଟ ଟ୍ରାଫିକ ଲାଇଟ

ବଲାଙ୍ଗିର,୭।୩(ସମିସ)

ବଲାଙ୍ଗିର ସହରରେ ହୁଗୁଳା ହୋଇପଡିଛି ସ୍ୱୟଂଚାଳିତ ଟ୍ରାଫିକ ବ୍ୟବସ୍ଥା । ସହରର ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସୁରକ୍ଷିତ ସହର ପ୍ରକଳ୍ପ ଅଧୀନରେ ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥା ସହ ଉଚ୍ଚକ୍ଷମତା ସଂପନ୍ନ ସିସିଟିଭି ସହରର ବିଭିନ୍ନ ଟ୍ରାଫିକ ପୋଷ୍ଟରେ ଲଗାଯାଇଥିଲା । ଏଥିପାଇଁ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ବର୍ତ୍ତମାନ ସମୟରେ ଏହି ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡଛି । ୪ଟି ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥାରୁ ମାତ୍ର ଗୋଟିଏ କାର୍ଯ୍ୟକ୍ଷମ ରହିଛି । ଅନ୍ୟ ୩ଟି ବନ୍ଦ ହୋଇପଡିଛି । କାହାର ଖୁଣ୍ଟ ଭାଙ୍ଗିଯାଇଛି ତ ଆଉ କାହାର ଟ୍ରାଫିକ ଲାଇଟ ଭାଙ୍ଗି ଉପରେ ଝୁଲୁଛି । ଏମିତିରେ ଆଉ କିଛି ଛକରେ ପୁଣି ଏହି ବ୍ୟବସ୍ଥା କରିବା ପାଇଁ ଯୋଜନା କରାଯାଉଥିବା ବେଳେ ତାହାର ମଧ ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି ।

ବଲାଙ୍ଗିର ଟ୍ରାଫିକ ବ୍ୟବସ୍ଥା ସବୁବେଳେ ଏକ ପ୍ରଶ୍ନ ହୋଇରହିଛି । ସହରରେ ଟ୍ରାଫିକ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ୨୦୨୨ ମସିହାରେ ସୁରକ୍ଷିତ ସହର ପ୍ରକଳ୍ପ ଅଧୀନରେ ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥା ସହ ସିସିଟିଭି ଲଗାଯାଇଥିଲା । ଏଥିପାଇଁ ପ୍ରାୟ ୧ କୋଟି ଟଙ୍କାରୁ ଅଧିକ ଅନୁଦାନ ଦିଆଯାଇଥିଲା । ଏଥିରେ କଚେରୀ ଛକ, ପାଟନା ହୋଟେଲ ଛକ, ଭାଗରଥୀ ଛକ ଓ ଆରଟିଓ ଛକରେ ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥା କରାଯାଇଥଲା । ସହରର ସମସ୍ତ ମୁଖ୍ୟ ଛକରେ ଉଚ୍ଚ କ୍ଷମତା ସଂପନ୍ନ ସିସିଟିଭି କ୍ୟାମେରା ଲଗାଯାଇଥିଲା । ପରବର୍ତ୍ତୀ ସମୟରେ ମଧ ଆହୁରି ଅଧିକ ଟଙ୍କା ଖର୍ଚ୍ଚ କରାଯାଇ କ୍ୟାମେରା ଲଗାଯାଇଥିଲା । ତେବେ ବର୍ତ୍ତମାନ ସମୟରେ କେତେ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ ଅଛି ସେନେଇ କୌଣସି ସୂଚନା ମିଳିନି । ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥାର ବିକଳ ଚିତ୍ର ସାମ୍ନାକୁ ଆସିଛି । ଆରମ୍ଭ ହେବାର କିଛି ବର୍ଷ ଭିତରେ ହିଁ କଚେରୀ ଛକରେ ଥିବା ସ୍ୱୟଂଚାଳିତ ଟ୍ରାଫିକ ସିଗନାଲ ବନ୍ଦ ହୋଇଯାଇଥିଲା । ଏହା ଏକ ସଂକୀର୍ଣ୍ଣ ଛକ । ସେହି ସମୟରେ ରାସ୍ତାରେ ଡିଭାଇଡର ନିର୍ମାଣ କରି ଆହୁରି ସଂକୀର୍ଣ୍ଣ କରାଯାଇଥିଲା । ଏହାଫଳରେ ଛକ ଦେଇ ଯାଉଥିବା ଭାରୀଯାନ ଧକ୍କାରେ ଏହି ଟ୍ରାଫିକ ଖୁଣ୍ଟ ଭାଙ୍ଗି ଯାଉଥିବା ଦେଖିବାକୁ ମିଳିଥିଲା ।



- ୩ ଟ୍ରାଫିକରେ ସ୍ୱୟଂଚାଳିତ ସିଗନାଲ ବନ୍ଦ
- ସ୍ମାର୍ଟରୁ ପୁଣି ପୂର୍ବାବସ୍ଥାରେ ଚାଲିଛି ଟ୍ରାଫିକ ନିୟନ୍ତ୍ରଣ

ଏହାଫଳରେ ତାହା ବନ୍ଦ ହୋଇଯାଇଥିଲା । ସେହିପରି କଚେରୀ ଛକରେ ଥିବା ଟ୍ରାଫିକ ପୋଷ୍ଟର କିଛି ଠିକଣା ନାହିଁ । କେତେବେଳେ ଚାଲିଥାଏ କେତେବେଳେ ପୁଣି ବନ୍ଦ ପଡିଥାଏ । କିଛି ମାସ ହେଲା ଏହି ଟ୍ରାଫିକରେ ମଧ ସ୍ୱୟଂଚାଳିତ ଟ୍ରାଫିକ ସିଗନାଲ ବନ୍ଦ ପଡିଛି । ଖୁଣ୍ଟରେ ଲାଗିଥିବା ଲାଇଟ ଭାଙ୍ଗି ଝୁଲୁଥିବା ବେଳେ ଏହା ଆଉ ଥରେ କେବେ କାର୍ଯ୍ୟକ୍ଷମ ହେବ ତାହା କହିବା ମୁସ୍କିଲ । ସେହିପରି ଭାଗରଥୀ ଛକ ଟ୍ରାଫିକ ସିଗନାଲ ଠିକ୍ ରହିଥିବା ବେଳେ ଆରଟିଓ ଛକରେ ଥିବା ଟ୍ରାଫିକ ସିଗନାଲ କିଛି ମାସ ହେଲା ବନ୍ଦ ପଡିଥିବା ଦେଖିବାକୁ ମିଳିଛି । କାହିଁକି ବନ୍ଦ ପଡିଛି ସେନେଇ ମଧ କିଛି ସୂଚନା କାହା ପାଖରେ ନାହିଁ । ଏମିତିରେ ସହରର ଆଉ କିଛି ସ୍ଥାନ ପିପି ଏକାଡେମୀ ଛକ, ମହାଦେବ ମନ୍ଦିର ଛକ ସହ ଆଉ କିଛି ସ୍ଥାନରେ ଏହି ବ୍ୟବସ୍ଥା କରିବାକୁ ଯୋଜନା ରହିଥିବା ବେଳେ ତାହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି । ତେବେ ରକ୍ଷଣା ବେକ୍ଷଣ ଅଭାବ ସହ ମନମୁଖୀ କାରବାର ଯୋଗୁ ଏହି ବ୍ୟବସ୍ଥା ସହରରେ ଫେଲ୍ ମାରିଛି । ଏଥିରେ ସୁଧାର ଆଣିବା ଦିଗରେ ମଧ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି ।

୫ ମାସ ବ୍ୟବହୃତ ଥାନା ଉଦ୍‌ଘାଟିତ

ବଲାଙ୍ଗିର,୭ ।୩(ସମିସ): ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ଓ ଆଗଲପୁର ଥାନା ଉଦ୍‌ଘାଟିତ ହୋଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ କରକମଳରେ ଏହା ଉଦ୍‌ଘାଟିତ ହୋଇଛି; କିନ୍ତୁ ଜିଲ୍ଲାର ଏହି ଦୁଇ ଥାନା ଉଦ୍‌ଘାଟନ ହେବାର ପ୍ରାୟ ୫ ମାସ ପୂର୍ବରୁ ନୂତନ କୋଠାକୁ ସ୍ଥାନାନ୍ତର ହୋଇଥିଲା । ବର୍ତ୍ତମାନ ଉଦ୍‌ଘାଟନକୁ ନେଇ ପ୍ରଶ୍ନ ଉଠିଛି ।

ଶୁକ୍ରବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓଡ଼ିଶା ଗସ୍ତରେ ଆସି ରାଜ୍ୟରେ ନିର୍ମାଣ ହୋଇଥିବା ନୂତନ ଥାନା କୋଠା ଉଦ୍‌ଘାଟନ କରିଛନ୍ତି । ଏଥିରେ ଆଗଲପୁର ଓ ପୁଇନ୍ତଲା ଥାନା ଉଦ୍‌ଘାଟିତ ହୋଇଛି । ଆଭାସି ମାଧ୍ୟମରେ ଥାନାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ତେବେ ଏହି ଉଦଘାଟନୀ କାର୍ଯ୍ୟକ୍ରମ ଭିତରେ ଦୁଇ ଥାନାକୁ ନେଇ ବିବାଦ ଦେଖାଦେଇଛି । ଉଦ୍‌ଘାଟନ ପୂର୍ବରୁ ଦୁଇ ଥାନା କାର୍ଯ୍ୟକ୍ଷମ ହୋଇଛି । ଗତ ସେପ୍ଟେମ୍ବର ମାସରେ ହିଁ ଏହି ଦୁଇ ଥାନାରେ ପୂଜାର୍ଚ୍ଚନା କରି କାର୍ଯ୍ୟ ଆରମ୍ଭ ହୋଇଛି । ଯଦି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇ ନ ଥିଲା ତେବେ ନୂତନ ଥାନା ଆରମ୍ଭ କରିବାକୁ କାହା ନିର୍ଦ୍ଦେଶ ରହିଥିଲା ତାହା ଏବେ ପ୍ରଶ୍ନ ଉଠିଛି । ଯଦି ସେହି ସମୟରେ ଉଦ୍‌ଘାଟନ ପୂର୍ବରୁ କାର୍ଯ୍ୟକ୍ଷମ କରିବାକୁ ବିଭାଗୀୟ ନିର୍ଦ୍ଦେଶ ରହିଥିଲା ତେବେ ଶୁକ୍ରବାର ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ'ଣ ଆବଶ୍ୟକ ଥିଲା ତାହା ଆଉ ଏକ ପ୍ରଶ୍ନ ସୃଷ୍ଟି କରିଛି । ଏଥିରୁ ସ୍ପଷ୍ଟ ଯେ ଅଧିକାରୀମାନଙ୍କ ନୂତନ ଥାନା କୋଠା ପ୍ରେମ ଯୋଗୁଁ ଉଦ୍‌ଘାଟନ ପୂର୍ବରୁ ବ୍ୟବହାର କରାଯାଇଥିବା ଆଲୋଚନା ହେଉଛି ।



ବ୍ଲକ୍‌ସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ



ଖପ୍ରାଖୋଲ, ୭ ।୩ (ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି । ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥି ରୂପେ ବ୍ଲକ୍ ଅଧ୍ୟକ୍ଷା ନିରୂପମା ପଟେଲ, ସମ୍ମାନୀତ ଅତିଥି ରୂପେ ପଦ୍ମ କୁମାର ସିଂ ବରିହା, ସନ୍ତୋଷ ଭଇଁସାଲ, ସିଡିପିଓ ଅମିତା ପଣ୍ଡା, ଓଏଭି ଅଧ୍ୟକ୍ଷା ସରିତା ନାଏକ, ଓଏଲ୍‌ଏମ ବିପିଏମ ପଙ୍କଜିନି ତରାସିଆ, ବ୍ଲକ କୃଷି ଅଧିକାରୀ ସନ୍ତୋଷ ମେହେର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲ, ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ସ୍ଥାନୀୟ ସରପଞ୍ଚ ବେଟିଖାଇ ସେହ୍ରୀଆ, ମହିଳା ଚାଷୀ ସରୋଜିନୀ ସାହୁ, ରଶ୍ମିତା ପାତ୍ର, ସୂର୍ଯ୍ୟ ବରିହା, ଗୌରୀ ଭୁଏ, ଡାକ୍ତର ମୋନିକା ମଲ୍ଲିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ପବିତ୍ର ପଟେଲ, ଉମେଶ ଗୁପ୍ତା, ପ୍ରଶାନ୍ତ ନନ୍ଦ, ମାଧୁରୀ ଦୀପଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ଏମବିକେ, ସିଆରପି ଉପସ୍ଥିତ ଥିଲେ । ଏଫ୍‌ଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଓଏଲ୍‌ଏମ ବିପିଏମ ପାଙ୍କଜିନୀ ତରାଶିଆ ଧନ୍ୟବାଦ ଅର୍ପଣ କରିଥିଲେ ।

ହରେକୃଷ୍ଣ ମହତାବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଲୋଇସିଂହା,୭ ।୩(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ହରେକୃଷ୍ଣ ଉଚ୍ଚ ମହତାବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପବିତ୍ର ମୋହନ ମେହେର, ତହସିଲଦାର ଟିଙ୍କୁନୁ ପୁଟା, ବିଡିଓ ଅକ୍ଷୟ ପାଣି ଉଞ୍ଝୁ, ବିଦ୍ୟାଳୟ ହୀରକ ଜୟନ୍ତୀ କମିଟି ସଭାପତି ଦିଲୀପ ବେହେରା, କୋଷାଧ୍ୟକ୍ଷ ରାଜ ନାରାୟଣ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ନବ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉଦ୍ଧବ ଚରଣ ପଟେଲ ସଭାପତିତ୍ୱ କରିଥିଲେ । ଶିକ୍ଷକ ଭକ୍ତ ଚରଣ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।



ଚଳଚ୍ଚିତ୍ର 'ସଂଘର୍ଷ' ପାଇଁ ପ୍ରସ୍ତୁତି

ବଲାଙ୍ଗିର,୭ ।୩(ସମିସ): ଏ.କେ.ଫିଲ୍ମ ବଲାଙ୍ଗିରର ଆଗାମୀ ଚଳଚ୍ଚିତ୍ର ସଂଘର୍ଷ ପାଇଁ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ସମାଜସେବୀ ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ପୌରାଧ୍ୟକ୍ଷା ଲିକା ସାହୁ, ବାର୍ ଆସୋସିଏସନ ସଭାପତି ବାସୁଦେବ ରଥ, ଗୁରୁଶ୍ରୀ ଘାସିରାମ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଦୀପ୍ତି ପ୍ରସାଦ ଦାଶ ସଭା ପରି.ଳନା କରିଥିଲେ । ବିଶିଷ୍ଟ କଳାକାରମାନେ ଏଥିରେ ଯୋଗ ଦେଇଥିଲେ । ଚଳଚ୍ଚିତ୍ରଟିର ନିର୍ଦ୍ଦେଶକ ଅଶୋକ ମିଶ୍ର ଚଳଚ୍ଚିତ୍ର ସଂପର୍କରେ ସୂଚନା ଦେଇଥିଲେ । ରାମଶଙ୍କର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଘୁନସରରେ ଜବରଦଖଲ ଉଚ୍ଛେଦ



ସଇଁତଲା,୭ ।୩(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଘୁନସର ଗାଁର ହାଟପଦା ନିକଟରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଧ ହୋଇଛି । ଦୀର୍ଘଦିନ ଧରି କେତେକ ବ୍ୟକ୍ତି ବେଆଇନ ଭାବେ ଏଠାରେ ଦୋକାନ ନିର୍ମାଣ କରିଥିଲେ । ପ୍ରଶାସନ ପକ୍ଷରୁ ଶେଷରେ ଏହାକୁ ଉଚ୍ଛେଦ ଗ୍ରହଣ କରାଯାଇଛି । ସଇଁତଲା ଅତିରିକ୍ତ ତହସିଲଦାର ମୋହନ ମୁଣ୍ଡା (ମାଜିଷ୍ଟ୍ରେଟ) ସ୍ଥାନୀୟ ସରପଞ୍ଚ ଅନୁରାଧା ସେଠ, ସଇଁତଲା ଥାନାଧିକାରୀ ଖଗେଶ୍ୱର ବିଶ୍ୱାଲ, ଏସଆଇ ଆଲୋକ ଭୋଇ, ପୂର୍ଣ୍ଣିମା ଦେହୁରୀ, ମାଧୁରୀ ଛୁରା, ଆରଆଇ ଅଶ୍ୱିନୀ ଜାଲ ପ୍ରମୁଖଙ୍କ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ କରାଯାଇଥିଲା ।

ବୀଣାପାଣି କଲେଜରେ ଜୈବିକ କୃଷି ଉପରେ ଆଲୋଚନା


ବେଲପଡା, ୭ ।୩(ସମିସ): ଧୂମାଭଟା ବୀଣାପାଣି କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଜୈବିକ କୃଷି ଉପରେ ଆଲୋଚନା ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।



କଲେଜ ଅଧ୍ୟକ୍ଷା ମମତା ସେନାପତିଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା । ଏଥିରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ମୁଖ୍ୟ ମଦନ ମହନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଶ୍ୱଜିତ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । +୨ ଅଧ୍ୟକ୍ଷ ଦେବାର୍ଚ୍ଚନ ନାଗ ମଞ୍ଚାସୀନ ଥିଲେ । ନିତୁ ମେହେର ଅତିଥି ପରିଚୟ ଦେଇଥି । ଲମ୍ବୋଦର ବୁଢ଼େକ, ଲୋକନାଥ ବୁଢ଼େକ, ମନୋଜ ବୁଢ଼େକ, ଦିନେଶ ମେହେର, ଆଲୋକ ଦେହରି, ସୁନିତା ବୁଢ଼େକ, ମୀରା ନାଏକ, ମନୀଷା ବୁଡେକ, ଫକୀର ମୋହନ ରଣା, ଅଙ୍କୁଶ ପ୍ରଧାନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ଡୁକେରଚଚରା ଗାଁରେ ମନରେଗା ଦୁର୍ନୀତି

ଶ୍ରମିକ ବଦଳରେ ମେସିନରେ କାମ



- ଭିଡିଓ ଭାଇରାଲ ପରେ ଚର୍ଚ୍ଚା
- ମାଟି କାମ ପାଇଁ ୧୦ ଲକ୍ଷ ଟଙ୍କା ଆସିଛି
- ଗାଁ ସାଥୀ ଠିକାଦାର ସାଜିଛନ୍ତି



ସଇଁତଲା, ୭ ।୩(ସମିସ): ଗ୍ରାମୀଣ ଅଞ୍ଚଳରେ ବେରୋଜଗାରୀ ହ୍ରାସ କରିବା ସହ ଦାଦନ ସମସ୍ୟାକୁ ରୋକିବା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) ରହିଛି । ଗ୍ରାମୀଣ ଶ୍ରମିକଙ୍କୁ ବର୍ଷକୁ କମ୍‌ରେ ୧୦୦ ଦିନର କାମ ଯୋଗାଇ ଦେବା ଏହାର ଲକ୍ଷ୍ୟ; କିନ୍ତୁ ଏହି ଯୋଜନାର ଉଦ୍ଦେଶ୍ୟକୁ ଅବହେଳା କରି ବହୁ ସ୍ଥାନରେ ଦୁର୍ନୀତି ଓ ଅନିୟମିତତା ହେଉଥିବା ଅଭିଯୋଗ ଆସୁଛି । ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ୍ ଜୁରାବନ୍ଧ ପଞ୍ଚାୟତ ଡୁକେରଚଚରା ଗାଁରେ ଏହାର ଏକ ତାଜା ଉଦାହରଣ ଦେଖିବାକୁ ମିଳିଛି । ଏହି ଗାଁରେ ମନରେଗା ଯୋଜନାରେ ହେଉଥିବା ଏକ କାମକୁ ନେଇ ବର୍ତ୍ତମାନ ବଡ଼ ବିବାଦ ସୃଷ୍ଟି ହୋଇଛି । ଗାଁର ତେତେଲମୁଣ୍ଡା ମାଟି କାମ ପାଇଁ ପ୍ରାୟ ୧୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲା; କିନ୍ତୁ ଏହି କାମରେ ଶ୍ରମିକଙ୍କୁ ନିଯୁକ୍ତି ଦେବା ବଦଳରେ ମେସିନ ବ୍ୟବହାର କରାଯାଇଥିବା ଅଭିଯୋଗ ଆସିଛି । ଏହାର ଏକ ଭିଡିଓ ଭାଇରାଲ ହୋଇଛି । ଏହି କାମ ମନରେଗା ଯୋଜନା ଅଧୀନରେ ହେବାକୁ ଥିବାରୁ ଏଠାରେ ଗ୍ରାମୀଣ ଶ୍ରମିକଙ୍କୁ କାମ ମିଳିବା କଥା; କିନ୍ତୁ ଶ୍ରମିକଙ୍କୁ କାମ ଦେବା ବଦଳରେ ଜେସିବି ଓ ଅନ୍ୟାନ୍ୟ ମେସିନ ବ୍ୟବହାର କରି କାମ କରାଯାଉଛି । ଗାଁ ଲୋକେ ଏଭଳି ଗୁରୁତର ଅଭିଯୋଗ କରିଛନ୍ତି । ଏହାର ଭିଡିଓ ମଧ ଭାଇରାଲ ହେବାରେ ଲାଗିଛି । ମନରେଗା ନିୟମ ଅନୁସାରେ ଏହି ଯୋଜନାରେ ମେସିନ ବ୍ୟବହାର କରିବା ନିଷିଦ୍ଧ । ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ଶ୍ରମିକଙ୍କୁ କାମ ଦେଇ ରୋଜଗାର ଯୋଗାଇବା । ତଥାପି ଏଠାରେ ମେସିନ ବ୍ୟବହାର ହେଉଛି । ଏଣୁ ଗାଁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ଏହି କାମରେ ମେସିନ ବ୍ୟବହାର କରାଯାଉଥିବା ବେଳେ କେହି ଭାଇରାଲ କରିଦେଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ମନରେଗା ଯୋଜନାରେ ଶ୍ରମିକମାନେ କାମ ପାଇବାର ଥିଲେ ମଧ ସେମାନଙ୍କୁ କାମ ଦିଆଯାଉନି । ଏହା ପରିବର୍ତ୍ତେ ମେସିନ ଲଗାଇ କାମ କରାଯାଉଛି । କାଗଜପତ୍ରରେ ଶ୍ରମିକଙ୍କ ନାମ ଦେଖାଇ ଟଙ୍କା ଉଠାଯାଉଛି । ଗାଁ ସାଥୀ ଠିକାଦାର ସାଜିଛନ୍ତି । ମନରେଗା ଯୋଜନାରେ ଗାଁ ସାଥୀ ଭାବେ କାମ କରୁଥିବା ବ୍ୟକ୍ତି ନିଜେ ଠିକାଦାର ଭୂମିକା ତୁଲାଉଛନ୍ତି । ଗାଁ ସାଥୀଙ୍କ ମୂଳ କାମ ହେଉଛି ଗ୍ରାମବାସୀଙ୍କୁ ଯୋଜନା ସମ୍ପର୍କରେ ସଚେତନ କରିବା ଓ କାମର ଠିକ୍ ନିର୍ବାହକୁ ସୁନିଶ୍ଚିତ କରିବା । ସେ କିନ୍ତୁ ଠିକାଦାର ସାଜିଛନ୍ତି । ତେବେ ବଲାଙ୍ଗୀର ଜିଲ୍ଲା ଦାଦନ ସମସ୍ୟା ପାଇଁ ପରିଚିତ । ଅନେକ ଗରିବ ଶ୍ରମିକ କାମ ନ ଥିବାରୁ ଅନ୍ୟ ରାଜ୍ୟକୁ ଦାଦନ ଭାବେ କାମ କରିବାକୁ ଯାଆନ୍ତି । ଏହି ସମସ୍ୟାକୁ ରୋକିବା ପାଇଁ ମନରେଗା ଯୋଜନା ଆରମ୍ଭ କରାଯାଇଥିଲା । ଯୋଜନା ମାଧ୍ୟମରେ ଗ୍ରାମୀଣ ଲୋକଙ୍କୁ ନିଜ ଗାଁରେ କାମ ମିଳିଲେ ସେମାନେ ଅନ୍ୟ ରାଜ୍ୟକୁ ଦାଦନ ଭାବେ ଯିବାକୁ ପଡ଼ିବ ନାହିଁ; କିନ୍ତୁ ଏପରି ଯୋଜନାରେ ମେସିନ ବ୍ୟବହାର କରି ଶ୍ରମିକଙ୍କୁ କାମ ଦିଆଯାଉନି । ଏଣୁ ଏହି ଯୋଜନା କିଭଳି ସଫଳ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏନେଇ ସଇଁତଲା ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧାଙ୍କୁ ପଚାରିବାରୁ ତାଙ୍କ ପାଖକୁ ଅଭିଯୋଗ ଆସିନାହିଁ । ଅଭିଯୋଗ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

୧୪ ବ୍ଲକ୍‌କୁ ମାତ୍ର ୩୬ ଆମ୍ବୁଲାନ୍ସ

ଗୋଟିଏ ମଧ୍ୟ ଅଧିକ ଦେଲେନି

ବଲାଙ୍ଗିର,୭।୩(ସମିସ)

ରାଜ୍ୟରେ ଆମ୍ବୁଲାନ୍ସ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ କିଛି ମାସ ଭିତରେ ୩ଟି ପର୍ଯ୍ୟାୟରେ ପ୍ରାୟ ୪୨୮ ନୂତନ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି । ସରକାର ବିଭିନ୍ନ ଜିଲ୍ଲା ପାଇଁ ଲୋକାର୍ପଣ କରିଥିବା ଘୋଷଣା କରିଛନ୍ତି । ତଥାପି ବଲାଙ୍ଗିର ଜିଲ୍ଲାରେ ୧୦୮ ଆମ୍ବୁଲାନ୍ସ ସେବା ନିଅଣ୍ଟ ପଡିଛି । ନୂତନ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି; କିନ୍ତୁ ତାହା ପୂର୍ବ ସଂଖ୍ୟା ସହ ସମାନ । ଯେତିକି ଆମ୍ବୁଲାନ୍ସ ହଟାଇ ଦିଆଯାଇଛି ସେତିକି ଆମ୍ବୁଲାନ୍ସ ହିଁ ଜିଲ୍ଲାକୁ ଦିଆଯାଇଛି । ଗୋଟିଏ ପଟେ ସୁଦୃଢ ଆମ୍ବୁଲାନ୍ସ ବ୍ୟବସ୍ଥାକୁ ନେଇ ସରକାର ବାହାବା ନେଇ ପ୍ରଚାର କରୁଛନ୍ତି । ଅସଲ ସତ୍ୟ କିନ୍ତୁ ଭିନ୍ନ ।



ବଲାଙ୍ଗିର ଜିଲ୍ଲାରେ ରୋଗୀ ମୃତ୍ୟୁ ଘଟଣାରେ ଆମ୍ବୁଲାନ୍ସ ବ୍ୟବସ୍ଥା ବିବାଦ ଘେରରେ ରହିଥାଏ । ଅନେକ ସମୟରେ ଡାକ୍ତରଖାନା ଆଣିବାରେ ବିଳମ୍ବ ହେଉଥିବାରୁ ରୋଗୀଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହୋଇଥାଏ । ବିଶେଷ କରି ଦୁର୍ଘଟଣା ସମୟରେ ୧୦୮ ଆମ୍ବୁଲାନ୍ସ ସୁବିଧାକୁ ନେଇ ଲୋକେ ପ୍ରଶ୍ନ ଉଠାଇଥାନ୍ତି । ଜିଲ୍ଲାରେ ଥିବା ଆମ୍ବୁଲାନ୍ସ ଅଭାବ ଏହାର ପ୍ରମୁଖ କାରଣ । ଜିଲ୍ଲାରେ ସମୁଦାୟ ୪୩ଟି ଆମ୍ବୁଲାନ୍ସ ରହିଛି । ଏଥିରେ ୩୬ଟି ୧୦୮ ଓ ୧୭ଟି ୧୦୨ ଆମ୍ବୁଲାନ୍ସ ଅନ୍ତର୍ଭୁକ୍ତ । ୩୬ଟି ୧୦୮ ଆମ୍ବୁଲାନ୍ସ ମଧ୍ୟରୁ ୧୯ଟି ଏଏଲଏସ ବା ଆଡଭାନ୍ସ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ରହିଛି । ୧୭ଟି ବିଏଲଏସ ବା ବେସିକ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ରହିଛି । ତେବେ ବଲାଙ୍ଗିରକୁ ଅତିରିକ୍ତ ଗୋଟିଏ ବି ଆମ୍ବୁଲାନ୍ସ ଦିଆଯାଇନାହିଁ । ଯାହା କିଛି ଆସିଛି ତାହା ପୁରୁଣା ଆମ୍ବୁଲାନ୍ସ ହଟାଇବା ବଦଳରେ ହିଁ ଦିଆଯାଇଛି । ୩୬ଟି ୧୦୮ ଆମ୍ବୁଲାନ୍ସ ମଧ୍ୟରୁ ୧୭ଟି ବିଏସ-୪ ମଡେଲ ରହିଥିଲା । ଯାହାକୁ ଆମ୍ବୁଲାନ୍ସ ଗାଇଡଲାଇନ ଅନୁସାରେ ହଟାଇ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାକୁ ୧୩ ଟି ଆମ୍ବୁଲାନ୍ସ ଆସଛି । ୧୧ଟି ନିୟୋଜିତ କରାଯାଇଛି । ବଳକା ୨ଟି ଆମ୍ବୁଲାନ୍ସ ଗ୍ରହଣ କରାଯାଇଛି; କିନ୍ତୁ ଅନରୋଡ ହୋଇନି । ଆଉ ୪ଟି ଆମ୍ବୁଲାନ୍ସ ଖୁବଶୀଘ୍ର ଆସିବାକୁ ଯୋଜନା ରହିଛି । ଗୋଟିଏ ପଟେ ରାଜ୍ୟ ସରକାର ଆମ୍ବୁଲାନ୍ସ ବ୍ୟବସ୍ଥାକୁ ଅଧିକ ସୁଦୃଢ କରାଯାଉଥିବା କହୁଛନ୍ତି । ଅନ୍ୟପଟେ ଯେତିକି ଆମ୍ବୁଲାନ୍ସ ନେଇଛନ୍ତି ସେତିକି ଆମ୍ବୁଲାନ୍ସ ହିଁ ଦିଆଯାଉଛି । ଗୋଟିଏ ବି ଅତିରିକ୍ତ ଆମ୍ବୁଲାନ୍ସ ଦିଆଯାଇନି । ଏଣୁ ପରିସ୍ଥିତି ଯେମିତିକୁ ସେମିତି ରହିଛି । ଆମ୍ବୁଲାନ୍ସର ଆବଶ୍ୟକତାକୁ ପୂରଣ କରିବାରେ ସରକାର ବିଫଳ ହୋଇଛନ୍ତି ।

- ହଟିଲା ଯେତିକି ଆସିଲା ସେତିକି
- ୧୭ ପୁରୁଣା ଗଲା; ୧୭ ନୂତନ ବ୍ୟବସ୍ଥା
- ୧୩ ଆସିଛି ଆଉ ୪ ଆସିବ, ତଥାପି ନିଅଣ୍ଟ

ନୂତନ ଆମ୍ବୁଲାନ୍ସ ଆସିଲେ ମଧ ରୋଗୀଙ୍କ ପାଖକୁ ବିଳମ୍ବିତ ସ୍ୱାସ୍ଥ୍ୟସେବା ପହଞ୍ଚୁଛି । କହିବାକୁ ଗଲେ ଡବଲ ଇଞ୍ଜିନ ସରକାରରେ ପ୍ରଚାର ପ୍ରବଳ । କାମ କିନ୍ତୁ ଅତି ଦୁର୍ବଳରୁ ଦୁର୍ବଳ । ସୂଚନାଯୋଗ୍ୟ, ପୂର୍ବରୁ ଏହି ଆମ୍ବୁଲାନ୍ସ ସେବା ଜିକିତ୍ସା ହେଲ୍ଥକେୟାର ହାତରେ ରହିଥିଲା । ଏବେ ଏହି ସେବା ଜିବିକେ-ଇଏମଆରଆଇ ଗ୍ରୀନ ହେଲ୍ଥ ସାର୍ଭିସ ସଂସ୍ଥା ହାତରେ ରହିଛି ।

■ ବଂଶଧାରା ବାଲି ଖାଦାନରେ ଉପଜିଲ୍ଲାପାଳଙ୍କ ଚଢ଼ଉ

୭ ଟ୍ରାକ୍ଟର ଜବତ; ୩ ଲକ୍ଷ ୫୬ ହଜାର ଜରିମାନା ଆଦାୟ



ଗୁଣୁପୁର,୭।୩(ସମିସ): ରାୟଗଡା ଜିଲ୍ଲା ଗୁଣୁପୁର ବଂଶଧାରା ବାଲି ଖାଦାନ-୨ରେ ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲିପ ଭୋରରେ ଅଚାନକ ଭାବେ ଚଢ଼ଉ କରିଛନ୍ତି। ଉପଜିଲ୍ଲାପାଳ ବାଲି ବୋଝେଇ ଟ୍ରାକ୍ଟର ଗୁଡିକର ରୋୟାଲିଟି କାଗଜପତ୍ର ମାଗି ଯାଞ୍ଚ କରିଥିଲେ। ଏହାପରେ ଖଣି ବିଭାଗକୁ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୁଲିସ ଓ ଖଣି ବିଭାଗ ବାଲିଖାଦାନରେ ପହଞ୍ଚି ବାଲି ବୋଝେଇ ଟ୍ରାକ୍ଟର ଗୁଡିକରୁ ରୋୟାଲିଟି ଯାଞ୍ଚ କରି ୭ ଟି ଟ୍ରାକ୍ଟର ଠାରୁ ୩ ଲକ୍ଷ ୫୬ ହଜାର ୫୫୨ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଅତିରିକ୍ତ ଖଣି ଅଧିକାରୀ ରାଜେନ୍ଦ୍ର ବିଶୋଇ ସୂଚନା ପ୍ରଦାନ କରିଛନ୍ତି। ଗତ ଗୁରୁବାର ଦିନ ଏକ ବାଲି ବୋଝେଇ ଟିପର ଜବତ କରି ୪ ଲକ୍ଷ ୧ ହଜାର ୨୯୬ ଟଙ୍କା ଜରିମାନା ଆଦାୟ ହୋଇଥିବା ଖଣି ବିଭାଗ ଅଧିକାରିଙ୍କ ଠାରୁ ସୂଚନା ମିଳିଛି । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାଲିଖାଦାନର ଆକଳନ କରିଥିଲା ଖଣି ବିଭାଗ। ଖାଦାନର କାଗଜପତ୍ର ଯାଞ୍ଚ କରିବା ସହ ବାଲି ବୋଝେଇ ଟ୍ରାକ୍ଟର ଗୁଡିକର କାଗଜପତ୍ର ଯାଞ୍ଚ କରୁଛି ଖଣି ବିଭାଗ। ଚଢ଼ଉ ବେଳେ ଦୁଇ ଡେପୁଟି କଲେକ୍ଟର ସୁବ୍ରତ ରାଉତ, ଜହନ ବଡଭୁଆଁ, ଗୁଣୁପୁର ତହସିଲ୍‌ର ଅତିରିକ୍ତ ତହସିଲଦାର ଅଭିଳାଷ ଶତପଥୀ ଓ ଦୀପା ରାଣି ବେହେରା ପ୍ରମୁଖ ସାମିଲ ଥିଲେ।

୫୮୬ କିଲୋ ଗଞ୍ଜେଇ ସହ ପିକ୍‌ଅପ୍ ଜବତ: ଜଣେ ଗିରଫ



କାଶୀପୁର,୭।୩(ସମିସ): ଗଞ୍ଜେଇ ଚାଲାଣ ବେଳେ କାଶୀପୁର ପୁଲିସ ଚଢ଼ଉ କରି ୫୮୬ କିଲୋ ଗଞ୍ଜେଇ ସହ ପିକ୍‌ଅପ ଭେନ ଜବତ କରିଛି। ଏଥିସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ କାଶୀପୁର ଥାନା ଅନ୍ତର୍ଗତ ନାରଙ୍ଗବାଡି ଗାଁର ବିଶ୍ୱମ୍ବର ନାଏକ। ଲମତାପୁଟ ଅଞ୍ଚଳରୁ ଭାୟା ଖୁରିଗାଁ ହୋଇ ଶିକରପାଇ ଯିବା ରାସ୍ତାରେ ଏକ ପିକ୍‌ଅପ ଭେନ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ପୁଲିସକୁ କୌଣସି ଶୁତ୍ରରୁ ଖବର ମିଳିଥିଲା। କାଶୀପୁର ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକଙ୍କ ନେତୃତରେ କାଶୀପୁର ପୋଲିସ ଖୁରିଗାଁ ଛକ ନିକଟରେ ପିକଅପକୁ କାବୁ କରିବାରେ ସଫଳ ହୋଇଥିଲା। ପିକଅପ ତନାଖି ସମୟରେ ପିକଅପ ଉପର ଭାଗରେ ପରିବାବସ୍ତା ଥିବାବେଳେ ତଳେ ୨୩ଟି ବସ୍ତାରେ ଗଞ୍ଜେଇ ଚାଲାଣ ହେଉଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଂଜେଇକୁ ଓଜନ କରି ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଗଞ୍ଜେଇ କେଉଁଠାକୁ ଚାଲାଣ ହେଉଥିଲା ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହାର ତଦନ୍ତ ଚାଲିଥିବା ଥାନା ପକ୍ଷରୁ ସୂଚାଯାଇଛି।

ଚଳନ୍ତା ସ୍କର୍ପିଓ ଉପରେ ପଡ଼ିଲା ରାସ୍ତାପାର୍ଶ୍ୱର ଶୁଖିଲା ଗଛ



ରାୟଗଡ଼ା,୭।୩(ସମିସ): ରାୟଗଡା ସହରର ୩୨୬ନମ୍ବର ଜାତୀୟ ରାଜପଥର ବାଇପାସ ରାସ୍ତାର ଏଫସିଆଇ ଛକ ନିକଟରେ ଆଜି ଏକ ଚଳନ୍ତା ସ୍କର୍ପିଓ ଗାଡି ଉପରେ ଗଛ ପଡିଯିବାରୁ ଅଳ୍ପକେ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି ଉଭୟ ଡ୍ରାଇଭର ଓ ଗାଡ଼ିରେ ବସିଥିବା ଜଣେ ଲୋକ। ଆଜି ସକାଳୁ ଏହିପରି ଘଟଣା ଘଟିଛି। ଉକ୍ତ ସ୍କର୍ପିଓ(ଓଡି - ୧୮- କ୍ୟୁ-୩୨୪୬)ଗାଡିଟି ଉକ୍ତ ରାସ୍ତା ଦେଇ ଯିବା ସମୟରେ ଶୁଖିଲା ଗଛଟି ଗାଡି ଉପରେ ପଡିଯାଇଥିଲା। ଗଛ ଉପୁଡ଼ି ପଡ଼ିବା ଯୋଗୁ ଦୀର୍ଘ ଦୁଇ ଘଣ୍ଟା କାଳ ବାଇପାସ୍ ରାସ୍ତା ଜାମ୍ ହୋଇଯାଇଥିଲା। ନିକଟରେ ଥିବା ରେଳ ଫାଟକର ଉଭୟ ପାଶ୍ୱର୍ରେ ଶତାଧିକ ଯାନବାହନ ଠିଆ ହୋଇ ରହିଥିଲା। ଯଦ୍ୱାରା ଯାତାୟାତ ଠପ୍ ହୋଇଯାଇଥିଲା। ଖବରପାଇ ବିଦ୍ୟୁତ ବିଭାଗ ଓ ଦମକଳ ବାହିନୀ କର୍ମଚାରୀ ଗଛ କାଟି ରାସ୍ତା ସଫା କରିଥିଲେ। ଏହାପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ରାୟଗଡ଼ାରେ ସକ୍ରୀୟ ମାଓବାଦୀ ସଂଗଠନକୁ ଏସ୍‌ପିଙ୍କ ଚରମବାଣୀ

ହିଂସା ଛାଡ଼ି ଆତ୍ମସର୍ମପଣ କର; ନଚେତ ଅପରେସନ୍ ଜୋରଦାର ହେବ'

ରାୟଗଡ଼ା,୭।୩(ସମିସ): ଚଳିତ ମାସ ଆସନ୍ତା ୩୧ତାରିଖ ସୁଦ୍ଧା ଭାରତ ସଂପୂର୍ଣ୍ଣ ଭାବେ ନକ୍ସଲବାଦରୁ ମୁକ୍ତି ପାଇବ ବୋଲି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଓଡିଶା ଗସ୍ତରେ ଆସି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗତକାଲି କଟକ ମୁଣ୍ଡଳୀଠାରେ ଆୟୋଜିତ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସଏଫ)ର ୫୭ତମ ପ୍ରତିଷ୍ଠା ଦିବସରେ ସରକାରଙ୍କ ଦୃଢ ସଂକଳ୍ପକୁ ଦୋହରାଇଥିଲେ। ଏହି ପରିପ୍ରେକ୍ଷୀରେ ଓଡିଶାର ଅନେକ ମାଓ ପ୍ରବଣ ଜିଲ୍ଲା ଏବେ ମାଓବାଦୀ ମୁକ୍ତ ଜିଲ୍ଲା ଭାବେ ଓଡିଶା ସରକାର ଘୋଷଣା କରିସାରିଥିବା ବେଳେ ମାଓପ୍ରବଣ ରାୟଗଡ଼ା ଜିଲ୍ଲାକୁ ଚଳିତ ମାସ ସୁଦ୍ଧା ମାଓବାଦୀ ମୁକ୍ତ ଜିଲ୍ଲା ଭାବେ ଘୋଷଣା କରାଯିବାକୁ ଲକ୍ଷ୍ୟ ରହିଛି। କେନ୍ଦ୍ର ଗୃହମନ୍ତ୍ରୀ ଘୋଷଣା କରିଥିବା ଡେଡ୍ ଲାଇନ ଆସନ୍ତା ମାର୍ଚ୍ଚ ୩୧ ତାରିଖକୁ ଆଉ ମାତ୍ର ୨୪ଦିନ ବାକି ରହିଥିବା ବେଳେ ଜିଲ୍ଲାରେ ସକ୍ରିୟ ରହିଥିବା ୧୦ରୁ ୧୨ ମାଓବାଦୀ ସଂଗଠନକୁ ଜିଲ୍ଲା ଏସ୍‌ପି ଆଜି ଚରମବାଣୀ ଶୁଣାଇଛନ୍ତି। ସୂଚନାନୁଯାୟୀ, ଗତ ଫେବୃଆରୀ ମାସ ୭ ତାରିଖରେ ରାୟଗଡ଼ା ଜିଲ୍ଲା ପୋଲିସ ନିକଟରେ ମାଓବାଦୀ ଆତ୍ମସର୍ମପଣ ସମାରୋହ କାର୍ଯ୍ୟକ୍ରମରେ ଏଡିଜି (ଆଣ୍ଟି ନକ୍ସଲ ଅପରେସନ୍) ସଂଜୀବ ପଣ୍ଡାଙ୍କ ଉପସ୍ଥିତିରେ ୧୫ଜଣ କୁଖ୍ୟାତ ମାଓବାଦୀମାନେ ଆତ୍ମସର୍ମପଣ କରିଥିଲେ। ଏଥିସହ ଯେଉଁମାନେ ଆତ୍ମସର୍ମପଣ ନ କରି ହିଂସା ପଥରେ ରହିଛନ୍ତି ସେମାନେ ହିସାଂ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ଓଡିଶା ସରକାରଙ୍କ ଆତ୍ମସର୍ମପଣ ପଲିସି ଅନୁଯାୟୀ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ। ନିଷିଦ୍ଧ ହୋଇଥିବା ସିପିଆଇ (ଏମ) ମାଓ ସଂଗଠନର ବାଶଧାରା-ଘୁମସର-ନାଗାବଳୀ ଡିଭିଜନର ଦୁଇ ଜଣ ରାଜ୍ୟ କମିଟି ସଭ୍ୟ ଜଣେ ଡିଭିଜନାଲ କମିଟି ମେମ୍ବର, ୫ଜଣ ଏରିଆ କମିଟି ମେମ୍ବର ଏବଂ ସାତ ଜଣ ପାର୍ଟି ମେମ୍ବର ର୍‌ୟାଙ୍କର ମାଓବାଦୀମାନେ ଏହି ଅବସରରେ ଆତ୍ମସର୍ମପଣ କରିଥିଲେ। ଉକ୍ତ ଦିନ ଠାରୁ ଜିଲ୍ଲାକୁ ମାଓମୁକ୍ତ କରିବା ପାଇଁ ଜିଲ୍ଲା ଏସ୍‌ପି ସ୍ୱାତୀ ଏସ୍ କୁମାରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ସୀମାନ୍ତବର୍ତ୍ତି ଅଞ୍ଚଳ ରାୟଗଡା-କଳାହାଣ୍ଡି-କନ୍ଧମାଳ ସୀମାନ୍ତ ତଥା ନିୟମଗିରି ପାହାଡ ଓ ଅନ୍ୟାନ୍ୟ ସ୍ଥାନଗୁଡିକରେ ଡିଭିଏଫ, ସିଆରପିଏଫ, ଏସଓଜି ସୁରକ୍ଷା ବାହିନୀ ପକ୍ଷରୁ ଜୋରଦାର କୁମ୍ବିଂ ଅପରେସନ କରାଯାଉଥିବା ବେଳେ ହିଂସା ଛାଡି ଆତ୍ମସର୍ମପଣ କରି ନ ଥିବା ବଳକା ୧୦ରୁ ୧୨ଜଣ ମାଓବାଦୀଙ୍କୁ ଯଥାଶୀଘ୍ର ଆତ୍ମସର୍ମପଣ କରିବାକୁ କହିବା ସହ ଆତ୍ମସର୍ମପଣ ନ କଲେ ଜୋରଦାର ଅପରେସନ କରାଯାଇ ନିହତ କରିବାକୁ ମଧ ପୋଲିସ ପ୍ରସ୍ତୁତ ରହିଥିବା ନେଇ ଜିଲ୍ଲା ଏସ୍‌ପି ସ୍ୱାତୀ ଏସ୍. କୁମାର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରାୟଗଡ଼ା ଜିଲ୍ଲାର ପଡୋଶୀ ଜିଲ୍ଲା କୋରାପୁଟ, ନବରଙ୍ଗପୁର,ମାଲକାନଗିରି, ବୌଦ୍ଧ ଓ ନୂଆପଡା ଜିଲ୍ଲା ପୂର୍ବରୁ ମାଓମୁକ୍ତ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରେ ମାଓ ସଂଗଠନକୁ ଜୀବିତ କରି ରଖିଥିବା ୧୦ରୁ ୧୨ଜଣ ମାଓବାଦୀଙ୍କୁ ଗତ ଫେବୃଆରୀ ମାସରେ ଆତ୍ମସର୍ମପଣ କରିଥିବା ରାଜ୍ୟ କମିଟି ସଦସ୍ୟ ତଥା ହାର୍ଡକୋର ମାଓବାଦୀ ନିରଂଜନ ରାଉତ ଓରଫ ନିଖିଲ ଅପିଲ କରିଥିଲେ।

ଆମ୍ବୁଲାନ୍ସକୁ ପଛରୁ ଧକ୍କା ଦେଲା ବସ୍

କାଲିମେଳା,୭।୩(ସମିସ): ମାଲକାନଗିରି ଜିଲ୍ଲା କାଲିମେଳାରୁ ମାଲକାନଗିରି ଅଭିମୁଖେ ଯାଉଥିବା ରିଲାଇନ୍ସ ବସ୍ କାଲିମେଳା ମେଡିକାଲ ନିକଟରେ ଏକ ଆମ୍ବୁଲାନ୍ସକୁ ଧକ୍କା ଦେଇଛି। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥରେ କାଲିମେଳା ମେଡିକାଲ ନିକଟରେ ଏକ ରିଲାଇନ୍ସ ବସ୍ ଦ୍ରୁତଗତିରେ ମାଲକାନଗିରି ଅଭିମୁଖେ ଯାଉଥିବା ବେଳେ ମେଡିକାଲ ସାମ୍ନାରେ ଛିଡା ହୋଇଥିବା ଏକ ଆମ୍ବୁଲାନ୍ସକୁ ପଛପଟୁ ଧକ୍କା ଦେଇଥିଲା। ତେବେ ଏଥିରେ କୌଣସି ପ୍ରାଣହାନୀ ହୋଇନଥିବା ଜଣାପଡ଼ିଛି। ଆମ୍ବୁଲାନ୍ସଟି କାଲିମେଳାର କୌଣସି ଏକ ଅଞ୍ଚଳକୁ ରୋଗୀ ଆଣିବାକୁ ଯିବାକୁ ଜଗିବସିଥିବା ଯୋଗୁଁ ଓ ଆମ୍ବୁଲାନ୍ସରେ କେହି ନଥିବାରୁ କାହାରି କୌଣସି କ୍ଷତି ହୋଇନାହିଁ।

● ସିପିଆଇ (ଏମ୍‌ଏଲ୍)ର ବ୍ଲକ୍‌ସ୍ତରୀୟ ବୈଠକ

୧୬ରେ ବ୍ଲକ୍ ଓ ତହସିଲ ଆଗରେ ବିକ୍ଷୋଭ



ପଦ୍ମପୁର,୭।୩(ସମିସ): ସିପିଆଇ (ଏମଏଲ) ଲିବରେସନ ପଦ୍ମପୁର ବ୍ଲକ କମିଟି ତରଫରୁ ତେମ୍ବାଗୁଡା ପଞ୍ଚାୟତ ମିଲିକାପାଗାଂ ନିକଟ କାଲେମା ଗାଁଠାରେ ବ୍ଲକ ସ୍ତରୀୟ ଏକ ବୈଠକ ଅନୁଷ୍ଠିତ କରଯାଇଥିଲା। କାଲେମା ଗାଁ ଠାରୁ ମିଲିକା ପାଗାଂ ପର୍ଯ୍ୟନ୍ତ ପକ୍କା ରାସ୍ତା ଓ ପିଇବା ପାଣି, ଡକରମା ଠାରୁ କେଭି ଲାଇନ୍ ପର୍ଯ୍ୟନ୍ତ ପକ୍କା ରାସ୍ତା, କେଦୁଂଗୁଡା ରାଜସ୍ୱ କର୍ମଚାରୀ ଜଙ୍ଗଲ ଜମି, ଘର ଡିହ ପଟା ପ୍ରଦାନ କରିବା, ଜଙ୍ଗଲ ଜମି ଚିହ୍ନଟ କରିବା ପାଇଁ ଆର୍‌ଆଇ ଓ ଓମିନ ମାସିକ ୧୫ଦିନ କାମ କରିବା, ଭିବି ଜି ରାମ ଜି ଆଇନ ବାତିଲ କରିବା ସହ ମନେରଗା ଆଇନ ଲାଗୁ କରିବା, ଦୈନିକ ୬୦୦ ଟଙ୍କା ମଜୁରୀ ପ୍ରଦାନ କରିବା , ସମସ୍ତଙ୍କୁ ମାଗଣା ୩୦୦ୟୁନିଟ୍ ବିଦ୍ୟୁତ ଯୋଗାଇବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫ ଯୋଗାଇବା, ସମସ୍ତ କ୍ଷେତ ମଜଦୁରମାନଙ୍କୁ ରାସନକାର୍ଡଧାରୀଙ୍କୁ ୫୦ କେଜି ଚାଉଳ, ଶ୍ରମିକ ବିରୋଧୀ ଶ୍ରମ କୋଡ଼ ବାତିଲ କରିବା, କୃଷକ ବିରୋଧି ବିହନ ବିଲ ବାତିଲ କରିବା, ଜନ ବିରୋଧୀ ବିଦ୍ୟୁତ୍ ସଂଶୋଧନ ବିଲ୍ ବାତିଲ କରିବା ପାଇଁ ସିପିଆଇ (ଏମଏଲ) ଲିବରେସନ ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ ଆଦିବାସୀମାନଙ୍କ ଅଧିକାର ନେଇ ମାର୍ଚ୍ଚ ୧୬ ତାରିଖ ଦିନ ପଦ୍ମପୁର ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ କରିବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକ୍ ସମ୍ପାଦକ ରାଜେନ୍ଦ୍ର ମାଝୀ, ମହାସିଙ୍ଗ ଜାଗାରାଗାଂ, ଭାନୁ ଜାଗାରାଗାଂ, ଯୋହନ ମାଝୀ , ବ୍ରଜ ମାଝୀ, ଗିରିଧର ଶବର, ହର୍ଷନନ୍ଦ ଲିମା, କର୍ଣ୍ଣଏଲ ଗମାଙ୍ଗ, ଭିମ ମାଝୀ, ସାହେବ ଲିମା, ଝାଡୁଗାଂ ମାଝି, ଯକ୍ଷ ଲିମା ପ୍ରମୁଖ ଉପସ୍ଥିତ ଥିଲେ।

ମାଙ୍ଗ୍ରାରେ ୪୪ଜଣଙ୍କ ଚକ୍ଷୁ ପରୀକ୍ଷା

ଦାମନଯୋଡ଼ି,୭।୩(ସମିସ): କୋରାପୁଟ ବ୍ଲକ କେନ୍ଦାର ପଞ୍ଚାୟତ ଉପର ମାଙ୍ଗ୍ରା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଶନିବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ହୋଇଥିବା ଏହି ଶିବିରରେ କେନ୍ଦାର ଓ ମାନବାର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ମୋଟ ୪୪ଜଣ ବ୍ୟକ୍ତି ଯୋଗଦେଇ ଚକ୍ଷୁ ପରୀକ୍ଷା କରାଇଥିଲେ।ସେଥିମଧ୍ୟରୁ୧୫ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ ହୋଇଥିବା ବେଳେ ଦୃଷ୍ଟିଦୋଷ ଥିବା ୧୫ ଜଣଙ୍କର ଚଷମା ପରୀକ୍ଷା ହୋଇଥିଲା। ଅନ୍ୟ ଜଣେ ଜଟିଳ ରୋଗୀଙ୍କୁ ମଧ ରେଫର୍ କରାଯାଇଥିଲା। ସରକାରଙ୍କ ଏହି ଯୋଜନାରେ ମୋତିଆବିନ୍ଦୁ ରୋଗୀଙ୍କର କୋରାପୁଟରେ ମାଗଣା ଅସ୍ତ୍ରୋପଚାର ହେବ। ଶିବିରରେ ଚକ୍ଷୁ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ ସହିତ ରକ୍ତଚାପ ଓ ରକ୍ତ ଶର୍କରା ପରୀକ୍ଷା କରାଯାଇଥିଲା। ମାଥାଲପୁଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ କୁମାର ଟପ୍ନୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଚକ୍ଷୁଅଧିକାରୀ ବିଜୟକୁମାର ଆଚାର୍ଯ୍ୟ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ବିପିଏମ ନୀଳକଣ୍ଠ ପାଣି ଓ ପିଏଚଇଓ ବିଜୟ ଖିଲଙ୍କ ନେତୃତ୍ୱରେ ଶିବିର ଆୟୋଜିତ ହୋଇଥିଲା। ସିଏଚଓ ପ୍ରିୟଙ୍କା ପଣ୍ଡା ଓ ସ୍ୱାସ୍ଥ୍ୟକର୍ମୀ ରଶ୍ମିତା ପ୍ରଧାନ ପରିଚାଳନା କରିଥିଲେ। ଆଶାକର୍ମୀ ଚିନ୍ତାମଣି ପରଜା, ରତ୍ନମଣି ସୂର୍ଯ୍ୟ, କମଳା ଜାନି, ରମା ଦିଶାରୀ, ଭଗବତୀ ମାଝୀ, ରିବିକା ସୁନା ପ୍ରମୁଖ ସହଯୋଗ କରିଥିଲେ।

ଚନ୍ଦ୍ରପୁର ଆଦିବାସୀ ସମାଜର ନୂତନ ସଂଘ ଗଠିତ



ଚନ୍ଦ୍ରପୁର,୭।୩(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ଡ଼ାଙ୍ଗସରଡ଼ା ପଞ୍ଚାୟତରେ ଥିବା କୁଟୁଡୁକୁପା ଗ୍ରାମରେ ଶନିବାର ଆଦିବାସୀ ସମାଜର ନୂତନ ସଂଘ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତି ପାଇଁ ଲଢ଼ିବା ସହ ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲ, ସୁରକ୍ଷା ସମେତ କୁଳ ସମାଜର ଉନ୍ନତି କିପରି ହୋଇ ପାରିବ ସେ ନେଇ ଆଲୋଚନା କରାଯାଇ ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଧରଣୀ ପ୍ରଟିକା, ସଂପାଦକ ଭାବେ ମୋନଜ ପ୍ରାସ୍କା, କୋଷାଧ୍ୟକ୍ଷ ଧନମାଝୀ କୁମୁରୁକା, ସାଙ୍ଗଠନିକ ସଂପାଦକ ଭାବେ ବିଜୟ ଇଲାକା, ଉପଦେଷ୍ଟା ସନ୍ୟାସୀ ପ୍ରାସ୍କା, ସିମନ୍ ମାଝୀ ପସ୍କା, ଭୀମ ଗୋଗେ ରେଙ୍ଗାଙ୍କୁ ମନୋନିତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଆଦିବାସୀ ମହିଳା ମୋର୍ଚ୍ଚାର ମୁଖ୍ୟ ଲକ୍ଷ୍ମୀ ପ୍ରାସ୍କା, ସମ୍ମାନିତ ଅତିଥି ଆଦିବାସୀ ମହାସଂଘର ସଂପାଦକ ଟିଟୁ ସାରକା, ସଭାପତି ବସନ୍ତ କୁମାର୍ ପେଦେଣ୍ଟି, ଆଇଟି ସେଲର ମୁଖ୍ୟ ବିଜୟ କୁମାର ମେଲେକା, ଲଦା ହିକକା, ଶଙ୍କର ଜୀଲକରା ସମେତ, ଚନ୍ଦ୍ରପୁର ବ୍ଲକର ଆଠ ଗୋଟି ପଞ୍ଚୟତରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଆଦିବାସୀ, ମହିଳା ପୁରୁଷ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ମେଲେକା ପରିଚାଳନା କରିଥିଲେ।

ଜରାଜୀର୍ଣ୍ଣ ଯାତ୍ରୀ ପ୍ରତୀକ୍ଷାଳୟ; ମରାମତି ଦାବି

କାଳିମେଳା,୭।୩(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି -୭୯ ନିକଟରେ ଥିବା ଲଛୀପେଟା ଛକ ଯାତ୍ରୀ ପ୍ରତୀକ୍ଷାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ଅଭିଯୋଗ ହୋଇଛି। ଗତ ପ୍ରାୟ ଏକ ବର୍ଷ ଧରି ଏହି ଯାତ୍ରୀ ପ୍ରତୀକ୍ଷାଳୟର ରକ୍ଷଣାବେକ୍ଷଣ ଦିଗରେ ପ୍ରଶାସନ ଦୃଷ୍ଟି ନ ଦେବାରୁ ବର୍ତ୍ତମାନ ସମୟରେ ଏହା ଶ୍ରୀହୀନ ହୋଇ ପଡିଥିବା ଦେଖିବାକୁ ମିଳିଛି। ଏଥିରେ ଲଗା ଯାଇଥିବା ସରଞ୍ଜାମ ଗୁଡିକ ଭାଙ୍ଗି ଅଚଳ ହୋଇ ପଡିଥିବା ବେଳେ ଲୋକଙ୍କ ନିମନ୍ତେ ବସିବା ପାଇଁ ନିର୍ମିତ ଚେୟାର ଗୁଡିକ ମଧ ଭାଙ୍ଗି ଏଣେତେଣେ ଫୋପାଡ଼ି ହୋଇ ପଡିଥିବା ଦେଖିବାକୁ ମିଳିଛି। ଏହାସହ ଉକ୍ତ ପ୍ରତୀକ୍ଷାଳୟ ପରିସରରେ ଅଳିଆ ଆବର୍ଜନା ପଡିରହିଛି। ଏହା ଏବେ ବୁଲା ଗୋରୁ ଏବଂ ଅନ୍ୟ ଗୃହପାଳିତ ପଶୁଙ୍କର ଆଶ୍ରୟସ୍ଥଳୀ ପାଲଟିଛି। ବର୍ତ୍ତମାନ ଜିଲ୍ଲାରେ ପାରଦସ୍ତର ଉପରମୁହାଁ ହୋଇଥିବା ବେଳେ ଖରା ଓ ତାତିରେ ଯାତ୍ରୀମାନେ କିଭଳି ଛଟପଟ ହେଉଛନ୍ତି। ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବା ସହ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ଯାତ୍ରୀ ପ୍ରତୀକ୍ଷାଳୟ ଗୁଡିକର ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି।



ଯୁଦ୍ଧ ଯୋଗୁଁ ପେଟ୍ରୋଲ ମିଳୁ ନଥିବା ନେଇ ଗୁଜବ

ପେଟ୍ରୋଲ ଟାଙ୍କିରେ ଗ୍ରହକଙ୍କ ପ୍ରବଳ ଭିଡ଼



ମାଲକାନଗିରି, ୭।୩(ସମିସ): ମାଲକାନଗିରି ଜିଲ୍ଲା ସଦର ସମେତ ବିଭିନ୍ନ ସ୍ଥାନରେ ପେଟ୍ରୋଲ ଟାଙ୍କି ଗୁଡିକରେ ଇନ୍ଧନ ତୈଳ ଅଭାବ ଦେଖାଦେଇଥିବା ବେଳେ ଏହାକୁ ନେଇ ବିଭିନ୍ନ ଗୁଜବ ସୃଷ୍ଟି ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ତେଲ ଅଭାବ ଓ ଆଗକୁ ତେଲ ମିଳିବ ନାହି ବୋଲି ଗୁଜବ ସୃଷ୍ଟି ହୋଇଥିବା ଫଳରେ ଯେଉଁ ପେଟ୍ରୋଲ ପମ୍ପରେ ତେଲ ଅଛି ତା ସମ୍ମୁଖରେ ତେଲ ପକାଇବା ପାଇଁ ଶତାଧିକ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ଜିଲ୍ଲାସଦରର ବିଭିନ୍ନ ପେଟ୍ରୋଲ ପମ୍ପରେ ତେଲ ନଥିବା ବେଳେ ଯୁଦ୍ଧ ଯୋଗୁଁ ତେଲ ଆସୁନି ବୋଲି ଗୁଜବ ସୃଷ୍ଟି ପରେ ଯାନ ବାହାନରେ ତେଲ ପକାଇବା ଓ ସଂଗ୍ରହ କରି ରଖିବା ପାଇଁ ଲୋକେ ଭିଡ ଜମାଇଥିଲେ। ଅନ୍ୟପକ୍ଷରେ ଜିଲ୍ଲା ସଦରରେ ଏକାଧିକ ତେଲ ଟାଙ୍କିରେ ତେଲ ନ ମିଳିବା ଏହି ଗୁଜବକୁ ଖୋରାକ ଯୋଗାଇଥିଲା। କିନ୍ତୁ ଏହା ମିଥ୍ୟା ଓ ଝାରସୁଗୁଡ଼ା ତେଲ ଡିପୋରେ କିଛି ସମସ୍ୟା ଯୋଗୁଁ ତେଲ ଠିକ୍ ଭବେ ଆସୁନଥିବାରୁ ଏପରି ସମସ୍ୟା ହେଉଥିବା ପରେ ଜଣାପଡିଥିଲା। ତେଲର କୌଣସି ସମସ୍ୟା ନାହିଁ, ତେଲ ଡିପୋରେ ସମସ୍ୟା ଯୋଗୁଁ ଏପରି ହୋଇଥିବା ବେଳେ ଏହାର ସମାଧାନ ଖୁବ୍‌ଶୀଘ୍ର ହୋଇଯିବ ବୋଲି ସ୍ପଷ୍ଟୀ କରଣ ଦେଇ ଲୋକଙ୍କୁ ଗୁଜବ ଠାରୁ ଦୂରେଇ ରହିବା ପାଇଁ ଅପିଲ କରିଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା। ଏଥିସହ ଜିଲ୍ଲା ସଦରରେ ଥିବା କିଛି ତେଲ ଟାଙ୍କି ଗୁଡିକରେ ଆଜି ତେଲ ପହଞ୍ଚି ଯାଇଥିବା ବେଳେ ଆଗକୁ ଏପରି ସମସ୍ୟା ହେବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ବାଲିମେଳା ବଙ୍କରେ ଗ୍ରାହକଙ୍କୁ ମିଳୁନି ପେଟ୍ରୋଲ



କୋରୁକୋଣ୍ଡା,୭।୩(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ବାଲିମେଳା ସହରରେ ଏବେ ଦେଖାଦେଇଛି ପେଟ୍ରୋଲ ଅଭାବ ସମସ୍ୟା। ବାଲିମେଳା ଉପକଣ୍ଠରେ ସତ୍ୟମ ଫିଲିଙ୍ଗ ଷ୍ଟେସନ ଏବଂ ଅମରେଶ ଫିଲିଙ୍ଗ ଷ୍ଟେସନ ଭଳି ଦୁଇଟି ବଙ୍କ ରହିଛି। ହେଲେ ଶନିବାର ସକାଳୁ କିଛି ସମୟ ପେଟ୍ରୋଲ ଓ ଡିଜେଲ ବିକ୍ରି ପରେ ବଙ୍କରେ ପେଟ୍ରୋଲ ସମ୍ପୂର୍ଣ୍ଣ ଭାବେ ସରିଯାଇଥିବା ବଙ୍କ କର୍ମଚାରୀଙ୍କ ଦ୍ୱାରା କୁହାଯାଇଥିଲା। ଫଳରେ ବାଲିମେଳା ସହରବାସୀ ଏବଂ ଏହାର ଆଖପାଖ ଅଞ୍ଚଳର ଶତାଧିକ ଗ୍ରାହକ ପେଟ୍ରୋଲ ନପାଇ ଫେରିଥିଲେ। ଯେହେତୁ ବାଲିମେଳା ସହରର ଆଖପାଖ ଅଞ୍ଚଳରେ ଅନ୍ୟ କୌଣସି ପେଟ୍ରୋଲ ବଙ୍କ ନାହିଁ। ସେଥିପାଇଁ କିଛି ଲୋକ ୧୫ କିମି ଦୂର କୋରୁକୋଣ୍ଡା ସଦର ପେଟ୍ରୋଲ ବଙ୍କକୁ ଯାଇଥିଲେ। କୋରୁକୋଣ୍ଡାକୁ ଛାଡ଼ିଦେଲେ ବାଲିମେଳା ପାଖାପାଖିରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅପରପକ୍ଷରେ ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧ ଯୋଗୁଁ ମାଲକାନଗିରି ଜିଲ୍ଲାରେ ପେଟ୍ରୋଲ ଅଭାବ ଦେଖାଦେଇଥିବା ଗୁଜବ ସୃଷ୍ଟି ହେଲା ପରେ ଲୋକମାନେ ଆତଙ୍କିତ ହୋଇ ନିଜ ନିଜ ଗାଡ଼ିରେ ତେଲ ପକାଇବା ପାଇଁ ପ୍ରତ୍ୟେକ ପେଟ୍ରୋଲ ବଙ୍କରେ ଲମ୍ବା ଧାଡ଼ି ଲଗାଇଥିଲେ। ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କୁ ପଚାରିବାରୁ ଜିଲ୍ଲାରେ ଦୁଇ ତିନୋଟି ବଙ୍କରେ ତେଲ ପ୍ରଚୁର ମାତ୍ରାରେ ଅଛି। ଝାରସୁଗୁଡ଼ା ପରିବର୍ତ୍ତେ ପାରାଦୀପରୁ ତେଲ ଆସୁଥିବାରୁ ସାମନ୍ୟ ବିଳମ୍ବ ହେଉଛି, କିନ୍ତୁ ଆଜି ରାତି ସୁଦ୍ଧା କିଛି ଗାଡି ଆସି ପହଞ୍ଚିବା ସହ ଆସନ୍ତା କାଲି ଅନେକ ପେଟ୍ରୋଲ ଗାଡ଼ି ଆସି ପହଞ୍ଚିବ। ଗ୍ରାହକମାନେ ବ୍ୟତିବ୍ୟସ୍ତ ନହୋଇ ଗାଡ଼ିରେ ଯେତିକି ଆବଶ୍ୟକ ସେତିକି ତେଲ ପକାନ୍ତୁ। ପ୍ଲାଷ୍ଟିକ ଡ୍ରମ୍ ଏବଂ ଜାରରେ ତେଲ ନଦେବାକୁ କହିଛନ୍ତି। ତେବେ ସତ୍ୟମ ଫିଲିଙ୍ଗ ଷ୍ଟେସନରେ ଆଜି ରାତି ସୁଦ୍ଧା ଗୋଟିଏ ପେଟ୍ରୋଲ ଗାଡ଼ି ପହଞ୍ଚିବ, କିନ୍ତୁ ଅମରେଶ ଫିଲିଙ୍ଗ ଷ୍ଟେସନରେ ସୋମବାର ଓ ମଙ୍ଗଳବାର ଦିନ ଠାରୁ ବଙ୍କରେ ପେଟ୍ରୋଲ ଉପଲବ୍ଧ ହୋଇପାରିବ ବୋଲି ପେଟ୍ରୋଲ ବଙ୍କର କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ତେବେ କିଛି ଅସାଧୁ ବ୍ୟବସାୟୀ ପ୍ଲାଷ୍ଟିକ କଣ୍ଟେନରରେ ପେଟ୍ରୋଲ ନେଇ କଳା ବଜାରୀ କରିବାର ସୂଚନା ମିଳୁଛି। ଏଥିପ୍ରତି ଜିଲ୍ଲା ଯୋଗାଣ ଅଧିକାରୀ ଏନେଇ ତିକ୍ଷ୍ଣ ଦୃଷ୍ଟି ଦେବା ଆବଶ୍ୟକ ରହିଛି ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

ରାଜ୍ୟ ଛାତ୍ରୀ ସଂସଦରେ ରାୟଗଡା ଛାତ୍ରୀଙ୍କ ଅଂଶଗ୍ରହଣ



ଗୁଣୁପୁର,୭।୩(ସମିସ): ବିଶ୍ୱ ମହିଳା ଦିବସକୁ ଦୃଷ୍ଟିରେ ରଖି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡ଼ିଶା ଏବଂ ବିକାଶାର୍ଥେ ବିଦ୍ୟାର୍ଥୀ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଛାତ୍ରୀ ସଂସଦ କାର୍ଯ୍ୟକ୍ରମ ଭୁବନେଶ୍ୱର ଓଡିଶା ବିଧାନସଭା ପରିସରରେ ଗତକାଲି ଠାରୁ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୯ ମାର୍ଚ୍ଚ ଯାଏଁ ଚାଲିବ। ଗତକାଲି ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ ସମ୍ପାଦକ ସୁଶ୍ରୀ କ୍ଷମା ଶର୍ମା ଉପସ୍ଥିତ ରହି ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡା ଜିଲ୍ଲାରୁ ମଧ ଛାତ୍ରୀ କାର୍ଯ୍ୟକର୍ତ୍ତାମାନେ ଅଂଶଗ୍ରହଣ କରି ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଛନ୍ତି। ଏବିଭିପି ଗୁଣୁପୁର ନଗର ୟୁନିଟ୍ ପକ୍ଷରୁ ଡ଼ା. ବି.ଆର୍. ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଗାର୍ଗିନିସ୍ମି ଶବର ଓ ଶ୍ରୀୟା ଶବର, ଏବିଭିପି ରାୟଗଡା ନଗର ୟୁନିଟ୍ ପକ୍ଷରୁ ଛାତ୍ରୀ ଡି. ଚରନ୍ନୟୀ ଏବଂ ଚାନ୍ଦିନୀ ସେଠୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ବିକଶିତ ଓଡ଼ିଶା ନିର୍ମାଣରେ ମହିଳା ସହଭାଗିତା, ଛାତ୍ରୀମାନଙ୍କ ସହ ସଂପୃକ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ସାମାଜିକ ସ୍ଥିତି ଓ ସୁରକ୍ଷା ସମ୍ପର୍କିତ ପ୍ରମୁଖ ସମସ୍ୟାର ଆଲୋଚନା ସହ ଛାତ୍ରୀମାନଙ୍କୁ ସଂସଦୀୟ ପ୍ରକ୍ରିୟା, ନେତୃତ୍ୱ ଗୁଣ ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ଏହି ଅବସରରେ ରାୟଗଡା ଜିଲ୍ଲାରୁ ଯୋଗଦେଇଥିବା ଛାତ୍ରୀମାନଙ୍କୁ ଏବିଭିପି ଗୁଣୁପୁର ନଗର ଓ ରାୟଗଡା ଜିଲ୍ଲା ପକ୍ଷରୁ ସମସ୍ତ ସଂଗଠନ ପଦାଧିକାରୀ, ପ୍ରବାସୀ କାର୍ଯ୍ୟକର୍ତ୍ତା, ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ମହାବିଦ୍ୟାଳୟର ଅଧାପକ ଅଧାପିକାମାନେ ଅଭିନନ୍ଦନ ଜଣାଇଛନ୍ତି।

ଆଜି ଅନ୍ତର୍ଜାତୀୟ ମହିଳା ଦିବସ

ମହିଳାଙ୍କ ପାଇଁ ପ୍ରେରଣା ସାଜିଛନ୍ତି ସମାରି



➤ ପନିପରିବା ଓ ଫୁଲ ଚାଷ ଦେଇଛି ନୂଆ ପରିଚୟ
➤ ହାତେଇଛନ୍ତି ଲକ୍ଷପତି ଦିଦି ପୁରସ୍କାର

ଜୟପୁର,୭ ।୩(ସମିସ): କିଛି ନୂଆ କରିବାର ଇଚ୍ଛା ଓ କଠିନ ପରିଶ୍ରମ କରିବାର ଦୃଢ଼ ସଂକଳ୍ପ ମଣିଷକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ । ଏହାକୁ ବାସ୍ତବରେ ପ୍ରମାଣିତ କରି ଦେଖାଇଛନ୍ତି କୋରାପୁଟ ଜିଲ୍ଲା ଜୟପୁର ବ୍ଲକ୍ କଙ୍ଗା ପଞ୍ଚାୟତର ସାନ ଧୋତ୍ରୀଗୁଡ଼ା ଗ୍ରାମର ଆଦିବାସୀ ମହିଳା ସମାରି ଗାଦବା । ସେ ପନିପରିବା ଓ ଫୁଲ ଚାଷ କରି ନିଜକୁ ଜଣେ ସଫଳ ଚାଷୀ ଭାବେ ସମାଜରେ ପରିଗଣିତ କରାଇବା ସହ ଅନ୍ୟ ମହିଳାଙ୍କ ପାଇଁ ସେ ଆଜି ପ୍ରେରଣା ପାଲଟିଛନ୍ତି । ଏଥିପାଇଁ ସେ ଗତ ଅଗଷ୍ଟମାସରେ ରାଜ୍ୟ ସରକାରଙ୍କଠାରୁ ଲକ୍ଷପତି ଦିଦି ପୁରସ୍କାର ହାସଲ କରିଛନ୍ତି । ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମାରିଙ୍କ ସଫଳତାର କାହାଣୀ ଅନ୍ୟ ମହିଳାଙ୍କୁ ଆତ୍ମନିର୍ଭର ହେବାକୁ ପ୍ରେରଣା ଯୋଗାଇଛି ।

କୋରାପୁଟ ଜିଲ୍ଲା ଜୟପୁର ବ୍ଲକ୍ କଙ୍ଗା ପଞ୍ଚାୟତର ସାନ ଧୋତ୍ରୀଗୁଡ଼ା ଗ୍ରାମର ଆଦିବାସୀ ମହିଳା ସମାରି ଗାଦବାଙ୍କ ପରିବାରରେ ସେ, ତାଙ୍କ ସ୍ୱାମୀ ଓ ତାଙ୍କ ତିନି ଝିଅ ଓ ଗୋଟିଏ ପୁଅ ରହିଛନ୍ତି । ତାଙ୍କର କୌଣସି ଧନ ସମ୍ପତ୍ତି ନାହିଁ । ତଥାପି କଷ୍ଟପଡି ଆଗାକୁ ବଢିବାକୁ ସମାରି ସ୍ୱପ୍ନ ଦେଖିଥିଲେ । ଆଦିବାସୀ ପରମ୍ପରା ଅନୁଯାୟୀ ନିଜର ପୈତୃକ ସମ୍ପତ୍ତି ଭାବେ ତାଙ୍କୁ ଅଧ ଏକର ପରିମିତ ଚାଷ ଜମି ମିଳିଥିଲା । ଯେଉଁଠାରେ ସେ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ବିଭିନ୍ନ ପନିପରିବା ଯଥା- ପୋଟଳ, କୁନ୍ଦୁରୁ, ବାଇଗଣ, ଫୁଲ କୋବି, ଶିମ୍ବ, ଝଟା ମଞ୍ଜି, ପିଆଜ ଚାଷ କରି ଅମଳ ହୋଇଥିବା ଫସଲକୁ ପରିବାର ପାଇଁ ଆବଶ୍ୟକ ଅନୁଯାୟୀ ଗଚ୍ଛିତ କରି ଅବଶିଷ୍ଟ ଫସଲକୁ ବିଭିନ୍ନ ହାଟରେ ସ୍ୱାମୀ ସ୍ତ୍ରୀ ବିକ୍ରି କରି ନିଜ ପରିବାର ଚଳାଉଥିଲେ । ସ୍ୱାମୀ ଅନ୍ୟସମୟରେ ଭାଗଚାଷୀ ଭାବେ ଅନ୍ୟ ଜମିରେ କାର୍ଯ୍ୟ କରୁଥିବା ବେଳେ ସମାରୀ ମଧ ଫସଲ ଅମଳ ସହ ଗାଁରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ଭରଣ ପୋଷଣ କରୁଥିଲେ । ପରେ ସମାରି ଆଗକୁ ବଢିବା ଓ ନିଜେ ସ୍ୱାବଲମ୍ବୀ ହେବାକୁ ରଖିଥିବା ଲକ୍ଷ୍ୟ ଓ ସ୍ୱପ୍ନକୁ ପୁରଣ କରିବାକୁ ୨୦୧୮ ଅକ୍ଟୋବର ୧୭ ରେ ଗାଁର ୧୦ଜଣ ମହିଳାଙ୍କୁ ନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିଲେ । ଯାହାର ନାଁ ରଖିଥିଲେ ଗଙ୍ଗାମ୍ମା ମହିଳ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) । ଏହି ଏସଏଚଜିର ସଭାପତି ଦାୟିତ୍ୱ ନିଜେ ସମାରି ଗାଦବା ନେଇଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାର ସେ ସମୟରେ ମହିଳା ସଶକ୍ତୀକରଣକୁ ଯେଉଁଭଳି ଭାବେ ଅଗ୍ରାଧିକାର ଦେଉଥିଲେ, ତାହାର ସଫଳ ରୂପାୟନ କରିବାରେ ଆଦିବାସୀ ମହିଳା ସମାରି ନିଜ ଅଞ୍ଚଳରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଏବଂ ସହାୟତା ତାଙ୍କୁ ଭରପୁର ଶକ୍ତି ଦେଇଥିଲା । ପ୍ରଥମେ ଗତ ୨୦୨୧ ମସିହାରେ ସରକାରଙ୍କ ସହାୟତାରେ ୧ ଲକ୍ଷ ୨୦ହଜାର ଟଙ୍କା ଋଣ ମିଳିଥିଲା । ଏହାକୁ ତାଙ୍କ ଏସଏଚଜି ସଦସ୍ୟଙ୍କ ଭାଗ ଜଣକ ପିଛା ୧୨ ହଜାର ଟଙ୍କା ପଡ଼ିଲା । ଉକ୍ତ ୧୨ ହଜାର ଟଙ୍କା ନେଇ ମହିଳା ସମାରୀ ତାଙ୍କ ଅଧ ଏକରରେ ଜମିରେ ବିଭିନ୍ନ ପ୍ରକାର ପନିପରିବା ଚାଷ ଆରମ୍ଭ କରିଥିଲେ । ଋଣ ଟଙ୍କା ଠିକ ସମୟରେ ପରିଶୋଧ ପରେ ଗତ ୨୦୨୨-୨୩ ମସିହାରେ ୩ ଲକ୍ଷ ଟଙ୍କା ପୁଣି ଋଣ ଆକାରରେ ପାଇଥିଲେ । ୨୦୨୩-୨୪ ମସିହାରେ ୫ ଲକ୍ଷ ଟଙ୍କା ପାଇବା ପରେ ନିଜର ଚାଷ କାର୍ଯ୍ୟ ଏବଂ ଜୀବନ ଜୀବିକା ଆଗକୁ ବଢାଇବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ଏପରିକି ବର୍ଷା ଦିନରେ ନିଜ ଘର ଛାତ ଉପରେ ବିଭିନ୍ନ ପ୍ରକାର ଫୁଲ ଚାଷ ଭାବେ ଗେଣ୍ଡୁ, ଗୋଲାପ, ସେବତୀ, ଡାଲିଆ ଭଳି ଫୁଲ ଅମଳ କରିଥିଲେ । ଉଭୟ ପନିପରିବା ଓ ଫୁଲ ଚାଷରେ ଭଲ ପଇସା ରୋଜଗାର କରିଛନ୍ତି ସାମାରୀ । ଅମଳ ପନିପରିବା ଓ ଫୁଲକୁ ନିକଟସ୍ଥ ବୋବେୟା, କଙ୍ଗା ଓ ରାଣିଗଡ ହାଟକୁ ନେଇ ବିକ୍ରି କରିଥିଲେ । ଉତ୍ପାଦିତ ପନିପରିବାକୁ ଜୟପୁର ବ୍ଲକ ସମେତ କୋଟପାଡ ଓ ବୋରିଗୁମ୍ମା ବ୍ଲକର ବିଭିନ୍ନ ସାପ୍ତାହିକ ହାଟକୁ ନେଇ ବିକ୍ରିବଟା କରିଥିଲେ । ନିଜେ ପାଠ ପଢିବାରୁ ବଞ୍ଚିତ ହୋଇଥିବା ବେଳେ ତାଙ୍କ ତିନି ଝିଅ ଓ ପୁଅ ପାଠ ପଢାଇବାରେ କୌଣସି ଅବହେଳା କରିନଥିଲେ । ନିଜର ପିଲାଛୁଆଙ୍କ ପାଇଁ ଅନେକ ସ୍ୱପ୍ନ ଦେଖିଛନ୍ତି ବୋଲି ମହିଳା ସମାରି କହିଛନ୍ତି । ନିଜର ପରିଶ୍ରମ ଓ ବୁଦ୍ଧିବଳରେ ତାଙ୍କ ଏସଏଚଜି ଦଳରେ ସେ ଏକମାତ୍ର ଲକ୍ଷପତି ଦିଦି ହୋଇଥିବାରୁ ଗତ ୨୦୨୫ ଅଗଷ୍ଟ ୯ ରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଜୟପୁରଠାରେ ଲକ୍ଷପତି ଦିଦିରେ ସମ୍ମାନିତ କରାଯାଇଥିଲା । ପ୍ରୋତ୍ସାହନ ଏବଂ ସମସ୍ତ କ୍ଷେତ୍ରରେ ସହାୟତା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ତଥା ବର୍ତ୍ତମାନ ଓଡିଶା ଜୀବିକା ନିର୍ବାହୀ ଯୋଜନାରେ ଏମବିକେ ସାବିତ୍ରୀ ଗାଦବା ବହୁତ ସହାୟତା କରିଥିବା ନେଇ ସମାରି ପ୍ରକାଶ କରିଛନ୍ତି ।

ମଣ୍ଡି ସମସ୍ୟା ନେଇ ଚାଷୀଙ୍କ ରାସ୍ତା ଅବରୋଧ



କୋରୁକୋଣ୍ଡା,୭ ।୩(ସମିସ): ମାଲକାନଗିରି ଜିଲ୍ଲାରେ ଧାନ ମଣ୍ଡିରେ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଫଳରେ କ୍ରମାଗତ ଭାବେ ଚାଷୀ ଆନ୍ଦୋଳନର ପନ୍ଥା ଆପଣେଇବାକୁ ବାଧ ହୋଇଛି । ଗତକାଲି ଚାଷୀମାନେ କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ଘେରଉ କରିଥିଲେ । ଏହାପରେ ଆଜି ଚାଷୀମାନେ ମଣ୍ଡି ସମସ୍ୟାକୁ ନେଇ ଏମ୍‌ଭି-୧୧ ଠାରେ ରାସ୍ତା ଅବରୋଧ କରିଛନ୍ତି । ରାସ୍ତା ଉପରେ ଧାନ ବସ୍ତା ରଖି ଚାଷୀ ଏହି ଆନ୍ଦୋଳନ କରିଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରୁଥିବା ଦେଖିବାକୁ ମିଳିଛି । ଚାଷୀଙ୍କ ରାସ୍ତା ଅବରୋଧ ଯୋଗୁଁ ମାଲକାନଗିରି ସଦରରୁ କୋରୁକୋଣ୍ଡା, ବାଲିମେଳା ଓ ଚିତ୍ରକୋଣ୍ଡାକୁ ଯାତାୟାତ ବ୍ୟାହତ ହୋଇଛି । ଚାଷୀଙ୍କ ମୁଖ୍ୟ ଦାବି ମଧ୍ୟରେ ମଣ୍ଡିରେ ପଡି ରହିଥିବା ଚାଷୀଙ୍କ ଧାନକୁ ଶୀଘ୍ର କ୍ରୟ କରିବା ଓ ଟାର୍ଗେଟ ବୃଦ୍ଧି କରିବା । ଏମ୍‌ଭି- ୧୧ ନମ୍ବରରେ ଥିବା ମଣ୍ଡିରେ ଅନେକ ଚାଷୀ ଧାନ ବିକିଥିଲେ ହେଁ ବହୁ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି । ଟାର୍ଗେଟ ଶେଷ ହୋଇଥିବା ବେଳେ ୫୦୦ କୁଇଣ୍ଟାଲ ଟାର୍ଗେଟ ପୁଣି ଆସିଥିଲା । କିନ୍ତୁ ଚାଷୀଙ୍କ ବିପୁଳ ଧାନ ଥିବାରୁ ଏହି ଟାର୍ଗେଟକୁ ବୃଦ୍ଧି କରି ୨୦୦୦ କୁଇଣ୍ଟାଲ ପାଇଁ ଚାଷୀ ଦାବି କରି ଆଜି ଏହି ଆନ୍ଦୋଳନ କରିଥିଲେ । ଶେଷରେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗାରାଜ ବେହେରା ଓ ଅନ୍ୟ ଅଧିକାରୀ, ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା ଓ ଟାର୍ଗେଟ ବୃଦ୍ଧି କରିବା ପରେ ଏହି ଆନ୍ଦୋଳନ ହଟିଥିଲା ।

ଦଣ୍ଡାମୁଣ୍ଡା ଜଗନ୍ନାଥ ମନ୍ଦିରର ନୂତନ କର୍ମକର୍ତ୍ତା ଚୟନ



ଚନ୍ଦାହାଣ୍ଡି,୭ ।୩(ସମିସ): ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଣ୍ଡାମୁଣ୍ଡା ଶ୍ରୀ ଜଗନ୍ନାଥ ମନ୍ଦିରର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଆଜି ମନ୍ଦିର ପରିସରରେ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମନ୍ଦିରର ଦୈନନ୍ଦିନ ନୀତିକାନ୍ତି ସହିତ ମନ୍ଦିରରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପର୍ବପର୍ବାଣି ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଏହାସହ ମନ୍ଦିର ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ଭାବେ ସଭାପତି ପ୍ରକାଶ ଚନ୍ଦ୍ର ମାଝୀ, ସମ୍ପାଦକ ବଳରାମ ପଟ୍ଟନାୟକ, ସହ ସମ୍ପାଦକ ଶିଶିର କୁମାର ମାଝୀ, କୋଷାଧକ୍ଷ ସଂଗ୍ରାମ କେଶରୀ ସାହୁଙ୍କୁ ମନୋନୀତ କରାଯାଇଥିଲା । ବୈଠକରେ ନରେନ୍ଦ୍ର ମାଝୀ, ସିମାଞ୍ଚଳ ଗଣ୍ଡା, ମାନସ ବାଘ, ଗୋବର୍ଦ୍ଧନ ଡାଙ୍ଗରୀ, ପ୍ରତାପ ଗୌଡ଼,ଧବଳେଶ୍ୱର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସମାବର୍ତ୍ତନ ଉତ୍ସବ



ଟିକିରି,୭ ।୩(ସମିସ): କାଶୀପୁର ବ୍ଲକ୍ ଟିକିରି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚଳିତ ଶିକ୍ଷାବର୍ଷରେ ଦଶମ ବୋର୍ଡ ପରୀକ୍ଷା ଦେଇ ବିଦ୍ୟାଳୟ ଛାଡୁଥିବା ୨୩ ଛାତ୍ରଛାତ୍ରୀଙ୍କ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ପୁଷ୍ପକେତୁ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସଭାପତି ସରୋଜିନୀ ନନ୍ଦ, ଉପ ସଭାପତି ନିରଞ୍ଜନ ନାୟକ, ଯୁଗ୍ମସମ୍ପାଦକ ସୁଜିତ କୁମାର ନାୟକ, ସଦସ୍ୟ ମହେନ୍ଦ୍ର କୁମାର ସ୍ୱାଇଁ, ସଦସ୍ୟା କୁମାରୀ ପିଡ଼ିକା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଦଶମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୁଷ ସାମଲ, କଳ୍ପନା ନାଏକ, ଗିରିଶ କୁମାର ବେହେରା, ଗୌରୀ ଦିଶାରୀ, ଚିନ୍ମୟୀ ପରିଡ଼ା, ଦିବ୍ୟଜ୍ୟୋତି ସାହୁ, ଦେବାଶିଷ ସ୍ୱାଇଁ, ନିରୂପମା ନାଏକ, ନିଲମ ସାହୁ, ପାୟଲ ରାଣୀ ବିଶ୍ୱାଳ, ପ୍ରୀତି ପୂଜାରୀ, ମନୋଲିସା ପୂଜାରୀ, ସୁମନ ସାହୁ, ରିତେଶ ରାଉତ, ଶୁଭମ ନାୟକ, ଶୁଭଶ୍ରୀ ଦାଶ, ଶୁଭଶ୍ରୀ ବଲ୍ଲଭାଇ, ସାଗରିକା ବେହେରା, ସିଦ୍ଧାନ୍ତ ଚୌଧୁରୀ, ସିଦ୍ଧତୋପା ନାୟକ, ସୋନାଲି ବେହେରା, ସୌରଭ ସାହୁ, ହଂସୀକା କଂସରାଳି, ଲିପି ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସମସ୍ତ ଗୁରୁମା, ଗୁରୁଜୀ ପରିଚାଳନା କରିଥିଲେ ।

ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁନାବେଡ଼ା,୭ ।୩(ସମିସ): ସୁନାବେଡ଼ା ସ୍ଥିତ ପିଏମଶ୍ରୀ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ସ୍ନେହ ପ୍ରଭା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାକୁ ପ୍ରଥମ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାନିରିକ୍ଷକ କୋରାପୁଟ ଅଜୟ ମିଶ୍ର ଯୋଗଦେଇ ପାଠ ପଢ଼ା ସହିତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନ ଦେବାକୁ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ସେମିଳିଗୁଡ଼ା ଡ଼ବ୍ଲ୍ୟୁଇଓ ହରପ୍ରସାଦ ଦାସ, ସୁବାଇ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବବିତା ରାଣୀ ନାୟକ, ମିଗ୍-୩ ର ସିଆରସିସି ରତ୍ନପର୍ଣ୍ଣା ଦାସ, ବିଦ୍ୟାଳୟର ସଭାପତି ମାମି ପ୍ରଧାନ, ସେମିଳିଗୁଡା ପ୍ରେସ କ୍ଲବ ସଭାପତି ଡଃ ଅଜୟ କୁମାର ସାହୁ, ସମାଜସେବୀ ଭାନୁ ହନ୍ତାଳ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଚଳିତ ବର୍ଷ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ଓ ଛାତ୍ରୀ ଭାବେ ରାହୁଲ ହୁଇକା ଓ ମହେଶ୍ୱରୀ ହନ୍ତାଳ, ବିଦ୍ୟାଳୟ ଦଶମ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଡମ୍ବରୁ ଜାନୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶିକ୍ଷକ ପ୍ରଭାତ ପଣ୍ଡୁ ସାହୁ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ରୂପାମ୍ବିକା ରାଉତ ରାୟ, ବନ୍ଦିତା ପ୍ରିୟଦର୍ଶିନୀ ନାୟକ, ଶିଲ୍ପା ନାୟକ, ଅନିତା ସ୍ୱାଇଁ, ପ୍ରିୟତମା ଖାଡଙ୍ଗା, କରନ କୁମାର ବରାଡ, ଗୋବିନ୍ଦ ଚନ୍ଦ୍ର ଦାସ, ଭକ୍ତବନ୍ଧୁ ସାହୁ, ସଂଗ୍ରାମ କେଶରୀ ରାଉତ, ଗୀତାଞ୍ଜଳି ଭଟ୍ଟ, ସନ୍ଧ୍ୟା ରାଣୀ ପାଢୀ, ରଶ୍ମି ରଂଜନ ପରିଡ଼ା, ସାଗରିକା ନାହାକ, ପ୍ରତାପ କୁମାର ମହାନ୍ତି, ଲକ୍ଷ୍ମୀ ପ୍ରିୟା ଦାସ, ଚିନ୍ମୟୀ ବେହେରା, ପୁରାତନ ଛାତ୍ର ସଂଘ ସମ୍ପାଦକ ଏ. ସୁନୀଲ କୁମାର ସହଯୋଗ କରିଥିଲେ । ଶିକ୍ଷକ ଅଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।



ନିର୍ମାଣକୁ ବିତିଲାଣି ୨ ବର୍ଷ; ହସ୍ତାନ୍ତର ହେଉନି ଅଙ୍ଗନବାଡି କେନ୍ଦ୍ର

କଲ୍ୟାଣସିଂହପୁର,୭ ।୩(ସମିସ): ନିର୍ମାଣ କାର୍ଯ୍ୟ ସରି ୨ ବର୍ଷ ବିତିଲାଣି । ତଥାପି ହସ୍ତାନ୍ତର ହୋଇ ପାରୁନି ଅଙ୍ଗନବାଡି କେନ୍ଦ୍ର ଗୃହ । ଏପରି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରି ପଞ୍ଚାୟତର ନାରିଙ୍ଗିତୋଳା ଗାଁରେ । ଏହି କେନ୍ଦ୍ର ଉପରେ ନିୟମଗିରି ପାହାଡ଼ରେ ଥିବା ତେନ୍ତୁଳିପଦର ଓ ନାରିଙ୍ଗିତୋଳାର ଶିଶୁ, ଗର୍ଭବତୀ ଓ କିଶୋରୀବାଳିକାମାନେ ନିର୍ଭର କରନ୍ତି । ଏହି କେନ୍ଦ୍ର ନିର୍ମାଣ ହୋଇ ଭାଙ୍ଗିବାକୁ ବସିଲାଣି; କିନ୍ତୁ କେଉଁ କାରଣରୁ ଆଜି ପର୍ଯ୍ୟନ୍ତ ହସ୍ତାନ୍ତର ହେଉ ନାହିଁ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି । କେନ୍ଦ୍ରରେ ଶିଶୁଙ୍କ ପ୍ରାକ୍‌ଶିକ୍ଷା, ବିଭିନ୍ନ ଖେଳକୁଦ, ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ, ଶିଶୁଙ୍କୁ ଓଜନ କରିବା ସହ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିୟମ ରହିଛି । ଉକ୍ତ କେନ୍ଦ୍ରଟି କେତେବେଳେ କାହା ବାରଣ୍ଡାରେ ଖୋଲା ଯାଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ନାରିଙ୍ଗିତୋଳାରେ ଏହି କୋଠା ତିଆରି କରାଯାଇଥିଲା । ତାହା ନିର୍ମାଣ କରିବା ପରେ ହସ୍ତାନ୍ତର ଓ କାର୍ଯ୍ୟକ୍ଷମ ନ ହେବାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ ସମ୍ପର୍କରେ ଆଇସିଡିଏସ୍ ସୁପରଭାଇଜର ଜ୍ୟୋସ୍ନା ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗଯୋଗ ସମ୍ଭବ ହୋଇପାରି ନଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ ।



ଶରତଜି ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାଲକାନଗିରି, ୭ ।୩(ସମିସ): ମାଲକାନଗିରି ଜିଲ୍ଲା ସଦରରେ ଥିବା ଶରତଜି ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଉପସ୍ଥିତ ହୋଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଅଧାପକ ଡାକ୍ତର ରଞ୍ଜନ କୁମାର ସ୍ୱାଇଁ, ରବି କୁମାର ମିଶ୍ର, କାର୍ତିକ ଚନ୍ଦ୍ର ବେହେରା, ବିଦ୍ୟାଳୟର ସଭାପତି ସୁବ୍ରତ କୁମାର ଚୌଧୁରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷ୍ୟୟତ୍ରୀ ପ୍ରଶାନ୍ତି ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ବାର୍ଷିକ ଉତ୍ସବ ପାଇଁ ବିଦ୍ୟାଳୟରେ ପୂର୍ବରୁ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ । ଏଣୁ ଶିକ୍ଷା ସହ ସାଧାରଣ ଜ୍ଞାନ, କଳା, କ୍ରିଡ଼ା ଆଦି କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିବା ପାଇଁ ବାର୍ଷିକ ଉତ୍ସବ ଏକ ସୁଯୋଗ ଦେଇଥାଏ । ସମସ୍ତ ଛାତ୍ରଛାତ୍ରୀମାନେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିର୍ଦ୍ଦେଶକୁ ଅନୁସରଣ କରି ଉତ୍ତମ ନାଗରିକ ଭାବେ ନିଜକୁ ଗଢି ତୋଳିବା ପାଇଁ ଉପସ୍ଥିତ ଅତିଥିମାନେ ଉପଦେଶ ଦେଇଥିଲେ । ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା ।



ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ କର୍ମଶାଳା



ମାଲକାନଗିରି, ୭ ।୩(ସମିସ): ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ- ୨୦୦୫' ଉପରିସ୍ଥ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲାସ୍ତରୀୟ କର୍ମଶାଳା ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । କର୍ମଶାଳାରେ ରିସୋର୍ସ ପର୍ସନ ଭାବେ ଅଶୋକ ପଟ୍ଟନାୟକ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଉପଜିଲ୍ଲାପାଳ ଶ୍ରୀ ଭୋଇ ଆରଟିଆଇ ମାଧ୍ୟମରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି ହେବା ସହ ନାଗରିକମାନେ ସରକାରୀ ଯୋଜନା ବିଷୟରେ ସିଧାସଳଖ ତଥ୍ୟ ପାଇପାରିବେ । ଏହି ଆଇନ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିଥାଏ । ବିଶେଷ କରି 'ସେକ୍ସନ ୪' ଅନୁଯାୟୀ ସ୍ୱତଃପ୍ରବୃତ୍ତ ସୂଚନା ପ୍ରଦାନ ଉପରେ ଗୁରୁତ୍ୱ ଦେଲେ ନାଗରିକଙ୍କ ବିଶ୍ୱାସ ବୃଦ୍ଧି ପାଇବା ସହ ଆବେଦନ ସଂଖ୍ୟା ମଧ୍ୟ ହ୍ରାସ ପାଇବ । ଏହାକୁ ଏକ ବୋଝ ନଭାବି ସେବା ପ୍ରଦାନର ଏକ ଅବିଚ୍ଛିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କର୍ମଶାଳାରେ ସମସ୍ତ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ, ସହକାରୀ ଜନ ସୂଚନା ଅଧିକାରୀ, ଡେପୁଟି କଲେକ୍ଟର ଏବଂ ବିଭିନ୍ନ ବିଭାଗର ପଦାଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଏହି କର୍ମଶାଳାରେ ଶ୍ରୀ ପଟ୍ଟନାୟକ ସୂଚନା ଅଧିକାର ଆଇନରେ ଦରଖାସ୍ତ ଗ୍ରହଣର ସମସ୍ତ ପ୍ରକ୍ରିୟା ସମ୍ପାଦାନ କୌଶଳ, କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ନିମିତ୍ତ ଆବଶ୍ୟକ ରେଜିଷ୍ଟର ଲିପିବଦ୍ଧ କରିବା ଆଦି ବିଷୟରେ ବିଶଦ ଆଲୋଚନା କରିଥିଲେ । ଏଥିସହ ଅଧିବେଶନରେ ଅଧିକାରୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସୂଚନା ଅଧିକାର ଆଇନ ଉପରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା । ପରିଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିବାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ହରେକୃଷ୍ଣ କିର୍ତ୍ତନିଆ ଏବଂ ରଞ୍ଜନ ମହାନ୍ତି ସହଯୋଗ କରିଥିଲେ ।

ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ

'ଶିକ୍ଷା ବିକାଶର ଚାବିକାଠି'



ରାୟଗଡା,୭ ।୩(ସମିସ): ରାୟଗଡା ଜିଲ୍ଲାସ୍ତରୀୟ ପିଏମଶ୍ରୀ ମେଳା ସହ ଆଭାସୀ ସଂସଦ କାର୍ଯ୍ୟକ୍ରମ ଦୁଇଦିନ ଧରି ଜିସିଡି ଉଚ୍ଚ ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଦ୍ୱିତୀୟ ଦିନର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷା ବିକାଶର ଚାବିକାଠି ବୋଲି କହିବା ସହ ଶିକ୍ଷାର ବିକାଶ ପାଇଁ ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ସରକାର ମୋଟ ୨୬ ଗୋଟି ଉଚ୍ଚ ବିଦ୍ୟାଳୟକୁ ପିଏମଶ୍ରୀ ଘୋଷଣା କରିଛନ୍ତି । ଏଠାରେ ପିଲାଙ୍କୁ ସ୍ମାର୍ଟ ଶ୍ରେଣୀଗୃହ, ଡିଜିଟାଲ ଶିକ୍ଷା ସହ ଏକବିଂଶ ଶତାବ୍ଦୀ ଉପଯୋଗୀ କୌଶଳ ଶିକ୍ଷା ପ୍ରଦାନ କରାଯାଉଛି । ଜାତୀୟ ଶିକ୍ଷାନୀତି ଆଧାରରେ ବିଦ୍ୟାଳୟ ଗୁଡିକର ବିକାଶ କରିବା ସହ ନୂତନ ଶିକ୍ଷକ ପଦବୀ ପୂରଣ, ଓଡ଼ିଆ ଭାଷାର ଅସ୍ମିତା ରକ୍ଷା ସହ ଆଞ୍ଚଳିକ ଭାଷାରେ ଶିକ୍ଷାଦାନର ବ୍ୟବସ୍ଥା, ଅଧାରୁ ପାଠ ଛାଡିଥିବା ଶିଶୁଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା, ବୟସ୍କଙ୍କ ପାଇଁ ମୁକ୍ତ ବିଦ୍ୟାଳୟ ଶିକ୍ଷାଦାନର ବ୍ୟବସ୍ଥା, ମାଧୋସିଂ ହାତ ଖର୍ଚ୍ଚ ଯୋଜନା, ଉଚ୍ଚ ବିଦ୍ୟାଳୟର ଶିଶୁଙ୍କୁ ପୋଷଣ ଯୋଜନାରେ ସାମିଲ କରିବା ଆଦି ସରକାରଙ୍କ ପଦକ୍ଷେପମାନ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିଛନ୍ତି । ମନ୍ତ୍ରୀ ଛାୟା ସଂସଦ କାର୍ଯ୍ୟକ୍ରମରେ ଯୋଗଦେଇ ଆଦର୍ଶ ସଂସଦର ଉଦଘାଟନ କରିଥିଲେ । ଶିଶୁଙ୍କ ବିରୋଧୀ ଭୂମିକାରେ ବିକାଶ ସମ୍ପର୍କିତ ପ୍ରଶ୍ନବାଣ ଓ ଆଭାସୀ ବିଭାଗୀୟ ମନ୍ତ୍ରୀଙ୍କ ପ୍ରତିଉତ୍ତରରେ ଆଭାସୀ ସଂସଦର ପରିସର ଅଧିକ ରୋମାଞ୍ଚକର ତଥା ହୃଦୟସ୍ପର୍ଶୀ ହୋଇଥିଲା । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଏଡିଇଓ ଶାନ୍ତିଲତା ମୁନି ଉପସ୍ଥିତ ଥିଲେ । ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ କ୍ଷେତ୍ରରେ ପ୍ରଥମ ତିନିଜଣ କୃତି ଶିଶୁଙ୍କୁ ପୁରସ୍କୃତ କରିଥିଲେ । ଉତ୍ତମ ପ୍ରଦର୍ଶନକାରୀ ଶିଶୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ କହିଛନ୍ତି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନ ଲାଲ ମାଝୀ, ଶାନ୍ତିଲତା ମୁନି ଓ ସସ୍ମିତା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସହ ନମିତା ପଧାନ, ସୁନୀତା ଭୁଏ, ଶିକ୍ଷକ ନୀଳାଞ୍ଚଳ ମିଶ୍ର, ସସ୍ମିତା ମିଶ୍ର, ସୁରେଶ ପଟ୍ଟନାୟକ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ, ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ଜିଲ୍ଲା ସମଗ୍ର ଶିକ୍ଷାର କର୍ମକର୍ତ୍ତା ବୃନ୍ଦ, ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

ସକାଳ
THE SAKALA

କୋଶଳାବାସୀଙ୍କ ବିରୋଧ ଯୋଗୁଁ ଫେରିଲା କୋଇଲା ଟ୍ରକ

ଛେଣ୍ଡିପଦା, ୭ ।୩(ସମିସ)



ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥରେ କୋଶଳା ଗ୍ରାମ ଦେଇ ସିଂଘେରାଣୀ (ନୟନୀ) କୋଇଲାଖଣିର ଟ୍ରକ୍ ଯୋଗେ କୋଇଲା ପରିବହନକୁ ଗ୍ରାମବାସୀ ତୀବ୍ର ବିରୋଧ କରିଆସୁଛନ୍ତି। ଏହାକୁ ରୋକିବା ପାଇଁ ଗ୍ରାମବାସୀ ସାରା ରାତି ଉଜାଗର ରହୁଛନ୍ତି। ଶୁକ୍ରବାର ରାତିରେ କୋଇଲା ପରିବହନ ବେଳେ ଗ୍ରାମବାସୀ ଦୃଢ଼ ବିରୋଧ କରିଥିଲେ। ଫଳରେ କୋଇଲା ଟ୍ରକଗୁଡ଼ିକ ରାଜ୍ୟ ରାଜପଥରେ ଯାଇ ନ ପାରି ଫେରି ଯାଇଥିବା ଦେଖିବାକୁ ମିଳିଛି।

ନୟନୀ କୋଇଲା ଖଣିରୁ କୋଇଲା ଉତ୍ତୋଳନ କରାଯାଇ ହଜାର ହଜାର ଟନ କୋଇଲା ଗଚ୍ଛିତ ରହିଛି। ଏହି କୋଇଲା ପରିବହନକୁ ନେଇ ଦୀର୍ଘ ଦିନ ହେବ ଗ୍ରାମବାସୀ କୋଇଲା ଟ୍ରକ ଯାତାୟତ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯାଇ କୋଇଲା ପରିବହନ ପାଇଁ ମସୁଧା କରାଯାଉଛି। ଏନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେବା ସହିତ ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ନଡ଼ିଆ ଛୁଇଁ ଗ୍ରାମ ମଧ୍ୟ ଦେଇ ଯାଇଥିବା ରାସ୍ତାରେ କୋଇଲା ପରିବହନ କରାଇ ନଦେବା ପାଇଁ ଶପଥ କରିଥିଲେ ଏବଂ ସାରା ରାତି ଉଜାଗର ହୋଇ ରାଜ୍ୟ ରାଜପଥରେ କୋଇଲା ଟ୍ରକ ଚଳାଚଳ କରାଇ ନଦେବା ପାଇଁ ଜଗି ରହିଥିଲେ। ଗତ ରାତିରେ ନୟନୀ କୋଇଲା ଖଣିରୁ ପ୍ରାୟ ୩୮ଟି କୋଇଲା ଟ୍ରକ ଲୋଡ଼ ହୋଇ ଅନୁଗୋଳ ଅଭିମୁଖେ ବାହାରିଥିବା ବେଳେ ରାଜ୍ୟ ରାଜ୍ୟ ରାଜପଥର କୋଶଳା ଚନ୍ଦନ ନଗର ଠାରେ ଲୋକଙ୍କର ପ୍ରବଳ ବିରୋଧ ଦେଖିବାକୁ ମିଳିଥିଲା। ଫଳରେ ଟ୍ରକଗୁଡ଼ିକ ଯାଇ ନପାରି ପୁଣି ଫେରିଯାଇଥିଲେ। ଅପରପକ୍ଷେ ନୟନୀ କୋଇଲା ଖଣିରୁ କୋଇଲା ପରିବହନ ହୋଇ ପାରୁନଥିବାରୁ ଏବେ ଚିନ୍ତାରେ ଟ୍ରକ ମାଲିକ ସଙ୍ଘ। ଏହି କୋଇଲା ପରିବହନକୁ ନେଇ ଗାଁ ଗାଁ ରେ ଚାପା ଉତ୍ତେଜନା ଦେଖା ଦେଇଛି। ସବୁ ଗାଁରେ ମଧ୍ୟ ପାଳିକରି ଜଗୁଛନ୍ତି ଲୋକେ। ତେବେ କିପରି ଖଣିରୁ ହେବ କୋଇଲା ପରିବହନ ତାହା ଦେଖିବାକୁ ବାକି ରହିଲା।

ବିଜୁବାବୁଙ୍କୁ ଭାରତରତ୍ନ ପ୍ରଦାନ ଦାବି

ତାଳଚେର, ୭ ।୩(ସମିସ): ତାଳଚେରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଆମ ପ୍ରତିଭା ଆମ ପରିଚୟ ଓ ତାଳଚେର ପୂଜ୍ୟପୂଜା ଅନୁଷ୍ଠାନ ପକ୍ଷରୁ ଦେଉଳବେଡ଼ାସ୍ଥିତ ପୂର୍ବତନ ସାଂସଦ ମହେଶ ସାହୁଙ୍କ କାର୍ଯ୍ୟାଳୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଛି। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ମହେଶ ସାହୁ ଯୋଗଦେଇ ସ୍ୱର୍ଗତ ବିଜୁବାବୁଙ୍କ ପ୍ରତମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନୁଷ୍ଠାନର ସଦସ୍ୟମାନେ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ନୂତନ ସରକାର ବିଜୁବାବୁଙ୍କ ଜନ୍ମତିଥିରେ ପଞ୍ଚାୟତିରାଜ ଦିବସ ପାଳନ ନ କରିବା ନିଷ୍ପତ୍ତି ଏକ ହୀନ ରାଜନୀତି ବୋଲି କହିବା ସହ ଅନୁଷ୍ଠାନ ପକ୍ଷରୁ ଏହାକୁ ନିନ୍ଦା କରାଯାଇଥିଲା। ସାରା ଦେଶ ତଥା ବିଶ୍ୱରେ ବିଜୁବାବୁଙ୍କ ସୁନାମ ଓ ମହାନତାର ଗାଥା ରହିଥିବା ବେଳେ ଦେଶରେ ତାଙ୍କୁ ଅଣଦେଖା କରି ଭାରତରତ୍ନରୁ ବଞ୍ଚିତ କରାଯାଉଛି ବୋଲି ଅଭିଯୋଗ କରିବା ସହ କେନ୍ଦ୍ର ସରକାର ଆଲୋଚନା କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସଭାପତି ଆଇନଜୀବୀ ହରେକୃଷ୍ଣ ପାତ୍ର, ସାଧାରଣ ସମ୍ପାଦକ ଇଂ ରମେଶ ବେହେରା, ଗିରିଜା ଶଙ୍କର ମିଶ୍ର, ଜ୍ୟୋତିରଞ୍ଜନ ଦାସ, ସୌଭାଗିନୀ ଦେବୀ, ତପନ ମହାରଣା, ବବୁଲୁ ପ୍ରଧାନ, କୃଷ୍ଣ



ରଥ, ଚିତ୍ତରଞ୍ଜନ ପାଣି, ରଶ୍ମିରଞ୍ଜନ ମିଶ୍ର, ପ୍ରକାଶ ସାହୁ, କୁଶବିହାରୀ ସାମଲ, ଅନୁପମା ପ୍ରଧାନ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ବିଜୁବାବୁଙ୍କ ଉଦ୍ଦେଶ୍ୟରେ କବିୟତ୍ରୀ ଶ୍ରୀମତୀ ପ୍ରଧାନ କବିତା ପାଠ କରିଥିଲେ। ଜିତେନ୍ଦ୍ର ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ନିର୍ମଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଜଳିଗଲା ୮ ବଖରା ଘର

ଅନୁଗୋଳ, ୭ ।୩(ସମିସ): ସଦର ଥାନା ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୮ ବଖରା ଘର ସମେତ ଗୁହାଳ ଜଳିଯାଇଛି। ଗୁହାଳରେ ଥିବା ଏକ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଛି। ଥଅନୁଗୋଳ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଗାଁ ନିକଟ ପଡ଼ିଆରେ ଶୁଖିଲା ଘାସରେ ନିଆଁ ଲାଗିଥିବା ବେଳେ ସେଥିରୁ ଝୁଲ ଉଡ଼ି ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ଅଗ୍ନି ବିପନ୍ନଙ୍କୁ ସହାୟତା



କୁଇଓ, ୭ ।୩(ସମିସ): ବଅଁରପାଳ ବ୍ଲକ ଜାମୁନାଳୀ ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମ ହରିଜନ ସାହିରେ ନିଆଁ ଲାଗି ଜିଜବର ନାଏକ, ସାବିନା ନାଏକ, ତୀର୍ଥବାସୀ ନାଏକଙ୍କ ଘର ସହ ସମସ୍ତ ଆସବାବପତ୍ର ଭସ୍ମୀଭୂତ ହୋଇଥିଲା। ଏହି ଅଗ୍ନିକାଣ୍ଡରେ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଥିଲା। ଖବର ପାଇ କଳମଛୁଇଁ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ଭଗବାନ ସ୍ୱାଇଁ, ଗୌରଚନ୍ଦ୍ର ସାହୁ, ସୁମନ୍ତ ପ୍ରଧାନ, ଶୁଭକାନ୍ତ ସ୍ୱାଇଁ, ସମାଜସେବୀ ବିଜୟ ମାଝୀ, ପ୍ରମୋଦ ଗଡ଼ନାୟକ ବିପନ୍ନଙ୍କ ଘରେ ପହଞ୍ଚି ଲୁଙ୍ଗି, ଗାମୁଛା, ଲୁଗା, ଚାଉଳ, ଡାଲି, ତେଲ, ପନିପରିବା ଆଦି ଯୋଗାଇ ଦେଇଛନ୍ତି।

ଧଉରାପାଲ୍ଲୀ ଦୋଳଯାତ୍ରା ଉଦଯାପିତ

କିଶୋରନଗର, ୭ ।୩(ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ଗ୍ରାମର ଶତବାର୍ଷିକୀ ଦୋଳଯାତ୍ରା ଶେଷ ହୋଇଛି। ଦୋଳପୂର୍ଣ୍ଣିମା ରାତିରେ ରାଧାକୃଷ୍ଣଙ୍କୁ ବିମାନରେ ବସାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ କମିଟିର ସମସ୍ତ କର୍ମକର୍ତ୍ତା, ଗ୍ରାମବାସୀ ଓ ଜନସାଧାରଣ ସାମିଲ ହୋଇଥିଲେ। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।



ଏଚପିଭି ଟିକାକରଣ ଶୁଭାରମ୍ଭ



କିଶୋରନଗର, ୭ ।୩(ସମିସ): କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪ ବର୍ଷ ବାଳିକାଙ୍କୁ ଏଚପିଭି ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏଥିରେ ଡିପିଏଚଓ ମନୋଜ କୁମାର ତ୍ରିପାଠୀ, ବିପିଏଚଓ ଡାୟ ଜେୱା ତ୍ରିପାଠୀ, ବିଡିଏମ୍ ଅଜିତ କୁମାର ପ୍ରଧାନ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ୨୦ ବାଳିକାଙ୍କୁ ଟିକା ଦିଆଯାଇଛି। ଏଥିରେ ମହିଳା ସ୍ୱାସ୍ଥ୍ୟକର୍ମୀ ଦମୟନ୍ତୀ ଆଚାର୍ଯ୍ୟ, ବିଦିଶା ନାୟକ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଶାନ୍ତନୁ କୁମାର ବେହେରା ଓ ନିରଞ୍ଜନ ସାହୁ ସହଯୋଗ କରିଥିଲେ।

ଭାରତ ବିକାଶ ପରିଷଦର ବୁଦ୍ଧିଜୀବୀ ସମ୍ମିଳନୀ

ଅନୁଗୋଳ, ୭ ।୩(ସମିସ): ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଭାରତ ବିକାଶ ପରିଷଦ ଅନୁଗୋଳ ଶାଖା ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଛି। ସଭାପତି ଶାନ୍ତନୁ କୁମାର ସରଙ୍କ ସଭାପତିତ୍ୱରେ 'ସାମ୍ପ୍ରତିକ ପରିସ୍ଥିତିରେ ଆଧ୍ୟାତ୍ମିକତା' ଶୀର୍ଷକ ଏହି ସମ୍ମିଳନୀରେ ମୁଖ୍ୟଅତିଥି ରୂପେ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷାମହାବିଦ୍ୟାଳୟ ଅଧ୍ୟକ୍ଷା ଦ୍ରୌପଦୀ ପଟେଲ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଅମରେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ପରିଷଦର ପୂର୍ବପ୍ରାନ୍ତ ସଭାପତି ସତ୍ୟବାଦୀ ଦାଶ ଓ ସ୍ୱାମୀ ପୂର୍ଣ୍ଣାନନ୍ଦ ମହାରାଜ ଯୋଗଦେଇଥିଲେ। ପ୍ରାରମ୍ଭରେ ସଭାପତି ସର ସ୍ୱାଗତ ଭାଷଣ ଦେଇ ପୃଥିବୀରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଆଧ୍ୟାତ୍ମିକ ମାର୍ଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ପରିଷଦର ସମ୍ପାଦକ ବିଜୟ କୁମାର ମୋଦୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉଲ୍ଲେଖ କରିଥିଲେ। ମୁଖ୍ୟଅତିଥି ପଟେଲ ସୁସ୍ଥ ସମାଜ ପାଇଁ ବ୍ୟକ୍ତି ଚରିତ୍ର ନିର୍ମାଣ ଏବଂ କଥା ନୁହଁ କାର୍ଯ୍ୟରେ ଆଧ୍ୟାତ୍ମିକତା ପ୍ରଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ମିଶ୍ର ଭଗବତ୍ ଗୀତାରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ମାର୍ଗ କିଭଳି ରହିଛି ତାହା ବୁଝାଇଥିଲେ। ପ୍ରମୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଜଗନ୍ନାଥ ଦର୍ଶନରେ ଗଲେ ୧୩୧ ବରିଷ୍ଠ ନାଗରିକ



ଅନୁଗୋଳ, ୭ ।୩(ସମିସ): ଶନିବାର ଅପରାହ୍ନରେ ସ୍ଥାନୀୟ ସଭାଘରଠାରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଜିଲ୍ଲାର ୧୩୧ ବରିଷ୍ଠ ନାଗରିକ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ସରକାରଙ୍କ ଏହି ପ୍ରୟାସର ପ୍ରଶଂସା କରିବା ସହ ତୀର୍ଥଯାତ୍ରୀମାନଙ୍କ ନିରାପଦ ଯାତ୍ରା କାମନା କରିଥିଲେ। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମହାପ୍ରଭୁଙ୍କ ଆଶୀର୍ବାଦ ସମସ୍ତଙ୍କ ଉପରେ ରହୁ ଏବଂ ସମସ୍ତେ ଶାନ୍ତିର ସହ ଦର୍ଶନ ସାରି ଘରକୁ ଫେରନ୍ତୁ ବୋଲି କାମନା କରିଥିଲେ। ୪ ବସ୍‌ରେ ବରିଷ୍ଠ ନାଗରିକଙ୍କ ସହ ଜିଲ୍ଲା ପ୍ରଶାସନ ତରଫରୁ ୪ ଜଣ ଲେଖାଏଁ ଏସକର୍ଟ ଅଫିସର, ପାରା ମେଡିକାଲ ଷ୍ଟାଫ ଓ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ କର୍ମଚାରୀ ଯାଇଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ, ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ତୁଳସୀପାଳରେ ଚଉଦୋଳ ଯାତ୍ରା



ବଅଁରପାଳ, ୭ ।୩(ସମିସ): ବଅଁରପାଳ ବ୍ଲକ ତୁଳସୀପାଳ ଗ୍ରାମ ଗୋଡ଼ିସାହି ଦୋଳ ମଣ୍ଡପରେ ଚଉଦୋଳ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗୋଡ଼ିସାହି ଉତ୍ସବମୁଖର ହୋଇ ଉଠିଥିଲା। ଅପରାହ୍ନରେ ସାହିବାସିନ୍ଦା ନିକଟସ୍ଥ ଲଙ୍ଗୁଳିଆବେଡ଼ା ଗ୍ରାମର ଅକ୍ଷୟ କୁମାର ବିଶୋଇଙ୍କ ବାସଭବନରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ସୁସଜ୍ଜିତ ବିମାନରେ ପଟୁଆରରେ ଦୋଳମଣ୍ଡପକୁ ନେଇଥିଲେ। ଶୋଭାଯାତ୍ରାରେ ଡିଜେ, ଢୋଲବାଦ୍ୟ ଓ ନାମ ସଂକୀର୍ତ୍ତନ ସହ ଗୋପାଳ ଭାଇମାନଙ୍କ ଚିତ୍ତାକର୍ଷକ ଲଉଡ଼ିଖେଳ ଶୋଭା ପାଇଥିଲା। ରାସ୍ତାରେ ମହିଳାମାନେ ଠାକୁରଙ୍କୁ ବନ୍ଦାପନା କରିଥିଲେ। ମଣ୍ଡପରେ ପୂଜକ ସୌମ୍ୟରଞ୍ଜନ କର ରୀତିନୀତି ଅନୁଯାୟୀ ପୂଜାପାଠ ଓ ଅବଧାନ ପ୍ରବୋଧ ମହାପାତ୍ର ନୂତନ ପଞ୍ଜିକା ପାଠ କରିଥିଲେ। ଯାତ୍ରା କମିଟି ସଭାପତି ବୈକୁଣ୍ଠ ସାହୁ, ସମ୍ପାଦକ ରତିକାନ୍ତ ସାହୁ, ବାଉରୀବନ୍ଧୁ ସାହୁ, ଧୀରେନ୍ଦ୍ର ଗଡ଼ନାୟକ, ଅଜୟ ସାହୁ, ଛକଡ଼ି ସାହୁ, ଭଜମନ ମହାନ୍ତି, ହରିହର ସାହୁ ଓ ଗ୍ରାମବାସୀ ସହଯୋଗ କରିଥିଲେ। ରାତିରେ ବାଦଦଣ୍ଡ ଅନୁଷ୍ଠିତ ହୋଇଥିଲା।

ଅବସରପ୍ରାପ୍ତ ସୈନିକ ସଂଘର ବାର୍ଷିକ ଉତ୍ସବ

ବଇଣ୍ଡା, ୭ ।୩(ସମିସ): ବଇଣ୍ଡା ପଞ୍ଚଧାରା ଭେଟେରାନ୍ସ ଆସୋସିଏସନ୍ (ଅବସରପ୍ରାପ୍ତ ସୈନିକ ସଂଘ)ର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି। ଏଥିରେ ଆଠମଲ୍ଲିକ, କିଶୋରନଗର, ବଇଣ୍ଡା, ଜରପଡ଼ା ଅଞ୍ଚଳର ଅବସରପ୍ରାପ୍ତ ସୈନିକ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଲୁହାମୁଣ୍ଡା ସରପଞ୍ଚ କୁମୁଦ ଲୋଚନ ସାହୁ, ସମ୍ମାନିତ ଅତିଥି ଭାବେ ସଞ୍ଜୟ କୁମାର ପ୍ରଧାନ ଯୋଗଦେଇଥିଲେ। ପ୍ରମୋଦ କୁମାର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ରଣା ସ୍ୱାଗତ ଅଭିଭାଷଣ ରଖିଥିଲେ। କିଛି ସୈନିକ ସଦସ୍ୟ ତଥା ବିଧବାମାନଙ୍କ ପେନସନ ଡକ୍ୟୁମେଣ୍ଟର ତ୍ରୁଟି ସମ୍ବନ୍ଧରେ ଉପର କାର୍ଯ୍ୟାଳୟକୁ ଚିଠି ଲେଖି ସଂଶୋଧନ କରାଯାଇଥିଲା। ଉଚିତ୍ ପେନସନ ପାଉ ନ ଥିବା ସଦସ୍ୟଙ୍କ ବିଷୟ ତଥା ବିଭିନ୍ନ ସମସ୍ୟା ଦୂରୀକରଣ କରାଇବାକୁ ନେଇ ଆଲୋଚନା ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ନିକଟସ୍ଥ ହସ୍ପିଟାଲରେ ପହଞ୍ଚାଇବା, ଡାକ୍ତରଖାନା, ମନ୍ଦିର, ବିଦ୍ୟାଳୟ ପ୍ରଭୃତି ସଫେଇ ପ୍ରତି ଧ୍ୟାନଦେବା, ଯୁବପିଢ଼ିଙ୍କୁ ଶିକ୍ଷା ଦେବା ଏବଂ ଜାଗ୍ରତ କରାଇ ସେନାରେ ଭର୍ତ୍ତି କରାଇବା, ରକ୍ତଦାନ ଶିବିର ମାଧ୍ୟମରେ ରକ୍ତ ସଂଗ୍ରହ କରି ନିକଟସ୍ଥ ଜିଲ୍ଲା ଡାକ୍ତରଖାନା ପଠାଇବା ଆଦି ସାମାଜିକ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଅଶୋକ କୁମାର ଶତପଥୀ, ସନତ କୁମାର ପ୍ରଧାନ, ଲଛମନ ସାହୁ, ପବିତ୍ର ରଣା, ବୃଷଭ ପାଣ୍ଡେ, ତ୍ରିନାଥେଶ୍ୱର ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ଚ୍ୟବନ ପ୍ରସାଦ ପ୍ରଧାନ, ପ୍ରତାପ କୁମାର ପ୍ରଧାନ, ଭୁବନ ଆଲୋକ ମହାକୁଡ଼, ବାବୁଲାଲ ସାହୁ ସହଯୋଗ କରିଥିଲେ।

ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାଲଲହଡ଼ା, ୭ ।୩(ସମିସ): ପାଲଲହଡ଼ା ଥାନା ବନ୍ଧାଭୂଇଁ ପଞ୍ଚାୟତ ଜମରଡିହ ଗୋପପୁର ଗାଁର ବୁଧୁରାମ ବେସ୍ରାଙ୍କ ୧୮ ବର୍ଷୀୟ ଝିଅର ଝୁଲନ୍ତା ମୃତଦେହ ଗୁରୁବାର ତାଙ୍କ ଘରୁ ଉଦ୍ଧାର କରାଯାଇଛି। ଘର ଶିଲିଂ ଫ୍ୟାନରେ ସେ ରସି ସାହାଯ୍ୟରେ ଝୁଲୁଥିବା ଦେଖି ପରିବାର ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ପାରିବାରିକ କଳହକୁ କେନ୍ଦ୍ରକରି ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ନାବାଳିକାଙ୍କୁ ଦୁଷ୍କର୍ମ; ଅଭିଯୁକ୍ତ ଅଟକ

ପାଲଲହଡ଼ା, ୭ ।୩(ସମିସ): ପାଲଲହଡ଼ା ଥାନା ଟମ୍ପର ଗ୍ରାମରେ ଶୁକ୍ରବାର ଜଣେ ୧୬ ବର୍ଷୀୟ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଟକ ଅଭିଯୁକ୍ତ ହେଲେ ସେହି ଗ୍ରାମର ସୁନାରାମ ତାମସାଇ। ଅଭିଯୋଗ ଅନୁଯାୟୀ ସୁନାରାମ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହନ୍ତ ସୂଚନା ଦେଇଛନ୍ତି।

ଆରଏସ କମ୍ପାନୀରୁ ଚୋରି; ୨ ଗିରଫ

କଣିହାଁ, ୭ ।୩(ସମିସ): କଣିହାଁ କୋଇଲା ଖଣିରୁ କାମ ନେଇଥିବା ଆରଏସ କମ୍ପାନୀରୁ ଚୋରି ଅଭିଯୋଗରେ କଣିହାଁ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ତେଲସିଂହା ଗ୍ରାମର ଅନୁପ ଦେହୁରୀ (୨୩) ଓ ଅଜିତ ପ୍ରଧାନ(୨୩)। ଶୁକ୍ରବାର ରାତିରେ ଏମାନେ କମ୍ପାନୀ ଭିତରୁ ଟ୍ରକ ଡ୍ରମ ଓ ପତି ଚୋରି କରୁଥିବା ବେଳେ କମ୍ପାନୀ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ। କମ୍ପାନୀ କର୍ମଚାରୀ ଉଭୟଙ୍କୁ ପୁଲିସ ଜିମା ଦେଇଥିଲେ। କମ୍ପାନୀ ସୁପରଭାଇଜର ବାବୁଲା ସେଠୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

ନାବାଳିକା ନିଖୋଜ ଅଭିଯୋଗ


କଣିହାଁ, ୭ ।୩(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଥାନା ଅଞ୍ଚଳରୁ ଜଣେ ୧୭ ବର୍ଷୀୟା ନାବାଳିକା ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଶୁକ୍ରବାର ନାବାଳିକା ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ପରେ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ରେଙ୍ଗାଳି ଅଞ୍ଚଳରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୁରକ୍ଷା ନେଇ ଆଶଙ୍କା ବୃଦ୍ଧି ପାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଥାନା ଆଇଆଇସି ଚଞ୍ଚଳା ନାୟକଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ।

ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ବଅଁରପାଳ, ୭ ।୩(ସମିସ): ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରୈଲୋକ୍ୟ ସ୍ୱାଇଁଙ୍କ ବଅଁରପାଳସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ସୁରଭି ଗ୍ରାମର ତ୍ରୈଲୋକ୍ୟ ଦୀର୍ଘବର୍ଷ ଶିକ୍ଷକତା ପରେ ଅବସର ଗ୍ରହଣ କରିଥିଲେ। ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଚାକିରିରୁ ଅବସର ନେବା ପରେ ବିଭିନ୍ନ ସାମାଜିକ କଲ୍ୟାଣ କାମରେ ଲିପ୍ତ ରହି ଗାଁ ମୁଖିଆ ଭାବେ କାମ କରୁଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ରାଷ୍ଟ୍ରୀୟ ନବବର୍ଷ ପାଳନ ପ୍ରସ୍ତୁତି ବୈଠକ

ଅନୁଗୋଳ, ୭ ।୩(ସମିସ): ରାଷ୍ଟ୍ରୀୟ ନବବର୍ଷ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବେଦ ଭବନରେ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି ସଭାପତି ହେମନ୍ତ କୁମାର ଦାଶଙ୍କ ପୌରୋହିତ୍ୟରେ ବୈଠକ ହୋଇଥିଲା। କାର୍ଯ୍ୟକ୍ରମରେ ସଚ୍ଚିଦାନନ୍ଦ ସରସ୍ୱତୀ ମୁଖ୍ୟଅତିଥି, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପଣ୍ଡିତ ମାତୃପ୍ରସାଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ସ୍ଥିର ହୋଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଏକ କମିଟି ଗଠନ କରାଯାଇଛି। କମିଟିରେ ମାର୍ଗଦର୍ଶକ ଭାବେ ବାସୁଦେବ ହୋତା, ସଭାପତି ହେମନ୍ତ କୁମାର ଦାଶ, ଉପସଭାପତି ରୋହିତ କୁମାର ଦାଶ, ରାମକୃଷ୍ଣ ତ୍ରିପାଠୀ, ଚନ୍ଦ୍ରକାନ୍ତ ଧଳ, ସମ୍ପାଦକ ପଦ୍ମଚରଣ ପ୍ରଧାନ, ସହ ସମ୍ପାଦକ ରବୀନ୍ଦ୍ର ଧର, ଚିତ୍ତରଞ୍ଜନ ମିଶ୍ର, ଲଳିତ କୁମାର ଦାଶ, କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ସଭ୍ୟ ଦ୍ୱାରିକାପ୍ରସାଦ ନନ୍ଦ, ଅଭୟ ରାୟ, ମନୋଜ ଆଗ୍ରୱାଲ, ଅଶୋକ ଦାଶ, ରଞ୍ଜନ ବେହେରା, ସ୍ମିତା ପଟ୍ଟନାୟକ, ବରଦାକାନ୍ତ ପାଳ, ସାଇସ୍ୱରୂପ ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି। ରାଷ୍ଟ୍ରୀୟ ନବବର୍ଷ ଅବସରରେ ଜିଲ୍ଲାର ପ୍ରମୁଖ ସ୍ଥାନରେ ଫ୍ଲେକ୍ସ ଲଗାଯିବା ସହ ବ୍ୟାପକ ଲିଫଲେଟ ବଣ୍ଟନ କରାଯିବ। ଜିଲ୍ଲାରେ ପ୍ରଚାର ଗାଡ଼ି ବୁଲିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ବିଜୟ ମୋଦୀ, ବିଜୟ ସାହୁ, କରୁଣାକର ହୋତା, ବିଜୟ କୁମାର ତ୍ରିପାଠୀ, ସାର୍ଥକ ମଲ୍ଲିକ, ତପନ ଦତ୍ତ ଦାସ, ମନ୍ମଥ ଦାଶ, ବିଜୟ ପାଣିଗ୍ରାହୀ, ପ୍ରକାଶ ଧର, ମାନସ ରଞ୍ଜନ ମିଶ୍ର, ଭିକାରୀ ଚରଣ ମହାନ୍ତି, ମାନସ ରଞ୍ଜନ କବି ଶତପଥୀ, ନିଶାମଣି ଖିଲାର, ପ୍ରଦୀପ ମିଶ୍ର, ରଞ୍ଜନ ମହାପାତ୍ର, ଗାନ୍ଧର୍ବ ଜେନା, ବସନ୍ତ ଦାସ, ବୀରେନ ମିଶ୍ର, ଇନ୍ଦ୍ରମଣି ପଲେଇ, ରଞ୍ଜନ ମହାପାତ୍ର, ନାରାୟଣ ଦାଶ, ପ୍ରଣତି କବିଶତପଥୀ, ବସନ୍ତ ବେହେରା, ମନୋଜ ପଣ୍ଡା, ପ୍ରକାଶ ଧର, ବସନ୍ତ ନାଥଙ୍କ ସମେତ ଅନୁଗୋଳର ୨୦ଟି ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।



ମୁଖ୍ୟମନ୍ତ୍ରୀଙ୍କୁ ଠିକାଦାର ସଙ୍ଘର ଦାବିପତ୍ର

ଅନୁଗୋଳ, ୭ ।୩(ସମିସ)

ଅନୁଗୋଳ ଜିଲ୍ଲା ଠିକାଦାର ସଂଘର ସମସ୍ତ ଠିକାଦାର ଶନିବାର ମିଳିତ ଭାବେ ସ୍ଥାନୀୟ ସଭାଘରଠାରୁ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଠିକାଦାରମାନଙ୍କ ଦୀର୍ଘଦିନର ୮ ଦଫା ଦାବି ତୁରନ୍ତ ପୂରଣ କରିବା ପାଇଁ ଏଥିରେ ଅନୁରୋଧ କରାଯାଇଛି। ପୂର୍ତ୍ତ ବିଭାଗର ୩.୧.୨୦୨୬ର ଓଏମ୍. ନଂ. ୦୭୭୬୪୬୦୦୦୨୨୦୨୫୧୭୩କୁ ତୁରନ୍ତ ରଦ୍ଦ କରି ସିଡ୍ୟୁଲ ରେଟକୁ ଶୂନ୍ୟ ପ୍ରତିଶତରେ କ୍ୟାପିଂ କରାଯାଇ ନେଗେଟିଭ ବିଡ୍‌କୁ ବନ୍ଦ କରିବା, କୋଡାଲ ବ୍ୟବସ୍ଥା ଅନୁଯାୟୀ ପ୍ରତିବର୍ଷ ନିୟମିତ ଭାବେ ଏସ ଓ ଆରକୁ ରିଭାଇଜ କରିବା, କାର୍ଯ୍ୟଦକ୍ଷତା ମାନଦଣ୍ଡକୁ 'ଏକ ରାଜ୍ୟ ଏକ ଆଇନ' ଭିତ୍ତିରେ ପ୍ରଚଳନ, ସଚଳ ଲଘୁ ଖଣିଜ ତାଲିକା ପ୍ରସ୍ତୁତ କରି ଟେଣ୍ଡରରେ ସେଗୁଡ଼ିକର ନାମ ସମ୍ମିଳିତ କରିବା, ସର୍ଟ ଟେଣ୍ଡରର ପରିସୀମା ୫ ଲକ୍ଷ ଟଙ୍କାରୁ ବୃଦ୍ଧି କରି ୧୦ ଲକ୍ଷ ଟଙ୍କା କରିବା, କାର୍ଯ୍ୟାଦେଶର ସମୟସୀମା ବର୍ଦ୍ଧିତ ସମୟରେ ପେନାଲ୍ଟି ବ୍ୟବସ୍ଥା ସମ୍ପୂର୍ଣ୍ଣ ବାଦ ଦେବା, ଦରଦାମ ବୃଦ୍ଧିର ହିସାବ ୨୦୧୨ରୁ ୨୦୧୯ ପର୍ଯ୍ୟନ୍ତ ପ୍ରଚଳନ କରିବା, ଡବ୍ଲୁଏମଆଇଏସକୁ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ଇ-ପ୍ରୋକ୍ୟୁରମେଣ୍ଟ ସେଲ, ପୂର୍ତ୍ତ ବିଭାଗକୁ ସ୍ଥାନାନ୍ତର କରିବାକୁ ସଙ୍ଘ ପକ୍ଷରୁ ଦାବି କରାଯାଇଛି। ଏହି ସମସ୍ତ ଦାବି ଉପରେ ସରକାର ତୁରନ୍ତ ବିଚାର କରି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଜିଲ୍ଲାର ସମସ୍ତ ଠିକାଦାର ଚେତାବନୀ ଦେଇଛନ୍ତି।



ବୃଦ୍ଧଙ୍କୁ ମିଳିଲା ବନ୍ଦଥିବା ଭତ୍ତା ଓ ରାସନ

‘ସକାଳ’ ପ୍ରଭାବ

କେନ୍ଦ୍ରାପଡ଼ା,୭।୩(ସମିସ): ସାମ୍ବାଦିକତାର ଶକ୍ତି ଓ ସତ୍ୟ ପ୍ରତି ନିଷ୍ଠା କେବେ କେବେ ଜଣେ ଲୋକଙ୍କ ଜୀବନକୁ ମଧ୍ୟ ପରିବର୍ତ୍ତନ କରିପାରେ। ଏହାର ଏକ ସ୍ପଷ୍ଟ ଉଦାହରଣ ହେଉଛି ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମର ବୃଦ୍ଧ ବାବାଜୀ ନାୟକଙ୍କ ଘଟଣା। ଗତ ମାସ ୨୮ ତାରିଖରେ ଦୈନିକ ‘ସକାଳ’ରେ ‘ବଞ୍ଚି ଥାଉ ଥାଉ ସରକାରୀ ରେକର୍ଡରେ ମୃତ, ଭତ୍ତା ଓ ରାସନ ବନ୍ଦ, ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ବୃଦ୍ଧ’ ଶୀର୍ଷକରେ ଏକ ଖବର ପ୍ରକାଶ ପାଇଥିଲା। ଏହି ଖବରରେ ଉଲ୍ଲେଖ ଥିଲା ଯେ, ସରକାରୀ ରେକର୍ଡରେ ଭୁଲବଶତଃ ବାବାଜୀ ନାୟକଙ୍କୁ “ମୃତ’ ବୋଲି ଦର୍ଶାଯାଇଥିବାରୁ ତାଙ୍କର ସାମାଜିକ ସୁରକ୍ଷା ଭତ୍ତା ଓ ରାସନ ସୁବିଧା ହଠାତ୍ ବନ୍ଦ ହୋଇଯାଇଥିଲା। ନିଜେ ବଞ୍ଚିଥିବା ସତ୍ତ୍ୱେ ସରକାରୀ କାର୍ଯ୍ୟାଳୟରେ ତାଙ୍କୁ ଜୀବିତ ବୋଲି ପ୍ରମାଣ କରିବା ପାଇଁ ବାରମ୍ବାର ଦୌଡ଼ିବାକୁ ପଡୁଥିଲା। ଦୁର୍ଦ୍ଦଶାରେ ଦିନ କାଟୁଥିବା ଏହି ବୃଦ୍ଧଙ୍କ ଅବସ୍ଥା ସମାଜ ସମ୍ମୁଖରେ ଆଣିବା ପାଇଁ ‘ସକାଳ’ ପକ୍ଷରୁ ଏହି ଖବରକୁ ପ୍ରାଧାନ୍ୟ ଦିଆଯାଇଥିଲା। ଖବର ପ୍ରକାଶ ପରେ ପ୍ରଶାସନର ଦୃଷ୍ଟି ଏହି ଘଟଣା ଉପରେ ପଡ଼ିଥିଲା। ପରବର୍ତ୍ତୀ ସମୟରେ ପ୍ରଶାସନିକ ସ୍ତରରେ ତଦନ୍ତ କରାଯାଇ ବାବାଜୀ ନାୟକଙ୍କ ସମସ୍ୟାର ସମାଧାନ କରାଯାଇଛି। ଏବେ ତାଙ୍କର ସାମାଜିକ ସୁରକ୍ଷା ଭତ୍ତା ଓ ରାସନ ସୁବିଧା ପୁନର୍ବାର ଚାଲୁ କରାଯାଇଛି। ଏହି ସଫଳତା ପାଇଁ ବୃଦ୍ଧ ବାବାଜୀ ନାୟକ ସୋସିଆଲ ମିଡିଆ ଜରିଆରେ ଦୈନିକ ‘ସକାଳ’ ଓ ସାମ୍ବାଦିକ ଦେବଦତ୍ତ ଦାଶଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ନମତରା ଗୁଳିକାଣ୍ଡକୁ ପୂରିଲା ୧୧ ବର୍ଷ

ପ୍ରକାଶ ପାଇଲାନି ଆର୍‌ଡିସି ରିପୋର୍ଟ

ରାଜକନିକା,୭।୩(ସମିସ)



ଆଜି ନମତରା ଗୁଳିକାଣ୍ଡକୁ ୧୧ ବର୍ଷ ପୂରିଛି। ଯା’ ଭିତରେ ସେତେବେଳର ସରକାର ଶାସନ ଗାଦିରୁ ହଟିଛନ୍ତି। ବିରୋଧୀ ଦଳ ଏବେ ଶାସନରେ। ହେଲେ ସ୍ଥିତି ଯାହା ଥିଲା ସେୟା। ସେତେବେଳେ ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନରେ ଆଦୌ ଧାର ଧାରି ନ ଥାଇ ମଧ୍ୟ ଜେଲ ଯାଇଥିବା ୬ ଜଣଙ୍କ ମଧ୍ୟରୁ ଦେଉଳତରାର ବାବୁରାମ ଜେନା, ନମତରାର ନବୀନ ସାହୁ, ପହଲି ସାହୁ, ସତ୍ୟବ୍ରତ ରାଉତ ନିଜକୁ ଦୋଷମୁକ୍ତ କରିବା ଏବଂ ମଦମାଫିଆ ଓ ପୁଲିସର ବର୍ବର କାଣ୍ଡ ବିରୁଦ୍ଧରେ ନ୍ୟାୟ ପାଇବାକୁ କେଶ ଲଢୁଥିବାବେଳେ ନମତରାର ଅଭୟ ସେଠୀ ଓ ପଦନୀପାଳ ଗାଁ’ର ରବୀନ୍ଦ୍ର ଜେନାଙ୍କ ମୃତ୍ୟୁ ହୋଇସାରିଛି। ସେତେବେଳେ ନମତରା ଗୁଳିକାଣ୍ଡକୁ ରାଜନୈତିକ ରୂପ ଦେଇ ୫୬ ଜଣଙ୍କ ବିରୋଧରେ ମାମଲା କରାଯାଇ ଥିବା ବେଳେ ନିଆଳର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କର ମଧ୍ୟ ମୃତ୍ୟୁ ହୋଇସାରିଛି। ମାମଲାରେ ସବୁଠୁ କ୍ଷତିଗ୍ରସ୍ତ ହୋଇଥିବା ସସ୍ମିତା ଜେନାଙ୍କ ଶରୀରରେ ଆଜି ବି ଗୁଳି ରହିଥିବାରୁ ସେ ଯନ୍ତ୍ରଣାରେ ୧୧ ବର୍ଷ ଧରି ଯୁଝି ହେଉଛନ୍ତି। ଆଜି ତମାମ ବିଶ୍ୱରେ ମହିଳାଙ୍କୁ ସଶକ୍ତ କରିବା ଏବଂ ଅଧିକାର ପାଇଁ ସଚେତନ କରାଇବାକୁ ସରକାରୀ ବେସରକାରୀ ଭାବରେ ଭାଷଣ ବାଜି ଜୋର ଧରୁଥିବା ବେଳେ ନମତରା ଅଞ୍ଚଳର ମହିଳାମାନେ ଆଜକୁ ୧୧ ବର୍ଷ ପୂର୍ବରୁ ଯେଉଁ ବୀରତ୍ୱ ଦେଖାଇ ବାହାବା ସାଉଁଟି ଥିଲେ, ତାହା ଆଜି ଆମକୁ ନର୍କ ଯନ୍ତ୍ରଣା ଦେଉଛି ବୋଲି ଗୁଳିକାଣ୍ଡରେ ଆହତ ପୂର୍ଣ୍ଣିମା କହିଛନ୍ତି। ସେତେବେଳେ ପୁଲିସ ନିଜ ସୁରକ୍ଷା ପାଇଁ ନିର୍ଦ୍ଦିଷ୍ଟ ଗୋଟିଏ ରାଜନୈତିକ ଦଳର ସମର୍ଥକଙ୍କୁ ସାକ୍ଷୀ ଭାବରେ ପକାଇ ମାମଲା ବଢ଼ାଇ ଥିବା ବେଳେ ଏବେ ସେହି ସବୁ ସାକ୍ଷୀ ବାସ୍ତବତାକୁ ବୁଝି ସଠିକ କଥା କୋର୍ଟରେ ବୟାନ ଦେଇଥିବା ନାମ ଗୋପନ କରି ଜଣେ ସାକ୍ଷୀ କହିଛନ୍ତି। ସତ୍ୟର ଯୁଗେ ଯୁଗେ ଜୟ ଅଛି ଆମେ ମଦକୁ ମୂଳରୁ ବିରୋଧ କରୁଛୁ। ସେଥିପାଇଁ କେଶ ଖାଇଲୁ, ଜେଲ ଗଲୁ କିନ୍ତୁ ନମତରା ରେ ମଦ ବିରୋଧୀ ଆନ୍ଦୋଳନ ସାରା ଦୁନିଆଁକୁ ଯେଉଁ ସଚେତନ ବାର୍ତ୍ତା ଦେଇଛି ଏହା କନିକା ମାଟିର ଲଢୁଆ ମାନସିକତା। ତେଣୁ ଆମ ମାଟି ପାଇଁ ଆମେ ସମର୍ପିତ ଅଛୁ ବୋଲି ଅଭୟ ବେହୁରା କହିଛନ୍ତି। ମଦ ବିରୋଧୀ ଆନ୍ଦୋଳନର ୨୦୧୫ ମସିହା ମାର୍ଚ୍ଚ ମାସ ୮ ତାରିଖ ବିଶ୍ୱ ମହିଳା ଦିବସରେ ଘଟିଥିବା ଏହି ମଦ ବିରୋଧୀ ଆନ୍ଦୋଳନ ସାମାଜିକ ଶୃଙ୍ଖଳା ପାଇଁ ଏକ ମାଇଲ ଖୁଣ୍ଟ ହୋଇ ରହିଛି। ସୁଖ ସଂସାରରେ ବାଧକ ସାଜୁଥିବା ମଦକୁ ସବୁଦିନ ପାଇଁ ମାଟିରେ ମିଶାଇ ଥିବା ମହିଳା ଗୋଷ୍ଠୀ ସେଦିନ ଦେଖାଇଥିଲେ ତାଙ୍କର ଦୁର୍ଗା ରୂପ। ଆପତ୍ତି ଅଭିଯୋଗ ପରେ ଉଠି ନ ଥିବା ମଦ ଦୋକାନ ଆଗରେ ପିକେଟିଂ କରିବା ପରେ ସେବେଳର ମଦ ମାଫିଆ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଲାଠି ଚଲାଇବାରୁ ଆରମ୍ଭ ହୋଇଥିଲା ପ୍ରତି ଆକ୍ରମଣ। ସ୍ଥିତି ଏମିତି ହେଲା ଯେ ସେବେଳର ରାଜକନିକା ଥାନାଧିକାରିଣୀ ମହିଳା ଅଫିସର ଆକ୍ରମଣରେ ପ୍ରତିହିଂସା କରି ନିଜେ ଲହୁଲୁହାଣ ହେଲେ। ପୁଲିସ ବର୍ଦ୍ଦିକୁ ସମ୍ମାନ ଦେଉଥିବା ମହିଳାମାନେ ଏହି ମହିଳା ଅଧିକାରୀଙ୍କୁ ପାଲଟା ଆକ୍ରମଣ କରିଥିଲେ। ତେବେ ମଦ ମାଫିଆକୁ ସୁରକ୍ଷା ଦେବାକୁ ପଣ କରିଥିବା ପୁଲିସ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଡକାଇ ଆଖିବୁଜା ଗୁଳି ଚଲାଇବାରୁ ସ୍ଥିତି ସଙ୍ଗୀନ ହୋଇଯାଇଥିଲା। ଆକ୍ରମଣରେ ଛୋଟ ଛୁଆ, ବିକଳାଙ୍ଗ ବୃଦ୍ଧ ବୃଦ୍ଧା, ଆନ୍ଦୋଳନରେ ଧାର ଧାରି ନ ଥିବା ପକ୍ଷଘାତ ରୋଗୀ, ଟ୍ୟୁସନ ଫେରନ୍ତା ଛାତ୍ରୀଙ୍କ ଉପରେ ଆଖିବୁଜା ଗୁଳି ଚଲାଇ ଆନ୍ଦୋଳନକୁ ଦବାଇ ଦେବାର ଅପଚେଷ୍ଟାରୁ ୨୮ ଜଣ ଗୁରୁତର ଆହତ ହୋଇଥିଲେ। କାହାର କାନମୁଣ୍ଡରେ ଗୁଳି ତ ଆଉ ଯାହା ଜଙ୍ଘରେ ଗୁଳି ବାଜିଥିଲା। ଏମିତି ଏକ ରକ୍ତରଞ୍ଜିତ ଦମନଲୀଳାକୁ ଆଜିଯାଏ ସରକାର ସମୟର ବ୍ୟବଧାନ ସୃଷ୍ଟି କରି ତଦନ୍ତ ଆଳରେ ଦିନ ଗଡ଼ାଇ ଘଟଣାର ଗୁରୁତ୍ୱ କମାଇବାକୁ ରୀତିମତ ଉଦ୍ୟମ କରିଥିବା ସଂଗ୍ରାମୀ ସୁବାସ ଜେନା କହିଛନ୍ତି। ତେବେ ଘଟଣାକୁ ଚାପିବାକୁ ସରକାର ସବୁ ଉଦ୍ୟମ କରି ୫ବର୍ଷ ତଳେ କେନ୍ଦ୍ରାପଡାର ସର୍କିଟ ହାଉସରେ ଆରଡିସି ଡେରା ପକାଇ ଏଠାରୁ ୫୦ କିମି ଦୂରରେ ଯେଉଁ ତଦନ୍ତ କଲେ ତାହାର ରିପୋର୍ଟ ଆଜି ଯାଏ ମଧ୍ୟ ପ୍ରକାଶ ପାଇନାହିଁ। ଏହା ଭିତରେ ଗୁଳିକାଣ୍ଡ କରିଥିବା ମହିଳା ପୁଲିସ ଅଧିକାରିଣୀ ଏଠାରେ ଗୁଳିକାଣ୍ଡର ୩ ବର୍ଷ ଯାଏ ରହିବା, ପରେ ପଦୋନ୍ନତି ପାଇ ଏସ୍‌ଡିପିଓ ଭାବରେ ପୁନରାୟ ପଟ୍ଟାମୁଣ୍ଡାଇରେ ଅବସ୍ଥାପିତ ହୋଇ ଏଠାରେ ମଧ୍ୟ ଦୁଇ ବର୍ଷ କାଟି କଟକ ଜିଲ୍ଲାକୁ ଯାଇଛନ୍ତି। ଏହା ଭିତରେ ସରକାର ବଦଳି ଯାଇଛି। ସେତେବେଳର ବିରୋଧୀ ଦଳ ଏବେ କ୍ଷମତାରେ ଆସୀନ। କିନ୍ତୁ ମଦ ଆନ୍ଦୋଳନକୁ ପ୍ରୋତ୍ସାହନ ମିଳି ନ ଥିବା ବେଳେ ଏବେ ସେହି ଗୋଷ୍ଠୀ ଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଚୋରା ମଦର ବନ୍ୟା କରାଯାଇ ନମତରାର ନାଁ କୁ ମଳିନ କରିବା ପାଇଁ ରୀତିମତ ଉଦ୍ୟମ ହେଉଛି। କାନମୁଣ୍ଡରେ ଗୁଳିଖାଇଥିବା ସେ ସମୟର ଛାତ୍ରୀ ରୀତା ଜେନା ଏବେ ବିବାହ କରି ଅନ୍ୟ ଗାଁ ର ବୋହୂ ହୋଇଥିଲେ ବି ଆଜିର ଦିନକୁ ତମାମ ଜୀବନ ଭୁଲିପାରିବେ ନାହିଁ ବୋଲି କହି ତୁରନ୍ତ ନ୍ୟାୟ ଆଶା କରିଛନ୍ତି। ତେବେ ସମୟର ବ୍ୟବଧାନ ସୃଷ୍ଟି କରି ପ୍ରଶାସନ ଯେତେ ଦିନ ଗଡାଇ ଚାଲିଲେ ବି ନମତରା ମହିଳାଙ୍କ ଆନ୍ଦୋଳନ ବିଶ୍ୱ ମହିଳା ଦିବସ ପାଇଁ ଆଲୋକବର୍ତ୍ତିକା ସାଜିଛି।

ଛାତ୍ରଛାତ୍ରୀଙ୍କ ଦ୍ୱାରା ବେଳାଭୂମି ସଫେଇ



ରାଜନଗର,୭।୩(ସମିସ): ରାଜନଗର ବ୍ଲକ୍ ହାତିନାସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ଓ ଶକ୍ତି କ୍ଲବ୍‌ର ଛାତ୍ରଛାତ୍ରୀ ଶିକ୍ଷକ ସେକ ନିୟାମତୁଲ୍ଲାଙ୍କ ନେତୃତ୍ୱରେ ପେଣ୍ଠ ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇ ବେଳାଭୂମି ସଫେଇ କରିଥିଲେ। ବିଦ୍ୟାଳୟର ୪୦ରୁ ଅଧିକ ଛାତ୍ରଛାତ୍ରୀ ଏକ ବିଶାଳ ସାଇକଲ ଶୋଭାଯାତ୍ରାରେ ବାହାରି ହାତିନା, ଏଣ୍ଡୁଳାପୁର, ପ୍ରଶ୍ନପୁର ଓ ପେଣ୍ଠ ଗ୍ରାମରେ ଏକକ ବ୍ୟବହୃତ ପ୍ଲାଷ୍ଟିକର ବର୍ଜନ ସମ୍ପର୍କରେ ଲୋକଙ୍କୁ ସଚେତନତା କରାଇବା ସହିତ ବେଳାଭୂମି ସଫେଇ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ତ୍ରିନାଥ ବେହେରା, ନିରଞ୍ଜନ ପଲାଇ, କ୍ଷମାମୟୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବନବିଭାଗର କର୍ମଚାରୀ ଛାତ୍ରଛାତ୍ରୀଙ୍କୁ ସହଯୋଗ କରିଥିଲେ।

ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ସଭା



ରାଜନଗର,୭।୩(ସମିସ): ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଶାସ୍ତ୍ରୀ ୩ୟ ବର୍ଷର ଛାତ୍ରଛାତ୍ରୀଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।

ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀ ଅଭିଳଷିତ ପଥରେ ଆଗେଇ ଯିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସ୍ୱର୍ଗତ ଅତୁଲ କୁମାର ବଳଙ୍କ ଅମରାତ୍ମା ସଦଗତି ପାଇଁ ୨ ମିନିଟ ନିରବ ପ୍ରାଥନା କରାଯାଇଥିଲା। ଏହି ଅବସରରେ ଶାସ୍ତ୍ରୀ ଛାତ୍ରଛାତ୍ରୀ ନିଜର ଅନୁଭୂତି ବଖାଣି ଭାବବିହ୍ୱଳ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅଧ୍ୟାପକ ନିହାର ରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ ଭଲ ମଣିଷ ହୋଇ ମହାବିଦ୍ୟାଳୟର ନା ରଖିବା କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅରୁଣ କୁମାର ରାଉତ, ଜଗବନ୍ଧୁ ବେହେରା, ରବିନାରାୟଣ ଦାସ,ଦୟାନିଧି ସାହୁ ପ୍ରମୁଖ ପରିଚାଳନା କରିଥିଲେ।

ଭିସି ଯୋଗେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଉଦ୍‌ଘାଟନ କଲେ କେନ୍ଦ୍ର ଗୃହମନ୍ତ୍ରୀ

ପଟ୍ଟାମୁଣ୍ଡାଇ,୭।୨(ସମିସ): ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତକାଲି ସନ୍ଧ୍ୟାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉପ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଭିଡିଓ କନଫରେନ୍ସିଂ ଯୋଗେ ନବ ନିର୍ମିତ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପରିସରରେ ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଅତିରିକ୍ତ ଏସ୍‌ପି, ପ୍ରଭାତ ବିଶ୍ୱାଳ, ଡିଏସ୍‌ପି ସରୋଜ ସାହୁ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର, ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ସରପଞ୍ଚ ସର୍ବଶ୍ରୀ ପ୍ରିୟବ୍ରତ ଓଝା, ବନୋଜ ସେଠୀ, ଅନୀଲ ଲେଙ୍କା, ସଂଗ୍ରାମ ବାରିକ, ବୁଦ୍ଧିରାମ ବେହେରା, ରମେଶ ମଲ୍ଲିକ, ନରେଶ ମଲିକ, ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, ମାନସ ମଲିକ, ସୁବାସ ବାରିକ, ପର୍ଶୁରାମ ବେହେରା, ସୁରେଶ ଜେନା, ବିଜେପି ନେତା ମିଟୁ ମନୋଜ ନାୟକ, ସୁରେଶ ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ସୁଶାନ୍ତ ଦାସ,ସଞ୍ଜୟ ସ୍ୱାଇଁ ଜ୍ୟୋତିପ୍ରକାଶ ପ୍ରଧାନ ପୂର୍ବତନ ସରପଞ୍ଚ ଭାନୁପ୍ରକାଶ ପରିଡ଼ା, କାଜଲ ଜେନା, ସ୍ୱାଗତ ଦାସ, ପୂର୍ବତନ ସରପଞ୍ଚ ପ୍ରଭାତ ପ୍ରଧାନ, ରବୀନ୍ଦ୍ର ବେହେରା ଓ ମିନତୀ ପାତ୍ର, ରାମ ଚନ୍ଦ୍ର ରାଉତ, ସୁବାସ ଖଟୁଆ, ସମୀର ପ୍ରଧାନ ପ୍ରଫୁଲ୍ଲ ପ୍ରଧାନ ନଳିନୀକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କଳା କାରନାମା

କାମ ନ କରି ୪ ଲକ୍ଷ ଟଙ୍କା ଆତ୍ମସାତ ଅଭିଯୋଗ

ପଟ୍ଟାମୁଣ୍ଡାଇ,୭।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଶାସନ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାସ୍ତା କାମ ନକରି ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶାସନ ପଞ୍ଚାୟତରେ ଦୀର୍ଘ ଦିନ ହେଲା ବିଭିନ୍ନ ଆଳ ଦେଖାଇ କାମ ନକରି ମିଥ୍ୟା ବିଲ ଦ୍ୱାରା ସରକାରୀ ଅନୁଦାନ ଅର୍ଥ ହଡପ କରାଯାଉଥିବା ପଞ୍ଚାୟତ ବାସୀ କହିଛନ୍ତି। ପୂର୍ବ ପଞ୍ଚାୟତ ନିର୍ବାହୀ ଅଧିକାରିଣୀଙ୍କ ସମୟରେ ହିତାଧିକାରୀଙ୍କୁ ପାଣି ଟ୍ୟାଙ୍କର ଯୋଗାଣ ଦୁର୍ନୀତି, ପୋଖରୀ ସଫା, ଚାନ୍ଦିନୀ ନିର୍ମାଣ ଆଦି ବିଭିନ୍ନ ପ୍ରକାର ଦୁର୍ନୀତି ଲୋକ ଲୋଚନକୁ ଆସିବା ପରେ ପଞ୍ଚାୟତ ବାସୀ ଏଥି ସମ୍ପର୍କରେ ବିଡ଼ିଓ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପଞ୍ଚାୟତ ନିର୍ବାହୀ ଅଧିକାରିଣୀଙ୍କୁ ବଦଳି କରାଯାଇ ତାଙ୍କ ସ୍ଥାନରେ ଅନନ୍ତ ଚରଣ ବିଶ୍ୱାଳଙ୍କୁ ନିଯୁକ୍ତି ଦିଆଯାଇଥିଲା। ମାତ୍ର ଅଳ୍ପ କିଛି ଦିନ ହେଲା କାମରେ ଯୋଗ ଦେଇଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱାଳଙ୍କ ବିରୋଧରେ କାମ ନକରି ୪ଲକ୍ଷ ୨୮ ହଜାର ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ଆସିଛି। ଗ୍ରାମବାସୀଙ୍କ କହିବାନୁସାରେ ଭାଉଚର ନଂ ୫ଟି ଏଚ ଏସ ଏଫ ସି /୨୦୨୫-୨୬/ପି /୧୪ ଅନୁଯାୟୀ ଗତ ଫେବୃଆରୀ ୦୬ ତାରିଖରେ ଗ୍ରାମ ପଞ୍ଚାୟତ ପାଣ୍ଠିରୁ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଆକାଉଣ୍ଟକୁ ୪ଲକ୍ଷ ୨୮ ହଜାର ୭ଶହ ୫୨ଟଙ୍କା ଏକ ରାସ୍ତା ନିର୍ମାଣ କାର୍ଯ୍ୟ ବାବଦକୁ ପୈଠ କରାଯାଇଛି। ଯେଉଁଥିରେ ପ୍ରକଳ୍ପର ନାମ ହରିଜନ ସାହି ଠାରୁ କେନାଲ ରୋଡ ପର୍ଯ୍ୟନ୍ତ ସିସି ରୋଡ୍ ବୋଲି ଉଲ୍ଲେଖ ରହିଛି । ଭାଉଚରଟି ଲୋକଲୋଚନକୁ ଆସିବା ପରେ ସେଭଳି କୌଣସି ପ୍ରକଳ୍ପ କାର୍ଯ୍ୟ ପଞ୍ଚାୟତରେ କରାଯାଇ ନ ଥିବା ଜଣାପଡ଼ିଛି। ପ୍ରକଳ୍ପ କେଉଁଠି ହୋଇଛି, ପ୍ରକଳ୍ପ ସ୍ଥାନ ସମ୍ପର୍କରେ ଗ୍ରାମବାସୀ ପଚାରିଥିଲେ ହେଁ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱାଳ ମୁଁ ନିଜେ ପ୍ରକଳ୍ପର ତଦାରଖ କରି ବିଲ୍ କରିଛି, ସୂଚନା ଫଳକ ଦେବି କହି ଆଉ ଦେଇନଥିଲେ। ଦୁଇ ଦିନ ପରେ ଶ୍ରୀ ବିଶ୍ୱାଳ ଆଜି ଅଫିସକୁ ଆସିଥିବା ଦେଖି କିଛି ଗ୍ରାମବାସୀ ପ୍ରକଳ୍ପ ସ୍ଥାନ ଓ ଫଟୋ ଦେଖାଇବା ପାଇଁ କହିଥିଲେ ହେଁ ସେ ଦେଇ ପାରି ନଥିଲେ। ବରଂ ସେହି ପ୍ରକଳ୍ପରେ ମୋର କୌଣସି ଭୂମିକା ନାହିଁ କହି ପୂର୍ବତନ ପିଇଓ ଏବଂ ଜେଇଙ୍କ ଉପରେ ଦୋଷ ଲଦିଥିଲେ। ଏହି ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅର୍ଜୁନ ସାହୁ, ରାହାସ ମଲିକ, ଭ୍ରମରବର ନାୟକ, ତୀର୍ଥ ପରିଡ଼ା, ରମାକାନ୍ତ ଦାଶ, ଅନ୍ତର୍ଯ୍ୟାମୀ ନାୟକ, ଆଲୋକ ମଲିକ, ଚିତ୍ରସେନ ମଲିକ, ବରଜୁ ପରିଡ଼ା, ଦିଲ୍ଲୀପ ମଲିକ ପ୍ରମୁଖ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଛନ୍ତି।

ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ଡେରାବିଶ,୭।୩(ସମିସ): ଡେରାବିଶ ବ୍ଲକ୍ ଖମୋଳ ପଞ୍ଚାୟତ ଜହ୍ନିମୂଳ ଗ୍ରାମର ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିବା



ସୁବାସ କୁମାର ସ୍ୱାଇଁ (୫୦) ଙ୍କ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ଗତ ୪ ତାରିଖରେ ଚଣ୍ଡିବଜାର ନିକଟରେ କଟକ-ଚାନ୍ଦବାଲି ରାଜରାସ୍ତା ପାରି ହୋଇ ଘରକୁ ଯାଉଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

ଜଳିଗଲା ଚାଳଘର; ସହାୟତା ଦାବି

ମହାକାଳପଡ଼ା,୭।୩(ସମିସ): ତୁଳସୀପୁର ଗ୍ରାମର ସ୍ୱର୍ଗତ ଶୁକଦେବ ସାହୁଙ୍କ ବିଧବା ପତ୍ନୀ କୋଇଲି ସାହୁଙ୍କ ଦୁଇ ବଖରା ଚାଳଘର ଗତକାଲି ରାତିରେ ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁଁ ଜଳିଯାଇଛି। ଅଗ୍ନିକାଣ୍ଡରେ ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୋଇଲି ସାହୁଙ୍କ ପରିବାର ଅତ୍ୟନ୍ତ ଦୁର୍ଦ୍ଦଶାରେ ରହିଥିବା ବେଳେ ତାଙ୍କର ଦୁଇ ପୁଅ ଦିନମଜୁରିଆ ଭାବେ କାମ କରି ପରିବାର ଚଳାଇଥାନ୍ତି। ଏହି ଅଗ୍ନିକାଣ୍ଡ ପରେ ପରିବାରଟି ଆଶ୍ରୟହୀନ ହୋଇପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ମହାକାଳପଡା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କା ପହଞ୍ଚି ଅସହାୟ ପରିବାରକୁ ସହାୟତା ଯୋଗାଇଦେବା ସହ ସରକାରୀ ତରଫରୁ ତୁରନ୍ତ ସହାୟତା ପ୍ରଦାନ କରାଯିବା ପାଇଁ ତହସିଲଦାର ଶ୍ରୀକାନ୍ତ ପରିଜାଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।



ବନ୍ଦ ଘରୁ ଯୁବକଙ୍କ ଶବ ଉଦ୍ଧାର, ହତ୍ୟା ଅଭିଯୋଗ



ରାଜକନିକା,୭।୩(ସମିସ): ରାଜକନିକା ଥାନା ଦେଉଳତରା ଗାଁର ସ୍ୱର୍ଗତ ସତ୍ୟବାଦୀ ଜେନାଙ୍କ ଏକମାତ୍ର ପୁଅ ଶ୍ରୀଧର (୩୬)ଙ୍କର ଆଜି ବନ୍ଦ ଘରୁ ଶବ ଉଦ୍ଧାର ହୋଇଛି। ତେବେ ତାଙ୍କୁ ହତ୍ୟା କରା ଯାଇଥିବା ନେଇ ଆଜି ଥାନାରେ ଅଭିଯୋଗ ହେବା ପରେ ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ତଦାରଖ କରୁଛି। ରାତ୍ରୀ ହୋଇଥିବା କାରଣରୁ ଆସନ୍ତା କାଲି ସାଇଣ୍ଟିଫିକ୍ ଟିମ୍ ତଦନ୍ତ ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି। ଖାଇ ପିଇ ଶ୍ରୀଧର ରାତିରେ ଭିତରୁ କବାଟ କିଳି ଶୋଇଥିଲେ। ସକାଳ ଦଶଟା ସୁଦ୍ଧା ସେ ନ ଉଠିବାରୁ ତାଙ୍କର ବୁଢ଼ୀ ମାଆ ପାଟି କରି ସମସ୍ତଙ୍କୁ ଜଣାଇଥିଲେ। ପରିବାର ଲୋକଙ୍କ ପକ୍ଷରୁ ପ୍ରଥମେ ଝରକା ଦେଇ ଦେଖିଲା ବେଳକୁ ଶ୍ରୀଧର ଖଟ ଉପରେ ନ ଥିଲେ। ପରେ ସ୍କାଏ ଲାଇଟ୍ ଭାଙ୍ଗି ଦେଖିବା ପରେ ଖଟ ତଳେ ମୁହଁ ମାଡ଼ି ପଡ଼ି ରହିଥିବା ଦେଖିବାକୁ ମିଳିଥିଲା। ତାଙ୍କ ଭଉଣୀ ସବିତା ଆସି ଦେଖିବା ପରେ ତାଙ୍କ ଭାଇଙ୍କୁ ମାରି ଦିଆଯାଇଛି ବୋଲି ଅଭିଯୋଗ ଆଣିଛନ୍ତି। ଜମିଜମା ଭୋଗଦଖଲକୁ କେନ୍ଦ୍ରପରି ମୋ ଭାଇକୁ ମାରି ଦିଆ ଯାଇଛି ବୋଲି ଅଭିଯୋଗ କରିବା ସହ ଏହି ଘଟଣାରେ ଭରତ ଜେନା, ରେଖା ଜେନା ଓ ବାବୁରାମ ଜେନାଙ୍କ ସଂପୃକ୍ତି ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

ସମସ୍ୟା ଘେରରେ ଗୋବିନ୍ଦପୁର ପଞ୍ଚାୟତ

ରାସ୍ତା ଶୋଚନୀୟ, ମିଳୁନି ପାନୀୟଜଳ

ଗୋବିନ୍ଦପୁର,୭।୩(ସମିସ)



ଆଳି ବ୍ଲକ୍ ଧୋୟା ଅଞ୍ଚଳର ଗୋବିନ୍ଦପୁର ପଞ୍ଚାୟତରେ ବିଭିନ୍ନ ଅନୁଦାନରେ ବିକାଶମୂଳକ କାର୍ଯ୍ୟ ହୋଇଥିଲେ ମଧ୍ୟ ବହୁ ପ୍ରକଳ୍ପ ବାକି ରହି ଯାଇଛି। ରାଜନୈତିକ ଇଚ୍ଛା ଶକ୍ତି ଅଭାବରୁ ସମଗ୍ର ଧୋୟା ଅଞ୍ଚଳ ଅବହେଳିତ ଅବସ୍ଥାରେ ରହିଯାଇଛି। ପଞ୍ଚାୟତର ବିଭିନ୍ନ ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ମରାମତି କାର୍ଯ୍ୟ କରାଯାଉନାହିଁ। ଫଳରେ ଯାତାୟତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସୁଧା ଯୋଜନାରେ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ହୋଇ ଥିଲେ ମଧ୍ୟ ୨ ବର୍ଷ ହେଲା ଧିମାରେ ଚାଲିଛି। କେବେ ଏହା ସମ୍ପୂର୍ଣ୍ଣ ହେବ ଅନିଶ୍ଚିତତା ଦେଖାଦେଇଛି। ପାଣି ସମସ୍ୟା ହେବ ନାହିଁ ବୋଲି ବିଭାଗ ଓ ପ୍ରଶାସନ ଡିଣ୍ଡିମ ପିଟୁଥିବାବେଳେ ବାସ୍ତବରେ କାର୍ଯ୍ୟ ଓଲଟା। ଆର୍ ଡବ୍ଲ୍ୟୁ ବିଭାଗର ଦାୟିତ୍ୱହୀନତାରୁ ପଞ୍ଚାୟତରେ ଥିବା ଅଧିକାଂଶ ନଳକୂପ ଅଚଳ ଅବସ୍ଥାରେ ରହିଛି। ବିଭାଗ ମରାମତି ନାମରେ ଅର୍ଥ ଲୁଟ୍ କରୁଛି। ଅଥଚ ନଳକୂପ ସଚଳ କରାଯାଉନାହିଁ। ଏବେ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥିବାବେଳେ ବିଭାଗର ଚେତା ପଶୁନାହିଁ। ଲୋକେ ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଜନସାଧାରଣଙ୍କ ବାରମ୍ବାର ଦାବି ପରେ ଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏନ୍‌ଏଚ୍‌ଆର୍‌ଏମ୍ ପକ୍ଷରୁ ୨ ମହଲା ପକ୍କା ଘର ନିର୍ମାଣ ହେଇଥିଲେ ମଧ୍ୟ ତାହା ଏବେ ଭୂତ କୋଠିରେ ପରିଣତ ହେବାକୁ ଯାଉଛି। ଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଧୋୟାଞ୍ଚଳର ୧୧ଟି ପଞ୍ଚାୟତ ସମେତ ପଡ଼ୋଶୀ ଯାଜପୁର ଜିଲ୍ଲାର ନିକଟ ଗ୍ରାମର ରୋଗୀମାନେ ଚିକିତ୍ସା ପାଇଁ ଆସନ୍ତି। ଅଥଚ ଡାକ୍ତର ଓ କର୍ମଚାରୀ ମରୁଡ଼ି ଯୋଗୁଁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଲୋକେ ନିରାଶ ହୋଇ ଫେରିବାକୁ ବାଧ ହେଉଛନ୍ତି। ସେହିପରି ଧୋୟା ଅଞ୍ଚଳର ମୁଖ୍ୟ ରାସ୍ତା ଗୋବିନ୍ଦପୁର ମାନପୁର ଆରଡ଼ି ରାସ୍ତା ବାରମ୍ବାର ଦାବି ସତ୍ତ୍ୱେ ସୁଧୁରୁନି। ଲୋକେ ଦୟନୀୟ ଅବସ୍ଥାରେ ଯାତାୟାତ କରୁଛନ୍ତି। ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ରାସ୍ତାଟି ମରଣଯନ୍ତାରେ ପରିଣତ ହୋଇଛି। କିଛି ଦିନ ତଳେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଆସି ସରଜମିନି ତଦନ୍ତ କରି ଯାଇଛନ୍ତି। କେବେ ସମସ୍ୟାର ସମାଧାନ ହେବ ସେ ନେଇ ଆଶଙ୍କା ପ୍ରକାଶ ପାଇଥିବାବେଳେ ଗୋବିନ୍ଦପୁର ମୁଖ୍ୟ ରାସ୍ତା ସହିତ ପଞ୍ଚାୟତର ବିଭିନ୍ନ ସମସ୍ୟା ଦୂର କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

ଦୁର୍ଘଟଣାରେ ଯୁବକ ଗୁରୁତର

ଡେରାବିଶ,୭।୩(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ବଜାରରେ ଆଜି ସକାଳେ ଏକ ଆକ୍ଟିଭାକୁ ପଛରୁ କାର୍ ଧକ୍କା ଦେବାରୁ ଆକ୍ଟିଭା ଆରୋହୀ ଜଣକ ଗୁରୁତର ହୋଇଛନ୍ତି। ସେ ହେଲେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଗୋଲଖ ସେଠୀଙ୍କ ପୁଅ ଗୋପାଳ (୩୪)। ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଘଟଣାସ୍ଥଳରେ ଚାନ୍ଦୋଳ ପୁଲିସ୍ ପହଞ୍ଚି ଆକ୍ଟିଭାଟିକୁ ଜବତ କରି ନିଜ ହେପାଜତକୁ ନେଇଥିବା ଜଣାଯାଇଛି।

ଭରତପୁର ମକ୍କଦ୍ଦମ୍ ମେଳଣ ଉଦ୍‌ଯାପିତ



କେନ୍ଦ୍ରାପଡ଼ା,୭।୩(ସମିସ): କେନ୍ଦ୍ରାପଡ଼ା ସହର ଉପକଣ୍ଠ ଭରତପୁର ଗ୍ରାମର ପ୍ରସିଦ୍ଧ ମକ୍କଦ୍ଦମ ଦୋଳମେଳଣ ଉଦ୍‌ଯାପିତ ହୋଇଯାଇଛି। ଶତାବ୍ଦୀ ପୁରୁଣା ଏହି ପାରମ୍ପରିକ ଉତ୍ସବ ଅଞ୍ଚଳର ଧାର୍ମିକ ଓ ସାମାଜିକ ଏକତାର ପ୍ରତୀକ ଭାବେ ପରିଚିତ। ଏହି ଉପଲକ୍ଷେ ଶ୍ରୀ ଗୋପାଳଜୀଉଙ୍କ ମକ୍କଦ୍ଦମ ଦୋଳମେଳଣ ଗୁରୁବାର ରାତିରେ ଶ୍ରୀଦଧିବାବନଜୀଉଙ୍କ ମନ୍ଦିର ସମ୍ମୁଖ ଠାକୁରଦାଣ୍ଡରେ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସୀତାରାମ ମଠ ପଡ଼ିଆରେ ପ୍ରବୋଧ କୁମାର ଦାସଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଦୋଳମେଳଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଦୋଳମେଳଣରେ ମୋଟ ୧୮ ଟି ବିମାନ ମେଳଣ ପଡ଼ିଆରେ ପହଞ୍ଚିଥିଲା। ଗତ ୨୫୮ ବର୍ଷ ଧରି ଚାଲିଆସୁଥିବା ଏହି ପାରମ୍ପରିକ ଦୋଳମେଳଣକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଶତାଧିକ ଭକ୍ତ ଓ ଦର୍ଶନାର୍ଥୀ ଭିଡ଼ ଜମାଇଥିଲେ। ବିମାନ ପୂଜା କାର୍ଯ୍ୟକ୍ରମରେ ଅଧିକାରୀ ରାଜେନ୍ଦ୍ର ଚନ୍ଦ୍ର ଦାଶ, ଅଧିକାରୀ ରସାନନ୍ଦ ଦାଶ ଓ ସରୋଜକାନ୍ତ ପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉତ୍ସବ ପରିଚାଳନାରେ ବିଜୟ କିଶୋର ଦାସ, ଚିତ୍ତରଞ୍ଜନ ଦାସ, ସଞ୍ଜୟ କୁମାର ଦାସ, ସନ୍ତୋଷ କୁମାର ଦାସ, ଅରବିନ୍ଦ ମହାନ୍ତି ପ୍ରମୁଖ ସକ୍ରିୟ ଭୂମିକା ନେଇଥିଲେ।

ରମେଶଗୁପ୍ତା ଫାଉଣ୍ଡେସନ ଏବଂ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ରକ୍ତଦାନ ଶିବିର

'ରକ୍ତଦାନ ଶିବିର ପ୍ରତ୍ୟେକ କାର୍ଯ୍ୟକ୍ରମର ଅଂଶ ହେଉ'










ବାଲେଶ୍ୱର,୭ ।୩(ସମିସ)

ସମାଜସେବା କ୍ଷେତ୍ରରେ ବାଲେଶ୍ୱର ମାଟିର ମହିଳାଙ୍କ ଅବଦାନ ସର୍ବାଗ୍ରେ ରହି ଆସିଥାଏ। ରକ୍ତଦାନ ଭଳି ମହତ କର୍ମରେ ମହିଳାମାନଙ୍କ ଯୋଗଦାନ ମଧ୍ୟ ଅତୁଳନୀୟ। ରକ୍ତଦାନ ଶିବିର ଆୟୋଜନ ହେଉ ଅବା ରକ୍ତଦାନ ଦ୍ୱାରା ଅମୂଲ୍ୟ ଜୀବନ ରକ୍ଷାର ବାର୍ତ୍ତାବହ ସାଜିଛନ୍ତି ମହିଳା। ଅର୍ନ୍ତଜାତୀୟ ମହିଳା ଦିବସ ଉପଲକ୍ଷେ ରମେଶ ଗୁପ୍ତା ଫାଉଣ୍ଡେସନ ଏବଂ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପରିବାର ପକ୍ଷରୁ ଆୟୋଜିତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ରକ୍ତଦାତାମାନେ ମହତ ଉଦ୍ଦେଶ୍ୟ ରଖି ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇ ଜଣେ ମହାନ ମଣିଷର ଉଦାହରଣ ସୃଷ୍ଟି କରୁଛନ୍ତି । 'ସକାଳ' କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିର ଉଦ୍‌ଘାଟନୀ ଅବସରରେ ଅତିଥିମାନେ ମତପୋଷଣ କରିଥିଲେ।

ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ, ଆରଜି ଫାଉଣ୍ଡେସନର ଅଧ୍ୟକ୍ଷ ରମେଶ କୁମାର ଗୁପ୍ତା ଏବଂ ଉପାଧ୍ୟକ୍ଷା ସଂଗୀତା ଗୁପ୍ତା, ଶିଳ୍ପପତି ସଞ୍ଜୟ କୁମାର ଦାସ, ଶିକ୍ଷାବିତ ତଥା ଆଇନଜୀବୀ ସତ୍ୟଜିତ ମିଶ୍ର, ଲାୟନ୍ସ କ୍ଲବର ସଭାପତି ଶିବୁ ପୋଦାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଯଦି ପ୍ରତ୍ୟେକ ସାମାଜିକ, ସାଂସ୍କୃତିକ ଆଦି କାର୍ଯ୍ୟକ୍ରମରେ ରକ୍ତଦାନ ଶିବିରକୁ ଏକ ଅଂଶ ଭାବେ ନିଆଯିବ ତେବେ ବାଲେଶ୍ୱରରେ ରକ୍ତର ଅଭାବ ରହିବ ନାହିଁ। ଅଧିକାଂଶ ସାମାଜିକ ସଙ୍ଗଠନ ରକ୍ତଦାନ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇ ଆସୁଥିବାରୁ ରକ୍ତର ଅଭାବ ରହୁନାହିଁ। ବିଶେଷ କରି ଖରା ଦିନରେ ରକ୍ତଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହେଉଥିବାରୁ ଛୋଟ ବଡ଼ ରକ୍ତଦାନ ଶିବିର ଆୟୋଜନ କରି ଏହାକୁ ଏକ ସାମାଜିକ ଆନ୍ଦୋଳନ ଭାବେ ଗଢ଼ି ତୋଳିବାକୁ ପଡ଼ିବ। ଏହାଛଡା ଥାଲାସେମିଆ ରୋଗୀ ସମେତ ଅନ୍ୟ ରୋଗୀମାନଙ୍କର ଜରୁରୀକାଳୀନ ରକ୍ତର ଆବଶ୍ୟକତା ରହୁଥିବାରୁ ସାମାଜିକ ସଙ୍ଗଠନମାନେ ସ୍ୱତଃପ୍ରବୃତ ଭାବେ ରକ୍ତଦାନ କରିବା ପାଇଁ ଆଗେଇ ଆସିବାକୁ ଅତିଥିମାନେ ପରାମର୍ଶ ଦେଇଛନ୍ତି।

'ସକାଳ' ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରକ୍ତଦାନ ଶିବିର ନାରୀଶକ୍ତି ଏକତାର ପ୍ରତୀକ ବୋଲି କହିଥିଲେ। ଆନ୍ତର୍ଜାତିକ ମହିଳା ଦିବସକୁ ସ୍ୱତନ୍ତ୍ର ଭାବେ ଗଢ଼ି ତୋଳିବାରେ ମହିଳା ସାମ୍ବାଦିକା 'ସକାଳ' ବାଲେଶ୍ୱର ସହର ପ୍ରତିନିଧି ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତିଙ୍କ ପ୍ରତ୍ୟେକ୍ଷ ସଂଯୋଜନାରେ ସମାଜସେବୀ ଆଶ୍ରିତା ତରେଇ, ଅନ୍ନପୂର୍ଣ୍ଣା ଫାଉଣ୍ଡେସନର କନଭେନର ତଥା ଆଇନଜୀବୀ ସବିତା ମିଶ୍ର, ଶୁଭଶ୍ରୀ ଆଚାର୍ଯ୍ୟ, ନିବେଦିତା ସାହୁ, ପ୍ରିୟାରାଣୀ ମଲ୍ଲିକ, ମୟୂରୀ ନାୟକ, ଏସଆରବି ସ୍ୱସ୍ତିକ ଫାଉଣ୍ଡେସନର ମୁଖ୍ୟ ସଂଯୁକ୍ତାରାଣୀ ବେହେରା, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ମୀନତି ସେଠୀ, ରୋଜି ପଟ୍ଟନାୟକ, ପାର୍ବତୀ ମଲ୍ଲିକ, ମିତାଲୀ ସିଂ, ରମ୍ୟାରଞ୍ଜନ ଗିରି ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ, ସୁଧାକର ସେଠୀ, ବିଭୂଦତ୍ତ ପରିଡା, ଶୁଭମ ସାଇ ମହାପାତ୍ର, ହ୍ରିତିକ ନାୟକ, ଜୀବନ ସଂଗ୍ରାମ ମିଶ୍ର, ବିଶ୍ୱଜିତ ବେହେରା, ଡା. ଶାନ୍ତନୁ ଦାଶ, ଇକବାଲ ଖାନ, ସାଇରୁଲ ହକ, ପ୍ରଶାନ୍ତ କୁମାର ଦାସ, ସତ୍ୟେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୋଟ ୩୧ଟି ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଜିଲ୍ଲା ରକ୍ତଭଣ୍ଡାରର ଟେକ୍ନିସିଆନ ଅକ୍ଷୟ କୁମାର ଜେନା, ସୁଚିସ୍ମିତା ଦାସ ଓ ବିନୋଦ ବିହାରୀ ଦାସ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। 'ସକାଳ' ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ମନୋଜ କୁମାର ପଣ୍ଡା, ନନ୍ଦିଘୋଷ ଟିଭି ପ୍ରତିନିଧି ସୁବ୍ରତ କୁମାର ଦାସ, ବାଲେଶ୍ୱର ପ୍ରତିନିଧି କଳିଙ୍ଗ କୁମାର ସାହୁ, ସ୍ୱତନ୍ତ୍ର ପ୍ରତିନିଧି ରୁଚିକ ରଞ୍ଜନ ମହାପାତ୍ର, ଭିଡିଓ ଜର୍ଣ୍ଣାଲିଷ୍ଟ ଭବାନୀ ଶଙ୍କର ବେହେରା, ବାଲେଶ୍ୱର ସଂସ୍କରଣ ବିଜ୍ଞାପନ ବିଭାଗ ମୁଖ୍ୟ ଧୃତିସୁନ୍ଦର ପଣ୍ଡା, ପ୍ରସାରଣ ବିଭାଗ ମୁଖ୍ୟ ରବି ଚନ୍ଦ୍ର ବେହେରା, ବାଲେଶ୍ୱର ସଦର ପ୍ରତିନିଧି ହରିଶଙ୍କର ପାଣି, ରାଜଘାଟ ପ୍ରତିନିଧି ବସନ୍ତ କୁମାର ଭଦ୍ର, ଉମାକାନ୍ତ ମାଝୀ, ଅଫିସ ସହଯୋଗୀ ରମେଶ ଦାସଙ୍କ ସହ ଆଲଫା କନସଲଟାନ୍ସିର ଗଣେଶ ଚନ୍ଦ୍ର ପାଣି, ଦୀପକ କୁମାର ଦାସ ମହାପାତ୍ର, ସୁକାନ୍ତ ମଲ୍ଲିକ, ସୀତାକାନ୍ତ ମଲ୍ଲିକ, ଖଗେନ୍ଦ୍ର ସେଠୀ, ଜୟଚନ୍ଦ୍ର ଦାସ, ବ୍ରହ୍ମାନନ୍ଦ ବିଶୋଇ, ଅମଳେନ୍ଦୁ ଘୋଷ ପ୍ରମୁଖ ପରିଚାଳନା କରିଥିଲେ।










ସ୍ୱେଚ୍ଛାକୃତ ରକ୍ତଦାତା

ପବିତ୍ର ମୋହନ ପଣ୍ଡା, ସୂର୍ଯ୍ୟକାନ୍ତ ସିଂ, ରାଜକିଶୋର ଦାସ, ବ୍ରହ୍ମାନନ୍ଦ ବିଶୋଇ, ସୁବ୍ରତ କୁମାର ଦାସ, ରଶ୍ମିରଞ୍ଜନ ପୃଷ୍ଟି, ମିତାଲୀ ସିଂ, ମୀନତି ସେଠୀ, ରମ୍ୟାରଞ୍ଜନ ଗିରି, ବିବେକାନନ୍ଦ ମହାନ୍ତ, ବହ୍ନିମାନ ରଥ, ସୌଭାଗ୍ୟ ମିଶ୍ର, ସରୋଜ ମିଶ୍ର, ରୋଜି ପଟ୍ଟନାୟକ, ସଂଯୁକ୍ତାରାଣୀ ବେହେରା, ସୌମ୍ୟରଞ୍ଜନ ମାଇତି, ବ୍ରିଜେଶ କୁମାର ଚୌଧୁରୀ, ଖଗେନ୍ଦ୍ର ସେଠୀ, ଜୟଚନ୍ଦ୍ର ଦାସ, ହରିଶଙ୍କର ପାଣି, ଅସୀମ ମହାପାତ୍ର, ସୁକାନ୍ତ ମଲ୍ଲିକ, ଉମାକାନ୍ତ ମାଝୀ, ପାର୍ବତୀ ମଲ୍ଲିକ, ଭବାନୀ ଶଙ୍କର ବେହେରା, କମଳଲୋଚନ ରାଉତ, ବିଜୟ ଅଧିକାରୀ, ରୁଚିକ ରଞ୍ଜନ ମହାପାତ୍ର, ଶଶିକାନ୍ତ ଦାସ, ବିଶ୍ୱରଞ୍ଜନ ପତି ଓ ରମେଶଚନ୍ଦ୍ର ଦାସ।

















● ଭାଷା ବିକାଶ ଭାଷାପକ୍ଷର ଦ୍ୱାଦଶ ଦିବସ
ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସାହିତ୍ୟ ସନ୍ଧ୍ୟା

ବାଲେଶ୍ୱର, ୭।୩ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଭାଷାପକ୍ଷ ଓ ପୁସ୍ତକମେଳାର ଦ୍ୱାଦଶ ଦିବସରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କୁ ସମର୍ପିତ ସାହିତ୍ୟ ସନ୍ଧ୍ୟା କବି ଦୀପକ ବୋଷଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟ,ଓଡ଼ିଆ ବିଭାଗରେ ଗବେଷଣାରତ ଛାତ୍ର ବବୁଲ କୁମାର ପ୍ରଧାନ ଓ କୁନ୍ତଳାକୁମାରୀ ମହିଳା ମହାବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ପ୍ରତୀଚୀ ନନ୍ଦ ଆଲୋଚକ ଭାବେ ଯୋଗଦେଇ ଡାକ୍ତର ନନ୍ଦଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋଚନା କରିଥିଲେ। ଗଳ୍ପ, ପ୍ରବନ୍ଧ ଓ କବିତା ସାଙ୍ଗକୁ ବିଭିନ୍ନ ଖବରକାଗଜରେ ଦୁଇଶହରୁ ଅଧିକ ସ୍ତମ୍ଭ ରଚନା କରି ସାମାଜିକ ଜୀବନରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଉଥିବା ଡାକ୍ତର ନନ୍ଦ ଏଯାବତ୍ ୩୫ରୁ ଉଦ୍ଧର୍ ପୁସ୍ତକ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିପାରିଛନ୍ତି ବୋଲି ବକ୍ତାଦ୍ୱୟ ପ୍ରକାଶ କରିଥିଲେ। ଅନୁଷ୍ଠାନ ଉପସଭାପତି ଗାଙ୍ଗିକ ନିବାରଣ ଜେନା ଭାଷାପକ୍ଷର ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିଥିବା ବେଳେ ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଡ. ତ୍ରିପାଠୀଙ୍କ ରଚିତ ତଥା ଡାକ୍ତର ନନ୍ଦଙ୍କ ଉପରେ ରଚିତ ଏକ ସଙ୍ଗୀତକୁ କଲ୍ୟାଣୀ ନନ୍ଦ ଗାନ କରିଥିଲେ। ସଂଗଠନ ସଂପାଦକ ତପନ ରାୟ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍ସର୍ଗ ବୃଦ୍ଧାଶ୍ରମରେ ଅନ୍ତର୍ଜାତୀୟ ମହିଳା ଦିବସ

ବାଲେଶ୍ୱର, ୭।୩ (ସମିସ): ବାଲିଆ କୁକୁଡ଼ାପଦା ଉତ୍ସର୍ଗ ବୃଦ୍ଧଶ୍ରମରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅତିଥି ଭାବେ ଡ. ଭାଗବତ ପ୍ରସାଦ ଦାସ, ଡକ୍ଟର ସିନ୍ଧୁ ସେନ, ସମ୍ପାଦକ ବିକର୍ତ୍ତନ ନାୟକ, ପ୍ରଦୀପ କୁମାର ମିଶ୍ର, ସୁରଭି ପାଣି, ଅଭୟ କୁମାର ପାଣି, ପ୍ରଭାକର ସାହୁ, ଗିରିଶ ପରିଡ଼ା ଓ ଡ଼ାକ୍ତର ଶ୍ରୀନିବାସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସହ ସମ୍ପାଦିକା ସତ୍ୟଭାମା ମୁଦୁଲି ପ୍ରାକ୍ ସୂଚନା ଦେଇଥିବା ବେଳେ ସଭ୍ୟ ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ବର୍ଗର ୬ ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଚନ୍ଦନେଶ୍ୱର ଜୀଉଙ୍କ ବିଶ୍ୱ ପ୍ରସିଦ୍ଧ ଚଡ଼କ ପର୍ବ ପ୍ରସ୍ତୁତି ବୈଠକ

ଏପ୍ରିଲ ୩ରେ ପ୍ରଥମ ଅର୍ଘ୍ୟ ଓ ୧୩ରେ ମହା ପାଟପର୍ବ

ଚନ୍ଦନେଶ୍ୱର/ଭୋଗରାଇ, ୭।୩ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ପୂର୍ବ ଭାରତର ପ୍ରସିଦ୍ଧ ଚନ୍ଦନେଶ୍ୱର ଜୀଉଙ୍କ ପ୍ରସିଦ୍ଧ ଚଡ଼କ ପର୍ବ୨୦୨୬ ଉତ୍ସବ ପାଳନ ଉପଲକ୍ଷେ ଆଜି ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚନ୍ଦନେଶ୍ୱରସ୍ଥିତ ଯାତ୍ରୀ ନିବାସରେ ଅନୁଷ୍ଠିତ ଏହି ବୈଠକରେ ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଶିବ ମାଲ୍ୟାବ ଅଧ୍ୟକ୍ଷତା କରିଥିବା ବେଳେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ସେବାୟତ ସଂଘର ମୌରସୀ ତଥା ଅଧ୍ୟକ୍ଷ ତପନ କୁମାର ପଣ୍ଡା ଚଡ଼କ ମେଳାର ସମ୍ପୂର୍ଣ୍ଣ ସୂଚୀ ନିର୍ଘଣ୍ଟ ପାଠ କରିଥିଲେ। ଭୋଗରାଇ ତହସିଲଦାର ତଥା ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟ କୁମାର ନାୟକ ମଞ୍ଚାସୀନ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ସଭା ପରିଚାଳନା କରିଥିବା ବେଳେ ଉପମୌରସୀ ବୁଦ୍ଧଦେବ ପଣ୍ଡା ଚଡ଼କ ମେଳାର ଐତିହ୍ୟ ଓ ଏହାର ଆଧ୍ୟାତ୍ମିକ ମାହାତ୍ମ୍ୟ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ୨୦୨୫-୨୬ ମସିହାରେ ଶ୍ରୀ ଚନ୍ଦନେଶ୍ୱର ମହାଦେବ



ଜୀଉଙ୍କର ପବିତ୍ର ଚଡ଼କ ପର୍ବ ୧୧ ଦିନ ବ୍ୟାପି ପାଳିତ ହେବ ଓ ମାତ୍ର ଶ୍ରୀ ଜୀଉଙ୍କର ଚଡକ ନୀତିକାନ୍ତି ୧୩ ଦିନ ବ୍ୟାପି ପାଳିତ ହେବ। ଏହି ନୀତି ନିୟମ ପଞ୍ଜିକା ନିୟମ ଅନୁଯାୟୀ ତିଥି ବାର ଓ ନକ୍ଷତ୍ର ଦେଖି ମୌରସୀ-ନ୍ୟାସୀ ତପନ କୁମାର ପଣ୍ଡା,ମୁଖ୍ୟ ପୂଜକ ବୁଦ୍ଧଦେବ ପଣ୍ଡା ଓ ସମସ୍ତ ସେବାୟତ ଥାଇ ନିମ୍ନ ଲିଖିତ ଚଡ଼କ ପର୍ବର ସମସ୍ତ ନୀତିକାନ୍ତି ଓ ନିର୍ଘଣ୍ଟ ଉଲ୍ଲେଖ କରାଗଲା।

୧୯ ଚୈତ୍ର ୩ ଏପ୍ରିଲ ୧୧ ଅର୍ଘ୍ୟ ଶୁକ୍ରବାର - ଚଡ଼କ ଯାତ୍ରାର ଶୁଭାରମ୍ଭ ପ୍ରାତଃ ୪ ଘଣ୍ଟା , ସମୟରେ ଶ୍ରୀ ଶ୍ରୀ ଜୀଉଙ୍କ ରୁଦ୍ରାଭିଷେକ। ଅପରାହ୍ନ ୪ ଘ. ସମୟରେ ମୌରସୀ-ନ୍ୟାସୀଙ୍କ ଆଜ୍ଞାମାଳ ଗ୍ରହଣ। ପାଟଭକ୍ତ ଓ ଦେଉଳିଆଙ୍କ ଉପବୀତ ଧାରଣ, ପଢ଼ା ବାଉଁଶ ଛେଦନ ଓ ଶେଷରେ ଅର୍ଘ୍ୟଦାନ। ଚଳିତ ବର୍ଷ ୧୯ ଚୈତ୍ର ଏପ୍ରିଲ ୩ ତାରିଖ ରେ ଚଡକ ଯାତ୍ରାର ଶୁଭାରମ୍ଭ ହେବ।ଏହି ଦିନ ମୌର ସନ୍ୟାସୀ ଙ୍କ ଆଜ୍ଞା ମାଳ ଗ୍ରହଣ ଓ ପାଟ ଭକ୍ତ ,ଦେଉଳିଆଙ୍କ ଉପବିତ ଧାରଣ, ପଢ଼ା ବାଉଁଶ ଛେଦନ ସହିତ ୧୧ ମ ଅର୍ଘ୍ୟ ପ୍ରଦାନ କାର୍ଯ୍ୟକ୍ରମ ହେବ। ସେହିପରି ୨୦ ଚୈତ୍ର ୪ ଏପ୍ରିଲ ୧୦ ଅର୍ଘ୍ୟ ଶନିବାର - ଶ୍ରୀ ଶ୍ରୀ ଜୀଉଙ୍କ ମହାନ ଚଡ଼କ ଯାତ୍ରାର ଘଟତୋଳନ ଓ ସମସ୍ତ ସେବାୟତ ଗୃହକୁ ଯାଇ ସୁଆଜ୍ଞା ଆନୟନ ହେବ।୨୧ ଚୈତ୍ର ୫ ଏପ୍ରିଲ ୯ ଅର୍ଘ୍ୟ, ୨୨ ଚୈତ୍ର ୬ ଏପ୍ରିଲ ୮ ଅର୍ଘ୍ୟ ସୋମ୍ବାର - ଭକ୍ତମାନଙ୍କର କାଲୁଆଚଣ୍ଡୀ ଠାରେ ଶ୍ରୀବେକଡ଼ା ପ୍ରଦାନ ,୨୪ ଚୈତ୍ର ୮ ଏପ୍ରିଲ ୬ ଅର୍ଘ୍ୟ , ୨୫ ଚୈତ୍ର ୯ ଏପ୍ରିଲ ୫ ଅର୍ଘ୍ୟ ,୨୬ ଚୈତ୍ର ୧୦ ଏପ୍ରିଲ ୪ ଅର୍ଘ୍ୟ ଶୁକ୍ରବାର - ଭଟ୍ଟପୁର ଗ୍ରାମରେ "କାମିନୀ" ମାତାଙ୍କ ପିତ୍ରାଳୟ ଗମନ। କନ୍ୟାସାକୃତୀ କାର୍ଯ୍ୟ ସମ୍ପାଦନ, ୨୭ ଚୈତ୍ର ୧୧ ଏପ୍ରିଲ ୩ ଅର୍ଘ୍ୟ ,୨୮ ଚୈତ୍ର ୧୨ ଏପ୍ରିଲ ୨ ଅର୍ଘ୍ୟ ରବିବାର ପ୍ରାତଃ କାଳରେ କାମୀନା ଘଟଙ୍କୁ ଘେନି ପିତ୍ରାଳୟକୁ ଗମନ ବିଶାଳ ସୁସଜ୍ଜିତ ପଟୁଆରରେ ଘଟଦ୍ୱୟକୁ ଭବ୍ୟ ଶୋଭାଯାତ୍ରାରେ ଗର୍ଭଗୃହ ମଧ୍ୟରେ ଆନୟନ। ଗର୍ଭଗୃହ ମଧ୍ୟରେ ଶିବ-କାମୀନାଙ୍କ ବିଶେଷ ନିତୀକାନ୍ତିରେ, ବୈଦିକ ରିତୀରେ ଶୁଭ ବିବାହ ଓ ଶ୍ରୀ ଶ୍ରୀ ଜୀଉଙ୍କ ମହାନ ନୀଳ ପର୍ବ ଅନୁଷ୍ଠିତ ହେବ।ସେହିଦିନ ପାଟଭକ୍ତ, ଶ୍ରୀବେକଡ଼ା ଓ ଦେଉଳିଆ ଭକ୍ତ ମାନଙ୍କ ଦ୍ୱାରା ସ୍ତମ୍ଭୀ କାଷ୍ଠ ଉତ୍ତୋଳନ ଏବଂ ନୀଳ ପୋଖରିରେ ମହା ଆଳତି ଭବ୍ୟତାର ସହିତ ସମ୍ପନ୍ନ ଓ ମନ୍ଦିର ପରିସରରେ ଶେଷ ବେକଡ଼ା ପ୍ରଦାନ କରାଯିବ। ୨୯ ଚୈତ୍ର ଏପ୍ରିଲ ୧୩ତାରିଖରେ ପର୍ବର ଅନ୍ତିମ ଅର୍ଘ୍ୟ ସହିତ ମହା ପାଟ ପର୍ବ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟପକ୍ଷରେ ଏହି ମେଳାକୁ ଶୃଙ୍ଖଳିତ ଭାବେ ସମାପନ ପାଇଁ ପୋଲିସ ବିଭାଗ ପକ୍ଷରୁ ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀ ଦେବଜ୍ୟୋତି ଦାଶ ଓ ଏସଡିପିଓ ଶ୍ରୀ ସୁବ୍ରତ କୁମାର ବେହେରା ଆଇନ-ଶୃଙ୍ଖଳା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଡ୍ରୋନ ଓ ସିସିଟିଭି ବ୍ୟବସ୍ଥା ସମ୍ପର୍କରେ ମତପ୍ରକାଶ କରିଥିଲେ। ଗତ ବର୍ଷ ତୁଳନାରେ ଏହିବର୍ଷ ଅଧିକ ସଂଖ୍ୟାରେ ପୋଲିସ ବଳ ମୁତୟନ କରାଯିବ ବୋଲି ଶ୍ରୀ ଦାଶ ସୂଚନା ଦେଇଥିଲେ। ସେହିପରି ଓଡ୍ରାଫ ଓ ଅଗ୍ନିଶମ ବିଭାଗର ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ବିଧାୟକ ଶ୍ରୀ ଦାସ ରାସ୍ତା କଡ଼ରେ ପାର୍କିଂ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ପାଣି ଓ ସାନିଟେଶନ ସହ ରାସ୍ତା ମରାମତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କଠାରୁ ପ୍ରସ୍ତୁତି ସମ୍ପର୍କିତ ତଥ୍ୟ ଗ୍ରହଣ କରିଥିଲେ। ପରେ ବିଦ୍ୟୁତ୍, ଜଳ ଯୋଗାଣ, ଟାଟା ପାୱାର ସହିତ ଅନ୍ୟାନ୍ୟ ବିଭାଗ ମେଳା ପାଇଁ ନିଜ ନିଜ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ, ଡାକ୍ତରୀ ଟିମ୍, ଔଷଧ ଶିବିର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବ୍ୟବସ୍ଥା ବିଷୟରେ ସୂଚନା ଦିଆଯାଇଥିଲା। ଜଳ ଯୋଗାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଟଏଲେଟ୍ ବ୍ୟବସ୍ଥା ଓ ପାଣି ଯୋଗାଣ ସମ୍ପର୍କରେ ଅବଗତ କରାଇଥିଲେ। ଉପଜିଲ୍ଲାପାଳ ଶ୍ରୀ ମାଲବ୍ୟ ସମସ୍ତ ବିଭାଗର ଉତ୍ତମ ସମନ୍ୱୟ ମାଧ୍ୟମରେ ଚଡ଼କ ପର୍ବର ସୁଚାରୁ ଓ ସଫଳ ଆୟୋଜନ ପାଇଁ ଆଶା ପ୍ରକାଶ କରିଥିଲେ।

ବିନା ଲାଇସେନ୍ସରେ କାରବାର

୨.୫ ଲକ୍ଷର ମେଡିସିନ ଜବତ

ଖଇରା,୭ ।୩ (ସମିସ): ଜିଲା ଡ୍ରଗ୍ସ ବିଭାଗ ପକ୍ଷରୁ ବାଲେଶ୍ୱର ଜିଲା ଖଇରା ଥାନା ଗୋବିନ୍ଦପୁର ପଞ୍ଚାୟତ ଅଧୀନ କଣ୍ଟାବଣିଆ ଗ୍ରାମରେ ଶନିବାର ଅପରାହ୍ନରେ ଚଢାଉ କରାଯାଇ୨.୫ଲିଟରମେଡିସିନ ଜବତ କରାଯାଇଥିବା ବେଳେ ବେଆଇନ କାରବାରରେ ସମ୍ପୃକ୍ତ ଅମିତାଭ ପାଢୀଙ୍କୁ ଗିରଫ କରାଯାଇଛି। ଅମିତାଭଙ୍କର ସୋରରେ ଏକ ମେଡିସିନ ଦୋକାନ ଥିବା ବେଳେ କାବଣିଆ ଘରେ ମେଡିସିନ ମହଜୁଦ ରଖି ବେଆଇନ କାରବାର କରୁଥିଲେ। ଡ୍ରଗ୍ସ ଇନ୍ସପେକ୍ଟର ମୋନାଲିସା ମଲ୍ଲିକଙ୍କ ନେତୃତ୍ୱରେ ଏହି ଟିମ ପ୍ରଥମେ ସୋର ଦୋକାନ ଏବଂ ପରେ ଗାଁ ବାସଭବନରେ ଚଢାଉ କରି ମେଡିସିନ ଜବତ କରିଥିଲେ।

ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

ଖଇରା,୭ ।୩ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଅନ୍ତର୍ଗତ ଭିନ୍ନକ୍ଷମ ଚିହ୍ନଟ ଶିବିର ଶନିବାର ଦିନ ଖଇରା ବ୍ଲକ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଡାକ୍ତର ମାନେ ବିଳମ୍ବରେ ପହଞ୍ଚିବା, ୨ଟା ପୂର୍ବରୁ ପରୀକ୍ଷା ବନ୍ଦକରି ପଳାଇଯିବା ତଥା ଗତବର୍ଷ ଯେଉଁମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିଲା ତାହା ନବୀକରଣ କରାଯାଇନଥିବାରୁ ଭତ୍ତା ମଞ୍ଜୁରୀରେ ସମସ୍ୟା ସୃଷ୍ଟି ହେବାକୁ ନେଇ ଅଧିକାଂଶ ପଞ୍ଚାୟତର ଲୋକପ୍ରତିନିଧି ମାନେ ଏହାର ପ୍ରତିବାଦ କରିଥିଲେ। ଏଥିପାଇଁ ବେଶ କିଛି ସମୟ ଧରି ହୋହାଲ୍ଲା ପାଟିତୁଣ୍ଡ ମଧ୍ୟ ଚାଲିଥିଲା। ପରେ ସେଠାରେ ଉପସ୍ଥିତ ଥିବା ବିଧାୟକ ପଦ୍ମଲୋଚନ ପଣ୍ଡା, ବିଡିଓ ନାରାୟଣ ସାହୁ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ପ୍ରମୁଖଙ୍କ ହସ୍ତକ୍ଷେପ ପରେ ମାତ୍ର ୨ଜଣ ହିତାଧିକାରୀଙ୍କ ପ୍ରମାଣପତ୍ର ନବିକରଣ କରାଯାଇଥିଲା। ସେହିଭଳି ଶନିବାର ଶିବିରକୁ କର୍ଣ୍ଣ, ନାସା ଓ ଗଳା ବିଶେଷଜ୍ଞ ଆସିନଥିବାରୁ ୨ଶହରୁ ଅଧାକ ଏହି ବର୍ଗର ରୋଗୀ ଫେରିଯିବାକୁ ବାଧ ହୋଇଥିଲେ। ଅନ୍ୟାନ୍ୟ ବର୍ଗରେ ୪୨୩ଜଣ ଭିନ୍ନକ୍ଷମ ଉକ୍ତ ଶିବିରରେ ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରୋଜ କୁମାର ନାୟକ, ସହକାରୀ ଯନ୍ତ୍ରୀ ବିଭୁତି ଭୁଷଣ ନାୟକ, ମୁଖ୍ୟ କିରାଣୀ ବ୍ରହ୍ମାନନ୍ଦ ଦାଶ, ସିପି ଶଶିକାନ୍ତ ଦାସ, ଦ୍ରୁପଦ ନାୟକ, ଅନନ୍ତ କୁଅଁରଙ୍କ ସମେତ ଆଶା,ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ।

ବେଆଇନ ମାଟି ଉତ୍ତୋଳନ ବେଳେ ଜେସିବି ଜବତ

ସୋର, ୭।୩ (ସମିସ): ଆଜି ମଧ୍ୟାହ୍ନରେ ବରଫକଳ ଛକ ନିକଟରୁ ଏକ ଜେସିବି ମେସିନକୁ ସୋର ଅତିରିକ୍ତ ତହସିଲଦାର ଜବତ କରିଛନ୍ତି। ସୂଚନା ଅନୁସାରେ ସୋର ଥାନା ବରଫକଳ ଛକ ନିକଟରେ ମାଟି ଚୋରା ଚାଲାଣ ହେଉଥିବା ଖବର ପାଇ ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ଚଡ଼ଉ କରିଥିଲେ। ଏହି ସମୟରେ ମାଟି ଚାଲାଣରେ ବ୍ୟବହୃତ ହେଉଥିବା ଟ୍ରାକ୍ଟର ଗୁଡିକ ଫେରାର ହୋଇଯାଇଥିବାବେଳେ ସେଠାରେ ନିୟୋଜିତ ଥିବା ଏକ ନମ୍ବର ବିହୀନ ଜେସିବି ମେସିନକୁ ଅତିରିକ୍ତ ତହସିଲଦାର ଶ୍ରୀ ସିଂହ ଜବତ କରିଥିଲେ। ପରେ ଜବତ ମେସିନକୁ ଖଣି ବିଭାଗକୁ ହସ୍ତାନ୍ତର କରିବା ସହିତ ତହସିଲ ପରିସରରେ ରଖାଯାଇଥିବା ଜଣାପଡିଛି।

ପଥର ଖାଦାନରୁ ବେଆଇନ କମ୍ପ୍ରେସର ଜବତ

ସୋର, ୭।୩ (ସମିସ): ସୋର ଥାନା ବାଗୁଡି ପଥର ଖାଦାନରୁ ପଥର ଲୁଟ ରୋକିବାର ନା ଧରୁନି। ଗତକାଲି ରାତିରେ ମହୁମୁହାଣ ଖାଦାନର ୧ ନମ୍ବର ଏବଂ ୨ ନମ୍ବର କ୍?ାରୀ ମଝିରେ ବ୍ଲାଷ୍ଟିଂ ପାଇଁ ପ୍ରସ୍ତୁତି ହେଉଥିବା ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଓ ସମ୍ବିତ କୁମାର ମଣି ଚଢ଼ାଉ କରିଥିଲେ। ଏହି ସମୟରେ ପାହାଡ ଫଟାଇବାକୁ ଥିବା ୱାଗନ ମେସିନ, କମ୍ପ୍ରେସର ଓ ଟ୍ରକକୁ ଜବତ କରିଥିଲେ।ଚଢ଼ାଉ ସମୟରେ ମାଫିଆମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ଉକ୍ତ ମେସିନକୁ ବିଭାଗ ତରଫରୁ ଜବତ କରାଯାଇଥିଲା। ତେବେ ଜବତ ମେସିନ ଓ ଗାଡି ଉପରେ ଫାଇନ ଆଦାୟ ପରେ ଏହାକୁ ଛଡାଯିବ ବୋଲି ଖଣି ବିଭାଗ ପକ୍ଷରୁ ସୁଚନା ମିଳିଛି।

ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

ସୋର, ୭।୩ (ସମିସ): ସୋର ଥାନା ମୁଳିସିଂ ପଞ୍ଚାୟତ ମାଙ୍ଗେଶ୍ୱରପୁର ଗ୍ରାମରେ ହୋଇଥିବା ଏକ ଜବର ଦଖଲକୁ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏହି ଗ୍ରାମରେଥିବା ଏକ ସରକାରୀ ଜମିରେକିଛି ଲୋକ ଦୀର୍ଘଦିନ ଧରି ଜବରଦଖଲ କରିଥିଲେ। ଏନେଇ ଗ୍ରାମବାସୀ ସୋର ତହସିଲରେ ଅଭିଯୋଗ କରିଥିଲେ। ଆଜି ମଧ୍ୟାହ୍ନରେ ସୋର ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ସୋର ପୁଲିସ ଓ ସୋର ଅଗ୍ନିଶମ ବିଭାଗର ସହଯୋଗରେ ଉକ୍ତ ଜବର ଦଖଲକୁ ଉଚ୍ଛେଦ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ଏକ ପ୍ଲାଟୁନ ପୁଲିସ ଫୋର୍ସ ମୃତୟନ କରାଯାଇଥିଲା।

ମେଳଣ ଦେଖିବାକୁ ଯାଇଥିବା ବେଳେ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ସୋର, ୭।୩ (ସମିସ): ସୋର ଥାନା ମାଣତ୍ରୀ ପଞ୍ଚାୟତ ଜହ୍ନିଆ ଗ୍ରାମରେ ଗତକାଲି ରାତିରେ ପରିବାର ଲୋକେ ଦହିପୁର ମେଳଣ ଦେଖିବାକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ଘରେ କଳାକନା ବୁଲାଇ ଦେଇଛନ୍ତି। ଏହି ଗ୍ରାମର ସୁଧାକର ସାହୁଙ୍କ ପରିବାର ଲୋକେ ଗତକାଲି ନିକଟରେ ହେଉଥିବା ଦହିପୁର ମେଳଣ ଦେଖିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘରର ଚାବି ଭାଙ୍ଗି ଘରେ ପଶି ନଗଦ ୨୫, ୫୦୦ ଟଙ୍କା ସହ ୪ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ଗହଣା ଚୋରି କରି ଫେରାର ହୋଇ ଯାଇଥିଲେ। ପରିବାର ଲୋକେ ରାତିରେ ମେଳଣରୁ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣି ପାରି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଥିଲା। ଆଜି ସକାଳେ ଏ ବାବଦରେ ପରିବାର ଲୋକଙ୍କ ତରଫରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଭାଲୁ ଆକ୍ରମଣରେ ଯୁବକ ଆହତ

ନୀଳଗିରି, ୭।୩ (ସମିସ): ଶୌଚ ହେବାକୁ ଯାଉଥିବା ଜଣେ ଯୁବକଙ୍କୁ ଭାଲୁଆକ୍ରମଣ କରିବାରୁ ଯୁବକ ଜଣକ ଗୁରୁତରହୋଇ ବାଲେଶ୍ୱର ମେଡିକାଲକଲେଜରେ ଚିକିତ୍ସିତ ହେଉଥିବା ଜଣାପଡିଛି। ନରଣପୁର ପଞ୍ଚାୟତ ଭୁଲାପଡିଆ ଗ୍ରାମର ବନମାଳୀ ସିଂଙ୍କ ପୁଅ ବୁଦ୍ଧିରାମ ସିଂ(୩୧) ନିକଟସ୍ଥ ନକୁଳକୁଅଁର ପୋଖରୀ ନିକଟସ୍ଥ ଜଙ୍ଗଲକୁ ଅନ୍ୟଜଣେ ସାଙ୍ଗଙ୍କ ସହିତ ଶୌଚହେବାକୁ ଯାଇଥିବା ବେଳେ ଶନିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ହଠାତ୍ ଏକ ଭାଲୁ କାମୁଡିଦେବା ଫଳରେ ତାଙ୍କର ଜଙ୍ଘରେ ଗଭୀର କ୍ଷତ ହୋଇଥିଲା। ଚିତ୍କାର କରିବାରୁ ସ୍ଥାନୀୟଲୋକ ଉଦ୍ଧାରକରି ପ୍ରଥମେ ନୀଳଗିରି ଏବଂ ପରେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ରେଫର୍ କରାଯାଇଥିବା ସୂଚନା ମିଳିଛି।

ନୟାପାଲି ଦୋଳ ଉତ୍ସବ ଉଦ୍‌ଯାପିତ

କର୍ମର୍ଦ୍ଦା, ୭।୩ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଖରିଦ ପିପଳ ପଞ୍ଚାୟତ ଅଧିନ ନୟାପାଲି ଗ୍ରାମରେ ଦୀର୍ଘ ୫ଦିନ ଧରି ଅନୁଷ୍ଠିତ ହେଉଥିବା ଦୋଳ ଉତ୍ସବ ଆଜି ଉଦଯାପିତ ହୋଇଯାଇଛି। ଉତ୍ସବ ମଣ୍ଡପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସହିତ ବିଭିନ୍ନ ଦେବା ଦେବୀ ଙ୍କ ମୂର୍ତ୍ତି ବେସ ମନମୁଗ୍ଧକର ହୋଇଥିଲା। ଉଦଯାପନୀ ସନ୍ଧ୍ୟାରେ ଶହ ଶହ ଦର୍ଶକ ଙ୍କ ଖଚାଖଚ ଭିଡ଼ ଜମିଥିଲା। ଏହି ଅବସରରେ ସୁନା ଭାଉଜ, ସୁନା ଝିଅ ପ୍ରତିଯୋଗିତା ଭଳି ଆକର୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଫଳ ହୋଇଥିବା ମହିଳା ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

ଦୀନକୃଷ୍ଣ ପାଲା ମଣ୍ଡଳର ବାର୍ଷିକ ସମ୍ମିଳନୀ

ରାଜଘାଟ, ୭।୩ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପୁଟୁରା ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଦୋଳ ମେଳଣ ଉପଲକ୍ଷେ ଅବିଭକ୍ତ ବାଲେଶ୍ୱର ଭଦ୍ରକ ଜିଲ୍ଲାର ଉପଶାଖା ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦର ଦୀନକୃଷ୍ଣ ପାଲା ମଣ୍ଡଳ ବସ୍ତା ତରଫରୁ ୩୯ ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟଅତିଥି ଭାବରେ ଜଳେଶ୍ୱର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ସମିତିସଭ୍ୟ ଭଜହରି ପରିଡା ଉପସ୍ଥିତ ହୋଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ସୁଦର୍ଶନ ଜେନା, ଉଜ୍ଜ୍ୱଳ ଗିରି, ହିମାଂଶୁ ଜେନା, ଦୀନକୃଷ୍ଣ ମଣ୍ଡଳର ସଭାପତି ସୁରେନ୍ଦ୍ର ନାଥ ରାଉତ ପ୍ରମୁଖ ଉପସ୍ଥିତ ହୋଇ ଥିଲେ। ସମ୍ମିଳନୀରେ ୬ଟି ପାଲା ଦଳ ଅଂଶଗ୍ରହଣ କରି ପାଲା ପରିବେଷଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଗାୟକ ରସ ସାଗର ଅଦ୍ୱୈତ୍ୟ ଦାସ, ଦ୍ୱିତୀୟ ପର୍ଯ୍ୟାୟରେ ଅଞ୍ଜଳୀ ବିଶ୍ୱାଳ, ତୃତୀୟ ପର୍ଯ୍ୟାୟରେ ହରିଶ୍ଚନ୍ଦ୍ର ସେନାପତି ଏଥିରେ ଭାଗ ନେଇଥିଲେ। ଗ୍ରାମ ମାଲିକ ହରିଶ୍ଚନ୍ଦ୍ର ବେହେରା, ଦୋଳ କମିଟି ମାଲିକ ସୁକୁମାର ଆଦେକ, ଚଉଦ ମାଦଳ କମିଟିର ମାଲିକ ବିନୋଦ ଖଟୁଆ, ବଂଶୀଧର ମୈକାପ, ବ୍ରହ୍ମାନନ୍ଦ ମୈକାପ, ବିରେନ ଗୋଚ୍ଛାୟତ, ଗୌରାଙ୍ଗ ପ୍ରମାଣିକ, ପଞ୍ଚାନନ ମୈକାପ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

ଶଙ୍ଖାରୀ ରାଧା ଗୋପୀନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଚନ୍ଦନେଶ୍ୱର, ୭।୩ (ସମିସ) : ଭୋଗରାଇ ବ୍ଲକ ଅଧୀନ ଇସ୍କନ ପରିଚାଳିତ ଶଙ୍ଖାରୀ ଶ୍ରୀ ଶ୍ରୀ ରାଧା ଗୋପୀନାଥ ଜୀଉଙ୍କ ୧୯ ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉଦଘାଟିତ ହୋଇ ଯାଇଛି। ଏହି ଅବସରରେ ପ୍ରାୟ ୫ଶହରୁ ଅଧିକ ମହିଳା ଚନ୍ଦନେଶ୍ୱର ମନ୍ଦିରର ନୀଳ ପୁଷ୍କରିଣୀରୁ ପାଣି ନେଇ ଏକ କଳସ ଶୋଭାଯାତ୍ରାରେ ଯାଇଥିଲେ। ୪ ଦିନ ବ୍ୟାପୀ ହେବାକୁ ଥିବା ଏହି ଉତ୍ସବରେ ଭଜନ, କୀର୍ତ୍ତନ, ସନ୍ଧ୍ୟା ଆଳତି, ମାଙ୍ଗଳିକ ଦ୍ରବ୍ୟ, ଅଧୀବାସ, ଅଭିଷେକ, ଯଜ୍ଞ, ପ୍ରବଚନ, ମହାଆଳତି, ବିଗ୍ରହ ପ୍ରତିଷ୍ଠା, ଓଡ଼ିଶୀ ନୃତ୍ୟ ଆଦି ପରିବେଷଣ ହୋଇଥିଲା। ମନ୍ମଥ-ମନୋଜ ସ୍ମାରକୀ ପରିସରରେ ଥିବା ପୋଖରୀରେ ରାଧାଗୋପୀନାଥଙ୍କ ନୌବିହାର ଓ ମୁକ୍ତାକାଶ ରଙ୍ଗ ମଂଚରେ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମାୟାପୁରରୁ ଆସିଥିବା ଭଦ୍ରଚାରୁ ପ୍ରଭୁ, ହେମହରି ପ୍ରଭୁ, ଲାବଣ୍ୟ ଗୌର ଦାସ,ଶଙ୍ଖାରି ମନ୍ଦିରର ସଭାପତି ବ୍ରଜ ସୁନ୍ଦର ଶ୍ୟାମ ଦାସ, ଚୈତନ୍ୟ ଚରଣ ପ୍ରସାଦ ଦାସ, ବ୍ରହ୍ମ ତୀର୍ଥ ଦାସ, ପିତାମ୍ବର ଦାସ ପ୍ରମୁଖ ଯୋଗଦେଇ ସଂକୀର୍ତ୍ତନରେ ସକ୍ରିୟ ଭୂମିକା ତୁଲାଇ ଥିଲେ। ଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ, ସୁଶାନ୍ତ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ସୂଚନା ଥାଉକି, ଉକ୍ତ ମନ୍ଦିର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡାକ୍ତର କମଳା ଦାସ ଓ ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ କାଳିକୁମାର ଦାସ ପ୍ରତିଷ୍ଠା କରି ଇସ୍କନ ସେବକ ମାନଙ୍କୁ ଅର୍ପଣ କରିଥିଲେ।

୧୯୮୦ ମାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ

ଚନ୍ଦନେଶ୍ୱର, ୭।୩ (ସମିସ) : ଭୋଗରାଇର ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ ଶଙ୍ଖାରିର ୧୯୮୦ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ତାଳସାରୀ ବେଳାଭୂମିରେ ଅନୁଷ୍ଠିତ ଏହି ସମାବେଶକୁ ଜୟକୃଷ୍ଣ ଦାସ ଅଧିକାରୀ ସଂଚାଳନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ୪୬ବର୍ଷର ପୁରୁଣା ସ୍ମୃତିକୁ ପରସ୍ପର ମଧ୍ୟରେ ବଖାଣି ଥିଲେ। ପ୍ରାକ୍ତନ ଛାତ୍ର ଅମୂଲ୍ୟ କୁମାର ଗିରି ଯୋଗଦେଇ ଏଭଳି ବନ୍ଧୁ ମିଳନ ପାରିବାରିକ ସମ୍ପର୍କକୁ ଅଧିକ ଦୃଢୀଭୁତ କରିବ ବୋଲି କହିଥିଲେ। ଜୀବନ କୃଷ୍ଣ ଗିରିଙ୍କ ସ୍ୱରଚିତ କବିତା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରାଧାକାନ୍ତ ଭୋଳ, ଜୀବନ ଗିରି, ବିନୋଦ ପ୍ରଧାନ, ରାମକୃଷ୍ଣ ପ୍ରଧାନ, ବଙ୍କିମ ସୁର, ଭୁଷଣ ସୁର, ସୁକାନ୍ତି ପ୍ରଧାନ, ଚନ୍ଦ୍ରାବତୀ ସାହୁ, ଆରତୀ ଦାସ, ବରୁଣ ଦାସ, ଧନଞ୍ଜୟଭଞ୍ଜ ପ୍ରମୁଖ ସାମିଲ ଥିଲେ। ପ୍ରଦୀପ ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ରେମୁଣାରେ ପର୍ଯ୍ୟଟନ ବଳୟ ଗଠନ ପ୍ରସ୍ତୁତି

ରେମୁଣା, ୭।୩(ସମିସ): ରେମୁଣାର ଐତିହାସିକ, ପୌରାଣିକ ଓ କିମ୍ବଦନ୍ତୀ ଯୁକ୍ତ ବିଭିନ୍ନ ପୀଠସ୍ଥଳୀକୁ ନେଇ ଏକ ପର୍ଯ୍ୟଟନ ବଳୟ ଗଠନ ନିମନ୍ତେ ହୋଇଥିବା ପ୍ରୟାସ ଆଜି ଆଉ ଗୋଟିଏ ପାଦ ଆଗକୁ ବଢ଼ିଛି। ଆଜି ସାଂସଦ, ବିଧାୟକ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଦୀର୍ଘ ୫ ଘଂଟାରୁ ଅଧିକ ସମୟ ଧରି ରେମୁଣାର ସେହିସବୁ ପୀଠସ୍ଥଳୀ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥି ନିମନ୍ତେ ବିଭିନ୍ନ ବିଭାଗ ଦ୍ୱାରା ପ୍ରକଳ୍ପର ବ୍ୟୟ ଅଟକଳ କରାଯିବା ପରେ ଏହି ପ୍ରକଳ୍ପର ଅର୍ଥ ମଞ୍ଜୁର ପାଇଁ ପ୍ରେରିତ କରାଯିବ। ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ସିଡ଼ିଓ ସଞ୍ଜୟ କୁମାର ରାଉତ ଙ୍କ ସମେତ ଆଇଜି, ପିଡବ୍ଲ୍ୟୁଡି, ପର୍ଯ୍ୟଟନ, ବନ ବିଭାଗ, ଜଳ ସମ୍ପଦ, ଡ୍ରେନେଜ ବିଭାଗ ଅଧିକାରୀ, ରେମୁଣା ରହସିଲଦାର ଏବଂ ରେମୁଣା ବିଡିଓ ପ୍ରମୁଖ ସୋନ-ଗଙ୍ଗାହର-ବୁଢ଼ାବଳଙ୍ଗ ତିନି ନଦୀର ସଙ୍ଗମସ୍ଥଳ ତ୍ରିବେଣୀ, କ୍ଷୀରଚୋରା ଗୋପୀନାଥ ମନ୍ଦିର, ଗାର୍ଗେଶ୍ୱର ଶିବ



ମନ୍ଦିର, ସପ୍ତଶରା ନଦୀ, ରାମଚଣ୍ଡୀ ମନ୍ଦିର, ପଣ୍ଡିତ ବଳଦେବ ବିଦ୍ୟାଭୂଷଣଙ୍କ ଜନ୍ମସ୍ଥାନ, ବ୍ଲକ ପୋଖରୀ, କୁଟ ପୋଖରୀ, କନକଦୂର୍ଗା ମନ୍ଦିର, ହାତପାଦ ଥିବା ଜଗନ୍ନାଥ ମନ୍ଦିର, ଶ୍ରୀଧରସ୍ୱାମୀଙ୍କ ସ୍ମୃତି

ପୀଠସ୍ଥଳୀ ପରିଦର୍ଶନ କଲେ ସାଂସଦ, ବିଧାୟକ ଏବଂ ଜିଲ୍ଲା ପ୍ରଶାସନିକ ଅଧିକାରୀ

ମନ୍ଦିର, କଙ୍କାଳୀମଠ, ଦୁର୍ଗାଦେବୀ ଜଗନ୍ନାଥ ମନ୍ଦିର ଏବଂ ଭୀମେଶ୍ୱର ଶୈବପୀଠ ପ୍ରମୁଖ ପୀଠ ପରିଦର୍ଶନ କରିଥିଲେ। ପରିଦର୍ଶନ ପରେ ବାଲଗୋପାଳପୁର ସ୍ଥିତ ଇମାମି ଜଗନ୍ନାଥ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲାୟ। ସବୁ ପୀଠସ୍ଥଳୀ ଗୁଡ଼ିକୁ ସଂଯୋଗ କରାଯାଇ ଏକ ପର୍ଯ୍ୟଟନ ବଳୟ ଗଠନ କରାଯିବ। ଯାହାଦ୍ୱାରା ସାଂସ୍କୃତିକ ଐତିହ୍ୟ ବଜାୟ ରହିବା ସହିତ ପର୍ଯ୍ୟଟନ ଶିଳ୍ପର ବିକାଶ ଏବଂ ସାଂସ୍କୃତିକ ଐତିହ୍ୟକୁ ଆଗକୁ ଆଣିବାର ପ୍ରୟାସ କରାଯିବ ବୋଲି କୁହାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଦୟାନନ୍ଦ ଦାସ, ଶିଳ୍ପୀ କେଶୁ ଦାସ, ନିରଞ୍ଜନ ଗିରି, ରମାକାନ୍ତ ପଣ୍ଡା, ଜୟନ୍ତ ମଣ୍ଡଳ, ହରେକୃଷ୍ଣ ଗରି, ଗିରିଧାରୀ ଦାସ, ମୟାଧର ପ୍ରଧାନ, ସରୋଜ କୁମାର ବେହେରା, ପ୍ରମୋଦ କୁମାର ଦାସ, ଉପେନ୍ଦ୍ର ନାଥ ପୁହାଣ, ଜୟକୃଷ୍ଣ ସାହୁ, ପ୍ରଦୀପ କୁମାର ଜେନା, ଦିଲ୍ଲୀପ କୁମାର ଦେ, ଉମେଶ ଚନ୍ଦ୍ର ମଣ୍ଡଳ, ଚିତରଞ୍ଜନ ବେହେରା, ତାପସ କୁମାର ରଥ, ଭାଗବତ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଓ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଉଦ୍‌ଘାଟିତ

ଜଳେଶ୍ୱର, ୭।୩ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତ ସ୍ଥିତ ସାନରାଉତପଡ଼ା ଓ ବାଗ ଗ୍ରାମ ସନ୍ନିକଟ ସୁବର୍ଣ୍ଣରେଖା ନଦୀ ପଠାରେ ଦ୍ୱିତୀୟ ବର୍ଷ ସୁବର୍ଣ୍ଣରେଖା ମହୋତ୍ସବ ଓ ୩୨ ବେଶ ଉଦଘାଟିତ ହୋଇଯାଇଛି। ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଓ ଜଗନ୍ନାଥଙ୍କ ୩୨ ବେଶ ଆସନ୍ତା ୧୭ ତାରିଖ ଯାଏ ମହା ଆଡମ୍ବରରେ ପାଳିତ ହେଉଛି। ବସ୍ତା ଓ ଜଳେଶ୍ୱର ବ୍ଲକର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଗମନାଗମନ ସୁବିଧା ପାଇଁ ନଦୀ ଉପରେ ଏକ ସ୍ୱତନ୍ତ୍ର ଅସ୍ଥାୟୀ କାଠ ପୋଲ ମଧ୍ୟ ନିର୍ମାଣ କରା ଯାଇଛି। ପଶ୍ଚିମବଙ୍ଗ ଚନ୍ଦନନଗର ର ଆକର୍ଷଣୀୟ ସୁସଜିତ ଆଲୋକମାଳା ଓ ଭୁବନେଶ୍ୱରର ପ୍ୟାଣ୍ଡାଲ ଲୋକଙ୍କୁ ଆକର୍ଷିତ କରୁଥିବା ବେଳେ ଜଗନ୍ନାଥଙ୍କ ବତିଶ ବେଶ ଓ ବିଭିନ୍ନ ଠାକୁରଙ୍କ କୁଞ୍ଜ ବହୁତ ସୁନ୍ଦର ଭାବେ ନିର୍ମିତ ହୋଇଛି। ଶନିବାର ଅପରାହ୍ନ ରେ ପୁରୀ ଜଗନ୍ନାଥ ମନ୍ଦିରରୁ ଠାରୁ ଆଜ୍ଞାମାଳ ଆସିବା ପରେ ଏହି ୧୧ ଦିନିଆ ମେଳାର ଶୁଭାରମ୍ଭ ହୋଇଯାଇଛି। ଏହି ମହୋତ୍ସବକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଉଦଘାଟନ କରି ସ୍ଥାନୀୟ ଅଂଚଳର ସଂସ୍କୃତି ଓ ଭାଇଚାରା, ସଂପ୍ରତି ବୃଦ୍ଧି ସହିତ ବିକାଶର ସ୍ୱର ଉତଥାପନ ହୋଇଥାଏ ବୋଲି କହିଛନ୍ତି। ପୂର୍ବାହ୍ନ ୧୦ ଘଟିକା ସମୟରେ କୋଟସାହି ସରପଞ୍ଚ ମଞ୍ଜୁବାଳା ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ସୁବର୍ଣ୍ଣରେଖା ନଦୀର ଗୋବର୍ଦ୍ଧନପୁର ପଠାରୁ ପୂର୍ଣ୍ଣ କଳସ ନେଇ ମହୋତ୍ସବ ପଡିଆ ପର୍ଯ୍ୟନ୍ତ ଆସିଥିଲା। କାର୍ଯ୍ୟକ୍ରମକୁ ପ୍ରବୀର ପ୍ରଧାନ, କାଳିଚରଣ ଦାସ, ରଣଜିତ ପରିଡ଼ା, ମହେଶ୍ୱର ବଡୁ, ନଗେନ୍ଦ୍ର ଜେନା, ଅବନୀ ସାହୁ, ରାଜେନ୍ଦ୍ର ନନ୍ଦୀ, ବିଶ୍ୱଜିତ ନନ୍ଦୀ, ଅଶୋକ ମହାନ୍ତି, ବିଜୟ ମହାନ୍ତି ପ୍ରମୁଖ ବହୁ ଜନସାଧାରଣ ପରିଚାଳନା କରିଥିଲେ।

ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସଂସ୍କୃତ ବିଭାଗରେ ଜାତୀୟ କର୍ମଶାଳା

ବାଲେଶ୍ୱର, ୭।୩ (ସମିସ)

ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସଂସ୍କୃତ ବିଭାଗ ପକ୍ଷରୁ 'ପାଣ୍ଡୁଲିପି ଜ୍ଞାନର ପ୍ରାସଙ୍ଗିକତା : ଆଧୁନିକ ଯୁଗରେ ପ୍ରୟୋଗ ଓ ଅଭ୍ୟାସ' ବିଷୟକ ଦୁଇଦିନିଆ ଜାତୀୟ ସେମିନାର ଓ ଗବେଷକମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଭାଷଣ ରଖିଥିଲେ। ସମ୍ମିଳନୀର ବିଷୟବସ୍ତୁ ଓ ଅତିଥି ପରିଚୟ ସଂସ୍କୃତ ବିଭାଗର ସମନ୍ୱୟକ ପ୍ରଫେସର ଦେବାଶିଷ ପାତ୍ର ପ୍ରଦାନ କରିଥିଲେ। ସଭାର ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟର ସମ୍ମାନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ତାଙ୍କ ଅଧ୍ୟକ୍ଷୀୟ ଭାଷଣରେ ଭାରତୀୟ ପାରମ୍ପରିକ ଜ୍ଞାନର ସୁରକ୍ଷା, ସଂରକ୍ଷଣ ଓ ଡିଜିଟାଲ ରୂପାନ୍ତରଣରେ ପାଣ୍ଡୁଲିପି ଜ୍ଞାନର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି



ସେମିନାରରେ ମୁଖ୍ୟଅତିଥି ଭାବେ ମାଡ୍ରାସ ବିଶ୍ୱବିଦ୍ୟାଳୟର ପୂର୍ବତନ ସଂସ୍କୃତ ବିଭାଗ ଅଧ୍ୟକ୍ଷ ପ୍ରଫେସର ସିନିରୁଦ୍ଧ ଦାଶ ଉପସ୍ଥିତ ହୋଇ ପାଣ୍ଡୁଲିପି ଐତିହ୍ୟର ସୁରକ୍ଷା ଓ ଗବେଷଣାରେ ଏହାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ବିଶେଷ ଅତିଥି ଭାବେ ପ୍ରଖ୍ୟାତ ପାଣ୍ଡୁଲିପି ବିଶେଷଜ୍ଞ ଡ଼କ୍ଟର ମମତା ମିଶ୍ର ଆଧୁନିକ ଯୁଗରେ ପାଣ୍ଡୁଲିପି ଅଧ୍ୟୟନର ପ୍ରାୟୋଗିକ ପ୍ରାସଙ୍ଗିକତା ବିଷୟରେ ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ କୋରାପୁଟସ୍ଥ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି (ଦାୟିତ୍ୱରତ) ପ୍ରଫେସର ଏନ.ସି. ପଣ୍ଡା ଭାରତୀୟ ଜ୍ଞାନ ପରମ୍ପରାର ସୁରକ୍ଷା ଓ ପ୍ରସାରରେ ପାଣ୍ଡୁଲିପିଜ୍ଞାନର ଅପରିହାର୍ଯ୍ୟତା ଉଲ୍ଲେଖ କରିଥିଲେ। ମୁଖ୍ୟ ବକ୍ତା ଭାବେ ଭାରତୀୟ ଜ୍ଞାନ ମିଶନ, ନୂଆଦିଲ୍ଲୀର ନିର୍ଦ୍ଦେଶକ ଡ. ଅନିର୍ବାଣ ଦାଶ ପାଣ୍ଡୁଲିପି ଗବେଷଣାର ନୂତନ ଦିଗ ଓ ତାହାର ଆଧୁନିକ ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେମିନାରରେ ଶ୍ରୀଲଙ୍କା, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ପୁନେ ଆଦି ସ୍ଥାନରୁ ଅନେକ ଶିକ୍ଷାବିତ୍ ଓ ଗବେଷକମାନେ ଅନଲାଇନ ମାଧ୍ୟମରେ ମଧ୍ୟ ଯୋଗଦେଇଥିଲେ। ସେମିନାରରେ ମୋଟ ୨୫ ଜଣ ଗବେଷକ ନିଜ ନିଜ ଗବେଷଣା ପ୍ରବନ୍ଧ ପାଠ କରି ପାଣ୍ଡୁଲିପି ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଡ଼କ୍ଟର କୁମାର ମିଶ୍ରଙ୍କ ନେତୃତ୍ୱରେ ଅମୃତବାଣୀ ସେବା ପ୍ରତିଷ୍ଠାନ ପକ୍ଷରୁ ଗବେଷକମାନଙ୍କ ପାଇଁ ପାଣ୍ଡୁଲିପି ଅଧ୍ୟୟନ ଓ ପାଠସମ୍ପାଦନ ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରଫେସର ସିନିରୁଦ୍ଧ ଦାଶ ଓ ଡ଼କ୍ଟର ମମତା ମିଶ୍ର ଗବେଷକମାନଙ୍କୁ ପାଣ୍ଡୁଲିପି ପଢ଼ିବା ପ୍ରଣାଳୀ, ପାଠସମ୍ପାଦନ ପଦ୍ଧତି ଓ ପାଣ୍ଡୁଲିପି ସଂରକ୍ଷଣ ବିଷୟରେ ପ୍ରାୟୋଗିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆୟୋଜନ ସଚିବ ତଥା ସହାୟକ ଅଧ୍ୟାପକ-ଅଧ୍ୟାପିକା - ଡ଼କ୍ଟର ଦେବାଶିଷ ମିଶ୍ର, ଡ. ପ୍ରୀତିରଞ୍ଜନ ମାଝୀ ଓ ଡ. ମମତା ପ୍ରଧାନଙ୍କ ନିରୀକ୍ଷଣରେ ସଫଳତାର ସହ ପରିଚାଳନା କରାଯାଇଥିଲା। ସେମିନାରର ଉଦଯାପନୀ ସଭାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଡ଼କ୍ଟର ଭାରତୀ ପାଲ, ଡ. ବିଭୂତିଭୂଷଣ ମହାପାତ୍ର (ସଂସ୍କୃତ ବିଭାଗ, ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର) ଓ ପ୍ରଫେସର ଦେବାଶିଷ ପାତ୍ର ଯୋଗଦେଇ ସେମିନାରର ଗୁରୁତ୍ୱ ଓ ଗବେଷଣାର ଭବିଷ୍ୟତ ଦିଗ ଉପରେ ମତାମତ ରଖିଥିଲେ। ଶେଷରେ ଡ଼କ୍ଟର ମମତା ପ୍ରଧାନ ସମସ୍ତ ଅତିଥି, ପ୍ରଶିକ୍ଷକ ଓ ଅଂଶଗ୍ରାହୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

ପ୍ରାଚୀନ ଗିରିଧାରୀ ମଠରୁ ମୂଲ୍ୟବାନ ଗଛକଟା



କିଶନନଗର, ୭ ।୩ (ସମିସ): କଟକ ସଦର ଅନ୍ତର୍ଗତ ତଥା କିଶନନଗର ତହସିଲ ଯଶପଡା ପଞ୍ଚାୟତର ଓଡ଼ପଡ଼ା ମୌଜାସ୍ଥିତ ବହୁ ପୁରାତନ ମାଳିକା ବର୍ଣ୍ଣିତ ଗିରିକ୍ରୋଟ (ଗିରିଧାରୀ ମଠ) ପରିସରରୁ ଲକ୍ଷାଧିକ ଟଙ୍କାର ୮ଟି ଶାଗୁଆନ ଗଛ ବେଆଇନ ଭାବେ କଟାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ସ୍ଥାନୀୟ ଅଞ୍ଚଳରେ ବିରୋଧ କରାଯାଇଥିବା ବେଳେ ଏନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ ଗିରିଧାରୀ ମଠ କମିଟିର ବିନା ପରାମର୍ଶରେ ଓ ଅଗୋଚରରେ ସ୍ଥାନ ନିରୂପଣ ନକରି କେତେକ ବ୍ୟକ୍ତି ମଠ ପରିସରରେ ପାର୍କ ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ବିଟ୍ ହାଉସ ନିକଟରେ ଥିବା ମୂଲ୍ୟବାନ ଶାଗୁଆନ ଗଛଗୁଡ଼ିକୁ ବେଆଇନ ଭାବେ କାଟି ଦେଇଥିବା ଅଭିଯୋଗ ହୋଇଛି। ବନ ବିଭାଗର ଅନୁମତି ନିଆ ନଯାଇ ମୂଲ୍ୟବାନ ଶାଗୁଆନ୍ ଗଛଗୁଡିକ କାହା ସ୍ୱାର୍ଥରେ କଟାଯାଇଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବନାଞ୍ଚଳ ରକ୍ଷଣାବେକ୍ଷଣ ପାଇଁ ଏଠାରେ ଜଣେ ବନ କର୍ମଚାରୀ ନିଯୁକ୍ତ ହୋଇଥିବା ବେଳେ ବିଭିନ୍ନ ବେଆଇନ କାର୍ଯ୍ୟକୁ କିଭଳି ପ୍ରୋତ୍ସାହନ ଦିଆଯାଉଛି ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ବଢିଚାଲିଛି ଚୋରି; ପୁଲିସକୁ ଚାଲେଞ୍ଜ

କିଶନନଗର,୭ ।୩(ସମିସ): କିଶନନଗର ଥାନାଞ୍ଚଳରେ କିଛି ଦିନ ହେଲା ଚୋରି ଡକାୟତି କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଥିବାରୁ ଜନସାଧାରଣ ସୁରକ୍ଷିତ ମଣୁନାହାନ୍ତି। ଏହା ଚୋରଙ୍କ ପୁଲିସକୁ ଖୋଲା ଚାଲେଞ୍ଜ ବୋଲି ସାଧାରଣରେ ଆଲୋଚନା ହେଉଛି। ପ୍ରକାଶ ଯେ କିଛି ଦିନ ପୂର୍ବରୁ ପ୍ରହରାଜପୁର ନାରଦାରୁ ଜଣଙ୍କ ଘରେ ଚୋର ଦଳ କଳାକନା ବୁଲାଇଥିଲେ। ଏହାର କିଛିଦିନ ପରେ ଯଶପଡାରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପରେ ପୁଣି ଥୋରିଆପଡାରେ ସମସୁଲଙ୍କ ଘର କବାଟ ତାଲା ଭାଙ୍ଗି ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଚୋରମାନେ ଲୁଟି ନେଇଥିଲେ। ସେହିପରି ଗତ ଗୁରୁବାର ରାତିରେ ପୁଣି ଥୋରିଆପଡାର ହୁସନାରା ବେଗମଙ୍କ ଘର ତାଲା ଭାଙ୍ଗି ଚୋରମାନେ ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏହା କେବଳ ସ୍ଥାନୀୟ ଠାଉରିଆ ଚୋରଙ୍କ କାମ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତୁରନ୍ତ ଜନସାଧାରଣଙ୍କ ଆସ୍ଥାଭାଜନ ପାଇଁ ପୁଲିସ ପ୍ରଶାସନ ଚୋରଙ୍କୁ ଧରିବାରେ ତତ୍ପର ହେବାକୁ ସାଧାରଣରେ ଦାବି ହେଉଛି।

ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର

କଣ୍ଟାପଡ଼ା,୭ ।୩(ସମିସ): ଗୋବିନ୍ଦପୁର ଥାନା ବିଶ୍ୱନାଥ ମଠ ଦେବୀ ନଦୀକୂଳରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ଆଜି ସନ୍ଧ୍ୟାରେ ପୁଲିସ୍ ଉଦ୍ଧାର କରିଛି। ସ୍ଥାନୀୟ କିଛି ଲୋକ ନଦୀକୂଳକୁ ଯାଇଥିବା ବେଳେ ଧାନମଣ୍ଡଳସ୍ଥିତ ବାବା ବିଶ୍ୱନାଥଙ୍କ ମଠ ନିକଟ ନଦୀକୂଳରେ ଶବଟି ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ୍ ଘଟଣାସ୍ଥଳକୁ ଯାଇ ଶବଟିକୁ ଉଦ୍ଧାର କରିଛି।

ଶିକ୍ଷୟିତ୍ରୀଙ୍କୁ ଗାଳିଗୁଲଜ ଅଭିଯୋଗ

ନିଶ୍ଚିନ୍ତକୋଇଲି, ୭ ।୩ (ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବରାଦୋ ପଞ୍ଚାୟତ ପାଟପୁର ବାପୁଜୀ ସରକାରୀ ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ଚାନ୍ଦଙ୍କୁ ସୋସିଆଲ ମିଡିଆରେ ଲିଖିତ ଭାବେ ଗାଳିଗୁଲଜ କରାଯାଇଥିବା ନେଇ ସେ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗତ ଫେବୃୟାରୀ ୯ ତାରିଖରେ ଚାକିରିରୁ ନିଲମ୍ବିତ ହୋଇଥିବା ସେହି ବିଦ୍ୟାଳୟର ସହକାରୀ ଶିକ୍ଷକ ସୀତାକାନ୍ତ ସାମଲ ସଂପୃକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ନାମରେ ସୋସିଆଲ ମିଡିଆର ବିଭିନ୍ନ ପ୍ଲାଟ୍‌ଫର୍ମରେ ଯୋଜନାବଦ୍ଧ ଭାବେ ଏଭଳି କରୁଥିବା ନେଇ ସେ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଶ୍ରୀ ସାମଲ ବ୍ୟକ୍ତିଗତ ଭାବେ ସମାଲୋଚନା କରିବା ସହିତ ତାଙ୍କର ବାପ ଘର ଓ ଶାଶୂଘର ପରିବାରର ବିଭିନ୍ନ ସଦସ୍ୟଙ୍କ ବିଷୟରେ ଆପତ୍ତିଜନକ ଓ ମାନହାନିଜନକ ମନ୍ତବ୍ୟ ଦେଇ ଚରିତ୍ର ସଂହାର କରିବାକୁ ଚେଷ୍ଟା ମଧ୍ୟ କରିଥିବା ଶ୍ରୀମତୀ ଚାନ୍ଦ ଅଭିଯୋଗ କରିଛନ୍ତି। ଏହା ତାଙ୍କର ଅଧିକାରକୁ ଉଲଙ୍ଘନ କରୁନାହିଁ ବରଂ ଶିକ୍ଷାନୁଷ୍ଠାନର ପବିତ୍ରତାକୁ ମଧ୍ୟ ବ୍ୟାହତ କରୁଛି ବୋଲି ସେ ଅଭିଯୋଗରେ ଦର୍ଶାଇ ତାଙ୍କର ସୁରକ୍ଷା ପାଇଁ ଆଇନଗତ ସହାୟତା ଯୋଗାଇ ଦେବା ପାଇଁ ସେ ଦାବି କରିଛନ୍ତି।

ଆଜି ଅନ୍ତର୍ଜାତୀୟ ମହିଳା ଦିବସ


ଅସହାୟଙ୍କ ମୁହଁରେ ହସ ଫୁଟାଇଛନ୍ତି ମହିୟସୀ ଜୟନ୍ତୀ

କୌଦ୍ୱାର,୭।୩(ସମିସ): ଆସନ୍ତାକାଲି ରବିବାର ପାଳନ କରାଯାଉଛି ଅନ୍ତର୍ଜାତୀୟ ମହିଳା ଦିବସ। ଅନେକ ନାରୀ ନିଜର ମହନୀୟତା ପ୍ରତିପାଦିତ କରିପାରିଛନ୍ତି। ସେହିଭଳି ଜଣେ ସଫଳ ନାରୀ ହେଉଛନ୍ତି କଟକ ଜିଲ୍ଲା ଚୌଦ୍ୱାର ଅଞ୍ଚଳର ଜୟନ୍ତୀ ପୃଷ୍ଟି। ଜଣେ ସୁଗୃହିଣୀ ହେବା ସହିତ ସମାଜରେ ଭୋକିଲାମାନଙ୍କ ପେଟରେ ମୁଠାଏ ଦାନା ଦେଇ ସେମାନଙ୍କ ମୁହଁରେ ଟେନାଏ ହସ ଫୁଟାଇ ପାରିଛନ୍ତି। ସେ ପୁଣି କୌଣସି ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନର ସହାୟତା ନ ନେଇ ନିଜସ୍ୱ ଅର୍ଥରୁ ଏ ସମାଜ ପାଇଁ ସାମାଜିକ ଦାୟିତ୍ୱବୋଧତାକୁ ସମ୍ଭାଳିଛନ୍ତି। ୨୦୨୦ ନଭେମ୍ବର ୨୫ ତାରିଖରୁ ଆଜି ପର୍ଯ୍ୟନ୍ତ ସମାଜସେବାକୁ ନିଜର ବ୍ରତ ଭାବେ ଗ୍ରହଣ କରିଛନ୍ତି। ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭୋକିଲା ପେଟକୁ ଖାଦ୍ୟ, ନିରାଶ୍ରୟଙ୍କୁ ଆଶ୍ରୟ ଓ ନିବସ୍ତ୍ରଙ୍କୁ ବସ୍ତ୍ର ଯୋଗାଇବା। ତେବେ ସ୍ୱାମୀ ଦେବେନ୍ଦ୍ର ପୃଷ୍ଟି ମଧ୍ୟ ପତ୍ନୀଙ୍କ ଏଭଳି କାର୍ଯ୍ୟକୁ ସମର୍ଥନ କରିବା ସହ ସାହାଯ୍ୟର ହାତ ବଢ଼ାଇଛନ୍ତି। ଏବେ ସେ ପ୍ରତିଦିନ ଚୌଦ୍ୱାର ଅଞ୍ଚଳର ୩୫ଜଣ ମାନସିକ ବିକାରଗ୍ରସ୍ତ ଓ ଭିନ୍ନକ୍ଷମ ଭୋକିଲା ଲୋକଙ୍କୁ ବିନା ମୂଲ୍ୟରେ ଖାଇବାକୁ ଦେଉଥିବା ବେଳେ ୩୦୦ କୁକୁର ୨୦୦ ଗାଈ ଏବଂ ୫୦ଟି ବିଲେଇଙ୍କ ପେଟକୁ ଦାନା ଯୋଗାଇ ଆସୁଛନ୍ତି। ସ୍ୱାମୀ-ସ୍ତ୍ରୀ ଉଭୟେ ଅତି ସ୍ନେହଭରା ହୃଦୟରେ ଏହି ଖାଦ୍ୟ ରାନ୍ଧି ବିଭିନ୍ନ ଅଞ୍ଚଳରେ ଖାଇବାକୁ ଦେଇଥାନ୍ତି। ୪୮ ବର୍ଷ ବୟସରେ ଜୟନ୍ତୀ ସମାଜରେ ଅବହେଳିତ ଅବସ୍ଥାରେ ବୁଲୁଥିବା ବୃଦ୍ଧବୃଦ୍ଧାଙ୍କ ନିମନ୍ତେ ଏକ ବୃଦ୍ଧାଶ୍ରମ ପ୍ରତିଷ୍ଠା କରିବା ସହ ସେଠାରେ ୨୨ ଜଣ ଅନ୍ତେବାସୀଙ୍କ ଭଲମନ୍ଦ ବୁଝୁଛନ୍ତି। ଏସବୁ ପଛରେ ତାଙ୍କ ଏକମାତ୍ର କନ୍ୟାଙ୍କ ସ୍ମୃତି ଉଦ୍ଦେଶ୍ୟରେ କରୁଥିବା କହିଛନ୍ତି। ତାଙ୍କ ଝିଅ ସ୍ୱାଗତିକା ଅପରିଣତ ବୟସରେ ଅଫେରା ପଥର ପଥିକ ହୋଇଯାଇଥିବାବେଳେ ଏଠାରେ ମା' ତାଙ୍କ ଝିଅ ଆତ୍ମାର ଶାନ୍ତି ତଥା ସ୍ମୃତି ଉଦ୍ଦେଶ୍ୟରେ ଏସବୁ କରୁଥିବା ପ୍ରକାଶ କରିଛନ୍ତି। ସେହି ସମୟ ପାଇଁ ଝିଅର ବିୟୋଗ ବେଦନାରୁ ଟିକେ ମୁକ୍ତି ପାଇଥାନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କର ଏଭଳି କାର୍ଯ୍ୟକୁ ଦେଖି ଅଞ୍ଚଳବାସୀ ତାଙ୍କ ଉପରେ ବହୁତ ଖୁସି ହୋଇ ପ୍ରଶଂସା କରିବା ସହ ଜୟନ୍ତୀ ଅଞ୍ଚଳରେ ସମସ୍ତଙ୍କ ପାଇଁ ମା' ଓ ଭଉଣୀର ପରିଭାଷା ପାଲଟି ଯାଇଛନ୍ତି। ସେ ତାଙ୍କର ଏଭଳି କାର୍ଯ୍ୟଧାରା ପାଇଁ ଜଣେ ମହିୟସୀ ମହିଳାର ପରିଚୟ ପାଇ ପାରିଛନ୍ତି ଓ ପାଲଟି ଯାଇଛନ୍ତି ଅନନ୍ୟ ମହିୟସୀ।



ଜାତୀୟ ଫାର୍ମାସୀ ଶିକ୍ଷା ଦିବସ

କୌଦ୍ୱାର,୭।୩(ସମିସ): ମଙ୍ଗୁଳିସ୍ଥିତ ସାଇପର ଫାର୍ମାସୀ ଶିକ୍ଷାନୁଷ୍ଠାନରେ ଜାତୀୟ ଫାର୍ମାସୀ ଶିକ୍ଷା ଦିବସ ଏବଂ ଫାର୍ମା ଅନ୍ୱେଷଣ-୨୦୨୬ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ବଳ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଦେଶର ଫାର୍ମାସ୍ୟୁଟିକାଲ ପରିବେଶକୁ ସୁଦୃଢ଼ କରିବା ପାଇଁ ଫାର୍ମାସୀ ଶିକ୍ଷା, ଗବେଷଣା, ଔଷଧ ଶିଳ୍ପ, ନିୟାମକ ସଂସ୍ଥା ଏବଂ ଫାର୍ମାସୀ ପ୍ରାକ୍ଟିସନରଙ୍କ ମଧ୍ୟରେ ସୁସହଯୋଗକୁ ପ୍ରୋତ୍ସାହନ ଦେବାପାଇଁ ନିଷ୍ଠାର ସହ ପ୍ରଚେଷ୍ଟା ଜାରି ରଖିବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଡ. ପ୍ରିୟଦର୍ଶୀ ମିଶ୍ର, ଡ. ବିଚିତ୍ରାନନ୍ଦ ତ୍ରିପାଠୀ, ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଫାର୍ମାସୀ ଶିକ୍ଷାର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଦେବାଶିଷ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସୌମ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଳକା ପ୍ରିୟଦର୍ଶିନୀ କର, ସ୍ୱସ୍ତି ମହାପାତ୍ର, ସ୍ନିଗ୍ଧା ମହାନ୍ତି, ଅବିନାଶ ଜେନା, ଆଶିଷ ନାୟକ, ସୁନୀତା ବେହେରା, ତେଜସ୍ୱିନୀ ମହାପାତ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।



ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି,୭ ।୩(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଉତରକୂଳ ବାପୁଜୀ ସ୍ମାରକୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସାଗର ସେଠୀଙ୍କ ସଭାପତିତ୍ୱରେ ଏଥିରେ ଡାକ୍ତର ପ୍ରଦୀପ୍ତ କିଶୋର ଦାସ, ନିରଞ୍ଜନ ରଥ, ମୁକ୍ତିପ୍ରସାଦ ମହାପାତ୍ର, ଅମୂଲ୍ୟ କୁମାର ଦାସ, ଅଶୋକ କୁମାର ଖଟୁଆ, ବାବାଜୀ ଚରଣ ସାହୁ, ପ୍ରଧାନଶିକ୍ଷକ ଗୋଲଖ ବିହାରୀ ପରିଡା, କୈଳାସଚନ୍ଦ୍ର ମହାନ୍ତି, ବିନୋଦ ବିହାରୀ ମିଶ୍ର, କାର୍ତ୍ତିକଚନ୍ଦ୍ର ଦାସ, ସୋହନ କୁମାର ପଣ୍ଡା, ସସ୍ମିତା ଷଡ଼ଙ୍ଗୀ, ନବକିଶୋର ମିଶ୍ର, ଧନେଶ୍ୱର ସାହୁ, ସିଆରସିସି ଟୁନିଆ ସିଂ, ଉତ୍ତରକୂଳ ସରପଞ୍ଚ ସୁବାସିନୀ ବେହେରା, ସମିତିସଭ୍ୟ କିଶୋରଚନ୍ଦ୍ର ସାହାଣି, ଦୁର୍ଗାପ୍ରସାଦ ଷଡଙ୍ଗୀ ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷକ ଶିବଦତ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ନାଳିପଡ଼ିଆ ଦୋଳ ମହୋତ୍ସବ ଓ ମେଳଣ



ନିଶ୍ଚିନ୍ତକୋଇଲି,୭ ।୩(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସୀମାସ୍ଥଳରେ ଥିବା ନାଳିପଡିଆ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଦୋଳ ମହୋତ୍ସବ ପାଳିତ ହୋଇଛି। ବଜାର କମିଟିର ସଭାପତି ସୁକାନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରାଜ୍ୟ ଖଦୀବୋର୍ଡ ନିର୍ଦ୍ଦେଶକ ପ୍ରମୋଦ କୁମାର ଭୂୟାଁ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପ୍ରମୋଦ ମହାରଣା, ସମ୍ମାନିତ ଅତିଥି ଭାବେ ବ୍ୟବସାୟୀ ଦୀପକ କୁମାର ସାହୁ, ବଜାର କମିଟି ସଂପାଦକ ନବୀନ ବାରିକ, ଉପସଭାପତି ନୃସିଂହ ଚରଣ ମହାରଣା, କୋଷାଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡା, ସଭ୍ୟ ନାରାୟଣ ସାହୁ, ମନୋଜ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦଶଟି ବିମାନକୁ ନେଇ ଏକ ମେଳଣର ଆୟୋଜନ କରାଯାଇଥିଲା। ଏଥିରେ ଗଦିଶ୍ୱର ଭାବେ ଜଗନ୍ନାଥବାବା ମଠର ବିମାନ ଅଧିଷ୍ଠିତ ହୋଇଥିଲେ।

କଣ୍ଠଶିଳ୍ପୀ ସୁଶ୍ରୀ ପତଞ୍ଜଳି ଦାସ ସମ୍ବର୍ଦ୍ଧିତ

କନ୍ଦରପୁର,୭ ।୩(ସମିସ): ସାଂସ୍କୃତିକ ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ ଓ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ସଭ୍ୟା କଣ୍ଠଶିଳ୍ପୀ ତଥା ମେଧା ବିଦ୍ୟାର୍ଥୀ ସୁଶ୍ରୀ ପତଞ୍ଜଳି ଦାସଙ୍କୁ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନେଇ ବରୀ ଯାଦବ ମହାସଭା ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ବରୀ ନିବାସୀ ସମାଜସେବୀ ନିର୍ମଳଚନ୍ଦ୍ର ଦାସ ଓ ଶିକ୍ଷାବିତ୍ ଟୁନିରାଣୀ ସେନାପତିଙ୍କ ସୁକନ୍ୟା କଟକ କେନ୍ଦ୍ରୀୟ ବିଦ୍ୟାଳୟ-୨ଠାରେ ଶିକ୍ଷାକ୍ଷେତ୍ରରେ ସଫଳତା ଅର୍ଜନ ସହ ଅଧୁନା ଯୁକ୍ତ ଦୁଇ ବିଜ୍ଞାନ ପାଠ୍ୟକ୍ରମ ଶିକ୍ଷାଲାଭ କରୁଛନ୍ତି।




ଦାତବ୍ୟ ହୋମିଓ ଚିକିତ୍ସା ଶିବିର



ଚୌଦ୍ୱାର,୭।୩(ସମିସ): ବିବେକାନନ୍ଦ ଶିକ୍ଷାନୁଷ୍ଠାନରେ ଏକ ଦାତବ୍ୟ ହୋମିଓ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଆରସିସି ବିବେକାନନ୍ଦ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ ହୋମିଓପ୍ୟାଥିକ୍ କଟକ ଚାପ୍ପରର ଡା. ରଜତ କୁମାର ଷଡ଼ଙ୍ଗୀ ଓ ଡା. ସୁଲିପ୍ତ କୁମାର ମହାନ୍ତି ଯୋଗଦେଇ ୫୦ରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଆରସିସି ବିବେକାନନ୍ଦର ସଭାପତି ମାନସ କୁମାର ସାହୁ ଓ ରାକେଶ ଓଝାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଦ୍ଧେଶ୍ୱର ନାୟକ, ଅକ୍ଷୟ ନାୟକ, ପ୍ରଭାଷ ଚୌଧୁରୀ, ଗଣେଶ ହେମ୍ବ୍ରମ, ଦୀପ୍ତିମୟୀ ବେହେରା ସହଯୋଗ କରିଥିଲେ।

ଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବର ତୃତୀୟ ଦିବସ

ଟାଙ୍ଗୀ, ୭ ।୩(ସମିସ): ଶ୍ରୀଜଗନ୍ନାଥ ଭକ୍ତ ସମାଜ ଆନୁକୂଲ୍ୟରେ ଟାଙ୍ଗୀ ବିଦ୍ୟାପୀଠ ଖେଳ ପଡ଼ିଆରେ ହେଉଥିବା ଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବର ତୃତୀୟ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିନରେ ଯଜ୍ଞାଦି କର୍ମମାନ କରାଯାଇ ସନ୍ଧ୍ୟାରେ ଅନ୍ତଃରାଷ୍ଟ୍ରୀୟ ଜଗନ୍ନାଥ ମହିମା ପ୍ରଚାରକ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜ ଓ ଦିବ୍ୟ ଜୀବନ ସଂଘ ଓଡିଶା ଶାଖାର ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ବିବରଣ, ନାରଦଙ୍କ ଭକ୍ତିତତ୍ୱ ନିରୁପଣ, ଇନ୍ଦ୍ରଦ୍ୟୁମ୍ନଙ୍କ ଉତ୍କଳ ଆଗମନ ଆଦି ବିଷୟ ଉପରେ ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମରେ ଭକ୍ତ ସମାଜର ସାଧାରଣ ସମ୍ପାଦକ ଶରତ କୁମାର ଖୁଣ୍ଟିଆ, ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ପରିଚାଳନା କମିଟି ସଭାପତି କୃଷ୍ଣ ଚନ୍ଦ୍ର ମହାନ୍ତି, ସଂଯୋଜକ ବିଜୟ ସାହୁ, ସମ୍ପାଦକ ନାରାୟଣ ସ୍ୱାଇଁ, ଶୁଭେନ୍ଦ୍ର ଷଡ଼ଙ୍ଗୀ, ଅଶୋକ ପୃଷ୍ଟି, ବିଭୂତି ଭୂଷଣ ସାହୁ, ବିନୋଦ ବେଉରା, ଅନନ୍ତ ନାୟକ, ସନ୍ତୋଷ କୁମାର ଧର, ଅଜୟ ଦାସ ମହାପାତ୍ର, ବାବାଜୀ ମହାନ୍ତି, ଆକାଶ ପାତ୍ର, କ୍ଷିତେନ୍ଦ୍ର କାନୁନଗୋ, ଅର୍ଜ୍ଜୁନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କୋଟସାହିସ୍ତରୀୟ ମହାସଂଘ ଓ ଗୀତା ଆଲୋଚନାଚକ୍ରର ସମସ୍ତ ସଦସ୍ୟା ସହଯୋଗ କରିଥିଲେ। ବିଭିନ୍ନ ପଞ୍ଚାୟତର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।



ମହନ୍ତ ବନମାଳି ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭଦ୍ରେଶ୍ୱର, ୭ ।୩ (ସମିସ): ମାହାଙ୍ଗା ବ୍ଲକ ପୋଡାମରାଇ ଗ୍ରାମପଞ୍ଚାୟତ ସିନ୍ଧୁପୁର ଗ୍ରାମର ମହନ୍ତ ବନମାଳି ଦାସଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ତାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ୨୪ପ୍ରହର ନାମଯଜ୍ଞ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉଦଘାଟକ ଭାବେ ଓଳାଶୁଣି ମଠ ମହନ୍ତ ଡ. ନାମାନନ୍ଦ ଦାସ, ପ୍ରାକ୍ତନ ଆୟକର କମିସନର ଶୋଭନ କର, ବିଶିଷ୍ଟ ଗୀତିକାର ବିଶେଶ୍ୱର ମହାନ୍ତି, ମହିମା ଧର୍ମ ଗବେଷକ ଡ. ଏକାଦଶୀ ପ୍ରଧାନ, ରୁଦ୍ରନାରାୟଣ ସିଂ, ବିକାଶଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ। ବନମାଳି ଦାସ ଫାଉଣ୍ଡେସନ ଓ ଗାନ୍ଧିକ ବିଶ୍ୱନାଥ ଖଟୁଆ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ହଳଦିଆ ସେବା ସମବାୟ ସମିତିର ପ୍ରାକ୍ତନ ସଭାପତି ଜଗନ୍ନାଥ ପ୍ରଧାନ, ପୁରୁଷୋତ୍ତମ ପ୍ରଧାନ, ବ୍ରଜକିଶୋର ପ୍ରଧାନ, ଅମ୍ବରିତ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଅକ୍ଷୟ କୁମାର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବୈଷ୍ଣବ ନିବାସର ସଦସ୍ୟା ସରସ୍ୱତୀ ପ୍ରଧାନ ଓ ବୈକୁଣ୍ଠ ଖଟୁଆ ସହଯୋଗ କରିଥିଲେ।



ଉତ୍କଳ ସଂସ୍କୃତି ସଂସଦର ବାର୍ଷିକ ନାଟ୍ୟ ଉତ୍ସବ

ନିଶ୍ଚିନ୍ତକୋଇଲି, ୭ ।୩(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଞ୍ଚାୟତ ହନୁପୁରଠାରେ ଥିବା ଉତ୍କଳ ସଂସ୍କୃତି ସଂସଦର ବାର୍ଷିକ ନାଟ୍ୟ ଉତ୍ସବ ସ୍ଥାନୀୟ ମା' ବନଦୁର୍ଗା ନାଟ୍ୟ ମଣ୍ଡପରେ ଅନୁଷ୍ଠିତ ହୋଇଛି। ପ୍ରଥମେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ସ୍ୱର୍ଗତ ଉମାନାଥ ମହନ୍ତଙ୍କ ଦିବଂଗତ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଂସଦ ପକ୍ଷରୁ ଉତ୍କଳ କଳା ଓ ସଂସ୍କୃତି ଶୀର୍ଷକ ବକ୍ତୃତା ପ୍ରତିଯୋଗିତା କରାଯାଇଥିବା ବେଳେ ଏଥିରେ ଆଦ୍ୟାଶା ମହାନ୍ତି ପ୍ରଥମ, ନିବେଦିତା ବେହେରା ଦ୍ୱିତୀୟ ଓ ଶୁଭଶ୍ରୀ ମଲିକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ନାଟ୍ୟ ସଂସଦର ସଭାପତି ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମାଗୁଣି ଚରଣ ଲେଙ୍କାଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଜୀବନବୀମା ନିଗମର ଅବସରପ୍ରାପ୍ତ ଅଧିକାରୀ ଅଶୋକ କୁମାର ରାଉତରାୟ, ମୁଖ୍ୟବକ୍ତା ଭାବେ ଇଂ ରବିନ୍ଦ୍ରନାଥ ଜେନା, ସମ୍ମାନିତ ଅତିଥି ଭାବେ ଉପସଭାପତି ଶୁଭେନ୍ଦୁ ମହନ୍ତ ମହାପାତ୍ର, ମନୋଜ କୁମାର ମହାନ୍ତି, ନରେନ୍ଦ୍ରନାଥ ବାରିକ, ପ୍ରିୟନାଥ ଜେନା, ପଦାରବିନ୍ଦ ଜେନା, ରାଜକିଶୋର ଜେନା, ଶିକ୍ଷାବିତ୍ ଫକୀର ଚରଣ ନାୟକ, କବି ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ନାଟ୍ୟ ସଂସଦର ସାଧାରଣ ସଂପାଦକ ଅମୀୟ କୁମାର ଦାଶଙ୍କ ସଂଯୋଜନାରେ ସଭ୍ୟ ମନୋଜ କୁମାର ଜେନା, ବିକାଶ ଚନ୍ଦ୍ର ଜେନା, ରାଜାଉଦ୍ଦିନ୍ ଖାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଣକବି ବୈଷ୍ଣବ ପାଣିଙ୍କ ରଚିତ ଓ ଚୌଧୁରୀ ଭାରତୀକୃଷ୍ଣ ଦାସଙ୍କ ନିର୍ଦ୍ଦେଶିତ ଗୀତିନାଟ୍ୟ କାର୍ତ୍ତବୀର୍ଯ୍ୟ ସଂହାର ରାଜ୍ୟସ୍ତରୀୟ ସଂସ୍କୃତି ବିହାର କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଯୁଗ୍ମଶ୍ରମ ଆଯୁକ୍ତ ବିଘ୍ନଜିତ ମହନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ତିଗିରିଆ ବ୍ଲକ୍ ଶିକ୍ଷାୟତନ ପକ୍ଷରୁ ସମୀକ୍ଷା ବୈଠକ

ପଞ୍ଚମରେ ୮୨୮ ଓ ଅଷ୍ଟମରେ ୮୬୨ ଛାତ୍ରଛାତ୍ରୀ ପରୀକ୍ଷା ଦେବେ

ତିଗିରିଆ ୭ ।୩ (ସମିସ): ତିଗିରିଆ ବ୍ଲକ୍ ଶିକ୍ଷାୟତନ ପକ୍ଷରୁ ଏକ ସମୀକ୍ଷା ବୈଠକ ଦଧିବାମନଜୀଉ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଧିକାରୀ ଅମର ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ନୂତନ ଶିକ୍ଷାବର୍ଷ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ସମାପ୍ତି ସୂଚକ ମୂଲ୍ୟାୟନ ଚାଲିଥିବା ବେଳେ ଆସନ୍ତା ସୋମବାରଠାରୁ ଲିଖିତ ପରୀକ୍ଷା ଆରମ୍ଭ ହେଉଛି। ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ୫ମ ଓ ୮ମ ଶ୍ରେଣୀ ପାଇଁ ପାସ୍ ଫେଲର ବ୍ୟବସ୍ଥା ଲାଗୁ ହୋଇଛି। ୨୦୨୫-୨୬ ବର୍ଷରେ ବ୍ଲକରେ ୫ମ ଶ୍ରେଣୀ ପାଇଁ ମୋଟ ୮୨୮ ଜଣ ଛାତ୍ରଛାତ୍ରୀ ଓ ୮ମ ଶ୍ରେଣୀରେ ୮୬୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ବିଦ୍ୟାଳୟ ଏବଂ କାର୍ଯ୍ୟାଳୟର ସମସ୍ତ ଆୟବ୍ୟୟ ହିସାବକୁ ଚଳିତ ମାସ ୨୫ ତାରିଖ ସୁଦ୍ଧା ବ୍ଲକ କାର୍ଯ୍ୟାଳୟରେ ପେଶ କରିବାକୁ ଶିକ୍ଷାଧିକାରୀ ଶ୍ରୀ ମହାରଣା ନିର୍ଦ୍ଦେଶ ଦେଇଥିଲେ।

ସେହିପରି ବ୍ଲକରେ ଦୀର୍ଘଦିନ ଧରି ଖାଲି ପଡିଥିବା ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ପଦ ପାଇଁ ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ଖଟୁଆଙ୍କ ପ୍ରସ୍ତାବକୁ ଜେମଦେଇପରୁ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ବେହେରାଙ୍କ ସମେତ ସମସ୍ତ ଉଚ୍ଚ ମାଧ୍ୟମିକ ପ୍ରଧାନଶିକ୍ଷକ ମାନଙ୍କ ସମର୍ଥନ କରିଥିଲେ। ଏହିକ୍ରମେ ଦଧିବାମଜୀଉ ବିଦ୍ୟାପୀଠ ରବିନ୍ଦ୍ରନାଥ ବିଶ୍ୱାଳଙ୍କୁ ତିଗିରିଆ ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ଦେବା, ଖେଳ ସଂପାଦିକାଙ୍କ ଅବସର ପରେ ସମସ୍ତ ଖେଳ ଶିକ୍ଷକଶିକ୍ଷୟିତ୍ରୀଙ୍କ ସମର୍ଥନକ୍ରମେ ପ୍ରଣବ ସ୍ୱାଇଁଙ୍କୁ ମନୋନୀତ କରାଯାଇ ଅନୁମୋଦନକ୍ରମେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବାକୁ ଶିକ୍ଷାଧିକାରୀଙ୍କୁ ଅନୁରୋଧ କରଯାଇଛି। ସହ ଶିକ୍ଷାଧିକାରୀ ମାଧବଚନ୍ଦ୍ର ଦେଉରୀ, ସୌଦାମିନୀ ମିଶ୍ର, ସାଧାନକେନ୍ଦ୍ର ସଂଯୋଜକ ପ୍ରଶାନ୍ତ ଘଡେଇ, ବିଶ୍ୱରଞ୍ଜନ ଜେନା, ଅଶୋକ ଦାସ, ମହେଶ୍ୱର ସେଠୀ, ନିଶାକର ଖଟୁଆ ଏବଂ ଚନ୍ଦ୍ରମଣି ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବାନ୍ଧ ଶିଳ୍ପୀ ଭାବେ ନିଜର କଳା ନୈପୁଣ ପ୍ରଦର୍ଶନ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହେବା ପରେ ଦେଶର ସର୍ବୋଚ୍ଚ ପୁରସ୍କାର ପଦ୍ମଶ୍ରୀରେ ସମ୍ମାନିତ ହେବାକୁ ଯୋଗ୍ୟ ବିବେଚିତ ତିଗିରିଆ ନୂଆପାଟଣା ଅଞ୍ଚଳର ବାନ୍ଧକଳା ଶିଳ୍ପୀ ଶରତ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସେଣ୍ଟ ଜାଭିଅର୍ସ ସ୍କୁଲ୍ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ



କଟକ,୭।୩(ସମିସ): ଯେଉଁ ସମାଜ ମହିଳାଙ୍କୁ ଯେତେ ସମ୍ମାନ ଦେଇ ଶିଖିଛି ସେହି ସମାଜ ସେତେ ଗୌରାବାନ୍ୱିତ। ଏହି ମହିଳାମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମିଶନ ରୋଡ଼ସ୍ଥିତ ସେଣ୍ଟ ଜାଭିଅର୍ସ ହାଇସ୍କୁଲ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମହିଳାମାନଙ୍କ ସଶକ୍ତୀକରଣ, ସାହସ ଏବଂ ସଫଳତାକୁ ବିଦ୍ୟାଳୟ ପରିସରରେ 'ଉଡ଼ାନ-ୱିଙ୍ଗସ୍ ଅଫ୍ ଓମେନ୍‌ହୁଡ' ନାମରେ ଏକ ପ୍ରଦର୍ଶନୀ କରାଯାଇଥିଲା। ସେଣ୍ଟ ଜାଭିଅର୍ସ ଏଜୁକେସନାଲ୍ ଟ୍ରଷ୍ଟର ଅଧକ୍ଷ ଡଃ ପ୍ରଭୁଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପାଧକ୍ଷା ସିଗ୍ଧା ମହାନ୍ତି ଓ ସହକାରୀ ନିର୍ଦ୍ଦେଶିକା ଆୟେଶା ଦାସ ଯୋଗ ଦେଇଥିଲେ। ମୁଖ୍ୟଅତିଥି ରୂପେ ବାରବାଟୀ-କଟକର ବିଧାୟିକା ସୋଫିଆ ଫିରଦୋଷ, ସମ୍ମାନିତ ଅତିଥି ଓଡିଶା ସୂଚନା କମିସନର କଳ୍ପନା ପଟ୍ଟନାୟକ, ଅନ୍ତର୍ଜାତୀୟ ଟାଇକ୍ୱୋଣ୍ଡୋ କୋଚ ଓ ରେଫରୀ ସୁଦିପ୍ତା ନନ୍ଦ, ସେଣ୍ଟ ଜାଭିଅର୍ସ ପଟିଆ ପରିସରର ପ୍ରଧାନ ଅଧ୍ୟାପିକା ପି.ଏସ୍.ପ୍ରିୟଦର୍ଶିନୀ, ମିଶନରୋଡର କର୍ପୋରେଟର ଲିଜା ରାଉତ, ସମାଜସେବୀ ଇନ୍ଦିରା ଶୁଭଦର୍ଶିନୀ ପ୍ରସାଦ ଓ ଆରତି ଦାସ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ରୂପା ମିଶ୍ରଙ୍କ ସୃଜନାତ୍ମକ ଶୈଳୀରେ ଆୟୋଜିତ ନୃତ୍ୟ ଆକର୍ଷଣୀୟ ହୋଇଥିଲା। ଶିକ୍ଷୟିତ୍ରୀମାନେ ପକ୍ଷରୁ ରାମ୍ପୱାକ, ଟ୍ରାଡିସ୍‌ନାଲ ଡ୍ରେସ୍, ମ୍ୟୁଜିକାଲ ଚେୟାର ପରି ପ୍ରତିଯୋଗିତା କରାଯାଇ ପ୍ରତିଭାଶାଳୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୌଡ଼ି ଟଣା, ପଞ୍ଜା ଲଢେଇ, ୱିଇଜ୍ ଖେଳ ସହିତ ଟଙ୍ଗ ଟୁଇଷ୍ଟର ଖେଳଗୁଡିକ ଆୟୋଜନ କରାଯାଇଥିଲା। ବିଭିନ୍ନ ମହିଳା କ୍ଲବ ରୋଟାରୀ ଇନର ୱିଲ କ୍ଲବ ଓ ଶୈଳବାଳା ବାଳିକା ମହାବିଦ୍ୟାଳୟରୁ ବିଭିନ୍ନ ପ୍ରାଧ୍ୟାପକ ଯୋଗ ଦେଇଥିଲେ।

ପୁଲିସ ଗାଡ଼ି ଭଙ୍ଗାରୁଜା ଘଟଣା: ୧୧ କୋର୍ଟ ଚାଲାଣ

ନିଶ୍ଚିନ୍ତକୋଇଲି,୭।୩(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧୁପୁର ଗ୍ରାମରେ ଦୋଳ ମେଳଣରେ ଡିଜେ ବାଜିବାକୁ କେନ୍ଦ୍ରକରି ପୁଲିସ ଗାଡ଼ିକୁ ଭଙ୍ଗାରୁଜା ଘଟଣାରେ ନେମାଳ ଥାନା ପୁଲିସ ପକ୍ଷରୁ ୧୧ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବନ୍ଧୁପୁର ଦୋଳ ମେଳଣ ଉତ୍ସବକୁ ଠାକୁରଙ୍କୁ ଏକ ସୁସଜ୍ଜିତ ବିମାନରେ ଅଣାଯାଉଥିଲା। ଏହି ସମୟରେ ଶୋଭାଯାତ୍ରାରେ ଡିଜେ ବାଜୁଥିଲା। ତେବେ ସରକାରୀ ଆଦେଶ ନଥିବା କାରଣରୁ ନେମାଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଡିଜେ ବଜାଇବାକୁ ବାରଣ କରିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥାନୀୟ ଉତ୍ତ୍ୟକ୍ତ ଜନତା ଓ ପୁଲିସ ମଧ୍ୟରେ କଥା କଟାକଟି ହୋଇଥିଲା। ଏପରିକି ଉତ୍ତ୍ୟକ୍ତ ଜନତା ନେମାଳ ଥାନା ପୁଲିସର ଏକ ଗାଡିକୁ ଭାଙ୍ଗିରୁଜି ଦେଇଥିଲେ।

ସିଏନ୍‌ବିଟିରେ ଖୋଲିବ ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର 'ଦ ଭିଲେଜ୍ ଷ୍ଟୋର୍'

କଟକ,୭ ।୩(ସମିସ):

ଗ୍ରାମୀଣ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଓ ଗ୍ରାମୀଣ ଉତ୍ପାଦକମାନଙ୍କ ପାଇଁ ବଜାର ସଂଯୋଗକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ "ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର: ଦ ଭିଲେଜ୍ ଷ୍ଟୋର' ଆରମ୍ଭ କରାଯିବା ପରିପ୍ରେକ୍ଷୀରେ କଟକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଥିଲା। ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର: ଦ ଭିଲେଜ ଷ୍ଟୋରର ଖୁବ ଶୀଘ୍ର କଟକ ନେତାଜୀ ବସ୍ ଟର୍ମିନାଲ(ସିଏନବିଟି)ଠାରେ ଆରମ୍ଭ ହେବ। ଏହି ବଜାରରେ ହସ୍ତତନ୍ତ ଉତ୍ପାଦ

ଉପଲବ୍ଧ ହେବ ପଟ୍ଟଚିତ୍ରରୁ ପାଟଶାଢ଼ି

ଭଳି ଖଣ୍ଡୁଆ, ସମ୍ବଲପୁରୀ, ନବକୋଠି, ବୋମକାଇ ସହିତ ଅନ୍ୟାନ୍ୟ ବିଭିନ୍ନ ପ୍ରକାରର ଶାଢ଼ି, କପଡା ଆଦି ଉପଲବ୍ଧ ରହିବା ସେହିପରି ବାଉଁଶ ଓ ବେତ ଶିଳ୍ପ, ଡୋକରା, ଟେରାକୋଟା ପଦାର୍ଥ, ଶଙ୍ଖ, ଶିଙ୍ଗ ଓ କାଠ ଶିଳ୍ପ, ପଟ୍ଟଚିତ୍ର ଚିତ୍ରକଳା ଓ ବିଭିନ୍ନ ପ୍ରକାରର ଝୋଟ ତିଆରି ସାମଗ୍ରୀ ମଧ୍ୟ ଏଠାରେ ଉପଲବ୍ଧ ହେବ। ଖାଦ୍ୟ ଓ କୃଷି ଉତ୍ପାଦ ମଧ୍ୟରେ ଗୁଡ଼, ମହୁ, ବିଭିନ୍ନ ପ୍ରକାରର ମସଲା ଓ ମିଲେଟ୍ ଆଧାରିତ ଖାଦ୍ୟ ପଦାର୍ଥ ମଧ୍ୟ ଉପଭୋକ୍ତାମାନଙ୍କ ପାଇଁ ରହିବ। ଏହି ପଦକ୍ଷେପ ପାଇଁ କଟକ ଜିଲ୍ଲାର ୪୦ଟି କମ୍ୟୁନିଟି ବେସଡ ଅର୍ଗନାଇଜେସନ୍ ମାଧ୍ୟମରେ ପଣ୍ୟ ସଂଗ୍ରହ ଓ ଯୋଗାଣ କରାଯାଉଛି। ଏହି ଷ୍ଟୋରଟି କଟକ ଗ୍ରାମୀଣ ପ୍ରୋଡ୍ୟୁସର ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ହେବ। ଏହା ଗ୍ରାମୀଣ ଉତ୍ପାଦ ପାଇଁ ଏକ ନିର୍ଭରଯୋଗ୍ୟ ବଜାର ସୃଷ୍ଟି କରିବା ସହିତ ଗ୍ରାମୀଣ ପଦାର୍ଥ ପାଇଁ ଉଚିତ ମୂଲ୍ୟ ସୁନିଶ୍ଚିତ ହେବ ବୋଲି ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ନରସିଂହପୁର, କୋକଲାବାର ରାଧାରମଣର ପ୍ରମିଳା ରାଉତଙ୍କୁ ଲାଇଫଟାଇମ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା।

ପ୍ରସିଦ୍ଧ ଦିପୋଟି ମେଳଣ: ୬୪ ଦୋଳ ବିମାନ ସାମିଲ



ନିଆଳି, ୭ ।୩(ସମିସ): ନିଆଳି ବ୍ଲକ୍ ଦେବୀକନ୍ଦଳ ଦ୍ୱୀପାଞ୍ଚଳ କସର୍ଦା ଦିପୋଟି ମେଳଣ ପଡ଼ିଆରେ ଐତିହାସିକ ଦିପୋଟି ମେଳଣ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଗତ ଶୁକ୍ରବାର ରାତି ୧୦ଟାରୁ ଆରମ୍ଭ ହୋଇଥିବା ଏହି ମେଳଣ ଶନିବାର ସଂଧ୍ୟାରେ ଶେଷ ହୋଇଥିଲା। ପ୍ରଥମେ କସର୍ଦାର ଲକ୍ଷ୍ମୀନାରାୟଣ ଥାନପତି ଆସନ ଅଳଙ୍କୃତ କରିଥିଲେ। ସମସ୍ତ ଦୋଳ ବିମାନ ଦିପୋଟି ପଡିଆରେ ପହଞ୍ଚିଥିଲେ। ଶେଷରେ ତରବଣର ଶ୍ରୀ ଶ୍ରୀ ଗୋପାଳଜୀଉ ଆସନ ଗ୍ରହଣ କରିଥିଲେ। ଆଜି ମେଳଣ ପଡିଆରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିଆଳି ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଅପରାହ୍ନରେ ଥାନପତି ଲକ୍ଷ୍ମୀନାରାୟଣ ନିଜ ଆସନରୁ ଉଠି ଠିଆ ହେବା ପରେ ତରବଣର ଶ୍ରୀ ଶ୍ରୀ ଗୋପାଳଜୀଉ ନିଜ ବେଦି ଛାଡି ହରିହର ଭୋଟ ହେବା ପରେ ମନ୍ଦିରକୁ ଫେରିଯାଇଥିଲେ। ପରେ ଅନ୍ୟ ଦୋଳ ବିମାନଗୁଡିକ କ୍ରମାନ୍ୱୟରେ ହରିହର ଭେଟ ହୋଇ ଫେରିଯାଇଥିଲେ। ଦୋଳ କମିଟି ସଭାପତି ଶଶିଶେଖର ଚୌଧୁରୀ ସହଯୋଗରେ ଦୋଳ ବିମାନଗୁଡିକରେ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ନିଆଳି ବିଧାୟକ ଛବି ମଲ୍ଲିକ, ପୂର୍ବତନ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ରବି ମଲ୍ଲିକ, ବ୍ଲକ ଅଧକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲ୍ଲାପରିଷଦ ସଭ୍ୟ ସୌଦାମିନି ମହାପାତ୍ର, ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଂଜନ ମହାନ୍ତି, ବିଜେପି ନେତା ଶଶୀକାନ୍ତ ଲେଙ୍କା, କୃଷିବିତ୍ ପ୍ରମୋଦ ମଲ୍ଲିକ ପ୍ରମୁଖ ଠାକୁରଙ୍କୁ ଦର୍ଶନ କରିଥିଲେ। ସଦର ଏସ୍‌ଡିପିଓ ବିଜୟମଲ୍ଲିକ, ନିଆଳି ଥାନା ଆଇଆଇସି ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିବା ସହିତ ୩ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଥିଲେ।

୧୦ ଲକ୍ଷର ବ୍ରାଉନସୁଗର ଜବତ; ମହିଳା ଗିରଫ

କଟକ,୭ ।୩(ସମିସ): ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଜଣେ ମହିଳା ନିଶା ବେପାରୀକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସତୀଚୌରା ଇମାମପଡ଼ା ବସ୍ତିର ସାନୁୱାରୀ ବିବି(୪୦)। ତା ପାଖରୁ ୧୦୨ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ସୂଚନା ଥାଉକି, ଇମାମପଡ଼ା ବସ୍ତି ଏବେ ନିଶା ବେପାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଗତ କିଛି ଦିନ ଭିତରେ ଏହି ବସ୍ତିର ଏକାଧିକ ନିଶା ବେପାରୀ ଅବକାରୀ ବିଭାଗ ହାତରେ ଧରାପଡିଲେଣି। ସେମାନେ ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗର ଆଣି କଟକ ଓ ଏହାର ଆଖପାଖ ଅଞ୍ଚଳରେ କାରବାର କରୁଛନ୍ତି। ତେଣୁ ଅବକାରୀ ବିଭାଗ ଇମାମପଡା ବସ୍ତିର କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ଉପରେ ନଜର ରଖିଥିଲା। ଏହିକ୍ରମରେ ଶନିବାର ସୂଚନା ମିଳିଲାକି, ସତୀଚୌରା ନିକଟ ପେଟ୍ରୋଲ ପମ୍ପ ପାଶ୍ୱର୍ରେ ଜଣେ ମହିଳା କିଛି ନିଶାଦ୍ରବ୍ୟ ଧରି ଛିଡା ହୋଇଛନ୍ତି। ଏହାପରେ ଫ୍ଲାଇଂ ସ୍କ୍ୱାଡ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସାନୁୱାରୀ ବିବିଙ୍କୁ ମାଡି ବସିଥିଲା। ତଲାସୀ ପରେ ତାଙ୍କ ପାଖରୁ ୧୦୨ ଗ୍ରାମର ବ୍ରାଉନସୁଗର ମିଳିଥିଲା। ଯାହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

କର୍ମବୀର ଗୌରୀଶଙ୍କରଙ୍କ ସ୍ମୃତି ଉତ୍ସବ

କଟକ,୭ ।୩(ସମିସ): କର୍ମବୀର ଗୌରୀଶଙ୍କର ରାୟଙ୍କ ୧୦୯ତମ ସ୍ମୃତି ଉତ୍ସବ କାଠଗଡ଼ା ସାହି କାୟସ୍ଥ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ସାରସ୍ୱତ ସେବା ମଞ୍ଚ ସଭାପତି ଡକ୍ଟର ଭାବଗ୍ରାହୀ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବକୁ ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ସହିତ ଭାଷାଭିତ୍ତିକ ପ୍ରଦେଶ ଗଠନର କର୍ଣ୍ଣଧାର ଗୌରୀଶଙ୍କର ତ୍ୟାଗପୂତ ଜୀବନାଦର୍ଶ ଭିତରେ ଓଡ଼ିଆ ଅସ୍ମିତାକୁ ଖୋଜିବାର ପ୍ରୟାସ କରାଯିବାକୁ ଡକ୍ଟର ମହାନ୍ତି ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟ ସମାଲୋଚକ ତଥା ଲବ୍ଧପ୍ରତିଷ୍ଠିତ ଲେଖକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ଗୌରୀଶଙ୍କରଙ୍କୁ ଓଡ଼ିଆ ଜାତିର ପ୍ରାଣ ସ୍ପନ୍ଦନ ଭାବେ ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁ କର୍ମବୀରଙ୍କ କୀର୍ତ୍ତି ଓ କୃତିର ମୂଲ୍ୟାୟନ କରିଥିଲେ। ଉତ୍ସବରେ ସମ୍ମାନିତ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଅଖିଳେଶପଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଇନ୍ଦ୍ରଜିତ ଘୋଷ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ତରୁଲତା ଦେବୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଅକ୍ଷୟ କୁମାର ଭଦ୍ର, ସାମ୍ବାଦିକ ଉମାଶଙ୍କର ସାହୁ, ଶିଳ୍ପୀ ରବି ରଥ, ସାହିତ୍ୟିକ ତପନ ସ୍ୱାଇଁ, ନମିତା ମହାନ୍ତି, ବିକାଶ ପଟ୍ଟନାୟକ, ଅରୁଣ କୁମାର ଅଗ୍ରୱାଲ, ବିକାଶ ଘୋଷ, ଇଞ୍ଜିନିଅର ଜଗନ୍ନାଥ ବୋଷ ଏବଂ ଗାୟତ୍ରୀ ନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି କର୍ମବୀର ଗୌରୀଶଙ୍କରଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ଅଧ୍ୟାପକ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘର ଦାବିପତ୍ର

କଟକ,୭ ।୩(ସମିସ): ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଡ଼କରାରେ କଟକ ଜିଲ୍ଲା ସଂଘ ପକ୍ଷରୁ କଟକ ଜିଲ୍ଲାପାଳଙ୍କୁ ଆଜି ୩ ଦଫା ଦାବିପତ୍ର ଦିଆଯାଇଛି। ମାର୍ଚ୍ଚ ୧୦ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲୋୟର ପିଏମଜିରେ ମହାସଂଘ ପକ୍ଷରୁ ଧାରଣା ଦିଆଯିବ। ଛଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଓ ଛଟେଇ ପ୍ରକ୍ରିୟା ବନ୍ଦ, ସ୍ଥାୟୀ କର୍ମଚାରୀର ନିଯୁକ୍ତି ପରି ଏକକ ପଦ୍ଧତିରେ ଦରମା ଓ ସମସ୍ତ ସମାନ ସୁବିଧା ସୁଯୋଗ ପ୍ରଦାନ ପାଇଁ ଦାବି କରାଯାଇଛି। ଏହା ନିର୍ଣ୍ଣାୟକ ଆନ୍ଦୋଳନ ହେବ ବୋଲି ଜିଲ୍ଲା ସଭାପତି ସାରଦା ପ୍ରସାଦ ଦାସ କହିଛନ୍ତି। ଏହି ସମାରୋହରେ ସାରଦା ପ୍ରସାଦ ଦାସ, ଅରୁଣ ସାମନ୍ତରାୟ, ପ୍ରଦୀପ୍ତ ନାୟକ, ପ୍ରଶାନ୍ତ ମିଶ୍ର, ସୁଧାଂଶୁ ମହନ୍ତ, ରଞ୍ଜନା ବେହେରା, ରାମେଶ୍ୱର ଦାସ, ଅନନ୍ତ ପରିଡା, କେଦାର ପ୍ରଧାନ, ଗଗନ ବାରିକ, ସାଇ ଗାୟତ୍ରୀ, ଶୁଭକାନ୍ତ ଦାସ, ଜନ୍ମଜୟ ନାୟକ ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।



ଦକ୍ଷିଣକାଳୀ କ୍ରିକେଟ କପ୍: ବାଲିପୁଟ ଚାମ୍ପିଅନ



ନରସିଂହପୁର,୭ ।୩(ସମିସ): ନରସିଂହପୁର ବ୍ଲକ ଚକ୍ରପ୍ରସାଦ ମା' ଦକ୍ଷିଣକାଳୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୬ଟି ଦଳକୁ ନେଇ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶନିବାର ଆୟୋଜିତ ଫାଇନାଲ ଖେଳରେ ବାଲିପୁଟ କ୍ରିକେଟ ଟିମ ବିପକ୍ଷ କାନପୁର ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ବାଲିସାହି ଦଳ ୧୬ ଓଭର ମଧ୍ୟରେ ୧୨୧ ରନ୍ ସଂଗ୍ରହ କରିଥିଲା। କାନପୁର ଦଳ ୧୧ ଓଭରରେ ନିଜର ସମସ୍ତ ୱିକେଟ ହରାଇ ୫୬ ରନ୍ ସଂଗ୍ରହ କରିପାରିଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋରଚନ୍ଦ୍ର ମିଶ୍ର, ନରସିଂହପୁର ବ୍ଲକବିଜୁ ଜନତା ଦଳର ସଭାପତି ନିର୍ମଳ କୁମାର ଜେନା ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବର ସଭ୍ୟ ସ୍ୱପ୍ନେଶ୍ୱର, ସମୀର, ଆଲୋକ, ଗଗୁଲ, ତପୁ ପ୍ରମୁଖ ପରିଚାଳନା କରିଥିଲେ।



ଏସ୍‌ସିବି ମେଡିକାଲ କଲେଜ ପୂର୍ବତନ ଗ୍ରନ୍ଥାଗାରିକଙ୍କ ପରଲୋକ

କଟକ,୭ ।୩(ସମିସ): ସିଡିଏ ବରିଷ୍ଠ ନାଗରିକ ମହାସଂଘର ସକ୍ରିୟ ସଦସ୍ୟ ତଥା ଶ୍ରୀରାମଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ପାଠାଗାରର ପୂର୍ବତନ ଲାଇବ୍ରେରିଆନ ହରେକୃଷ୍ଣ ବାରିକ (୭୯)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ କାଞ୍ଚନବାଳା ବାରିକ, ଏକମାତ୍ର ପୁତ୍ର ସୁବ୍ରତ କୁମାର ବାରିକ, କନ୍ୟା ଓ ଜାମାତା ଉପସ୍ଥିତ ଥିଲେ। ସିଡିଏ ସେକ୍ଟର-୯ସ୍ଥିତ ବାସଭବନରେ ଅବସ୍ଥାନ କରୁଥିବା ସ୍ୱର୍ଗତ ବାରିକ ଜଣେ ସରଳ, ମିଷ୍ଟଭାଷୀ ଓ ଆଧ୍ୟାତ୍ମିକପ୍ରେମୀ ଥିଲେ। ସିଡିଏ ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକର୍ତ୍ତା ଧରଣୀ ପଟ୍ଟନାୟକ, ନିତ୍ୟାନନ୍ଦ ମିଶ୍ର, ନକୁଳଚନ୍ଦ୍ର ମହାରଣା, ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, କଟକ ନଗର କଂଗ୍ରେସର ସଭାନେତ୍ରୀ ଗିରିବାଳା ବେହେରା, ନିତ୍ୟାନନ୍ଦ ରାଉତରାୟ, ବିଜୟ କୁମାର ପାତ୍ର, ଦେବେନ୍ଦ୍ର ପ୍ରଧାନ ଓ ଗୌରାଙ୍ଗ ଚରଣ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ବାରିକଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରଠାରେ କରାଯାଇଥିବା ବେଳେ ପୁତ୍ର ସୁବ୍ରତ ମୁଖାଗ୍ନି ଦେଇଥିଲେ।

ଜିଲ୍ଲାରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ମନ୍ଥର

କଟକ,୭ ।୩(ସମିସ):

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ଅନୁଦାନରେ ଗତ ୨୦୨୪-୨୫ ଆର୍ଥିକ ବର୍ଷଠାରୁ ଜିଲ୍ଲାରେ ରହିଥିବା ରହିଥିବା ସମସ୍ତ ୧୪ଟି ବ୍ଲକର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲକ୍ଷ୍ୟ ନେଇ ଚାଲିଥିବା ଜଳଯୋଗାଣ କାର୍ଯ୍ୟକ୍ରମ ଏବେ ମନ୍ଥର ଗତିରେ ଚାଲିଛି। ମୁଖ୍ୟତଃ ଅନୁଦାନର ଅଭାବ ସହ ଠିକାଦାରଙ୍କ ବକେୟା ପ୍ରାପ୍ୟ ନମିଳିବା ଏହାର ମୁଖ୍ୟ କାରଣ ହୋଇଛି। ଉଚ୍ଚପଦସ୍ଥ ଅଧିକାରୀଙ୍କ ନୋଟିସକୁ ମଧ୍ୟ ଠିକା ସଂସ୍ଥାମାନେ ମାନୁନାହାନ୍ତି। ଯାହାଫଳରେ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଜିଲ୍ଲାର ସମସ୍ତ ବ୍ଲକର ଜନସାଧାରଣଙ୍କୁ ପାନୀୟଜଳ ଯୋଗାଣ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲ୍ଲାର ଗ୍ରାମୀଣ ଜଳଯୋଗାଣ ଓ ପରିମଳ ସଂସ୍ଥାର ଅଧୀକ୍ଷଣ ଯନ୍ତ୍ରୀ ଗୌପ୍ୟରଞ୍ଜନ ବେହେରାଙ୍କ ଦୃଷ୍ଟିଆକର୍ଷଣ କରାଯିବା ପରେ ଏବେ ଚାଲୁରହିଥିବା ପ୍ରକଳ୍ପଗୁଡିକର କାର୍ଯ୍ୟ ଖୁବ ଶୀଘ୍ର ଶେଷ ହେବ ବୋଲି କହିଛନ୍ତି। ଗତ ଜିଲ୍ଲା ପରିଷଦ ବୈଠକରେ ପାନୀୟଜଳ ଯୋଗାଣ ନେଇ କେତେକ ସଦସ୍ୟ ହୋ ହାଲ୍ଲା କରିଥିଲେ। ଜିଲ୍ଲାରେ ଚାଲିଥିବା ମାହାଙ୍ଗା, ନିଶ୍ଚିନ୍ତକୋଇଲି, ଡମପଡା, ଚୌଦ୍ୱାର ଓ ବାରଙ୍ଗ ଅଞ୍ଚଳର ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ସରି ନାହିଁ। ଯଦିଓ ପ୍ରକଳ୍ପ ମାଧ୍ୟମରେ ୭୫ ପ୍ରତିଶତ ଜଳ ଯୋଗାଣ କାର୍ଯ୍ୟକ୍ଷମ ହେଲାଣି ଆହୁରି ୨୫ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଜିଲ୍ଲାର ବିଭିନ୍ନ ବ୍ଲକରେ ରହିଥିବା ୧୯ ହଜାର ୬୩୬ଟି ନଳକୂପ ଜରିଆରେ ୧ହଜାର ୭୦ଟି ଗ୍ରାମର ଜନସାଧାରଣଙ୍କୁ ଜଳଯୋଗାଣ କରାଯାଇଛି। ଏହି ସମସ୍ତ ବ୍ଲକରେ ବସବାସ କରୁଥିବା ୩ଲକ୍ଷ ୧୮ହଜାର ୬୦୩ଟି ପରିବାରକୁ ଜଳଯୋଗାଣ କରାଯିବା ଲକ୍ଷ୍ୟଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨ଲକ୍ଷ ୧୫ହଜାର ୭୨୧ଟି ପରିବାର ଉପକୃତ ହୋଇଛନ୍ତି।

ଆଦର୍ଶ ଶିକ୍ଷକଙ୍କ ପରଲୋକ



କିଶନନଗର,୭ ।୩(ସମିସ): କଟକ ସଦର ଅନ୍ତର୍ଗତ ଧରିଣା ପଞ୍ଚାୟତ ପାରାବିଲ ଗ୍ରାମ କମିଟିର ସଭାପତି, ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ତଥା ନିଖିଳ ଉତ୍କଳ ପାଟରା ସମିତି ପାଟବୈଶ୍ୟ ମହାସଭାର ପଞ୍ଚ ଅଧିକାରୀ ଧରଣୀଧର ବେହେରା (୯୦)ଙ୍କ ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ରାତିରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡିଛି। ଏକମାତ୍ର ପୁତ୍ର ଙ୍ଗ ସ୍ମୃତିରଞ୍ଜନ ବେହେରା ମୁଖାଗ୍ନି ଦେଇଥିଲେ।

ମହେନ୍ଦ୍ରଗିରିରେ ଅଶାନ୍ତି ଘଟଣା

ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲା ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷାମଞ୍ଚ

'ଅନୁପ୍ରବେଶକାରୀ ଅଞ୍ଚଳରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି'



ପାରଳାଖେମୁଣ୍ଡି, ୭ ।୩(ସମିସ): ମହେନ୍ଦ୍ରଗିରି ପର୍ବତ ଏକ ପବିତ୍ର ଧାର୍ମିକ ସ୍ଥଳ ହେବା ସହ ଆଦିବାସୀ ସମ୍ପ୍ରଦାୟର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହ ଗଭୀର ଭାବେ ଜଡ଼ିତ । ହେଲେ ଗତ କିଛିବର୍ଷ ହେଲା ଏଠାରେ କିଛି ଅନୁପ୍ରବେଶକାରୀଙ୍କ ଉପସ୍ଥିତି ଯୋଗୁ ସ୍ଥାନୀୟ ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି । ସେମାନଙ୍କ ପାଇଁ ଉତ୍ତେଜନା, ଭଙ୍ଗାରୁଜା, ମାରପିଟ୍ ଭଳି ଅଘଟଣ ଘଟୁଛି । ପ୍ରଶାସନିକ କର୍ତ୍ତୃତ୍ୱ ନଥିବା ଯୋଗୁଁ ଏପରି ଅଶାନ୍ତ ପରିବେଶ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । କିଛିଦିନ ପୂର୍ବେ ଇକୋରିସୋର୍ଟସ ଭଙ୍ଗାରୁଜାକୁ ନେଇ ଗାରାବନ୍ଧା ଥାନାରେ ମାମଲା ରୁଜୁ ହୋଇଛି ।

ଶୁକ୍ରବାର ଭଙ୍ଗାରୁଜା କରିଥିବା ଦୁର୍ବୃତ୍ତଙ୍କୁ ଗିରଫ ପାଇଁ ଦାବି କରି ମହେନ୍ଦ୍ରଗିରି ଇକୋ ଡେଭେଲପମେଣ୍ଟ କମିଟି ଏବଂ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ବେଳେ ଆଜି ସନ୍ଧ୍ୟାରେ ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷାମଞ୍ଚ ପ୍ରଶାସନର ଦ୍ୱାରସ୍ଥ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ମଞ୍ଚ ଅଭିଯୋଗ କରିଛି ଯେ, ମହେନ୍ଦ୍ରଗିରି ପୂଜା କମିଟି, ବାରଘର ଆଦିବାସୀ ବର୍ଷ ବର୍ଷ ଧରି ପରମ୍ପରାଗତ ଭାବରେ ପୂଜା ଅର୍ଚ୍ଚନା ଓ ଧାର୍ମିକ କାର୍ଯ୍ୟକଳାପ ସହ ଏହାର ସୁରକ୍ଷା ପିତୃପୁରୁଷ କାଳରୁ କରି ଆସୁଛନ୍ତି । ଅନ୍ୟପଟେ ମହେନ୍ଦ୍ରଗିରି ସାଂସ୍କୃତିକ କମିଟି ରହିଛି । ଏହି ପୂଜ୍ୟ କାର୍ଯ୍ୟ କରିବା ଆମ ପାଇଁ ଏକ ଗୌରବର ବିଷୟ ଥିଲା । ଦୁର୍ଭାଗ୍ୟର ବିଷୟ ଆଦିବାସୀଙ୍କ ଏକତା ଓ ବିଶ୍ୱାସକୁ କୁଠାରାଘାତ କରାଯାଉଛି । ବର୍ତ୍ତମାନ କିଛି ଅନୁପ୍ରବେଶକାରୀ ଅବୈଧ ବସ୍ତି ସ୍ଥାପନ କରି ବିଭିନ୍ନ ସମୟରେ ଗୁଣ୍ଡା ଓ ମାଫିଆଙ୍କୁ ପଠାଇ ପୂଜାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ଏହାସହିତ କିଛି ଉଚ୍ଚପଦସ୍ଥ ପ୍ରଭାବଶାଳୀ କ୍ଷମତାସୀନ ମୁଷ୍ଟିମେୟ ରାଜନେତା ଓ ରାଜ୍ୟର ଜଣେ ବରିଷ୍ଠ ମନ୍ତ୍ରୀ ନିଜ ସ୍ୱାର୍ଥ ସାଧନା ନିମନ୍ତେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗର ସମସ୍ତ ନିୟମାବଳୀକୁ ଉଲ୍ଲଂଘନ କରି ସେଠାରେ ଉନ୍ନୟନମୂଳକ କାର୍ଯ୍ୟ ନାମରେ ମାଡବା ଓ ବଡ଼ମାସିଂ ଗ୍ରାମର କିଛି ବ୍ୟକ୍ତିବିଶେଷଙ୍କ ସହାୟତାରେ ବିଭିନ୍ନ ସ୍ଥାନରେ ଖୋଳାଖୋଳି କରି କୃତ୍ରିମ ଲିଙ୍ଗ ଓ ମୂର୍ତ୍ତି ସ୍ଥାପନ କରି ମହେନ୍ଦ୍ରଗିରି ପର୍ବତର ପ୍ରାକୃତିକ ପରିବେଶ ଓ ଧାର୍ମିକ ଭାବାବେଗକୁ ନଷ୍ଟ କରୁଛନ୍ତି । ଫଳରେ ଏଠାରେ ଥିବା ଦୁର୍ଲଭ ଔଷଧୀୟ ବୃକ୍ଷ, ଲତା, ଗୁଳ୍ମ ଓ ପ୍ରାଚୀନ ଲିଙ୍ଗ, ମୂର୍ତ୍ତି ଆଦି ନଷ୍ଟ ହେଉଛି । ଏହାସହ ଏକ ଆଶ୍ରମ ନାମରେ କିଛି ସାଧୁ ବେଶଧାରୀ ଗୁଣ୍ଡା ଶ୍ରେଣୀୟ ଅସାମାଜିକ ବ୍ୟକ୍ତି ସେଠାରେ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ଯେପରିକି ମଦ, ମାଂସ, ଗଂଜେଇ ବ୍ୟବ୍ହାର କରିବା ସହ ମୂର୍ତ୍ତି, ଲିଙ୍ଗ ଓ ଔଷଧୀୟ ବୃକ୍ଷ ଚୋରା ଚାଲାଣ କରୁଛନ୍ତି । ସ୍ଥାନୀୟ ପ୍ରଶାସନର କିଛି ତଳସ୍ତରୀୟ କର୍ମଚାରୀଙ୍କୁ ହାତ କରି ଏହିସବୁ ଅବୈଧ କାର୍ଯ୍ୟକଳାପ କରାଯାଉଥିବା ଅଭିଯୋଗ କରାଯାଇଛି । ଏହି ସମସ୍ତ କାର୍ଯ୍ୟ ମାଧ୍ୟମରେ ସ୍ଥାନୀୟ ଆଦିବାସୀଙ୍କ ସମ୍ପତ୍ତି, ସମ୍ମାନ, ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଅଧିକାରକୁ ପୂର୍ଣ୍ଣ ଭାବରେ ଦଳି ଚକଟି କରି କ୍ଷୁର୍ଣ୍ଣ କରାଯାଉଛି । ଏହାକୁ ସ୍ଥାନୀୟ ପୂଜାରୀ ଓ ଅଞ୍ଚଳବାସୀ ସ୍ୱର ଉତ୍ତୋଳନ କଲେ ବିଭିନ୍ନ ସମୟରେ ଆମକୁ ଦୁର୍ବୃତ୍ତ ଆଖ୍ୟା ଦେଇ ମିଥ୍ୟା ମକଦମା ରୁଜୁ କରି ହଇରାଣ ହରକତ କରାଯାଉଥିବା କୁହାଯାଇଛି । ଏଥିସହ ଗୁଣ୍ଡା ପଠାଇ ଜୀବନରେ ମାରିଦେବା ପାଇଁ ଧମକ ଦିଆଯାଉଛି । ଏଭଳି ଅସାମାଜିକ କାର୍ଯ୍ୟ ଯୋଗୁ ବିଭିନ୍ନ ସମୟରେ ପୂଜାବିଧି ଓ ଦେବନୀତି କାର୍ଯ୍ୟରେ ବ୍ୟାଘାତ ହେବା ସହିତ ପୂଜାରୀ ପରିବାର ଅସୁରକ୍ଷିତ ହୋଇପଡିଥିବା ଅଭିଯୋଗ କରାଯାଇଛି । ମହେନ୍ଦ୍ରାଞ୍ଚଳ ଆଦିବାସୀଙ୍କ ସାମାଜିକ ସୁରକ୍ଷା, କୌଳିକ ପ୍ରଥା, ରୀତିନୀତି, ପୂଜା ବିଧି, ସଂସ୍କୃତି ଓ ପରମ୍ପରାର ଅଧିକାରକୁ ନିଶ୍ଚିନ୍ତ କରାଯିବା ପାଇଁ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି । ମହେନ୍ଦ୍ରଗିରି ଅଞ୍ଚଳରେ ଘଟୁଥିବା ସମସ୍ତ ଘଟଣାର ପ୍ରଶାସନିକ ସ୍ତରରେ ତଦନ୍ତ କରି ଅନୁପ୍ରବେଶକାରୀଙ୍କ ଅବୈଧ କାର୍ଯ୍ୟକଳାପ ବିରୋଧରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ ସହ ସ୍ଥାନୀୟ ଆଦିବାସୀ ଓ ପୂଜାରୀଙ୍କୁ ସୁରକ୍ଷା ଏବଂ ନ୍ୟାୟ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଛି । ସ୍ମାରକପତ୍ରକୁ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ଗ୍ରହଣ କରିଥିବା ବେଳେ ବିଶ୍ୱାବସୁ ସଂସ୍କୃତି ସୁରକ୍ଷା ମଞ୍ଚର ସଭାପତି ସୁରେନ୍ଦ୍ର ମଣ୍ଡଳ, ମହେନ୍ଦ୍ରଗିରି ପୂଜା କମିଟିର ସଭାପତି ଏସ୍.କେ. ଶବର, ସମ୍ପାଦକ ନିରଞ୍ଜନ ଜାନୀଙ୍କ ସମେତ ରାୟଗଡ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧନେଶ୍ୱର ଭୂୟାଁ ଉପସ୍ଥିତ ଥିଲେ ।

ପର୍ଯ୍ୟଟନ ସଚିବଙ୍କ ଦାରିଙ୍ଗବାଡ଼ି ଗସ୍ତ

ଦାରିଙ୍ଗବାଡି,୭।୩(ସମିସ): ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂ ଶନିବାର ଦାରିଙ୍ଗବାଡି ବ୍ଲକ ଗସ୍ତ କରି ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ସ୍କୁଲ ଏବଂ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ଦେଖିବା ସହ ଷ୍ଟେ ହୋମ ପଲିସି ନେଇ ଲୋକଙ୍କ ସହ ଆଲୋଚନା କରିଥିଲେ । ପ୍ରଥମେ ଲଭର୍ସ ପଏଣ୍ଟରେ ପହଞ୍ଚିଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ସଚିବଙ୍କୁ ସ୍ୱାଗତ କରାଯାଇଥିଲା । ଏହାପରେ ବ୍ଲକ ସଭାଗୃହରେ ଷ୍ଟେହୋମ ପଲିସି ସମ୍ପର୍କରେ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକରେ ଷ୍ଟେ ହୋମ ପଲିସି ବିଷୟରେ ସଚିବ ଲୋକଙ୍କୁ ବୁଝାଇଥିଲେ । ବୈଠକ ପ୍ରାରମ୍ଭରୁ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ ଅଞ୍ଚଳ ସ୍ଥିତି ଲୋକଙ୍କ ଜୀବନ ଶୈଳୀ ପର୍ଯ୍ୟଟନ ସ୍ଥଳ ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଦାରିଙ୍ଗବାଡିରେ ରହିଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଗୁଡିକର ଉନ୍ନୟନ କାର୍ଯ୍ୟ ହେବା ନେଇ ସଚିବ କହିଥିବା ବେଳେ ଅଞ୍ଚଳଙ୍କୁ ସ୍ୱଚ୍ଛ ରଖିବା ପାଇଁ କହିଥିଲେ । ଏହାପରେ ସଚିବ ଦାରିଙ୍ଗବାଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯାଇଥିଲେ । ପରେ କଫି ବଗିଚା ବୁଲି ଦେଖିଥିଲେ । କମିଶନରଙ୍କ ଏହି ଗସ୍ତ ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଉପ ଜିଲ୍ଲାପାଳ ପ୍ରଣୀତା ଦାସ, ସମିତି ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ବିଡ଼ିଓ ପ୍ରୀତି ରଞ୍ଜନ ରଥ, ତହସିଲଦାର ଧୀରଜ ପାତ୍ର ଓ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀନିବାସ ଷଡ଼ଙ୍ଗୀ ଉପସ୍ଥିତି ରହିଥିଲେ । ପର୍ଯ୍ୟଟନ ବିକାଶ ଉପରେ ଉପସ୍ଥିତ ସମସ୍ତ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ ।

କରଡ଼ାସିଂ ଗ୍ରାମରେ ମାତୃ ସମ୍ମିଳନୀ



ରାୟଗଡ଼, ୭ ।୩(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧିନ କରଡ଼ାସିଂ ଗ୍ରାମରେ ପାରଳା ଜାରା ଶବର କୁଳ ସଂସ୍କାର ସମିତି ପକ୍ଷରୁ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଭାପତି ନନ୍ଦ ରାଗସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଳ ମହାସଚିବ ରାଧାକୃଷ୍ଣ ଜାନି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସରପଞ୍ଚ ଉମାକାନ୍ତ ଭୁମଲ, କୁଳର ଉପଦେଷ୍ଟା ଶିବ ଶଙ୍କର ଭୂୟାଁ, ନୀଳାମ୍ବର ବେହେରା, ସମ୍ପାଦକ ପ୍ରଫୁଲ୍ଲ କୁମାର ରଇତ, ସଙ୍ଗଠନ ସମ୍ପାଦକ ଶରତ ପାତ୍ର, ଗଣେଶ ଭୂୟାଁ ମଞ୍ଚାସୀନ ଥିଲେ । ମା ମାନଙ୍କର ନିଜର କର୍ତ୍ତବ୍ୟ ଦାୟିତ୍ୱ ଦ୍ୱାରା ଆମ କୁଳ ସମାଜ ବା ସମଗ୍ର ସମାଜ ପରିବର୍ତ୍ତ ର ପ୍ରେରଣାର ଉତ୍ସ ହେବା ସହ ଆମ ସମାଜର ସୁନ୍ଦର ପରିବାର ଓ ସ୍ୱାସ୍ଥ୍ୟ ଗଠନ ସହାୟକ ହେବା ଏବଂ ସର୍ବପରି ନିଜର ସୁଚିନ୍ତିତ ଦିଗଦର୍ଶନ ଦ୍ୱାରା କୁଳର ସର୍ବାଙ୍ଗୀନ ବିକାଶର ଗତିଶୀଳ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ଏନେଇ ଶପଥ ପାଠ କରାଯାଇଥିଲା । ଏଥିରେ ସମାଜର ଶତାଧିକ ମାତୃମଣ୍ଡଳୀ ଯୋଗ ଦେଇଥିଲେ ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ନେଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୭ ।୩(ସମିସ): କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ସାହାଙ୍କ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାରଳାଖେମୁଣ୍ଡି ସ୍ଥିତ ଏସ୍‌ଏ ଫଙ୍କସନ ହଲରେ ଡିଆରସିଏସ୍ ହରିହର ସେଠଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ, କୃଷକ ନେତା ପ୍ରଶାନ୍ତ କୁମାର ପାଳ, ଆର୍‌ଏମସି ସେକ୍ରେଟାରୀ ରେବତୀ ମୋହନ ରାଉତ ଓ ଏସ୍‌ଆରସିଏସ୍ ପଙ୍କଜ ନାୟକ ମଞ୍ଚାସୀନ ଥିଲେ । ଏହି ଅବସରରେ ଜିଲ୍ଲାରେ ଥିବା ବିଭିନ୍ନ ପ୍ରାଥମିକ ସମବାୟ ସମିତି କେନ୍ଦ୍ର ପକ୍ଷରୁ ୧୬ ଜନସେବା କେନ୍ଦ୍ରର ଉଦ୍‌ଘାଟନ ହୋଇଯାଇଛି । ଏନେଇ ଡିଆରସିଏସ୍ ଶ୍ରୀ ସେଠ୍ କହିଛନ୍ତି ଯେ



ସମବାୟ ସମିତି ପକ୍ଷରୁ ପ୍ରତି ପଞ୍ଚାୟତରେ ଏଭଳି ଜନସେବା କେନ୍ଦ୍ର ଖୋଲାଯିବ । ବର୍ତ୍ତମାନ ପ୍ରାଥମିକ ଭାବେ ୧୬ କେନ୍ଦ୍ର ଆଜି ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମରେ ରଶ୍ମିତା ସାମଲ ମଞ୍ଚ ପରିଚାଳନା କରିଥିବାବେଳେ, ପ୍ରାଥମିକ ସମବାୟ ସମିତି ସମ୍ପାଦକ ଇ.ରାମ ପ୍ରସାଦ, ବାବୁଲି ସାମଲଙ୍କ ସମେତ ଲ୍ୟାମ୍ପସ ଓ ପ୍ୟାକସ୍ କର୍ମଚାରୀ ଓ ଚାଷୀ ଭାଇ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା ।

ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୭ ।୩ (ସମିସ): ପାରଳାଖେମୁଣ୍ଡି ସ୍ଥିତ ଆଦର୍ଶ ଥାନା ପରିସରରେ ସାଇବର୍ ଓ ଅର୍ଥନେତିକ ଅପରାଧ ଥାନା ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ ।

ଉଦ୍‌ଘାଟନୀ ସମୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ବନଖଣ୍ଡ ଅଧିକାରୀ କେ. ନାଗରାଜୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି,



ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, କାଶୀନଗର ବ୍ଲକ ଅଧକ୍ଷା ବାଲା ସାୟାମ୍ମା, ପାରଳାଖେମୁଣ୍ଡି ଉପଖଣ୍ଡ ଅଧୀକ୍ଷକ ମାଧବାନନ୍ଦ ନାୟକ, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି, ଜିଲ୍ଲା କୋର୍ଟର ଭାରପ୍ରାପ୍ତ କ୍ୟାଡର ଅଭିଯୋଜନ ଅଧିକାରୀ ରାଜେଶ କୁମାର ମିଶ୍ର, ସରକାରୀ ଓକିଲ ଏମ୍. ପୃଥ୍ୱୀରାଜ, ଯେ ଡାଲା ଶିବାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ



ପାରଳାଖେମୁଣ୍ଡି,୭ ।୩(ସମିସ): ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡି କ୍ୟାମ୍ପସର ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା ସ୍କୁଲ, ସହ ନର୍ସିଂ ସ୍କୁଲର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମ 'ଗିଭ୍ ଟୁ ଗେନ୍' ବିଷୟବସ୍ତୁ ସହିତ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମହିଳା ସଶକ୍ତିକରଣ, ସମାନତା ଏବଂ ସୁଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । ଶ୍ରୀକାକୁଲମ ସ୍ଥିତ କିମ୍ସ ହସ୍ପିଟାଲର ପରାମର୍ଶଦାତା ତଥା ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ସୁକନ୍ୟା ସାନପାଳ ମହିଳାମାନଙ୍କ ସ୍ୱାସ୍ଥ୍ୟ, ପରିଷ୍କାର ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱ ବିଷୟରେ କହିଥିଲେ । ପାରଳାଖେମୁଣ୍ଡି ସ୍ଥିତ ଏସଡବ୍ଲ୍ୟୁଡବ୍ଲ୍ୟୁଏସ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଓସାକ୍ସ ଟିଆଇ ପ୍ରୋଜେକ୍ଟର ପରିଚାଳିକା ପି. ସୁନିତା, ସଚେତନତା, ସହାୟତା ପ୍ରଣାଳୀ ଏବଂ ମହିଳାମାନଙ୍କ ପାଇଁ ଉପଲବ୍ଧ ସୁଯୋଗ ସମ୍ପର୍କରେ କହିଥିଲେ । ଏହି ଅବସରରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନିତା ପାତ୍ର, ପ୍ରଶାସନିକ ନିର୍ଦ୍ଦେଶକ ଡ. ଦୁର୍ଗା ପ୍ରସାଦ ପାଢ଼ୀ, ଏନଏସଏସ ସମନ୍ୱୟ କାର୍ଯ୍ୟକ୍ରମ ଅଧିକାରୀ ଡ. ନିହାଲ ଆର., ନର୍ସିଂ ସ୍କୁଲର ପ୍ରିନ୍ସିପାଲ୍ ଡ. ଏସ. ଏନ. ସନ୍ଧ୍ୟା ଏବଂ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପାରଳାଖେମୁଣ୍ଡି କ୍ୟାମ୍ପସର ଆସୋସିଏଟ୍ ଡିନ୍ ତଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଡ. ପ୍ରଜ୍ଞା ପାଣିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

ଫୁଲବାଣୀ ସିଭିଲ ସର୍ଭିସ୍ କୋଚିଂ ସେଣ୍ଟର ପରିଦର୍ଶନ କଲେ ପର୍ଯ୍ୟଟନ ସଚିବ



● **ଛାତ୍ରଛାତ୍ରୀଙ୍କୁ ଦେଲେ ସଫଳତାର ଗୁରୁମନ୍ତ୍ର**

● **ସିଏସ୍‌ଆର୍ ପାଣ୍ଠିର ସଠିକ୍ ବିନିଯୋଗକୁ ନେଇ ସନ୍ତୋଷ ବ୍ୟକ୍ତ**

ଫୁଲବାଣୀ,୭।୩(ସମିସ): ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ବିଭାଗ କମିଶନର ତଥା ସଚିବ ବଳବନ୍ତ ସିଂ ଆଜି ଦୁଇ ଦିନିଆ କନ୍ଧମାଳ ଗସ୍ତରେ ଆସି ଫୁଲବାଣୀ ସ୍ଥିତ ସର୍କିଟ ହାଉସରେ ପହଞ୍ଚିଥିଲେ । ସ୍ଥାନୀୟ ବୃଦ୍ଧାଶ୍ରମ ବୁଲି ଦେଖିବା ପରେ ଅପରାହ୍ନରେ ଜିଲ୍ଲା ସିଭିଲ ସର୍ଭିସ୍ କୋଚିଂ ସେଣ୍ଟର ପରିଦର୍ଶନ କରିଥିଲେ । ସଚିବଙ୍କ ଏହି ପରିଦର୍ଶନ ସମୟରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣୀତା ଦାସ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନଦୀ ସାଙ୍ଗରେ ରହିଥିଲେ । ଫୁଲବାଣୀ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ କୋଚିଂ ସେଣ୍ଟରର ପ୍ରତିଷ୍ଠା ଓ ଏହାର କାର୍ଯ୍ୟକାରିତା ବିଷୟରେ ସୂଚନା ଦେଇଥିଲେ । ସେହିପରି ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଶିବ ସୁନ୍ଦର ସାହୁ କେନ୍ଦ୍ରର ପରିଚାଳନା ଓ ସଫଳତା ସମ୍ପର୍କରେ ବିବରଣୀ ରଖିଥିଲେ । ସିଭିଲ ସର୍ଭିସ୍ ଆଶାୟୀଙ୍କ ସହ ସିଧାସଳଖ ଆଳାପ ସଚିବ ବଳବନ୍ତ ସିଂ କୋଚିଂ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପ୍ରସ୍ତୁତି ଓ ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ସଚିବଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କରିଥିଲେ । ବିଶେଷକରି ସିଭିଲ ସର୍ଭିସ ପରୀକ୍ଷାରେ ବିଫଳ ହେବା ପରେ ପୁଣି ଥରେ କିଭଳି ମନୋବଳ ଦୃଢ଼ କରି ପ୍ରସ୍ତୁତି କରିବେ, କନ୍ଧମାଳ ଭଳି ଅନୁନ୍ନତ ଅଞ୍ଚଳରୁ ସର୍ବଭାରତୀୟ ସ୍ତରର ପରୀକ୍ଷାରେ ସଫଳତା କେତେଦୂର ସମ୍ଭବ ଏବଂ ପ୍ରିଲିମ୍ସ, ମେନ୍ସ ଓ ଇଣ୍ଟରଭିୟୁ ପାଇଁ ସମୟର ସଠିକ୍ ପରିଚାଳନା କିପରି ହେବ, ସେ ନେଇ ପଚାରିଥିଲେ । ସଚିବ ବଳବନ୍ତ ସିଂ, ଉପଜିଲ୍ଲାପାଳ ପ୍ରଣୀତା ଦାସ ଓ ଜିଲ୍ଲାପାଳ ବେଦଭୂଷଣ ଛାତ୍ରଛାତ୍ରୀଙ୍କ ସମସ୍ତ ପ୍ରଶ୍ନର ଅତି ସରଳ ଓ ସନ୍ତୋଷଜନକ ଉତ୍ତର ଦେଇଥିଲେ । ସଚିବ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବା ସହ ନିଜର ଶାରୀରିକ ସ୍ୱାସ୍ଥ୍ୟ, ସୁଷମ ଖାଦ୍ୟ ଓ କ୍ରୀଡ଼ା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ, ସଚିବ ପୂର୍ବରୁ ଓଡ଼ିଶା ଖଣି ନିଗମରେ ଥିବା ସମୟରେ ୨୦୨୩ ମସିହାରେ ଏହି କୋଚିଂ ସେଣ୍ଟର୍ ପାଇଁ ଅନୁଦାନ ମଞ୍ଜୁର କରିଥିଲେ । ଏହି ଅନୁଦାନର ସଠିକ୍ ଉପଯୋଗ ଓ କେନ୍ଦ୍ରର ସଫଳତା ଦେଖି ସେ ବେଶ୍ ଖୁସି ବ୍ୟକ୍ତ କରିଥିଲେ ।

ଅତିରିକ୍ତ ଶ୍ରେଣୀ ଗୃହ ଓ କମ୍ୟୁନିଟି ହଲ୍ ଉଦ୍‌ଘାଟିତ



ପାରଳାଖେମୁଣ୍ଡି,୭ ।୩ (ସମିସ): ଗୋଷାଣି ବ୍ଲକ ଶରଧାପୁର ପଞ୍ଚାୟତର ସଦରମହକୁମାରେ ଥିବା ସରକାରୀ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଏବଂ ଗ୍ରାମବାସୀଙ୍କ ପାଇଁ ଏକ କମ୍ୟୁନିଟି ହଲର ଉଦଘାଟନ କରିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ଜିଲ୍ଲାପରିଷଦ ସଦସ୍ୟ ଏସ୍.ବାଲାରାଜୁ, ଶରଧାପୁର ସରପଞ୍ଚ ସିଏଚ୍. ପ୍ରସାଦଙ୍କ ସମେତ ଗ୍ରାମବାସୀ, ଅଭିଭାବକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

● **କୈବର୍ତ୍ତ କେଉଟ ସମାଜରେ ସାଂଗଠନିକ ଅବ୍ୟବସ୍ଥା**

ଜିଲ୍ଲା ସମ୍ପାଦକ ଆଣିଲେ ଗୁରୁତର ଅଭିଯୋଗ

ଟିକାବାଲି,୭।୩(ସମିସ): କନ୍ଧମାଳ ଜିଲ୍ଲା କୈବର୍ତ୍ତ କେଉଟ ସମାଜର ସାଙ୍ଗଠନିକ ଅବ୍ୟବସ୍ଥା ଏବଂ ଆଇନଗତ ବିବାଦ ଚରମ ସୀମାରେ ପହଞ୍ଚିଛି । ସଂଗଠନର ସମ୍ବିଧାନକୁ ଅଣଦେଖା କରାଯାଇ ଅସାମ୍ବିଧାନିକ ଭାବେ କମିଟି ଗଠନ କରାଯାଉଥିବା ନେଇ ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ଦଳବେହେରା ଗୁରୁତର ଅଭିଯୋଗ ଆଣିଛନ୍ତି । ଶୁକ୍ରବାର ଦିନ ପଣସପଦରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସମାଜର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଛନ୍ତି । ଶ୍ରୀ ଦଳବେହେରାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୩ ମସିହା ସ୍ନାନ ପୂର୍ଣ୍ଣିମା ସମୟରେ ଟିକାବାଲି ବ୍ଲକର ଗୁମାଲ ମେଣ୍ଡିରେ ଆୟୋଜିତ ବୈଠକକୁ ନେଇ ବିଭ୍ରାନ୍ତିକର ତଥ୍ୟ ପ୍ରଚାର କରାଯାଇଥିଲା । ଜିଲ୍ଲା ସଭାପତି ନଟବର ନାୟକଙ୍କ ଅନୁମତି ନଥାଇ କିଛି ବ୍ୟକ୍ତିବିଶେଷ ମିଥ୍ୟା ସୂଚନା ଦେଇ ଲୋକଙ୍କୁ ଉତ୍ୟକ୍ତ କରିଥିଲେ । ଏହି ଘଟଣା ପରଠାରୁ ସମାଜରେ ବାଛଦ ଭଳି କୁପ୍ରଥା ସୃଷ୍ଟି ହୋଇଛି, ଯାହାଫଳରେ ସମାଜର ବିକାଶମୂଳକ କାର୍ଯ୍ୟ ବନ୍ଦ ହୋଇଯାଇଛି । ଏହି ବିବାଦରେ ପୂର୍ବରୁ କନ୍ଧମାଳ ଏସପି ଓ ଏସଡିପିଓ ହସ୍ତକ୍ଷେପ କରି ସମାଧାନ ପାଇଁ ଖଜୁରୀପଡା ଓ ଟିକାବାଲି ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ । ଟିକାବାଲି ଥାନା ପକ୍ଷରୁ ସମାଧାନ ପାଇଁ ସମୟ ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଗତବର୍ଷ ଆକ୍ଟୋବର ୨୭ ରେ ବିପିନ ବିହାରୀ ସେଠି ଓ ବିକ୍ରମ ସିଂ ଦଳବେହେରା ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି



ଦେଇଥିଲେ । ୩ ମାସ ବିତିଯିବା ପରେ ମଧ୍ୟ ସେମାନେ ନିଜ ଦାୟିତ୍ୱରୁ ଓହରି ଯାଉଥିବା ଶ୍ରୀ ଦଳବେହେରା ଅଭିଯୋଗ କରିଛନ୍ତି । ସମ୍ପାଦକଙ୍କ କହିବା ଅନୁଯାୟୀ, ସୋସାଇଟି ରେଜିଷ୍ଟ୍ରସନ ଆକ୍ଟ ୧୮ ୬୦ ଅନୁସାରେ ପୂର୍ବ କମିଟି ବିଧିବଦ୍ଧ ଭାବେ ନୂତନ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରିବା କଥା । ମାତ୍ର ସମ୍ବିଧାନ ବିରୋଧରେ ଯାଇ ଅସାମ୍ବିଧାନିକ କମିଟି ଗଠନ କରାଯାଉଛି । ଯେପର୍ଯ୍ୟନ୍ତ ସମାଧାନକାରୀ ପୂର୍ଣ୍ଣକାଳୀନ ଦାୟିତ୍ୱ ଗ୍ରହଣ କରିନାହାନ୍ତି, ସେପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ବୈଠକ ବା ମହା ସମାଜକୁ ସ୍ଥଗିତ ରଖିବା ପାଇଁ ସେ ଦାବି କରିଛନ୍ତି । ସମାଜର ଶୃଙ୍ଖଳା ରକ୍ଷା ପାଇଁ ଏହି ସମସ୍ୟାର ତୁରନ୍ତ ସମାଧାନ ଜରୁରୀ ବୋଲି ସେ ମତ ପ୍ରକାଶ କରିଛନ୍ତି ।

ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଟିକାବାଲି,୭।୩(ସମିସ): ଟିକାବାଲି ଥାନାରେ ନୂତନ ଥାନା ଅଧିକାରୀ ଭାବେ ସମୀର କୁମାର ବେହେରା କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ପୂର୍ବରୁ ଏଠାରେ କାର୍ଯ୍ୟରତ ଥିବା ଥାନା ଅଧିକାରିଣୀ ପି.ଆର.କରଙ୍କୁ ଫୁଲବାଣୀ ଟାଉନ ଥାନାକୁ ବଦଳି କରାଯିବା ପରେ ଶ୍ରୀ ବେହେରା ଏହି ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ନେବା ପରେ ଶ୍ରୀ ବେହେରା ଟିକାବାଲି ପ୍ରେସ ଆସୋସିଏସନର ସଦସ୍ୟଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ନୂତନ ଥାନା ଅଧିକାରୀଙ୍କୁ ପ୍ରେସ ଆସୋସିଏସନ ପକ୍ଷରୁ ସ୍ୱାଗତ କରାଯିବା ସହ ଶୁଭେଚ୍ଛା ଜଣାଯାଇଛି ।

ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି

ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବାକୁ ପ୍ରାଥମିକତା

ଫୁଲବାଣୀ,୭।୩(ସମିସ): କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରୀଷ୍ମ ପ୍ରବାହ ମୁକାବିଲା ନିମନ୍ତେ ବ୍ୟାପକ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଶୁକ୍ରବାର ଦିନ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ପଞ୍ଚାୟତ ଭବନରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କୁଶଳ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଗ୍ରୀଷ୍ମ ପ୍ରବାହ ସମୟରେ ଜନସାଧାରଣଙ୍କ ଜୀବନ ରକ୍ଷା ଏବଂ ସମ୍ଭାବ୍ୟ ଅଂଶୁଘାତର ସଫଳ ମୁକାବିଲା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରୀଷ୍ମ ଋତୁରେ ବିଶେଷ କରି ପାନୀୟ ଜଳର ସୁବିଧା, ସ୍ୱାସ୍ଥ୍ୟ ସେବାର ସଶକ୍ତିକରଣ ଏବଂ ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉପରେ ଏହି କାର୍ଯ୍ୟଯୋଜନାରେ ସର୍ବାଧିକ ଗୁରତ୍ୱ ଦିଆଯାଇଛି । ଜିଲ୍ଲାର କୌଣସି ଅଞ୍ଚଳରେ ଯେପରି ଜଳକଷ୍ଟ ଅନୁଭୂତ ନହୁଏ, ସେଥିପାଇଁ ଜଳଯୋଗାଣ ବିଭାଗକୁ ପୂର୍ବ ପ୍ରସ୍ତୁତି ସାରିବାକୁ କୁହାଯାଇଛି । ଏଥିସହ ଯେକୌଣସି ଜରୁରୀ ପରିସ୍ଥିତିର ସାମ୍ନା କରିବା ପାଇଁ ଜିଲ୍ଲା ସ୍ତରୀୟ କଣ୍ଟ୍ରୋଲ ରୁମ୍‌କୁ ସକ୍ରିୟ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ



କୁଶଳ ଚନ୍ଦ୍ର ନାୟକ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିଜ ନିଜ କ୍ଷେତ୍ରରେ ସର୍ବଦା ସତର୍କ ରହିବାକୁ ପରାମର୍ଶ ଦେବା ସହ ସରକାରୀ ସୁବିଧାଗୁଡ଼ିକ ଯେପରି ତୃଣମୂଳ ସ୍ତରରେ ସାଧାରଣ ଲୋକଙ୍କ ପାଖରେ ସଠିକ୍ ଭାବେ ପହଞ୍ଚିବ, ତାହା ସୁନିଶ୍ଚିତ କରିବାକୁ କହିଛନ୍ତି ।

ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ କୁମାର ସାହୁ ଯୋଗଦେଇ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ଏଥିସହ ସ୍ୱାସ୍ଥ୍ୟ, ଶିକ୍ଷା, ଜଳଯୋଗାଣ, ଶିଶୁ ଓ ପରିବାର କଲ୍ୟାଣ, ଶ୍ରମ, ନଗର ଉନ୍ନୟନ ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟପନ୍ଥା ଉପସ୍ଥାପନ କରିଥିଲେ । ଜିଲ୍ଲାର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ ଓ ତହସିଲ ଅଧିକାରୀ ମଧ୍ୟ ଏହି ବୈଠକରେ ସାମିଲ ହୋଇ ଆଞ୍ଚଳିକ ସ୍ତରରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜିଲ୍ଲା ଆପାତକାଳୀନ ଅଧିକାରୀ ଚିରଞ୍ଜୀବ ସାହୁ ପରିଚାଳନା କରିଥିଲେ ।

ପୀତବାସ ପଣ୍ଡା ହତ୍ୟା ମାମଲା

ବିକ୍ରମଙ୍କ ଜାମିନ ଆବେଦନ ବିଳମ୍ବ ପାଇଁ ପୁଲିସର ଅପଚେଷ୍ଟା!

ବ୍ରହ୍ମପୁର,୭ ।୩(ସମିସ)

- କୋର୍ଟରେ ମାମଲା ଶେଷ ଓ ମୋକଦ୍ଦମା ଆରମ୍ଭ ହୋଇ ନ ଥିବା ସତ୍ତ୍ୱେ ଦିଆଯାଉଛି ମିଥ୍ୟା ତଥ୍ୟ
- ପୁଲିସର ଏକତରଫା କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ଉଠାଇଲେ ବିକ୍ରମଙ୍କ ଓକିଲ

ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ କଳେ ବଳେ କୌଶଳେ ଗିରଫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ଓ ସେମାନଙ୍କୁ ଜାମିନ ମିଳିବାରେ ବିଳମ୍ବ କରିବାକୁ ଚେଷ୍ଟା କରୁଛି। ଏକ୍ଷେତ୍ରରେ ପୁଲିସ ନିଜର ଆତ୍ମସମ୍ମାନ ରକ୍ଷା କରିବାକୁ ଯାଇ ମିଛ ତଥ୍ୟକୁ କୋର୍ଟରେ ଦାଖଲ କରି ଭ୍ରମିତ କରିବାକୁ ମଧ୍ୟ ପଛାଉନାହିଁ। ଗିରଫ ହୋଇଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ବିରୋଧରେ ଏକାଧିକ ମିଥ୍ୟା ତଥ୍ୟ ପୁଲିସ କୋର୍ଟରେ ଦାଖଲ କରିଥିବା ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ ଅଭିଯୋଗ କରିଛନ୍ତି।

ବିକ୍ରମଙ୍କ ବିରୁଦ୍ଧରେ ୨୦୦୯ରେ ଟାଉନ୍ ଥାନାରେ ଏକ ମାମଲା ଥିବା ନେଇ ତଦନ୍ତକାରୀ ଅଧିକାରୀ ତଥା ଟାଉନ୍ ଏସ୍‌ଡିପିଓ ପ୍ରିୟସ ରଂଜନ ଛୋଟରାୟ କୋର୍ଟରେ ଦର୍ଶାଇ ଥିବାବେଳେ ଉକ୍ତ ମାମଲା ୨୦୨୨ ଏପ୍ରିଲ ୧୬ରେ ଶେଷ ହୋଇସାରିଛି। ସେହିଭଳି ଗତ ୨୦୨୪ ସାଧାରଣ ନିର୍ବାଚନ ସମୟରେ ନିମଖଣ୍ଡି ଥାନା ଇଲାକାରେ ହୋଇଥିବା ଏକ ରାଜନୈତିକ ଗଣ୍ଡଗୋଳ ମାମଲାରେ ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଥିଲେ ହେଁ ପୁଲିସ କାହାରିକୁ ଏପର୍ଯ୍ୟନ୍ତ ନୋଟିସ ମଧ୍ୟ କରିନାହିଁ। ସେହିଭଳି ଗତ ଅକ୍ଟୋବର ୬ରେ ପୀତବାସ ପଣ୍ଡାଙ୍କ ହତ୍ୟା ହୋଇଥିବା ବେଳେ ଘଟଣା ପରେ ଅର୍ଥାତ୍ ସେପ୍ଟେମ୍ବର ୩ ଓ ସେପ୍ଟେମ୍ବର ୧୧ରେ ମୃତ ପୀତବାସଙ୍କ ପୁଅ ସୌରଭ ପଣ୍ଡାଙ୍କ ଦ୍ୱାରା ସ୍ଥାନୀୟ ବୈଦ୍ୟନାଥପୁର ଥାନାରେ ଦିଆଯାଇଥିବା ଦୁଇଟି ଅଭିଯୋଗରେ ମଧ୍ୟ ଏପର୍ଯ୍ୟନ୍ତ ପୁଲିସ ପକ୍ଷରୁ କାହାରିକୁ ଡକାଯାଇ ନାହିଁ କିମ୍ବା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବିକ୍ରମ ପଣ୍ଡା ଜେଲରେ ଥିବାବେଳେ ଫୋନ ମାଧ୍ୟମରେ ତାଙ୍କ ନାମ ନେଇ କେହି ସୌରଭ ଓ ତାଙ୍କ ପରିବାରକୁ ଧମକାଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗର ଦୀର୍ଘ ୪ମାସରୁ ଊର୍ଦ୍ଧ୍ୱ କାଳ ବିତିଥିଲେ ବି ପୁଲିସ କାହାରିକୁ ପକ୍ଷଭୁକ୍ତ କରିନଥିବା ବିକ୍ରମଙ୍କ ଓକିଲ ଶ୍ରୀ ପଟ୍ଟନାୟକ ସିଧାସଳଖ ଅଭିଯୋଗ କରିଛନ୍ତି। ଘଟଣାର ଦୀର୍ଘଦିନ ପରେ ଗିରଫ ହୋଇ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଜେଲରେ ରହି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ହେବାପରେ ଗତ କିଛିଦିନ ଧରି ଏମକେସିଜି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଖୁବ୍‌ଶୀଘ୍ର ତାଙ୍କର ଅସ୍ତ୍ରୋପଚାର ମଧ୍ୟ ହେବାର ସମ୍ଭାବନା ରହିଛି। ପୁଲିସ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ତଥା ରାଜନୈତିକ ଚାପର ବଶବର୍ତ୍ତି ହୋଇ ହଇରାଣ କରିବାକୁ ଯାଇ ତାଙ୍କ ବିରୁଦ୍ଧରେ ମିଥ୍ୟା ତଥ୍ୟ ଓ ଅଭିଯୋଗ ପ୍ରସ୍ତୁତ କରି କୋର୍ଟକୁ ଭ୍ରମିତ କରିବାକୁ ଅପଚେଷ୍ଟା କରୁଛି ବୋଲି ଓକିଲ ଦୀପକ ପଟ୍ଟନାୟକ ଅଭିଯୋଗ କରିଛନ୍ତି।

୧୦ରେ ମଳୟଙ୍କ ଆନ୍ତରୀଣ ଜାମିନ ଆବେଦନର ଶୁଣାଣି

ଗିରଫ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ଶୁଣାଣି ୯ରେ

ବ୍ରହ୍ମପୁର,୭ ।୩(ସମିସ): ବହୁ ଚର୍ଚ୍ଚିତ ପିତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଶୁଣାଣି ହୋଇଛି। କୋର୍ଟରେ ଖାସ କରି ଅସୁସ୍ଥ ମଳୟ ବିଶୋୟୀଙ୍କ ପକ୍ଷରୁ ତାଙ୍କ ଓକିଲ ଦାଏର କରିଥିବା ପିଟିସନ ଉପରେ ଶୁଣାଣି ହୋଇଥିଲା। ପୂର୍ବରୁ ଦୁଇ ଦୁଇତଣ କୋର୍ଟ ଉଭୟ ଜେଲ ଓ ମେଡିକାଲ କର୍ତ୍ତୃପକ୍ଷଙ୍କୁ ମଳୟଙ୍କ ସ୍ୱାସ୍ଥ୍ୟଗତ ରିପୋର୍ଟ ତଲବ କରିନଥିଲେ ହେଁ ମେଡିକାଲ କର୍ତ୍ତୃପକ୍ଷ ତାହା ଦାଖଲ କରିନଥିଲେ। ଯାହାକୁ ନେଇ ଗତ ୫ତାରିଖରେ କୋର୍ଟ ଉଭୟ କର୍ତ୍ତୃପକ୍ଷଙ୍କ ଉପରେ ବିରକ୍ତି ହୋଇଥିଲେ। ତଥାପି ଆଜି ମେଡିକାଲ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ମଳୟଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟରେ କିଛି ଭୁଲ ଭଟକା ଥିବା ମଳୟଙ୍କ ଓକିଲ କୋର୍ଟରେ ଦର୍ଶାଇଥିଲେ। ଯଦ୍ୱାରା ଆସନ୍ତା ୧୦ତାରିଖ ମଙ୍ଗଳବାର ଦିନ ମାମଲାର ପରବର୍ତ୍ତି ଶୁଣାଣି ହେବା ସହିତ ମଳୟଙ୍କ ଆନ୍ତରୀଣ ଜାମିନ ସମ୍ପର୍କିତ ଶୁଣାଣି ହେବ ବୋଲି ଜଣାପଡିଛି। ମଳୟଙ୍କୁ ଆଇସିୟୁରୁ ସିଧାସଳଖ ଜେଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଏନେଇ ମେଡିକାଲ କର୍ତ୍ତୃପକ୍ଷ ଭୁଲ ରିପୋର୍ଟ ଦେଇଥିବା ଅଭିଯୋଗ କରିଛନ୍ତି ମଳୟଙ୍କ ଓକିଲ କୃଷ୍ଣ ପଟ୍ଟନାୟକ। ସେପଟେ ଏଭଳି ଅଭିଯୋଗ ଆସିବା ପରେ ମଳୟଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଆସନ୍ତା ୧୦ତାରିଖରେ ବ୍ୟକ୍ତିଗତ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ମଳୟଙ୍କ ଓକିଲ ସୂଚନା ଦେଇଛନ୍ତି।

ଆଜି ବ୍ରହ୍ମପୁରରେ ବିଶାଳ ହିନ୍ଦୁ ସମ୍ମିଳନୀ

ବ୍ରହ୍ମପୁର,୭ ।୩(ସମିସ): ଆଜି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପଡ଼ିଆରେ ବିଶାଳ ହିନ୍ଦୁ ସମ୍ମିଳନୀ ଆୟୋଜିତ ହେବ। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶୁକ୍ରବାର ଉତ୍କଳ ଆଶ୍ରମ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଏଥିରେ ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ବିଭିନ୍ନ ମଠ ମନ୍ଦିରର ପୂଜ୍ୟ ସାଧୁ ସନ୍ଥ, ମଠାଧୀଶମାନେ ଯୋଗଦେବେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସମେତ ବିଭିନ୍ନ ହିନ୍ଦୁ ଧାର୍ମିକ ଓ ଆଧ୍ୟାତ୍ମିକ ସଙ୍ଗଠନ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯିବ। ରବିବାର ଭୋର ୬ଟାରୁ ଘୃତ ଯଜ୍ଞ ଆରମ୍ଭ ହେବ। ସକାଳ ୮ଟାରୁ ହନୁମାନ ଚାଳିଶା ଆରମ୍ଭ ହେବ। ପୂର୍ବାହ୍ନ ୯ଟାରେ ସହରର ୪ଦିଗରୁ ୪ଟି ପଟୁଆର ବାହାରି ବିଶାଳ ହିନ୍ଦୁ ସମ୍ମିଳନୀ ସ୍ଥଳରେ ପହଞ୍ଚିବେ। ଏଥିରେ ବାଇକ୍ ରାଲି, ସଂକୀର୍ତ୍ତନ ମଣ୍ଡଳୀ, ହିନ୍ଦୁ ଶ୍ରଦ୍ଧାଳୁ ସାମିଲ ହେବେ। ପୂର୍ବାହ୍ନ ୧୧ଟାରୁ ଜ୍ଞାନ ଯଜ୍ଞ ବା ପ୍ରବଚନ କାର୍ଯ୍ୟକ୍ରମ ହେବ। ଶେଷରେ ଅନ୍ନ ଯଜ୍ଞ ଆୟୋଜିତ ହେବ। ସଂସ୍କୃତି ଓ ଐତିହ୍ୟର ପୁନଃ ଜାଗ୍ରତ ହିଁ ଏହି ବିଶାଳ ହିନ୍ଦୁ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସଭାପତି ଅଜିତ କୁମାର ମହାପାତ୍ର, ସମ୍ମିଳନୀର କାର୍ଯ୍ୟକ୍ରମ ପ୍ରମୁଖ ଉମାଧବ ମହାନ୍ତି, ସମ୍ମିଳନୀର ପ୍ରମୁଖ କର୍ମକର୍ତ୍ତା ଡ. ଜୀବାନନ୍ଦ ତ୍ରିପାଠୀ ଓ ସମ୍ପାଦକ ନାରାୟଣ ପଣ୍ଡା ମଞ୍ଚାସୀନ ଥିଲେ। ପ୍ରହ୍ଲାଦ ପାଣିଗ୍ରାହୀ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ରହ୍ମପୁର ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ ଉପସ୍ଥିତ ଥିଲେ।



- ନିଜେ ଖୋଳିଥିବା ଗାତରେ ଫସିଗଲେ ଦୁର୍ଦ୍ଦାନ୍ତ 'ସାଗର'

ପୁଲିସର ଖୋଳତାଡ଼ 'ଟାର୍ଗେଟରେ ଥିଲା କିଏ'


- ପୁରୁଷୋତ୍ତମପୁର ପୁଲିସ ସ୍ଥାନରରେ ବ୍ରହ୍ମପୁର ଅପରାଧୀ ଗ୍ୟାଙ୍ଗ
- ହୋଇଥିଲା କି ହତ୍ୟା ପାଇଁ ସୁପାରି ଡିଲ୍

ବ୍ରହ୍ମପୁର,୭ ।୩(ସମିସ): ବ୍ରହ୍ମପୁର ଓ ଗଞ୍ଜାମ ଜିଲ୍ଲାରେ ପୂର୍ବରୁ ଅପରାଧୀ ଗ୍ୟାଙ୍ଗ ରାଜ୍ୟ ବାହାରୁ ବନ୍ଧୁକ ଆଣି ନିଜ ସାମ୍ରାଜ୍ୟ ବିସ୍ତାର କରୁଥିଲେ। ତେବେ ପୁଲିସର ନିୟମିତ ଚଢ଼ଉ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଏନ୍‌କାଉଣ୍ଟର ଭଳି କଡ଼ା ପଦକ୍ଷେପ ଫଳରେ ଗ୍ୟାଙ୍ଗଷ୍ଟାରଙ୍କ ରାଜୁତି ହ୍ରାସ ପାଇଥିଲା। କିନ୍ତୁ ଚୋରା ବନ୍ଧୁକ କାରବାର ଥମିପାରି ନାହିଁ। ବ୍ରହ୍ମପୁର ସହର ସମେତ ଉପକଣ୍ଠରେ ଯୁବଗୋଷ୍ଠୀ ଓ ଅପରାଧୀଙ୍କ ନିକଟରେ ବହୁ ପରିମାଣରେ ବନ୍ଧୁକ ଗଚ୍ଛିତ ଥିବା ସନ୍ଦେହ ପ୍ରକାଶ ପାଇଛି। ଗତ ୨ତାରିଖରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଅରଖପୁର ଗ୍ରାମର ଦୁର୍ଦ୍ଦାନ୍ତ ଅପରାଧୀ ସାଗର ବେହେରାକୁ କିଛି ଦୁର୍ବୃତ୍ତ ଗୁଳି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଗୁଳିବିଦ୍ଧ ସାଗରଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଘଟଣାର ତଦନ୍ତ ବେଳେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସାଗର ନିଜ ବନ୍ଧୁକକୁ ଟ୍ରାଏଲ କରୁଥିବା ବେଳେ ଅସାବଧାନତା ଯୋଗୁ ନିଜ ଦେହରେ ଗୁଳି ବାଜିଥିବା ଜଣାପଡ଼ିଛି। ଏହି ମାମଲାରେ ପୁଲିସ ଜଣେ ନାବାଳକଙ୍କ ସମେତ ରାହୁଲ ପ୍ରଧାନ ନାମକ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ସମେତ ଆହତ ଦୁର୍ଦ୍ଦାନ୍ତ ସାଗରଙ୍କ ବୟାନ ରେକର୍ଡ କରିଛି ପୁଲିସ। ସେମାନଙ୍କ ବୟାନକୁ ଆଧାର କରି ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ପୁରୁଷୋତ୍ତମପୁର ଏସ୍‌ଡ଼ିପିଓ ସୁଜିତ ନାୟକଙ୍କ ନେତୃତ୍ୱରେ ଥାନା ଅଧିକାରୀ କୁଳମଣି ସେଠୀଙ୍କୁ ନେଇ ଏକ ଟିମ୍ ବ୍ରହ୍ମପୁର ଓ ଜିଲ୍ଲାର ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢ଼ଉ କରୁଥିବା ଜଣାପଡିଛି। ସେପଟେ ସାଗର ଓ ତାର କିଛି ସହଯୋଗୀ ସୁରତ ଫେରନ୍ତା ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି। ଗତ ଦୁଇମାସ ଧରି ସେମାନେ ଜିଲ୍ଲାକୁ ଆସି ଆଉ ସୁରତ ଫେରିନଥିବା ଜଣାପଡିଛି। କାହା ମୁଣ୍ଡ ଗଡ଼ାଇବା ପାଇଁ ସେମାନେ ସୁରତରୁ ଗଞ୍ଜାମକୁ ଫେରିଥିଲେ, ଆଉ ଏଥି ପାଇଁ କିଛି ସୁପାରି ଡିଲ ହୋଇଥିଲା କି, ଏହା ପଛରେ କାହାର ହାତ ରହିଛି ଏଭଳି ବିଭିନ୍ନ ଦିଗକୁ ନେଇ ପୁଲିସର ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ବନ୍ଧୁକ ଏମାନଙ୍କ ନିକଟକୁ ଆସିଲା କିପରି, କିଏ ଯୋଗାଇଥିଲା। ବ୍ରହ୍ମପୁରରେ କେଉଁ କେଉଁ ସ୍ଥାନରେ ରେକି କରିଥିଲେ ଏହି ଗ୍ୟାଙ୍ଗ ସଦସ୍ୟ ଏସବୁର ଯାଞ୍ଚ କରୁଛି ସ୍ୱତନ୍ତ୍ର ପୁଲିସ ଟିମ୍। ବ୍ରହ୍ମପୁରର ବିଭିନ୍ନ ସ୍ଥାନର ସିସିଟିଭି ଯାଞ୍ଚ ସହ ଅଭିଯୁକ୍ତଙ୍କ ମୋବାଇଲ ନମ୍ବରକୁ ମଧ୍ୟ ଟ୍ରାକିଂ କରାଯାଉଛି। ଅଭିଯୁକ୍ତଙ୍କ ମୋବାଇଲ ସିଡିଆର ଆସିବା ପରେ ଘଟଣା ପଛରେ କାହାର ହାତ ଅଛି ତାହା ସ୍ପଷ୍ଟ ହେବ ବୋଲି ପୁଲିସ ଆଶା ରଖିଛି।

ଘରେ ବିସ୍ଫୋରଣ; ମହିଳା ଗୁରୁତର

ବ୍ରହ୍ମପୁର,୭।୩(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୁମ୍ଭାରପଲ୍ଲୀ ଗ୍ରାମରେ ରହୁଥିବା ସନ୍ତୋଷ ପାଣିଗ୍ରାହୀଙ୍କ ଘରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଛି। ଏଥିରେ ସନ୍ତୋଷଙ୍କ ପତ୍ନୀ ଗୁରୁତର ହୋଇଛନ୍ତି। ଘର ଭିତରେ ଥିବା ଗ୍ୟାସ ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇ ଘରେ ବିସ୍ଫୋରଣ ହୋଇଥିବା ପୁଲିସ ତଦନ୍ତ ବେଳେ ଜଣାପଡ଼ିଛି। ଗୁରୁତର ମହିଳାଙ୍କୁ ଶୀତଳାପଲ୍ଲୀ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି। ଅନ୍ୟପକ୍ଷରେ ସିଲିଣ୍ଡର ଗ୍ୟାସ ଲିକ୍ ହୋଇ ଏଭଳି ଅଘଟଣ ଘଟିଛି ନା ଆଉ କିଛି କାରଣ ତାହା ତଦନ୍ତ ପରେ ଜଣାପଡ଼ିବ।

କାର୍-ବାଇକ୍ ଧକ୍କା; ଦୁଇ ଛାତ୍ର ଆହତ



ବ୍ରହ୍ମପୁର,୭।୩(ସମିସ): ଗୋଷାଣୀନୂଆଗାଁ ଥାନା ନିକଟରୁ ରେଳ ଷ୍ଟେସନ ୪ ନମ୍ବର ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଓଭରବ୍ରିଜ୍‌ରେ ଶନିବାର ମଧ୍ୟାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଦୁଇଜଣ ସ୍କୁଲ ଛାତ୍ର ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୁଇ ଆହତ ଛାତ୍ରଙ୍କ ପରିଚୟ ମିଳିପାରିନାହିଁ। ୪ ନମ୍ବର ପ୍ଲାଟଫର୍ମ ପାଖରୁ ଏକ କାର୍ (ନଂ.ଓଡି ୦୭ଏଜେଡ୍-୩୪୩୫) ଗୋସାଇଁନୂଆଗାଁ ଅଭିମୁଖେ ଯାଉଥିବାବେଳେ ନାବାଳକ ଦ୍ୱୟ ଏକ ବାଇକ୍ (ନଂ.ଓଡି୦୭ବିସି-୦୩୮୪)ରେ କାର୍ ଆଗରେ ଯାଉଥିଲେ। ହଠାତ୍ କାରଟି ଦ୍ରୁତ ଗତିରେ ଆସି ବାଇକ୍‌କୁ ପଛରୁ ଧକ୍କା ଦେଇଥିଲା। ଟ୍ରାଫିକ୍ ଥାନା ପୁଲିସ ପହଞ୍ଚି କାର୍‌କୁ ଜବତ କରିଛି। ଅନ୍ୟପଟେ ଘଟଣାକୁ ନେଇ ରାତି ୯ଟା ସୁଦ୍ଧା ଟ୍ରାଫିକ୍ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନା ଅଧିକାରୀ ପଦ୍ମ ଚରଣ ଭଙ୍ଗ କହିଛନ୍ତି।

ଖେଳପଡ଼ିଆ ପାଲଟିଲା ସିଟି ବସ୍‌ଷ୍ଟାଣ୍ଡ













ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା,୭ ।୩(ସମିସ)

- କାର୍ଯ୍ୟକ୍ଷମ ହେଲା ହଳଦିଆପଦର ଓ ଡୁଡୁମା କଲୋନୀ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ
- ପ୍ରଶାସନର ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ

ଗେଟ୍‌ବଜାର ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଯୋଗୁଁ ନୂଆ ବସଷ୍ଟାଣ୍ଡକୁ ବନ୍ଦ କରି ଫାଷ୍ଟଗେଟ ଡୁଡୁମା କଲୋନୀ ସ୍ଥିତ ଅସ୍ଥାୟୀ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରାଯାଇଛି। ଫଳରେ ଆସିକା, ଦିଗପହଣ୍ଡି, ରାୟଗଡ଼ା ଓ ଫୁଲବାଣୀ ରୁଟରେ ଆସୁଥିବା ସମସ୍ତ ବସ ଗୁଡ଼ିକ ସହର ଭିତରକୁ ପ୍ରବେଶ ନକରି ଡୁଡୁମା କଲୋନୀ ବସଷ୍ଟାଣ୍ଡରୁ ଯାତାୟତ କରିଥିଲା। ଏଥି ସହିତ ସହରର ବିଭିନ୍ନ ସ୍ଥାନରୁ ଲୋକେ ଆମ ବସ୍ ଓ ଅଟୋ ରିକ୍ସା ଯୋଗେ ବସଷ୍ଟାଣ୍ଡକୁ ଯାତାୟତ କରିଥିଲେ। ସଦାସର୍ବଦା ବ୍ୟସ୍ତବହୁଳ ଓ ଜନଗହଳିପୂର୍ଣ୍ଣ ନୂଆ ବସଷ୍ଟାଣ୍ଡରେ ବସ ନଥିବା ଯୋଗୁଁ ଖାଲି ପଡ଼ିବା ପରେ ସେଠାରେ ପିଲାମାନେ କ୍ରିକେଟ ଖେଳିବା ଆରମ୍ଭ କରିଦେଇଛନ୍ତି।

ନୂଆ ବସ୍‌ଷ୍ଟାଣ୍ଡକୁ ବନ୍ଦ କରାଯାଇ ଡୁଡୁମା କଲୋନୀ ଠାରେ ଅସ୍ଥାୟୀ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ଫଳରେ ସହରର ଟ୍ରାଫିକ ସମସ୍ୟାର ଯଥେଷ୍ଟ ସମାଧାନ ହୋଇପାରିଛି। ଟ୍ରାଫିକ ସମସ୍ୟାର ସମାଧାନ ସହିତ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଟ୍ରାଫିକ ଥାନା ସମେତ ସମସ୍ତ ଥାନା ଅଧିକାରୀଙ୍କୁ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଉଭୟ ଡୁଡୁମା କଲୋନୀ ବସଷ୍ଟାଣ୍ଡ ଓ ହଳଦିଆପଦର ବସଷ୍ଟାଣ୍ଡ ଇଲାକାରେ ନାଇଟ୍ ପାଟ୍ରୋଲିଂ ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ତେବେ ଯାତ୍ରୀଙ୍କୁ ମଧ୍ୟ ନିଜ ସୁରକ୍ଷା ସହିତ ନିଜ ସାମଗ୍ରୀ ପ୍ରତି ଯତ୍ନବାନ ହେବା ଜରୁରୀ। କୌଣସି ପରିସ୍ଥିତିରେ ଯାତ୍ରୀ ନିଜକୁ ଅସୁରକ୍ଷିତ ମଣିଲେ ତୁରନ୍ତ ପୁଲିସକୁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ସେପଟେ ହଳଦିଆପଦର ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇଥିଲେ ହେଁ ସେଠାରେ ଏପର୍ଯ୍ୟନ୍ତ ପୁଲିସ ଫାଣ୍ଡି ପ୍ରତିଷ୍ଠା କରାଯାଇନାହିଁ। ପ୍ରଥମ ଦିନରେ ବିଭିନ୍ନ ରୁଟରେ ବସ ଚଳାଚଳ ସମ୍ଭବପର ହୋଇନଥିବା ଜଣାପଡିଛି। କେବଳ କଟକ ଓ ଭୁବନେଶ୍ୱର ବସ ସହ ଆନ୍ଧ୍ର ଅଭିମୁଖେ ଯାତାୟତ କରୁଥିବା କିଛି ବସ୍ ଯାତାୟତ କରିଥିଲା। ପୁରୁଷୋତ୍ତମପୁର ରୁଟରେ ଆସୁଥିବା ବସ ପାଇଁ ସମସ୍ୟା ରହିଥିବା ବେଳେ ପ୍ରଥମ ଦିନରେ ହଳଦିଆପଦର ଓ ଡୁଡୁମା କଲୋନୀ ଠାରେ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା ଯାତ୍ରୀଙ୍କୁ। ତେବେ ନୂଆ ବସଷ୍ଟାଣ୍ଡକୁ ବନ୍ଦ କରି ଅସ୍ଥାୟୀ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ ନେଇ ପ୍ରଶାସନର ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ମେଣ୍ଟୁଛକ ରାସ୍ତା ଚାରି ଛକିଆ ହୋଇଥିବା ବେଳେ ରାସ୍ତା ମଧ୍ୟ ସଂକୀର୍ଣ୍ଣ ଏଣୁ ଅନ୍ଧପସରା ଠାରୁ ମେଣ୍ଟୁ ଛକ ଦେଇ ଫାଷ୍ଟଗେଟକୁ ବାହାରିବା ରୁଟରେ ପରିବର୍ତ୍ତନ ଜରୁରୀ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିପାଇଁ ଜମି ଅଧିଗ୍ରହଣ ସହ ରାସ୍ତାକୁ ପ୍ରଶସ୍ତ କରିବା ଆବଶ୍ୟକ। ସହରର ତଥା ସହରବାସୀଙ୍କ ଦିର୍ଘ ଦିନର ସମସ୍ୟାର ସମାଧାନ ପାଇଁ ଗେଟବଜାର ଓଭର ବ୍ରିଜ ନିର୍ମାଣ କରାଯାଉଛି। ଏଥିପାଇଁ ଉକ୍ତ ରାସ୍ତାରେ ଭାରୀଯାନ ଚଳାଚଳ ହେଲେ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ଏହି କାରଣରୁ ସହର ମଧ୍ୟରେ ଥିବା ନୂଆ ବସଷ୍ଟାଣ୍ଡ ବା ସିଟି ବସଷ୍ଟାଣ୍ଡକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି ପ୍ରଶାସନ। ଏଥି ସହିତ ବିକଳ୍ପ ଭାବେ ହଳଦିଆପଦର ଓ ଡୁଡୁମା କଲୋନୀ ଠାରେ ଅସ୍ଥାୟୀ ବସଷ୍ଟାଣ୍ଡ ପ୍ରତିଷ୍ଠା କରାଯାଇଛି। ଏହାକୁ କାର୍ଯ୍ୟକ୍ଷମ କରିବା ପୂର୍ବରୁ ବିଭିନ୍ନ ଷ୍ଟେକ ହୋଲଡରଙ୍କ ସହିତ ବାରମ୍ବାର ଆଲୋଚନା କରାଯିବା ସହିତ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା କରାଯାଇଛି। ସମସ୍ତଙ୍କ ଠାରୁ ପୂର୍ଣ୍ଣ ସହଯୋଗ ମିଳିଥିବା ବେଳେ ପ୍ରଥମ ଦିନରେ କିଛି ସମସ୍ୟା ଦେଖିବାକୁ ମିଳିଥିଲା। ଯାହାର ତୁରନ୍ତ ସମାଧାନ କରାଯାଇଛି। କିଛି ସ୍ଥାନରେ ଜବରଦଖଲ ଯୋଗୁ ସୃଷ୍ଟି ହୋଇଥିବା ଟ୍ରାଫିକ ସମସ୍ୟା ସମାଧାନ ପାଇଁ ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରାରମ୍ଭିକ ଭାବେ ଯଦିଓ ଏହି ନୂତନ ବ୍ୟବସ୍ଥାକୁ ନେଇ କିଛି ସମସ୍ୟା ଦେଖାଯିବ ତେବେ କ୍ରମଶଃ ଅଭ୍ୟାସରେ ପରିଣତ ହେବ ଏବଂ ସବୁ ଠିକ ହୋଇଯିବ। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସହରର ବିଭିନ୍ନ ରୁଟରେ ଅଧିକ ସଂଖ୍ୟକ ଆମ ବସ ଚାଲୁ କରିବାକୁ କ୍ରୁଟ ସହିତ ଆଲୋଚନା କରାଯାଇଛି। ପ୍ରଥମତଃ ଗେଟବଜାର ଠାରୁ ଫାଷ୍ଟଗେଟ ପର୍ଯ୍ୟନ୍ତ ଲାଗି ରହିଥିବା ଟ୍ରାଫିକ ସମସ୍ୟାରୁ ସହରବାସୀ ମୁକୁଳି ପାରିଛନ୍ତି। ଉଭୟ ବସଷ୍ଟାଣ୍ଡରେ ଯାତ୍ରୀଙ୍କ ସୁବିଧା ପାଇଁ ଆହାର କେନ୍ଦ୍ର ଖୋଲିବାକୁ ପ୍ରଶାସନ ସହିତ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ନୂଆ ବସ୍‌ଷ୍ଟାଣ୍ଡରେ ଦୀର୍ଘ ୪୦ବର୍ଷ ଧରି ବ୍ୟବସାୟ କରି ଆସୁଥିବା ତଥା ବିଇଡିଏ ଲିଜଧାରୀ ଶତାଧିକ ଦୋକାନୀ ସେମାନଙ୍କ କାରବାର ଚାଲୁ ରଖିବେ। ସେମାନଙ୍କ ଭଡ଼ା ବାବଦରେ କର୍ତ୍ତୃପକ୍ଷ ବୈଠକରେ ଆଲୋଚନା କରାଯିବ ଓ ସେମାନଙ୍କ ପାଇଁ କିପ୍ରକାର ବ୍ୟବସ୍ଥା କରାଯିବ ସେନେଇ ଆଲୋଚନା କରାଯିବ। ପରିସ୍ଥିତିର ସୁଯୋଗ ନେଇ ଯଦି କୌଣସି ଅଟୋ ରିକ୍ସା ଚାଳକ ଯାତ୍ରୀଙ୍କ ଠାରୁ ଚଢ଼ା ଦର ଦାବି କରନ୍ତି ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଜରିଆରେ ସ୍ୱତନ୍ତ୍ର ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି। ବର୍ତ୍ତମାନ ପ୍ରତି ୨୦ମିନିଟରେ ବିଭିନ୍ନ ରୁଟରେ ବସ ଚଳାଚଳ କରୁଥିବା ବେଳେ ଉଭୟ ବସଷ୍ଟାଣ୍ଡରେ ପାନୀୟ ଜଳଯୋଗାଣ, ବିଦ୍ୟୁତିକରଣ ସହିତ ସୁରକ୍ଷା ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଉଥିବା କହିଛନ୍ତି ବିଇଡିଏ ଉପାଧ୍ୟକ୍ଷ ତଥା ବିଏମସି କମିଶନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍। ସେହିଭଳି ଆଗକୁ ସହରରେ ପ୍ରସ୍ତାବିତ କମ୍ପାପଲ୍ଲୀ ଓଭରବ୍ରିଜ, ରିଂ ରୋଡ ଓ ବର୍ଷାଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ନାଳ ବ୍ୟବସ୍ଥା ଓ ରାସ୍ତାଘାଟ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ସହରର ଚିତ୍ର ବଦଳିଯିବ ବୋଲି କହିଛନ୍ତି ବିଇଡିଏ ଉପାଧ୍ୟକ୍ଷ।








ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଫୁ'

ବିଭିନ୍ନ ମେଳଣରେ କମ୍ପିଲା ଡିଜେ; ହଜିଗଲା ପାରମ୍ପରିକ ବାଦ୍ୟ

ଧାମନଗର, ୭ା୩(ସମିସ)





ଧାମନଗର ସହରାଞ୍ଚଳରେ ପରମ୍ପରା, ସଂସ୍କୃତି, ଐତିହ୍ୟ ଓ ଆଧ୍ୟାତ୍ମିକତାର ବାର୍ତ୍ତା ବହନ କରୁଥିବା ରଙ୍ଗ ଓ ଭାଇଚାରାର ପର୍ବ ହୋଲି ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ମେଳଣ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମେଳଣ ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ଏବଂ ସୁପ୍ରିମ୍‌କୋର୍ଟଙ୍କ ଗାଇଡ୍‌ଲାଇନ୍‌କୁ ପ୍ରାୟ ସମସ୍ତ କମିଟି ପକ୍ଷରୁ ଏହାକୁ ଫୁ' କରିଦେଇଥିବା ଦେଖିବାକୁ ମିଳିଛି। ପାରମ୍ପରିକ ବାଦ୍ୟରେ ମେଳଣ ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ହୋଇଥିବାବେଳେ ଏହାର ଓଲଟା ସ୍ଥିତି ଦେଖିବାକୁ ମିଳିଥିଲା। ପାରମ୍ପରିକ ବାଦ୍ୟ ହଜିଯାଇଥିବାବେଳେ ଡିଜେ ବାଦ୍ୟରେ ସାରା ଅଞ୍ଚଳ କମ୍ପିଥିଲା। ଫଳରେ ଅନେକ ଜନସାଧାରଣ ବିଶେଷକରି ବରିଷ୍ଠ ନାଗରିକମାନେ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି।

ଋତୁରାଜ ବସନ୍ତର ଆଗମନୀ ପର୍ବ ହୋଲି ବୋଲି କିଛି ମତ ଦିଅନ୍ତି। ବିଭିନ୍ନ ପୌରାଣିକ ଓ କିମ୍ବଦନ୍ତୀ ଅନୁସାରେ ରାଧାକୃଷ୍ଣଙ୍କ ପ୍ରେମମୟ ଉତ୍ସବ ହୋଲି ପର୍ବ କେବଳ ସେମାନଙ୍କ ଅମର ପ୍ରେମକୁ ରଙ୍ଗାୟିତ କରିବା ଦୋଳ ମେଳଣର ସୃଷ୍ଟି ବୋଲି ଜନବିଦିତ ଥିବାବେଳେ ପ୍ରହ୍ଲାଦ ଆଖ୍ୟାନରେ ହୋଲିକାକୁ ଦହନ ହୋଲି ପର୍ବ ପାଳନର ଅନ୍ୟ ଏକ ଦୃଷ୍ଟାନ୍ତ ବୋଲି କିଛି ପୁରାଣବିତ୍ ମତ ଦିଅନ୍ତି। ଭକ୍ତ ଓ ଭଗବାନ ଏକାଠି ହେବା ପରମ୍ପରା ଓ ଉତ୍ସବ ମଧ୍ୟରେ ହୋଲି ଏବଂ ଫଗୁ ଉତ୍ସବ ଅତି ପ୍ରାଚୀନ। ଏହି ଉତ୍ସବରେ ପରମ ପ୍ରେମମୟ ଠାକୁର ତାଙ୍କ ଶାଶ୍ୱତ ଅଂଶ ଶ୍ରୀରାଧାଙ୍କ ସହ ଭକ୍ତଙ୍କ ନିକଟତର ହୁଅନ୍ତି। ଶ୍ରୀକ୍ଷେତ୍ର ପୁରୀରେ ଅନୁଷ୍ଠିତ ଦ୍ୱାଦଶ ଯାତ୍ରା ମଧ୍ୟରୁ ଫଗୁଣ ପୂର୍ଣ୍ଣିମା ସର୍ବଜନବିଦିତ। ଏହାର ଗୁରୁତ୍ୱ ଏବଂ ମହତ୍ୱ ଅନନ୍ୟ। ମଧୁମାସ ଭାବେ ପରିଚିତ ଫାଲ୍‌ଗୁନ ମାସ ଶୁକ୍ଳପକ୍ଷର ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପର୍ବକୁ ଫଗୁ (ହୋଲି) ଉତ୍ସବ ଓ ପୂର୍ଣ୍ଣିମାଠାରୁ ପଞ୍ଚମୀ ପର୍ଯ୍ୟନ୍ତ ପର୍ବକୁ ପଞ୍ଚୁଦୋଳ କୁହାଯାଏ। ଏହି ଅବସରରେ ଗୁରୁବାର ରାତିରେ ଧାମନଗର ସହରାଞ୍ଚଳ ଅଧୀନସ୍ଥ ମେଡିକାଲ ବଜାର ନିକଟସ୍ଥ ଶ୍ୟାମପୁରସ୍ଥିତ ମେଳଣ ପଡ଼ିଆଠାରେ ଶ୍ୟାମସୁନ୍ଦର ମେଳଣ କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଶ୍ୟାମପୁର ଗ୍ରାମର ରାଧାକୃଷ୍ଣ ଶ୍ରୀଜୀଉଙ୍କୁ ପ୍ରଥମେ ମେଳଣ ମଣ୍ଡଳରେ ସ୍ଥାନ ଅଳଙ୍କୃତ କରିଥିଲେ। ଏହାପରେ କର ସାହି, ଗୋହିରାପଡ଼ା, ମନ୍ତେଇ ବାଟି, ବଜାର ସାହି, ଥାନପତି, ବାଣୁଆଆଡ଼ି, କୋରିଗାଁ, ଗଉଡ଼ ସାହି ଆଦି ଅଞ୍ଚଳରୁ ଶ୍ରୀରାଧାଗୋବିନ୍ଦ ଶ୍ରୀଜୀଉଙ୍କୁ ସୁସଜ୍ଜିତ କରି ବିଭିନ୍ନ ସାହିବସ୍ତିରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ମେଳଣ ମଣ୍ଡପଠାରେ ପହଞ୍ଚି ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉପଲକ୍ଷେ ମେଳଣ କମିଟି ତରଫରୁ ସମସ୍ତ ଶ୍ରୀଜୀଉଙ୍କୁ ସ୍ୱାଗତ କରିଥିବାବେଳେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବ୍ଲକ ଅନ୍ତର୍ଗତ ବୟାଙ୍ଗଡ଼ିହ ମେଳଣ ହେଉଛି ଅଞ୍ଚଳର ସର୍ବ ପୁରାତନ ତଥା ୨୫୦ ବର୍ଷରୁ ଊର୍ଦ୍ଧ୍ୱ କାଳର ଅନୁଷ୍ଠାନ। ଆଖପାଖ ଅଞ୍ଚଳରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବିମାନରେ ବିଜେହୋଇ ଠାକୁରମାନେ ଏହି ମେଳଣ ପଡ଼ିଆକୁ ଆସନ୍ତି। ଏହି ମେଳଣ ସହିତ ଲୁଣିଆ (ମଢ଼ାଗଡ଼ିଆ) ଏବଂ ସହିଦ ନଗର ମେଳଣ ଓ ତା' ପୂର୍ବରୁ ପଳିକିରୀ, ସୂର୍ଯ୍ୟପୁର, ଅର୍ଜୁନପୁର ଓ ପରେ କୁରୁଆ ଏବଂ ଧାମନଗର ମେଳଣ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ବାଦ୍ୟ କମ୍ ଥିବାବେଳେ ଡିଜେ ବାଦ୍ୟର ଛାତିଥରା ଶବ୍ଦରେ ଦୁଲୁକିଲା ଏହି ସବୁ ସ୍ଥାନର ମେଳଣ। ବୁଡ଼ାକୁଟି, ମଙ୍ଗଳାପଦା ମେଳଣ ଏଥିସହିତ ଧାମନଗର ଅଞ୍ଚଳର ପାଳସାହି, ଅସୁରାଳି, କଟସାହି ଇତ୍ୟାଦି ସ୍ଥାନରେ ଦୋଳ ମେଳଣ ଭକ୍ତି ଆନନ୍ଦର ସହ ପାଳିତ ହୋଇଛି। ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଧାମନଗର ଆଇଆଇସି ସୁବ୍ରଜିତ ଦାଶ ଏବଂ ଧୂଷୁରୀ ଆଇଆଇସି ଅଜୟ ସୁଦର୍ଶନ ବେଜଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୁଲିସର ପାଟ୍ରୋଲିଂ ସହିତ ବିଭିନ୍ନ ଛକ ବଜାର ମେଳଣ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା।

ଭଦ୍ରକ ଜିଲ୍ଲାରେ ଧାନକିଣା

ସାମିଲ୍ ହେଲେ ସମ୍ବଲପୁର ଜିଲ୍ଲାର ୧୧ ମିଲର



ଭଦ୍ରକ, ୭ା୩(ସମିସ): ଧିମେଇ ଧିମେଇ ଚାଲିଥିବା ଭଦ୍ରକ ଜିଲ୍ଲାର ଧାନକିଣାକୁ ଆଗେଇନେବା ପାଇଁ ଶନିବାର ସମ୍ବଲପୁରର ୧୧ଟି ମିଲର ଧାନ କିଣିବା ପାଇଁ ଏଗ୍ରିମେଣ୍ଟ କରିଛନ୍ତି। ତେବେ ଖବର ଲେଖା ହେବା ଯାଏଁ ସେମାନଙ୍କୁ ଟାର୍ଗେଟ ଦିଆଯାଇନାହିଁ। ମିଲରମାନଙ୍କ ବ୍ୟାଙ୍କ ଜମାରାଶି(ବିଜି) ଅନୁଯାୟୀ ୩ ଲକ୍ଷ କ୍ୱିଣ୍ଟାଲ ଧାନ ସେମାନେ କ୍ରୟ କରିପାରିବେ। ଏବେ ଜିଲ୍ଲାର ୧୫୫ଟି ମଣ୍ଡିରେ ୪ ଲକ୍ଷ ୩୬ ହଜାର ୧୬୪.୩୯ କ୍ୱିଣ୍ଟାଲ ଧାନ ପଡ଼ିରହିଛି। ତେବେ ଅନୁସନ୍ଧାନରୁ ଜଣାଯାଇଛି ଯେ, ବରହମପୁର ଓ କେନ୍ଦ୍ରାପଡ଼ାର କେତେକ ମିଲରଙ୍କୁ ଧାନକିଣାରେ ସାମିଲ୍ କରାଯିବ। ସୂଚନାଯୋଗ୍ୟ, ଚଳିତ ବର୍ଷ ଜିଲ୍ଲାରେ ୨୨ଲକ୍ଷ ୧୭ହଜାର ୪୩୧ କ୍ୱିଣ୍ଟାଲ ଧାନକିଣାର ଟାର୍ଗେଟ ଥିଲା। ତେବେ ଆଜି ସୁଦ୍ଧା ୨୧ଲକ୍ଷ ୪୭୭.୭୯୮ କ୍ୱିଟାଲ ଧାନ କିଣାଯାଇଛି। ଚଳିତ ବର୍ଷ ୯୬ହଜାର ୨୩୩ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ୫୫ ହଜାର ୩୧୪ ଚାଷୀଙ୍କଠାରୁ ଧାନ କିଣାଯାଇଛି। ୪୩ ହଜାର ୧୧୯ ଟୋକନ ଧାନକିଣା ଲାଗି ବାକି ରହିଛି। ମଣ୍ଡିରୁ ଧାନ ଉଠୁ ନ ଥିବା ନେଇ ଚାଷୀ ଚିନ୍ତିତ ଥିବାବେଳେ ପାଣିପାଗ ବିଭାଗର ଆଗକୁ ବଡ଼ ବର୍ଷାର ସୂଚନା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ଅନ୍ୟପକ୍ଷରେ ଧାନକିଣାରେ ଅସହଯୋଗ କରୁଥିବା ପାକ୍ସର କର୍ମକର୍ତ୍ତାମାନେ ମଣ୍ଡିରେ ପଡ଼ି ରହିଥିବା ଧାନକୁ ଉଠାଇବାରେ ସହଯୋଗ କରିବା ସହ ସମ୍ପୂର୍ଣ୍ଣ ଧାନ ଉଠାଇବାକୁ ସମବାୟ ସଂଘର ପ୍ରମୁଖ ପ୍ରକାଶଜ୍ୟୋତି ମହାକୁଡ଼ ଦାବି କରିଛନ୍ତି। ତେବେ ମାର୍ଚ୍ଚ ଶେଷ ସୁଦ୍ଧା ଧାନ ସଂଗ୍ରହ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବା ନେଇ ସଂଶୟ ସୃଷ୍ଟି ହୋଇଛି।

ଗୋ-ପାଳନ ଓ କୁକୁଡ଼ା ପାଳନ କରି ସ୍ୱାବଲମ୍ବୀ

ଅସୁରାଳି, ୭ା୩(ସମିସ): ସମାଜରେ ମହିଳାଙ୍କ ସଶକ୍ତୀକରଣ କେବଳ ବ୍ୟକ୍ତିଗତ ଉନ୍ନତିର କଥା ନୁହେଁ, ଏହା ସମଗ୍ର ସମାଜର ପ୍ରଗତି ସହିତ ଗଭୀର ଭାବରେ ଜଡ଼ିତ। ଯେତେବେଳେ ମହିଳାମାନେ ଆତ୍ମନିର୍ଭର ହୋଇଥା'ନ୍ତି, ସେମାନଙ୍କ ପରିବାର, ଗ୍ରାମ ଓ ସମାଜ ଦ୍ରବ୍ୟ ଉତ୍ପାଦନ କରି, ନିଜ ପରିବାର ସହିତ ସମଗ୍ର ଗ୍ରାମର ପୋଷଣର ମାଧ୍ୟମ ହୋଇଛନ୍ତି। କେବଳ ସେତିକି ନୁହେଁ, ୨୦୦ ବାଳିକାଙ୍କୁ ଗୁଣାତ୍ମକ ସିଲେଇ ଶିକ୍ଷା ପ୍ରଦାନ କରି, ସେମାନଙ୍କ ରୋଜଗାରର ନୂଆ ବାଟ ଖୋଲିଦେଇଛନ୍ତି। ବିମଳାଙ୍କ ଉଦାହରଣ ପ୍ରମାଣ କରେ ଯେ,



ସମଗ୍ର ଭାବରେ ଉନ୍ନତିର ପଥରେ ଆଗୁଆ ଥାଏ। ଗୋବିନ୍ଦପୁରର ବିମଳା ନାଥ ଏକ ପ୍ରେରଣାଦାୟୀ ଉଦାହରଣ। ଗୋବିନ୍ଦପୁର ଗ୍ରାମର ୫୦ ବର୍ଷୀୟ ବିମଳା ନାଥ ଏହି ପରିପ୍ରେକ୍ଷୀରେ ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛନ୍ତି। ସେ ଗୋ-ପାଳନ ଓ କୁକୁଡ଼ା ପାଳନ ଦ୍ୱାରା ନିଜକୁ ସ୍ୱାବଲମ୍ବୀ କରିଛନ୍ତି। ୨୦୦୦ କୁକୁଡ଼ା ପାଳନ କରି ସେଥିରୁ ଅଣ୍ଡା ଓ ମାଂସ ଆଖପାଖ ଅଞ୍ଚଳର ଲୋକଙ୍କୁ ପୁଷ୍ଟି ଯୋଗାଇଛନ୍ତି। ସେହିପରି ଜର୍ସି ଗାଇ ରଖି ସେଥିରୁ ଦୁଗ୍ଧ ଓ ଦୁଗ୍ଧଜାତ ମହିଳାମାନେ ଯଦି ଦୃଢ଼ ସଂକଳ୍ପ ନେଇ କାମ କରନ୍ତି, ସେମାନେ କେବଳ ନିଜ ପରିବାରକୁ ନୁହେଁ, ସମଗ୍ର ସମାଜକୁ ଉନ୍ନତିର ପଥରେ ଆଗକୁ ଆଣିବାରେ ସକ୍ଷମ। ଏହି ବିଶ୍ୱ ମହିଳା ଦିବସରେ ବିମଳା ନାଥଙ୍କ ଜୀବନରୁ ଆମେ ଶିଖିପାରୁ ପରିଶ୍ରମ ଓ ଦୃଢ଼ ସଂକଳ୍ପ ହେଉଛି ମହିଳା ସଶକ୍ତୀକରଣର ମୂଳ ଆଧାର। ସମସ୍ତେ ଯଦି ତାଙ୍କ ପରି ଆତ୍ମନିର୍ଭର ହେବାକୁ ଚେଷ୍ଟା କରନ୍ତି, ତେବେ ସମାଜର ପ୍ରଗତୀ ନିଶ୍ଚିତ ହେବ।

ଯନ୍ତ୍ରୀଙ୍କ ଶଶୁର ଘରେ ଭିଜିଲାନ୍ସ ଚଢ଼ଉ

ଦୋଳସାହି, ୭ା୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଜଳ ସମ୍ପଦ ବିଭାଗ ଅଧୀନ ଛତା ସବ୍ ଡିଭିଜନର ସହକାରୀ ଯନ୍ତ୍ରୀ ପ୍ରମୋଦ ରାୟଙ୍କ ଘର ସମେତ ୭ଟି ସ୍ଥାନରେ ଶନିବାର ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ ହୋଇଛି। ଏହି ଚଢ଼ଉରେ ଯନ୍ତ୍ରୀ ପ୍ରମୋଦଙ୍କ ତିହିଡ଼ି ଥାନା ଅଧୀନ ବୁଢ଼ଙ୍ଗ ଗାଁରେ ଥିବା ଶଶୁର ଘରେ ଚଢ଼ଉ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଏହି ଚଢ଼ଉ ହୋଇଥିବା ଜଣାଯାଇଛି।

ଆଗକୁ ଖରା; ସରୁନି ମେଗା ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ



ଧୂଷୁରୀ, ୭ା୩(ସମିସ): ଆଗକୁ ଆସୁଛି ଗ୍ରୀଷ୍ମ ଋତୁ। ଗାଁ ଗାଁରେ ଏବେଠାରୁ ଜଳାଭାବ ଦେଖାଦେଲାଣି। ଘରୋଇ ନଳକୂଅରୁ ଆଉ ବାହାରୁନାହିଁ ପର୍ଯ୍ୟାପ୍ତ ପାଣି। ଏହା କାହାଣୀ ନୁହେଁ ବାସ୍ତବ ସତ୍ୟ ବୋଲି ପ୍ରକାଶ କରିଛନ୍ତି ଧାମନଗର ବ୍ଲକ ଅନ୍ତର୍ଗତ କୋଠାର ପଞ୍ଚାୟତର ଡିଲୋ ଶାସନ, ଅନ୍ନପୂର୍ଣ୍ଣା ନଗର ଆଦି ୩ରୁ ୪ଟି ଗାଁର ବାସିନ୍ଦା। ପୂର୍ବ ସରକାରଙ୍କ ସମୟରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ତିଆରି ହୋଇ ଆସୁଛି ପାଣି ଟାଙ୍କି। ସରକାରଙ୍କ ଲକ୍ଷ୍ୟ ଥିଲା ଘରେ ଘରେ ପହଞ୍ଚିବ ପାଣି। ପାଣି ତ ଦୂରର କଥା ଆଜକୁ ୫ବର୍ଷରୁ ଅଧିକ ସମୟ ଧରି ପାଣି ଟାଙ୍କିର କାର୍ଯ୍ୟ ଚାଲିଛି। କେବେ ସରିବ ତାହାର ହିସାବ କାହା ପାଖରେ ନାହିଁ। ଅନ୍ୟପଟେ ଏ ଅଞ୍ଚଳରେ ୧୦୦ ଏକରରୁ ଅଧିକ ଜମିରେ କୃଷକମାନେ ରବି ଧାନ ଚାଷ କରୁଥିବାରୁ ଭୂତଳ ଜଳସ୍ତର କମିବାରେ ଲାଗୁଛି। ସରକାରୀ ଓ ବେସରକାରୀ ଭାବେ ଗାଁର ଚତୁଃପାର୍ଶ୍ୱରେ ଭୂତଳ ଜଳ ପାଇଁ ଲାଗିଛି ୨୦ରୁ ଅଧିକ ବୋର୍‌ୱେଲ୍। ଅନବରତ ଜଳ ନିଷ୍କାସନ ହେଉଛି। ଯେଉଁଥିପାଇଁ ଜଳସ୍ତର କମୁଛି। ଘରୋଇ ନଳକୂଅରୁ ପାଣି ବହୁ କଷ୍ଟରେ ବାହାରୁଛି। ଯାହାକି ଗ୍ରାମବାସୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ରାଜନେତା ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ



ଧାମନଗର, ୭ା୩(ସମିସ): ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କେନ୍ଦ୍ରର କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଆବେଦନକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ କୌଣସି ସମୟସୀମା ନ ଥିବାରୁ ଲୋକେ ମାସ ମାସ ଧରି ଅପେକ୍ଷା କରୁଛନ୍ତି।

ସୂଚନା ଅନୁଯାୟୀ, ପ୍ରମାଣପତ୍ର ପଞ୍ଜୀକରଣ କେନ୍ଦ୍ରରେ ବିଭାଗୀୟ କର୍ମଚାରୀଙ୍କ ମନମୁଖୀ ଯୋଗୁଁ ଲୋକମାନେ ଦୂରଦୂରାନ୍ତରୁ ମାସ ମାସ ଧରି କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଉକ୍ତ ବିଭାଗରେ କାର୍ଯ୍ୟରତ କର୍ମଚାରୀ ସ୍ଥାନୀୟ ଅଞ୍ଚଳ ଓ ସରକାରୀ ଦଳର ହୋଇଥିବାରୁ କାହାରିକୁ ଖାତିର୍ ନ କରି ମହିଳାମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ନାଲି ଆଖି ଦେଖାଇ ନିଜ ମନମାନୀରେ କାର୍ଯ୍ୟ କରୁଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ମେଡିକାଲ ଅଫିସରଙ୍କ ସହ ଯୋଗାଯୋଗ କରିବାରୁ କ୍ଷମତାରେ ଚାପିହୋଇ କହିଛନ୍ତି ଯେ ପଞ୍ଜୀକରଣ କେନ୍ଦ୍ରରେ ଜଣେ କାର୍ଯ୍ୟ କରୁଛି। ତେଣୁ କର୍ମଚାରୀ ଅଭାବ ଯୋଗୁଁ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବାରେ ବିଳମ୍ବ ହେଉଛି ବୋଲି ଅଧିକାରୀ ଡାକ୍ତର ମନ୍ମୟ ସାମନ୍ତସିଂହାର ତାଙ୍କ ପ୍ରତିକ୍ରିୟାରେ ସଫେଇ ଦେଇଛନ୍ତି। ଏପଟରେ ସରକାର କହୁଛନ୍ତି ଓଡ଼ିଶାରେ ଲୋକଙ୍କ ସରକାର ଚାଲିଛି। ମନ୍ତ୍ରୀଙ୍କ ନିଜ ଅଞ୍ଚଳରେ ପୂରା ଏହାର ବିପରୀତ ଦେଖାଦେଇଥିବା ବେଳେ ଯାହାକୁ ନେଇ ଚର୍ଚ୍ଚାର ବିଷୟ ପାଲଟିଛି। ଏ ଦିଗରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ଜିଲ୍ଲାପାଳ, ଜିଲ୍ଲା ଚିକିତ୍ସା ଅଧିକାରୀ ଏବଂ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାର ସମାଧାନ ନିମନ୍ତେ ଉକ୍ତ ବିଭାଗରେ ଆଉ ଜଣେ କର୍ମଚାରୀଙ୍କୁ ନିଯୁକ୍ତ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ, ସାଧାରଣ ଜନତା ପ୍ରମୁଖ ଦାବି କରିଛନ୍ତି।

ସର୍ବଭାରତୀୟ ସଙ୍ଗୀତ ପ୍ରତିଯୋଗିତା

ଓଡ଼ିଆ ଝିଅ କୀର୍ତ୍ତି ସିଂଙ୍କୁ 'ମେଲୋଡି ଅଫ୍ ଡେଜାର୍ଟ' ମୁକୁଟ



ଭଦ୍ରକ, ୭ା୩(ସମିସ): 'ଦର୍ଶକ ସଂସ୍ଥା' ଦ୍ୱାରା ପ୍ରାୟୋଜିତ ୩୬ତମ ମହେନ୍ଦ୍ର ଭଟ୍ଟ ସ୍ମୃତି ଅଖିଳ ଭାରତୀୟ ସଙ୍ଗୀତ ଏବଂ ନୃତ୍ୟ ପ୍ରତିଯୋଗିତାର ବିଜେତାଙ୍କ ଦ୍ୱାରା ପ୍ରସ୍ତୁତ ରଙ୍ଗାରଙ୍ଗ ଭବ୍ୟ ସମ୍ମାନ ସମାରୋହରେ ଭାବନାତ୍ମକ ଉଲ୍ଲାସ ସହ ଗରିମାମୟ ବାତାବରଣରେ ସମ୍ପନ୍ନ ହୋଇଯାଇଛି। ପଞ୍ଚଦିବସୀୟ ଏହି ସାଂସ୍କୃତିକ ମହୋତ୍ସବରେ ସୁର ସୌନ୍ଦର୍ଯ୍ୟ ଏବଂ ସଙ୍ଗୀତର ତ୍ରିବେଣୀ ସଂଗମକୁ ଦୃଷ୍ଟିରେ ରଖି ଅଭିଜ୍ଞ ସଙ୍ଗୀତ ବିଶାରଦଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଉକ୍ତ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ବିବେଚିତ ଶିଶୁ ସ୍ୱର ଶିଳ୍ପୀ କୀର୍ତ୍ତି ସିଂ(କ୍ରିଷ୍ଣା) ମାତ୍ର ୧୧ ବର୍ଷ ବୟସରେ ସ୍ୱକୀୟ ଗାୟନ ମାଧୁରୀରେ ଅଗଣିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ବହୁ ପ୍ରତିଯୋଗୀଙ୍କୁ ପଛରେ ପକାଇ, ଆକର୍ଷଣୀୟ 'ମେଲୋଡି ଅଫ୍ ଡେଜାର୍ଟ' ମୁକୁଟ ପିନ୍ଧିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସର୍ବଶ୍ରେଷ୍ଠ ପ୍ରଦର୍ଶନ ଲାଗି ୨୫ହଜାର ଟଙ୍କାର ନଗଦ ପୁରସ୍କାର ସହ ଅନେକ ମାନପତ୍ର, ୪ଟି ସିଲ୍ଡ ହାସଲ କରିଛନ୍ତି। ରାଜସ୍ଥାନର ଜୟପୁର ସହରସ୍ଥିତ ଗାନ୍ଧୀନଗର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ସପ୍ତମ ଶ୍ରେଣୀର ଛାତ୍ରୀ କ୍ରିଷ୍ଣାଙ୍କ ଏକାଡେମିକ୍ କ୍ୟାରିୟର ମଧ୍ୟ ଉଲ୍ଲେଖନୀୟ। ସମଗ୍ର ଶ୍ରେଣୀରେ ସେ ପ୍ରାରମ୍ଭରୁ ସର୍ବଦା ପ୍ରଥମ ସ୍ଥାନ ବଜାୟ ରଖି ବିଦ୍ୟାଳୟର ପ୍ରିନ୍ସିପାଲ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମହଲରେ ଶ୍ରଦ୍ଧାଭାଜନ ହୋଇପାରିଛନ୍ତି। କ୍ରିଷ୍ଣାଙ୍କ ମାଆ ଶୁଭାନୁ ସଂଘମିତ୍ରା ସିଂ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟରେ ଗୁରୁତ୍ୱପୂର୍ଣ୍ଣ ପଦରେ ରହି ଦାୟିତ୍ୱ ନିର୍ବାହ କରନ୍ତି।

ଗମେଇ ନଦୀର ଉନ୍ନତିକରଣ ପାଇଁ ଶିଳାନ୍ୟାସ



ବାସୁଦେବପୁର, ୭ା୩(ସମିସ): ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତର ତାମିଲସୁଆଁଠାରେ ଗମେଇ ନଦୀର ଜଳ ନିଷ୍କାସନ କରିବା ପାଇଁ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୩ କୋଟି ୬୨ ଲକ୍ଷ ୫୩ ହଜାର ୩୩୬ ଟଙ୍କାର ବ୍ୟୟରେ ଖନନ କରିବା ପାଇଁ ଶିଳାନ୍ୟାସ କରିଛନ୍ତି। ଜଳ ସମ୍ପଦ ଓ ଜଳ ନିକାଶ ବିଭାଜନ ଭଦ୍ରକ ଶାଖା ପକ୍ଷରୁ ଆୟୋଜିତ ସଭାରେ ସାଂସଦ ଶ୍ରୀ ସେଠୀ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଅରଣ୍ଡୁଆ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଜଳ ସମ୍ପଦ ଓ ଜଳ ନିକାଶ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଗମେଇ ନଦୀର ଉନ୍ନତିକରଣ ହେଲେ ବରଣ୍ଡୁଆ ପଞ୍ଚାୟତ, ସୁଦର୍ଶନପୁର ପଞ୍ଚାୟତ, ବାଲେଶ୍ୱର ଜିଲ୍ଲାର ସିମୁଳିଆ ବ୍ଲକର ଚାଲୁଣୀଗାଁ ପଞ୍ଚାୟତ, ପାଇତୋରଣା ପଞ୍ଚାୟତର ପ୍ରତାପପୁର ଗ୍ରାମର ଗ୍ରାମବାସୀ ଉପକୃତ ହେବେ। ପ୍ରତି ବର୍ଷ ବନ୍ୟାରେ ହଜାର ହଜାର ଏକର ଚାଷ ଜମି ଜଳମଗ୍ନ ହେବାରୁ ରକ୍ଷା ପାଇବେ।

୧୦ରୁ ବିଶାଳ ଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ତିହିଡ଼ି, ୭ା୩(ସମିସ): ଓଡ଼ିଶାର ସର୍ବୋଚ୍ଚ ବିଶାଳ ଦେବୀ ମନ୍ଦିର ମା' ଦକ୍ଷିଣକାଳୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିହିଡ଼ି ବ୍ଲକ ନୟାନନ୍ଦଠାରେ ସାଧକ ପୀତାମ୍ବର ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ତଥା ସଚେତନ ସଂଘ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ମନ୍ଦିର ପ୍ରତିଷ୍ଠା ସମାରୋହରେ ଅନୁଷ୍ଠିତ ହେବ। ଆସନ୍ତା ୧୦ ତାରିଖରେ ନାମକୀର୍ତ୍ତନ, ଘଣ୍ଟ ବାଦନ ଓ ଢୋଲ ମହୁରି ବାଦ୍ୟ ସହ





ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। ୧୧ ତାରିଖରେ ନୂତନ ବିଗ୍ରହ ସ୍ଥାପନ କରାଯିବା ସହ ଧ୍ୱଜା ସ୍ଥାପନ, ସହସ୍ରା କୁମ୍ଭାଭିଷେକ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହେବ। ପରଦିନ ମା'ଙ୍କ ଉପଚାର ଓ ଗୀତା ପୁଟିତ ମହାଯଜ୍ଞ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବାବେଳେ ୧୩ ତାରିଖରେ ଅଷ୍ଟାଦଶ ମହାବିଦ୍ୟା ଆବାହନ ପୂଜା ଓ ୧୪ରେ ମା' ଦକ୍ଷିଣକାଳୀଙ୍କର ସହସ୍ର ନାମ ମହାଯଜ୍ଞ, ସନ୍ଧ୍ୟା।ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ସ୍ଥାନରୁ ବ୍ରାହ୍ମଣମାନେ ଯୋଗଦେବେ। ପ୍ରତିଦିନ ହରିହାଟର ବ୍ୟବସ୍ଥା କରାଯାଇଛି ଓ ଦଶ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବଣ୍ଟନ କରାଯିବ।

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାରକୁ ଗୁରୁତ୍ୱ

ଭଦ୍ରକ, ୭ା୩(ସମିସ)



ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ସୁଦୃଢ଼ ଓ ପ୍ରଚଳିତ କରିବା ଉଦ୍ଦେଶ୍ୟରେ ଶନିବାର ଭଦ୍ରକ ଜିଲ୍ଲାର ସଂସ୍କୃତି ଭବନରେ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ମଞ୍ଚକୁ ଅତିଥିମାନଙ୍କୁ ଆମନ୍ତ୍ରଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଉପସ୍ଥିତ ଥିଲେ। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଉକ୍ତ ଓଡ଼ିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ କହିଥିଲେ ଯେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାର ବ୍ୟବହାରକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଉପଯୋଗୀ ହେବ। ଏହା ମାଧ୍ୟମରେ ଅଧିକାରୀ ଓ କର୍ମଚାରୀମାନେ ଦୈନନ୍ଦିନ କାର୍ଯ୍ୟରେ ଓଡ଼ିଆ ଭାଷାକୁ ସଠିକ୍ ଭାବରେ ପ୍ରୟୋଗ କରିପାରିବେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ. ରବିନାରାୟଣ ପଣ୍ଡା, ସହକାରୀ ପ୍ରାଧ୍ୟାପକ ଡ. ରମେଶ ଚନ୍ଦ୍ର ମଲ୍ଲିକ, ଅବସରପ୍ରାପ୍ତ ବରିଷ୍ଠ ଲେଖା ଅଧିକାରୀ ମହାଲେଖାପାଳ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଅତିଥିମାନେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ବନ୍ଧୀୟ ନଥି କିପରି ସଠିକ୍ ଭାବେ ପ୍ରସ୍ତୁତ ଓ ଉପସ୍ଥାପନା କରିବେ, ସେ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅତିଥିମାନେ ତାଙ୍କ ଉଦ୍‌ବୋଧନରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। ସରକାରୀ ଦଲିଲ୍, ନୋଟ୍‌ଶିଟ୍ ଓ ଦୈନିକ କାର୍ଯ୍ୟରେ ଓଡ଼ିଆ ଭାଷାର ସଠିକ୍ ବ୍ୟବହାର ଜନସାଧାରଣଙ୍କ ସହ ସରକାରୀ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏପରି ପ୍ରଶିକ୍ଷଣ ମାଧ୍ୟମରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ପ୍ରଚଳନ ଆହୁରି ବୃଦ୍ଧି ପାଇବା ସହ ରାଜ୍ୟର ଭାଷା ନୀତି କାର୍ଯ୍ୟକାରୀ କରିବାରେ ଏହା

ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସହାୟକ ହେବ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ଜିଲ୍ଲାପାଳ ସ୍ୱର୍ଣ୍ଣମୟୀ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଡେପୁଟି କଲେକ୍ଟର ପ୍ରମିଳା ମଲ୍ଲିକ ଓ ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଯାଜପୁରରେ ବୌଦ୍ଧିକ ଆଲୋଚନାଚକ୍ର 'ଯେ- ଲୋର-୨୦୨୬'

'ଶକ୍ତି ଉପାସନାର କେନ୍ଦ୍ର ବିନ୍ଦୁ ଯାଜପୁର'



ଯାଜପୁର, ୭।୩(ସମିସ)

ଜିଲ୍ଲା ମହୋତ୍ସବ 'ଯଯାତି-୨୦୨୬'ର ପୂର୍ବାଭାସ ସ୍ୱରୂପ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ, ଯାଜପୁର ଆନୁକୂଲ୍ୟରେ ଏକ ସାହିତ୍ୟିକ ତଥା ବୌଦ୍ଧିକ ଆଲୋଚନାଚକ୍ର 'ଯେ-ଲୋର୍-୨୦୨୬' (ଯାଜପୁର ସାହିତ୍ୟ ଓ ବିମର୍ଶ-ଅତୀତର ଗାଥା, ଭବିଷ୍ୟତର ପଥ) ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଯାଜପୁରର ସମୃଦ୍ଧ ଐତିହ୍ୟ, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଏବଂ ଯୁବପିଢ଼ିଙ୍କୁ ନିଜ ମାଟିର ଗୌରବ ସହ ଯୋଡ଼ିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଅମ୍ବର କୁମାର କର ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ସ୍ୱାଗତ ଭାଷଣରେ କହିଥିଲେ ଯେ କଳା ସଂସ୍କୃତିରେ ଥିବା ଆବେଗର ସ୍ଥାନ ଏଆଇ ନେଇପାରିବ ନାହିଁ। ଏହି ଅବସରରେ ରାଜ୍ୟର ବିଶିଷ୍ଟ ଲେଖକ, ଗବେଷକ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ନିଜର ସୁଚିନ୍ତିତ ଓ ବହୁମୂଲ୍ୟ ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଯାଜପୁରର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା କାଇଁଚ ହସ୍ତଶିଳ୍ପର ବିକାଶ ଉପରେ ଏକ ବୃତ୍ତଚିତ୍ର ଉନ୍ମୋଚିତ ହୋଇଥିଲା। ଆମେ ଯାଜପୁରିଆ ଥିମ୍ ସଙ୍ଗୀତ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଦ୍ୱାରା ଏବଂ ଗୋପାଳପୁର ହସ୍ତତନ୍ତ ବୃତ୍ତଚିତ୍ର ଏସ୍‌ପି ଯଶପ୍ରତାପ ଶ୍ରୀମଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ ବକ୍ତା ବୈଷ୍ଣବ ସାମଲ 'ଯାଜପୁରରେ ମାତୃକା ପରମ୍ପରା' ବିଷୟରେ ତଥ୍ୟଭିତ୍ତିକ ଆଲୋଚନା କରି ଯାଜପୁରରେ ଶକ୍ତି ଉପାସନାର ଇତିହାସ ବର୍ଣ୍ଣନା କରିଥିଲେ। ଐତିହାସିକ ତଥା ଗବେଷକ ଅନିଲ୍ ଧୀର 'ଯାଜପୁର ଏବଂ ପ୍ରାଚୀନ ଓଡ଼ିଶାର ସାମୁଦ୍ରିକ ଏବଂ ନଦୀ ବାଣିଜ୍ୟ' ଉପରେ ଆଲୋକପାତ କରି ବୈତରଣୀ ନଦୀ କୂଳରେ ଗଢ଼ିଉଠିଥିବା ସମୃଦ୍ଧ ବାଣିଜ୍ୟିକ ପେଣ୍ଠସ୍ଥଳୀର ସ୍ମୃତିଚାରଣ କରିଥିଲେ। ପ୍ରସିଦ୍ଧ ବ୍ୟକ୍ତିତ୍ୱ ତଥା ବାଗ୍ମୀ କୁନା ତ୍ରିପାଠୀ 'ସାହିତ୍ୟ ପ୍ରତି ଯୁବପିଢ଼ି ବା ଜେନ-ଜିଙ୍କର କମୁଥିବା ଆଗ୍ରହ' ପ୍ରସଙ୍ଗରେ ନିଜର ମାର୍ମିକ ବକ୍ତବ୍ୟ ରଖି ଯୁବସମାଜକୁ ପୁସ୍ତକ ସହ ଯୋଡ଼ିବାର ଆବଶ୍ୟକତା ଦର୍ଶାଇଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଦାସ ବେନହୁର 'କୃତ୍ରିମ ବୁଦ୍ଧି ବନାମ ସୃଜନଶୀଳତା' ଭଳି ଆଧୁନିକ ପ୍ରସଙ୍ଗ ଉପରେ ଗଭୀର ବିଶ୍ଳେଷଣ କରି ଉପସ୍ଥିତ ଶ୍ରୋତାମାନଙ୍କୁ ଚିନ୍ତନର ନୂଆ ଖୋରାକ ଯୋଗାଇଥିଲେ। ଏହି ଜ୍ଞାନଗର୍ଭକ ଆଲୋଚନାଚକ୍ରରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀ, ସାରସ୍ୱତ ସାଧକ, ପ୍ରଶାସନିକ ଅଧିକାରୀ ତଥା ସାଧାରଣ ଜନତା ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଅତିଥି ଓ ଶ୍ରୋତାମାନଙ୍କ ମଧ୍ୟରେ ଏକ ସୁନ୍ଦର ଭାବ ବିନିମୟ ପର୍ବ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନର ଏହି ଅଭିନବ ପ୍ରୟାସକୁ ସବୁ ମହଲରେ ପ୍ରଶଂସା କରାଯାଇଛି। ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲା ଠିକାଦାର ସଙ୍ଘ ପକ୍ଷରୁ ଦାବିପତ୍ର ପ୍ରଦାନ



ଯାଜପୁର, ୭।୩(ସମିସ): ଠିକାଦାରମାନଙ୍କ ବିବିଧ ସମସ୍ୟା ନେଇ ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଯାଜପୁର ଜିଲ୍ଲା ଠିକାଦାର ସଙ୍ଘ। ଜିଲ୍ଲା ସଭାପତି ସଞ୍ଜୀବ ପରିଡ଼ାଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲା ଠିକାଦାର ସଙ୍ଘ ପକ୍ଷରୁ ଆଠ ଦଫା ଦାବି ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାର ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ପୂର୍ବ ସରକାର ସମୟରେ ୧୪.୯୯ ଲେସ୍ ଥିଲା କିନ୍ତୁ ବର୍ତ୍ତମାନ ବିଜେପି ସରକାର ତାହାକୁ ଉଠେଇ ଦେଇଛନ୍ତି। ପୁରୁଣା ସିଡ୍ୟୁଲରେ ଠିକାଦାର ମାନେ ଯେଉଁ ଟେଣ୍ଡର ପକାଇବେ ତାହା ୨୦ ରୁ ୪୦ ପ୍ରତିଶତ ଲେସ୍ କରାଯିବ। ଏଥିରେ କାମର ମାନ ଠିକ୍ ଯେତିକି ରହିବା କଥା ତାହା ରହିପାରିବ ନାହିଁ। ଏହାକୁ ଦୃଢ଼ ବିରୋଧ କରିବା ସହିତ ଆଗାମୀ ଦିନରେ ସରକାର ଯଦି ସିଡ୍ୟୁଲ ରେଟ୍‌ର ପରିବର୍ତ୍ତନ ନ କରନ୍ତି ତେବେ କାମ ବନ୍ଦ କରାଯିବା ସହିତ ରାଜ୍ୟର ସମସ୍ତ ଠିକାଦାର ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଠିକାଦାର ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବସରରେ ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଜେନା, ମୁଖ୍ୟ ଉପଦେଷ୍ଟା କେଦାର ରାଉତରାୟ, ନିହାର ରଞ୍ଜନ ମାନ୍ଧାତା ପ୍ରମୁଖ ଯୋଗ ଦେଇ ସରକାର ନିର୍ଦ୍ଧାରଣ କରିଥିବା ସିଡ୍ୟୁଲ ରେଟ୍‌ର ପରିବର୍ତ୍ତନ ପାଇଁ ଦାବି କରିଥିଲେ। ଏହି ଅବସରରେ ବରିଷ୍ଠ ଠିକାଦାର ରାଜେଶ ମହାପାତ୍ର, ଆଲୋକ ସାମଲ, ବସନ୍ତ ମିଶ୍ର, ପ୍ରଶାନ୍ତ ଦାସ, ବିଜୟ ପରିଡ଼ା, ସିଦ୍ଧାର୍ଥ ସାମଲ, ସୌମ୍ୟ ସାମଲ, ଶରତ ସାହୁ, ମନୋଜ ସାହୁ, ବିଷ୍ଣୁ ନାୟକ, ରାଜ କିଶୋର ପରିଡ଼ା ସମେତ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଠିକାଦାର ମାନେ ଉପସ୍ଥିତ ଥିଲେ।



ଥାଲକୁଡ଼ିରେ ଗୋପବନ୍ଧୁ ପୂଜା ଉତ୍ସବ ଉଦ୍‌ଯାପିତ

କୟାଁଗୋଲା, ୭।୩(ସମିସ): ଦଶରଥପୁର ବ୍ଲକ ଥାଲକୁଡ଼ି ଗ୍ରାମରେ ଗୋପବନ୍ଧୁ ପୂଜା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦୋଳ ପୂର୍ଣ୍ଣିମା ଅର୍ଥାତ ମଙ୍ଗଳବାର ସନ୍ଧ୍ୟାରେ କଳସ ବୁଡ଼ାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ମୂର୍ତ୍ତି ବିସର୍ଜନ ହୋଇଥିଲା। ବିଭିନ୍ନ ଦିବସରେ ସୂର୍ଯ୍ୟପୂଜା, ଘୃତାହୁତି ସହ ଆଧାତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିରଞ୍ଜନ ମିଶ୍ର ମୁଖ୍ୟ ପୂଜକ ଭାବେ ପୂଜାର୍ଚ୍ଚନା କରିଥିଲେ। ଦୁଇ ରାତି ମହିଳା ଗାୟିକାଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଅନାଦି ବାରିକ, ସୁବାସ ବାରିକ, ସୁବାସ ସାହାଣୀ, ମହେନ୍ଦ୍ର ବାରିକ, ପୂର୍ଣ୍ଣ ବାରିକ, ସୁରେଶ ବାରିକ, ରତିକାନ୍ତ ବାରିକ, ବିରେନ୍ଦ୍ର ବାରିକ, ସର୍ବେଶ୍ୱର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ।

ଜିଲ୍ଲାପାଳଙ୍କୁ ଭେଟିଲା ବିଏଚ୍‌ପି ଓ ବଜରଙ୍ଗ ଦଳ

ଡିଜେ ବ୍ୟାନ ପାଇଁ ଦାବି

ଯାଜପୁର, ୭।୩(ସମିସ): ଯାଜପୁର ଟାଉନ୍ ସମେତ ସମଗ୍ର ଜିଲ୍ଲାରେ ଭୟଙ୍କର ଶବ୍ଦ ପ୍ରଦୂଷଣକାରୀ ଡିଜେ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି ବୋଲି ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଭେଟି ଏହାକୁ ବ୍ୟାନ କରିବାକୁ ଦାବି ଜଣାଇଛନ୍ତି। ଉଭୟ ସଂଗଠନର ବରିଷ୍ଠ କର୍ମକର୍ତ୍ତା ବଳରାମ ବିଷୋୟୀ, ସନ୍ତୋଷ ପତି, ରଜତ ମିଶ୍ର, ଗୋପାଳ ଦୀକ୍ଷିତ, ଗଣେଶ ବେହେରା ପ୍ରମୁଖ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁସାରେ, ୬୫ ଡେସିବେଲରୁ ଅଧିକ ଶବ୍ଦ ନହେବା, ରାତି ୧୦ଟା ମଧ୍ୟରେ ଶୋଭାଯାତ୍ରା ଶେଷ କରିବା, ମେଡିକାଲ, ଶିକ୍ଷାନୁଷ୍ଠାନ,



ଜରାଶ୍ରମ, ଧାର୍ମିକ ଅନୁଷ୍ଠାନ ନିକଟରେ ଶୋଭାଯାତ୍ରା ନ ଯିବା ଅବା ଶବ୍ଦ ପ୍ରଦୂଷଣ ଯେପରି ନ ହୁଏ ସେ ଦିଗରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଏହାର ବ୍ୟତିକ୍ରମ ହେଲେ ସମ୍ପୃକ୍ତ ସଂସ୍ଥା, ବ୍ୟକ୍ତି ବିଶେଷ ଅବା ଡିଜେ କିମ୍ବା ଡାକବାଜି ଯନ୍ତ୍ରର ମାଲିକ ତଥା ଶୋଭାଯାତ୍ରା କାରୀଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ପୁଲିସ ସବୁ ଜାଣି ବି ଶୋଭାଯାତ୍ରାକାରୀ ମୁଖିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ସେ ନେଇ ଜିଲ୍ଲାପାଳଙ୍କୁ ଉଦ୍‌ବେଗ ଜଣାଇଥିଲେ। ପୂଜା ପାର୍ବଣ ଓ ବିବାହ ଶୋଭାଯାତ୍ରା ଯାଉଥିବା ବେଳେ ପୁଲିସର ପିସିଆର ଭ୍ୟାନ୍ ଯଦି ଏହି ଅମାନିଆ ଏବଂ ଆଇନ ଭଙ୍ଗକାରୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତା ତେବେ ଶବ୍ଦ ପ୍ରଦୂଷଣ ଯୋଗୁଁ ହୃଦ୍‌ଘାତରେ ମୃତ୍ୟୁ, ରୋଗୀ ଗୁରୁତର ହେବା, ସୁସ୍ଥ ମଣିଷ ଅସୁସ୍ଥ ହୋଇପଡ଼ିବା ଏବଂ ଶିଶୁ ଓ ସାଧାରଣ ଜନତା ଅତି ଉଚ୍ଚ ଶବ୍ଦ ଯୋଗୁଁ ଅତିଷ୍ଠ ହୋଇ ପଡ଼ିବା ପରି ସମସ୍ୟାରୁ ବର୍ତ୍ତି ପାରନ୍ତେ ବୋଲି ଏହି ସଂଗଠନ ଦ୍ୱୟ ଜିଲ୍ଲାପାଳଙ୍କୁ ଆଲୋଚନା ପ୍ରସଙ୍ଗରେ ଜଣାଇଛନ୍ତି। ଜିଲ୍ଲାପାଳ ମଧ୍ୟ ଏହି ଅଭିଯୋଗକୁ ଗୁରୁତ୍ୱ ସହକାରେ ନେଇ ଏଦିଗରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ପାଳଟପୁର ପଞ୍ଚାୟତରେ ମେଗା ସ୍ୱାସ୍ଥ୍ୟ ଶିବିର



ଦଶରଥପୁର, ୭।୩(ସମିସ): ଯାଜପୁର ଜିଲ୍ଲାପାଳ ଆମ୍ବର କୁମାର କରଙ୍କ ନିର୍ଦ୍ଦେଶ କ୍ରମେ ଦଶରଥପୁର ବ୍ଲକ ପାଳଟପୁର ପଞ୍ଚାୟତରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ଉଦ୍ୟମରେ ଏହି ଶିବିର ଆୟୋଜନ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡିପିଏଚ୍‌ଓ ଡ. ରମେଶ ଚନ୍ଦ୍ର ମଲିକ ଯୋଗଦେଇ ଶିବିରଟିକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବିଜୟ କୁମାର ମିଶ୍ର, ବିଡିଓ ଆକାଶ ପଟ୍ଟନାୟକ, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଅମ୍ରିତାପ୍ରିତମ ମଲ୍ଲ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ା, ସରପଞ୍ଚ ଲିପିକା ମଲିକ, ଯୁବ ନେତା ଚନ୍ଦ୍ର ଶେଖର ସାହୁ ପ୍ରମୁଖ ଯୋଗଦେଇଥିଲେ। ଆଜିର ଶିବିରରେ ୨୫୮ ଜଣ ଲୋକ ବିଭିନ୍ନ ରୋଗ ପାଇଁ ଚିକିତ୍ସା ହୋଇଥିଲେ। ସେମାନଙ୍କର ବିଭିନ୍ନ ପରୀକ୍ଷା କରାଯିବା ସହିତ ଔଷଧ ପ୍ରଦାନ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡାକ୍ତର ଆକାଶ ଦାସ ମହାପାତ୍ର, ଡା. ବିଶ୍ୱଜିତା ପଣ୍ଡା, ଡା. ପାର୍ବତୀ ରାଉତ, ଡା. ପ୍ରତୀ ରାଉତ, ନିରୁମ ମହାପାତ୍ର, ଜ୍ୟୋତିରଞ୍ଜନ ରାଉତ, ଦୋଳଗୋବିନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇଥିବା ବେଳେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଝରଣା ଦଳାଇ, ଫାର୍ମାସିଷ୍ଟ ବିଜ୍ଞାନ ରଞ୍ଜନ ରାୟ, ପିଏଚ୍‌ଇଓ ବନିତା ଦାସ, ଅଜୟ କୁମାର କର, ଚନ୍ଦ୍ରଜିତ ପତି, ମୁକୁନ୍ଦ ଚନ୍ଦ୍ର ନାୟକ, ନିରାକାର ଦାସ, ପୂର୍ଣ୍ଣିମା ଦାସ, ବିନ୍ଦୁ ମିଞ୍ଜ, ତପସ୍ୱିନୀ ବେହୁରିଆ, ଦିବ୍ୟକାନ୍ତ ତରାଇ, ରଶ୍ମିରଞ୍ଜନ ନାୟକ, ସୋନାଲି ମିଶ୍ର ଯେନା, ସନ୍ତୋଷୀ ଶ୍ୟାନ୍ତି, ଆରତୀ ଓରାମ, ସିଏଚଓ ଝୀନା ମଲିକ, ଲୋପାମୁଦ୍ରା ସାହୁ, ପଦ୍ମିନୀ ଗୁରୁ, ସୁଶ୍ରୀ ରଥ, ସୁପ୍ରିୟା ମିଞ୍ଜ, ମନୋଜ କୁମାର ଦାସ, ତୁଷାର ରଞ୍ଜନ ଶତପଥୀ, ବଳି ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ଚିକିତ୍ସା, ପରୀକ୍ଷା, ରେଜିଷ୍ଟ୍ରେସନ, ପରାମର୍ଶ, ଔଷଧ ବଣ୍ଟନ ଆଦି କାର୍ଯ୍ୟରେ ନିୟୋଜନ ଥିଲେ। ଅନନ୍ତ କୁମାର ଯେନା, ସୌମ୍ୟ ରଞ୍ଜନ ବେହେରା, ପ୍ରମୋଦ ରାଉତ, ମଦନ ମଲିକ, ପାଣ୍ଡବ ମଲିକ, ମହେନ୍ଦ୍ର ଜେନା, ରାଜୀବ ମଲିକ, କୃପାସିନ୍ଧୁ ମଲିକ, ବିଜୟ ବେହେରା, ନୁରୀ ମଲିକ, ରମେଶ ମଲିକ, ବିମଳ ମଲିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ଯାଜପୁରରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ

ପୁରୀ ଯାତ୍ରା କଲେ ବରିଷ୍ଠ ନାଗରିକ



ଯାଜପୁର, ୭।୩(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ ହୋଇଛି। ଆଜି ଜିଲ୍ଲାପାଳ ଅମ୍ବର କୁମାର କର ପତାକା ଦେଖାଇ ଯାତ୍ରୀ ବସ୍‌ଗୁଡ଼ିକୁ ଉଦ୍‌ଘାଟନ କରିଛନ୍ତି। ଏହି ଯୋଜନାରେ ଜିଲ୍ଲାରୁ ଶତାଧିକ ବରିଷ୍ଠ ନାଗରିକ ଏବଂ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ପେନସନଧାରୀ ପୁରୀଧାମ ଅଭିମୁଖେ ଯାତ୍ରା କରିଥିଲେ। ଓଡ଼ିଶା ରାଜ୍ୟ ଆଞ୍ଚଳିକ ପରିବହନ ନିଗମର ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ବସ୍ ଯୋଗେ ଯାତ୍ରୀମାନେ ବାହାରିଥିଲେ। ଏହା ପୂର୍ବରୁ ଜିଲ୍ଲାପାଳ ଯାତ୍ରୀମାନଙ୍କ ସହ କଥାବାର୍ତ୍ତା ହୋଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହାସହ ଶ୍ରୀମନ୍ଦିରରେ ଜଗନ୍ନାଥ ଦର୍ଶନ ସହ ମା' ବିମଳା, ବଟଗଣେଶ, ଦେବୀ କାଳୀ ମନ୍ଦିର, ନବଗ୍ରହ ମନ୍ଦିର ଦର୍ଶନ କରିବା ପାଇଁ ଜିଲ୍ଲାପାଳ ଯାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଯାତ୍ରୀଙ୍କୁ ସୁବିଧା ପାଇଁ ଏକ କିଟ୍ ଦିଆଯାଇଥିଲା। ଯାତ୍ରୀମାନଙ୍କୁ ସୁରକ୍ଷିତ ନେବା ପାଇଁ ସେମାନଙ୍କ ଦାୟିତ୍ୱରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୫ ଜଣ ଏସ୍କର୍ଟ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୫ ଜଣ ମେଡିକାଲ ଓ ପାରା-ମେଡିକାଲ ଷ୍ଟାଫ୍, ଓଏସ୍‌ଆରସିଟିସିର ୫ ଜଣ ଏହି ଯାତ୍ରାରେ ନିୟୋଜିତ ଅଛନ୍ତି। ଯାତ୍ରୀମାନେ ଆଜି ପୁରୀ ଶ୍ରୀମନ୍ଦିର ଦର୍ଶନ କରି ଫେରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଦେବବ୍ରତ ସାହୁ, ଓଏସ୍‌ଆରଟିସି ମ୍ୟାନେଜର ଅମ୍ଳେଶ ସିହ୍ନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଯାଜପୁର ମୁନିସିପାଲିଟି ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ସହକାରୀ ଜିଲ୍ଲାପାଳ ତାପସ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଶନିଶ୍ଚରଙ୍କ ବାର୍ଷିକ ଉତ୍ସବ

ବଡ଼ଚଣା, ୭।୩(ସମିସ): ବଡ଼ଚଣା ବ୍ଲକ ଅଣକା ପଞ୍ଚାୟତ ଅନ୍ତର୍ଗତ ଭୁଲୁକା ଗ୍ରାମରେ ଶନିଶ୍ଚର ଯଜ୍ଞ ଅରକ୍ଷିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଦୁଇ ଦିନ ଧରି ପାଳିତ ହୋଇଯାଇଛି। ଗୁରୁବାର ବିରାଟ ଶୋଭାଯାତ୍ରାରେ କଳସ ଯାତ୍ରା କରି ସୁନୀଲ କୁମାର ମହାନ୍ତିଙ୍କ ଦ୍ୱାରା ସୂର୍ଯ୍ୟପୂଜା ସହ ପୂଜାର୍ଚ୍ଚନା କରାଯାଇ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଛି। ମୁଖ୍ୟ ପୁରୋହିତ ରବୀନ୍ଦ୍ର କୁମାର ପାଢ଼ୀଙ୍କ ସମେତ ଅନେକ ପୁରୋହିତ ଏହି ଯଜ୍ଞରେ ପୂଜାର୍ଚ୍ଚନ କରିଥିଲେ। ଅରୁଣ ମହାନ୍ତି, ବୈଷ୍ଣବ ମହାନ୍ତି, ଅନିଲ ମହାନ୍ତି, ବିଜୟ ମହାନ୍ତି, ବୈଲୋଚନ ମହାନ୍ତି, ଜୟରାମ ମହାନ୍ତି, ଦିଲ୍ଲିପ ମହାନ୍ତି, ତନୁଜ ମହାନ୍ତି, ସୁବାସ ମହାନ୍ତି, ପ୍ରମୋଦ ମହାନ୍ତିଙ୍କ ସମେତ ଭୁଲୁକା ଗ୍ରାମର ଶତାଧିକ ଗ୍ରାମବାସୀ ସହଯୋଗ କରିବା ସହ ପରିଚାଳନା କରିଛନ୍ତି।

ବାବୁଲି ଭାଇ ଢାବାରୁ ଶିଶୁ ଶ୍ରମିକ ଉଦ୍ଧାର

କବାଟବନ୍ଧ, ୭।୩(ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧିନ ଜାତୀୟ ରାଜପଥର କନ୍ତପଡ଼ା ଛକରେ ଥିବା ବାବୁଲି ଭାଇ ଢାବାରୁ ୩ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏହି ହୋଟେଲରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏହି ହୋଟେଲରେ ଦୀର୍ଘ ଦିନ ଧରି ଶିଶୁ ମାନେ ଶ୍ରମିକ ଭାବେ କାମ କରୁଥିବା ଅଭିଯୋଗ ହେଉଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଶନିବାର ଅପରାହ୍ନରେ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଚଢ଼ଉ କରିଥିଲେ। ଉଦ୍ଧାର ୩ ଜଣ ଶିଶୁ ଶ୍ରମିକଙ୍କ ମଧ୍ୟରୁ ଦୁଇ ଜଣଙ୍କ ବୟସ ୧୨ ବର୍ଷ ହୋଇଥିବା ବେଳେ ଅନ୍ୟ ଜଣେ ୧୪ ବର୍ଷର ବୋଲି ଜଣାପଡ଼ିଛି। ତେବେ ଏତେ କମ ବୟସର ଶିଶୁ ମାନଙ୍କୁ ଶ୍ରମିକ କାମରେ ନିୟୋଜିତ କରିବା ଆଇନ ବିରୋଧ ହୋଇଥିବା ବେଳେ କିଭଳି ହୋଟେଲ ମାଲିକ ତାଙ୍କୁ କାମରେ ଲଗାଇଥିଲେ ତାକୁ ନେଇ ବିଭିନ୍ନ ମତ ପ୍ରକାଶ ପାଇଛି। ଉଦ୍ଧାର ୩ ଜଣ ଶିଶୁ ଶ୍ରମିକ ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକର ବୈରୀ ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ ୧୨ ବର୍ଷର ଶିଶୁଙ୍କ ପାଇଁ ଶିକ୍ଷା ବାଧ୍ୟତାମୂଳକ ଥିବା ବେଳେ ଯାଜପୁର ଜିଲ୍ଲା ତଥା ବଡ଼ଚଣା ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଏ ଖବର ଅଛି କି ନାହିଁ ସନ୍ଦେହ। ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାରେ ଡ୍ରପ ଆଉଟ ଚିନ୍ତା ବଢ଼ାଇଥିବା ବେଳେ ଉଦ୍ଧାର ଶିଶୁ ଶ୍ରମିକ ଉଭୟ ଶ୍ରମ ବିଭାଗ ଏବଂ ଶିକ୍ଷା ବିଭାଗର ଅସଲ ମୁଖା ଖୋଲିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏହି ଚଢ଼ଉ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ନିର୍ଦ୍ଦେଶକ୍ରମେ ଚାଇଲ୍ଡ଼ ହେଲ୍ପ ଲାଇନ ସଦସ୍ୟ ବରେନ୍ଦ୍ର କୃଷ୍ଣ ଦାଶ, ବିନ୍ଦୁ ସାଗର ସାହୁ, ଅବଦୁଲ ମିନାଜ ଖାନ ଏବଂ ସ୍ଥାନୀୟ ଜେନାପୁର ପୋଲିସ ସାମିଲ ଥିଲେ।

କୁଶଳେଶ୍ୱର ସ୍ମୃତି ପ୍ରତିଭା ପୁରସ୍କାର ପ୍ରଦାନ



ଯାଜପୁର, ୭।୩(ସମିସ): ଯାଜପୁର ସହରର ନରଣପୁରସ୍ଥିତ 'ସବୁଜସ୍ୱପ୍ନ' ଓ 'ବିଦ୍ୟାବିହାର' କାର୍ଯ୍ୟାଳୟ ତରଫରୁ 'ଜାତୀୟ ସଂହତି, ସୁରକ୍ଷା ଓ ବିକାଶ' ଶୀର୍ଷକ ଶିକ୍ଷା, ଆଲୋଚନାଚକ୍ର, ସଚେତନତା ଓ ଜ୍ଞାନ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଶରଥପୁର ବ୍ଲକ ଅନ୍ତର୍ଗତ ବାଲିଗଣ୍ଡ (କୁଆଁରପୁର) ଗ୍ରାମର ବିଶିଷ୍ଟ ପରିବେଶବିତ୍ ତଥା ସାହିତ୍ୟିକ ପଣ୍ଡିତ ବଂଶୀଧର ପଣ୍ଡାଙ୍କ 'ସ୍ମୃତି-ପାଣ୍ଠି' ଆନୁକୂଲ୍ୟରେ ଯୁବଶକ୍ତିର ପ୍ରତୀକ କୁଶଳେଶ୍ୱର ପଣ୍ଡାଙ୍କ ଅକାଳ ବିୟୋଗରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ଇଂ. ଚିନ୍ମୟ ପରିଡ଼ା ସଭାପତିତ୍ୱ କରିଥିଲେ। ଏଥିରେ ଉତ୍କଳ ସେବାନିବୃତ୍ତ ସେନାନୀ ସଙ୍ଘର ଯୁଗ୍ମ ସମ୍ପାଦକ ନରେନ୍ଦ୍ର କୁମାର ଶତପଥୀ ମୁଖ୍ୟଅତିଥି, ବାଲିପୋଖରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ମୁଦୁଲି ସମ୍ମାନିତ ଅତିଥି ଏବଂ ପରିଚାଳକ ତଥା ଶିକ୍ଷାବିତ୍ ଡ. ଅକ୍ଷୟ କୁମାର ପଣ୍ଡା ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ସଭାପତି ଓ ଅତିଥିଦ୍ୱୟ 'ଦେଶ ହିଁ ପ୍ରଥମ', ଏହାର ସୁରକ୍ଷା ଓ ବିକାଶ ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ମତ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚ୍ୟ ବିଷୟରେ ଲିଖିତ 'ଜ୍ଞାନ ପରୀକ୍ଷା' ଅନୁଷ୍ଠିତ ହୋଇଥିଲା। କୃତିତ୍ୱ ଲାଭ କରିଥିଲା ଅଷ୍ଟମରୁ ଦଶମ ଶ୍ରେଣୀର ମୋଟ ୮ ଜଣ ଛାତ୍ରଙ୍କୁ ମଞ୍ଚାସୀନ ଅତିଥିବୃନ୍ଦ 'କୁଶଳେଶ୍ୱର ସ୍ମୃତି ପ୍ରତିଭା ପୁରସ୍କାର' ଓ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ର ରୁଦ୍ରନାରାୟଣ ସାହୁ ପ୍ରାରମ୍ଭିକ ସୂଚନା, ସଞ୍ଜୟ ବେହେରା ଅତିଥି ପରିଚୟ ଓ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଚଣ୍ଡିଖୋଲ ଏନ୍‌ଏସି ପାଇଁ ବିଜେଡିର ସାଂଗଠନିକ ବୈଠକ

ବଡ଼ଚଣା, ୭।୩(ସମିସ)



ବଡ଼ଚଣା ବିଜେଡି ଦଳୀୟ କାର୍ଯ୍ୟାଳୟରେ ଆଗାମୀ ଏନ୍‌ଏସି ନିର୍ବାଚନରେ ବାଜିମାତ କରିବା ପାଇଁ ଏକ ସାଂଗଠନିକ ବୈଠକ ବଡ଼ଚଣା ବିଜେଡ଼ି ସଭାପତି ତାପସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ ଏନ୍‌ଏସିରେ ୧୨ଟି ୱାର୍ଡ ଥିବା ବେଳେ ସୁଙ୍ଗୁଡ଼ା, ଧାନମଣ୍ଡଳ, ବଡ଼ଚଣା ପଞ୍ଚାୟତକୁ ସାମିଲ ହୋଇଥିବା ବେଳେ ଦର୍ପଣ ଓ ଭୂଷଣ୍ଡପୁର ପଞ୍ଚାୟତର ଆଂଶିକ ଭାବେ ସ୍ଥାନ ପାଇଛି। ଏହି ଅବସରରେ ଏନଏସିର ୧୨ଟି ୱାର୍ଡର ଆଗୁଆ କର୍ମକର୍ତ୍ତା ମାନେ ଯୋଗଦେଇ ଏହି ବୈଠକରେ ସାମିଲ ହୋଇଥିଲେ। ଏହି ବୈଠକରେ ବିଜେପି ଛାଡ଼ି ଜୟନ୍ତ କୁମାର ସ୍ୱାଇଁ ବିଜେଡିରେ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଛନ୍ତି। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ, ସଞ୍ଜୟ କୁମାର ସ୍ୱାଇଁ, ଜ୍ଞାନ ରଞ୍ଜନ ସାହୁ, ନିରଞ୍ଜନ ବିଶ୍ୱାଳ, ଧନେଶ୍ୱର ବେହେରା, ଜଗନ୍ନାଥ ମୁଦୁଲି, ପ୍ରଦୀପ୍ତ କୁମାର ମହାନ୍ତି, ପ୍ରିୟବ୍ରତ ଖିଲାର, ଉମେଶ ଚନ୍ଦ୍ର ଜେନା, ଦିଲ୍ଲିପ କୁମାର ସାମଲ, ପ୍ରକାଶ ପ୍ରଧାନ, ବିଜୟ କୁମାର ପ୍ରଧାନ, ମାନଗୋବିନ୍ଦ ସେଠୀ, ପ୍ରଭାକର ସାମଲ, ମନୋଜ ମାହାଲା, ଗୋପାଳ ବାସ୍କେ, ବୁଧିରାମ ବିଶ୍ୱାଳ, ବଟକୃଷ୍ଣ ବଳ, ଦେବେନ୍ଦ୍ର ଦାସ, ମହମ୍ମଦ ମୁନସର ଖାଁ, ସୁରେନ୍ଦ୍ର ନାୟକ, ସୁଜିତ ସାହୁ, ଜୟନ୍ତ କୁମାର ରାଉତ, ଏ ଆନନ୍ଦ ସିଂ, ମିର୍ଜା ସାଜନ ବେଗ, ଦେବୀ ପ୍ରସାଦ ନାୟକ, ଶ୍ରୀକାନ୍ତ ନାୟକ, ସନ୍ତୋଷ ଜେନାଙ୍କ ସମେତ ଶତାଧିକ ବିଜୁ ଜନତା ଦଳର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜୟନ୍ତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ପଦନପୁର ଗାଁରେ ବୋମାମାଡ଼, ୩ ଆହତ

ଦୁର୍ବୃତ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକ, ୫ ଅଟକ





ଜଟଣୀ, ୭।୩ (ସମିସ): କିଛି ମାସ ବ୍ୟବଧାନରେ ପୁଣି ଜଟଣୀରେ ଫୁଟିଲା ବୋମା। ଜଟଣୀ ଥାନା ଅନ୍ତର୍ଗତ ପଦନପୁର ଗ୍ରାମ ସ୍କୁଲ ନିକଟରେ ବିଳମ୍ବିତ ରାତିରେ ବଚସାକୁ କେନ୍ଦ୍ରକରି ଦୁର୍ବୃତ୍ତ ବୋମାମାଡ଼ କରିଛନ୍ତି। ଏଥିରେ ଦୁଇ ଜଣ ଯୁବକ ଆହତ ହୋଇଥିବା ବେଳେ ଜଣେ ନାବାଳକ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଆହତମାନେ ହେଲେ ସ୍ମୃତି ରଞ୍ଜନ ନାୟକ, କୃଷ୍ଣ ନାୟକ ଓ ଚିକୁନା ନାୟକ। ଦୁର୍ବୃତ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଗ୍ରାମବାସୀ ରାସ୍ତାରୋକ୍ କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ୍ ହଟିଥିଲା। ଅନ୍ୟପଟେ ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ପଦନପୁର ତଳସାହିର ପ୍ରକାଶ ହରିଚନ୍ଦନ ଙ୍କ ସାନପୁଅ ଚନ୍ଦ୍ରକାନ୍ତ ହରିଚନ୍ଦନ ଓରଫ ତପୁ ର ଦୁଇଜଣ ଦାଦା ଓ ଭାଉଜ ସମେତ ତାର ସହଯୋଗୀ ଲକି ର ବାପା ପ୍ରମୁଖ ୪ ଜଣଙ୍କୁ ଉଠାଇ ଆଣି ଥାନାରେ ପଚରାଉଚରା କରୁଥିବା ଜଣାପଡ଼ିଛି। ଘଟଣାନୁଯାୟୀ, ଗତକାଲି ରାତିରେ ପଦନପୁର ଗ୍ରାମରେ ଦୋଳ ମେଳଣ ପର୍ବ ଚାଲିଥିଲା। ଏହି ସମୟରେ ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ହଠାତ୍ ଶବ୍ଦ ହୋଇଥିଲା। କେହି ଦୁର୍ବୃତ୍ତ ବୋମା ମାଡ଼ କରିଥିବା ଜଣା ପଡ଼ିବା ପରେ ଲୋକମାନେ ଭୟଭୀତ ହୋଇ ଘରକୁ ପଳାଇଥିଲେ। ଏହାପରେ ସ୍ଥାନୀୟ ଲୋକମାନେ ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରୁ ସାମାନ୍ୟ ଆହତ ହୋଇଥିବା ଦୁଇ ଜଣ ଯୁବକ ଚିକିତ୍ସା ପରେ ଘରକୁ ଫେରି ଆସିଥିଲେ। ନାବାଳକ ଜଣଙ୍କ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲ୍ କୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାକୁ ନେଇ ବିଳମ୍ବିତ ରାତିରେ ଅଞ୍ଚଳର ମହିଳା ଓ ପୁରୁଷମାନେ ଖୋର୍ଦ୍ଧା-ପିପିଲି ମୁଖ୍ୟ ରାସ୍ତାକୁ ଅବରୋଧ କରି ହୋହାଲ୍ଲା କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝା ସୁଝା କରିବା ପରେ ଘଟଣା ଶାନ୍ତ ପଡ଼ିଥିଲା। ଅନ୍ୟପଟେ ଘଟଣାକୁ ନେଇ ଆହତ ଯୁବକଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତକାଲି ରାତିରେ ଆହତ ଯୁବକ ଓ ସେମାନଙ୍କ ସାଙ୍ଗମାନେ ମେଳଣ ପଡ଼ିଆରେ ବୁଲୁଥିଲେ। ଏହି ସମୟରେ ଗାଁର ତପୁ ଓ ତାର ସହଯୋଗୀ ଲକି ମହାନ୍ତି, ରୁଦ୍ର ନାରାୟଣ ମହାପାତ୍ର ପ୍ରମୁଖ ମିଶି ସେମାନଙ୍କୁ ଅଟକାଇ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେମାନେ ବିରୋଧ କରିବାରୁ ହଠାତ୍ ସେମାନଙ୍କ ଉପରକୁ ଦୁଇଟି ବୋମା ଫିଙ୍ଗିଥିଲେ। ଏଥିରେ ୩ଜଣ ଆହତ ହୋଇଥିଲେ। ଚିତ୍କାର କରିବାରୁ ସେମାନେ ଧମକ ଦେଇ ଦୌଡ଼ି ପଳାଇଥିଲେ ବୋଲି ଅଭିଯୋଗ ହୋଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଥାଉକି, ପୂର୍ବରୁ ବନ୍ଧୁକ ବେପାର କରିବା ଅଭିଯୋଗରେ ତପୁକୁ ପୁଲିସ ଗିରଫ କରିଥିଲା। ସେହିପରି ତା ନାଁରେ ପୂର୍ବରୁ ମଧ ଅନେକ ଅପରାଧିକ ମାମଲା ରହିଥିବା ପୁଲିସ ସୂତ୍ରରୁ ଜଣା ଯାଇଛି।

ମହିଳାଙ୍କ ଅନ୍ତରଙ୍ଗ ଭିଡିଓ ଭାଇରାଲ କରି ଅଭିଯୁକ୍ତ ଗିରଫ


ବାଲୁଗାଁ, ୭।୩(ସମିସ) : ବାଲୁଗାଁ ଥାନା ଅଞ୍ଚଳର ଜନୈକା ମହିଳା ତଥା ସମ୍ପର୍କୀୟା ଶାଳୀଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିବା ଅଭିଯୋଗରେ ବାଲୁଗାଁ ପୁଲିସ ସମ୍ପୃକ୍ତ ଅଭିଯୁକ୍ତ ଭିଣୋଇକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲ୍ଲା ବେଗୁନିଆପଡା ଥାନା ଅନ୍ତର୍ଗତ ଗୁରୁଝରି ଗ୍ରାମର ଧନୁ ଜେନା। ଅଭିଯୋଗ ମୁତାବକ, ଧନୁ ବାଲୁଗାଁ ଅଞ୍ଚଳରେ ରହି ବ୍ୟବସାୟ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତଥା ସମ୍ପର୍କୀୟା ଶାଳୀକୁ ନିଜ ପ୍ରେମ ଜାଲରେ ଫସାଇ ଅନୈତିକ ସମ୍ପର୍କ ରଖିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ ଓ ଭିଡିଓକୁ ନିଜ ମୋବାଇଲରେ ଉତ୍ତୋଳନ କରି ରଖିଥିଲେ। ତେବେ ଧନୁ ପରବର୍ତ୍ତୀ ସମୟରେ ସୁରଟ ପଳାଇଯିବା ପରେ ସେଠାରେ ଉତ୍ତୋଳନ କରି ରଖିଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ସବୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରି ଦେଇଥିଲେ। ଭାଇରାଲ ହେବା ସମ୍ପର୍କରେ ଜାଣିବା ପରେ ମହିଳା ଜଣକ ଗତ ଜାନୁୟାରୀ ୨୧ ତାରିଖରେ ବାଲୁଗାଁ ଥାନାରେ ଏନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ୩୫/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। କିଛିଦିନ ପୂର୍ବେ ଅଭିଯୁକ୍ତ ଧନୁ ନିଜ ଗ୍ରାମକୁ ଆସିଥିବାର ଖବର ପାଇ ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡାଙ୍କ ନେତୃତ୍ୱରେ ଏକ ଟିମ ଚଢ଼ାଉ କରି ବେଗୁନିଆପଡା ଅଞ୍ଚଳରୁ ଅଭିଯୁକ୍ତ ଧନୁକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ପୁଲିସ କହିଛି।

■ ବିନା ପ୍ରମାଣପତ୍ରରେ ଚକ୍ଷୁ ପରୀକ୍ଷା ସଚେତନତା ଶିବିର

ଧରାପଡ଼ିବା ପରେ ଅଧାରୁ ବନ୍ଦ

ଟାଙ୍ଗୀ, ୭।୩ (ସମିସ): ଶୃଙ୍ଖଳାଗତ ପଦକ୍ଷେପ ଅଭାବ, ସରଳତାର ସୁଯୋଗ ନେଇ ବିଭିନ୍ନ ଅନୁଷ୍ଠାନ ନିରୀହ ଜନସାଧାରଣଙ୍କୁ ଲୋଭ ଦେଖାଇ ପରେ ଆର୍ଥୀକ ଶୋଷଣ କରୁଥିବା ଏବେ ଗ୍ରାମାଞ୍ଚଳରେ ନିତିଦିନିଆ ଘଟଣା ହେଲାଣି। ଏଭଳି ଏକ ଘଟଣା ଆଜି ଟାଙ୍ଗୀ ଥାନା ଅଧୀନସ୍ଥ ଚଣ୍ଡେଶ୍ୱରରେ ଦେଖିବାକୁ ମିଳିଛି। ତେବେ ବିନା ନିର୍ଦ୍ଦେଶନାମା ରେ ଏହି କାର୍ଯ୍ୟ କରାଯାଉଥିବା ଚଣ୍ଡେଶ୍ୱର ପଞ୍ଚାୟତ ସରପଞ୍ଚ କୌଣସି ସୂତ୍ରରୁ ଜାଣିବା ପରେ ଏହି କାର୍ଯ୍ୟକ୍ରମକୁ ବନ୍ଦ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ କଟକ ର ଭିଜନ କେୟାର ସେଣ୍ଟର ଅରବାନ ହସପିଟାଲ ଘରୋଇ ଚକ୍ଷୁ ଚିକିତ୍ସାଳୟ ଆଜି ଚଣ୍ଡେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାଗଣା ଚକ୍ଷୁ ପରୀକ୍ଷା, ବ୍ଲଡ ପ୍ରେସର, ଡାଇବେଟିସ, ମାଗଣାରେ ଚଷମା, ବିନା କଟାକଟି, ବିନା ଇଂଜେକସନ ରେ ଚକ୍ଷୁ ଅସ୍ତ୍ରୋପଚାର, ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାରରେ ସେବା ଯୋଗାଇ ଦେବା ସହ ଚିଲିକା ପଞ୍ଚାୟତ ସମିତି ଅଧକ୍ଷ ଓ ଚଣ୍ଡେଶ୍ୱର ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟଙ୍କ ଦ୍ୱାରା ମାଗଣାରେ ଚଷମା ଯୋଗାଇ ଦିଆଯିବ ବୋଲି ଡାକବାଜି ଯନ୍ତ୍ରରେ ପ୍ରଚାର ପରେ ଆଜି ଏହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ସାଙ୍ଗରେ ମୋବାଇଲ ନମ୍ବର ଓ ଆଧାର କାର୍ଡ ଆଣିବାକୁ ପରାମର୍ଶ ଦିଆଯାଇଥିଲା। ନିର୍ବାଚିତ ଲୋକପ୍ରତିନିଧି ଙ୍କୁ ଚକମା ଦେଖାଇ ମାଗଣାରେ ଚଷମା ଯୋଗାଇ ପରେ ବିଭିନ୍ନ ଆଳ ଦେଖାଇ ଆର୍ଥିକ ଶୋଷଣ କରାଯାଉଥିବା ତଥା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ବିନା ନିର୍ଦ୍ଦେଶରେ କରାଯାଉଥିବା ସନ୍ଦେହ ପ୍ରକଟ କରି ଚଣ୍ଡେଶ୍ୱର ସରପଞ୍ଚ ସଂପୃକ୍ତ ଶିବିର ପରିଚାଳକଙ୍କୁ ପଚାରିବାରେ କୌଣସି ନିର୍ଦ୍ଦେଶନାମା ନ ଥିବା ଜଣା ପଡିଥିଲା। ଫଳରେ ଏହି ଶିବିର ବନ୍ଦ କରାଯାଇଥିଲା।

ବାଣପୁର ଏନ୍‌ଏସିର ସୁବର୍ଣ୍ଣ ଜୟନ୍ତୀ ସମାରୋହ



ବାଣପୁର,୭।୩(ସମିସ): ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର୍ ସୁବର୍ଣ୍ଣ ଜୟନ୍ତୀ ସମାରୋହ ବାଣପୁରର ଐତିହାସିକ ପାଲଟନ ପଡିଆରେ ମହାଆଡମ୍ବର ସହ ପାଳିତ ହେଉଛି। ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଶନିବାର ପ୍ରଥମ ଦିବସରେ ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧକ୍ଷା ଜ୍ୟୋତ୍ସ୍ନା ବେହେରା, ବାଣପୁର ଏନଏସି ଉପାଧକ୍ଷା ପ୍ରାଚୀପ୍ରଭା ସ୍ୱାଇଁ, କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତିରଞ୍ଜନ ସାହୁଙ୍କ ସମେତ ସମସ୍ତ କାଉନସିଲର ମାନେ ଯୋଗଦେଇ ବାଣପୁରର ଗୌରବମୟ ଇତିହାସ ର ସ୍ମୃତି ଚାରଣ କରି ବାଣପୁର ବିଜ୍ଞାପିତ ଅଂଚଳ ପରିଷଦର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଅତିଥି ମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ ହେବା ସହିତ ସୁବର୍ଣ୍ଣ ଜୟନ୍ତୀ ଉଦ୍ୟାନର ଭିତ୍ତିପ୍ରସ୍ତର ସ୍ଥାପନ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ଆଦର୍ଶ ଶ୍ମଶାନ ଉଦଘାଟନ ସହିତ ପଲଟଣ ପଡିଆ ସ୍ଥିତ ସହିଦ କୃତିବାସ ପାଟଶାଣୀଙ୍କ ଅଶ୍ୱାରୋହଣ ପ୍ରତିମୂର୍ତ୍ତିର ଅନାବରଣ କରାଯାଇଥିଲା। ଏହି ଅବସରରେ ଅଞ୍ଚଳର ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିବା ବେଳେ ମନ୍ତ୍ରୀ ହରିଚନ୍ଦନଙ୍କ ଦ୍ୱାରା ଦିଆ ଯାଇଥିବା ପ୍ରସ୍ତାବ ବାଣପୁର ଏବଂ ବାଲୁଗାଁ ବିଜ୍ଞାପିତ ଅଂଚଳର ମିଶ୍ରଣ କରି ନୂତନ ମ୍ୟୁନିସିପାଲିଟି ଗଠନ ପ୍ରକ୍ରିୟାକୁ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ବିଚାରକୁ ନେଇ ପ୍ରକ୍ରିୟା ଆରମ୍ଭ କରିଥିବା ପ୍ରତିଶୃତି ଦେଇଥିଲେ। ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ଆରମ୍ଭ ହୋଇ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲିଥିବା ବେଳେ ବହୁ ସଂଖ୍ୟକ ଦର୍ଶକ ସମାଗମ ହୋଇ ଉପଭୋଗ କରିଥିଲେ।

ବାଣପୁରର ଐତିହାସିକ ପଞ୍ଚୁଦୋଳ ଯାତ୍ରା

ଦେବଦେବୀଙ୍କ ଅପେକ୍ଷାରେ ସୁସଜ୍ଜିତ ପଲଟଣ ପଡ଼ିଆ

ବାଣପୁର, ୭।୩(ସମିସ) : ବାଣପୁର ଐତିହାସିକ ପଞ୍ଚୁଦୋଳ ଯାତ୍ରା ପଲଟଣ ପଡିଆରେ ପ୍ରତିବର୍ଷ ପରି ଚଳିତ ବର୍ଷ ମହାଆଡମ୍ବର ସହ ଅନୁଷ୍ଠିତ ହେବାକୁ ଯାଉଛି। ୮ ତାରିଖ ରବିବାର ରାତ୍ରରେ ଦେବଦେବୀଙ୍କ ପଞ୍ଚୁଦୋଳ ଯାତ୍ରାକୁ ଆଗମନ କରିବାକୁ ଥିବା ବେଳେ ୯ ତାରିଖ ସୋମବାର ଅପରାହ୍ନରେ ଦେବା ଦେବୀଙ୍କ ମହାମେଳଣ ଉତ୍ସବ ଅନୁଷ୍ଠିତ ହେବ। ସେଥି ନିମନ୍ତେ ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ବହୁ ଦୋକାନ ବଜାର ପସରା ପଡିଥିବା ଦେଖିବାକୁ ମିଳୁଛି। ପଡିଆ ସ୍ଥିତ ସମସ୍ତ ଦୋଳ ବେଦୀ ମାନ ଝୋଟି ଚିତାରେ ସଜେଇ ହୋଇ ଦେବାଦେବୀ ମାନଙ୍କ ଅପେକ୍ଷାରେ ଥିବା ବେଳେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଜନସମାଗମ ପାଇଁ ରଙ୍ଗବେରଙ୍ଗ ଆଲୋକ ମାଳାରେ ଝଲସି ଉଠୁଛି ପଡିଆ। ଏଥିଲାଗି ଅଞ୍ଚଳର ଗାଁ ଗଣ୍ଡା ପୁରପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ଘରେ ଘରେ ବନ୍ଧୁ ବାନ୍ଧବ ମାନଙ୍କ ଭିଡ ଲାଗିଛି। ସମସ୍ତ ଦେବା ଦେବୀଙ୍କୁ ନିମନ୍ତ୍ରଣ କରି ସ୍ଥାନାଧିପତି ଶ୍ରୀ ଚରଣ ଚକାଦେବ ଅପେକ୍ଷାରତ। ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀ ଖଣ୍ଡୁଆ ପାଟ ପତନୀରେ ବନ ଦୁର୍ଗା ବେଶରେ ଏବଂ ଦେବ ଦେବ ମହାଦେବ ଶ୍ରୀ ଉମାମହେଶ୍ୱର ଦେବ ଆଲୋକମାଳାରେ ସୁସଜ୍ଜିତ ବିମାନରେ ସଂଧ୍ୟାରେ ମନ୍ଦିରରୁ ବାହାରି ପଡିଆ ଅଭିମୁଖେ ଯାତ୍ରା କରିବେ। ବିଭିନ୍ନ ଗ୍ରାମର ରଂଗ ବେରଙ୍ଗର ଆଲୋକମାଳା ଓ ଫୁଲମାଳରେ ସଜେଇ ହୋଇ ଦୋଳ ବିମାନ, ଗରୁଡ଼, ହନୁମାନ ଓ ସିଂହ ଆଦି ଦୋଳନ ବିମାନ ସହିତ ଯୋଡି ଶଙ୍ଖ, ଘଣ୍ଟ ବାଦ୍ୟ,



ବଡ଼ ଢୋଲ, ମହୁରୀ, ସଂକୀର୍ତ୍ତନ, ପାଇକ ଆଖଡ଼ା, ଢୋଲ, ଚାଙ୍ଗୁ, ବାଘ, ଘୋଡ଼ା, ଶଣ୍ଢ, କେଳା କେଲୁଣୀ ଓ ରଜାରାଣୀ ଆଦି ନୃତ୍ୟ ସବୁ ବିରାଟ ପାଟ ପଟୁଆର ସହ ଦେବା ଦେବୀ ମାନେ ସୁସଜ୍ଜିତ ବିମାନରେ ବିରାଜମାନ ହୋଇ ମାହେନ୍ଦ୍ର ବେଳାରେ ପଡିଆକୁ ବିଜେ କରିବା ପାଇଁ ପ୍ରସ୍ତୁତ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଦୂର ଦୂରାନ୍ତରୁ ଆସି ରାସ୍ତାଘାଟରେ ବେଲୁନ୍ ପେଁକାଳି ଆଦି ପସରା ପକାଇଥିବା ବେଳେ। ଝିଅ ଶାଶୁ ଘରକୁ ଦେବା ପାଇଁ କାଠ ପଥର, କୁଲା ବାଉଁଶିଆ, କଂସା ବାସନ, ଲୁହା ଲହୁରୁଣି, ଛାଞ୍ଚୁଣି, ପହଁରା, ମନୋହରୀର ମନଲୋଭା ରଂଗ ବେରଙ୍ଗର ପସରା ଏବଂ ଛୋଟ ପିଲା ମାନଙ୍କ ପାଇଁ ଭଳିକି ଭଳି କଣ୍ଢେଇ, ଚକ୍ର ଦୋଳି, ଯାଦୁ ଖେଳ ସାଙ୍ଗକୁ ମଥୁରା କେକ୍ ଠାରୁ ଆରମ୍ଭ କରି କଟକର ଠୁଙ୍କାପରି, ଦହିବରା ଆଳୁ ଦମ୍, ଦୋସା ସାମ୍ବର, ପକଡ଼ି, ଆଳୁଚପ, ଗୁପଚୁପ, ଆଇସକ୍ରିମ୍, ଫାଷ୍ଟ ଫୁଡ୍ ଓ ସାଲେପୁର ରସଗୋଲା ଆଦି ବିଭିନ୍ନ ଦୋକାନ ବଜାର ପସରା ମେଲି ମହା ଆଡମ୍ଭର ସହକାରେ ଏହି ପଞ୍ଚୁଦୋଳ ଯାତ୍ରା ଅନୁଷ୍ଠିତ ହେଉଛି। ରବିବାର ସଂଧାରେ ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ତୁଳସୀ ସନ୍ଧ୍ୟାର ଆସର ତଥା ଦୂର ଦୂରାନ୍ତରୁ ଆସିଥିବା ସ୍ୱନାମଧନ୍ୟ କଳାକାର ମନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ ଝୁମିବେ ଦର୍ଶକ। ବିଳମ୍ବିତ ରାତ୍ରି ତଥା ରାତି ୧୨ଘଣ୍ଟା ୧୫ ମିନିଟ୍ ମାହେନ୍ଦ୍ର ବେଳାରେ ବିଭିନ୍ନ ଗ୍ରାମର ୧୬୦ ରୁ ଊର୍ଦ୍ଧ୍ୱ ଦେବଦେବୀ ମାନେ ୭୮ ଗୋଟି ସୁସଜ୍ଜିତ ବିମାନରେ ବିରାଜମାନ ହୋଇ ନାନା ରଂଗର ଆଲୋକମାଳା ଓ ବିରାଟ ପାଟ ପଟୁଆର ଶୋଭାଯାତ୍ରା ରେ ଆସି ମେଳଣ ପଡିଆକୁ ଆଗମନ କରିବା ପରେ ପୂର୍ବ ନିର୍ଦ୍ଧାରିତ ଅପେକ୍ଷାରତ ସୁସଜ୍ଜିତ ଦୋଳ ବେଦୀ ମାନଙ୍କରେ ବିରାଜମାନ ହେବେ। ଚଳିତ ବର୍ଷ ପ୍ରବଳ ଜନସମାଗମକୁ ନଜରରେ ରଖି ଯାତ୍ରା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇ ଥିବା ବେଳେ ଶାନ୍ତି ଶୃଙ୍ଖଳା ନିମନ୍ତେ ବ୍ୟାପକ ପୁଲିସ ମୁତୟନ କରାଯାଇଛି।

ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ, ୭।୩ (ସମିସ): ବେଗୁନିଆ ବ୍ଲକ ରାଧାକାନ୍ତ ପୁର ପଞ୍ଚାୟତ ଅନ୍ତର୍ଗତ ଧାନଘରନୂଆଗାଁର ଆରାଧ ଦେବତା ବାବା ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଷଡବିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏଥିରେ ବରିଷ୍ଠ ଯାଜ୍ଞିକ ବ୍ରାହ୍ମଣ ଚିନ୍ତାମଣି ଦାଶ ଶର୍ମାଙ୍କ ତତ୍ତ୍ୱାବଧାନରେ କର୍ତ୍ତା ଭାବେ ରବୀନ୍ଦ୍ର ନାଥ ମହାପାତ୍ର ଓ ପତ୍ନୀ ସାବିତ୍ରୀ ଉପବେସନ କରିଥିଲେ। ପରେ ବୈଦିକ ରୀତିନୀତି ଅନୁଯାଇ ଅଙ୍କୁରାରୋପଣ ସହ କଳସ ଶୋଭାଯାତ୍ରା ଭକ୍ତି ଓ ଭାବମୟ ପରିବେଶରେ ଗ୍ରାମ୍ୟ ପରିକ୍ରମା କରାଯାଇ ମନ୍ଦିର ପରିସରରେ ପହଁଚି ସ୍ଥାପନ ହୋଇଥିଲା। ପରେ ତୀର୍ଥାବାହନ, ମଣ୍ଡଳକରଣ, ଅଗ୍ନିସ୍ଥାପନ, ଆହୁତି ପ୍ରଦାନ କରାଯାଇ ଥିଲା। ଆସନ୍ତାକାଲି ସୂର୍ଯ୍ୟପୂଜା, ଗୋପୂଜା ଉପଚାର ପୂଜା ଓ ଆହୁତି ପ୍ରଦାନ ସହ ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

୩୦ ଫୁଟରୁ ତଳକୁ ଖସିପଡ଼ି ଶ୍ରମିକ ମୃତ

ବେଗୁନିଆ, ୭।୩(ସମିସ): ବାଘମାରିଥାନାଅନ୍ତର୍ଗତସାରୁଅଶିଳ୍ପାଞ୍ଚଳପରିସରରେଥିବାସ୍ୱାଇଁଆଲୁମିନିୟମ କାରଖାନାରେ ଆଜବେଷ୍ଟସ କାର୍ଯ୍ୟ ଚାଲୁଥିବା ବେଳେ ଜଣେ ଶ୍ରମିକ ୩୦ ଫୁଟ ଉଚ୍ଚରୁ ଖସି ପଡ଼ିଥିଲେ। ତୁରନ୍ତ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱରରେ ସ୍ଥିତ ବେସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ସେ ମୃତ୍ୟୁବରଣ କରିଥିବା ବେଳେ ବାଘମାରି ଥାନା ପୁଲିସ ଘଟଣା ସ୍ଥଳରେ ପହଁଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେଲା ବେଳକୁ କୌଣସି ଅଭିଯୋଗ ହୋଇ ନ ଥିବାରୁ ମୃତକଙ୍କ ପରିଚୟ ମିଳି ପାରି ନାହିଁ।

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ସହ-ନିର୍ଦ୍ଦେଶକଙ୍କ ବିୟୋଗ



ଚିଲିକା, ୭ ।୩ (ସମିସ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଶାଖାର ପ୍ରାକ୍ତନ୍ ସହ-ନିର୍ଦ୍ଦେଶକ ପ୍ରଦୀପ କୁମାର ରଥଙ୍କ ଭୁବନେଶ୍ୱରସ୍ଥିତ ଏମ୍ସ ହସପିଟାଲ ଠାରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇ ଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା। ପୂର୍ବରୁ ସେ ଯକୃତ କର୍କଟ ରୋଗରେ ପୀଡ଼ିତ ଥିବା ବେଳେ ହଠାତ୍ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ କଲ୍ୟାଣୀ ହୋତା, ଦୁଇକନ୍ୟା, ଜାମାତା ଓ ଆତ୍ମିୟସୋଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କ ଶବ ସତ୍କାର କରାଯାଇଥିଲା। କନିଷ୍ଠ ଭ୍ରାତା କୃଷ୍ଣମୋହନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଚିଲିକାର ପୂର୍ବତନ ବିଧାୟକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ, ନାଚୁଣୀ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମନ୍ତସିଂହାର, ନୀଳକଣ୍ଠ ହାଇସ୍କୁଲର ପ୍ରତିଷ୍ଠାତା ଡାକ୍ତର ମଧୁସୂଦନ ସେନାପତି, ନାଲ୍‌କୋର ପ୍ରାକ୍ତନ ସିନିଅର ମ୍ୟାନେଜର ହାଡିବନ୍ଧୁ ସାମନ୍ତରାୟ ଓ ଚିଲିକା ପୂଜ୍ୟ ପୂଜା ସଂସଦର ସଭାପତି ଦିଲ୍ଲୀପ କୁମାର ଶତପଥୀ ଓ ସାମ୍ବାଦିକ ନରେନ୍ଦ୍ର କୁମାର ପଲାଇ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

● ଟାଙ୍ଗୀ କପ୍ ସର୍ବଭାରତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ହରିୟାଣା ଚାମ୍ପିଅନ, କର୍ଣ୍ଣାଟକ ରନର୍ସଅପ୍



ଟାଙ୍ଗୀ, ୭।୩(ସମିସ): ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ଟାଙ୍ଗୀ କପ୍ ଅଲ୍ ଇଣ୍ଡିଆ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୬ର ଫାଇନାଲ୍ ମ୍ୟାଚ୍ ଅତ୍ୟନ୍ତ ରୋମାଞ୍ଚକର ହୋଇଥିଲା । ଫାଇନାଲ୍ ମ୍ୟାଚରେ ହରିୟାଣା ଦଳ ୨୧ ସେଟ୍ ରେ କର୍ଣ୍ଣାଟକ ଦଳକୁ ପରାଜିତ କରି ଚାମ୍ପିଅନ୍ ହୋଇଛି। ଚାମ୍ପିଅନ୍ ହରିୟାଣା ଦଳକୁ ୫୦,୦୦୦ ଟଙ୍କା ନଗଦ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା ଓ ରନର୍ସଅପ୍ କର୍ଣ୍ଣାଟକ ଦଳକୁ ୩୦,୦୦୦ ଟଙ୍କା ନଗଦ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ମଧ ଅତିଥି ଭାବେ ଯୋଗଦେଇ ବିଜେତା ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାଚ୍‌ଗୁଡିକୁ ରେଫେରି ତ୍ରିଲୋଚନ ଦାସ ଓ ଶ୍ରୀକାନ୍ତ ନାୟକ ସଫଳତାର ସହ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟର ଶେଷରେ ଟାଙ୍ଗୀ ଭଲିବଲ୍ ଆସୋସିଏସନ୍ ର ସଭାପତି ଚିନ୍ମୟ ପୃଷ୍ଟି ସମସ୍ତ ଅତିଥି, ଖେଳାଳି ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏପରି ଜାତୀୟ ସ୍ତରର ଭଲିବଲ ଟୁର୍ଣ୍ଣାମେଣ୍ଟ ଟାଙ୍ଗୀ ଅଞ୍ଚଳରେ ଅନୁଷ୍ଠିତ ହୋଇଥିବାରୁ ଶହସ୍ରାଧିକ ଦର୍ଶକ ଙ୍କୁ ସଭାପତି ଶ୍ରୀ ପୃଷ୍ଟି ମଧ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ରାଜ୍ୟର ଦଳମାନେ ଅଂଶଗ୍ରହଣ କରି ଉଚ୍ଚ ମାନଙ୍କର ଖେଳ ପ୍ରଦର୍ଶନ କରିଥିଲେ। ସହଯୋଗ କରିଥିଲେ ସୌଭାଗ୍ୟ ଛୋଟରାୟ ଓ ସିବୁ।

ନିରାକାରପୁର ଗଳିକନ୍ଦିରେ ମାଙ୍କଡ଼ଙ୍କ ଉପଦ୍ରବ

ଆତଙ୍କିତ ଜନସାଧାରଣ, ପ୍ରଶାସନିକ ପଦକ୍ଷେପ ଦାବି

ନିରାକାରପୁର, ୭।୩ (ସମିସ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ଏବେ ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଗାଁର ମୁଖ୍ୟ ରାସ୍ତା ଠାରୁ ଆରମ୍ଭ କରି ଗଳିକନ୍ଦି ପର୍ଯ୍ୟନ୍ତ ସବୁଠି ମାଙ୍କଡ଼ଙ୍କ ରାଜ୍ ଚାଲିଥିବା ବେଳେ ସ୍ଥାନୀୟ ଲୋକେ ଏବେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ଗତ କିଛି ଦିନ ହେବ ମାଙ୍କଡ଼ମାନେ ଅଧିକ ହିଂସ୍ର ହେବାରେ ଲାଗିଛନ୍ତି। ଘରୁ ବାହାରକୁ ବାହାରିଲେ ମାଙ୍କଡ଼ମାନେ ଗୋଡ଼ାଇ ଗୋଡ଼ାଇ କାମୁଡ଼ିବା ସହ ଲୋକଙ୍କୁ ଖଣ୍ଡିଆ ଖାବରା କରିପକାଉଛନ୍ତି। ବିଶେଷ କରି ଛୋଟ ପିଲା ଓ ବୃଦ୍ଧବୃଦ୍ଧାମାନେ ଏମାନଙ୍କର ସହଜ ଶିକାର ହେଉଛନ୍ତି। ଲୋକଙ୍କ ଘର ଭିତରକୁ ପଶି ଖାଦ୍ୟ ସାମଗ୍ରୀ ନଷ୍ଟ କରିବା ସହ ଆସବାବପତ୍ର ମଧ ଭାଙ୍ଗି ଦେଉଥିବା ଅଭିଯୋଗ ହୋଇଛି। ଏହି ଉପଦ୍ରବ ଯୋଗୁଁ ବିଦ୍ୟାଳୟ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀମାନେ ସବୁଠାରୁ ବେଶୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହାତରେ ବହି ବସ୍ତାନି କିମ୍ବା ଟିଫିନ ବ୍ୟାଗ୍ ଦେଖିଲେ



ମାଙ୍କଡ଼ମାନେ ଆକ୍ରମଣ କରୁଥିବାରୁ ପିଲାମାନେ ଏକୁଟିଆ ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ଅଭିଭାବକମାନେ ବାଧ ହୋଇ ପିଲାଙ୍କୁ ଛାଡ଼ିବାକୁ ଯାଉଛନ୍ତି। ସେହିପରି ବଜାରକୁ ଯାଉଥିବା ପଥଚାରୀମାନେ ମଧ ହାତରେ ବାଡ଼ି ନ ଧରି ଗଳିକନ୍ଦିରେ ଯାତାୟାତ କରିପାରୁ ନାହାନ୍ତି। ପ୍ରାତଃ ଭ୍ରମଣ କରୁଥିବା ବ୍ୟକ୍ତିମାନେ ବହୁ ଅସୁବିଧା ଓ ଭୟରେ ଯାତାୟାତ କରୁଛନ୍ତି। ମାଙ୍କଡ଼ଙ୍କ ଏଭଳି ଉପଦ୍ରବକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ବନ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନଥିବା ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ବନ ବିଭାଗ ପକ୍ଷରୁ ମାଙ୍କଡ଼ ଧରାଳି ଦଳ ପଠାଯାଇ ସେମାନଙ୍କୁ ଜନବସତିରୁ ଦୂରେଇ ନିଆଯାଉ। ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ସରକାରୀ ସ୍ତରରେ ଚିକିତ୍ସା ସହାୟତା ପ୍ରଦାନ କରାଯାଉ। ବିଦ୍ୟାଳୟ ପରିସର ଓ ଗଳିକନ୍ଦିରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଉ ବୋଲି ଦାବି କରାଯାଉଛି। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ କରାନଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜପଥ ଅବରୋଧ ଭଳି ଚରମ ପଦକ୍ଷେପ ନେବାକୁ ଚେତାବନୀ ଦେଇଛନ୍ତି।

ଏମାନେ କୁହନ୍ତି...



ବନବିଭାଗ ଅଫିସରମାନଙ୍କୁ ଅନୁରୋଧ ଆମ ଅଞ୍ଚଳର ସୁରକ୍ଷା ଦୃଷ୍ଟିରୁ ହନୁମାଙ୍କଡ ଏବଂ ପତି ମାଙ୍କଡମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉ। କାରଣ ମାଙ୍କଡମାନଙ୍କ ଆକ୍ରମଣରେ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଅଭିଭାବକ ମାନେ ସ୍କୁଲ କଲେଜ ଏବଂ ଟ୍ୟୁସନ ଏକାକୀ ଛାଡ଼ିବାକୁ ଭୟ କରୁଛନ୍ତି। ସକାଳୁ ଆଉ ସନ୍ଧ୍ୟାରେ ମନ୍ଦିର ଯିବାକୁ ବୟସ୍କ ଲୋକମାନେ ଭୟ କରୁଛନ୍ତି। ଏବେ କିଛିଦିନ ହେଲା ମାଙ୍କଡ ମାନଙ୍କର ଆକ୍ରମଣ ରେ ବହୁତ୍ ଲୋକ ଶିକାର ହେଲେଣି।

-ବଳରାମ ବାରିକ, ଯୁବ ବ୍ୟବସାୟୀ



ସକାଳ ପାଇଲେ ଦୋକାନରେ ପଶି ମାଙ୍କଡ଼ ପନିପରିବା, ଫଳମୂଳ ଖାଇ ନଷ୍ଟ କରୁଛନ୍ତି। ସେମାନେ ଦଳ ଦଳ ହୋଇ ଏବେ ଦୋକାନ ପାଖ ଛାଡ଼ି ଯାଉନଥିବାରୁ ଆମକୁ ଚିନ୍ତା ହୋଇଗଲାଣି।

-ବିଜୟ କୁମାର ସେନାପତି



ନିରାକାରପୁର ଅଞ୍ଚଳରେ ଏବେ ମାଙ୍କଡଙ୍କ ଉତ୍ପାତ ବଢ଼ି ଚାଲିଛି। ଲୋକଙ୍କ ଘରେ ପଶି ଖାଦ୍ୟ ଖାଇବା ସହିତ ଡିଆଁ ଡେଇଁ କରି ଗଛପତ୍ର ଭାଙ୍ଗୁଛନ୍ତି। ତା ସଂଗେ ସଂଗେ ଗୋଡେଇ ଆସି କାମୁଡି ଦେଉଛନ୍ତି। ଏହି ଅଞ୍ଚଳରେ ପ୍ରାୟ ୨୦ରୁ ଅଧିକ ବ୍ୟକ୍ତିଙ୍କୁ ମାଙ୍କଡ କାମୁଡି ଥିବାର ଦେଖାଦେଇଛି। ତୁରନ୍ତ ବିଭାଗୀୟ ଅଧିକାରୀ ପଦକ୍ଷେପ ଗ୍ରହଣ କରି ମାଙ୍କଡଙ୍କୁ ସ୍ଥାନାନ୍ତରିତ କରିବା ଆବଶ୍ୟକ ହୋଇପଡ଼ିଛି।

-ସ୍ୱାଗତିକା ପାହାଡସିଂହ, ସାମ୍ବାଦିକା




ଆଗରୁ ଏ ସମ୍ପର୍କରେ ଖବର ପାଇ କାମୁଡି ଥିବା ମାଙ୍କଡକୁ ଟ୍ରାଙ୍କୁଲାଇଜର କରିବା ପାଇଁ ବନ କର୍ମଚାରୀ ଯାଇଥିଲେ ବି ମାଙ୍କଡକୁ ପାଇ ନ ଥିଲେ। ଏବେ ମାଙ୍କଡଙ୍କ ଉପଦ୍ରବ ଅଭିଯୋଗ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ କୌଣସି ବ୍ୟବସ୍ଥା କରିବାକୁ ଉଦ୍ୟମ କରିବୁ।

-ଦେବାଶିଷ ଭୋଇ, ଏସିଏଫ୍ ତଥା ରେଞ୍ଜର, ଟାଙ୍ଗୀ

୭/୩/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୭,୦୯,୮୭୯/- ସୁନା:୨୧.୦୦୦ ଗ୍ରାମ୍ ରୁପା: ୨୯.୦୦୦ ଗ୍ରାମ୍





ଚାଲିଛି କଇଁଛଙ୍କ ପ୍ରଜନନ ଋତୁ

ବେଳାଭୂମିରେ ପ୍ରି ୱେଡିଂ ଶୁଟ୍; ବନ ବିଭାଗ ଚୁପ୍




ପୁରୀ,୭।୩(ସମିସ): ବର୍ତ୍ତମାନ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ପ୍ରଜନନ ଋତୁ ଚାଲିଛି। ଏମାନଙ୍କ ଅଣ୍ଡାଦାନ ଏବଂ ପ୍ରଜନନ ପାଇଁ ମାଛଧରା ଉପରେ କଟକଣା ଲଗାଯାଇଛି। କିନ୍ତୁ ସମୁଦ୍ର କୂଳରେ ଚାଲିଛି ପ୍ରି ୱେଡିଂ ଶୁଟ୍। ଏହା ଉପରେ କାହାର ଅଙ୍କୁଶ ନାହିଁ। ବେଲେଶ୍ୱର ବେଳାଭୂମି, କୁଶଭଦ୍ରା ବ୍ରିଜ୍ ନିକଟ, ରାମଚଣ୍ଡୀ, ଚନ୍ଦ୍ରଭାଗା ଆଦି ବିଭିନ୍ନ ଜାଗାରେ ଏମିତି ଦୃଶ୍ୟ ଦେଖିବାକୁ ମିଳୁଛି। ହେଲେ ଏ ଦିଗରେ ବନ ବିଭାଗ ନିରବ ରହିବା ପ୍ରକୃତିପ୍ରେମୀଙ୍କୁ ବ୍ୟଥିତ କରିଛି। ଓଡ଼ିଶା ଉପକୂଳକୁ ସୁରକ୍ଷିତ ମନେ କରି ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ମାଇଲ୍ ମାଇଲ୍ ଜଳପଥ ଅତିକ୍ରମ କରି ଅଲିଭ୍‌ରିଡ୍‌ଲେ କଇଁଛ ଅଣ୍ଡାଦାନ ଏବଂ ପ୍ରଜନନ ପାଇଁ ଆସିଥା'ନ୍ତି। ତେଣୁ ଏମାନଙ୍କ ସୁରକ୍ଷା ପାଇଁ ସମୁଦ୍ରରେ ମାଛ ମାରିବା ଉପରେ କଟକଣା ଲଗାଯାଇଛି। ଅଲିଭରିଡ୍‌ଲେଙ୍କ ଆଗମନ ଏବଂ ଅଣ୍ଡାଦାନ ଲାଗି ନଭେମ୍ବର ୧ରୁ ମେ' ୩୧ ପର୍ଯ୍ୟନ୍ତ ଏହି କଟକଣା ଅବଧି ରହିଛି। ଏହି ସମୟ ମଧ୍ୟରେ ନିଷିଦ୍ଧାଞ୍ଚଳରେ କୌଣସି ଟ୍ରଲର ମାଛ ମାରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏହି କଟକଣାକୁ ଅନେକ ସମୟରେ ବେଖାତିର୍ କରାଯାଇ ନିଷିଦ୍ଧାଞ୍ଚଳରେ ଟ୍ରଲର ବୁଲୁଥିବାବେଳେ କିଛି ବର୍ଷ ହେବ ପୁରୀ ସମୁଦ୍ର କୂଳରେ ପ୍ରି ୱେଡିଂ ଶୁଟ୍ ଏମାନଙ୍କ ପାଇଁ ବିପଦ ସାଜିଛି।

ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ପୁରୀ ଜିଲ୍ଲାର ବେଲେଶ୍ୱର ବେଳାଭୂମି, ରାମଚଣ୍ଡୀ, ସାହୁଖଣ୍ଡି ଓ ଚନ୍ଦ୍ରଭାଗା ବେଳାଭୂମିରେ ଅଧିକାଂଶ ସମୟରେ ଏଭଳି ପ୍ରି ୱେଡିଂ ଶୁଟ୍ ହେଉଛି। ଦିନରେ କୁଶଭଦ୍ରା ନଦୀ ବ୍ରିଜ୍ ନିକଟରୁ ସମୁଦ୍ର ଆଡ଼କୁ ସୁସଜ୍ଜିତ ଡଙ୍ଗାରେ ଯାଇ ସଂରକ୍ଷିତ ଜଙ୍ଗଲରେ ନିଆଁ ଜାଳି ଡ୍ରୋନ୍ ଶୁଟ୍ କରିଥା'ନ୍ତି। ଏଥିପାଇଁ ଜଙ୍ଗଲୀ ଜୀବଜନ୍ତୁମାନେ ମଧ୍ୟ ଅନେକ ସମୟରେ ପ୍ରଭାବିତ ହେବାର ନଜିର ରହିଛି। ସେହିପରି ସୂର୍ଯ୍ୟାସ୍ତ ସମୟରେ ଡ୍ରୋନ୍ ଉଡ଼ାଇ ଫଟୋ ଶୁଟ୍ କରୁଥିବାବେଳେ ରାତିରେ ଏମାନଙ୍କ ଆସର କଇଁଛଙ୍କ ଅଣ୍ଡାଦାନରେ ବାଧକ ସାଜିଥା'ନ୍ତି। ସାଧାରଣତଃ ରାତିର ପ୍ରଥମ ପ୍ରହରରେ ଅଧିକାଂଶ କଇଁଛ ବେଳାଭୂମିକୁ ଉଠି ଅଣ୍ଡାଦାନ କରିବାକୁ ପସନ୍ଦ କରିଥା'ନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ତ୍ତମାନ ବେଳାଭୂମି ଶାନ୍ତ ରହିବା ଦରକାର। କାରଣ କୌଣସି ପ୍ରକାର ଲାଇଟ୍, ସାଉଣ୍ଡ ହେଲେ କଇଁଛଙ୍କ ପ୍ରଜନନରେ ବାଧା ଉପୁଜିଥାଏ। ହେଲେ ଏ ସବୁକୁ ଅଣଦେଖା କରାଯାଇ ଚାଲୁଛି ପ୍ରି ୱେଡିଂ ଶୁଟ୍। କଟକ, ଭୁବନେଶ୍ୱର ଆଦି ସ୍ଥାନରୁ ପ୍ରି ୱେଡିଂ ଶୁଟ୍‌ର ଦାୟିତ୍ୱ ନେଇଥିବା ସଂସ୍ଥା ପୁରୀ-କୋଣାର୍କ ବେଳାଭୂମିକୁ ସବୁଠୁ ଭଲ ସ୍ଥାନ ବୋଲି ବାଛିଛନ୍ତି। ଶୁଟ୍ ପାଇଁ ତିଆରି ହୋଇଥିବା ଅସ୍ଥାୟୀ ଟେଣ୍ଟ, ସୁସଜ୍ଜିତ ରଙ୍ଗୀନ ଆଲୋକମାଳା ଯୋଗୁଁ କଇଁଛମାନେ ବେଳାଭୂମିକୁ ଆସିବାକୁ ସୁରକ୍ଷିତ ମଣି ନ ଥାନ୍ତି।

ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି, କଇଁଛଙ୍କ ସୁରକ୍ଷା ପାଇଁ ଅନେକ କଟକଣା ଥିବାବେଳେ ବିଭିନ୍ନ ସମୟରେ ବେଳାଭୂମିରେ ପ୍ରି ୱେଡିଂ ଶୁଟ୍ ମାଧ୍ୟମରେ ଏହାକୁ ଉଲ୍ଲଂଘନ କରାଯାଉଛି। ହେଲେ ବନ ବିଭାଗ ପକ୍ଷରୁ ସେମାନଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ବେଲେଶ୍ୱର ବେଳାଭୂମି, ରାମଚଣ୍ଡୀ, ସାହୁଖଣ୍ଡି ଓ ଚନ୍ଦ୍ରଭାଗା ବେଳାଭୂମିରେ ପ୍ରି ୱେଡିଂ ଶୁଟ୍ ବଢ଼ିବାରେ ଲାଗିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନେକ ସମୟରେ ଏମାନେ ଯେଉଁ ଡଙ୍ଗା ବ୍ୟବହାର କରିଥା'ନ୍ତି ସେଥିରେ ଲାଇଫ୍ ଜ୍ୟାକେଟ୍ ନ ଥାଏ। ସେହିପରି ଏଥିରେ ଯାତ୍ରା କରୁଥିବା ବର, ବଧୂ ଏବଂ ଶୁଟ୍ କରୁଥିବା ବ୍ୟକ୍ତି ପହଁରା ଜାଣିଛନ୍ତି କି ନାହିଁ ତାହାର ମଧ୍ୟ କେହି ଖୋଳତାଡ଼ ହେଉନାହିଁ। ତେଣୁ କିଭଳି ସବୁ କଟକଣାକୁ ଉଲ୍ଲଂଘନ କରି ପ୍ରି ୱେଡିଂ ଶୁଟ୍ ଚାଲୁଛି ପ୍ରଶ୍ନ କରିବା ସହ ବନ ବିଭାଗ କାହିଁକି ନିରବଦ୍ରଷ୍ଟା ସାଜୁଛି ବୋଲି ସଞ୍ଜୀବ କହିଛନ୍ତି। ଏ ସମ୍ପର୍କରେ ବାଲୁଖଣ୍ଡ ରେଞ୍ଜରଙ୍କ ପଚାରିବାରେ ବେଳାଭୂମିରେ ପ୍ରି ୱେଡିଂ ଶୁଟ୍‌କୁ ନେଇ ଆମ ପାଖରେ କୌଣସି ଖବର ନାହିଁ। ଯଦି ଏମିତି କେଉଁଠି କଟକଣାକୁ ଉଲ୍ଲଂଘନ କରାଯାଉଛି, ତୁରନ୍ତ ଜଣାଇଲେ ଆମେ ପଦକ୍ଷେପ ନେବୁ ବୋଲି କହିଛନ୍ତି।

୧୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ୩ ଗିରଫ

ପୁରୀ,୭।୩(ସମିସ): ସଦର ଥାନା ପୁଲିସ ୧୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଜଣେ ଫେରାର୍ ହୋଇଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ସୁଜନପୁରର ହରିପ୍ରସାଦ ମହାପାତ୍ର (୩୦), ବ୍ରହ୍ମଗିରି ପଲ୍ଲିର ସଞ୍ଜିତ ସାହୁ (୩୫), ପୁରୀ ସଦର ପିଳିପିଳାର ବିଜୟ ରାଉତ (୨୬)। ସେହିପରି ଫେରାର୍ ହୋଇଥିବା ଅଭିଯୁକ୍ତ ହେଉଛି ଗଡ଼ିଶାଗୋଡା ଥାନା ନୂଆଗାଁର ଅମୂଲ୍ୟ ପ୍ରଧାନ (୪୫)। ବିଶେଷ ସୂତ୍ରରୁ ଖବର ପାଇ ସଦର ଥାନା ପୁଲିସ ମାଳତିପାଟପୁର ଓଭରବ୍ରିଜ୍‌ରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୦.୫୨ ଗ୍ରାମ୍ ବ୍ରାଉନ୍‌ସୁଗର(ପଲିଥିନ୍ ଓଜନ ୫୨ ଗ୍ରାମ), ଗୋଟିଏ ବୁଲେଟ୍ ଏବଂ ୩ଟି ମୋବାଇଲ୍ ଫୋନ୍ ଜବତ କରିଛି।

ରାଇଜିଂ ଏକାଦଶ ଡିଏସ୍ ଚାମ୍ପିଅନ

ପୁରୀ,୭।୩(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଅନୁଷ୍ଠିତ ପାଞ୍ଚ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଇଜିଂ ଏକାଦଶ ଡିଏସ୍ ଚାମ୍ପିଅନ ହୋଇଥିବାବେଳେ ରୟାଲ ଏକାଦଶ ଦର୍ଶନ ରନର୍ସଅପ୍ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସଂଗଠକ ବଦ୍ରି ମିଶ୍ର ଓ ଶିକ୍ଷାବିତ୍ ଡ. ବିଶ୍ୱନାଥ ମିଶ୍ର ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଏଥିରେ କେନ୍ଦୁଝରର ଦୀପକ୍ ଦାସ ଅମ୍ପାୟାର ଦାୟିତ୍ୱ ତୁଲାଇଥିବାବେଳେ ଖେଳ ପରିଚାଳନା କରିଥିଲେ ଅଧ୍ୟାପକ ସୁବ୍ରତ ଷଡ଼ଙ୍ଗୀ, ଗୌର ଗୋପାଳ ଜେନା, ମୁକେଶ ମହାପାତ୍ର ଓ ସ୍ମୃତିରଞ୍ଜନ ଶୁକ୍ଳ।

ଓଡ଼ିଆ ୱିକିପିଡିଆ କର୍ମଶାଳା

ପୁରୀ,୭।୩(ସମିସ): ସ୍ଥାନୀୟ ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟରେ ଶୁକ୍ରବାର ଓଡ଼ିଆ ୱିକିପିଡିଆନ୍ସ ୟୁଜର ଗ୍ରୁପ୍ ପକ୍ଷରୁ ଏକ କ୍ଷୁଦ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟାପକ ଡ. ଲୋକନାଥ ସୁଆରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଓଡ଼ିଆ ୱିକିପିଡିଆରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ୱିକିଆଳି ଅଲିଭା ସାହୁ ସଞ୍ଚାଳନା କରିଥିଲେ ଏବଂ ୱିକିପିଡିଆ ସମୁଦାୟ ବିଷୟରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ୱିକିଆଳି ସଂଗ୍ରାମ କେଶରୀ ସେନାପତି ପ୍ରଶିକ୍ଷକ ଭାବରେ ଯୋଗଦେଇଥିଲେ। ସେ ୱିକିପିଡିଆ ତଥା ଉଇକିମିଡିଆ ସମୁଦାୟର ବିଭିନ୍ନ ପ୍ରକଳ୍ପରେ କିପରି ଭାବରେ ଯୋଗଦେଇ ହେବ ତଥା ସମ୍ପାଦନା କରିହେବ ସେ ବାବଦରେ ପ୍ରଶିକ୍ଷଣ ଦେଇଥିଲେ। ସମାଜସେବୀ ଅଭିଶେକ ଶ୍ରୀଚନ୍ଦନ ଏବଂ ମହାବିଦ୍ୟାଳୟର ଛାତ୍ର ତନ୍ମୟ କୁମାରଙ୍କ ସହଯୋଗରେ ଏହି କର୍ମଶାଳାରେ ମହାବିଦ୍ୟାଳୟର ୪୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସୂଚନା ଥାଉକି, ୱିକିପିଡିଆର ୨୫ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାର ବିଭିନ୍ନ ସ୍ଥାନରେ କର୍ମଶାଳାମାନ ଆୟୋଜନ କରାଯାଉଛି। ପୂର୍ବରୁ ଭୁବନେଶ୍ୱର ଓ ଭଦ୍ରକ ଜିଲ୍ଲା ମହୋତ୍ସବ ସମୟରେ ଏକ ପ୍ରଦର୍ଶନ ତଥା ଜନ୍ମଦିନ ପାଳନ ହୋଇସାରିଛି।

ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା

ମହାପ୍ରଭୁଙ୍କ ଦର୍ଶନ କଲେ ୫ ଜିଲ୍ଲାର ଶ୍ରଦ୍ଧାଳୁ

ପୁରୀ,୭।୩(ସମିସ): ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୫ ଜିଲ୍ଲାର ୭୦୩ ଜଣ ଶ୍ରଦ୍ଧାଳୁ ଶନିବାର ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। କେନ୍ଦ୍ରାପଡ଼ା, ନୟାଗଡ଼, ଯାଜପୁର, ଗଜପତି ଓ ଅନୁଗୁଳ ଜିଲ୍ଲାରୁ ଏହି ଶ୍ରଦ୍ଧାଳୁମାନେ ଆସିଥିଲେ। ପର୍ଯ୍ୟଟନ ବିଭାଗ ସହାୟତା ଓ ଜିଲ୍ଲା ପ୍ରଶାସନର ସହଯୋଗରେ ଶ୍ରୀଜଗନ୍ନାଥ ଯୋଜନାରେ ଆସି ଭକ୍ତମାନେ ବୃନ୍ଦାବତୀ ନିବାସରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଓଏସ୍‌ଆର୍‌ଟିସିର ମ୍ୟାନେଜର ରଶ୍ମି ସାହୁ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଦେବସ୍ମିତା ମହାନ୍ତି, ରୂପେଶ ରାଉତ ପ୍ରମୁଖ ସ୍ୱାଗତ କରିବା ସହ ଦର୍ଶନ ବ୍ୟବସ୍ଥା କରାଇଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ଶ୍ରଦ୍ଧାଳୁମାନଙ୍କୁ ମହାପ୍ରସାଦ ସେବନ କରାଯାଇଥିଲା।



ସୁଭଦ୍ରା ହିତାଧିକାରୀଙ୍କୁ ଟଙ୍କା ପ୍ରଦାନ ଆଜି

ପୁଲିସ ପକ୍ଷରୁ ସୁରକ୍ଷା କଡ଼ାକଡ଼ି



ପୁରୀ,୭।୩(ସମିସ): ରବିବାର ଚତୁର୍ଥ କିସ୍ତି ଟଙ୍କା ପାଇବେ ସୁଭଦ୍ରା ହିତାଧିକାରୀ। ତାଳବଣିଆ ପଡ଼ିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିପାଇଁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଶନିବାର ଏସ୍‌ପି ପ୍ରତୀକ୍ ସିଂ ପ୍ରସ୍ତୁତି ସମ୍ପର୍କରେ କହିଛନ୍ତି ଯେ, କାର୍ଯ୍ୟକ୍ରମରେ ପ୍ରାୟ ୨୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି। ସମସ୍ତଙ୍କୁ ଚେକିଂ କରାଯାଇ ପ୍ରବେଶ ପାଇଁ ଅନୁମତି ଦିଆଯିବ।

ଇଣ୍ଡୋର ଷ୍ଟାଡିୟମ୍, ଆଇଟିଆଇ ପଡ଼ିଆ, ଭୂଦାନ ସହ ଅନ୍ୟାନ୍ୟ ସ୍ଥାନରେ ପାର୍କିଂ ବ୍ୟବସ୍ଥା ହୋଇଛି। ସୁରକ୍ଷା ଦାୟିତ୍ୱରେ ୧୬ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ। ୫ଜଣ ଅତିରିକ୍ତ ଏସ୍‌ପି, ୮ଜଣ ଡିଏସ୍‌ପି, ୨୭ଜଣ ଇନ୍ସପେକ୍ଟର, ୭୦ଜଣ ଏସ୍‌ଆଇ, ୧୧୮ଜଣ ଏଏସ୍‌ଆଇ ଓ କନେଷ୍ଟବଳ ନିୟୋଜିତ ରହିବେ। ପ୍ରତ୍ୟେକ ଏଣ୍ଟ୍ରି ପଏଣ୍ଟରେ କଡ଼ାକଡ଼ା ଚେକିଂ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି।


ପଦ୍ମଶ୍ରୀ ଉଚ୍ଛବଙ୍କୁ ଶୋକାଞ୍ଜଳି



ପୁରୀ,୭।୩(ସମିସ): ଘୋଡ଼ାନାଚ ମାଧ୍ୟମରେ ସରକାରଙ୍କ ଯୋଜନାକୁ ଜନଗଣଙ୍କ ପାଖରେ ପହଞ୍ଚାଇବା ସହ ଆଧ୍ୟାତ୍ମିକ ଚେତନା ଦ୍ୱାରା ଓଡ଼ିଶାରେ ଜନଜାଗରଣ ସୃଷ୍ଟି କରିଥିବା ପଦ୍ମଶ୍ରୀ ଡ. ଉଚ୍ଛବ ଚରଣ ଦାସ ଓଡ଼ିଶାବାସୀଙ୍କ ପାଖରେ ସଦା ସ୍ମରଣୀୟ ରହିବେ। ଶନିବାର ରଘୁରାଜପୁର ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ରଘୁରାଜପୁର ଗୁରୁକୁଳ ପରିସରରେ ସ୍ୱର୍ଗତ ଦାସଙ୍କ ଦଶାହ ଅବସରରେ ଶୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଏହା ମତପ୍ରକାଶ ପାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବଦ୍ରି ମିଶ୍ରଙ୍କ ସଭାପତିତ୍ୱରେ ପରିଷଦର ପ୍ରାକ୍ତନ ସଭାପତି ସ୍ୱର୍ଗତ ଉତ୍ସବ ଦାସଙ୍କ ସ୍ମୃତିରେ ଆୟୋଜିତ ଶୋକସଭାରେ ପ୍ରାକ୍ତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପଦ୍ମଶ୍ରୀ ମାଗୁଣି ଦାସଙ୍କ ପୁତ୍ର ସମ୍ପାଦକ ସେବେନ୍ଦ୍ର ଦାସ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ ପ୍ରଧାନ, ଗୋଟିପୁଅ ନୃତ୍ୟ ଗୁରୁ ବଟକୃଷ୍ଣ ଦାସ, ନୀଳକଣ୍ଠ ନାୟକ ଓ ରବିନ୍ଦ୍ର ଦାସଙ୍କ ସମେତ ରଘୁରାଜପୁରର ଅନେକ ଚିତ୍ରଶିଳ୍ପୀ, ନୃତ୍ୟଶିଳ୍ପୀ, ଗୋଟିପୁଅ କଳାକାର ଓ ଗ୍ରାମବାସୀ ଯୋଗଦେଇ ସ୍ୱର୍ଗତ ଦାସଙ୍କ ପାଇଁ ଶୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଗୁରୁ ପଦ୍ମଶ୍ରୀ ମାଗୁଣି ଦାସ ଓ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରାର୍ଥନା ପରେ ଗୋଟିପୁଅ ନୃତ୍ୟ ମାଧ୍ୟମରେ ଶୋକାଞ୍ଜଳି ପ୍ରଦାନ କରାଯାଇଥିଲା।

ଆୟୁର୍ବେଦ ସ୍ୱାସ୍ଥ୍ୟ ପରାମର୍ଶ ଓ ଚିକିତ୍ସା ଶିବିର

ପୁରୀ,୭।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ମହିଳାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ସଂଗଠନ 'ସମ୍ପର୍କ' ପକ୍ଷରୁ ଆୟୁର୍ବେଦ ସ୍ୱାସ୍ଥ୍ୟ ପରାମର୍ଶ ଓ ନିଃଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିରରେ ମହିଳାମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଆୟୁର୍ବେଦିକ ପରାମର୍ଶ ଓ ଔଷଧ ପ୍ରଦାନ କରାଯାଇଥିଲା। ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକ ପ୍ରଫେସର ସୁଦେଷ୍ଣା ମେହେର, ଡା. ମଞ୍ଜୁଶ୍ରୀ ସାହୁ, ଡା. ଜସ୍ମିତା ପ୍ରିୟଦର୍ଶିନୀ ଓ ଡା. ଶିବାନୀ ଦାସ ଯୋଗଦେଇ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକ ଚିକିତ୍ସା ପରାମର୍ଶ ଦେଇଥିଲେ। ଏହି ଶିବିରରେ ୧୫୦ରୁ ଅଧିକ ମହିଳା ଉପକୃତ ହୋଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମୁଖ୍ୟଅତିଥି ଭାବେ ଯୋଗଦେଇ ଆୟୁର୍ବେଦ ଭାରତର ପ୍ରାଚୀନ ଓ ପ୍ରମାଣିତ ଚିକିତ୍ସା ପଦ୍ଧତି ଭାବେ ଆଜି ମଧ୍ୟ ଲୋକମାନଙ୍କ ମଧ୍ୟରେ ବହୁତ ପ୍ରାସଙ୍ଗିକ ବୋଲି ଉଲ୍ଲେଖ କରିଥିଲେ। ଶିବିରର ଉଦ୍‌ଘାଟକ ଭାବେ ସିଡିପିଓ ବିନୋଦିନୀ ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଜାଲିନ୍ ମିଶ୍ର, ରଞ୍ଜିତା ପାଢ଼ୀ, ସରକାରୀ ଅଧିବକ୍ତା ସ୍ୱଦେଷ୍ଣା ପଣ୍ଡା ଓ ଡା. ସୋନାଲିକା ଜେନା ପ୍ରମୁଖ ଉପସ୍ଥିତ ଥିଲେ। 'ସମ୍ପର୍କ'ର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କହିଥିଲେ ଯେ, ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହିତ ପାରମ୍ପରିକ ଚିକିତ୍ସା ପ୍ରଣାଳୀ ପ୍ରତି ଲୋକମାନଙ୍କର ଆସ୍ଥା ବଢ଼ାଇବା ପାଇଁ ସଂଗଠନ ପକ୍ଷରୁ ସମୟୋପଯୋଗୀ ଏପରି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଛି। ସଂଗଠନର ଶୁଭ ପ୍ରସାଦ ଶର୍ମା, କୁନା ବାରିକ, ଡା. ଶ୍ୱେତାଞ୍ଜଳି ବେହେରା, ଡା. ଶ୍ୱେତପ୍ରଭା ପଣ୍ଡା, ଡା. ଦୀପ୍ତିମୟୀ ନାୟକ, ଡା. ଶ୍ରୁତି ସୁଧାକର ବାଗୁଲ, ଡା. ଯୁଗ୍ମଜ୍ୟୋତି ରାୟ, ଡା. ସୋନାଲି ପ୍ରଧାନ, ଡା. ଶୁଭସ୍ମିତା ତ୍ରିପାଠୀ, ଡା. ରାକେଶ ମିଶ୍ର ଓ ନନ୍ଦିଘୋଷ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ରଞ୍ଜନ ଷଡ଼ଙ୍ଗୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଫାଇନାଲ୍‌ରେ ରକ୍ ଷ୍ଟାର୍

ପୁରୀ,୭।୩(ସମିସ): ସହିଦ ହାବିଲ୍‌ଦାର ରଞ୍ଜନ ଷଡ଼ଙ୍ଗୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୁରୀ ପୁଲିସ ଲାଇନ ପଡ଼ିଆରେ ଚାଲିଛି। ଏହାର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ କଳିଙ୍ଗ ସ୍ପୋର୍ଟିଂ ବନାମ ରକ୍ ଷ୍ଟାର ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ରକ୍ ଷ୍ଟାର୍ ଅଧିନାୟକ ପ୍ରତିପକ୍ଷ ଦଳକୁ ବ୍ୟାଟିଂ କରିବା ଲାଗି ଆମନ୍ତ୍ରଣ କରିଥିଲେ। କଳିଙ୍ଗ ସ୍ପୋର୍ଟିଂ ନିର୍ଦ୍ଧାରିତ ୧୬ ଓଭରରେ ୪ ୱିକେଟ ହରାଇ ୧୬୮ ରନ୍ ସଂଗ୍ରହ କରିଥିଲା। ୧୬୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ରକ୍ ଷ୍ଟାର ୯.୩ ଓଭରରେ କୌଣସି ୱିକେଟ୍ ନ ହରାଇ ୧୭୨ ରନ୍ ସଂଗ୍ରହ କରି ମ୍ୟାଚ୍‌କୁ ଏକତରଫା ଭାବେ ଜିତିଥିଲା। ଅଧିନାୟକ ବାପି ୩୫ ବଲ୍‌ରେ ୧୦୨, ଲିଟୁ ୨୨ ବଲରେ ୬୦ ରନ୍ କରି ବିଜୟୀ ହୋଇଥିଲେ। ରକ୍ ଷ୍ଟାର୍‌ର ଅଧିନାୟକ ବାପି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଏହି ପ୍ରତିଯୋଗିତାରେ ପୁରୀ ପୁଲିସର ୧୯୫ ଜଣ ୮ଟି ଦଳରେ ଭାଗ ହୋଇ ଅଂଶ ଗ୍ରହଣ କରିଛନ୍ତି।

ଏହି ମ୍ୟାଚ୍‌କୁ ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି, ପୁଲିସ ସଂଘ ସଭାପତି ସନ୍ତୋଷ ମହାନ୍ତି, ସମ୍ପାଦକ ସୂର୍ଯ୍ୟତାପ ଜେନା, କୋଷାଧ୍ୟକ୍ଷ ଦିଲ୍ଲୀପ ଭୋଇ, ସହସମ୍ପାଦକ ସତ୍ୟନାରାୟଣ ନାୟକ, ପ୍ରହଲ୍ଲାଦ ଭୋଇ, ରଞ୍ଜନ ପଲେଇ, ତ୍ରିଲୋଚନ ହୋତା, ପ୍ରଶାନ୍ତ ବିଶ୍ୱାଳ, ସୁଧାଂଶୁ ମଙ୍ଗରାଜ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ। ସୂଚନାଥାଉ କି, ରଞ୍ଜନ ଷଡ଼ଙ୍ଗୀ ବ୍ରହ୍ମଗିରିରେ ବୋମା ନିଷ୍କ୍ରିୟ କରିବାକୁ ଯାଇ ବିସ୍ଫୋରଣରେ ସହିଦ ହୋଇଥିଲେ। ତାଙ୍କ ସ୍ମୃତିରେ ପୁରୀ ପୁଲିସ ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କରିଆସୁଛି।

୫୫ ୟୁନିଟ୍ ରକ୍ତ ସଂଗ୍ରହ

ଝିମିଲି ପଟ୍ଟନାୟକଙ୍କୁ ଦ ବେଲ୍ ଶକ୍ତିଶ୍ରୀ ସମ୍ମାନ

ପୁରୀ,୭।୩(ସମିସ): ବିଶ୍ୱ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ଶନିବାର ଏସ୍‌ବିଆଇ ଓ ଦ ବେଲ୍ ଓମେନ୍ସ କ୍ଲବ୍ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର 'ବିନ୍ଦୁଏ ରକ୍ତ ସିନ୍ଧୁଏ ଜୀବନ' ଅନୁଷ୍ଠିତ ହୋଇଯାଇଛି। ଚକ୍ରତୀର୍ଥ ରୋଡ୍‌ସ୍ଥିତ ଏସ୍‌ବିଆଇ ହଲିଡେ' ହୋମ୍‌ରେ ଆୟୋଜିତ



ଏହି କାର୍ଯ୍ୟକ୍ରମରେ ୩୫ ଜଣ ମହିଳା ଓ ୨୦ ଜଣ ପୁରୁଷ ରକ୍ତଦାନ କରିଥିଲେ। ନୂତନ ରକ୍ତଦାତା ସୃଷ୍ଟି ସହିତ ମହିଳାମାନଙ୍କ ରକ୍ତଦାନ କ୍ଷେତ୍ରରେ ଭାଗିଦାରିତା ବଢ଼ାଇବା ପାଇଁ ଏହି ଶିବିରର ଲକ୍ଷ୍ୟ ବୋଲି ଦ ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କହିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏସ୍‌ବିଆଇ ଆଞ୍ଚଳିକ ପ୍ରବନ୍ଧକ ଭୁବନେଶ୍ୱର ଭରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଷ୍ଟେଟ୍ ବ୍ୟାଙ୍କ୍ ସଦାସର୍ବଦା ସାମାଜିକ କାର୍ଯ୍ୟରେ ନିଜର ଭାଗିଦାରିତା ରଖିଥାଏ ବୋଲି କହିଥିଲେ। ଏସ୍‌ବିଆଇ ମୁଖ୍ୟ ଶାଖା ପ୍ରବନ୍ଧକ ହୃଷୀକେଶ ତ୍ରିପାଠୀ, ଉପ ଶାଖା ପ୍ରବନ୍ଧକ ରାଜେଶ କୁମାର ସାହୁ, ବରିଷ୍ଠ ସହାୟକ ଶେଖର କୁମାର ସାହୁ, ସାରଦା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହିଳାମାନଙ୍କ ସଶକ୍ତୀକରଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଝିମିଲି ପଟ୍ଟନାୟକଙ୍କୁ ଦ ବେଲ୍ ଶକ୍ତିଶ୍ରୀ ସମ୍ମାନ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସୁକାନ୍ତ କୁମାର ପଣ୍ଡା ପରିଚାଳନା କରିଥିବାବେଳେ ବେଲ୍ ଓମେନ୍ସ କ୍ଲବ୍ ସଂଯୋଜିକା ସବିତା ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତ୍ୟେକ ରକ୍ତଦାତାଙ୍କୁ ଏହି ଅବସରରେ ଅନୁଷ୍ଠାନ ତରଫରୁ ରକ୍ତଦାତା ବିବରଣୀ ପୁସ୍ତିକା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବେଲ୍ ୟୁଥ୍ କ୍ଲବ୍, ଓମେନ୍ସ କ୍ଲବ୍ ଓ କିଶୋର କ୍ଲବ୍ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ।

'ସଶକ୍ତ ନାରୀ, ସଶକ୍ତ ଦେଶ' କର୍ମଶାଳା



ପୁରୀ,୭।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ କ୍ରୀଡ଼ା କାର୍ଯ୍ୟାଳୟ ସହଯୋଗରେ ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ରେ ଶନିବାର ତିନିଦିନିଆ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଶୁଭାରମ୍ଭ କରିବା ସହ ଆତ୍ମସୁରକ୍ଷା ସମସ୍ତଙ୍କ ପାଇଁ ଏକ ଜରୁରୀ ଆବଶ୍ୟକତା ବୋଲି କହିଥିଲେ। ବିଶେଷକରି ପଢୁଥିବା ବା କର୍ମଜୀବୀ ମହିଳାମାନଙ୍କ କ୍ଷେତ୍ରରେ ଆତ୍ମସୁରକ୍ଷା ସୁନିଶ୍ଚିତ କରିବା ଆବଶ୍ୟକ। ନିଜକୁ ଦକ୍ଷ କରିବା, ସାହସୀ ହେବା, ପରିସ୍ଥିତିର ମୁକାବିଲା ପାଇଁ ମନୋବଳ ଦୃଢ଼ କରିବା, ଭୟ ପରିହାର କରି କୌଶଳପୂର୍ଣ୍ଣ ଭାବେ ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ଶ୍ରୀ ସେଠୀ ଅନୁରୋଧ କରିଥିଲେ। ପ୍ରଥମେ ଆତ୍ମସୁରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷକ ସତ୍ୟଭାମା ଦଳାଇ ପ୍ରଶିକ୍ଷଣ ଦେଇଥିଲେ। ପରେ କ୍ୟାରିୟର ଗଠନ ଓ ନେତୃତ୍ୱ ନେବାର ଦକ୍ଷତା ସମ୍ପର୍କରେ ଶିକ୍ଷାବିତ୍ ସୁକାନ୍ତ କୁମାର ମହାନ୍ତି ଓ ସମାଜସେବୀ ତଥା ଦି ବେଲ୍ ଅନୁଷ୍ଠାନର ମୁଖ୍ୟ ସିଦ୍ଧାର୍ଥ ରାୟ ବିଭିନ୍ନ ଉଦାହରଣ, ପ୍ରେରଣାଦାୟକ ଗଳ୍ପ ମାଧ୍ୟମରେ ବିଷଦ୍ ଭାବେ ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିବା ସହ ମହିଳାମାନଙ୍କୁ ସଶକ୍ତ, ସମୃଦ୍ଧ ଓ ଆତ୍ମବିଶ୍ୱାସୀ କରାଇବା ଏହି ଶିବିର ଆୟୋଜନର ଉଦ୍ଦେଶ୍ୟ ବୋଲି କହିଥିଲେ। ସନ୍ତରଣ ପ୍ରଶିକ୍ଷକ ଦୀପକ କୁମାର ପାତ୍ର ଓ ଅନ୍ୟ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ସକାଳ
THE SAKALA

www.sakalaepaper.com

ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହେଲେ ରାମଜିତ ଟୁଡୁ ଓ ଆର୍ ଅଶ୍ୱିନୀ ବଞ୍ଜନ ମୁର୍ମୁ



ବାରିପଦା,୭।୩(ସମିସ):ଇଣ୍ଟରନ୍ୟାସନାଲ ସାନ୍ତାଳ କାଉନସିଲ୍ ଦ୍ୱାରା ଆୟୋଜିତ ୯ମ ଆନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନ ପଶ୍ଚିମବଙ୍ଗର ସିଲିଗୁଡ଼ିସ୍ଥିତ ଗୋସାଁୟପୁର ଠାରେ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ଭାରତ ସହିତ ନେପାଳ ଓ ବାଙ୍ଗଲାଦେଶର ସାନ୍ତାଳୀ ଗବେଷକ, ସାହିତ୍ୟିକ, ସମାଜିକ କର୍ମୀ ଓ ସମ୍ପ୍ରଦାୟର ନେତାମାନେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଉପସ୍ଥିତ ହୋଇ ସଭାକୁ ସମ୍ବୋଧନ କରିଥିଲେ। ସେ ତାଙ୍କ ଉଦ୍‌ବୋଧନ ଆଦିବାସୀ ଭାଷା, ସଂସ୍କୃତି ଓ ପାରମ୍ପରିକତାର ସୁରକ୍ଷା ଓ ସମ୍ବର୍ଦ୍ଧନର ଗୁରୁତ୍ୱ ଉଲ୍ଲେଖ କରିଥିଲେ ଏବଂ ସାନ୍ତାଳ ସମୁଦାୟ ଦ୍ୱାରା ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ହେଉଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଓଡ଼ିଶାର ରାମଜିତ ଟୁଡୁ ଓ ଆର୍ ଅଶ୍ୱିନୀ ବଞ୍ଜନ ମୁର୍ମୁଙ୍କୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସାନ୍ତାଳୀ ଭାଷାର ଡିଜିଟାଲ ମାଧ୍ୟମରେ ପ୍ରଚାର ଓ ପ୍ରସାର ପାଇଁ ତାଙ୍କ ଅବଦାନ ପାଇଁ ଏହି ସମ୍ମାନ ଦିଆଯାଇଛି।

ରାମଜିତ ଟୁଡୁ ଯଶିପୁର ରେଭିନ୍ୟୁ ସର୍କିଲରେ ଅସିଷ୍ଟାଣ୍ଟ ରେଭେନ୍ୟୁ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ଆର୍ ଅଶ୍ୱିନୀ ବଞ୍ଜନ ମୁର୍ମୁ ଭାରତୀୟ ଷ୍ଟେଟବ୍ୟାଙ୍କ ଯଶିପୁର ଶାଖାରେ ଶାଖା ପରିଚାଳକ ଭାବେ କାର୍ଯ୍ୟରତ ଅଛନ୍ତି। ଉଭୟ ସାନ୍ତାଳୀ ଭାଷାକୁ ଡିଜିଟାଲ ମାଧ୍ୟମରେ ପ୍ରଚାର କରିବା ଓ ସାହିତ୍ୟ ଉନ୍ନତି ପାଇଁ ଦୀର୍ଘଦିନ ଧରି କାମ କରୁଛନ୍ତି। ସମ୍ମିଳନର ପ୍ରଥମ ଦିନରେ ସାନ୍ତାଳୀ ଭାଷାର ବିକାଶ, ଶିକ୍ଷା, ସାମାଜିକ ସଶକ୍ତୀକରଣ ଓ ସାଂସ୍କୃତିକ ସୁରକ୍ଷା ଭଳି ବିଷୟରେ ଆଲୋଚନା ହୋଇଥିଲା। ଭିନ୍ନ ଭିନ୍ନ ରାଜ୍ୟ ଓ ଦେଶରୁ ଆସିଥିବା ପ୍ରତିନିଧିମାନଙ୍କ ସକ୍ରିୟ ଅଂଶଗ୍ରହଣ ଏହି ସମ୍ମେଳନକୁ ବିଶେଷ ମହତ୍ତ୍ୱ ଦେଇଛି।


ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ମନ୍ତ୍ରୀ

ରାଇରଙ୍ଗପୁର/କରଞ୍ଜିଆ,୭।୩ (ସମିସ): ବଡ଼ ଦୁର୍ଘଟଣାରୁ ଜଙ୍ଗଲ, ପରିବେଶ ଓ ଶ୍ରମ ରାଷ୍ଟ୍ରମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଶନିବାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ କାର୍ ଯୋଗେ ରାମତୀର୍ଥ ଅଞ୍ଚଳକୁ ଯାଉଥିଲେ। ଏହି ସମୟରେ ଜାତୀୟ ରାଜପଥରେ ଏକ ଟ୍ରକ୍ ମନ୍ତ୍ରୀଙ୍କ ଗାଡ଼ି ଆଡ଼କୁ ମାଡି ଆସିଥିଲା। ତେବେ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବିପଦ ଟଳି ଯାଇଛି। ମନ୍ତ୍ରୀ ସୁରକ୍ଷିତ ଥିବା ବେଳେ ବେପରୁଆ ଗାଡ଼ି ଚାଳନା ନେଇ ଟ୍ରକ୍ ଚାଳକକୁ ତାଗିଦ କରିଥିଲେ।

ବିନା ୟୁସିରେ ଟଙ୍କା ହଡ଼ପ ଅଭିଯୋଗ

୩ଜଣିଆ ଉଚ୍ଚସ୍ତରୀୟ ଟିମ୍‌ର ତଦନ୍ତ ଆରମ୍ଭ







ରାଇରଙ୍ଗପୁର,୭।୩(ସମିସ):

ଖୋଦ ଜଙ୍ଗଲ, ପରିବେଶ ବିଭାଗ ମନ୍ତ୍ରୀଙ୍କ ନିଜ ଅଞ୍ଚଳରେ ଥିବା ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ କୋଟି କୋଟି ଟଙ୍କାର ଦୁର୍ନୀତି ନେଇ ଅଭିଯୋଗ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ନଅଣା ନେଚର କ୍ୟାମ୍ପରେ ବିନା ୟୁସିରେ କୋଟି କୋଟି ଟଙ୍କା ହଡ଼ପ ଅଭିଯୋଗ ତଦନ୍ତ ନିମନ୍ତେ ୩ଜଣିଆ ଉଚ୍ଚସ୍ତରୀୟ ଅଡିଟ୍ ଟିମ୍ ଗଠିତ ହୋଇଛି। ଉକ୍ତ ଟିମ ତଦନ୍ତ ନିମନ୍ତେ ଆସିବା ନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ କଲ୍ୟାଣୀ ମଲ୍ଲୀ ପତ୍ର ଯୋଗେ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷଣ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡଃ ପ୍ରକାଶ ଚାନ୍ଦ ଗୋଗିନେନିଙ୍କୁ ସୂଚନା ଦେଇଥିଲେ। ଉକ୍ତ ଟିମ୍‌ରେ ଅଡିଟ ଅଫିସର ଏଲ୍‌ପି ତିର୍କୀ, ଅଡିଟର ସନ୍ଦୀପ ବଗାତି ଓ ସୂର୍ଯ୍ୟମଣି ବେହେରା ରହିଛନ୍ତି। ତେବେ ଉକ୍ତ ଟିମ ଗସ୍ତରେ ଆସି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ତତ୍କାଳୀନ ଉତ୍ତର ବନଖଣ୍ଡ ଉପ ନିର୍ଦ୍ଦେଶକ ସାଇ କିରଣ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଅଧିକାରୀ ଜଣକ ଦୁର୍ନୀତି କରି ବଦଳି ପରେ ସତ୍ୟାସତ୍ୟ ସମ୍ମୁଖକୁ ଆସିଥିଲା। ଯାହାକୁ ନେଇ ଖୁଣ୍ଟା ଅଞ୍ଚଳର ସାମାଜିକ କର୍ମୀ ଦାମୋଦର ଦାସ ଅଭିଯୋଗ କରି ପିଟିସନ ଦାଖଲ କରିଥିଲେ। ନଅଣା ନେଚର କ୍ୟାମ୍ପରେ ଭିଲ୍ଲା ନିର୍ମାଣ ପାଇଁ ହରିଲୁଟ ହୋଇଥିଲା। ଏନେଇ ଗତ ୨୦୨୩ ମସିହା ଫେବୃୟାରୀ ୧୯ ତାରିଖରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶିଳାନ୍ୟାସ କରିଥିଲେ।

ନଅଣା ନେଚର କ୍ୟାମ୍ପ

୪ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ନଅଣା ଭିଲ୍ଲା ନିର୍ମାଣ ନେଇ ଅର୍ଥ ମଞ୍ଜୁର ହୋଇଥିଲା। କିନ୍ତୁ ୨ବର୍ଷ ବିତି ଯାଇଥିଲେ ସୁଦ୍ଧା ତାହା ନିର୍ମାଣ ହୋଇନଥିଲା। ମାତ୍ର ଭିଲ୍ଲା ନିର୍ମାଣ ପୂରା ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ଦର୍ଶାଇ ୟୁସି ପ୍ରଦାନ କରାଯାଇଥିଲା। ଯଦି ନିର୍ମାଣ ନିମନ୍ତେ ଟଙ୍କା ଖର୍ଚ୍ଚ ହୋଇନାହିଁ ତେବେ ଟଙ୍କା କୁଆଡ଼େ ଗଲା ବୋଲି ପ୍ରଶ୍ନ ଉଠିଥିଲା। ଯାହାର ସତ୍ୟାସତ୍ୟ ନେଇ ଶ୍ରୀ ଦାସ ଯାଞ୍ଚ କରି ପିଟିସନ ଦାଖଲ କରିଥିଲେ। ଅଭିଯୋଗକ୍ରମେ ଆର୍‌ସିସିଏଫ ଡଃ ଗୋଗିନେନି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ଖୋଦ ଜଙ୍ଗଲ, ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ଦୁର୍ନୀତି ଅଭିଯୋଗକ୍ରମେ ତଦନ୍ତ ନେଇ ବିଭାଗୀୟ ନିର୍ଦ୍ଦେଶ ହୋଇଛନ୍ତି। ଉକ୍ତ ଟିମ ତଦନ୍ତ ନିମନ୍ତେ ଶିମିଳିପାଳ ଅଭୟାରଣ୍ୟରେ ପହଞ୍ଚିଛନ୍ତି। ଯଦି ଅଧିକାରୀଙ୍କ ଦୁର୍ନୀତିରେ ସମ୍ପୃକ୍ତି ଥିବ ତେବେ ତାଙ୍କ ଠାରୁ ଟଙ୍କା ଆଦାୟ ହେବ ବୋଲି ଆରସିସିଏଫ ଡଃ ଗୋଗିନେନୀ କହିଛନ୍ତି।

ରତୁସ୍ରାବ ସମୟରେ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କିତ ସଚେତନତା



ବାରିପଦା,୭।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦାର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍‌ର ମିଳିତ ସହଯୋଗରେ ମହିଳାମାନଙ୍କ ମାସିକ ରତୁସ୍ରାବ ଓ ତଦ୍‌ଜନିତ ବହୁବିଧ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ବିଶିଷ୍ଟ ସ୍ତ୍ରୀ ରୋଗ ବିଶେଷଜ୍ଞ ଡକ୍ଟର ଅରୁଣ କୁମାର ସିଂହ ଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ଏ ସମ୍ପର୍କରେ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ନାରୀଟିଏ ରତୁମତି ହେବା ହେଉଛି ଏକ ପ୍ରାକୃତିକ ପ୍ରକ୍ରିୟା। ଯାହା ସୃଷ୍ଟି ପ୍ରକ୍ରିୟାକୁ ଗତିଶୀଳ କରିବାରେ ସହାୟକ ହୋଇଥାଏ। କିନ୍ତୁ ସାମାଜିକ ରକ୍ଷଣଶୀଳ ପରମ୍ପରା ମଧ୍ୟରେ ନାରୀର ଏହି କ୍ରିୟାକୁ ଅତି ସମ୍ବେଦନଶୀଳ ଘଟଣା ଭାବରେ ବିବେଚିତ କରାଯାଇଥିଲା। ଫଳସ୍ୱରୂପ ମହିଳାମାନେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବହୁ ମାରାତ୍ମକ ରୋଗରେ ପୀଡିତ ହୋଇ ଜୀବନକୁ ସଂକଟାପନ୍ନ କରିଦେଉଛନ୍ତି ବୋଲି ଦୁଃଖ ପ୍ରକାଶ କରିବା ସହିତ ସଚେତନତା ହିଁ ଏକ ମାତ୍ର ବାଟ ବୋଲି କହିଥିଲେ। କଲେଜ ଅଧକ୍ଷା ଡକ୍ଟର ସାଗରିକା ସିଂହ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଯୁବ ରେଡକ୍ରସ୍‌ର ମୁଖ୍ୟ ପରାମର୍ଶଦାତା(କାଉନସିଲର) ତପସ୍ୱିନୀ ନାଏକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ରେଡକ୍ରସ୍ ର ସହଯୋଗୀ ପରାମର୍ଶଦାତା(କାଉନସିଲର) ରଜନୀକାନ୍ତ ଶଙ୍ଖୁଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସହଯୋଗୀ କାର୍ଯ୍ୟକ୍ରମ ଅଧିକାରୀ ମନୀଷା ହେମ୍ବ୍ରମ୍ ଧନ୍ୟବାଦ ଅର୍ପଣ କରିଥିଲେ।

ମା' ବାସୁଳିଙ୍କ ଉଡ଼ାପର୍ବ ପାଇଁ ପ୍ରସ୍ତୁତି ବୈଠକ

ଠାକୁରମୁଣ୍ଡା,୭।୩(ସମିସ): ଶୁକ୍ରବାର ଠାକୁରମୁଣ୍ଡା ବ୍ଲକ୍ ସମ୍ମିଳନୀ କକ୍ଷରେ ଠାକୁରମୁଣ୍ଡାର ଅଧିଷ୍ଠାତ୍ରୀ ଦେବୀ ମା' ବାସୁଳିଙ୍କ ପବିତ୍ର ଉଡ଼ା ପର୍ବ ପାଳନ ପାଇଁ ପ୍ରଥମ ସାଧାରଣ ସଭା ମା' ବାସୁଳି ଉଡ଼ା କମିଟିର ସଭାପତି ତଥା ସ୍ଥାନୀୟ ତହସିଲଦାର ସମ୍ବିତ କୁମାର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କମିଟିର ପୁରାତନ ସଦସ୍ୟ, ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ମହୁଲଡିହା ଥାନା ଅଧିକାରୀ ତୁଷାର ନାୟକ ସ୍ଥାନୀୟ ସମାଜସେବୀ ବସନ୍ତ କୁମାର ପଇବର୍ତ୍ତୀ ଯୋଗ ଦେଇଥିବାବେଳେ କମିଟିର ସମ୍ପାଦକ ଶିରୀଶ ଦେହୁରୀ, ସହ ସମ୍ପାଦକ ଶରତ ନାଏକ ବିଗତ ବର୍ଷ ର ଆୟ ବ୍ୟୟ ବିବରଣୀ ଖାତା ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ନୂତନ କମିଟି ଗଠନ ପାଇଁ ପ୍ରସ୍ତାବ ଆସିବାପରେ ଯୁବ ସଦସ୍ୟ ପ୍ରକାଶ କୁମାର ସାହୁ ସ୍ୱତ ପ୍ରବୃତ ଭାବେ ସମ୍ପାଦକ ପଦବୀ ନେବାକୁ ଇଚ୍ଛାବ୍ୟକ୍ତ କରି ମା ବାସୁଳି ଙ୍କ ସମସ୍ତ ନୀତିବିଧି ସହିତ ଶାନ୍ତି ଶୃଙ୍ଖଳା ର ସହିତ ଉଡ଼ା ପର୍ବ ପାଳନ କରିବା ପାଇଁ ପ୍ରତିଶୃତି ଦେବା ପରେ ଶ୍ରୀ ସାହୁଙ୍କୁ ନୂତନ ସମ୍ପାଦକ ଭାବେ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା। ଆସନ୍ତା ୧୨ ତାରିଖ ଦିନ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହୋଇ କମିଟି ର ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଚୟନ କରାଯିବ ଏବଂ ଉଡ଼ା ପର୍ବ କିପରି ଶୃଙ୍ଖଳିତ ଭାବେ ପାଳନ କରାଯିବ ସେ ବାବଦରେ ଆଲୋଚନା କରାଯିବ ବୋଲି ସଭାପତି ତଥା ତହସିଲଦାର ଶ୍ରୀ କର ପ୍ରକାଶ କରିବାପରେ, ବୈଠକ ପରିଚାଳନା କରୁଥିବା ଶ୍ରୀ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଚୋର ଭାବି ନିର୍ଘାତ ପିଟିଲେ, ବନ୍ଧା ହେଲେ



କପ୍ତିପଦା,୭।୩(ସମିସ): ଚୋର ଭାବି ଅନ୍ଧାର ରାତିରେ ଯୁବକଙ୍କୁ ନିର୍ଘାତ ମାଡ଼ ମାରିଥିଲେ ଗ୍ରାମବାସୀ। ଆଉ ଚୋର ବୋଲି ଗୁଜବ କରି ଦେଇଥିଲେ ଅକଥନୀୟ ଅତ୍ୟାଚାର। ଯାହା ପରେ ଏବେ ହରଡ଼ଘଣାରେ ପଡ଼ିଛନ୍ତି। ମାଡ଼ ମାରିଥିବା ୬ ଜଣଙ୍କୁ ଗିରଫ କରିଛି ପୁଲିସ। ଦୁଇ ଦିନ ପୂର୍ବରୁ କପ୍ତିପଦା ଥାନା ଝିଙ୍କପଦା ଗ୍ରାମରେ ରାତିରେ ଲୁଟ୍ କରିବାକୁ ପଶିଥିବା ସନ୍ଦେହ କରି ଗ୍ରାମବାସୀ ଏକତ୍ରିତ ହୋଇ ଜଣେ ବୋରିଂ ମିସ୍ତ୍ରିଙ୍କୁ ନିର୍ଘାତ ମାଡ଼ ମାରିଥିଲେ। ହାତରେ ଠେଙ୍ଗା ବାଡ଼ି ଧରି ପିଟିବା ସହିତ ତାହାର ଭିଡିଓକୁ ସୋସିଆଲ ମିଡିଆରେ ଭାଇରଲ କରିଥିଲେ। ବିହାର ଅଞ୍ଚଳର ଉକ୍ତ ଯୁବକ ଶୁକରାମ ବରିଆକୁ ଗୁରୁତର ଅବସ୍ଥାରେ ପୁଲିସ ଉଦ୍ଧାର କରିଥିବା ବେଳେ ତାହାର ଅଭିଯୋଗ ଆଧାରରେ କେସ ନଂ୫୩/୨୬ରେ ଏକ ମୋକଦ୍ଦମା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଚୋର ଗୁଜବ ସୃଷ୍ଟି କରିବା ସହିତ ବିନା ଦୋଷରେ ନିର୍ଘାତ ମାଡ଼ ମାରିଥିବା ୬ ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ମାନେ ଝିଙ୍କପଦା ଗ୍ରାମର ବ୍ରହ୍ମାନନ୍ଦ ସାହୁଙ୍କ ୨ ପୁଅ ସୁଧାଂଶୁ (୩୫) ଓ ହିମାଂଶୁ (୪୦) ସନତ ମୁଖିଙ୍କ ପୁଅ ସୁବ୍ରତ (୩୨) ଦୟାନିଧି ବିନ୍ଧାଣିଙ୍କ ପୁଅ ପଞ୍ଚାନନ (୫୧), ଅକ୍ଷୟ ସେଠୀଙ୍କ ପୁଅ ରଞ୍ଜନ (୨୪) ଏବଂ ପେଡ଼ାଗଡ଼ି ଗ୍ରାମର ଶଙ୍କର୍ଷଣ ବିନ୍ଧାଣିଙ୍କ ପୁଅ ଗଣେଶ୍ୱର (୩୬)। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଗୋଷ୍ଠୀ ସେବା କାର୍ଯ୍ୟକ୍ରମ



ବାରିପଦା,୭।୩(ସମିସ): ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ଦ୍ୱାରା ଚତୁର୍ଥବର୍ଷ ସମନ୍ୱିତ ବିଇଡି ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ହୋଇଥିବା ଗୋଷ୍ଠୀ ସେବା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ସହକାରୀ ପ୍ରଫେସର ଭାବେ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ଡ ସରୋଜ ନାୟକ, ଡକ୍ଟର ନିରୁପମା ନାୟକ, ସୁଶ୍ରୀ ସଂଗୀତା ପାତ୍ର, ସବିତାଶୋଭା ପ୍ରଧାନ, କୃଷ୍ଣକ୍ଷ ସିଂ, ନମିତା ସୋରେନ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ସମାଜ ସେବାରେ ବ୍ରତୀ ହେବାପାଇଁ ଆହ୍ୱାନ ଦେଇଥିଲେ କ୍ଷ ତିନିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଲକ୍ଷ୍ମୀପୋଷି ପଞ୍ଚାୟତର ବିଭିନ୍ନ ଗ୍ରାମରେ ସଂଗୀତ ନୃତ୍ୟ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଅନ୍ଧବିଶ୍ୱାସ ଦୂରୀକରଣ ଓ ସୁସ୍ଥ ଜୀବନଶୈଳୀ ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଦ୍ୱିତୀୟ ଦିନରେ ବୃକ୍ଷରୋପଣ ସହ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ତୃତୀୟ ଦିନ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ଅନୁଯାୟୀ ବିଭିନ୍ନ ଗ୍ରାମକୁ ଯାଇ ସାମାଜିକ ଓ ଆର୍ଥିକ ତଥ୍ୟ ସଂଗ୍ରହ କରିଥିଲେ।

ମୟୂରଭଞ୍ଜର ଜିଲ୍ଲାର ୭ ଥାନାରେ ନୂଆ ଅଧିକାରୀ

ବାରିପଦା,୭।୩(ସମିସ): ମୟୂରଭଞ୍ଜ ପୁଲିସ ଆଇଆଇସି ସ୍ତରରେ ଅଦଳବଦଳ କରାଯାଇଛି। ଜିଲ୍ଲା ପୁଲିସ ବୋର୍ଡ ଚିଠି ନଂ ୪୩୯/ ୭ ମାର୍ଚ୍ଚ ୨୦୨୬ ଅନୁଯାୟୀ ୭ଟି ଥାନାରେ ନୂଆ ଥାନାଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଥିବା ଆଇଆଇସି ରଶ୍ମୀ ରଞ୍ଜନ ପୃଷ୍ଟିଙ୍କୁ ଭଞ୍ଜପୁର ଥାନା, ଖୁଣ୍ଟା ଆଇଆଇସି ପଞ୍ଚାନନ ମହାନ୍ତିଙ୍କୁ ବାଙ୍ଗିରିପୋଷି ଥାନା, ବାରିପଦା ସଦର ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନାଙ୍କୁ ଖୁଣ୍ଟା ଥାନା, ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତଙ୍କୁ ବାରିପଦା ସଦର ଥାନା, ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଥିବା ଆଇଆଇସି କ୍ରିଷ୍ଟା ପିଙ୍ଗୁଆଙ୍କୁ ବେତନଟୀ ଥାନା ଓ ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ କରଞ୍ଜିଆ ଥାନା ଏବଂ କରଞ୍ଜିଆ ଥାନା ଆଇଆଇସି ଶରତ ଚନ୍ଦ୍ର ମହାଳିକଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ବଦଳି ହୋଇଥିବା ସମସ୍ତ ଅଧିକାରୀମାନେ ଯଥାଶୀଘ୍ର କାର୍ଯ୍ୟରେ ଯୋଗଦେଇ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି।

ଏମ୍‌କେସି ହାଇସ୍କୁଲରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ



ବାରିପଦା, ୭।୩(ସମିସ): ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକରୁ ପ୍ରାୟ ୩୨ଟି ପିଏମ୍‌ଶ୍ରୀ ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହି ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ସୋରେନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନରହି ଛାତ୍ରଛାତ୍ରୀ ନିଜର ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଆବଶ୍ୟକ। ମୁଖ୍ୟବ୍ୟକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ କହିଥିଲେ ଯେ, ବ୍ଲକ ସ୍ତରୀୟ ପ୍ରତିଯୋଗିତା ଶେଷ ହେବା ପରେ ଏବେ ଜିଲ୍ଲା ସ୍ତରରେ ପିଲାମାନେ ନିଜର ନବସୃଜନ ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ଅନ୍ୟତମ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଳି ମୁର୍ମୁ ଯୋଗଦେଇ ପିଏମ୍‌ଶ୍ରୀ ସ୍କୁଲରେ ସରକାରୀ ଭାବେ ଉପଲବ୍ଧ ସୁବିଧା ସୁଯୋଗ ମୟୂରଭଞ୍ଜର ଅଭିଭାବକ ସେମାନଙ୍କ ପିଲା ମାନଙ୍କୁ ଦେବାରେ ଆଗକୁ ଆସନ୍ତୁ। ଏହି ଦୁଇ ଦିନିଆ ଉତ୍ସବରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ, କଳା ଓ ସୃଜନଶୀଳ କୃତୀ ପ୍ରଦର୍ଶିତ ହୋଇଛି। ପିଲାମାନଙ୍କ ମଧ୍ୟରେ ଥିବା ନବସୃଜନ ଶକ୍ତିକୁ ଉତ୍ସାହିତ କରିବା ପାଇଁ ଏହା ଏକ ପ୍ରଶସ୍ତ ମାଧ୍ୟମ ସାଜିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

ଆଜି ଅନ୍ତର୍ଜାତୀୟ ମହିଳା ଦିବସ

ବାଲ୍ୟ ବିବାହ ହ୍ରାସ କରିବାରେ ଉଦାହରଣ ସାଜିଛନ୍ତି ମମତା

ବାରିପଦା,୭।୩(ସମିସ):

ଆସନ୍ତା କାଲି ସମଗ୍ର ବିଶ୍ୱରେ ପାଳିତ ହେଉଛି ଅନ୍ତର୍ଜାତୀୟ ମହିଳା ଦିବସ। ଏହି ବର୍ଷର ଥିମ୍ ରହିଛି 'ଗିଭ୍ ଟୁ ଗେନ୍' ଅର୍ଥାତ୍ 'ଦେବାରେ ପାଇବା'। ଯାହା ଏକ ଗଭୀର ସନ୍ଦେଶ ବହନ କରୁଛି। ଯେତେବେଳେ ଆମେ ମହିଳାମାନଙ୍କୁ ସମର୍ଥନ, ଶିକ୍ଷା, ସମ୍ବଳ, ସମୟ ଓ ସୁଯୋଗ ଦେବୁ ସେତେବେଳେ ସମାଜ ସମଗ୍ର ଭାବେ ଉନ୍ନତ ହେବ। କାରଣ ମହିଳା ଯେତେ ଉନ୍ନତ ହେବେ, ସମଗ୍ର ପରିବାର, ସମାଜ ଓ ଦେଶ ସେତେ ଉନ୍ନତ ହେବ। ମୟୂରଭଞ୍ଜ ଜିଲ୍ଲା ଶିମିପାଳ ପାଦ ଦେଶ ଶାମାଖୁଣ୍ଟା ବ୍ଲକ୍‌ର ଜଣେ ଯୁବତୀ ମମତା ମହାନ୍ତ ଏହି ଦିନର ଯଥାର୍ଥତା ବହନ କରନ୍ତି। ମମତା ତାଙ୍କର ପ୍ରଶଂସନୀୟ କାର୍ଯ୍ୟ ପାଇଁ ପୁରସ୍କୃତ ହୋଇଛନ୍ତି। ବାଲ୍ୟବିବାହ କରିବା ଆଇନତଃ ଅପରାଧ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ମମତାଙ୍କୁ ୧୪ ବର୍ଷ ହୋଇଥିବା ବେଳେ ତାଙ୍କର ବିବାହ ସ୍ଥିର ହୋଇଥିଲା। କିନ୍ତୁ ସେ ନିଜେ ତା'ର ବିରୋଧ କରିଥିଲେ ଓ ଅନ୍ୟମାନଙ୍କ



ସହଯୋଗରେ ଏହି ବିବାହ ବନ୍ଦ ହୋଇଥିଲା। ତା' ପରେ ସେ ପାଠପଢ଼ା ଜାରି ରଖିବା ସହିତ ସଫଳତାର ସହିତ ମାଟ୍ରିକ ପାଶ୍ କରି ଯୁକ୍ତ ୨ ବିଜ୍ଞାନ ପଢୁଛନ୍ତି। ସେ ନିଜେ ଜଣେ ଶିଶୁ ହୋଇ ମଧ୍ୟ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ବିଷୟରେ ଅନ୍ୟ ସାଙ୍ଗସାଥୀଙ୍କୁ ସଚେତନ କରି ଚାଲିଛନ୍ତି। ନିଜ ବୟସର ଅନ୍ୟ ଝିଅଙ୍କୁ 'ଆଦ୍ୱିକା' କାର୍ଯ୍ୟକ୍ରମ ମାଧ୍ୟମରେ ବାଲ୍ୟବିବାହ ନ କରିବାକୁ କହୁଛନ୍ତି। ଗାଁ ଓ ପଞ୍ଚାୟତସ୍ତରର ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ସମ୍ପର୍କିତ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ସ୍ୱାଧୀନ ମତ ରଖିଛନ୍ତି। ବିଶେଷ ଭାବରେ ବ୍ଲକ ସ୍ତରରେ ହେଉଥିବା "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମରେ ନିଜର ଅନୁଭୂତି କଥା ଓ କିପରି ନିଜର ବିବାହକୁ ବନ୍ଦ କରିବାରେ ସଫଳ ହୋଇଥିଲେ ତାହା କହି ଅନ୍ୟକୁ ପ୍ରେରଣା ଦେଉଛନ୍ତି। ସମଗ୍ର ଭାରତ ବର୍ଷରେ ପ୍ରଥମ ରାଜ୍ୟ ଭାବରେ ଓଡ଼ିଶା ସରକାର କିଶୋର କିଶୋରୀ ମାନଙ୍କର ସଶକ୍ତୀକରଣକୁ ନେଇ ଖୁବ୍ ସଚେତନ। ଯାହାକୁ "ଆଦ୍ୱିକା" ନାମକ ଏକ ସତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକଟି ଶିଶୁ ଅନନ୍ୟ ଏବଂ ତାର ସର୍ବାଙ୍ଗୀନ ବିକାଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନ କୌଶଳ ଶିକ୍ଷାର ବିଶେଷ ଗୁରୁତ୍ୱକୁ ପରିପ୍ରକାଶ କରୁଛି। ସମାଜରେ ଥିବା ଲିଙ୍ଗଗତ ଭେଦଭାବ ଓ ବାଳିକାମାନଙ୍କ ପ୍ରତି ଥିବା ନକରାତ୍ମକ ଚିନ୍ତାଧାରା ବାଳିକା ମାନଙ୍କର ବିକାଶର ପ୍ରତିବନ୍ଧକ ହୋଇଥାଏ। ସେଥିରୁ ମୁକ୍ତ ରହି କିଶୋର କିଶୋରୀମାନେ କିଭଳି ଗୁଣାତ୍ମକ ଶିକ୍ଷା ପାଇବେ ଓ କୌଶୋର ଅବସ୍ଥାରେ ନିଜ ସ୍ୱାସ୍ଥ୍ୟର ସଠିକ୍ ଯତ୍ନ ନେଇପାରିବେ ସେଥିପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ପ୍ରତ୍ୟେକ ଶନିବାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟକ୍ରମ ଚାଲୁ ରହିଛି। ମମତା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାର ଶାମାଖୁଣ୍ଟା ବ୍ଲକ୍‌ର କିଶୋରୀମାନଙ୍କୁ ସଚେତନ କରୁଛନ୍ତି। ଓଡ଼ିଶା ସରକାର, ୟୁନିସେଫ୍ ଓ ଆକ୍ସନ୍‌ଏଡ୍‌ର ମିଳିତ ସହଯୋଗରେ ଓଡ଼ିଶାକୁ ବାଲ୍ୟ ବିବାହମୁକ୍ତ ରାଜ୍ୟ କରିବା ପାଇଁ ହେଉଥିବା କାର୍ଯ୍ୟକ୍ରମ ପାଇଁ ମମତା ଭଳି କିଶୋରୀମାନେ ସଫଳତାର ଉଦାହରଣ ପାଲଟିଛନ୍ତି। ତାଙ୍କର ଏହି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ୧୩ତମ ପ୍ରତିଷ୍ଠା ଦିବସରେ ବାଲ୍ୟ ଯୋଦ୍ଧା ଭାବରେ ଭୁବନେଶ୍ୱର ଠାରେ ସମ୍ବର୍ଦ୍ଧିତ ହୋଇଥିଲେ। ଏହି ପୁରସ୍କାର ଅନ୍ୟ କିଶୋର କିଶୋରୀଙ୍କୁ ପ୍ରେରଣା ଯୋଗାଇବ ବୋଲି ମମତା ମତବ୍ୟକ୍ତ କରିବା ସହିତ 'ବିଦ୍ୟାଳୟକୁ ହଁ, ବାଲ୍ୟବିବାହକୁ ନାଁ' କହିବାକୁ ଆହ୍ୱାନ ଜଣାଇଛନ୍ତି।

ମହିଳା ସୁସ୍ଥ ତ ସମାଜ ସୁସ୍ଥ

ହ୍ୟାଣ୍ଡବଲ୍ ଗ୍ରାଉଣ୍ଡରେ ମହିଳା ଦିବସର ଉତ୍ସବ





କେନ୍ଦୁଝର,୭।୩(ସମିସ): ମହିଳାମାନଙ୍କ ସ୍ୱାସ୍ଥ୍ୟ, ସଶକ୍ତୀକରଣ ଏବଂ ନେତୃତ୍ୱକୁ ନୂତନ ଦିଶା ଦେବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ହ୍ୟାଣ୍ଡବଲ୍ ଗ୍ରାଉଣ୍ଡଠାରେ ୬ ମାର୍ଚ୍ଚରୁ ୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ତିନି ଦିନ ଧରି ଅନ୍ତର୍ଜାତୀୟ ମହିଳା ଦିବସ ବହୁ ଆଡ଼ମ୍ବରରେ ପାଳନ କରାଯାଉଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଉଦଘାଟନୀ ଦିବସରେ 'ତାଙ୍କ ଶରୀର, ତାଙ୍କ ଶକ୍ତି' ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଥମ ଦିନରେ ସାମୂହିକ ଯୋଗ ଶିବିରରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ମହିଳାମାନଙ୍କୁ ସୁସ୍ଥ ଜୀବନଶୈଳୀ ଆପଣେଇବା ପାଇଁ ଉତ୍ସାହିତ କରାଯାଇ ଜୁମ୍ବା, ଏରୋବିକ୍ସ, ପାରମ୍ପରିକ ନୃତ୍ୟ ଓ ଦେଶୀୟ କ୍ରୀଡ଼ା ପ୍ରଦର୍ଶିତ ହୋଇଥିଲା। ସୁସ୍ଥ ପରିବାର ଓ ସମାଜ ପାଇଁ ଜଣେ ମହିଳା ହେଉଛନ୍ତି ପରିବାରର ତଥା ସମଜର କେନ୍ଦ୍ରବିନ୍ଦୁ। ଯଦି ଜଣେ ମହିଳା ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରୁହନ୍ତି, ସେ କେବଳ ନିଜ ପାଇଁ ନୁହେଁ, ବରଂ ନିଜ ପରିବାର, ଗ୍ରାମ ଏବଂ ସମଗ୍ର ରାଷ୍ଟ୍ରର ଉନ୍ନତି ପାଇଁ କାର୍ଯ୍ୟ କରିଥାନ୍ତି। ଦ୍ୱିତୀୟ ଦିନରେ "ସଶକ୍ତ ମହିଳା, ସଶକ୍ତ ରାଷ୍ଟ୍ର' ବିଷୟବସ୍ତୁକୁ ଆଧାର କରି ମହିଳାମାନଙ୍କ ଆତ୍ମରକ୍ଷା କୌଶଳ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନେକ ସମୟରେ ମହିଳାମାନେ ରାସ୍ତାଘାଟରେ ଅସଦାଚରଣ ବା ଭୟର ସମ୍ମୁଖୀନ ହୁଅନ୍ତି। ଆତ୍ମରକ୍ଷା କୌଶଳ ସେମାଙ୍କୁ ନିର୍ଭୟରେ ପ୍ରତିବାଦ କରିବାର ଶକ୍ତି ଦେଇଥାଏ। ଏହା କେବଳ ଶାରୀରିକ ଶକ୍ତି ବଢ଼ାଏ ନାହିଁ, ବରଂ ଜରୁରିକାଳୀନ ପରିସ୍ଥିତିରେ କିପରି ଶାନ୍ତ ରହି ବୁଦ୍ଧି ପ୍ରୟୋଗ କରିବାକୁ ହେବ, ତାହା ଶିଖାଏ। ଯେତେବେଳେ ଜଣେ ମହିଳା ଜାଣନ୍ତି ଯେ ସେ ନିଜକୁ ରକ୍ଷା କରିବାକୁ ସକ୍ଷମ, ସେତେବେଳେ ସେ କୌଣସି ଭୟ ନଥାଇ ସ୍ୱାଧୀନ ଭାବେ ନିଜର ଶିକ୍ଷା ଓ ବୃତ୍ତି କ୍ଷେତ୍ରରେ ଆଗକୁ ବଢ଼ିପାରନ୍ତି। ଏହି ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ଆହ୍ୱାନର ଦୃଢ଼ ମୁକାବିଲା କରିବା ପାଇଁ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଜୁଡୋ, ବକ୍ସିଂ, କରାଟେ ଏବଂ ମୁଆଇ ଥାଇ ଭଳି ସମରକଳାର ପ୍ରଶିକ୍ଷଣ ଓ ଚିତ୍ତାକର୍ଷକ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି ନେଇ ଏକ ସଚେତନତା ଶିବିର ଆୟୋଜନ ହୋଇଥିଲା। ଜିଲ୍ଲାର ବିଭିନ୍ନ ବର୍ଗର ମହିଳା, ଯୁବ ଗୋଷ୍ଠୀ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଅଂଶଗ୍ରହଣ କରିଥିଲେ।

ମରଣାନ୍ତକ ଆକ୍ରମଣ ଓ ଲୁଟ୍

ଗୁରୁତର ଅବସ୍ଥାରେ ଯୁବକ ଡାକ୍ତରଖାନାରେ ଭର୍ତ୍ତି



ଯୋଡ଼ା, ୭।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ ଶୁକ୍ରବାର ସନ୍ଧ୍ୟା ସମୟରେ ମାର୍କେଟରୁ ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣର ଶିକାର ହୋଇଛନ୍ତି ଯୋଡ଼ା ବନେଇକଲା ବସ୍ତିର ଦିଲୀପ ନାଏକ (୩୯)। ଏଥିସହ ତାଙ୍କଠାରୁ ମୋବାଇଲ ଏବଂ ଟଙ୍କା ଲୁଟି ଫେରାର ମାରିଛନ୍ତି ଦୁର୍ବୃତ୍ତ। ପୁଲିସ ଛାନଭିନ ଜାରି ରଖିଥିଲା ବେଳେ ଘଟଣାକୁ ୨୪ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ଆକ୍ରମଣକାରୀଙ୍କ ଟେର ସୁଦ୍ଧା ପାଇପାରି ନାହିଁ। ଦିଲୀପ ସନ୍ଧ୍ୟା ପ୍ରାୟ ୮ଟାରେ ଘରୁ ବାହାରି ସହିଦ ନଗର ମାର୍କେଟ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କୁ ପାଇ ନ ଥିଲେ। ଶନିବାର ସକାଳେ ସ୍ଥାନୀୟ ଲୋକେ ଖବର ଦେବାରୁ ପରିବାର ଲୋକେ ତାଙ୍କୁ ଯୋଡ଼ା ପୋଷ୍ଟ ଅଫିସ ଗଳିରେ ଅଚେତ ଏବଂ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଟାଟା ମେଡ଼ିକାଲକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡାକ୍ତର ରେଫର କରିଛନ୍ତି। ଦିଲ୍ଲୀପଙ୍କ ମୁଣ୍ଡ ଏବଂ ଅଣ୍ଟାରେ ଆଘାତ ଦ୍ୱାରା ଶରୀରରୁ ଅତ୍ୟଧିକ ରକ୍ତ ଯିବାରୁ ତାଙ୍କୁ ଅକ୍ସିଜେନ ଦିଆଯାଇ ଆମ୍ବୁଲାନ୍ସ ମାଧ୍ୟମରେ ପଠାଯାଇଛି। ଏନେଇ ଥାନାରେ ପରିବାର ପକ୍ଷରୁ ଯୋଡ଼ା ଥାନାରେ ଏକ ଲୁଟ ଏବଂ ମରଣାନ୍ତକ ଆକ୍ରମଣର ଅଭିଯୋଗ କରିଥିବା ବେଳେ ପୁଲିସ ଏହାକୁ ନେଇ ତଦନ୍ତ ଆରମ୍ଭ କରିଛି।

ମହୁଲିମଦ ଜବତ; ୪ ଗିରଫ



ହାଟଡ଼ିହୀ, ୭।୩(ସମିସ): ଆନନ୍ଦପୁର ଅବକାରୀ ରେଞ୍ଜ ଓ ହାଟଡିହୀ ଥାନା ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା ଷ୍ଟାଫଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ନନ୍ଦିପଦା ଥାନା ଅନ୍ତର୍ଗତ ଓରାଳି, ଅଁରା ଅଞ୍ଚଳରେ ଚଢ଼ଉ କରି ୧୦,୮୦୦ ଲିଟର ବିଦେଶୀ ମଦ ଜବତ କରିବା ସହ ଉକ୍ତ ଗ୍ରାମର ମହେନ୍ଦ୍ର ଲେଙ୍କା, ଭିମସେନ ଯେନା, ସୁମନ୍ତ ମେଳା, ଅମୂଲ୍ୟ ଜେନାଙ୍କୁ ଗିରଫ କରିଛନ୍ତି। ଏନେଇ ୪ଟି ଅବକାରୀ ମାମଲା ରୁଜୁ ହୋଇଛି। ଉକ୍ତ ଚଢ଼ଉରେ ହାଟଡିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ଓ ଅନ୍ୟ ଷ୍ଟାଫ୍ ସାମିଲ ଥିଲେ।

ସରକାରୀ ଗାଡ଼ି ଟେଣ୍ଡରରେ ଚଞ୍ଚକତା

ଛୁଟି ଦିନରେ ଲାଗୁଛି ଭଡାରେ

ଆନନ୍ଦପୁର,୭।୩ (ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପଦାଧିକାରୀଙ୍କ ପାଇଁ ବ୍ୟବହାର ହେଉଥିବା ଗାଡ଼ିଗୁଡିକର ଟେଣ୍ଡର ପ୍ରକ୍ରିୟାରେ ଚଞ୍ଚକତା ହେଉଥିବା ଅଭିଯୋଗ ହୋଇଛି ଏବଂ ଏହି ଗାଡିଗୁଡିକ ବିଭାଗୀୟ କାର୍ଯ୍ୟାଳୟରେ ରହିବା ପରିବର୍ତ୍ତେ ମାଲିକମାନଙ୍କ ନିୟନ୍ତ୍ରଣରେ ରହୁଥିବାରୁ ଛୁଟିଦିନଗୁଡିକରେ ଭଡ଼ାରେ ବ୍ୟବହାର ହେଉଥିବା ଗୁରୁତର ଅଭିଯୋଗ ହୋଇଛି। ଏହି ଭଡ଼ା ଗାଡ଼ି ପାଇଁ ଆବଶ୍ୟକୀୟ ସରକାରୀ ନୀତିନିୟମ ଥିଲେ ମଧ୍ୟ ବିଭାଗୀୟ କର୍ମଚାରୀମାନେ ଚଞ୍ଚକତା କରି ବାର୍ଷିକ ଲକ୍ଷାଧିକ ଟଙ୍କା ରାଜସ୍ୱ ଲୁଟି ନେଉଥିବା ଅଭିଯୋଗ ହୋଇଛି। ଏହି ଗାଡ଼ି ନିୟୋଜନ ପାଇଁ ପ୍ରତିବର୍ଷ ଟେଣ୍ଡର କରାଯିବାର ନିୟମ ଥିଲେ ମଧ୍ୟ କାଗଜପତ୍ରରେ ଚଞ୍ଚକତା କରାଯାଇ କେବଳ ନବୀକରଣ କରାଯାଉଥିବା ଅଭିଯୋଗ ହୋଇଛି। ଏପରି କାରବାରରେ ବିଭାଗୀୟ କର୍ମଚାରୀ ବିଭାଗୀୟ ଅଧିକାରୀଙ୍କୁ ପ୍ରଲୋଭିତ କରି ଗଳାବାଟରେ ଏପରି ଚଞ୍ଚକତା କରୁଥିବା ଗୁରୁତର ଅଭିଯୋଗ ହୋଇଛି। ଏଣୁ ଗାଡ଼ି ନିୟୋଜନ ପାଇଁ ସରକାରୀ ନୀତି ନିୟମ ଅନୁଯାୟୀ ପ୍ରତି ବର୍ଷ ଟେଣ୍ଡର ଆହ୍ୱାନ କରାଯିବା ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବା ଦିଗରେ କେନ୍ଦୁଝର ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା



କେନ୍ଦୁଝର, ୭।୩(ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଅଧିକାର ଆଇନ-୨୦୦୫ର ସଠିକ୍ ଅନୁପାଳନ ଏବଂ ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ଦିନିକିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା କଲେକ୍ଟୋରେଟ୍ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅଧିକାର ଆଇନର ଧାରା ୪ (୧) (ଖ) ଅନୁଯାୟୀ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ନିଜସ୍ୱ ତଥ୍ୟାବଳୀକୁ ସ୍ୱେଚ୍ଛାକୃତ ଭାବେ ସର୍ବସାଧାରଣରେ ପ୍ରକାଶ କରିବା ହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଭୁବନେଶ୍ୱରରୁ ଆସିଥିବା ବିଷୟ ବିଶେଷଜ୍ଞ ରଶ୍ମିରଞ୍ଜନ ରାଉତ ପ୍ରଶିକ୍ଷାର୍ଥୀଙ୍କୁ ନିମ୍ନଲିଖିତ ପ୍ରଶିକ୍ଷଣ ଦେଇଥିଲେ। ଅନ୍‌ଲାଇନ୍ ଆରଟିଆଇ ପୋର୍ଟାଲ ଇ-ଆରଟିଆଇ ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ପ୍ରଦାନ ସହ ସରକାରୀ ୱେବସାଇଟ୍‌ରେ ୧୭ଟି ବିଶିଷ୍ଟ ତଥ୍ୟାବଳୀର ନିୟମିତ ଅପଡେଟ୍ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଏବଂ ଆବେଦନ ଖାରଜ ହେଲେ ଅନୁସରଣ କରାଯାଉଥିବା ଆଇନଗତ ପ୍ରକ୍ରିୟା ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥରାଶିର ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ଆଲୋଚନା ହୋଇଥିଲା। ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ବିଭାଗରୁ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଜନସୂଚନା ଅଧିକାରୀ ଏବଂ ସହକାରୀ ଜନସୂଚନା ଅଧିକାରୀ ଅଂଶଗ୍ରହଣ କରିଥିଲେ। ସଚେତନତା ସୃଷ୍ଟି କରିବା ପାଇଁ ଉଚ୍ଚ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ଓଡ଼ିଆ ଓ ଇଂରାଜୀ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ, ନିଜାରତ ସନ୍ତୋଷ ଜେନା ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସାତ୍ତ୍ୱିକଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଆନନ୍ଦପୁର, ୭।୩(ସମିସ): ସର୍ବଭାରତୀୟ ସିଭିଲ ସର୍ଭିସ ପରୀକ୍ଷା (ୟୁପିଏସ୍‌ସି)ରେ ଅଲଇଣ୍ଡିଆ ର୍‌ୟାଙ୍କ ୧୦୦ ହାସଲ କରିଥିବା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହିର ମେଧାବୀ ଛାତ୍ର ସାତ୍ତ୍ୱିକ ସତ୍ୟକାମ ଦେବତାଙ୍କୁ ପିତାମାତାଙ୍କ ସହ ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସମ୍ବର୍ଦ୍ଧିତ କରିଛନ୍ତି। ସେ ଜଳକଳଙ୍ଗ ଗ୍ରାମର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଗୋସ୍ୱାମୀ ଗୋଲାମ ଦେବତାଙ୍କ ସୁପୁତ୍ର। ତାଙ୍କର ଏହି ଐତିହାସିକ ସଫଳତା ଆନନ୍ଦପୁର ଅଞ୍ଚଳ ସହ ସମଗ୍ର କେନ୍ଦୁଝର ଜିଲ୍ଲା ପାଇଁ ଗର୍ବର ବିଷୟ। ଶ୍ରୀ ସତ୍ୟକାମ ଦେବତା ଆଗାମୀ ଦିନରେ ଜନସେବାରେ ନିଜକୁ ସମର୍ପିତ କରି ଦେଶ ଓ ରାଜ୍ୟର ନାମକୁ ଆହୁରି ଉଜ୍ଜ୍ୱଳ କରନ୍ତୁ ବୋଲି ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ମହାସଭା ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

ନହଙ୍ଗୀରେ ମେଲଣ ଉତ୍ସବକୁ ନେଇ ଉତ୍ତେଜନା



ଆନନ୍ଦପୁର, ୭।୩(ସମିସ): ରାମଚନ୍ଦ୍ରପୁର ଥାନା ନହଙ୍ଗୀ ଗ୍ରାମରେ ମେଲଣ ଉତ୍ସବକୁ ନେଇ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ରାତ୍ରି ପ୍ରାୟ ୧୨ଟା ପରେ ଗ୍ରାମରେ ମେଲଣ ଉତ୍ସବ ପାଳନ ହେଉଥିଲା। ଅନୁସୂଚିତ ଜାତିର କିଛି ଯୁବକ ଏହି ଉତ୍ସବକୁ ଉତ୍ସାହର ସହିତ ପାଳନ କରିବା ପାଇଁ ଗୋଟିଏ ଡିଜେ ବ୍ୟବସ୍ଥା କରିଥିଲେ। ଉତ୍ସବ ଚାଲିଥିବା ସମୟରେ ପୁଲିସ ଅଚାନକ ସେଠାରେ ପହଞ୍ଚି ଡିଜେ ଗାଡିକୁ ଜବତ କରି ନେଇଯାଇଥିବା ଅଭିଯୋଗ ହୋଇଛି। ପୁଲିସରୁ ଡିଜେ ବଜାଇବା ପାଇଁ କୌଣସି ଅନୁମତି ନିଆଯାଇ ନଥିଲା। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣା ପରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଦେଖାଯାଇଥିଲା। ଗ୍ରାମବାସୀ ପ୍ରଶ୍ନ କରୁଛନ୍ତି ଯେ ଯଦି ଡିଜେ ପାଇଁ ଅନୁମତିପତ୍ର ଆବଶ୍ୟକ, ତେବେ ସମସ୍ତଙ୍କ ପାଇଁ ସମାନ ନିୟମ କାହିଁକି ପ୍ରୟୋଗ ହୋଇ ନଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଓ ଚର୍ଚ୍ଚା ବୃଦ୍ଧି ପାଇଛି। ପ୍ରଶାସନ ପକ୍ଷରୁ ଏହାର ସଠିକ୍ ତଦନ୍ତ କରି ସତ୍ୟ ଘଟଣାକୁ ସାମ୍ନାକୁ ଆଣିବା ପାଇଁ ସାଧାରଣ ଲୋକ ଦାବି କରୁଛନ୍ତି।

ଟାଟା ଷ୍ଟିଲ୍ ପକ୍ଷରୁ ଯୋଡ଼ାରେ ୧୮୭ତମ ପ୍ରତିଷ୍ଠା ଦିବସ



ଯୋଡ଼ା, ୭।୩(ସମିସ): ଟାଟା ଷ୍ଟିଲ୍ ଓରମାଇନ୍ସ ଆଣ୍ଡ କ୍ୱାରିଜ୍ (ଓଏମ୍‌କ୍ୟୁ) ଡିଭିଜନ୍ ଯୋଡା ୟୁନିଟ୍ ପକ୍ଷରୁ ଜାମସେଦଜୀ ନୁସରୱାନଜୀ ଟାଟାଙ୍କ ୧୮୭ତମ ଜୟନ୍ତୀକୁ ପ୍ରତିଷ୍ଠା ଦିବସ ରୂପେ ପାଳନ କରାଯାଇଛି। ଏହି ଅବସରରେ ଟାଟା ଷ୍ଟିଲ୍ ଯୋଡାର ଚିଫ୍ ରାଜେଶ କୁମାର ଅନ୍ୟାନ୍ୟ ୟୁନିଟ୍ ମୁଖ୍ୟ, ଅଧିକାରୀ, କର୍ମଚାରୀ ଏବଂ ୟୁନିୟନ୍ ପ୍ରତିନିଧିଙ୍କ ସହ ମିଶି ଜେସିଓ ଅଫିସଠାରେ ଜେଏନ୍ ଟାଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏତଦବ୍ୟତୀତ, ଯୋଡା ଇଷ୍ଟ ଖଣି, ଖଣ୍ଡବନ୍ଧ ଖଣି, ଫେରୋ ପ୍ଲାଣ୍ଟ, ନୀଳାଚଳ ଖଣି, କଳମଙ୍ଗ ଏବଂ ଗନ୍ଧଲପଦା ପ୍ରୋଜେକ୍ଟ ଅଫିସ, ବିଲେଇପଦାସ୍ଥିତ ସ୍ପଞ୍ଜ ପ୍ଲାଣ୍ଟ ଏବଂ ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସର କର୍ମଚାରୀ ଓ ଅଧିକାରୀମାନଙ୍କ ଦ୍ୱାରା ମଧ୍ୟ ଏହି ଦୂରଦ୍ରଷ୍ଟାଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରାତଃ ସମୟରେ ସ୍କୁଲ ଛାତ୍ରଛାତ୍ରୀମାନେ ପ୍ରଭାତ ଫେରିରେ ଅଂଶଗ୍ରହଣ କରିଥିଲେ ଯାହା ଯୋଡା ୱେଷ୍ଟ କ୍ୟାମ୍ପରୁ ଆରମ୍ଭ ହୋଇ ଜେସିଓ ଅଫିସ୍‌ରେ ଶେଷ ହୋଇଥିଲା। ସେମାନେ ମଧ୍ୟ ଏହି କିମ୍ବଦନ୍ତୀ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହା ପରେ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଅବସରରେ ରାଜେଶ କୁମାର, ଅନ୍ୟ ଅଧିକାରୀଗଣ, ମହିଳା ସମିତିର ସଦସ୍ୟବୃନ୍ଦ ଏବଂ ଟାଟା ଷ୍ଟିଲ୍ ହସ୍ପିଟାଲ୍ ଯୋଡାର ଅଧିକାରୀମାନଙ୍କ ଦ୍ୱାରା ରୋଗୀମାନଙ୍କୁ ଫଳ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା। ଏହି ଦିବସକୁ ଆହୁରି ଉତ୍ସବମୁଖର କରିବା ଲାଗି କର୍ମଚାରୀମାନଙ୍କ ପାଇଁ ସ୍ଥାନୀୟ କେନ୍ଦ୍ରୀୟ ଖେଳ ପଡିଆରେ ବିଭିନ୍ନ କୌତୁକ କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶେଷରେ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାବ୍ୟତୀତ ଯୋଡା ସହରରେ ଥିବା ସାର ଦୋରାବଜୀ ଟାଟା ବଟାନିକାଲ୍ ପାର୍କ, ସେଣ୍ଟନାରି ପାର୍କ, ରେନୱାଟର ହାର୍ଭେଷ୍ଟିଂ ପାର୍କକୁ ରଙ୍ଗ ବେରଙ୍ଗ ଆଲୋକମାଳାରେ ଆଲୋକିତ କରାଯାଇଥିଲା। ଲୋକମାନେ ପରିବାର ବର୍ଗଙ୍କ ସହ ବୁଲି ଏହି ସାଜସଜ୍ଜାକୁ ମନଭରି ଉପଭୋଗ କରିଥିଲେ।

ପଦାର୍ଥ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ



ଆନନ୍ଦପୁର, ୭।୩(ସମିସ): ଆନନ୍ଦପୁର ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ପଦାର୍ଥ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନାଇଜରର ପୋଷ୍ଟ ଡକ୍ଟରାଲ ଫେଲୋ ଡକ୍ଟର ପ୍ରଦୀପ୍ତ କୁମାର ବେହେରା ମୁଖ୍ୟବକ୍ତା ଭାବେ ନାନୋ ମ୍ୟାଟେରିଆଲ ଓ ତାର ପ୍ରୟୋଗ ଏବଂ କେମବ୍ରିଜ୍ ବିଶ୍ୱବିଦ୍ୟାଳୟର ପୋଷ୍ଟ ଡକ୍ଟରାଲ୍ ଫେଲୋ ଡକ୍ଟର ଦେବାଶିଷ ତ୍ରିପାଠୀ ଏନର୍ଜି ଷ୍ଟୋରେଜ ଡିଭାଇସ୍ ଉପରେ ଆଲୋଚନା କରିଥିଲେ। ଧନଞ୍ଜୟ ରାଉତ ସଂଯୋଜନା କରିଥିବା ବେଳେ ଡକ୍ଟର ଉତ୍ତମ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରିତମ ପ୍ରିୟଦର୍ଶୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ବୁଲେଟିନ ଦି କ୍ୱେଷ୍ଟକୁ ଅତିଥିମାନେ ଉନ୍ମୋଚନ୍ କରିଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା, ବିଜୟ କୁମାର ସାହୁ, ବିଶ୍ୱରଂଜନ ସାହୁ, ବିଶ୍ୱଜିତ ରାଉତ, ଦିବ୍ୟରଞ୍ଜନ ସାହୁ, ନରେଶ ସାହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

କାଶୀବେଡ଼ାରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ



ଆନନ୍ଦପୁର, ୭।୩(ସମିସ): ଘସିପୁରା ବ୍ଲକ ଗୋହିରା ପଞ୍ଚାୟତ କାଶୀବେଡାରେ ବାବା ତିଲକା ୟୁଥ ଆସୋସିଏସନ ଆନୁକୂଲ୍ୟରେ ୩ୟ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ କେନ୍ଦୁଝରର ଦିଗପସି ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଢେଙ୍କାନାଳର ରଙ୍ଗିଲା ପାହାଡ଼ ବିଜୟୀ ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଆସନ୍ତାକାଲି ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ଖେଳକୁ କ୍ଲବର ସଭାପତି ଭଗବାନ ଟୁଡୁ, ସମ୍ପାଦକ ଫଗୁରାମ ହାଁସଦା ସଦସ୍ୟ କାଳନ୍ଦୀ ଟୁଡୁ, ବୀର ମାରାଣ୍ଡିସାଇବା ମୁର୍ମୁ, ଧରମା ମୁର୍ମୁ, ପାଣ୍ଡବ ମୁର୍ମୁ, ରାମ ମୁର୍ମୁ, କୁନି ମୁଣ୍ଡା, ରାମଚନ୍ଦ୍ର ମୁଣ୍ଡା, ଶିବନାଥ ମୁଣ୍ଡା, ହେମନ୍ତ ଟୁଡୁ ପ୍ରମୁଖ ପରିଚାଳନା କରିଥିଲେ।

ନାହିଁ ଶୀତଳ ଭଣ୍ଡାର; ଟମାଟୋ ଚାଷ କରି ଚିନ୍ତାରେ ଚାଷୀ



ଆନନ୍ଦପୁର, ୭।୩ (ସମିସ): ସରକାର ଚାଷ ଉପରେ ଗୁରୁତ୍ୱ ଦେଉଥିବା ଘୋଷଣା କରୁଥିବା ବେଳେ ପ୍ରକୃତପକ୍ଷେ ଏହା ଓଲଟା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ଦେଖାଯାଉଛି। ଏହି ଅଞ୍ଚଳରେ ପ୍ରତିବର୍ଷ ପ୍ରଚୁର ପରିମାଣର ଟମାଟୋ ଉତ୍ପାଦନ ହେଉଛି। ହେଲେ ଶୀତଳ ଭଣ୍ଡାର ଅଭାବରୁ ଗଚ୍ଛିତ ହୋଇପାରୁ ନାହିଁ। ଚାଷୀଙ୍କୁ ତୋଳିବା ମୂଲ୍ୟ ମିଳୁନାହିଁ। ଦର ଅତ୍ୟନ୍ତ କମ୍ ରହୁଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଚାଷୀମାନଙ୍କଠାରୁ ଟମାଟୋ ଟ୍ରେ (୩୦କେଜି)କୁ ମାତ୍ର ୬୦ ଟଙ୍କାରେ କିଣି ନେଉଛନ୍ତି ବେପାରୀ; ଯାହା କି କିଲୋ ପ୍ରତି ୨ ଟଙ୍କା ହିସାବରେ ଚାଷୀ ଶୋଷଣର ଶିକାର ହେଉଛନ୍ତି। ହାଟ ଓ ବଜାରରେ କେଜି ୧୦ ଟଙ୍କାରେ ବିକ୍ରି ହେଉଛି। ଏଭଳି ସ୍ଥିତିରେ ଋଣ କରି ଟମାଟୋ ଚାଷ କରିଥିବା ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଆନନ୍ଦପୁର ପୌରାଞ୍ଚଳ ଅନ୍ତର୍ଗତ ପଦ୍ମପୁର ସମେତ ବାଉଁଶଗଡ଼, ଜଂଘାର, ବଳଦୁଆଁ, ଶାଳବଣି, ମୋଚିନ୍ଦା, ଷଡ଼ଙ୍ଗୀ, ହାତୀବନ୍ଧା, ପଞ୍ଚୁପଲ୍ଲୀ, ଅତାସାହି, ସରେଇଁ ଗ୍ରାମରେ ଶହଶହ ଏକର ଜମିରେ ଟମାଟୋ ଚାଷ ହୋଇଛି। ଚାଷୀମାନେ ଋଣ କରି ଚାଷ କରିଛନ୍ତି। ଏକର ପିଛା ୬୦ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିବେ ବୋଲି ଚାଷୀ ଲକ୍ଷ୍ୟ ରଖିଥିଲେ। ଅମଳ ସମୟରେ ଦର ବହୁତ ହ୍ରାସପାଉ ଥିବାରୁ ଚାଷୀମାନେ ନିରାଶ ହୋଇଛନ୍ତି। ୨୦ ଦିନ ତଳେ ଆନନ୍ଦପୁର, ଘସିପୁରା ବଜାରରେ ଟମାଟୋ କେଜି ୩୦ ଟଙ୍କାରେ ବିକ୍ରି ହେଉଥିଲା। ଏବେ ଦର ଖସି ୧୦ ଟଙ୍କାରେ ପହଞ୍ଚିଛି। ହାଟଗୁଡ଼ିକରେ ଟମାଟୋକୁ କେହି ପଚାରୁ ନାହାନ୍ତି। ଦୁଇସପ୍ତାହ ହେବ ପ୍ରଚୁର ପରିମାଣର ଟମାଟୋ ଉତ୍ପାଦନ ହେଉଥିବାରୁ ୨୮/୩୦କେଜି ରହୁଥିବା ଟ୍ରେ ପିଛା ମାତ୍ର ୬୦ରୁ ୮୦ଟଙ୍କାରେ ବିକ୍ରି ହେଉଛି। ପ୍ରତିଦିନ ପଦ୍ମପୁରରୁ ଏକହଜାରରୁ ଅଧିକ ଟ୍ରେ ଟମାଟୋ ବିଭିନ୍ନ ସ୍ଥାନକୁ ଯାଉଛି। ତୋଳିବା ପାଇଁ ଟ୍ରେ ପିଛା କଟକ, କୁଆଖିଆ, ଯାଜପୁର, ଭଦ୍ରକ ଅଞ୍ଚଳରୁ ବେପାରୀମାନେ ଆସୁଛନ୍ତି। ଦର କମ୍ ଯୋଗୁଁ ଚାଷୀମାନେ ଓଜନ ନ କରି ଟମାଟୋ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ହାତୀବନ୍ଧା ଗ୍ରାମର ଚାଷୀମାନେ ଟମାଟୋ ତୋଳଯାଉଛି।

କ୍ଷେତରେ ୨, ବଜାରରେ ୧୦ ଟଙ୍କା

ଶ୍ରମିକ ମଜୁରି ୩୦ରୁ ୩୫ଟଙ୍କା ପଡୁଥିବାରୁ ଚାଷୀମାନେ ବିପୁଳ କ୍ଷତି ସହୁଛନ୍ତି। ଦର କମ୍ ରହୁଥିବାରୁ ଚାଷ ବାବଦକୁ ଖର୍ଚ୍ଚ ହୋଇଥିବା ଟଙ୍କା ମିଳିବ କି ନାହିଁ ତାକୁ ନେଇ ଆଶଙ୍କା ରହିଛି ବୋଲି ପଦ୍ମପୁରର ଚାଷୀ ନାରାୟଣ ସାହୁ, କୋଦଣ୍ଡଧର ସାହୁ, ଲକ୍ଷ୍ମୀଧର ସାହୁ, ନବକିଶୋର ସାହୁ, ପାଗଳ ସେଠୀ ପ୍ରକାଶ କରିଛନ୍ତି। ଟମାଟୋ ନେବା ପାଇଁ ବାଲେଶ୍ୱର, ବିକ୍ରି ନ ହେବାରୁ ଟମାଟୋ ଟ୍ରେ ସବୁ ବିଲରେ ଖୋଲା ଆକାଶ ତଳେ ପଡ଼ିଛି। ଏ ସମ୍ପର୍କରେ ଚାଷୀ ନାରାୟଣ ଜେନା, ଶରତ କୁମାର ଜେନା, ରାମଚନ୍ଦ୍ର ଜେନା, ଇନ୍ଦ୍ରମଣି ଜେନା, କାଠିଆ ଖଟୁଆ, ଅଭୟ ଦାସ କହିଛନ୍ତି, ଶୀତଳ ଭଣ୍ଡାର ନଥିବାରୁ ଦର କମିଯାଉଛି। ଆଉ ୧୫/୨୦ ଦିନ ପରେ ଟମାଟୋ ଦର ପୁଣି ବଢ଼ିବ।



ଆଜି ମହିଳା ଦିବସ

ମହିଳା ସୁରକ୍ଷା ନେଇ ହଜାରେ ପ୍ରଶ୍ନ

ଭୁବନେଶ୍ୱର, ୭।୩(ସମିସ): ରାତି ପାହିଲେ ଅନ୍ତର୍ଜାତୀୟ ମହିଳା ଦିବସ। ସରକାରଙ୍କ ପକ୍ଷରୁ ମହିଳାଙ୍କ ପାଇଁ କଲ୍ୟାଣ ଯୋଜନା ସାଙ୍ଗକୁ ସୁରକ୍ଷା ପ୍ରତି ଭାଷଣ ଶୁଣିବାକୁ ମିଳିବ। କିନ୍ତୁ ବାସ୍ତବ।।ରେ ଆଜିର ମହିଳା କେତେ ସୁରକ୍ଷିତରେହାକୁ ନେଇ ଉଠୁଛି ମାଳ ମାଳ ପ୍ରଶ୍ନ। ନିକଟ ଅତୀତରେ ମହିଳାଙ୍କ ସୁରକ୍ଷାକୁ ଅନୁଧ୍ୟାନ କଲେ ଓଡ଼ିଶାରେ ଯେ, ମହିଳା ସୁରକ୍ଷିତ ନୁହନ୍ତି, ତାହା କାହାକୁ ଅଛପା ନାହିଁ।

ଗତ ୨୮ ତାରିଖରେ ପାରାଦୀପର ଦୁଇଦୁଇଟି ହୃଦୟ ବିଦାରକ ଘଟଣା ମହିଳାଙ୍କ ସୁରକ୍ଷା ପ୍ରତି ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ତାରିଣିଗଡାରେ ମହିଳାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା ଘଟଣା ମନରୁ ଲିଭି ନଥିବା ବେଳେ ଏହି ଅଞ୍ଚଳରେ ପୁଣି ଏକ ଅଭାବନୀୟ ଘଟଣା ଘଟିଛି। ପାରାଦୀପରେ ଜଣେ ୭ ବର୍ଷ ବୟସର ଶିଶୁକନ୍ୟାକୁ ଥଣ୍ଡା ପାନୀୟରେ ମଦ ମିଶାଇ ଚିକେନ ଦୋକାନ ଭିତରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଅଭିଯୁକ୍ତକୁ ବାନ୍ଧି ନିସ୍ତୁକ ମାଡ ମାରିବା ସହ ପୁଲିସ ଜିମା ଦେଇଛନ୍ତି। ଅଭିଯୁକ୍ତକୁ ପୁଲିସ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ନିକଟରେ ସୁନ୍ଦରଗଡ଼ ଜିଲ୍ଲାର କୁତ୍ରା ବ୍ଲକ ଅନ୍ତର୍ଗତ ଝିରପାଣି ଗ୍ରାମରେ ବିଧବା ମହିଳାଙ୍କୁ ଦୁର୍ବୃତ୍ତମାନେ ବୀଭତ୍ସ ହତ୍ୟା କରିଥିଲେ। ପାଲଲହଡ଼ା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଜଣେ ଶିକ୍ଷକ ୩ ବର୍ଷ ଧରି ଦୁଷ୍କର୍ମ କରିଥିବା ଜଣାପଡ଼ିଥିଲା। କେବଳ ପାଲଲହଡ଼ା ନୁହେଁ କନ୍ଧମାଳ ଜିଲ୍ଲାରେ ମଧ୍ୟ ସମାନ ଅଭିଯୋଗ ଆସିଥିଲା। କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଞ୍ଚଳରେ ଜଣେ ନାବାଳିକା ଛାତ୍ରୀଙ୍କୁ ବିଜ୍ଞାନ ମେଳା ବୁଲେଇ ନେଇ ଦୁଷ୍କର୍ମ କରିଥିବା ଶିକ୍ଷକଙ୍କୁ ଶେଷରେ ପୁଲିସ ବାନ୍ଧିଛି। ଭୁବନେଶ୍ୱର -କଟକରେ ମଧ ଆଉ ମହିଳା ସୁରକ୍ଷିତ ନାହାନ୍ତି। ଗତ ସପ୍ତାହରେ କଟକରେ ଏକ ଘରୋଇ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ପଢୁଥିବା ଦୁଇ ଭଉଣୀଙ୍କୁ ବସ୍ ଭିତରେ ବାରମ୍ବାର ଯୌନ ଶୋଷଣ କରାଯାଉଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ସେହିଭଳି ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଞ୍ଚଳର ଜଣେ ୧୫ ବର୍ଷ ବୟସର ନାବାଳିକା ଚାରିମାସର ଅନ୍ତସତ୍ତ୍ୱା ହେଇଥିବା ସୋମବାର ବାଙ୍ଗିରିପୋଷି ଥାନାରେ ଅଭିଯୋଗ କଲା ପରେ ପୁଲିସ ତତ୍ପରତା ଦେଖାଇଛି। ପୂରା ଅପରାଧର ପୃଷ୍ଠାକୁ ଦେଖିଲେ ଗତ କିଛିମାସ ହେଲା ରାଜ୍ୟରେ ମହିଳାମାନେ ଯେ, ଆଦୌ ସୁରକ୍ଷିତ ନୁହନ୍ତି ତାହା ସ୍ପଷ୍ଟ ହୋଇଛି।



- ମହିଳାଙ୍କ ଉପରେ ଅତ୍ୟାଚାର ଓ ଦୁଷ୍କର୍ମ ବଢୁଛି
- ନର ରାକ୍ଷାସଙ୍କ କବଳରୁ ବର୍ତ୍ତିପାରୁ ନାହାନ୍ତି ନାବାଳିକା ଛାତ୍ରୀ

ଓଡ଼ିଶା ରାଜ୍ୟ ମହିଳା କମିସନ ଦ୍ୱାରା ପ୍ରକାଶିତ ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ମଧ୍ୟରେ ଭୁବନେଶ୍ୱରରେ ମହିଳା ବିରୋଧୀ ଅପରାଧ ସର୍ବାଧିକ ହୋଇଛି। କମିସନର ୩୩ତମ ପ୍ରତିଷ୍ଠା ଦିବସ ପାଳନ ପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ରିପୋର୍ଟ ଉନ୍ମୋଚନ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଆର୍ଥିକ ବର୍ଷରେ ରାଜ୍ୟ ସାରା ମୋଟ ୨୦୬୪ ଟି ମାମଲା ପଞ୍ଜିକୃତ ହୋଇଥିଲା, ଯାହା ମଧ୍ୟରୁ କମିଶନ ଦ୍ୱାରା ୧୮୭୯ ଟି ମାମଲା ସମାଧାନ କରାଯାଇଛି।

ଘରୋଇ ହିଂସା ସର୍ବାଧିକ ରିପୋର୍ଟ ହୋଇଥିବା ଅପରାଧ ଭାବରେ ଉଭା ହୋଇଛି, ଯାହା ୮୫୨ ଟି ମାମଲା, ଯୌତୁକ ସମ୍ବନ୍ଧୀୟ ନିର୍ଯାତନା ଏବଂ ପରିତ୍ୟକ୍ତା ୬୭୫ ଟି ମାମଲା ସହିତ ରହିଛି। ଅନ୍ୟାନ୍ୟ ବର୍ଗରେ ମହିଳା ଅଧିକାର ଉଲ୍ଲଂଘନ (୧୮୨), ଅଶାଳୀନ ଆଚରଣ (୧୩୭), ବଳାତ୍କାର (୨୪), ପ୍ରତାରଣା (୩୦), ଯୌତୁକ ମୃତ୍ୟୁ (୧୨) ଏବଂ ସନ୍ଦେହଜନକ ମୃତ୍ୟୁ (୧୪) ଅନ୍ତର୍ଭୁକ୍ତ।

ଭୁବନେଶ୍ୱର ପରେ, କଟକ (୨୧୪), ଖୋର୍ଦ୍ଧା (୨୧୦), ପୁରୀ (୧୮୧), ଗଞ୍ଜାମ (୧୨୦), ଭଦ୍ରକ (୧୧୩) ଏବଂ ଯାଜପୁର (୧୦୩)ରେ ସର୍ବାଧିକ ମାମଲା ରେକର୍ଡ ହୋଇଛି, ଯାହା ସହରାଞ୍ଚଳ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳରେ ମହିଳା ସୁରକ୍ଷା ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ନୂତନ ଚିନ୍ତା ସୃଷ୍ଟି କରିଛି।

ପୁଲିସ ବ୍ୟବସ୍ଥା ପ୍ରତି ଅସାମାଜିକ ବ୍ୟକ୍ତିମାନେ ଆଦୌ ଭ୍ରୂକ୍ଷେପ କରୁ ନ ଥିବା ବେଳେ ସାଧାରଣ ଲୋକେ ପୁଲିସକୁ ଭରସା କରିପାରୁ ନାହାନ୍ତି। ସବୁଠାରୁ ବଡ଼କଥା ହେଉଛି ଏବେ ରାଜ୍ୟରେ ଯେତିକି ମହିଳା ବିରୋଧୀ ହିଂସା ମାନ ଘଟୁଛି ସେଥିରେ ଅଧିକାଂଶ ନାବାଳିକା ଏବଂ ସ୍କୁଲ ଛାତ୍ରୀମାନେ ଶୀକାର ହେଉଛନ୍ତି।

● ତାତି ପାଇଁ ବିଏମ୍‌ସିର ପ୍ରସ୍ତୁତି

ରୁପାଲି ଓ ପାୱାର ହାଉସ୍ ଛକରେ ହେବ ୪ କୋଟିର ସ୍ଥାୟୀ ସେଡ୍

ଭୁବନେଶ୍ୱର, ୭।୩(ସମିସ): ଚଳିତବର୍ଷ ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର୍ ଚଞ୍ଚଳ ରାଣା, ଅତିରିକ୍ତ କମିସନର୍ ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ତାତିରୁ ରକ୍ଷା ପାଇଁ ଅସ୍ଥାୟୀ ଶେଡ୍ ବଦଳରେ ସ୍ଥାୟୀ ସେଡ୍ କରିବାକୁ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ରୁପାଲି ଓ ପାୱାର ହାଉସ ଛକରେ ୪ କୋଟି ଟଙ୍କା ବ୍ୟୟରେ ସ୍ଥାୟୀ ସେଡ୍ କରାଯିବ ବୋଲି ମେୟର ଶ୍ରୀମତୀ ଦାସ କହିଛନ୍ତି। ମେୟର କହିଥିଲେ, ୱାଟ୍‌କୋ ସହ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଆଜିର ବୈଠକରେ ଉପସ୍ଥିତ ଥିଲେ। ଚଳିତବର୍ଷ ସବୁ ୱାର୍ଡରେ ଜଳଛତ୍ର ଖୋଲିବାକୁ ନିଷ୍ପତ୍ତି ହୋଇଛି। ବିଏମ୍‌ସି ଡାକ୍ତରଖାନାରେ ଅଂଶୁଘାତ ଚିକିତ୍ସା ପାଇଁ ସ୍ୱତନ୍ତ୍ର କକ୍ଷ ପ୍ରସ୍ତୁତ କରିବାକୁ କୁହାଯାଇଛି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ସମସ୍ତ ବିଦ୍ୟାଳୟ, ଅଙ୍ଗନବାଡ଼ିରେ ପର୍ଯ୍ୟାପ୍ତ ପାନୀୟ ଜଳ, ଓଆରଏସ ମହଜୁଦ ରଖିବାକୁ କୁହାଯାଇଛି। ଅଚଳ ପଙ୍ଖାଗୁଡ଼ିକ ସଚଳ କୁହାଯାଇଛି। ଏହାର ସ୍ଥିତି ଅନୁଧ୍ୟାନ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଅଚଳ ଟ୍ୟୁବୱେଲ୍‌କୁ ୭ ଦିନ ଭିତରେ ସଜାଡ଼ିବାକୁ ୱାଟ୍‌କୋକୁ ନିର୍ଦ୍ଦେଶ ଦିଆଯାଇଛି। ପାନୀୟ ଜଳ ପ୍ରକଳ୍ପ ମରାମତି କରିବାକୁ କୁହାଯାଇଛି। ୱାର୍ଡ ଅଫିସ ଓ ଅନ୍ୟାନ୍ୟ ସ୍ଥାନରେ ବିଏମ୍‌ସି, ପଙ୍ଖା, ପାନୀୟ ଜଳର ବ୍ୟବସ୍ଥା କରିବାକୁ କୁହାଯାଇଛି।

ଆମ ବସ୍‌କୁ ପିଟିଲା କାର୍



ଭୁବନେଶ୍ୱର, ୭।୩(ସମିସ): ଶନିବାର ରାମ ମନ୍ଦିର ଛକରେ ଆମବସ୍ ସହିତ କାର ଦୁର୍ଘଟଣା ଘଟିଛି। ଫଳରେ କିଛି ସମୟ ପାଇଁ ଏହି ସ୍ଥାନରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଟ୍ରାଫିକ୍‌ରେ କାର୍ଯ୍ୟରତ ଥିବା ପୁଲିସ କର୍ମଚାରୀ ଲୋକଙ୍କୁ ବୁଝାସୁଝା କରାଇବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଏନେଇ ସ୍ଥାନୀୟ କିଛି ଲୋକ କୁହନ୍ତି ଯଦି କାର ମାଲିକ ବସ୍ ଠାରୁ କିଛି ଦୂରତା ରକ୍ଷା କରି ଗାଡ଼ି ଚଲାଇବା କଥା। ହେଲେ ସେ ବସ୍ ପାଖାପାଖି ଗାଡ଼ି ଚଳାଉଥିଲେ ଯେଉଁଥିପାଇଁ ଏହି ଦୁର୍ଘଟଣା ଘଟିଲା। ଏହିପରି କାର ମାଲିକ କହିଛନ୍ତି କି ବସ୍‌ଟି ଅଚାନକ ବ୍ରେକ୍ ମାରିବାରୁ ତାଙ୍କ କାର ସହିତ ଧକ୍କା ହେଲା ବୋଲି ସେ ଅଭିଯୋଗ କରିଛନ୍ତି।

ଅଳିଆ ପକାଇବାକୁ କେନ୍ଦ୍ର କରି ରକ୍ତପାତ

ଦୁଇଟି ମାମଲାରେ ଦୁଇ ଗିରଫ



ଭୁବନେଶ୍ୱର, ୭।୩ (ସମିସ): ଏୟାରଫିଲ୍ଡ ଥାନା ଅନ୍ତର୍ଗତ କଲ୍ୟାଣୀ ବିହାର ଫେଜ୍୨ ଅଞ୍ଚଳରେ ଦୁଇ ପଡୋଶୀଙ୍କ ମଧ୍ୟରେ ଅଳିଆ ପକାଇବାକୁ କେନ୍ଦ୍ର କରି ତୁମୁଳ ସଂଗ୍ରାମ। ପରସ୍ପରକୁ ଲୁହା ପାଇପ୍ ଓ ରଡ଼ରେ ଆକ୍ରମଣ କରି ଲହୁ ଲୁହାଣ କରିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏହାକୁ ନେଇ ଏୟାରଫିଲ୍ଡ ଥାନା ପୁଲିସ ଦୁଇଟି ମାମଲା ରୁଜୁ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତପନ କୁମାର ରାୟ ଏବଂ ପ୍ରେମାଂଶୁ ରଞ୍ଜନ ଗଜେନ୍ଦ୍ର।

ପୁଲିସ ସୂଚନା ମୁତାବକ, ବାସିନ୍ଦାମାନଙ୍କ ମଧ୍ୟରେ ହୋଇଥିବା ଝଗଡ଼ା ସମ୍ପର୍କରେ ଉଭୟ ପକ୍ଷଙ୍କ ଦ୍ୱାରା ଦାଖଲ ହୋଇଥିବା ରିପୋର୍ଟ୍ ଆଧାରରେ ଏୟାରଫିଲ୍ଡ ଥାନାରେ ଦୁଇଟି ପାଲଟା ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଅଭିଯୋଗକାରୀ ପ୍ରକାଶ ଚନ୍ଦ୍ର ଗଜେନ୍ଦ୍ର ତାଙ୍କ ଘରେ ଥିବା ସମୟରେ ଅଭିଯୁକ୍ତ ତାପସ କୁମାର ରାୟ ଉର୍ଫ ତପୁ ସେଠାକୁ ଆସି ତାଙ୍କ ଘର ସାମ୍ନାରେ ଅଳିଆ ପକାଇଥିଲେ। ଏହାକୁ ବିରୋଧ କରିବାରୁ ତାପସ ରାଗିଯାଇ ଅଭିଯୋଗକାରୀଙ୍କୁ ଏକ ଲୁହା ରଡ୍ ଦ୍ୱାରା ମୁଣ୍ଡ ଏବଂ ହାତରେ ଆକ୍ରମଣ କରିଥିଲେ। ଏହା ପରେ ସେହି ଦିନ ରାତି ପ୍ରାୟ ୧୦.୨୦ ସମୟରେ ଅଭିଯୁକ୍ତ ପ୍ରେମାଂଶୁ ରଞ୍ଜନ ଗଜେନ୍ଦ୍ର ଉର୍ଫ ରିଙ୍କୁ ତାପସ କୁମାର ରାୟ ଉର୍ଫ ତପୁଙ୍କ ଘର ସାମ୍ନାରେ ଯାଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଧମକ ଦେଇଥିଲେ। ଗୋଟିଏ ଲୁହା ପାଇପ୍ ସାହାଯ୍ୟରେ ଆକ୍ରମଣ କରିଥିଲେ। ଯାହା ତାଙ୍କ ମୁଣ୍ଡରେ ଆଘାତ କରିଥିଲା। ତଦନ୍ତ ସମୟରେ ଘଟଣାରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଯଥା ଗୋଟିଏ ଲୁହା ରଡ୍ ଏବଂ ଗୋଟିଏ ଲୁହା ପାଇପ୍ ଜବତ କରାଯାଇଥିଲା।

ଅପରେସନ୍ ସାଇବର୍ କବଚ

୩୧ ହଜାର ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ

ଭୁବନେଶ୍ୱର, ୭।୩(ସମିସ): ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି। ଏହି ଅଭିଯାନ ଅଧୀନରେ ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟକ ମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୩୧, ୪୯୮ ଟି ମ୍ୟୁଲ୍/ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ୧୦୯୦ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସଂକ୍ରାନ୍ତ ସାଇବର ମାମଲା, ଏଟିଏମ୍ ଉଠାଣ ସମ୍ପର୍କିତ ୩୪ଟି, ଚେକ୍ ଉଠାଣ ସମ୍ପର୍କିତ ୩୫ଟି ଏବଂ ୨୩ଟି ନକଲି ସିମ୍/ପିଓଏସ୍ ଯାଞ୍ଚ ସମ୍ପର୍କିତ ମାମଲା ରୁଜୁ କରାଯାଇଛି। ଏହା ସହ ୩୨୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସହ, ନୂଆ ଓ ପୁରୁଣା ୧୮୩ଟି ଏଫ୍‌ଆଇଆର୍ ସହ ସମ୍ପୃକ୍ତ ୬୫୩୨ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ବିଶେଷ ଅଭିଯାନରେ ପୁରୀ ଜିଲ୍ଲା ପୁଲିସ ୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ଜିଲ୍ଲା ପୁଲିସ ୨୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପୃକ୍ତ ୩ଟି ଏବଂ ଚେକ୍ ଟଙ୍କା ଉଠାଣ ସମ୍ପୃକ୍ତ ୧ଟି ମାମଲା ରୁଜୁ କରି ୩ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ଭୁବନେଶ୍ୱର (ଯୁପିଡ଼ି) ପୁଲିସ ୧୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିବା ସହ ୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ୪ ଜଣଙ୍କୁ ନୋଟିସ୍ ଜାରି କରିଛି। କଟକ (ଯୁପିଡ଼ି) ପୁଲିସ ଚେକ୍ ଟଙ୍କା ଉଠାଣ ସମ୍ପୃକ୍ତ ୧ଟି ମାମଲା ରୁଜୁ କରିଛି। ସେହିପରି ନୟାଗଡ଼ ଜିଲ୍ଲା ପୁଲିସ ୮୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩୦ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ବଲାଙ୍ଗିର ଜିଲ୍ଲା ପୁଲିସ ୬ଟି, ସୁବର୍ଣ୍ଣପୁର ଜିଲ୍ଲା ପୁଲିସ ୮୦ଟି, ବାଲେଶ୍ୱର ଜିଲ୍ଲା ପୁଲିସ ୩୩ଟି ଏବଂ ଭଦ୍ରକ ଜିଲ୍ଲା ପୁଲିସ ୨୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ମୟୂରଭଞ୍ଜ ଜିଲ୍ଲା ପୁଲିସ ୨୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୮ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ବ୍ରହ୍ମପୁର ଜିଲ୍ଲା ପୁଲିସ ୮୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ପୁରୁଣା ଏଫ୍.ଆଇ.ଆର୍ ସମ୍ପୃକ୍ତ ୮୦ ଜଣଙ୍କୁ ନୋଟିସ୍ ଜାରି କରିଛି। ବୌଦ୍ଧ ଜିଲ୍ଲା ପୁଲିସ ୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୭ ଜଣଙ୍କୁ ନୋଟିସ୍ ଜାରି କରିଛି। ଗଞ୍ଜାମ ଜିଲ୍ଲା ପୋଲିସ ୧୧ଟି, କଳାହାଣ୍ଡି ଜିଲ୍ଲା ପୁଲିସ ୧୨୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୪ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। କୋରାପୁଟ ଜିଲ୍ଲା ପୁଲିସ ୨୩ଟି, ମାଲକାନଗିରି ଜିଲ୍ଲା ପୁଲିସ ୬ଟି ଏବଂ ନୂଆପଡ଼ା ଜିଲ୍ଲା ପୁଲିସ ୧୧୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ରାଜ୍ୟବାସୀଙ୍କ ଡିଜିଟାଲ କାରବାରର ସୁରକ୍ଷା ପାଇଁ ଓଡ଼ିଶା ପୋଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି।

୩୨୮ ଗିରଫ



(ଫଟୋ: ସକାଳ)

● ଫ୍ୟାନ୍‌ରେ ଝୁଲି ଜେଲ୍ ୱାର୍ଡରଙ୍କ ଆତ୍ମହତ୍ୟା ମାମଲା

ହତ୍ୟା ଅଭିଯୋଗ କରି ଓହରିଲେ ପୁତୁରା



ଭୁବନେଶ୍ୱର, ୭।୩(ସମିସ): ଜେଲ ୱାର୍ଡର ସାରଥୀ ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଖୁଡିଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଲେ ସାରଥୀଙ୍କ ପୁତୁରା। ୱାଟ୍ସ୍ ଆପ୍ ଗ୍ରୁପରେ ଭାଇରାଲ ହେଉଥିବା ଏକ ଚ୍ୟାଟ୍‌କୁ ଆଧାର କରି ପୁତୁରା ଏଭଳି ଅଭିଯୋଗ ଆଣିଥିଲେ। ଯେଉଁଥିଲେ ଉଲ୍ଲେଖ ରହିଥିଲା ସାରଥୀଙ୍କୁ ତାଙ୍କ ସ୍ତ୍ରୀ ବିଷ ଦେଇ ମାରି ଦେବାକୁ ଉଦ୍ୟମ କରୁଛନ୍ତି। ହେଲେ କ୍ୟାପିଟାଲ ହସ୍ପିଟାଲରେ ଦାଦାଙ୍କ ଶବ ଦେଖିବା ଏବଂ ବ୍ୟବଚ୍ଛେଦ ପରେ ପୁତୁରାଙ୍କ ମନ ବଦଳି ଯାଇଥିଲା। ଏଣୁ ସେ ତାଙ୍କ ଅଭିଯୋଗକୁ ଫେରାଇ ନେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଏବଂ ପୁଲିସ ତଦନ୍ତ ଆଧାରରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପୁଲିସକୁ ଅନୁରୋଧ କରିଛନ୍ତି। ଯାହାଫଳରେ ଆତ୍ମହତ୍ୟାକୁ ନୁହେଁ ହତ୍ୟା ବୋଲି ଯେଉଁ ଚର୍ଚ୍ଚା ଲାଗି ରହିଥିଲା ତାହା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଥମି ଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ହିଁ ଜେଲର ମୃତ୍ୟୁ ମାମଲାର ରହସ୍ୟ ଖୋଲିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ସାରଥୀ ନୟାଗଡ଼ ସବ୍ ଜେଲରେ ଜେଲ ୱାର୍ଡର ଭାବେ କାର୍ଯ୍ୟରତ ଥିଲା ବେଳେ ପରିବାର ସହ ସେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଜେଲ୍ କ୍ୱାର୍ଟର୍ସରେ ରହୁଥିଲେ। ସେ ତିନିଦିନ ହେବ ଛୁଟିରେ ଘରକୁ ଆସିଥିଲେ। ଜେଲ କ୍ୱାର୍ଟର୍ସରେ ତାଙ୍କ ପତ୍ନୀ, ପୁଅ, ଝିଅ ଏବଂ ଝିଆରି ରହୁଥିଲେ। ଗୁରୁବାର ରାତି ସମୟରେ ସେମାନେ ଶୋଇଥିଲେ। ସକାଳୁ ଘରେ ଅନ୍ୟ ଏକ ରୁମ୍‌ରେ ଧୋତି ସାହାର୍ଯ୍ୟରେ ଫାଶି ଲଗାଇ ଦେଇଥିଲେ।

ଏହାପରେ ନୟାଗଡ଼ ଜେଲ ବିଭାଗର ଏକ ୱାର୍ଟସପ୍ ଗ୍ରୁପ୍‌ରେ ଚାର୍ଟ ଭାଇରାଲ ହେବାରେ ଲାଗିଥିଲା। ଯେଉଁଥିରେ ସାରଥୀ ଲେଖିଥିଲେ ତାଙ୍କ ସ୍ତ୍ରୀ ତାଙ୍କୁ ବିଷ ଦେଇ ମାରିଦେବାକୁ ଉଦ୍ୟମ କରୁଛନ୍ତି। ଏହାପରେ ସାରଥୀଙ୍କ ସ୍ତ୍ରୀଙ୍କ ଉପରେ ସନ୍ଦେହ ବଢ଼ିଥିଲା। ତାଙ୍କ ପୁତୁରା ଗାଁରୁ ଆସିବା ପରେ ଖୁଡିଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଥିଲେ। ଏଣୁ ଏହି ମାମଲା ଆତ୍ମହତ୍ୟା ନୁହେଁ ହତ୍ୟା ବୋଲି ଚର୍ଚ୍ଚା ହେଉଥିଲା। ହେଲେ ପରବର୍ତ୍ତି ସମୟରେ ସେ ନିଜ ଅଭିଯୋଗରୁ ଓହରି ଯାଇଥିଲେ।

ମିସ୍ତ୍ରିଙ୍କୁ କାଠ ଫାଳିଆରେ ଆକ୍ରମଣ; ଶ୍ରମିକ ଗିରଫ

ଭୁବନେଶ୍ୱର, ୭।୩ (ସମିସ): ମିସ୍ତ୍ରିଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗରେ ଶ୍ରମିକକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବରବାରି ବସ୍ତିରେ ରହୁଥିବା ଗଞ୍ଜାମ ଜିଲ୍ଲା ତାରସିଂ ଥାନା ବାଙ୍କତଳ ଗାଁର ସନିଆ ନାୟକ (୨୩)।

ପୁଲିସ ସୂଚନାନୁଯାୟୀ, ବରବାରି ବସ୍ତିର ରଙ୍ଗମିସ୍ତ୍ରି ରବି ନାୟକ ସ୍ଥାନୀୟ ଅଞ୍ଚଳର ସନିଆକୁ ସାଙ୍ଗରେ ନେଇ କାମ କରିବାକୁ ଯାଆନ୍ତି। ରବି ଗତମାସ ୨୮ ତାରିଖ ଦିନ ଶନିଆକୁ କାମକୁ ଡାକିଥିଲେ ମଧ୍ୟ ସେ ମନା କରି ଦେଇଥିଲା। ଫଳରେ ସେ ଜଣେ ଠିକାଦାରଙ୍କ ମାଧ୍ୟମରେ ଅନ୍ୟ ଜଣେ ଶ୍ରମିକଙ୍କୁ ନେଇ କାମକୁ ଯାଇଥିଲେ। ସେହିଦିନ ସନ୍ଧ୍ୟାରେ ରବି କାମରୁ ଫେରି ତାଙ୍କ ଘର ବାରଣ୍ଡାରେ ବସିଥିବା ବେଳେ ସନିଆ ସେଠାକୁ ଆସି କାହିଁକି ଅନ୍ୟ ଶ୍ରମିକଙ୍କୁ ନେଇ କାମ କରିଲ ବୋଲି ପଚାରିଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସନିଆ ଉତକ୍ଷିପ୍ତ ହୋଇ ରବିଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କାଠ ଫାଳିଆରେ ଆକ୍ରମଣ କରିଥିଲା। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଆକ୍ରମଣ ପରେ ସନିଆ ଭୟଙ୍କର ପରିଣାମର ଧମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ରବି କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେବାପରେ ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ। ପୁଲିସ ଶନିବାର ରମାମଣି ପେଟ୍ରୋଲ ପମ୍ପ ପଛପଟରୁ ସନିଆକୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ କାଠ ଫାଳିଆ ଜବତ କରିଥିଲା।



ପ୍ରମାଣ ନ ଥିବା ଦର୍ଶାଇ ମାମଲା ବନ୍ଦ

ଆନ୍ଦୋଳନକାରୀଙ୍କୁ ଚାପୁଡ଼ା; ମଦ ବେପାରୀଙ୍କୁ ଅନୁକମ୍ପା

ଭୁବନେଶ୍ୱର, ୭।୩ (ସମିସ): ମାମଲା ରୁଜୁଠାରୁ ଆରମ୍ଭ କରି ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ପର୍ଯ୍ୟନ୍ତ ଡିଜିପି ଗୁରୁତ୍ୱ ଦେଉଛନ୍ତି। ପଡ଼ି ରହିଥିବା ପୁରୁଣା ଓ ନୂଆ ମାମଲାର ତଦନ୍ତ ସାରି ଅଭିଯୋଗକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ଡିସିପି ଉଦ୍ୟମ ଚଳାଇଛନ୍ତି। ହେଲେ ଏହାରି ଭିତରେ ମଦ ବେପାରୀଙ୍କୁ ଅନୁକମ୍ପା ଦେଖାଇଛି ପୁଲିସ। ଲୋକମାନେ ବିପୁଳ ମଦ ସହ ଦୁଇ ଅଭିଯୁକ୍ତ ନାମରେ ଅଭିଯୋଗ କରିଥିଲେ ମଧ୍ୟ ଚାର୍ଜସିଟ୍ ବଦଳରେ ପର୍ଯ୍ୟାପ୍ତ ପ୍ରମାଣ ନଥିବା ଦର୍ଶାଇ ମାମଲା ବନ୍ଦ କରିଛି। ବାଲିପାଟଣା ଥାନାର ଏଭଳି ତଦନ୍ତ ପୁଲିସ ଓ ମଦ ବେପାରୀ ସମ୍ପର୍କକୁ ପଦାରେ ପକାଇଛି। ସବୁଠାରୁ କୌତୁହଳର ବିଷୟ ହେଉଛି, ଯେଉଁ ଦୁଇ ଅଭିଯୁକ୍ତଙ୍କୁ ପୁଲିସ କ୍ଲିନ୍‌ଚିଟ୍ ଦେଇଛି ସେମାନଙ୍କ ନାମରେ ଅନେକ ଚୋରା ମଦ କାରବାର ମାମଲା ରହିଛି। ଅଭ୍ୟାସଗତ ମଦ ବେପାରୀଙ୍କ ବିରୋଧରେ ମାମଲା ବନ୍ଦକରି ପୁଲିସ ପରୋକ୍ଷରେ ନିଶା ବେପାରକୁ ପ୍ରୋତ୍ସାହନ ଦେଉଥିବା ନେଇ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ବାଲିପାଟଣା ଥାନା ଅନ୍ତର୍ଗତ ଆଲିଶି ଶାସନ ଅଞ୍ଚଳରେ ଦୁଇ ଭାଇ କମନ ମଲ୍ଲିକ ଓ ପ୍ରମୋଦ ମଲ୍ଲିକ ସ୍ଥାନୀୟ ଅଞ୍ଚଳରେ ଚୋରା ମଦ କାରବାର କରି ଆସୁଛନ୍ତି। ଏମିତିକି ଏକାଧିକ ଥର ଗିରଫ ମଧ୍ୟ ହୋଇଛନ୍ତି। ଫଳରେ ସ୍ଥାନୀୟ ଲୋକେ ନିଶା ସେବନ କରିବା ସହ ପାରିବାରିକ କଳହ ବଢୁଛି। ମଦ୍ୟପାନ ଯୋଗୁଁ ଗତ ଡିସେମ୍ବର ମାସରେ ଡିହ ସାହିର ଜଣେ ଯୁବକଙ୍କର ମୃତ୍ୟୁ ହେବାପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେହି ମାସ ୧୧ ତାରିଖ ଦିନ ସ୍ଥାନୀୟ ମହିଳାମାନେ ତା' ଦୋକାନ ଭିତରୁ ଏବଂ ବାଡ଼ି ପଟରୁ ୩ଟି ପେଟି ଆସ୍କା ଫୋର୍ଟି ଓ ଅଧ ପେଟି ବିଦେଶୀ ମଦ ଜବତ କରିଥିଲେ। ବେଆଇନ ବା ଚୋରା ମଦ କାରବାର ବନ୍ଦ କରିବା ଦାବିରେ ଖେଲାର - ବାଳକାଟି ରାସ୍ତା ଅବରୋଧ କରିଥିଲେ। ଅବକାରୀ ଟିମ୍ ଓ ବାଲିପାଟଣା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗ୍ରାମବାସୀମାନେ କମନ ଓ ପ୍ରମୋଦ ନାମରେ ବାଲିପାଟଣା ଥାନାରେ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ କେସ୍ ନଂ - ୫୭୮/୨୫ ରେ ମାମଲା ରୁଜୁ କରିବା ସହ ତତ୍କାଳୀନ ଏଏସ୍‌ଆଇ କିଶୋର କୁମାର ପାଢ଼ୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା।



ଗ୍ରାମବାସୀମାନେ ଅଭିଯୁକ୍ତଙ୍କ ଘର ଭିତରୁ ମଦ ଜବତ କରି ଏଫ୍‌ଆଇଆର୍ ଦେଇଥିଲେ ମଧ୍ୟ ପୁଲିସ ସେମାନଙ୍କୁ ଗିରଫ କରିନଥିଲା। ଗିରଫଦାରୀ କଥା ଦୂରରେ ଥାଉ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ମଧ୍ୟ ଦାଖଲ କରିବାକୁ ଉଚିତ୍ ମଣି ନଥିଲା। ପୂର୍ବରୁ ସେଇ ଦୁଇ ଅଭିଯୁକ୍ତଙ୍କ ନାମରେ ଏକାଧିକ ଚୋରା ମଦ କାରବାର ଥିଲେ ମଧ୍ୟ ପୁଲିସ ସେମାନଙ୍କୁ ଅନୁକମ୍ପା ଦେଖାଇଥିଲା। ଆଶ୍ଚର୍ଯ୍ୟଜନକ କଥାଟି ହେଉଛି, ଦୁଇ ଅଭିଯୁକ୍ତଙ୍କ ଘର ଭିତରୁ ଲୋକମାନେ ମଦ ଜବତ କରିଥିଲେ ମଧ୍ୟ ତଦନ୍ତକାରୀ ଅଧିକାରୀ ଶ୍ରୀ ପାଢ଼ୀ ସେମାନଙ୍କ ବିରୋଧରେ କୌଣସି ପ୍ରମାଣ ପାଇପାରି ନ ଥିଲେ। ଶେଷରେ ପ୍ରମାଣ ନ ଥିବା (ଏଫ୍‌ଆର୍‌ଆଇ) ଦର୍ଶାଇ ମାମଲା ବନ୍ଦ କରିଥିଲେ ତଦନ୍ତକାରୀ ଅଧିକାରୀ। ଅଭ୍ୟାସଗତ ମଦ ବେପାରୀଙ୍କ ବିରୋଧରେ ପ୍ରମାଣ ନ ପାଇବା ପୁଲିସର ତଦନ୍ତକୁ ସନ୍ଦେହ ଘେରକୁ ଠେଲି ଦେଇଛି। ମାମଲା ବନ୍ଦ ସମୟରେ କେସ୍ ସୁପରଭିଜନ୍ କରିଥିବା ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିବା ଭଳି, କମିସନରେଟ ପୁଲିସରେ ବିଭିନ୍ନ ମାମଲାର ହେଉଥିବା ତଦନ୍ତର ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଭୁବନେଶ୍ୱର ସିଟି

ଆଜି ଅନ୍ତର୍ଜାତୀୟ ମହିଳା ଦିବସ

ପରିବହନ କ୍ଷେତ୍ରରେ ସାମିଲ ହେଲେଣି ମହିଳା

ଭୁବନେଶ୍ୱର, ୭।୩(ସମିସ): ମାଟିରୁ ମହାକାଶ। ସଡ଼କରୁ ସଂସଦ। ସବୁଠି ସବୁ କ୍ଷେତ୍ରରେ ମହିଳାଙ୍କ ବୈଜୟନ୍ତୀ। ସେମାନଙ୍କ ପାଇଁ ପରିସ୍ଥିତି ଯେତେ ଜଟିଳ ହେଉ ପଛକେ, ଆହ୍ୱାନ ଯେତେ ପ୍ରତିକୂଳ ହେଲେ ହେଁ ମହିଳାମାନେ ଆଜିର ଦିନରେ ନିଜକୁ ଅପରାଜିତା, ସ୍ୱୟଂ-ସିଦ୍ଧା ଓ ସମ୍ପୂର୍ଣ୍ଣା ବୋଲି ଅନେକ ପ୍ରମାଣ ଦେଇ ସାରିଛନ୍ତି। ସେହିପରି ଏବେ ମହିଳାମାନେ ପରିବହନ କ୍ଷେତ୍ରରେ ବହୁମାତ୍ରାରେ ନିଜକୁ ସାମିଲକରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି।

ପରିବାର ପ୍ରତିପୋଷଣରୁ ନେଇ ଦୁଷ୍ପ୍ରାପ୍ୟ ପାରିଜାତ ପାଖରେ ପହଞ୍ଚିବାର ଲକ୍ଷ୍ୟ ଓ ସଂକଳ୍ପ ସେମାନଙ୍କ ଭିତରେ ଯେମିତି ଏକ ଆଦିମ ସଂକଳ୍ପ। ସମାଜର ଆଖିଠାରକୁ ଭ୍ରୂକ୍ଷେପ କରି ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ହେଉ କି ପରିବହନ ସବୁଠି ଏବେ ମହିଳାଙ୍କ ସ୍ୱାକ୍ଷର। ସମ୍ପ୍ରତି ମହିଳାମାନେ ସାଜିଛନ୍ତି ବିକାଶର ନବ ଉନ୍ମେଷ। ଅସରନ୍ତି ଆଖିର ପ୍ରେରଣା ଏହି ମହିଳାମାନେ। ରାଜ୍ୟର କୋଣ ଅନୁକୋଣରୁ ଏବେ ପରିବହନ କ୍ଷେତ୍ରରେ ମହିଳାମାନେ ଆଗେଇ ଆସିଲେଣି। ପୂର୍ବରୁ କେବଳ ଏ କ୍ଷେତ୍ରରେ ପୁରୁଷ ମାନଙ୍କୁ ହିଁ ଦେଖିବାକୁ ମିଳୁଥିଲା। ହେଲେ ସମୟ ବଦଳିବା ସହ ଯାତ୍ରୀବାହୀ ଗାଡି ଚଳେଇବାରେ ମହିଳାମାନେ ବି ପଛରେ ନାହାନ୍ତି। ଅଟୋ, କାର ତଥା ବେଟ୍ରି ଚାଳିତ ଗାଡି ଚଲାଉଥିବା କିଛି ମାତ୍ରାରେ ପରିଲକ୍ଷିତ ହେଉଥିଲା। ସେହିପରି କ୍ରୁଟ ପକ୍ଷରୁ ଏବେ ଆମ ବସ ସେବା ପାଇଁ ମହିଳା ଡ୍ରାଇଭରଙ୍କୁ ସାମିଲ କରିବା ଆରମ୍ଭ ହୋଇଛି। ଯେଉଁଥିରେ ଭାରି ମୋଟର ଯାନ ଲାଇସେନ୍ସ ଥିବା ୨୦



ଜଣ ମହିଳା ଡ୍ରାଇଭର ପୁଣେରେ ପ୍ରଶିକ୍ଷଣ ନେଇ ଫେରିଛନ୍ତି। ସମୟ ସହ ରାଜଧାନୀରେ ଏବେ ଯାତ୍ରୀବାହୀ କାର ଓ ଅଟୋରେ ମହିଳା ଡ୍ରାଇଭରଙ୍କ ସଂଖ୍ୟା ବଢ଼ିଥିବା ପରିଲକ୍ଷିତ ହେଉଛି। କେବଳ ସେତିକି ନୁହଁ ବଟଂ ଓଲା, ଉବର ତଥା ଜୋମାଟୋ ଭଳି ସଂସ୍ଥାରେ ମହିଳାମାନେ ଡ୍ରାଇଭର ଭାବେ କାର୍ଯ୍ୟ କରୁଛନ୍ତି। ସେହିଭଳି ଘରକୁ ଘର ବୁଲି ମହିଳାମାନେ ଖାଦ୍ୟ ଡେଲିଭରି କରିବାକୁ ମଧ୍ୟ ଅନେକ ଆଗେଇ ଆସୁଛନ୍ତି। ଯାହାର ପ୍ରମାଣ ଭୁବନେଶ୍ୱରରେ ଦେଖିବାକୁ ମିଳୁଛି।

ଏ ସମ୍ପର୍କରେ ଜଣେ ମହିଳା ଟ୍ୟାକ୍ସି ଡ୍ରାଇଭର ଭାବେ ନିଜ ପରିଚୟ ଗଢିଥିବା ରାଜଧାନୀର ବିମଳା ନାୟକ କୁହନ୍ତି, କୋଣସି କାମ ଛୋଟ କି ବଡ ନୁହଁ। ସେ ନିଜେ ଏ କ୍ଷେତ୍ରରେ ୮ ବର୍ଷଧରି ଅଭିଜ୍ଞତା ସାଉଁଟିଛନ୍ତି। ସେଥିପାଇଁ ତାଙ୍କୁ ସାହି ପଡ଼ିଶାରୁ ଅନେକ କଥା ଶୁଣିବାକୁ ମଧ୍ୟ ପଡ଼ିଥିବା ତଥାବି ସେ ଅଟକି ଯାଇନଥିଲେ। ବିଏସ୍‌ଏନଏଲ ଡିଜିଏମଙ୍କ ଗାଡି, ବିଏମସି ଅଳିଆ ଗାଡି ଏବଂ ସିଓ୍ୱାଇଏସଡିରେ ମଧ୍ୟ ଜଣେ ମହିଳା ଡ୍ରାଇଭର ଭାବରେ କାମ କରିସାରିଛନ୍ତି। ବର୍ତ୍ତମାନ ସେ ଏଚଏମଭି ଲାଇସେନ୍ସ ପାଇଁ ସେ ପ୍ରଶିକ୍ଷଣ ନେଇ ଆସିଛନ୍ତି। ଆଗକୁ ଯାତ୍ରୀବାହୀ ବସ ଚଳାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟ ତାଙ୍କୁ ଏକ ନୂଆ ପରିଚୟ ଦେବା ସହ ଆର୍ଥିକ କ୍ଷେତ୍ରରେ ଆତ୍ମନିର୍ଭର କରିଛି। ଯେଉଁ ସମୟରେ ରାଜଧାନୀରେ ଗୋଟିଏ ବି ମହିଳା ଡ୍ରାଇଭର କିଏ କ୍ୱଚିତ ଦେଖିଥିବେ ସେ ସମୟରୁ ତାଙ୍କର ଏହି ଯାତ୍ରା ଆରମ୍ଭ ହୋଇ ଏବେବି ଜାରି ରହିଛି। ସେ ଅନ୍ୟ ମହିଳାମାନଙ୍କୁ ମଧ୍ୟ ଏଥିରେ ଆଗେଇ ଆସିବାକୁ ପ୍ରେରଣା ଦେଇଛନ୍ତି।

ଗାଁ ପାଣି ପବନ ବେଶ୍ ମନେ ପଡ଼େ



ଆମେ ଗାଁରୁ ଆସିଛୁ

ଭୁବନେଶ୍ୱର, ୭।୩(ସମିସ): ବଣ ଜଙ୍ଗଲ ଓ ପାହାଡ ଘେରା ଆମ ଗାଁ। ଯାହା ମୋ ପାଇଁ ସବୁବେଳେ ସୁନ୍ଦର ଓ ସ୍ୱତନ୍ତ୍ର। ସେଇ ମାଟିରେ ଗଢି ହେଇଛି ଜୀବନର କେତେ ଅଭୁଲା ସ୍ମୃତି। ଚିହ୍ନା ଅଚିହ୍ନା କେତେ ସମ୍ପର୍କଙ୍କ ଭିତରେ ସବୁ ସେଠି ନିଜର ଭଳିଆ ଲାଗନ୍ତି। ପିଲାଦିନେ କୁସୁମୀ ନଦୀର ସ୍ୱଚ୍ଛ ଜଳରେ ସାଙ୍ଗମାନଙ୍କ ସହ ଘଣ୍ଟା ଘଣ୍ଟା ବିତାଉ। ଖରା ଦିନ ଆସିଲେ ଡ୍ୟାମ ନିକଟରେ ଥିବା ଘଞ୍ଚ ଜଙ୍ଗଲ ସବୁଠୁ ପ୍ରିୟ ସ୍ଥାନ ଭାବେ ଜଣା।

ନିଜ ଗାଁକୁ ଏପରି ବର୍ଣ୍ଣନା କରିଥିବା ମଣିଷ ହେଉଛନ୍ତି ସୁଶାନ୍ତ ସାହୁ। ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ାଗଡ଼ ଗ୍ରାମରେ ତାଙ୍କ ଘର। ଦୀର୍ଘ ବର୍ଷ ହେବ ୧୯୯୪ ମସିହାରୁ ସେ ରାଜଧାନୀର ରହୁଛନ୍ତି। ବର୍ତ୍ତମାନ ତାଙ୍କ ଠିକଣା ପୋଖରୀପୁଟ ଅଞ୍ଚଳ। ନିଜ ଗାଁ ବିଷୟରେ ସେ କୁହନ୍ତି, ଗାଁ ଦାଣ୍ଡରେ ହେଉଥିବା ଦଣ୍ଡ ନାଚରେ ଢୋଲ ଶବ୍ଦ ଶୁଣିଲେ ପିଲାଦିନେ ଗୋଡ ଆପେ ଆପେ ନାଚେ। ରାତି ତମାମ ଗାଁରେ ରାମଲୀଳା ଦେଖିବାକୁ ମଜା ଲାଗେ। ହେଲେ ସହରରେ ଏସବୁ କୋଉଠୁ ମିଳିବ। ୪ ବର୍ଷ ତଳର ସେହି କଞ୍ଚା ରାସ୍ତା, ମାଟି ଘର ଏବଂ ଲୋକଙ୍କ ସରଳତା ହିଁ ଗାଁର ପ୍ରକୃତ ପରିଚୟ ଥିଲା। ବର୍ତ୍ତମାନ ସମୟରେ ପରିବର୍ତ୍ତନ ସହ ଗାଁରେ ଆଧୁନିକତାର ଛାପ ଦେଖିବାକୁ ମିଳିଲାଣି। ଗାଁରେ ନୂଆ ରାସ୍ତା ପହଁଚିଛି, ମାଟି ରାସ୍ତା ଏବେ ପିଚୁରେ ପରିଣତ ହୋଇଛି। ସାମାଜିକ ଗଣମାଧ୍ୟମର ବ୍ୟବହାର ଗାଁକୁ ଛୁଇଁଛି। ହେଲେ ପୂର୍ବ ଭଳି ଗାଁର ସରଳତା ସମୟ ସହ କମିଛି। ପ୍ରତିଟି ପର୍ବପର୍ବାଣୀରେ ଗାଁ ଉଛୁଳୁଥିଲା। ଘରେ ଘରେ ବନ୍ଧୁବାନ୍ଧବଙ୍କ ମେଳି, ପିଠା ପଣାର ମହକରେ ଗାଁ ଦାଣ୍ଡ ନିଆରା ଅନୁଭବ ଦେଉଥିଲା। ଯାହା ହୁଏତ ଏବେ ସମୟ ସୁଅରେ ଧୀରେ ଧୀରେ ପଛରେ ଛାଡିଆସିଲା ପରି ଅନୁଭବ ହେଉଛି। ଗାଁର ସ୍ନେହ ଭଲ ପାଇବା ସହରରେ ବେଶ ଖୋଜା ପଡେ। ହେଲେ ଏଠି ସହରରେ ପଡ଼ିଶା ଘର ଲୋକଙ୍କ ସହ ସେ ସମ୍ପର୍କ ନାହିଁ। ଭଲରେ ମନ୍ଦରେ କେହି କାହାରିକୁ ପଚାରନ୍ତି ନାହିଁ। ଆଜିକାଲି କାହାରି ପାଇଁ ଯେମିତି କାହା ପାଖେ ସମୟ ନାହିଁ। ଏ ଆଖି ହଳକ ଆଜି ସହରୀକରଣ ଭିତରେ ଯେମିତି ଧସି ପଶିଛି। ଗାଁ ପରିବେଶ ପଛରେ ଛାଡି ତାକୁ ହିଁ ଝୁରି ହେଉଛି। ଗାଁର ଯେଉଁ ଆପଣାପଣର ବାସ୍ନା, ସବୁଦିନ ପାଇଁ ମନ ସହରରେ ଖୋଜି ଝୁରି ହେଉଥିବ।

କ୍ରାନ୍ତିକାରୀ ଫାଉଣ୍ଡେସନ ପକ୍ଷରୁ 'ସ୍ତ୍ରୀଶକ୍ତି'



ଭୁବନେଶ୍ୱର, ୭।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସାମାଜିକ ଅନୁଷ୍ଠାନ କ୍ରାନ୍ତିକାରୀ ଫାଉଣ୍ଡେସନ ଓ ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ତରଫରୁ ବୁଦ୍ଧ ମନ୍ଦିରଠାରେ ସ୍ତ୍ରୀଶକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଅତିଥି ଭାବେ ପୂର୍ବତନ ମହିଳା କମିସନ ସଦସ୍ୟା ସସ୍ମିତା ନନ୍ଦ, ସିନେ ଅଭିନେତା ଚନ୍ଦନ କର, ଅଭିନେତ୍ରୀ ଦେବଯାନୀ ଦେଗୁରିଆ, ସମାଜସେବୀ ନିରୋଜାଲକ୍ଷ୍ମୀ ମହାପାତ୍ର, ସସ୍ମିତା ନାୟକ, ପିଙ୍କି ମହାପାତ୍ର ଓ କ୍ରାନ୍ତିକାରୀ ଫାଉଣ୍ଡେସନ ଅଧ୍ୟକ୍ଷ ନଳିନୀକାନ୍ତ ନାୟକ ଯୋଗ ଦେଇଥିଲେ। ସମାଜସେବୀ ସନ୍ତୋଷ ଜୈନ ଓ ଅଭିନେତ୍ରୀ ସୁରଭି ପ୍ରିୟଦର୍ଶିନୀଙ୍କୁ 'ସ୍ତ୍ରୀଶକ୍ତି ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ଅଧ୍ୟକ୍ଷ ମିର ଅହମ୍ମଦ ଅଲ୍ଲୀ ଏବଂ ସ୍ୱାଗତ ଭାଷଣ ଦେଇଥିଲେ ସାଗର ସାହୁ। ଅନୁଷ୍ଠାନର ସଦସ୍ୟ ଜଗନ୍ନାଥ ସାହୁ, ବିଷ୍ଣୁ ପ୍ରସାଦ ସାହୁ, ସରୋଜ ପ୍ରଧାନ, କ୍ଷୀରୋଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ତାପସ ଦେ ଧନ୍ୟବାଦ ଦେଇଥିଲେ।



ସର୍ବ ଭାରତୀୟ ସିଭିଲ ସର୍ଭିସ ପରୀକ୍ଷାର ୧୦୦ ତମ ସ୍ଥାନରେ ଥିବା ସାତ୍ତ୍ୱିକ ସତ୍ୟକାମ ଦେବତାଙ୍କୁ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ରେ ସମ୍ବର୍ଦ୍ଧିତ କରାଯାଇଛି।

ଗାଁ 'ରମାଦେବୀ'ରେ ଜାତୀୟ ସେମିନାର

ସୁଦୃଢ଼ କୃଷି ଅର୍ଥନୀତିରେ ମହିଳାଙ୍କ ଅବଦାନ ଅନନ୍ୟ



ଭୁବନେଶ୍ୱର, ୭।୩(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ମା' ରମାଦେବୀ ଚେୟାର ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'କୃଷି କ୍ଷେତ୍ରରେ ମହିଳା: ମାଟିର ଅଜଣା ହିରୋ' ଶୀର୍ଷକ ଏକ ଦୁଇଦିନିଆ ଜାତୀୟ ସେମିନାର ଆଜିଠାରୁ ଆରମ୍ଭ ହୋଇଛି। କୃଷି ଏବଂ ଗ୍ରାମୀଣ ବିକାଶରେ ମହିଳା ଚାଷୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ବ୍ୟାପକ ଆଲୋଚନା ହୋଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ମହିଳା କୃଷକଙ୍କର ଉତ୍ସର୍ଗୀକୃତ ମନୋଭାବକୁ ପ୍ରଶଂସା କରିବା ସହ କୃଷି ଅର୍ଥନୀତିକୁ ସୁଦୃଢ଼ କରିବାରେ ସେମାନଙ୍କ ଅନନ୍ୟ ଅବଦାନ ରହୁଥିବା କହିଛନ୍ତି। ସେହିପରି ବିଭିନ୍ନ ବୈଷୟିକ ଅଧିବେଶନରେ ଶିକ୍ଷାବିତ୍‌ଙ୍କ ସହିତ ଗବେଷକମାନେ କୃଷିରେ ମହିଳାଙ୍କ ଅଂଶଗ୍ରହଣ, ବାଜରା ମୂଲ୍ୟ ଶୃଙ୍ଖଳା, କୃଷି ବନୀକରଣ, ଜଳବାୟୁ ସ୍ଥିରତା, ସ୍ୱଦେଶୀ ଜ୍ଞାନ ପ୍ରଣାଳୀ ଏବଂ କୃଷିରେ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ଭଳି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଳସଚିବ ମନସ୍ୱିନୀ ସାହୁ ଜ୍ଞାନ ବିନିମୟ ଓ ସମର୍ଥନ ମାଧ୍ୟମରେ ମହିଳା କୃଷକଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଫେସର ସୁଚେତା ପ୍ରିୟବାଦିନୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଡ଼ଃ ସସ୍ମିତା କର ଧନ୍ୟବାଦ ଅର୍ପଣ କରିଥିଲେ।

ସର୍ବଭାରତୀୟ ବରିଷ୍ଠ ମହାସଂଘର ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୭।୩(ସମିସ): ଭୁବନେଶ୍ୱର ରେଲୱେ ଅଡିଟୋରିଅଯମରେ ସର୍ବଭାରତୀୟ ବରିଷ୍ଠ ମହାସଂଘର ୨୩ତମ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ଟି ରାଜ୍ୟରୁ ୩୦୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ବରିଷ୍ଠ ଗବେଷକ ପ୍ରଫେସର ଡା ଚତୁର୍ଭୁଜ ଭୂୟାଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବାର୍ଦ୍ଧକ୍ୟରେ ସୁସ୍ଥତାର ସଫଳ ମନ୍ତ୍ର ଦେଇଥିଲେ।

ଓୟୁଏଟିରେ ଦୁଇଦିନିଆ କର୍ମଶାଳା



ଭୁବନେଶ୍ୱର, ୭।୩(ସମିସ): ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର କଲେଜ ଅଫ ବେସିକ ସାଇନ୍ସ ଏଣ୍ଡ ହ୍ୟୁମାନିଟିଜ୍ (ସିବିଏସ୍‌ଏଚ୍) ରେ 'ଉନ୍ନତ ବୈଜ୍ଞାନିକ ଲେଖନ ଓ ଶାସ୍ତ୍ରୀୟ ସମ୍ପ୍ରେଷଣ: ନୂତନ ପରିଦୃଶ୍ୟର ଦକ୍ଷତା ଅର୍ଜନ' ଶୀର୍ଷକ ଉପରେ ଦୁଇଦିନିଆ କର୍ମଶାଳା ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନ ଅଧିବେଶନରେ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ଗବେଷଣାକୁ ବିଶ୍ୱସ୍ତରରେ ପ୍ରସାରିତ କରିବା ପାଇଁ ପ୍ରଭାବଶାଳୀ ବୈଜ୍ଞାନିକ ଲେଖନର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସିବିଏସ୍‌ଏଚ୍‌ର ନିର୍ଦ୍ଦେଶକ ତଥା କର୍ମଶାଳାର ସଭାପତି ପ୍ରଫେସର ଚନ୍ଦ୍ରମଣି ଖଣ୍ଡା କହିଥିଲେ ଯେ, ଉତ୍କୃଷ୍ଟ ଲେଖନ ଓ ସଂଯୋଗ କୌଶଳ ବିଶ୍ୱବିଦ୍ୟାଳୟକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିବ। ଏହି କାର୍ଯ୍ୟକ୍ରମର ଆୟୋଜକ ଡ. ମଧୁଲିକା ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ସହ ଆୟୋଜକ ଡ. ଲକ୍ଷ୍ମୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର କ୍ରୀଡ଼ା ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୭।୩(ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଦୃଷ୍ଟିବାଧିତ କ୍ରିକେଟର ମହମ୍ମଦ ଜାଫର ଇକ୍‌ବାଲ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମାନସୀ ଗୋସ୍ୱାମୀ ଉଦ୍‌ଯାପନୀ ସମାରୋହରେ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଷ୍ଠାନର ପୃଥ୍ୱୀହାଉସ୍‌କୁ ଦଳଗତ ଶ୍ରେଷ୍ଠ ପ୍ରଦର୍ଶନୀ, ଅଲିଭା କୁଜୁର ବାଳିକା ଚାମ୍ପିଅନ୍, ଓକେ ଓଜିନ୍ ସିଂଙ୍କୁ ବାଳକ ଚାମ୍ପିଅନ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଛାତ୍ର ପରିଷଦର ଉପଦେଷ୍ଟା ପ୍ରଫେସର ଲକ୍ଷ୍ମୀଧର, କ୍ରୀଡ଼ା ପରିଷଦର ଆବାହକ ପ୍ରଫେସର ରମାକାନ୍ତ ମାହାଳିକ ଓ ଡ଼ିଇଏସ୍‌ଏସ୍‌ଏଚ୍‌ର ଅଧ୍ୟକ୍ଷ ଡ଼. କଳିଙ୍ଗ କେତକୀ ଏହି ଦୁଇ ଦିନିଆ କ୍ରୀଡ଼ା ଉତ୍ସବକୁ ପରିଚାଳବା କରିଥିବା ବେଳେ ବୃନ୍ଦାବନ ଭୋଇ ଓ ମାନସ ରଞ୍ଜନ ପଣ୍ଡା ସହଯୋଗ କରିଥିଲେ। ଛାତ୍ର ପରିଷଦର ଯୁଗ୍ମ ଉପଦେଷ୍ଟା ଲେଫଟାନ ପ୍ରଫେସର ରଶ୍ମିରେଖା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସମାରୋହ କାର୍ଯ୍ୟକ୍ରମକୁ ଡ଼.ଦେବାଶିଷ ମହାପାତ୍ର, ଡ଼. ସରିତା ଏମ୍ ଓ ସର୍ବେଶ କୁମାର ମୌର୍ଯ୍ୟ ଉପସ୍ଥାପନା

ଇଟିପୁର ହାଇସ୍କୁଲ୍‌ରେ ବାର୍ଷିକୋତ୍ସବ



ଧଉଳି, ୭।୩(ସମିସ):ଭୁବନେଶ୍ୱର ବ୍ଲକ ଅଧୀନ ଇଟିପୁରସ୍ଥିତ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ମହାସମାରୋହରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୂପମା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ମାନସ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଜୀବନ ଗଠନ ପାଇଁ ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁ ସଂଗଠନ ସଭାପତି ଜ୍ଞାନରଞ୍ଜନ ସାହୁ, ପରିଚାଳନା କମିଟିର ସଭାପତି ଗଦାଧର ସାହୁ, ପ୍ରସନ୍ନ କୁମାର ପରିଡ଼ା, ପୂର୍ବତନ ପରିଚାଳନା କମିଟିର ସଭାପତି ବସନ୍ତ କୁମାର ସୁବୁଦ୍ଧି, ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ଷଡ଼ଙ୍ଗୀ ଓ ଶୁଭ୍ରଶ୍ରୀ ଦାସ ମଧ୍ୟ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୋନାଲି ଭୂୟାଁ, ସବ୍ୟଜିତ ବେହେରା ଏବଂ ଦିନେଶ କୁମାର ଲେଙ୍କା ସଂଯୋଜନା କରିଥିଲେ। ହିନ୍ଦୀ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପ୍ରହରାଜ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ।

ପୁଷ୍ପାଞ୍ଜଳି ନାୟକଙ୍କୁ ପଞ୍ଚମ 'ସୁକୁବିନା ସ୍ରଷ୍ଟା ସ୍ମୃତି ପୁରସ୍କାର'



ଭୁବନେଶ୍ୱର, ୭।୩(ସମିସ): ପଞ୍ଚମ 'ସୁକୁବିନା ସ୍ରଷ୍ଟା ସ୍ମୃତି ପୁରସ୍କାର' ଉତ୍ସବ ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଏହି ସମ୍ମାନଜନକ ପୁରସ୍କାରରେ କଥାସାହିତ୍ୟିକା ପୁଷ୍ପାଞ୍ଜଳି ନାୟକଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଆ କଥାସାହିତ୍ୟରେ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। କଳା, ସାହିତ୍ୟ ଓ ସଂସ୍କୃତିର ପ୍ରତିପାଳକ ସ୍ୱର୍ଗତ ସୁଧୀର କୁମାର ବିଜୟେନ୍ଦ୍ର ନାରାୟଣଙ୍କ ଜନ୍ମତିଥି ଅବସରରେ ଆୟୋଜିତ ଏହି ଉତ୍ସବରେ ସାହିତ୍ୟିକ ଡ. ରାମଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଲେଖକ ଦାଶ ବେନହୁର, ଡ. ଗୌରହରି ଦାସ, ପ୍ରଫେସର ଯତୀନ୍ଦ୍ର କୁମାର ନାୟକ, ନ୍ୟାସୀ ପ୍ରଦୀପ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ନ୍ୟାସୀ ପୁରବୀ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ସ୍ୱୟଂପ୍ରଭା ରଥ ମଞ୍ଚ ପରିଚାଳନା କରିଥିଲେ।

ରାଜଧାନୀରେ ବି ଗୀତିନାଟ୍ୟ ଦେଖିବାକୁ ଲୋକଙ୍କ ଭିଡ଼

ଭୁବନେଶ୍ୱର, ୭।୩(ସମିସ): 'ପେସ ଫାଉଣ୍ଡେସନ' ଓ 'ପିଙ୍କଉଡ଼' ଦ୍ୱାରା ପ୍ରଯୋଜିତ ଗୀତିନାଟ୍ୟ 'ଅଭିମନ୍ୟୁ ବଧ' ଶନିବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିଙ୍କଉଡ଼ର ପ୍ରତିଷ୍ଠାତା ସମସ୍ତଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ ଓଡ଼ିଆ ଅସ୍ମିତାର ପରିଚୟ ଆମ କଳା ସଂସ୍କୃତି ଓ ସାହିତ୍ୟକୁ ଆଧୁନିକ ପିଢ଼ି ପାଖରେ ପହଞ୍ଚାଇବା ଦିଗରେ ଏହା ଏକ ଛୋଟ ଉଦ୍ୟମ। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂର୍ତ୍ତ, ଅବକାରୀ ଓ ଆଇନ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଆମ ସମୃଦ୍ଧ ନାଟ୍ୟ ପରମ୍ପରାକୁ ବଞ୍ଚାଇ ରଖିବା ଏବଂ ପିଲା ମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭା କୁ ପ୍ରକାଶ କରିବାର ଏ ଉଦ୍ୟମ ପ୍ରଶଂସନୀୟ। ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ମତ୍ସ୍ୟ, ପଶୁ ସମ୍ପଦ ଓ ଅଣୁ, କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଏଭଳି ଏକ ଗୀତିନାଟ୍ୟ ପରିବେଷଣ ମତେ ମୋ ପିଲାଦିନ କଥା ମନେପକାଇ ଦେଉଛି। କଳାର ରାଜ୍ୟ ଓଡ଼ିଶା ରେ କଳାର ପ୍ରକାଶ ଏବେ କମି କମି ଚାଲିଛି। ଆଜି କାଲି ମୋବାଇଲ ପଛରେ ପଡ଼ିଥିବା ପିଲାଙ୍କୁ ଏଭଳି କଳାତ୍ମକ କାର୍ଯ୍ୟ ସହିତ ଯୋଡିବା ପାଇଁ ଅଭିଭାବକ ମନେ ଅଗୋଇ ଆସିବା ଆବଶ୍ୟକ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ମାନ୍ୟବର ଏକାମ୍ର ବିଧାୟକ ବାବୁ ସିଂ, ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ ରଥ, ବିଶିଷ୍ଟ ଉଦ୍ୟୋଗୀ ସୁରେଶ ପାଣିଗ୍ରାହୀ ଓ ସ୍ୱତନ୍ତ୍ର ଅତିଥି, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାଶ, ଫାଉଣ୍ଡର ଟିମ ନିଶିକାନ୍ତ ମିଶ୍ର, ଅଭିନେତ୍ରୀ ଶ୍ରୀମତୀ ରାକ୍ଷୀ ଦାଶ ଓ ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ ଖଣ୍ଡଗିରି କବିତା ଦଣ୍ଡପାଟ ଯୋଗଦେଇ ଏଭଳି ଉଦ୍ୟମ ର ଭୂୟସୀ ପ୍ରଶଂସା କରିଥିଲେ। 'କୁନି କଳାକାର କାରନାମା' ଦ୍ୱାରା ପ୍ରସ୍ତୁତ ଏହି ଗୀତିନାଟ୍ୟଟି କୁ ନିଜ ଜୀବନ୍ତ ଅଭିନୟ ରେ ରୂପ ଦେଇଥିଲେ ସରକାରୀ ଉଚ୍ଚ ବିଦ୍ୟାଳୟ ଖଣ୍ଡଗିରି, ଜାଗମରା ଓ ସରକାରୀ ଉଚ୍ଚ ବିଦ୍ୟାଳୟ, ବ୍ରହ୍ମେଶ୍ୱରର ବିଦ୍ୟାର୍ଥୀମାନେ। ଏହାର ନିର୍ଦ୍ଦେଶନା ସାତ୍ତ୍ୱିକ ରାଜା ଓ ରାଜେଶ ମଲ୍ଲିଆ ଦେଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଅଜୟ ଚୌଧୁରୀ ଓ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ପୁଷ୍ପାଞ୍ଜଳି।



ଫାଇଲରେ ସମ୍ବଲପୁର ଏମ୍‌ଜି ରୋଡ୍ ସମ୍ପ୍ରସାରଣ

ସମ୍ବଲପୁର, ୭।୩(ସମିସ)

ସମ୍ବଲପୁରର ବିକାଶ ଚିତ୍ରରେ ସମଲେଇ ପ୍ରକଳ୍ପ ଯୋଡି ହେଲା। ମନ୍ଦିର ବିକାଶ ପରେ ପ୍ରତିଦିନି ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ହେଲେ ଏମ୍‌ଜି ରୋଡ(ଗଁରୋଡ)ର ସମ୍ପ୍ରସାରଣ ହୋଇପାରିଲା ନାହିଁ। ଏହା ସତେ ଫାଇଲ ଭିତରେ ସବୁଦିନ ପାଇଁ ହଜିଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସମ୍ବଲପୁରରେ ସାବରମତୀ, କାଶୀ ଏବଂ ବାରଣାସୀ ଭଳି ରିଭରଫ୍ରଣ୍ଟ ବିକାଶ ହେଉଛି। ପାର୍କ, ପାଦଚଲା ରାସ୍ତା, ଓପନ୍ ଜିମ୍, ଏମ୍ଫିଥିଏଟର୍, ଆରତୀଘାଟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହେଉଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଏହି ସବୁ ଯୋଜନା ହେଉଛି। ହେଲେ ଏହି ଯୋଜନା ପାଇଁ ରାସ୍ତାର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହୋଇଛି। ପୂର୍ବରୁ ପ୍ରସ୍ତାବିତ ମହାତ୍ମା ଗାନ୍ଧୀ(ଗଁ ରୋଡ୍) ରାସ୍ତା ସମ୍ପ୍ରସାରଣ କାମ ଅଧାରେ ଅଟକିଛି। ଏହି ପ୍ରସ୍ତାବ ଏବେ କେଉଁଠି ପଡ଼ିଛି, ତାହା ମଧ୍ୟ ଜିଲ୍ଲା ପ୍ରଶାସନ କିମ୍ବା ସମ୍ବଲପୁର ମହାନଗର

ସମଲେଶ୍ୱରୀ ପ୍ରକଳ୍ପ ପରେ ପର୍ଯ୍ୟଟନଙ୍କ ଭିଡ଼ ବଢୁଛି

ନିଗମ କର୍ତ୍ତୃପକ୍ଷଙ୍କ ପାଖରେ ଉତ୍ତର ନାହିଁ। ଜବରଦଖଲ ଉଚ୍ଛେଦ କରିବାର ଅଢୁଆ ପାଇଁ ଏହା କାର୍ଯ୍ୟକାରୀ ହେଉନଥିବା କୁହାଯାଉଛି। କଟକ ଗଁ ରୋଡ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ସହରରେ ଟ୍ରାଫିକ୍ ସମସ୍ୟାର ମୁକାବିଲା ପାଇଁ ଏହି ରାସ୍ତାକୁ ଅନୁମୋଦନ ମିଳିଥିବା କୁହାଯାଉଥିଲା। ତେଣୁ ସେହି ଦୃଷ୍ଟିରୁ ସମ୍ବଲପୁର ସହରକୁ ଲାଗି ରହିଥିବା ଏମ୍‌ଜି ରୋଡକୁ ମଧ୍ୟ ୪ ଥାକିଆ କରିବାକୁ ପୂର୍ବରୁ ପ୍ରସ୍ତାବ ଥିଲା। ହେଲେ ପୁରୁଣା ରାସ୍ତାକୁ ଡିଭାଇଡରରେ ୨ ପଟକୁ ଭାଗ କରିବାରେ ସୀମିତ ରହିଥିଲା। ସେତେବେଳେ ତତକାଳୀନ ଜିଲ୍ଲାପାଳ ଉଚ୍ଛେଦ ନ କରି ଜାଗା ଅନୁସାରେ ରାସ୍ତା ତିଆରି କରିଦେଲେ। କେଉଁଠି ଅଧିକ ଓସାର ରହିଲା ତ ଆଉ କିଛି ସ୍ଥାନ ଅଣଓସାରିଆ ରହିଲା। ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦେଇ ସମଲେଇ ପ୍ରକଳ୍ପ ତିଆରି ହୋଇଛି। ହଜାର ହଜାର ଭକ୍ତଙ୍କ ସମାଗମ ହେଉଛି। ତେଣୁ ଲୋକଙ୍କ ସଂଖ୍ୟା ଦୃଷ୍ଟିରୁ ସମଲେଶ୍ୱରୀ ମନ୍ଦିରକୁ ଯୋଡୁଥିବା ଏମ୍‌ଜି ରୋଡ୍ ଏବେ ବି ଅଣଓସାରିଆ ରହିଛି। ଏଠାରେ ଆଗକୁ ବ୍ୟାପକ ଟ୍ରାଫିକ୍ ସମସ୍ୟା ହେବାର ଆଶଙ୍କା ରହିଛି। ତେଣୁ ଏହି ରାସ୍ତାକୁ ଓସାରିଆ କରିବା ସହ ୪ ଥାକିଆ କରିବାକୁ ଦାବି ହୋଇଛି। ଜିଲ୍ଲାରେ ପୂର୍ବରୁ କାମ କରୁଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସମ୍ବଲପୁର ସହର ପାଇଁ ଏମ୍‌ଜି ରୋଡର ସମ୍ପ୍ରସାରଣ ହେବା ନିହାତି ଆବଶ୍ୟକ। କଟକ ଭଳି ଏହା ଚଉଡା ନହେଲେ ଭବିଷ୍ୟତରେ ବହୁ ଅସୁବିଧା ସୃଷ୍ଟି ହେବ। ଜିଲ୍ଲାରେ କାମ କରୁଥିବା ଅଧିକାରୀ ନିଜକୁ ବିବାଦରୁ ଦୂରେଇ ରଖିବାକୁ ଏହି ଦିଗରେ କାମ କରୁନାହାନ୍ତି। ନଚେତ ସମସ୍ତେ ଏହି ସମ୍ପର୍କରେ ଅବଗତ ଅଛନ୍ତି। ଏମିତି କି, ଏହାକୁ ସମ୍ପ୍ରସାରଣ କରିବାକୁ ଏକ ଘରୋଇ ସଂସ୍ଥା ଦ୍ୱାରା ସର୍ଭେ ମଧ୍ୟ ହୋଇଥିଲା। କିନ୍ତୁ ଜାଣିଶୁଣି ଏହାକୁ କେହି କାର୍ଯ୍ୟକ୍ଷମ କରିବାକୁ ଚାହୁଁ ନାହାନ୍ତି। ଏହାକୁ ନେଇ ବିଚାର ଚାଲିଥିବା ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସୂଚନା ଦିଆଯାଇଛି।

ଲଣ୍ଡନ୍ ସ୍କୁଲ୍ ଅଫ୍ ଇକନୋମିକ୍ସରେ ପଢ଼ିବେ ବୈଦିକ ଛାତ୍ରୀ



ସମ୍ବଲପୁର, ୭।୩(ସମିସ): ପଶ୍ଚିମ ଓଡ଼ିଶା ପାଇଁ ଗର୍ବର ବିଷୟ। ସମ୍ବଲପୁର ଶାସନସ୍ଥିତ ବୈଦିକ ଇଣ୍ଟରନ୍ୟାସନାଲ୍ ସ୍କୁଲର ପୂର୍ବତନ ଛାତ୍ରୀ ରିୟା ଅଗ୍ରୱାଲ୍ ଯୁକ୍ତରାଜ୍ୟର ପ୍ରସିଦ୍ଧ ଲଣ୍ଡନ୍ ସ୍କୁଲ୍ ଅଫ୍ ଇକନୋମିକ୍ସ (ଏଲଏସଇ)ରେ ଭର୍ତ୍ତି ପାଇଁ ଚୟନିତ ହୋଇଛନ୍ତି। ସେ ପଶ୍ଚିମ ଓଡ଼ିଶାରୁ ଏହି ପ୍ରତିଷ୍ଠିତ ଓ ବିଶ୍ୱପ୍ରସିଦ୍ଧ ସଂସ୍ଥାନରେ ଭର୍ତ୍ତି ପାଇଥିବା ପ୍ରଥମ ଛାତ୍ରୀ ହୋଇଛନ୍ତି। ରିୟାଙ୍କ ଏହି ଉଲ୍ଲେଖନୀୟ ସଫଳତା ତାଙ୍କ ପରିବାର, ଶିକ୍ଷକମାନେ ଏବଂ ସମଗ୍ର ବୈଦିକ ସ୍କୁଲ୍ ପରିବାର ପାଇଁ ଗର୍ବର ବିଷୟ ହୋଇଛି। ଶିକ୍ଷାଗତ କୁଶଳତା ଓ ବିଶ୍ୱସ୍ତରୀୟ ଖ୍ୟାତି ପାଇଁ ପରିଚିତ ଲଣ୍ଡନ୍ ସ୍କୁଲ୍ ଅଫ୍ ଇକନୋମିକ୍ସ ସମାଜ ବିଜ୍ଞାନ ଶାସ୍ତ୍ରରେ ବିଶ୍ୱର ଶୀର୍ଷ ସଂସ୍ଥାନମାନଙ୍କ ମଧ୍ୟରୁ ଗୋଟିଏ।ସ୍କୁଲ୍ ପରିଚାଳନା ଓ ଶିକ୍ଷକମାନେ ରିୟାଙ୍କୁ ତାଙ୍କ ଅସାଧାରଣ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ଏବଂ ତାଙ୍କ ଆଗାମୀ ଶିକ୍ଷାଜୀବନ ପାଇଁ ଅନେକ ସଫଳତା କାମନା କରିଛନ୍ତି। ତାଙ୍କର ଏହି ସଫଳତା ଏଞ୍ଚଳର ଅନେକ ଛାତ୍ରଛାତ୍ରୀଙ୍କୁ ଆନ୍ତର୍ଜାତୀୟ ଶିକ୍ଷା ସୁଯୋଗ ପାଇଁ ପ୍ରେରଣା ଦେବ ବୋଲି ଅନୁଷ୍ଠାନର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ କହିଛନ୍ତି।

ଗୁରୁପାଲିରେ ନୃସିଂହ ଗୁରୁଙ୍କ ଜୟନ୍ତୀ



ସମ୍ବଲପୁର, ୭।୩(ସମିସ): 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ରୂପେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଜନ୍ମସ୍ଥାନ ଶାସନ ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମରେ ଜୟନ୍ତୀ ପାଳିତ ହୋଇଯାଇଛି। ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ ଅଧିକାରୀ ତଥା ଆଡ୍‌ଭୋକେଟ ଶ୍ୟାମ ସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଶାସକ ସୀତାଂଶୁ ତ୍ରିପାଠୀ ମୁଖ୍ୟ ଅତିଥି, ପରମାଣପୁରର ଡାକ୍ତର ଝସକେତନ ସାହୁ କଲେଜର ଇତିହାସ ବିଭାଗ ଅଧ୍ୟାପକ ଅଶ୍ୱିନୀ କୁମାର ବାରିକ ମୁଖ୍ୟବକ୍ତା, ସମାଜସେବୀ ତଥା ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ଶାସନ ପିଏମ୍‌ଶ୍ରୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ତାରାବତି ବେହେରା, ଶାସନ ସରପଞ୍ଚ ଶହଦେବ ଗର୍ଡ଼ିଆ ଓ ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ଗୁରୁଙ୍କ ତ୍ୟାଗପୂତ ଜୀବନ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ବାବଦରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ଶାସନ ହାଇସ୍କୁଲକୁ ତାଙ୍କ ନାମରେ ନାମିତ କରାଯିବା ସାଙ୍ଗକୁ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ତାଙ୍କର ପୈତୃକ ବାସଭବନର ସୁରକ୍ଷା, ଗ୍ରାମରେ ଏକ ପାଠାଗାର ଖୋଲାଯିବା ସମେତ ତାଙ୍କର ସ୍ଥାୟୀ ସ୍ମୃତିରକ୍ଷା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ।ଶେଷରେ ଲକ୍ଷ୍ମଣ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମର ଅଶ୍ୱିନୀ ଅଦାବର, ବିଷ୍ଣୁ ପ୍ରସାଦ ବାଗ, ଦିଲ୍ଲୀପ ବାଗ, ଶାନ୍ତନୁ ବିଶ୍ୱାଳ ଓ ପ୍ରସନ୍ନ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଶିଶୁ ଅଧିକାର, ସୁରକ୍ଷା ଉପରେ କର୍ମଶାଳା

ବାଲ୍ୟ ବିବାହ ରୋକିବା ସମସ୍ତଙ୍କ କର୍ତ୍ତବ୍ୟ

ସମ୍ବଲପୁର, ୭।୩(ସମିସ): ସମସ୍ତଙ୍କ ସ୍ୱପ୍ନ ରହିଛି।ସେମାନଙ୍କ ସ୍ୱପ୍ନ ସାକାର କରିବା ସମସ୍ତଙ୍କ ଦାୟିତ୍ୱ। କୌଣସି ସ୍ତରରେ କୌଣସି ଶିଶୁ ଯେପରି ନିର୍ଯାତିତ ନ ହୁଏନ୍ତି ସମସ୍ତେ



ଦାୟିତ୍ୱବହନ କରିବା ଆବଶ୍ୟକ। ବାଲ୍ୟ ବିବାହ ଏକ ସାମାଜିକ ଅଭିଶାପ। ଏହାକୁ ରୋକିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଆୟୋଜିତ କର୍ମଶାଳାରେ ମତ ପ୍ରକାଶ ପାଇଛି। ସମ୍ବଲପୁର ତପସ୍ୱିନୀ ହଲରେ ଉତ୍ତରାଞ୍ଚଳ ରେଞ୍ଜ ପୁଲିସ ପକ୍ଷରୁ ଶିଶୁ ଅଧିକାର, ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିରୋଧ ସମ୍ପର୍କିତ ଆଞ୍ଚଳିକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ଶିଶୁମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୂପେ ରୋକିବା ଲକ୍ଷ୍ୟରେ କର୍ମଶାଳା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଧୋର, ସମ୍ବଲପୁର ଏସପି ମୁକେଶ କୁମାର ଭାମ୍ରୁ, ସମ୍ବଲପୁର ମହାନଗର ନିଗମ କମିଶନର ରୋହନ ଖତ୍ରୀ, ପ୍ରୋଭିଜନାଲ ଆଇଏଏସ ଶୁଭ୍ରା ପଣ୍ଡା, ଏଡ ଇଟ ଆକ୍ସନର ପ୍ରୋଗ୍ରାମ ମ୍ୟାନେଜର ସୋରଜ ବାରିକ, ମାନସୀ ପାଢ଼ୀ, ସୁନୀତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳାରେ ଶିଶୁମାନଙ୍କୁ ଶୋଷଣ ମୁକ୍ତ ରଖିବା ଏବଂ ସେମାନଙ୍କ ଶିକ୍ଷାଗତ ଅଧିକାରକୁ ସୁରକ୍ଷିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ସମ୍ବଲପୁର ଓ ଆଖପାଖ ଅଞ୍ଚଳରେ ବାଲ୍ୟ ବିବାହକୁ ରୋକିବା ପାଇଁ 'ବାଲ୍ୟ ବିବାହ ନିରୋଧ ଆଇନ, ୨୦୦୬'ର କଡ଼ାକଡ଼ି ଅନୁପାଳନ ଏବଂ ସମାଜରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ଗ୍ରାମାଞ୍ଚଳରେ



ସ୍କୁଲ୍ ଛାଡୁଥିବା ଶିଶୁମାନଙ୍କ ଉପରେ ନଜର ରଖିବା ଏବଂ ବାଲ୍ୟ ବିବାହର ଆଶଙ୍କା ଥିବା ପରିବାରକୁ ଚିହ୍ନଟ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଶିଶୁ ଟିଏ ଜନ୍ମ ନେବା ପରେ ସମସ୍ତେ ଖୁସି ମନାଇଥାନ୍ତି। କିନ୍ତୁ ପରେ ତା ସହ ଘଟୁଥିବା ଶାରିରିକ ଓ ମାନସିକ ନିର୍ଯାତନା ଅନେକ ସମୟରେ ପରିବାର ଲୋକ ଅଣଦେଖା କରିଥାନ୍ତି। ତେଣୁ ତାକୁ ଅଭିଭାବକ ଧ୍ୟାନ ଦେବା ପାଇଁ ଅତିଥି କହିଥିଲେ। ଶିଶୁ ଅଧିକାର ଓ ଶିଶୁ ସୁରକ୍ଷା ପାଇଁ ଆଇନଗତ ଢାଞ୍ଚା କଣ ରହିଛି ତାହା ଆଲୋଚନା ହୋଇଥିଲା।ଶିଶୁମାନଙ୍କ ବିରୋଧରେ ହେଉଥିବା ଅପରାଧକୁ ରୋକିବା ପାଇଁ ଜନସାଧାରଣଙ୍କ ସହଭାଗିତା ଏକାନ୍ତ ଆବଶ୍ୟକ ବୋଲି କର୍ମଶାଳାରେ ମତ ପ୍ରକାଶ ପାଇଛି।

ବଦଳିଲେ ଥାନା ଅଧିକାରୀ

ସମ୍ବଲପୁର, ୭।୩(ସମିସ): ସମ୍ବଲପୁର ଜିଲ୍ଲାରେ ଥିବା କେତେକ ଥାନାର ଅଧିକାରୀଙ୍କୁ ବଦଳି କରାଯାଇଛି। ହୀରାକୁଦ ଥାନା ଆଇଆଇସି ସନୟ କୁମାର ନାଏକଙ୍କୁ ରେଢାଖୋଲ ଥାନାକୁ ବଦଳି କରାଯାଇଛି। ତାଙ୍କ ଯାଗାରେ ଶାସନ ଥାନା ଆଇଆଇସି ପ୍ରବୀର କେଶରୀ ତ୍ରିପାଠୀଙ୍କୁ ସ୍ଥାନାନ୍ତରଣ କରାଯାଇଛି। ହେଡକ୍ୱାର୍ଟର୍ସରୁ ଚୁମକି ପ୍ରଭା ନାଥଙ୍କୁ ଶାସନ ଥାନା ପଠାଯାଇଛି। ରେଙ୍ଗାଲି ଥାନା ଆଇଆଇସି ଗୁରୁଦେବ କର୍ମୀଙ୍କୁ ଠେଲକୋଲି ଥାନା ଦେଇଥିବା ବେଳେ ଠେଲକୋଲି ଥାନା ଆଇଆଇସି ବୁଲୁ କୁମାର ସ୍ୱାଇଁଙ୍କୁ ରେଙ୍ଗାଲି ଥାନାକୁ ବଦଳି ହୋଇଛି। ବରେଇପାଲି ଥାନା ଆଇଆଇସି ରାଧାକାନ୍ତ ବାରିକଙ୍କୁ କୁଚିଣ୍ଡା ଥାନା, ସାଇବର ଥାନାର ସୁବ୍ରତ ପାଣିଗ୍ରାହୀଙ୍କୁ ବରେଇପାଲି ଥାନା ପଠାଯାଇଛି। ସେହିପରି ଟ୍ରାଫିକ ଥାନାର ଚନ୍ଦ୍ରମୋହନ ସିଂ ଓ ବୁର୍ଲା ଥାନାର ସନ୍ତୋଷ କୁମାର ସେସଙ୍କୁ ସାଇବର ଥାନାକୁ ବଦଳି ହୋଇଛି।



ଜଙ୍ଗଲ ନିଆଁ ଲିଭାଇଲେ ସ୍ୱେଚ୍ଛାସେବୀ

ସମ୍ବଲପୁର, ୭।୩ (ସମିସ): ଧନକଉଡା ବ୍ଲକ, ବିଶାଳଖିଣ୍ଡା ପଞ୍ଚାୟତ ଟିଠେଇପାଲି ସାଲେଡୁଙ୍ଗୁରି ସଂରକ୍ଷିତ ଜଙ୍ଗଲରେ ଦିନ ଦିପହରେ ନିଆଁ ଲାଗିଯାଇଥିଲା। ଏହା ଚତୁର୍ଥ ଥର ନିଆଁ ଲାଗିବା ଘଟଣା। ରାସ୍ତାରେ ଯାଉଥିବା ବେଳେ ନିଆଁ ଲାଗିବାର ଦେଖି ସ୍ୱେଚ୍ଛାସେବୀ ଚର୍ତୁଭୂଜ ଗର୍ଡ଼ିଆ ଓ ହାରାଚାନ୍ଦ ବାଗ, ମୁନୁ ବେହେରା, ରାହୁଲ ନିଖଣ୍ଡିଆ ନିଆଁକୁ ଆୟତ କରିଥିଲେ।

ବ୍ଲକ୍ କଂଗ୍ରେସର କର୍ମୀ ସମାବେଶ

ଜମନକିରା, ୭।୩(ସମିସ): ଜମନକିରା ବ୍ଲକ କଂଗ୍ରେସର ବୈଠକ ଜମନକିରାଠାରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗୁରୁଚରଣ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା।ଜିଲ୍ଲା ନୂତନ କମିଟିର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସମସ୍ତଙ୍କୁ ପୁଷ୍ପମାଳା ଓ ଉପଢୌକନ ଦେଇ ସମ୍ମାନିତ କରଯାଇଥିଲା। ଜିଲ୍ଲା କଂଗ୍ରେସ କମିଟି ସଭାପତି ଅମିତ ଗୁରୁ, ପ୍ରଦେଶ ସମ୍ପାଦକ ତଥା ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପ୍ରତିନିଧିତ୍ୱ କରିଥିବା ଦିଲିପ ଦୁରିଆ, ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ଜିଲ୍ଲା ସଂଯୋଜକ ଜିତେନ୍ଦ୍ରିୟ ପ୍ରଧାନ, ପୂର୍ବତନ କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ଅଖିଳ ପ୍ରତାପ ସିଂ, କୁଚିଣ୍ଡା ବ୍ଲକ କଂଗ୍ରେସ ସଭାପତି ଦିଲିପ ନାଏକ, ବାମରା ବ୍ଲକ ସଭାପତି ହାବିଲ ଏକ୍କା, ଜମନକିରା ବ୍ଲକ ସଭାପତି ମନୋଜ କୁମାର ନାଏକ, ଜିଲ୍ଲା ଉପସଭାପତି କିଶୋର ନାଏକ, ଉପସଭାପତି ମନୋରଞ୍ଜନ ଦାସ, ଅଶୋକ ଦାନି, ଜିଲ୍ଲା ସମ୍ପାଦକ ପ୍ରବୀଣ ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କୁଚିଣ୍ଡା ନିର୍ବାଚନ ମଣ୍ଡଳୀ କେଦାର ନାଥ ବରିହା, ଜିଲ୍ଲା ସମ୍ପାଦକ ସୁନିଲ ବାବୁ, ଡ଼ ଶରତ ଗୌନ୍ତିଆ ପ୍ରମୁଖ ମଞ୍ଚାସିନ ଥିଲେ। ବହୁ ସଂଖ୍ୟାରେ ପୁରୁଣା କର୍ମୀ ଘର ବାହୁଡ଼ା ହୋଇ କଂଗ୍ରେସ ଦଳରେ ମିଶି ଥିଲେ। ପରେ ଜମନକିରା ବ୍ଲକ କଂଗ୍ରେସ କମିଟି ଗଠନ କରାଯାଇଥିଲା। ସଭାପତି ଭାବରେ ମନୋଜ କୁମାର ନାଏକ, ଉପ ସଭାପତି ସଂଗ୍ରାମ ନାଥ ଶର୍ମା, ଜୟ ନାରାୟଣ ସିଂ ସାଧାରଣ ସମ୍ପାଦକ ରାଜେଶ ନାୟକ, ଅମିୟ ନନ୍ଦ, ସମ୍ପାଦକ ଅନ୍ତରାମ ଶବର, ପଦ୍ମନ ବିଶି, ସଞ୍ଜୁ ନେଗୀ, ହେମନ୍ତ ଠାକୁର ଓ ସଞ୍ଜୟ ଲୁଗୁନ, କୋଷାଧ୍ୟକ୍ଷ ନନ୍ଦ ଲାଲ ଜୟପୁରିଆ।

ବସନ୍ତ ସୋସିଆଲ ଫାଉଣ୍ଡେସନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ



ସମ୍ବଲପୁର, ୭।୩ (ସମିସ): ବସନ୍ତ ସୋସିଆଲ ଫାଉଣ୍ଡେସନ ପକ୍ଷରୁ ସମ୍ବଲପୁର ତପସ୍ୱିନୀ ହଲରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷା ରାଜଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡାକ୍ତର କିରନମୟି ପଣ୍ଡା (ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ), ମୁଖ୍ୟବକ୍ତା ଭାବେ ଭିସୁଟ ପ୍ରଫେସର ମନିଲା ମଲ୍ଲିକ ଓ ସମ୍ମାନିତ ଅତିଥିଭାବେ ଓଡ଼ିଶା ଯୋଗ ପ୍ରଭାରୀ ଜେ. ଗିରିଜା, ଦୁର୍ଗା ପ୍ରିୟଦର୍ଶିନୀ, ଡ. ନିରୁପମା ବଡ଼ପଣ୍ଡା, ଡାକ୍ତର ନାରାୟଣୀ ପଣ୍ଡା, ଅନୁପମା ବଡ଼ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମହିଳା ମାନେ ଆଉ ଅବଳା, ଦୁର୍ବଳା ନାହାନ୍ତି, ସବୁ କ୍ଷେତ୍ରରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରି ପୁରୁଷଙ୍କ ସହ ତାଳ ଦେଇ ଚାଲୁଛନ୍ତି, ତେବେ ପୁରୁଷ କୈନ୍ଦ୍ରିକ ସମାଜରେ ପୁରୁଷମାନଙ୍କ ସଂକୀର୍ଣ୍ଣ ମାନସିକତା ପରିବର୍ତ୍ତନ ହେଲେ ମହିଳାଙ୍କ ସୁରକ୍ଷା ସମ୍ଭବ ବୋଲି କହିବା ସହ ଅନେକ ବିନ୍ଦୁ ଉପରେ ଅତିଥିଗଣ ଆଲୋକପାତ କରିଥିଲେ। ବସନ୍ତ ସୋସିଆଲ ଫାଉଣ୍ଡେସନର କାର୍ଯ୍ୟକ୍ରମକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ। ଭିସୁଟ ବୁର୍ଲା ଇଞ୍ଜିନିୟରିଂ ଛାତ୍ରୀ ଅଭିପ୍ସା ରଥଙ୍କ ସଂଯୋଜନାରେ ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ୫୦ ଜଣ ଖ୍ୟାତି ସମ୍ପନ୍ନ ମହିଳାଙ୍କୁ ଫାଉଣ୍ଡେସନ ତରଫରୁ ସମ୍ବର୍ଦ୍ଧିତ କରାଯାଇ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଏଲଆଇସି, ଏସିଇଏସ ପ୍ରମୁଖ ସଂସ୍ଥା ପ୍ରାୟୋଜିତ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

ଲୋକସେବା ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର, ୭।୩ (ସମିସ): ଲୋକସେବା ପକ୍ଷରୁ ପରିବେଶ ସୁରକ୍ଷା ବିଷୟକୁ ଆଧାର କରି ଚିତ୍ରାଙ୍କନ ପ୍ରତିଯୋଗିତା ଗୁରୁକୁଳ କ୍ଲାସେସ୍ ସହ ଯୁଗ୍ମ ସହଯୋଗରେ ଶନିବାର ଦିନ ଆୟୋଜିତ ହୋଇଥିଲା।କାର୍ଯ୍ୟକ୍ରମ ଗୁରୁକୁଳ କ୍ଲାସେସ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଅନେକ ଛାତ୍ରଛାତ୍ରୀ ଉତ୍ସାହର ସହ ଭାଗ ନେଇ ସୁରକ୍ଷିତ ଭାରତ ଓ ସୁରକ୍ଷିତ ଶୈଶବ ବିଷୟରେ ତାଙ୍କର ଚିନ୍ତାଧାରାକୁ ଚିତ୍ର ମାଧ୍ୟମରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଏବିସିଡ଼ି ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ରାଜେନ୍ଦ୍ର ସତନାମୀ ଓ ସମ୍ବଲପୁରର ସମାଜସେବୀ ସୁନିଲ ସାଗର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ପ୍ରୋତ୍ସାହନ ଦେଇଥିଲେ। ଲୋକସେବା ସଦସ୍ୟ ବିଶ୍ୱଜିତ ମହାନ୍ତି, ଏସ୍.କେ. ଫୈଜାନ ଓ ମାସୁଦ ଆଲମ୍ ସହଯୋଗ କରିଥିଲେ।



ରଜତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ସମ୍ବଲପୁର, ୭।୩(ସମିସ): ସମ୍ବଲପୁର ମହାନଗର ନିଗମ ଧନକଉଡ଼ା ଖେଳ ପଡ଼ିଆରେ ଡିଏକ୍ସ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ରଜତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ରତ୍ନାକର ବେହେରା ଯୁବକ ସଂଘର ସମ୍ପାଦକ ତଥା ସମାଜସେବୀ ହୀରାଲାଲ ବେହେରା ମୁଖ୍ୟ ଅତିଥି ଓ ସାମ୍ବାଦିକ ସରୋଜ ସାହୁ, ଆଖଣ୍ଡଳ ପଣ୍ଡା, ପର୍ଶୁରାମ ପଣ୍ଡା, ସୁକାନ୍ତ ସାହୁ ଅଙ୍ଗଦ ସ୍ୱାଇଁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ କ୍ରିକେଟ କ୍ଲବର ସଭାପତି ଚିନ୍ମୟ ଦାସ, ନୀଳମଣି ସାହୁ, କୁନା ସୁସାରୀ, ଆକାଶ କୁମାର ସାହୁ, ସାଗର ଦାସ, ଗୌତମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଗେମ୍ ଚେଞ୍ଜର ଓ ବ୍ଲେକ ଟାଇଗର କ୍ରିକେଟ ଟିମ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସପନ ଖତ୍ରୀ ଓ ରମେଶ ଚନ୍ଦ୍ର ନାୟକ ଅମ୍ପାୟାର ଦାୟିତ୍ୱ ତୁଲାଇ ଥିବା ବେଳେ ସ୍କୋରର ଆରଆର ସ୍ୱୋର୍ଟ୍ସ ଦାୟିତ୍ୱ ତୁଲାଇଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଛନ୍ତି।



ହିତାଧିକାରୀଙ୍କ ଭତ୍ତା ଟଙ୍କା ହଡପ

ପିଇଓଙ୍କ ବଦଳରେ ପିଅନ ବାଣ୍ଟୁଛନ୍ତି ଭତ୍ତା

କୁଚିଣ୍ଡା, ୭।୩(ସମିସ)

ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ସଦରମହକୁମା ଗୋବିନ୍ଦପୁର ପଞ୍ଚାୟତରେ କାର୍ଯ୍ୟରତ ପିଅନ ଜଣେ ଭିନ୍ନକ୍ଷମ ଯୁବତୀଙ୍କ ଭତ୍ତା ଟଙ୍କା ହଡ଼ପ କରି ନେଇ ଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସୂଚନା ଅନୁସାରେ ଗୋବିନ୍ଦପୁର ଦଲଦଲିଆପଡ଼ାର ସ୍ୱର୍ଗତ ଭୋଲାନାଥ ନାଏକଙ୍କ ମାନସିକ ବିକାରଗ୍ରସ୍ତ ଦିବ୍ୟାଙ୍ଗ ଝିଅ ସୁକାନ୍ତି ନାଏକ ଗତ ଜାନୁଆରୀ ମାସର ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ସମ୍ପୃକ୍ତ ଯୁବତୀ ଜଣକ ନିଜ ପରିବାର ଲୋକଙ୍କ ସହ ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ଟଙ୍କା ଆଣିବାକୁ ଯାଇଥିବା ବେଳେ ଭତ୍ତା ବଣ୍ଟନ ସରି ଯାଇଥିବାରୁ ଆଉ ଭତ୍ତା ଦିଆ ଯିବ ନାହିଁ ବୋଲି ପଞ୍ଚାୟତ ପିଅନ ତାଙ୍କୁ କହିଥିଲେ। ଫଳରେ ସେ ନିରାଶ ହୋଇ ଫେରି ଯାଇ ସରପଞ୍ଚ ବିମଳ ଲାକ୍ରାଙ୍କୁ ଅଭିଯୋଗ କରିଥିଲେ। ମାତ୍ର ୨୦ ଦିନ ବିତି ଯାଇଥିଲେ ମଧ୍ୟ ତାଙ୍କୁ ଆଜି ପର୍ଯ୍ୟନ୍ତ ଭତ୍ତା ପ୍ରଦାନ କରାଯାଇ ନାହିଁ। ପୂର୍ବରୁ ମଧ୍ୟ ସୁକାନ୍ତିଙ୍କ ଗତ ୨୦୨୨ମେ ମାସରୁ ପ୍ରାୟ ଅଢେଇ ବର୍ଷ (୩୦) ମାସର ଭତ୍ତା ଟଙ୍କା ସମ୍ପୃକ୍ତ ପଞ୍ଚାୟତ ପିଅନ ହଡ଼ପ କରି ନେଇ ଥିବା ବେଳେ ଏହାକୁ ନେଇ ସେ ସମ୍ବଲପୁର



ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପ୍ରଶାସନ ଚାପରେ ପିଅନ ଜଣକ କିସ୍ତି ଆକାରରେ ସୁକାନ୍ତିଙ୍କ ଅଧା ଭତ୍ତା ଟଙ୍କା ତାଙ୍କୁ ଫେରସ୍ତ କରିଥିବା ବେଳେ ଆଉ ଅଧା ଦେଇ ନଥିଲେ। ତାଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗୋବିନ୍ଦପୁର ପଞ୍ଚାୟତରେ ଭତ୍ତା ଟଙ୍କା ହେରଫେର ଜାରି ରହିଥିବା ସୁକାନ୍ତିଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଗତ ଜାନୁଆରୀ ମାସରେ ମଧ୍ୟ ସମାନ ଅବସ୍ଥା ଦେଖାଯାଇଛି। ଗରିବ ଶ୍ରେଣୀର ସୁକାନ୍ତି ଭତ୍ତା ଟଙ୍କା ଉପରେ ଆଶ୍ରିତ ଥିବା ବେଳେ ତାଙ୍କ ଭତ୍ତା ହଡ଼ପ କରାଯାଇଥିବାରୁ ସେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ନିୟମ ଅନୁସାରେ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭତ୍ତା ବଣ୍ଟନ କରିବା କଥା, ମାତ୍ର ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ପିଅନ ଭତ୍ତା ବଣ୍ଟନ ଦାୟିତ୍ୱରେ ରହିଛନ୍ତି। ଯାହାଦ୍ୱାରା ପୂର୍ବରୁ ମଧ୍ୟ ଅନେକ ଥର ଭତ୍ତା ଟଙ୍କା ହେରଫେର ଭଳି ଅଭିଯୋଗ ରହିଥିଲା।ଗରିବ ଶ୍ରେଣୀର ଲୋକଙ୍କ ଭତ୍ତା ଟଙ୍କା ହଡ଼ପ ଘଟଣାର ତଦନ୍ତ ସହ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି। ଏହାକୁ ନେଇ ସରପଞ୍ଚ ବିମଳ ଲାକ୍ରାଙ୍କୁ ପଚାରିବାରୁ ବୁଝିବାକୁ ଘଟଣାର ଯାଞ୍ଚ କରି ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ବରଗଡ଼ରେ ଗଳିକନ୍ଦିରେ ପୁଲିସ୍ ପରେଡ୍

● ନିଶା ମାଫିଆଙ୍କ ବିରୋଧରେ ସଜାଗ ହେଲା ପ୍ରଶାସନ



ବରଗଡ଼, ୭।୩(ସମିସ): ବରଗଡ଼ ସହରରେ ବଢ଼ି ଚାଲିଥିବା ଅପରାଧ ଓ ବେଆଇନ ନିଶା କାରବାର ବିରୋଧରେ ପୁଲିସ ସଜାଗ ହୋଇଛି। ସହରର ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ପାଇଁ ବରଗଡ଼ ଜିଲ୍ଲା ପୁଲିସ୍ ଓ ପ୍ରଶାସନ ଅଣ୍ଟା ଭିଡିଛି। ବିଭିନ୍ନ ଗଳିକନ୍ଦିରେ ଚାଲିଥିବା ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ପାଇଁ ଆରମ୍ଭ ହୋଇଛି ବ୍ୟାପକ ସଫେଇ ଅଭିଯାନ। ଅପରାଧୀ ମାନଙ୍କ ବିରୋଧରେ 'ଜିରୋ ଟୋଲେରାନ୍ସ' ନୀତି ଅନୁସରଣ କରାଯାଉଛି। ସହରର ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ପକ୍ଷରୁ ଦିନରାତି ପାଟ୍ରୋଲିଂ କଡାକଡି କରାଯାଇଛି। ନିୟମିତ ଚେକିଂ କରାଯାଇ ସନ୍ଦେହଜନକ ବ୍ୟକ୍ତିଙ୍କ ଉପରେ ନଜର ରଖାଯାଉଛି। ଅନେକ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଉଛି। ବିଭିନ୍ନ ଗଳିକନ୍ଦିରେ ବେଆଇନ ଭାବେ ଚାଲିଥିବା ନିଶା ଆଡ୍ଡା ଗୁଡିକୁ ପୁଲିସ ପକ୍ଷରୁ ଧ୍ୱଂସ କରାଯାଉଛି।ପୁଲିସର ଏହି ଆକ୍ସନ ମୋଡ୍ ଯୋଗୁଁ ସାଧାରଣ ଜନତାଙ୍କ ମଧ୍ୟରେ ସୁରକ୍ଷାବୋଧ ବଢ଼ିବାରେ ଲାଗିଛି। ବିଶେଷ କରି ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ଏହି ଅଭିଯାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।ଆଗକୁ ଏହି ଅଭିଯାନ ଆହୁରି ଜୋରଦାର ହେବ। କୌଣସି ବି ଅପରାଧୀକୁ ଛଡାଯିବ ନାହିଁ ଏବଂ ସହରକୁ ସମ୍ପୂର୍ଣ୍ଣ ରୂପେ ନିଶାମୁକ୍ତ ଓ ଅପରାଧ ମୁକ୍ତ କରିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ବରଗଡ଼ ଏସପି ପ୍ରହଲ୍ଲାଦ ସହାୟ ମୀନା କହିଛନ୍ତି।

କୃଷକ ଉତ୍ପାଦକ ସଂଘର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବରଗଡ଼, ୭।୩(ସମିସ)



ବରଗଡ଼ ସ୍ଥିତ ଗଣପତି ହୋଟେଲ ଠାରେ ଜିଲ୍ଲାର ବିଭିନ୍ନ କୃଷକ ଉତ୍ପାଦକ ସଂଗଠନ ସଦସ୍ୟ ମାନଙ୍କ ପାଇଁ ଆୟୋଜିତ ୩ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ସମାପନ ହୋଇଛି। ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ବରଗଡ଼, ଅମ୍ବାଭୋନା, ପଦ୍ମପୁର, ପାଇକମାଳ, ସୋହେଲା ଏବଂ ଗାଇସିଲେଟ ବ୍ଲକର ୬ଟି କୃଷକ ଉତ୍ପାଦକ ସଂଗଠନରୁ ମୋଟ ୨୪ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏଫ୍‌ପିଓର କାର୍ଯ୍ୟପ୍ରଣାଳୀ, ଆଇନଗତ ନିୟମ ପାଳନ, ପରିଚାଳନା, ବ୍ୟବସାୟ ପରିକଳ୍ପନା ଓ ବଜାର ସହାୟତା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଅଭ୍ୟାସମୂଳକ ଜ୍ଞାନ ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ପାଲାଡିଅମ୍, ଏଫ୍‌ପିଓ ପ୍ରଶିକ୍ଷକ ଆକାଶ ସାହୁ ଏବଂ କୃଷି ବ୍ୟବସାୟ ବିଶେଷଜ୍ଞ, ପ୍ରୋଗାମ ସଚିବାଳୟ, ଏଫ୍‌ପିଓ ଟେକ୍ନିକାଲ ସପୋର୍ଟ ୟୁନିଟ୍ ଅଭିଜିତ ମହାପାତ୍ର ସାଧନ କର୍ମୀ ଭାବେ ଉପସ୍ଥିତ ରହି ସମସ୍ତଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶିବିରର ଉଦ୍‌ଯାପନୀ ଅବସରରେ ବରଗଡ଼ର ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ସହକାରୀ କୃଷି ନିର୍ଦ୍ଦେଶକ ଅଞ୍ଜନ ସାହୁ ପ୍ରଶିକ୍ଷଣାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ। ସେମାନେ ପ୍ରଶିକ୍ଷଣରୁ ଅର୍ଜିତ ଜ୍ଞାନକୁ ଏଫ୍‌ପିଓ ମାନଙ୍କ ସୁଦୃଢ଼ୀକରଣ ଓ କୃଷକଙ୍କ ଆର୍ଥିକ ଉନ୍ନତିରେ ବ୍ୟବହାର କରିବାକୁ ଆହ୍ୱାନ କରିଥିଲେ।

ଦୁର୍ଘଟଣାରେ ମହିଳା ଗୁରୁତର

ବରଗଡ଼, ୭।୩(ସମିସ): ଅସରେଇପାଲିରୁ ବରଗଡ଼ ବାଇକ୍‌ରେ ଯାଉଥିବା ଏକ ଦମ୍ପତି ଶନିବାର ଅପରାହ୍ଣରେ ଚକରକେନ ନିକଟରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏଥିରେ ହୀରାବାଇ କୋଶୋରିଆ ନାମକ ମହିଳା ଗୁରୁତର ଆହତ ହୋଇଥିଲେ। ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଘନାମାଲର ସରକାରୀ ଶିକ୍ଷକ ସୁରେନ୍ଦ୍ର ସାହୁ ତାଙ୍କୁ ଉଦ୍ଧାର କରି ବରଗଡ଼ ଖେଦାପାଲି ଡାକ୍ତରଖାନାରେ ପହଞ୍ଚାଇ ଚିକିତ୍ସା କରାଇଥିଲେ। ଆମ୍ବୁଲାନ୍ସ ଗାଡିକୁ ଅପେକ୍ଷା ନକରି ସୋହେଲାରେ ସବରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିବା ପ୍ରଜ୍ଞା ପ୍ରିୟଦର୍ଶୀନୀ ପ୍ରିୟମ୍ବଦାଙ୍କ କାରରେ ଆହତ ହୀରାବାଇଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଅସମୟରେ ଏପରି ସାହାଯ୍ୟ ପାଇଁ ସବରେଜିଷ୍ଟ୍ରାରଙ୍କୁ ଶ୍ରୀ ସାହୁ ଧନ୍ୟବାଦ ଜଣାଇଛନ୍ତି।

ବିଶ୍ୱ ମହିଳା ଦିବସ ପାଳନ ଅବସରରେ ସଚେତନତା

ବରଗଡ଼, ୭।୩(ସମିସ): ସ୍ଥାନୀୟ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଆବାହକ ଗାୟତ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ନନ୍ଦିନୀ ନିରୋଦ ପଣ୍ଡା ମୁଖ୍ୟ ଅତିଥି ଓ ଆଡଭୋକେଟ୍ ସୁଜିତ ଦାଶ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ.ପ୍ରଶାନ୍ତ ଦାଶ ସଭାର ଆଭିମୁଖ୍ୟ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ତୁଷାରକାନ୍ତି ତ୍ରିପାଠୀ, ଡ.ସତ୍ୟନାରାୟଣ ନନ୍ଦ, ସ୍ୱର୍ଣ୍ଣପ୍ରଭା ମହାନ୍ତି ଓ ହୃଷିକେଶ ଦାଶ ବିଶ୍ୱ ମହିଳା ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସଭା ଶେଷରେ ଅଧ୍ୟାପିକା ସୁଧାରାଣୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଜର୍ଜ ଉଚ୍ଚ ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା ଆଲୋଚନାଚକ୍ର

ବରଗଡ଼, ୭।୩(ସମିସ): ପିଏମଶ୍ରୀ ଜର୍ଜ ଉଚ୍ଚ ବିଦ୍ୟାଳୟରେ ଶନିବାର ପିଏମଶ୍ରୀ ଯୋଜନା ଅନ୍ତର୍ଭୁକ୍ତ ଆର୍ଥିକ ସାକ୍ଷରତା (ବ୍ୟାଗ୍ ଲେସ୍ ଡେ ଅଧୀନ) ଉପରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ଦାଶଙ୍କ ଅଧ୍ୟକ୍ଷତାରେ ସଚେତନାତ୍ମକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ଜୀବନବୀମା ନିଗମର ଅବସରପ୍ରାପ୍ତ କ୍ଷେତ୍ର ଅଧିକାରୀ ବିଶ୍ୱଜିତ ମିଶ୍ର ମୁଖ୍ୟ ଅତିଥି ଭାବେ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତୁଳସୀ ଚରଣ ଦାଶ ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପଙ୍କଜା ପତି ଯୋଗ ଦେଇଥିଲେ। ପିଲାମାନେ ସଞ୍ଚୟ ମନୋବୃତ୍ତି ରଖିବା ଓ ମିତବ୍ୟୟୀ ହେବା ଉପରେ ପରାମର୍ଶ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ମିଶ୍ର ଅର୍ଥକୁ ଠିକ୍ ଭାବେ ବିନିଯୋଗ କରିବା ପାଇଁ କହିଥିଲେ। କଥୋପକଥନ ଏବଂ ପ୍ରଶ୍ନୋତ୍ତର ମାଧ୍ୟମରେ ପିଲାମାନଙ୍କ ଜଟିଳ ପ୍ରଶ୍ନର ସମାଧାନ କରିଥିଲେ। ଜିଏସ୍‌ଟି ଓ ଆର୍ଥିକ ସାକ୍ଷରତାର ବିଭିନ୍ନ କ୍ଷେତ୍ର ଉପରେ ପିଲାମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଜୟଶ୍ରୀ ପ୍ରଧାନ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ମମତା ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସଭା

ବରଗଡ଼, ୭।୩(ସମିସ): ବରଗଡ଼ ବ୍ଲକ ଅଧୀନ ଗୋବିନ୍ଦପୁର ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଗୋବିନ୍ଦପୁର ସମବାୟ ସମିତିର ସଭାପତି ପ୍ରଫୁଲ୍ଲ ନାଏକଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ସଭାରେ ଅତିଥି ଭାବେ ସଦର ବ୍ରାଞ୍ଚ ବିଏମ୍ ପ୍ରତିଭାରାଣୀ ସାହୁ ଯୋଗ ଦେଇଥିଲେ। ପାକ୍ସର ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ଦାସ, ପାକ୍ସର ସମ୍ପାଦକ ଅଶୋକ ଥପା, ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, ରାଜେଶ୍ୱର ସାହୁ, ଈଶ୍ୱର ବାଗ୍, ବୀରବଲ ମହାକୁର, ବ୍ୟାସଦେବ ନାଏକ, ତରୁଣ ନାଏକ, ଶ୍ରୀକାନ୍ତ ମହାପାତ୍ର, ଅଶୋକ ସାହୁ, ପ୍ରିୟରିଲାଲ ସାହୁ, ଧବଳେଶ୍ୱର ମେହେର, ସରୋଜ ଭୋଇ, କୃଷ୍ଣଚନ୍ଦ୍ର ଦାସ, ଲକ୍ଷଣ ପଧାନ, ସୁଶିଲ ଖମାରୀଙ୍କ ସହ ବରିଷ୍ଠ ଚାଷୀ ଛତ୍ରପତି ଭୋଇ, ରଘୁନାଥ ମହାପାତ୍ର ସହ ପାକ୍ସର ସମସ୍ତ କର୍ମଚାରୀ ଓ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ସଦସ୍ୟାଙ୍କ ସମେତ ବାର୍ଷିକ ସାଧାରଣ ସଭାରେ ସମସ୍ତ ଚାଷୀ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ।

ଅଞ୍ଚଳ ମହାବିଦ୍ୟାଳୟ ସ୍ନାତକୋତ୍ତର ଇଂରାଜୀ ବିଭାଗର ବାର୍ଷିକ ଉତ୍ସବ



ପଦ୍ମପୁର, ୭।୩(ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ସ୍ନାତକୋତ୍ତର ଇଂରାଜୀ ବିଭାଗର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସାହିତ୍ୟ ଓ ଭାଷାତତ୍ତ୍ୱର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥିଲା। ଅଧ୍ୟକ୍ଷ ଶ୍ରୀ ଦାଶ ନିଜର ସଭାପତିତ୍ୱ ଅଭିଭାଷଣ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଶ୍ରୀକାନ୍ତ ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରଫେସର କାଳିଦାସ ମିଶ୍ର ପାଠକୀୟ ରୁଚି ଓ ପୁସ୍ତକ ଅଧ୍ୟୟନର ଶୈଳୀ ସମ୍ପର୍କରେ ବୁଝାଇଥିଲେ। ଅଷ୍ଟାଦଶ ଶତାବ୍ଦୀର ବିଶିଷ୍ଟ ଲେଖକ ପୋପ୍, ଡକ୍ଟର ଜନସନଙ୍କ ଠାରୁ ଆରମ୍ଭ କରି କବି ଜନ୍ କିଟ୍‌ସଙ୍କ ପର୍ଯ୍ୟନ୍ତ ବିଭିନ୍ନ କାଳଜୟୀ ସ୍ରଷ୍ଟାଙ୍କ ବିଷୟରେ ଆଲୋଚନା କରିଥିଲେ। ବିଶେଷ କରି ଏଲିଅଟ ଓ ୱାର୍ଡସୱାର୍ଥଙ୍କ ମଧ୍ୟରେ ତୁଳନାତ୍ମକ ବିଶ୍ଳେଷଣ କରି ୱାର୍ଡସୱାର୍ଥଙ୍କ ସରଳ ଓ ସାଧାରଣ ମଣିଷର ଭାଷାକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଭାଷାତାତ୍ତ୍ୱିକ ପ୍ରଫେସର କୁଞ୍ଜବନ ପଟେଲ ଯୋଗଦେଇ ବିଭିନ୍ନ ଭାଷାର ଧ୍ୱନିତତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ତଥା ଅଧ୍ୟାପିକା ଅନ୍ନପୂର୍ଣ୍ଣା ଚୌଧୁରୀ 'କୃଷ୍ଣକାୟ ନାରୀବାଦ' ଉପରେ ଚମତ୍କାର ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଡ.ପ୍ରଦୀପ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ତୋଷାବନ୍ତ ବାରିକଙ୍କ ସହଯୋଗରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶେଷ ସାହିତ୍ୟିକ କୃତୀ ପାଇଁ ଯୁକ୍ତ ଦୁଇ ବିଭାଗରୁ ସାଙ୍କେତିକା ପାଣିଗ୍ରାହୀ ଓ ଯୁକ୍ତ ତିନି ବିଭାଗରୁ ଆଦିତ୍ୟ ବନଛୋରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ସ୍ମୃତି, ଅନିତା, ପ୍ରତିମା, କିରଣ୍ମୟୀ, ଝିଲି, ଆର୍ଯ୍ୟନ, ଚିନ୍ମୟ, ଅଭିନାଶ ଓ ରିତେଶଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶେଷରେ ଅଧ୍ୟାପକ ସମୀର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

ହେଲୋ କିଡ୍ସର ବାର୍ଷିକୋତ୍ସବ

ବରଗଡ଼, ୭।୩(ସମିସ): ବିଜୁ ପଟ୍ଟନାୟକ ଟାଉନ ହଲରେ ହେଲୋ କିଡ୍ସର ୧୮ ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍କୁଲର ସର୍ବକନିଷ୍ଠ ଛାତ୍ର ଶୌର୍ଯ୍ୟ ଅଗ୍ରୱାଲଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବାର୍ଷିକ ରିପୋର୍ଟ ଅଡିଓ ଭିଜୁଆଲ୍ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ବର୍ଷସାରା କରିଥିବା କାର୍ଯ୍ୟକଳାପକୁ ଏଥିରେ ଦର୍ଶାଯାଇଥିଲା।



ନିର୍ଦ୍ଦେଶକ ମନୋଜ ଅଗ୍ରୱାଲ ହେଲୋକିଡ୍ସର ଶିକ୍ଷଣ ପ୍ରକ୍ରିୟା, ପିଲାମାନଙ୍କୁ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯିବା ବିଷୟରେ କହିଥିଲେ। ନିର୍ଦ୍ଦେଶକ ଦିଲୀପ ଅଗ୍ରୱାଲ ହେଲୋକିଡ୍ସରେ ପିଲାମାନଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ କରିବା ପାଇଁ ନିରନ୍ତର ନୂତନ ପ୍ରଯୁକ୍ତିବିଦ୍ୟା ବିଷୟରେ ସୂଚନା ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଜୟ ଜବାନ ଜୟ କିଶାନ ଥିମ୍ ଉପରେ ରହିଥିଲା। ଶେଷରେ ସମସ୍ତ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା।

ହୋନୁ ଅଗ୍ରୱାଲଙ୍କୁ ଜୟଦେବ ଇନଷ୍ଟିଚ୍ୟୁଟର ଅଭିନନ୍ଦନ



ପଦ୍ମପୁର, ୭।୩(ସମିସ): ସଦ୍ୟ ପ୍ରକାଶିତ ଓସିଏ କ୍ରିକେଟ ଅମ୍ପାୟାର ପରୀକ୍ଷାରେ କୃତକାର୍ଯ୍ୟ ହୋଇ ରାଜ୍ୟସ୍ତରରେ ଶୀର୍ଷସ୍ଥାନ ଅଧିକାର କରିଥିବା ପଦ୍ମପୁର ଉପଖଣ୍ଡ କୁଚିପାଲି ଗାଁର ଯୁବ ପ୍ରତିଭା ହୋନୁ ଅଗ୍ରୱାଲଙ୍କୁ ପଦ୍ମପୁର ସ୍ଥିତ ଜୟଦେବ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି। ତାଙ୍କର ଏହି ସଫଳତା ପଦ୍ମପୁର ଉପଖଣ୍ଡ ସହିତ ସମଗ୍ର ଜିଲ୍ଲା ପାଇଁ ଗୌରବର ବିଷୟ ହୋଇଥିବା କୁହାଯାଇଛି। ହୋନୁ ପଦ୍ମପୁର ସ୍ଥିତ ଜୟଦେବ ଇନଷ୍ଟିଚ୍ୟୁଟର ଜଣେ ପ୍ରତିଭାଶାଳୀ ଛାତ୍ର ହେବା ସହିତ ଏକ ଶୃଙ୍ଖଳିତ ଓ ଆଦର୍ଶ ଛାତ୍ର ଭାବେ ପରିଚିତ ଥିଲେ। ଜୟଦେବ ଇନଷ୍ଟିଚ୍ୟୁଟ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଆଗାମୀ ଜୀବନର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା କାମନା କରାଯାଇଛି।

ଜଳିଗଲା ମୂଲ୍ୟବାନ ବୃକ୍ଷଲତା

ବରଗଡ଼, ୭।୩(ସମିସ): ଘେଁସ ରେଞ୍ଜ ଅଧୀନ ମେଲଛାମୁଣ୍ଡା ସେକ୍ସନର କୁଣ୍ଡାଖାଇ ମଲମଣ୍ଡା ଚାରି ଛକ ମଧ୍ୟରେ ଥିବା ୧୧ ହେକ୍ଟର ପରିମିତ ପନିଆଁ ଡୁଙ୍ଗୁରିରେ ଲୋକ ମାନଙ୍କ ଦାୟିତ୍ୱହୀନତା ଏବଂ ବନ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କ ଅବହେଳା ଯୋଗୁଁ କୋଟି କୋଟି ଟଙ୍କାର ମୂଲ୍ୟବାନ ବୃକ୍ଷଲତା ଜଳିପୋଡି ପାଉଁଶ ହୋଇଯାଇଛି। ଆଞ୍ଚଳିକ ଭାଷାରେ



ଏହାକୁ ମାଙ୍କଡ଼ ବିବାହ ହେଉଛି ବୋଲି କୁହାଯାଏ। ଅପରାହ୍ଣ ୩ଟାରୁ ଡୁଙ୍ଗୁରିରେ ଗଛ ଜଳିବା ଦେଖା ଦେଇଥିଲା। ଅଞ୍ଚଳବାସୀଙ୍କ କହିବାନୁସାରେ ବନ କର୍ମଚାରୀ ତଥା ଘେଁସ ରେଞ୍ଜର ବିଜୟଲକ୍ଷ୍ମୀ ପଟେଲଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା ହୋଇଥିଲା। ହେଲେ ସେ ଫୋନ୍ ରିସିଭ୍ କରି ନ ଥିଲେ। ଶେଷରେ ଲୋକେ ବାଧ୍ୟ ହୋଇ ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡାଙ୍କୁ ଏ ବାବଦରେ ଅବଗତ କରିଥିଲେ। ସେ ତୁରନ୍ତ ଟିମ୍ ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ।

କୁଷ୍ଠାଶ୍ରମରେ ରାସନ ସାମଗ୍ରୀ ବଣ୍ଟନ



ଦହିତା, ୭।୩(ସମିସ): ସମାଜସେବା ଓ ମାନବିକତାର ଉଦ୍ଦେଶ୍ୟରେ ଚେତନା ପରିଷଦ ପଦ୍ମପୁର ପକ୍ଷରୁ ବାଦିମାଲ କୁଷ୍ଠାଶ୍ରମରେ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଆଶ୍ରମବାସୀମାନଙ୍କୁ ବିଭିନ୍ନ ପ୍ରକାର ରାସନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଚାଉଳ, ଡାଲି, ତେଲ ସହିତ ଦୈନିକ ଆବଶ୍ୟକତାର ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ତଥା ଖରାରୁ ରକ୍ଷା ପାଇବା ପାଇଁ ଛତା ଆଶ୍ରମବାସୀଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଷଦର ସଭାପତି ହରିଶଙ୍କର ସିଂହ ଅଧ୍ୟକ୍ଷତା କରିଥିଲେ। ସେହିପରି ସଦସ୍ୟ ଭୂପେଶ ସାହୁ, ସମ୍ପାଦକ କିଶୋର ପାତ୍ର ଓ ମନୋଜ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ୟାଗ୍ ଲେସ୍ କାର୍ଯ୍ୟକ୍ରମ



ବରଗଡ଼, ୭।୩(ସମିସ): ସ୍ଥାନୀୟ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ଅଧ୍ୟକ୍ଷତାରେ ପିଏମଶ୍ରୀ ବ୍ୟାଗ୍ ଲେସ୍ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଏକ କଳା ଓ ହସ୍ତଶିଳ୍ପ କର୍ମଶାଳା ଆୟୋଜିତ ହୋଇଛି। କର୍ମଶାଳାରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସାଧନକର୍ମୀ ସ୍ନେହଲତା ମହାରଣା, ନମିତା ପଟ୍ଟନାୟକ, ବୃନ୍ଦାବନ ବିଶି ଛାତ୍ରୀମାନଙ୍କୁ ଚିତ୍ରାଙ୍କନ, କାଗଜ ଫୁଲ ତିଆରି, ଅଭିନବ ଶିଳ୍ପକାର୍ଯ୍ୟ ଓ ପୁନଃବ୍ୟବହାର ଯୋଗ୍ୟ ସାମଗ୍ରୀ ତଥା ବର୍ଜ୍ୟବସ୍ତୁରୁ ଜିନିଷ ତିଆରି କରିବା ଶିଖାଇଥିଲେ। କର୍ମଶାଳାରେ ଛାତ୍ରୀମାନେ ସୃଜଶୀଳତାର ବିକାଶ ସହ ବର୍ଜ୍ୟବସ୍ତୁକୁ କିପରି ବ୍ୟବହାର ଯୋଗ୍ୟ କରାଯାଇପାରିବେ ତାହା ଶିକ୍ଷାଲାଭ କରିଥିଲେ।

ଅନ୍ତର୍ଜାତୀୟ ମହିଳା ଦିବସ

ନାରୀ ସଶକ୍ତୀକରଣର ଏକ ଉଜ୍ଜ୍ୱଳ ପ୍ରତୀକ ଦୀପା

ବରଗଡ଼, ୭।୩(ସମିସ)



ଡିଜିଟାଲ ଯୁଗରେ ସୋସିଆଲ ମିଡିଆକୁ ଲୋକସେବାର ଶକ୍ତିଶାଳୀ ମାଧ୍ୟମରେ ପରିଣତ କରି ନାରୀ ସଶକ୍ତୀକରଣର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଅଧୀନ ଟେମରି ଗାଁର କନ୍ୟା ଦୀପା ବାରିକ। 'ଟ୍ୱିଟର ଗାର୍ଲ' ଭାବେ ପରିଚିତା ଦୀପା ଆଜି ଓଡ଼ିଶାର ଅସଂଖ୍ୟ ଗରିବ ଓ ଅସହାୟ ଲୋକଙ୍କ ପାଇଁ ଆଶା ଓ ସହାୟତାର ପ୍ରତୀକ ହୋଇଛନ୍ତି। ସାଧାରଣ କୃଷକ ପରିବାରରେ ଜନ୍ମ ନେଇଥିବା ଦୀପାଙ୍କ ପିତା ଅମୃତ ବାରିକ ଜଣେ କୃଷକ ଓ ମାତା ସୁଷମା ବାରିକ ଜଣେ ଅଙ୍ଗନବାଡି କର୍ମୀ। ଗ୍ରାମ୍ୟ ଅଞ୍ଚଳର ଲୋକମାନଙ୍କ ଦୁଃଖଦୁର୍ଦ୍ଦଶାକୁ ନିକଟରୁ ଦେଖିବା ପରେ ଛୋଟବେଳୁ ତାଙ୍କ ମନରେ ସମାଜସେବା ପ୍ରତି ଆଗ୍ରହ ଜାଗୃତ ହୋଇଥିଲା। ୨୦୧୯ ମସିହାରେ ଜନ୍ମଦିନ ଅବସରରେ ପିତାମାତା ଦେଇଥିବା ଏକ ସ୍ମାର୍ଟଫୋନ ତାଙ୍କ ଜୀବନର ଦିଗ ବଦଳାଇ ଦେଇଥିଲା। ପରେ ସ୍ଥାନୀୟ ସମାଜସେବୀ ଓ ଶିକ୍ଷକ ଦିବସ ସାହୁଙ୍କ ପ୍ରେରଣାରେ ସେ ଟ୍ୱିଟର ମାଧ୍ୟମରେ ଲୋକମାନଙ୍କ ସମସ୍ୟାକୁ ସରକାରୀ ସ୍ତରରେ ପହଞ୍ଚାଇବା ଆରମ୍ଭ କରିଥିଲେ। ପ୍ରଥମେ ନିଜ ଗାଁର ଜଣେ ବୃଦ୍ଧଙ୍କ ଭାଙ୍ଗିଯାଇଥିବା ଘର ସମସ୍ୟାକୁ ଟ୍ୱିଟରରେ ଉଠାଇ ଥିବାବେଳେ ସରକାରଙ୍କ ତରଫରୁ ପ୍ରାୟ ୯୮ ହଜାର ଟଙ୍କା ସହାୟତା ମିଳିଥିଲା। ଏହି ଘଟଣା ତାଙ୍କୁ ସମାଜସେବାର ପଥରେ ଆହୁରି ଦୃଢ଼ କରିଥିଲା। ତାହାପରେ ଦୀପା ବାରିକ ସୋସିଆଲ ମିଡିଆକୁ ଜନସମସ୍ୟାର ସମାଧାନର ଏକ ଶକ୍ତିଶାଳୀ ମାଧ୍ୟମରେ ପରିଣତ କରିଥିଲେ। ବୃଦ୍ଧ ଓ ବିଧବା ପେନ୍ସନ, ଦିବ୍ୟାଙ୍ଗଙ୍କ ସରକାରୀ ସୁବିଧା, ଅସହାୟ ପରିବାରଙ୍କ ଆର୍ଥିକ ସହାୟତା, ଚିକିତ୍ସା ସହାୟତା, ରାସ୍ତା ଓ ବ୍ରିଜ୍ ନିର୍ମାଣ ଭଳି ଅନେକ ଜନସମସ୍ୟାକୁ ସରକାରୀ ଦୃଷ୍ଟିଆକର୍ଷଣ କରାଇ ସମାଧାନ କରାଇଛନ୍ତି। ସୂଚନା ଅନୁସାରେ ସେ ଏପର୍ଯ୍ୟନ୍ତ ଟ୍ୱିଟର ମାଧ୍ୟମରେ ୧୦ ହଜାରରୁ ଅଧିକ ଲୋକଙ୍କ ସମସ୍ୟାର ସମାଧାନ କରିଛନ୍ତି। ପ୍ରବାସୀ ଶ୍ରମିକମାନଙ୍କ ଦୁଃଖଦ ସ୍ଥିତିକୁ ସରକାରୀ ସ୍ତରରେ ପହଞ୍ଚାଇବା, ତେଲେଙ୍ଗାନା, ଅନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଉତ୍ତର ପ୍ରଦେଶ ଆଦିରାଜ୍ୟ ମାନଙ୍କର ଇଟାଭାଟିରେ ଅଟକିଥିବା ଓଡ଼ିଶାର ଶ୍ରମିକମାନଙ୍କୁ ଉଦ୍ଧାର କରାଇବା ଓ ଅନେକ ଅସହାୟ ପରିବାରଙ୍କୁ ସରକାରୀ ଯୋଜନାର ସୁବିଧା ମିଳିବାରେ ସହଯୋଗ କରିଛନ୍ତି। ସମାଜ ପ୍ରତି ତାଙ୍କର ନିଷ୍ଠା, ସାହସ ଓ ସମର୍ପଣ ଆଜି ଅନେକ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହୋଇଛି। ସାଧାରଣ ଗ୍ରାମ୍ୟ ପରିବେଶରୁ ଆସି ସୋସିଆଲ ମିଡିଆକୁ ଲୋକସେବାର ଅସ୍ତ୍ରରେ ପରିଣତ କରିଥିବା ଦୀପା ନିଶ୍ଚୟ ଭାବେ ଆଜିର ସମାଜରେ ନାରୀ ସଶକ୍ତିକରଣର ଏକ ଉଜ୍ଜ୍ୱଳ ପ୍ରତୀକ। ଦୀପାଙ୍କୁ ତାଙ୍କ ଏହି ମହତ୍ କାର୍ଯ୍ୟ ପାଇ ପୂର୍ବରୁ ନନ୍ଦିଘୋଷ ଟିଭି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ମହିଳା ଦିବସ ଅବସରରେ ତାଙ୍କର ଏହି ଅସାଧାରଣ ସମାଜସେବାକୁ ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସା କରାଯାଉଛି।

ମାଁ ବୀଣାପାଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଜିତପାଲି ଚାମ୍ପିଅନ

ଘେଁସ, ୭।୩(ସମିସ): ସୋହେଲା ବ୍ଲକ ଜିତପାଲି ଠାରେ ଚାଲିଥିବା ମାଁ ବୀଣାପାଣି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜିତପାଲି ଦଳ ଚାମ୍ପିଅନ ହୋଇଥିବା ବେଳେ ପଧାନପାଲି ଦଳ ରନର୍ସଅପ ହୋଇଛି। ତିନିଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଶନିବାର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଉଭୟ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦରାଶି ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଝରେ (ଏମ୍), ପଧାନପାଲି, ଅର୍ଜୁଣ୍ଡା, ଟୁଙ୍ଗିବନ୍ଧଲି (ଜିଜିସିଟି), ଝଗଡ଼ଝାଲ, ଗ୍ରୀଞ୍ଜେଲ, ବନାବିରା, ବାଟତେର୍ମା, ଝରେ (ଏ), ଘୁମୁନିପାଲି, ଜିତପାଲି, ଖଇରପାଲି, ବାଲିପଟା, ଡୁମେରପାଲି, ବାନ୍ଧୁପାଲି, ଡୁମ୍ବେରପାଲି (ବିପି) ଏପରି ମୋଟ ୧୬ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ଅମ୍ପାୟାର ବାସୁଦେବ ପଟେଲ, ସୁରେଶ ମେହେର, ଶୋଷେନ୍ଦ୍ର ସାହୁ ମ୍ୟାଚ୍‌ଗୁଡିକ ଖେଳାଇ ଥିବା ବେଳେ ରମେଇ



ସାହୁ ସ୍କୋର ଦାୟିତ୍ୱ ତୁଲାଇଥିଲେ। ସମ୍ପଦ ବାଙ୍କ, ଅଶୋକ ବାଗ, ସୁନୀଲ ମେହେର, ସୁବୋଧ ମେହେର, ଆକାଶ ସାହୁ, ଆଲୋକ ମହାପାତ୍ର, ପିଣ୍ଟୁ ମେହେର, ଜିତେନ୍ଦ୍ର ମହାକୁର, ଗଣେଶ ମେହେର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।